# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୧୯/୨୦୧୯ (୨୦ ପୃଷ୍ଠା) Sambalpur, Friday, April 19/ 2019 ★★

୧୫ଶ ଭାଗ ୧୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-







## କ୍ଲିନ୍ ଏନର୍ଜି ସେସ୍ ବାବଦରେ ୫୦,୦୦୦ କୋଟି ଟଙ୍କା ନେଲା କେନ୍ଦ୍ରର ବିଜେପି ସରକାର

**ସେତିକିରେ ପାଇଥାନ୍ତେ**

ସବୁ ପିଲା ମାଗଣା ଶିକ୍ଷା

ସମସ୍ତଙ୍କୁ ମିଳିଥାନ୍ତା 'ଆହାର'

ଓଡ଼ିଶାର ଉପକୂଳରେ କରାଯାଇ ପାରିଥାନ୍ତା ୧୦ଟି ନୂଆ ବନ୍ଦର

ହଟିଯାଇଥାନ୍ତା ବେରୋଜଗାରୀ

**ମିଳିଲା କିନ୍ତୁ ଖାଲି**

ପ୍ରତାରଣା, ଧୂଆଁ ଆଉ ପ୍ରଦୂଷଣ

ବିଜୁ ଜନତା ଦଳ

ଓଡ଼ିଶାର ସ୍ୱାର୍ଥ, ସ୍ୱାଭିମାନ ଓ ବିକାଶ ପାଇଁ ଲଢ଼େଇ



'ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୋର ଲଢ଼େଇ ଜାରି ରହିବ ।'

ନବୀନ ପଟ୍ଟନାୟକ

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର ।
ଥରେ ଏମ୍.ପି. ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।



"ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଅସମ୍ମାନିତ କରିବା ଲାଗି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇନାହିଁ ।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ବିଜେପି

ବିକାଶ ବିରୋଧୀ ବିଜେଡି ସରକାର

କୋଟି କୋଟି ଟଙ୍କାର ଯୋଜନା ଆଣିଲା ମୋଦି ସରକାର କିନ୍ତୁ ବାଧକ ସାଜିଲା ରାଜ୍ୟ ସରକାର

ପ୍ରତି ପରିବାରକୁ ଶୌଚାଳୟ ନିର୍ମାଣ ପାଇଁ ମୋଦିଙ୍କ ୧୨,୦୦୦ ଟଙ୍କା ସତ୍ତ୍ୱେ
ଅସଚ୍ଛ ବିଜେଡି ସରକାରଙ୍କ ଅପାରଗତା ପାଇଁ ଓଡ଼ିଶାର ୧୮% ଗ୍ରାମୀଣ ପରିବାରରେ ଶୌଚାଳୟ ନାହିଁ ।
ମାତ୍ର ଓଡ଼ିଶାର ପଡ଼ୋଶୀ ରାଜ୍ୟମାନେ ୧୦୦% ଶୌଚାଳୟ ନିର୍ମାଣ କରିପାରିଛନ୍ତି ।

ଫିର୍ ଏକ୍ ବାର୍
ମୋଦି ସରକାର
ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର

ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା
Issued by BJP, 4R-3/2, Kharavel Nagar, Unit-3, Bhubaneswar



ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ
ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

## ସଂକ୍ଷେପରେ

### ଭାଜପା ନେତାଙ୍କୁ ଚପଲ ମାଡ଼

ନୂଆଦିଲ୍ଲୀ,୧୮।୪(ପି.ଟି.)-ଭାଜପା ନେତା ଭୂପେନ୍ଦ୍ର ଯାଦବ ଏବଂ ଜି.ଭି.ଏଲ୍. ନରସିଂହ ରାଓ ଗୁରୁବାର ଦଳୀୟ ମୁଖ୍ୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଉଥିବାବେଳେ ଜଣେ ବ୍ୟକ୍ତି ସେମାନଙ୍କୁ ଲକ୍ଷ୍ୟ କରି ଚପଲ ଫିଙ୍ଗିଥିଲେ। ଶକ୍ତି ଭାର୍ଗବ ନାମକ ଏହି ବ୍ୟକ୍ତି ପେସାରେ ଜଣେ ଡାକ୍ତର ବୋଲି କହିଛନ୍ତି। ତେବେ ସେ କାହିଁକି ଚପଲ ଫିଙ୍ଗିଲେ ତାହା ଜଣାପଡିନାହିଁ। ସୁରକ୍ଷା କର୍ମୀ ତାଙ୍କୁ କାବୁ କରିନେଇ ପୋଲିସ ଜିମା ଦେଇଛନ୍ତି। ଭାଜପା ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ନରସିଂହ ରାଓ ଖବରଦାତା ସମ୍ମିଳନୀରେ ହିନ୍ଦୁ ବିରୋଧୀ ମନୋଭାବ ପାଇଁ କଂଗ୍ରେସକୁ ସମାଲୋଚନା କରୁଥିବାବେଳେ ଚପଲ ଫିଙ୍ଗାଯାଇଥିଲା। ଚପଲ ମାଇକ୍ରୋଫୋନ୍‌ରେ ବାଜିଥିଲା। ଦିଲ୍ଲୀ ପୋଲିସ ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ମିଳିତ ଭାବେ ଘଟଣାର ତଦନ୍ତ କରୁଛି।

### କେନ୍ଦ୍ରମନ୍ତ୍ରୀ ନକ୍‌ଭିଙ୍କୁ ଇସିଙ୍କ ଚେତାବନୀ



ନୂଆଦିଲ୍ଲୀ,୧୮।୪(ପି.ଟି.)-ଭାରତୀୟ ସୈନ୍ୟବାହିନୀକୁ 'ମୋଦିଜୀ କୀ ସେନା' କହିଥିବା କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ତଥା ଭାଜପା ନେତା ମୁଖ୍‌ତାର ଅବାସ ନକ୍‌ଭିଙ୍କୁ ନିର୍ବାଚନ କମିଶନ (ଇସି) ଭର୍ତ୍ସନା କରିବା ସହ ଏଭଳି ମନ୍ତବ୍ୟ ନ ଦେବା ଲାଗି ଚେତାବନୀ ଦେଇଛନ୍ତି। ସେନାକୁ ରାଜନୈତିକ ପ୍ରଚାରରେ ବ୍ୟବହାର କରାଯାଇପାରିବ ନାହିଁ। ଭବିଷ୍ୟତରେ ମନ୍ତବ୍ୟ ଦେବାବେଳେ ସତର୍କ ରହିବା ଲାଗି ଇସି ନକ୍‌ଭିଙ୍କୁ ପରାମର୍ଶ ଦେଇଛନ୍ତି। ଗତ ୩ ତାରିଖରେ ରାମପୁରଠାରେ ଏକ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେବାବେଳେ ନକ୍‌ଭି ଦେଶର ସୈନ୍ୟବାହିନୀକୁ ମୋଦିଜୀଙ୍କ ସେନା ବୋଲି କହିଥିଲେ। ରାଜ୍ୟ ନିର୍ବାଚନ କର୍ତ୍ତୃପକ୍ଷ ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ।

### ନିର୍ବାଚନ ପ୍ରଚାରରେ ବାଂଲାଦେଶୀ ଅଭିନେତା ଦେଶ ଛାଡ଼ିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୮।୪(ପି.ଟି.)-ପଶ୍ଚିମବଙ୍ଗରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିବା ବାଂଲାଦେଶୀ ଅଭିନେତା ଘାଜି ଅବଦୁଲ ନୂର୍‌ଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ସୌଗତ ରୟଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଥିଲେ। ତାଙ୍କ ବିରୋଧରେ ଭାଜପା ପକ୍ଷରୁ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଭିଜା ମିଆଦ ପୂରଣ ହୋଇଥିବା ସତ୍ତ୍ୱେ ନୂର୍ ଭାରତରେ ରହୁଥିଲେ। ପୂର୍ବରୁ ଅନ୍ୟ ଜଣେ ବାଂଲାଦେଶୀ ଅଭିନେତା ଫେର୍‌ଦୁସ୍ ଅହମଦଙ୍କୁ ଦେଶ ଛାଡିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା।

### ଇତିହାସର ଆଇନାରେ

#### ଏପ୍ରିଲ ୧୯ର ପ୍ରମୁଖ ଘଟଣା

୧୯୭୫ ଏପ୍ରିଲ ୧୯ରେ ଭାରତର ପ୍ରଥମ ଉପଗ୍ରହ ଆର୍ଯ୍ୟଭଟ୍ଟ ସୋଭିଏଟ୍ ୟୁନିୟନର କାପୁସ୍ତିନ ୟାର୍‌ରୁ ଉତ୍‌କ୍ଷେପଣ କରାଯାଇଥିଲା। କସ୍‌ମସ୍-୩ଏମ୍ ଭେଇକିଲ୍ ଯୋଗେ ଲଞ୍ଚ୍ କରାଯାଇଥିବା ଏହି ଉପଗ୍ରହ ଇସ୍ରୋ ଦ୍ୱାରା ନିର୍ମାଣ କରାଯାଇଥିଲା।

୨୦୦୦ ଏପ୍ରିଲ ୧୯ରେ ଏୟାର ଫିଲିପାଇନ୍ସ ଫ୍ଲାଇଟ୍ ୫୪୧ ସମଲ୍‌ଠାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩୧ ବିମାନଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

■ କାଁ ଭାଁ ହିଂସା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ

# ଇଭିଏମ୍ ସମସ୍ୟାରୁ ମତଦାନ ବିଳମ୍ବ



ମଦୁରାଇ ଜିଲାର ଏକ ବୁଥ୍‌ରେ ଭୋଟରଙ୍କ ଲମ୍ବା ଧାଡ଼ି।

- ■ ଛତିଶଗଡ଼ରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ
- ■ ପଶ୍ଚିମବଙ୍ଗରେ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ପୋଲିସର ଗୁଳିଚାଳନା
- ■ ୧୬୨୯ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍

ନୂଆଦିଲ୍ଲୀ,୧୮।୪(ପି.ଟି.)

କାଁ ଭାଁ ହିଂସାକାଣ୍ଡ ମଧ୍ୟରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ୧୧ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୫ ଲୋକ ସଭା ନିର୍ବାଚନମଣ୍ଡଳୀରେ ମତଦାନ ଶେଷ ହୋଇଛି। ଛତିଶଗଡରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ, ପଶ୍ଚିମବଙ୍ଗରେ ହିଂସାକାଣ୍ଡ ଘଟାଉଥିବା ଲୋକଙ୍କୁ ଘଉଡାଇବାକୁ ଯାଇ ପୋଲିସର ଫାଙ୍କା ଗୁଳିଚାଳନା ଏବଂ ବିଭିନ୍ନ ଭୋଟଗ୍ରହଣ କେନ୍ଦ୍ରରେ ଇଭିଏମ୍ ଅଚଳ ଯୋଗୁ ମତଦାନ ବିଳମ୍ବିତ ହୋଇଥିଲା। ଏହା ସତ୍ତ୍ୱେ ଅଧିକାଂଶ ବୁଥ୍‌ରେ ଭୋଟରଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା ଏବଂ ନିର୍ଦ୍ଧାରିତ ସମୟ ପରେ ମଧ୍ୟ ମତଦାନ ଜାରି ରହିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ, ୪ କେନ୍ଦ୍ରମନ୍ତ୍ରୀଙ୍କ ସମେତ ୧୬୨୯ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଯାଇଛି। ହେଭିୱେଟ ନେତାଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡା, ଭାଜପା ଏମ୍‌ପି ହେମାମାଳିନୀ, ବରିଷ୍ଠ କଂଗ୍ରେସ ନେତା ବୀରାପ୍ପା ମୋଇଲି, ରାଜ୍ୟସଭା ସଦସ୍ୟ କାନିମୋଝି, ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ରାଜ ବବ୍ବର, ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ସଦାନନ୍ଦ ଗୌଡା, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ, ଏନସିପି ରାଜ୍ୟ ଉପସଭାପତି ରାଜେନ୍ଦ୍ର ସିଙ୍ଗନେ, ପ୍ରିତମ ମୁଣ୍ଡେ ପ୍ରମୁଖ।

ଏହି ପର୍ଯ୍ୟାୟରେ ତାମିଲନାଡୁର ୩୮ ଲୋକ ସଭା ଆସନ, କର୍ଣ୍ଣାଟକର ୧୪, ମହାରାଷ୍ଟ୍ରର ୧୦, ଉତ୍ତରପ୍ରଦେଶର ୮, ଓଡିଶା, ବିହାର ଏବଂ ଆସାମର ୫ଟି ଲେଖାଏ ନିର୍ବାଚନ ମଣ୍ଡଳୀ, ଛତିଶଗଡ ଏବଂ ପଶ୍ଚିମବଙ୍ଗର ୩ଟି ଲେଖାଏ ଆସନ, ଜମ୍ମୁ-କଶ୍ମୀରର ଦୁଇଟି ଓ ମଣିପୁର ଏବଂ ପୁଡୁଚେରୀର ଗୋଟିଏ ଲେଖାଏ ଆସନରେ ଭୋଟଗ୍ରହଣ ହୋଇଛି। ତାମିଲନାଡୁର ଭେଲୋରରେ ମତଦାନ ବାତିଲ ହୋଇଥିବାବେଳେ ତ୍ରିପୁରା(ପୂର୍ବ) ଆସନରେ ମତଦାନ ସ୍ଥଗିତ ରହିଛି।

ଜମ୍ମୁ-କଶ୍ମୀରର ଶ୍ରୀନଗର ଓ ଉଧମପୁର ଲୋକ ସଭା ଆସନରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ଶ୍ରୀନଗର ଆସନରୁ ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ଏବଂ ଉଧମପୁର ଆସନରୁ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ନିର୍ବାଚନ ଲଢୁଛନ୍ତି। ଛତିଶଗଡ଼ର ରାଜନନ୍ଦଗାଓଁ ଜିଲାରେ ମତଦାନ ବେଳେ ମାଓବାଦୀ ଆଇଇଡି ବିସ୍ଫୋରଣ କରିବାରୁ ଜଣେ ଆଇଟିବିପି ଯବାନ ଆହତ ହୋଇଛନ୍ତି। ତାମିଲନାଡୁର ଅଧିକାଂଶ ବୁଥ୍‌ରେ ଭୋଟରଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀ ଏବଂ ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍ ସକାଳେ ଭୋଟ ଦେଇଥିଲେ। ତେବେ କେତେକ ବୁଥ୍‌ରେ ଇଭିଏମ୍ ସମସ୍ୟା ଦେଖାଦେଇଥିଲେ ହେଁ ପରେ ତାହାର ସମାଧାନ କରାଯାଇଥିଲା ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସତ୍ୟବ୍ରତ ସାହୁ କହିଛନ୍ତି। କର୍ଣ୍ଣାଟକର ୧୪ ଆସନରେ ମଧ୍ୟ ଶାନ୍ତିଶୃଙ୍ଖଳାର ସହିତ ମତଦାନ ହୋଇଛି। ପୁଡୁଚେରୀର ଗୋଟିଏ ଆସନରେ ମତଦାନ ଶାନ୍ତିପୂର୍ଣ୍ଣ ଥିଲା।

ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି। ଏହା ସତ୍ତ୍ୱେ ଅପରାହ୍ନ ସୁଦ୍ଧା ସେଠାର ୩ଟି ଆସନରେ ଭଲ ମତଦାନ ହୋଇଥିଲା। ମହାରାଷ୍ଟ୍ରର ନନ୍ଦେଡ଼ରେ ୭୮ଟି ଇଭିଏମ୍ ଅଚଳ ଥିବା ଅଭିଯୋଗ ହୋଇଥିଲା।

## ଗୋଟିଏ ମଞ୍ଚରେ ଏକାଠି ହେବେ ମୁଲାୟମ, ମାୟାବତୀ

ମୈନପୁରୀ,୧୮।୪(ପି.ଟି.)

ଦୀର୍ଘ ଦଶନ୍ଧିର ତୀବ୍ର ବିରୋଧୀ ଭାବେ ପରିଚିତ ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବ ଏବଂ ବିଏସ୍‌ପି ସୁପ୍ରିମୋ ମାୟାବତୀ ଗୋଟିଏ ମଞ୍ଚରେ ଏକାଠି ହେବାକୁ ଯାଉଛନ୍ତି। ଶୁକ୍ରବାର ମୈନପୁରୀଠାରେ ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମିଳିତ ନିର୍ବାଚନୀ ସଭାରେ ଦୁଇ ନେତାଙ୍କୁ ଏକାଠି ଦେଖିବାକୁ ମିଳିବ। ଭାଜପା ବିରୋଧରେ ବିରୋଧୀ ଦଳଗୁଡିକର ମେଣ୍ଟ ମଜଭୁତ ଥିବାର ବାର୍ତ୍ତା ଦେବା ଲାଗି ଏହି ର୍‍ୟାଲିର ଆୟୋଜନ କରାଯାଇଛି।

୧୯୯୫ରେ ରାଜ୍ୟ ଅତିଥି ଭବନରେ ବିଏସ୍‌ପି ସୁପ୍ରିମୋ ମାୟାବତୀ ତାଙ୍କ ସମର୍ଥକମାନଙ୍କ ସହ ଆଲୋଚନା କରୁଥିବାବେଳେ ଏସ୍‌ପି କର୍ମୀମାନେ ଆକ୍ରମଣ କରିଥିଲେ। ଏହା ପରଠାରୁ ମୁଲାୟମ ଓ ମାୟାବତୀ ପରସ୍ପରର ତୀବ୍ର ବିରୋଧୀ ରହିଆସିଥିଲେ। ଉତ୍ତରପ୍ରଦେଶରେ ଭାଜପାକୁ ହରାଇବା ପାଇଁ ଅଖିଳେଶ ଓ ମାୟାବତୀ ଏକାଠି ହୋଇଛନ୍ତି। ଶୁକ୍ରବାର ସଭାରେ ମୁଲାୟମ ଯୋଗ ଦେବାକୁ ଆଗ୍ରହୀ ନ ଥିବାବେଳେ ପୁଅ ଅଖିଳେଶ ତାଙ୍କ ଉପରେ ଚାପ ପକାଉଥିବା ଜଣାପଡିଛି। ପୂର୍ବ ମତଭେଦ ଭୁଲି ମେଣ୍ଟକୁ ଜିତାଇବା ଲାଗି ଏକାଠି କାମ କରିବାକୁ ମାୟାବତୀ ଉଭୟ ଦଳର କର୍ମୀମାନଙ୍କୁ ଅନୁରୋଧ କରିଛନ୍ତି।



ମୁଲାୟମ୍ ସିଂ ଯାଦବ
ମାୟାବତୀ

## ନିର୍ବାଚନ ଡ୍ୟୁଟିରେ ଥିବା ଶିକ୍ଷକଙ୍କ ମୃତ୍ୟୁ

କଙ୍କେର୍,୧୮।୪(ପି.ଟି.)

ଛତିଶଗଡ଼ର କଙ୍କେର୍ ଜିଲାର ଏକ ଭୋଟଗ୍ରହଣ କେନ୍ଦ୍ରରେ ଗୁରୁବାର ଡ୍ୟୁଟିରେ ଥିବା ଜଣେ ଶିକ୍ଷକଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସରକାରୀ ବିଦ୍ୟାଳୟର ସହକାରୀ ଶିକ୍ଷକ ଟୁକ୍‌ଲୁରାମ ନରେଟି କଙ୍କେର ନିର୍ବାଚନମଣ୍ଡଳୀ ଅନ୍ତାଗଡ଼ ଅଞ୍ଚଳର କାମ୍‌ତା ବୁଥ୍‌ରେ ପୋଲିଂ ଅଫିସର ଭାବେ ନିୟୋଜିତ ଥିଲେ। ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ସେ ବୁଥ୍‌ରେ ସଂଜ୍ଞାହୀନ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ସୁରକ୍ଷା ଦୃଷ୍ଟିରୁ ଜମ୍ମୁ-କଶ୍ମୀରରେ ଇଣ୍ଟରନେଟ୍ ସେବା ଠପ୍

ଶ୍ରୀନଗର,୧୮।୪

ଜମ୍ମୁ-କଶ୍ମୀର ଶ୍ରୀନଗର ଲୋକ ସଭା ଆସନ ପାଇଁ ଗୁରୁବାର ସକାଳୁ ମତଦାନ ଆରମ୍ଭ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ଏଠାରେ ମୋବାଇଲ୍ ଇଣ୍ଟରନେଟ୍ ସେବାକୁ ବନ୍ଦ କରି ଦିଆଯାଇଥିଲା। ଏଠାରେ ୧୨ଲକ୍ଷ ୯୫ ହଜାର ଭୋଟର ୧୨ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲା ଅଛନ୍ତି। ଏହି ଲୋକ ସଭା ଆସନରେ କେନ୍ଦ୍ରୀୟ କଶ୍ମୀର୍‌ର ଗନ୍ଦର୍ବାଲ, ଶ୍ରୀନଗର ଏବଂ ବଡ଼ଗାମ୍ ଆଦି ୩ ଜିଲା ରହିଛି। ଏହି ଆସନ ପାଇଁ ୧,୭୧୬ଟି ପୋଲିଂବୁଥ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମତଦାନ ହୋଇଛି।

## ଭୋଟ କେନ୍ଦ୍ରରେ ପହଞ୍ଚିଲେ ନବବିବାହିତ ଦମ୍ପତି

ଶ୍ରୀନଗର,୧୮।୪

ଲୋକ ସଭା ନିର୍ବାଚନର ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ହୋଇଥିଲା। ଏଥିପାଇଁ ଭୋଟରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ମର୍ମରେ ଜମ୍ମୁ-କଶ୍ମୀର ଉଧାମପୁର ଲୋକ ସଭା ଆସନରେ ଏକ ନବବିବାହିତ ଦମ୍ପତି ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଭୋଟଗ୍ରହଣ କେନ୍ଦ୍ରରେ ପହଞ୍ଚିଥିଲେ। ଉଭୟେ ବିବାହ ପୋଷାକରେ ମତାଧିକାର ସାବ୍ୟସ୍ତ କରିଥିଲେ। ସେମାନଙ୍କୁ ଦେଖି ପୋଲିଂ ଅଧିକାରୀଙ୍କ ସମେତ ଉପସ୍ଥିତ ଲୋକେ ଉଲ୍ଲସିତ ହୋଇଯାଇଥିଲେ।



## ଦୁର୍ଘଟଣାରେ ୨୯ ପର୍ଯ୍ୟଟକ ମୃତ

ଲିସବନ୍,୧୮।୪(ଏଏଫ୍‌ପି)

ପର୍ତ୍ତୁଗୀଜ ଦ୍ୱୀପ ମାଦିରାରେ ବସ୍ ଦୁର୍ଘଟଣାରେ ୨୯ ଜର୍ମାନ୍ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ବସ୍‌ଟି ରାସ୍ତା ତଳକୁ ଖସିପଡିବା ପରେ ବାରମ୍ବାର ପଲଟି ନିମ୍ନଭାଗରେ ଥିବା ଏକ ଘର ସହିତ ଧକ୍କା ଖାଇଥିଲା। ଉକ୍ତ ମରଣାନ୍ତକ ଘଟଣାରେ ଜର୍ମାନ୍ ସରକାରଙ୍କ ମୁଖପାତ୍ର ଗଭୀର ଶୋକପ୍ରକାଶ କରି ଟୁଇଟ୍ କରିଛନ୍ତି। ଦୁର୍ଘଟଣାରେ ୧୭ ମହିଳା ଓ ୧୧ ପୁରୁଷ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୨୧ଜଣ ଆହତ ହୋଇଥିବା ସାନ୍ତା କ୍ରୁଜ୍ ମେୟର ଫିଲିପ୍ ସଉସା ପ୍ରକାଶ କରିଛନ୍ତି। ପର୍ତ୍ତୁଗାଲ ରାଷ୍ଟ୍ରପତି ମାର୍ସିଲୋ ରେବେଲୋ ଡି ସଉସା ମୃତାହତ ଯାତ୍ରୀଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି।

## ଆଜମଗଡ଼ରୁ ନାମାଙ୍କନପତ୍ର ଦାଖଲ କଲେ ଅଖିଳେଶ



ଆଜମଗଡ଼,୧୮।୪(ପି.ଟି.)

ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଗୁରୁବାର ଉତ୍ତରପ୍ରଦେଶର ଆଜମଗଡ଼ ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ବିଏସ୍‌ପି ଜାତୀୟ ସାଧାରଣ ସମ୍ପାଦକ ସତୀଶ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ଦଳୀୟ କର୍ମୀଙ୍କ ଗହଣରେ ଶୋଭାଯାତ୍ରାରେ ଯାଇ ଅଖିଳେଶ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତାଙ୍କ ସରକାରରେ ରାଜ୍ୟରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ଦେଖି ଲୋକେ ଭୋଟ ଦେବେ ବୋଲି ଅଖିଳେଶ କହିଛନ୍ତି। ଆଜମଗଡ ହେଉଛି ସମାଜବାଦୀମାନଙ୍କ କର୍ମଭୂମି। ଜନସାଧାରଣ ପୁଣି ଥରେ ତାଙ୍କ ଉପରେ ଆସ୍ଥା ରଖି ଆଶୀର୍ବାଦ ଓ ସମର୍ଥନ ଜଣାଇବେ ବୋଲି ଏସ୍‌ପି ଅଧ୍ୟକ୍ଷ କହିଛନ୍ତି। ୨୦୧୪ରେ ଏହି ଆସନରୁ ଅଖିଳେଶଙ୍କ ପିତା ମୁଲାୟମ ସିଂ ଯାଦବ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଏଠାରେ ଷଷ୍ଠ ପର୍ଯ୍ୟାୟରେ ମେ ୧୨ରେ ନିର୍ବାଚନ ଅନୁଷ୍ଠିତ ହେବ।

## ୧୪ ବସ୍‌ଯାତ୍ରୀଙ୍କୁ ଗୁଳିକରି ହତ୍ୟା

କରାଚୀ,୧୮।୪(ପି.ଟି)

ଅର୍ଦ୍ଧସାମରିକ ସେନା ପୋଷାକ ପରିହିତ କେତେକ ଅଜ୍ଞାତ ବନ୍ଧୁକଧାରୀଙ୍କ ଗୁଳିମାଡରେ ୧୪ ବସ୍‌ଯାତ୍ରୀ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଅଛନ୍ତି ପାକିସ୍ତାନୀ ନୌସେନାର ଜଣେ କର୍ମଚାରୀ। ପାଖାପାଖି ୧୫ରୁ ୨୦ ବନ୍ଧୁକଧାରୀ ବେଲୁଚିସ୍ତାନର ମାକ୍ରନ କୋଷ୍ଟାଲ ହାଇୱେରେ କରାଚୀ ଏବଂ ଗ୍ୱାଦାର ମଧ୍ୟରେ ଯାତ୍ରା କରୁଥିବା ୫/୬ଟି ବସକୁ ଅଟକାଇଥିଲେ। ପ୍ରାୟ ୩୬ ଯାତ୍ରୀଙ୍କ ପରିଚୟପତ୍ର ଯାଞ୍ଚ କରି ତନ୍ମଧ୍ୟରୁ ୧୬ ଯାତ୍ରୀଙ୍କୁ ଓହ୍ଲାଇ ଦେଇଥିଲେ। ସେମାନଙ୍କ ଉପରକୁ ଗୁଳି ଚଳାଇବା ବେଳେ ୨ଜଣ ଖସି ପଳାଇଯାଇଥିବାରୁ ୧୪ଜଣଙ୍କ ମୃତ୍ୟୁ ଘଟିଥିବା ବେଲୁଚିସ୍ତାନ ପୋଲିସ ଆଇଜି ମହସିନ୍ ହାସନ ବଟ୍ ପ୍ରକାଶ କରିଛନ୍ତି।

## ଇସିଙ୍କୁ ଭେଟିଲେ ବିବେକ ଓବେରୟ୍

ନୂଆଦିଲ୍ଲୀ,୧୮।୪

'ପିଏମ୍ ନରେନ୍ଦ୍ର ମୋଦି' ଚଳଚ୍ଚିତ୍ର ରିଲିଜ୍‌କୁ ନେଇ ବିବାଦ ଲାଗି ରହିଥିବାବେଳେ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବଲିଉଡ ଅଭିନେତା ବିବେକ ଓବେରୟ ଗୁରୁବାର ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି। ବିବେକ ଏଥିରେ ନରେନ୍ଦ୍ର ମୋଦି ଭୂମିକାରେ ଅଭିନୟ କରିଥିବା ବେଳେ ବର୍ତ୍ତମାନ ନିର୍ବାଚନ ଋତୁ ଚାଲିଥିବାରୁ ଉକ୍ତ ଫିଲ୍ମ ରିଲିଜ ଉପରେ ନିଷେଧାଜ୍ଞା ଜାରି କରାଯାଇଛି।

ଓବେରୟ କହିଲେ, ବୁଧବାର ବାୟୋପିକ୍ ଦେଖିବା ପରେ ନିର୍ବାଚନ କମିଶନ୍ ଆସ୍ଥାସୂଚକ ମନ୍ତବ୍ୟ ଦେଇଛନ୍ତି। ମୋଦିଙ୍କ ବାୟୋପିକ୍ ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ଥିବାରୁ ଉକ୍ତ ଫିଲ୍ମ ରିଲିଜ ପାଇଁ ତୁରନ୍ତ ଅନୁମତି ମିଳିଯିବ ବୋଲି ଆଶା ଅଛି।



ଫିଲ୍ମର ପ୍ରଯୋଜକ ଇସିଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ ଯେ, ନିର୍ବାଚନ କମିଶନ ଫିଲ୍ମ ନ ଦେଖି ଏହାର ରିଲିଜ ଉପରେ କଟକଣା ଜାରି କରିଛନ୍ତି। ତେବେ ଉକ୍ତ ଫିଲ୍ମ ଦେଖି ଏ ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨ରେ ହେବ।

ଓମୁଙ୍ଗ କୁମାର ନିର୍ଦ୍ଦେଶିତ ତଥା ବିବେକ ଓବେରୟ ଏବଂ ବୋମାନ ଇରାନୀ ଅଭିନୀତ ଉକ୍ତ ଫିଲ୍ମ ଭୋଟ ଗ୍ରହଣର ପ୍ରଥମ ପର୍ଯ୍ୟାୟ ୧୧ରେ ରିଲିଜ ହେବ ବୋଲି ପୂର୍ବରୁ ଧାର୍ଯ୍ୟ ହୋଇଥିଲା।

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୧୯/୨୦୧୯ | Sambalpur, Friday, April 19/ 2019





**ମୋଦିଙ୍କ ବାୟୋପିକ୍ ପରିହାସ ସୃଷ୍ଟିକାରୀ: ଉର୍ମିଳା**

ମୋଦିଙ୍କ ବାୟୋପିକ୍ ପରିହାସ ସୃଷ୍ଟିକାରୀ ବୋଲି ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ପ୍ରକାଶ କରିଛନ୍ତି।

୦୬

୧୬

**ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବେ ଡୁପ୍ଲେସି**

ଆସନ୍ତା ଆଇସିସି ବିଶ୍ୱକପ୍‌ରେ ଫାଫ୍ ଡୁପ୍ଲେସି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ନେତୃତ୍ୱ ନେବେ।




ବିକାଶ ବିରୋଧୀ ବିଜେଡି ସରକାର

କୋଟି କୋଟି ଟଙ୍କାର ଯୋଜନା ଆଣିଲା ମୋଦି ସରକାର କିନ୍ତୁ ବାଧକ ସାଜିଲା ରାଜ୍ୟ ସରକାର

ବିଜେପି

ଫିର୍ ଏକ୍ ବାର୍ ମୋଦି ସରକାର

ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର

ମୋଦି ବରୁଣେଇ ପାହାଡ଼ ତଳେ ୨୦୦ କୋଟି ଟଙ୍କା ବ୍ୟୟରେ ପାଇକ ବିଦ୍ରୋହ ସ୍ମାରକ ପ୍ରତିଷ୍ଠା ପାଇଁ ଶତଚେଷ୍ଟା କରୁଥିବା ବେଳେ ଜମି ଯୋଗାଇବା ପ୍ରତିଶ୍ରୁତି ପାଳନ କରୁ ନାହାନ୍ତି ଓଡ଼ିଆ ସାଭିମାନ ପ୍ରତି ବେପରୁଆ କୁଚକ୍ରୀ ବିଜେଡି ସରକାର ।



ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା

Issued by BJP, 4R-3/2, Kharavel Nagar, Unit-3, Bhubaneswar

ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ


## ୧୦୦ କୋଟି ଡଲାର କ୍ଲବ୍‌ରେ ମାଇଣ୍ଡଟ୍ରି





**ନୂଆଦିଲ୍ଲୀ,୧୮-୪:** କମ୍ପାନୀ ପ୍ରତିଷ୍ଠା ହେବାର ଦୀର୍ଘ ୨୦ ବର୍ଷ ପରେ ମାଇଣ୍ଡଟ୍ରି ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ୧୦୦ କୋଟି ଡଲାର କ୍ଲବ୍‌ରେ ସାମିଲ ହୋଇଛି। ବୃହତ ଇଞ୍ଜିନିୟରିଂ କମ୍ପାନୀ ଲାର୍ସନ ଆଣ୍ଡ ଟୁବ୍ରୋ(ଏଲ୍‌ଆଣ୍ଡଟି)ର ବଳପୂର୍ବକ ଅଧିଗ୍ରହଣ ଉଦ୍ୟମ ଭିତରେ କମ୍ପାନୀ ବୋର୍ଡ ୩୦% ଅନ୍ତରୀଣ ଲାଭାଂଶ ଘୋଷଣା କରିଛି। ଏଥିସହିତ ୨୦ବର୍ଷରେ ପଦାର୍ପଣ କରିବା ତଥା ୧୦୦କୋଟି ଡଲାର କ୍ଲବ୍‌ରେ ସାମିଲ ହେବା ଖୁସିରେ ୪୦% ଚୂଡ଼ାନ୍ତ ଏବଂ ୨୦୦% ସ୍ୱତନ୍ତ୍ର ଲାଭାଂଶ ଘୋଷଣା କରାଯାଇଛି। ସିଏଫଓ ପ୍ରଦୀପ ମେନନ କହିଛନ୍ତି ଯେ, କର୍ପୋରେଟ ଗଭର୍ନାନ୍ସ ବଦଳରେ କମ୍ପାନୀ ପୁଞ୍ଜି ବଣ୍ଟନ ନୀତି ଅନୁସାରେ ଲାଭାଂଶ ଘୋଷଣା କରିଛି। ମାଇଣ୍ଡଟ୍ରି ସିଇଓ ତଥା ଏମ୍‌ଡି ରୋଷ୍ଟୋ ରାଭାନନ କହିଛନ୍ତି ଯେ, କମ୍ପାନୀ ଚତୁର୍ଥ ତ୍ରୈମାସ ଏବଂ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସୂଚନାଯୋଗ୍ୟ ଯେ, ଓଡ଼ିଆ ଉଦ୍ୟୋଗୀ ସୁବ୍ରତୋ ବାଗ୍‌ଚୀ ଏହି କମ୍ପାନୀର ସହ ପ୍ରତିଷ୍ଠାତା ଅଛନ୍ତି।

### କିଛି ତଥ୍ୟ

ଦେଶରେ ବର୍ତ୍ତମାନ ୧୮ ବିଲିୟନ ଡଲାରର ଇ-କମର୍ସ ରିଟେଲ ବଜାର ରହିଥିବା ବେଳେ ଏହା ୨୦୩୦ ବେଳକୁ ୧୭୦ ବିଲିୟନ ଡଲାର ଟପିବ।

– ଜେଫେରିଜ୍ ରିପୋର୍ଟ

### ଆଜିର ମନ୍ତବ୍ୟ

ଦେଶ କଂଗ୍ରେସ ମୁକ୍ତ ହେବା ପରେ ଯାଇ ଦାରିଦ୍ର୍ୟରୁ ମୁକ୍ତି ପାଇବ।

–ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ

# ଓଡ଼ିଶାରେ ୬୪% ମତଦାନ



ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ତୁର୍ଲା ମତଦାନ କେନ୍ଦ୍ରରେ ମତାଧିକାର ସାବ୍ୟସ୍ତ କରିବା ପାଇଁ ଭୋଟରମାନେ ଲମ୍ବାଧାଡ଼ିରେ ଠିଆ ହୋଇଛନ୍ତି।

**ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ**

- ଇଭିଏମ୍‌ରେ ସିଲ୍ ୨୭୯ ପ୍ରାର୍ଥୀଙ୍କ ଭାଗ୍ୟ
- ୬ଟି ସ୍ଥାନରେ ଭୋଟ୍ ଗ୍ରହଣ ବାତିଲ
- ପୋଲିଂ ଅଧିକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ନିଜ ଅଞ୍ଚଳରେ ଭୋଟ ଦେଲେ ହେଭିୱେଟ ନେତା
- ସିଲ୍ ହୋଇଗଲା ନବୀନ, ନରସିଂହ, କେ.ଭି., ଜୁଏଲଙ୍କ ଭାଗ୍ୟ

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଗୁରୁବାର ଶେଷ ହୋଇଛି। ଭୋଟ ଗ୍ରହଣ ପରେ ମିଳିଥିବା ସୂଚନା ଅନୁଯାୟୀ ମତଦାନ ୬୪ ପ୍ରତିଶତ ହୋଇଛି। ଏହି ପର୍ଯ୍ୟାୟରେ ୫ଟି ଲୋକ ସଭା ଓ ୩୫ଟି ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୨୭୯ ପ୍ରାର୍ଥୀଙ୍କର ଭାଗ୍ୟ ଇଭିଏମରେ ସିଲ୍ ହୋଇଯାଇଛି। ମତଦାନ କେନ୍ଦ୍ରଗୁଡିକରେ ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଏହାର ଦେଢଘଣ୍ଟା ପୂର୍ବରୁ ମକ୍‌ପୋଲ କରାଯାଇଥିଲା। ସକାଳେ ମତଦାନ ସାମାନ୍ୟ ଧିମା ରହିଥିଲା। ପୂର୍ବାହ୍ନ ୧୦ଟା ବେଳକୁ ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟରଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଭୋଟ ହାରରେ ମଧ୍ୟ ବୃଦ୍ଧି ଘଟିଥିଲା। ମଧ୍ୟାହ୍ନରେ ପ୍ରବଳ ଖରା ଯୋଗୁ ଟିକେ ମାନ୍ଦା ପଡିଥିବା ବେଳେ ଅପରାହ୍ନରେ ଏହା ବୃଦ୍ଧି ପାଇଥିଲା। ମତଦାତାମାନେ ବୁଥ ସମ୍ମୁଖରେ ଲମ୍ବା ଧାଡିରେ ଛିଡା ହୋଇ ଭୋଟ ଦେବାକୁ ଅପେକ୍ଷା କରିଥିବା ଦେଖାଯାଇଥିଲା। କେବଳ ଜନତା ନୁହନ୍ତି ନେତାମାନେ ମଧ୍ୟ ଉତ୍ସାହର ସହ ଭୋଟ ଦେଉଥିବା ଦେଖାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଓଡିଶା ବିଧାନସଭା ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ, ରାଜ୍ୟ ସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଧାୟିକା ରାଧାରାଣୀ ପଣ୍ଡା, କିଶୋର ମହାନ୍ତି, ନବ କିଶୋର ଦାସ, ପ୍ରଦୀପ ପୁରୋହିତ ପ୍ରମୁଖ ନିଜ ଅଞ୍ଚଳର ବୁଥରେ ମତଦାନ କରୁଥିବା ଦେଖିବାକୁ ମିଳିଥିଲା।

ଅପରାହ୍ନ ୫ଟା ସୁଦ୍ଧା ମତଦାନ ୬୪ ପ୍ରତିଶତ ହୋଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଭୋଟ ହାର ପ୍ରଥମ ପର୍ଯ୍ୟାୟ ତୁଳନାରେ କମ୍ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମତଦାନ ହାର ଅପରାହ୍ନ ୫ଟା ସୁଦ୍ଧା ୬୬ ପ୍ରତିଶତ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨ ପ୍ରତିଶତ କମ ହୋଇଛି। ଚୂଡ଼ାନ୍ତ ଭୋଟ ପ୍ରତିଶତ ମିଳି ପାରି ନ ଥିବାରୁ ରାଜ୍ୟରେ ସମୁଦାୟ କେତେ ପ୍ରତିଶତ ମତଦାନ ହୋଇଛି ତାହା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ତେବେ ଏହି ପର୍ଯ୍ୟାୟରେ ଭୋଟ ଗ୍ରହଣ ପ୍ରାୟ ୭୦ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଉଛି।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ବାଚସ୍ପତି ପ୍ରଦୀପ ଅମାତ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ବିକ୍ରମ କେଶରୀ ଆରୁଖ, ସୁଶାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ପଦ୍ମନାଭ ବେହେରା, ବିଜୟ ରଞ୍ଜନ ସିଂ ବରିହା, ପୂର୍ବତନ ବାଚସ୍ପତି କିଶୋର ମହାନ୍ତି, ଶାରଦା ପ୍ରସାଦ ନାୟକ, ସୁବ୍ରତ ତରାଇଙ୍କ ସମେତ ☞ପୃଷ୍ଠା–୨

**ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍ ଭାଙ୍ଗିଲେ ଭାଜପା ପ୍ରାର୍ଥୀ**

# ସିଇଓଙ୍କୁ ଦିଆଯିବ ରିପୋର୍ଟ: ଜିଲାପାଳ

**ଛତ୍ରପୁର/ସୋରଡା,୧୮।୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ସୋରଡା ବ୍ଲକ ରେଣ୍ଟି ବୁଥ୍‌ରେ ଗୁରୁବାର ଭୋଟ ଚାଲିଥିବା ବେଳେ ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍ ଭାଙ୍ଗିବା ନେଇ ଭାଜପା ପ୍ରାର୍ଥୀ ନୀଳମଣି ବିଷୋୟୀଙ୍କ ନାଁରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ପଚାରିବାରେ ୧୮୨ ନଂ. ରେଣ୍ଟି ବୁଥ୍‌ରେ ଭୋଟ ଚାଲିଥିବା ବେଳେ ଭାଜପା ପ୍ରାର୍ଥୀ ନୀଳମଣି ୮ ରୁ ୧୦ଜଣ ସହଯୋଗୀଙ୍କୁ ନେଇ ରେଣ୍ଟି ବୁଥ୍‌ରେ ଜବରଦସ୍ତ ପଶିବା ସହ ଅରାଜକତା ସୃଷ୍ଟି କରିଥିଲେ। ଏଥିସହ ବୁଥ୍‌ରେ ଥିବା ପ୍ରିଜାଇଡିଂ ଅଫିସରଙ୍କର କାର୍ଯ୍ୟରେ ବାଧା ଦେଇଥିଲେ। ପରେ ସୋରଡ଼ା ବିଧାନସଭା ଆସନ ପାଇଁ ଉଦ୍ଦିଷ୍ଟ ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍‌କୁ ନୀଳମଣି ଭାଙ୍ଗି ଦେଇଥିଲେ। ଏହା ଫଳରେ ଉକ୍ତ ବୁଥ୍‌ରେ ଭୋଟ ଅଧାରୁ ବନ୍ଦ ହୋଇଥିଲା। ଏହି ଘଟଣା ନେଇ ସୋରଡା ଥାନାରେ ଏତଲା ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ରିପୋର୍ଟ ପଠାଯିବ ଏବଂ ଏହା ଉପରେ ସେ ନିଷ୍ପତ୍ତି ନେବେ ବୋଲି ଜିଲାପାଳ ସ୍ପଷ୍ଟ କରିଛନ୍ତି। ଉକ୍ତ ବୁଥ୍ ସମ୍ବେଦନଶୀଳ ନ ଥିବାରୁ ସେଠାରେ ୱେବ କାଷ୍ଟିଂ, ଭିଡିଓ ରେକର୍ଡିଂ, ସିସି କ୍ୟାମେରା କିମ୍ବା ଷ୍ଟିଲ୍ ଫଟୋଗ୍ରାଫି ବ୍ୟବସ୍ଥା ନ ଥିଲା ବୋଲି ଯୋଗାଯୋଗ ବେଳେ ଜିଲାପାଳ ପ୍ରକାଶ କରିଛନ୍ତି।

**ଭିଡିଓ ରେକର୍ଡିଂ, ସିସି କ୍ୟାମେରା ବ୍ୟବସ୍ଥା ନ ଥିଲା**



ଭାଜପା ସମର୍ଥକମାନେ ରିଗିଂ ଅଭିଯୋଗରେ ସୋରଡା ଆଡପମଣ୍ଡପରେ ରାସ୍ତାରୋକୋ କରିଛନ୍ତି।

ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ନୀଳମଣି କହିଛନ୍ତି, ହିଞ୍ଜଳକୁଦା, ରେଣ୍ଟି ଓ ଡାକରଡା ଗ୍ରାମର ୩ ବୁଥ୍‌ରେ ଗୁରୁବାର ଭୋଟ ଗ୍ରହଣ ବେଳେ ରିଗିଂ ହୋଇଥିବା ଖବର ପାଇଥିଲେ। ସେ ଉକ୍ତ ବୁଥ୍ ପରିଦର୍ଶନରେ ଯାଇଥିବା ବେଳେ କେତେକ ଯୁବକ ରିଗିଂ ☞ପୃଷ୍ଠା–୨




ସତ୍ୟମେବ ଜୟତେ

ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ, ଯେ ମାନବ ଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ଗଣେଶୀ ଲାଲ)

DADLS-03

15001/13/0004/1920


### ଆଜିର ସମ୍ପାଦକୀୟ

## ଅଳସୁଆ ବଢୁଛନ୍ତି


AIMS COLLEGE SAMBALPUR

FULLY RESIDENTIAL +2 & +3 Sc. COLLEGE

For e-admission : College code - 28085110

FOUNDATION COURSE STARTING FROM 1ST APRIL 2019

Hurry Up... Limited Seats

(Jharsuguda Highway) Pardhiapali, Sambalpur

Call No- 7873006705, 7873006725, 7978326206, 7873006711,7381026700

E-mail: aims.sambalpur@gmail.com

website: www.aimscollegesambalpur.com


NATIONAL EGG CO-ORDINATION COMMITTEE 18.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 142 | 152 |
| DKL | 89 | 144 | 154 |
| BDK | 89 | 144 | 154 |
| BLS | 90 | 145 | 155 |
| ANG | 89 | 144 | 154 |

*Conditions Apply

Eggs Retail Price- 41/-Dozen

Issued in the Interest of Consumers

## ମୃତ ଜିଆରଏସ୍‌ଙ୍କ ସମ୍ପର୍କୀୟଙ୍କୁ ୩୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ମିଳିବ

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ଗ୍ରାମ ରୋଜଗାର ସେବକ (ଜିଆରଏସ) ସଂଯୁକ୍ତା ଦିଗଲଙ୍କ ସମ୍ପର୍କୀୟଙ୍କୁ ୩୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମିଳିବ ବୋଲି ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି। ସଂଯୁକ୍ତା ବୁଧବାର କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବାରାହାଲ ଗ୍ରାମର ୧୨ ନମ୍ବର ବୁଥକୁ ପୋଲିଂ ପାର୍ଟି ଚେକିଂରେ ଯାଉଥିଲେ। ସେହିଗାଡ଼ିରେ ଆସିଷ୍ଟାଣ୍ଟ ସେକ୍ଟର୍ ଅଫିସର (ଏଏସ୍‌ଓ) ପ୍ରକାଶ ଦାସଙ୍କ ସହ ଅନ୍ୟମାନେ ଯାତ୍ରା କରୁଥିଲେ। ହେଲେ ମାଓବାଦୀଙ୍କ ଗୁଳିରେ ଘଟଣାସ୍ଥଳରେ ସଂଯୁକ୍ତାଙ୍କର ମୃତ୍ୟୁ ହୋଇଥିଲା।





Authorized Distributor : BHUBANESWAR- RAM JI ENTERPRISES- 0674-2463082 | BHUBANESWAR- STYLE EXCLUSIVE- 9938499290 BEHRAMPUR- PATEL SHOE BAZAR- 9437064888 | CUTTACK- VISHAL ENTERPRISES- 9040601631 | BHWANIPATNA- KWALITY TRADERS- 9040106894

Shop online at: www.redchief.in, For b2b: www.redchiefb2b.in | Trade enquiries contact 7753933497, redchiefb2b@leayan.com

Also available at : amazon.in | Flipkart | Myntra | JABONG | Paytm Mall | snapdeal | SHOPCLUES | LIMEROAD | AJIO | TATA CLiQ

Toll Free No. 1800-121-0800. For more information contact: 0512-2241749, 9794352683

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୧୯/୨୦୧୯



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ସୋମ୍
ପରିବାରବର୍ଗ


ଗୁଗୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୪୦.୮°ରେ ମାଲକାନଗିରି: ୨୨ ପର୍ଯ୍ୟନ୍ତ କାଳବୈଶାଖୀ

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ରାଜ୍ୟରେ ପୂର୍ବାପେକ୍ଷା ଗୁରୁବାର ସାମାନ୍ୟ ତାପମାତ୍ରା କମିଛି। କିନ୍ତୁ ଗରମ, ଗୁଳୁଗୁଳି ଯେଉଁଭଳି ଅନୁଭୂତ ହେଉଥିଲା, ସେଥିରେ କୌଣସି ପରିବର୍ତ୍ତନ ହୋଇନି। ଗୁରୁବାର ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୪୦.୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସୁନ୍ଦରଗଡ଼ ୪୦.୫, ଭବାନୀପାଟଣା, ୩୯.୮, ଅନୁଗୋଳ ୩୯.୧, ସୋନପୁର ୩୮.୮, ଭୁବନେଶ୍ୱର ୩୮.୭, ତାଳଚେର ୩୮.୬, କଟକ ୩୭.୮, ଝାରସୁଗୁଡ଼ା ୩୭.୩, ସମ୍ବଲପୁର ୩୮.୨ ଓ ହୀରାକୁଦ ୩୭.୧ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ଶୁକ୍ରବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, ଗଞ୍ଜାମ ଆଦି ଜିଲାରେ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହିତ ଘଡ଼ଘଡ଼ି ମାରିବା ସମ୍ଭାବନା ରହିଛି। ଉପକୂଳ ଓଡ଼ିଶା ସମେତ କନ୍ଧମାଳ ଓ ଅନୁଗୋଳର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ଜାରି ରହିବ। ଦୁଇରୁ ତିନିଦିନ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡ଼ିଶାରେ ୨-୩ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ। ଶୁକ୍ରବାର ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପୂର୍ବାହ୍ନ ଏବଂ ସନ୍ଧ୍ୟା ସମୟରେ ମେଘୁଆ ପାଗ ସହିତ ସାମାନ୍ୟ ବର୍ଷା ସମ୍ଭାବନା ରହିଛି। ଏହି ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ଓ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ଗୁରୁବାର ଆସ୍କାରେ ଜଣେ ୯୫ ବର୍ଷୀୟ ବୃଦ୍ଧଙ୍କ ଅଂଶୁଘାତଜନିତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାରେ ୬୪%...

ପ୍ରଥମ ପୃଷ୍ଠାରୁ...

କେତେକ ନବାଗତ ରାଜନେତାଙ୍କ ରାଜନୈତିକ ଭାଗ୍ୟ ଇଭିଏମରେ ସିଲ ହୋଇ ଯାଇଛି। ସେହିପରି ୫ଟି ଲୋକ ସଭା ଆସନରୁ ନିର୍ବାଚନ ଲଢୁଥିବା ଏମପି କଳିକେଶ ନରାୟଣ ସିଂଦେଓ, ସଙ୍ଗୀତା କୁମାରୀ ସିଂଦେଓ, ଅଚ୍ୟୁତ ସାମନ୍ତ, ଝୀର ଖାରବେଳ ସ୍ୱାଇଁ, ସିପିଆଇ ପ୍ରାର୍ଥୀ ରାମକୃଷ୍ଣ ପଣ୍ଡା, କଂଗ୍ରେସ ପ୍ରାର୍ଥୀ ଜର୍ଜ ତିର୍କୀଙ୍କ ଭାଗ୍ୟ ମଧ୍ୟ ଇଭିଏମରେ ସିଲ୍ ହୋଇଯାଇଛି।

କାଁ ଭାଁ ଗଣ୍ଡଗୋଳକୁ ଛାଡି ଦେଲେ ରାଜ୍ୟରେ ମତଦାନ ଶାନ୍ତିପୂର୍ଣ୍ଣ ହୋଇଛି। କେତେକ ସ୍ଥାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଭୋଟ ଗ୍ରହଣରେ ବିଳମ୍ବ ହୋଇଥିଲା। ଏପରିକି ୬ଟି ମତଦାନ କେନ୍ଦ୍ରରେ ଇଭିଏମ ଓ ଭିଭିପିଏଟି ମେଶିନ ଖରାପ ଏବଂ ପୋଲିଂ ଅଧିକାରୀଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ମତଦାନ ହୋଇପାରି ନାହିଁ। ସେହି ମତଦାନ କେନ୍ଦ୍ରଗୁଡିକ ହେଲା ସୁନ୍ଦରଗଡର ୨୧୩ ନମ୍ବର ବୁଥ, ବଣାଇର ୧୨୯, ଦଶପଲ୍ଲାର ୨୧୦ ଓ ୨୨୨, ଅଠାବିରାର ୨୩୫ ଏବଂ ବରଗଡର ୬୮ ନମ୍ବର ବୁଥ। ସେହି ବୁଥଗୁଡିକରେ ପରିଚାଳନାଗତ ତ୍ରୁଟି ଦେଖାଯାଇଥିଲା। ଫଳରେ ମତଦାନକୁ ବାତିଲ କରାଯାଇଛି। ପୋଲିଂ କର୍ମଚାରୀଙ୍କ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଦୋଷୀ ପୋଲିଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ସେହିପରି ବଲାଙ୍ଗୀର ଜିଲାର ଲୋଇସିଂହା, ତୁରେଇକେଲା, କୁରେଇ, ଅଗଲପୁର ଏବଂ ଟିଟିଲାଗଡର କେତେକ ବୁଥରେ ମଧ୍ୟ ଇଭିଏମ ସମସ୍ୟା ଦେଖା ଦେଇଥିଲା। ସୋନପୁର ଜିଲାର ସାଗରପାଲିର ୨୦୪ ଓ ୨୦୫ରେ ଇଭିଏମ ସମସ୍ୟା ଦେଖା ଦେଇଥିଲା। ଫୁଲବାଣୀ, ଦଶପଲା, ହିଞ୍ଜିଳି ଆଦି ନିର୍ବାଚନ ମଣ୍ଡଳୀର କେତେକ ବୁଥ୍‌ରେ ଇଭିଏମ ସମସ୍ୟା ଯୋଗୁ ଭୋଟ ଗ୍ରହଣ ବିଳମ୍ବ ହୋଇଥିବା ଜଣାପଡିଛି।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୩୫ ବିଧାନସଭା ପାଇଁ ୨୪୪ ଏବଂ ୫ଟି ଲୋକ ସଭା ଆସନ ପାଇଁ ୩୫ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଲୋକ ସଭା ଆସନରେ ୩୦ ଜଣ ପୁରୁଷ ଓ ୫ ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବିଧାନସଭା ଆସନରେ ୨୧୯ ପୁରୁଷ ଓ ୨୫ ଜଣ ମହିଳା ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ଚଳିତ ନିର୍ବାଚନରେ ୭୬ ଲକ୍ଷ ୯୩ ହଜାର ୧୨୩ ଭୋଟର ନିଜର ମତଦାନ ସାବ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ୩୯ ଲକ୍ଷ ୪୫ ହଜାର ୦୨୫ ଜଣ ପୁରୁଷ ମତଦାତା ରହିଥିବା ବେଳେ ୩୭ ଲକ୍ଷ ୪୭ ହଜାର ୪୯୩ ମହିଳା ଏବଂ ୬୦୫ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି।

### ସିଇଓଙ୍କୁ ଦିଆଯିବ...



କରୁଥିବା ଦେଖିଥିଲେ। ପରେ ସେମାନେ କାର ଯୋଗେ ସେଠାରୁ ଖସି ପଳାଇଥିଲେ। ଏହି ଘଟଣାକୁ ନେଇ ନୀଳମଣି ସୋରଡା ଆଡପମଣ୍ଡପରେ ସମର୍ଥକମାନଙ୍କ ସହ ଧାରଣାରେ ବସିଥିଲେ। ଏଏସ୍‌ପି ସୀତାରାମ ଶତପଥୀ, ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ସୋରଡା ଥାନା ଅଧିକାରୀ ପ୍ରଭାତ ସାହୁ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ପରେ ନୀଳମଣି ସୋରଡା ଥାନାରେ ଏତଲା ଦେଇଛନ୍ତି। ରିପୋର୍ଟ ଲେଖା ହେବାବେଳକୁ ଥାନା ସମ୍ମୁଖରେ ଶତାଧିକ ଭାଜପା କର୍ମୀ ରୁଣ୍ଡ ହୋଇଥିଲେ। ଉକ୍ତ ବୁଥ୍‌ଗୁଡିକରେ ପୁନଃ ମତଦାନ ପାଇଁ ସେ ଦାବି କରିଛନ୍ତି। ଏନେଇ ଏବିଡିଓ ସୁଶିଲ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବିଡିଓ ସୀମାଞ୍ଚଳ ପ୍ରଧାନ ଉକ୍ତ ବୁଥ୍‌କୁ ଯାଞ୍ଚ ପାଇଁ ଯାଇଛନ୍ତି। ଫେରିଲା ପରେ ଯାହା ଜଣାପଡିବ।

# ଭୋଟ ବେଳେ ପଶ୍ଚିମବଙ୍ଗରେ ହିଂସା

- ସିପିଆଇଏମ୍ ନେତାଙ୍କ କାରକୁ ଆକ୍ରମଣ
- ପୋଲିସକୁ ଢେଲାମାଡ଼

**କୋଲକାତା,୧୮।୪**

ପଶ୍ଚିମବଙ୍ଗର ତିନୋଟି ଆସନରେ ଗୁରୁବାର ମତଦାନ ହୋଇଥିବାବେଳେ କେତେକ ସ୍ଥାନରେ ହିଂସାକାଣ୍ଡ ଘଟିଛି। ସିପିଆଇଏମ୍ ପ୍ରାର୍ଥୀ ମହମ୍ମଦ ସଲିମ ରାଇଗଞ୍ଜ ନିର୍ବାଚନମଣ୍ଡଳୀର ପାଟଗୋରା ବୁଥ୍‌କୁ ଭୋଟଦେବାକୁ ଯାଉଥିବାବେଳେ ତାଙ୍କ କାର ଉପରକୁ ଢେଲାମାଡ଼ ହୋଇଥିଲା। ସଲିମ୍ କଂଗ୍ରେସ ଏମ୍‌ପି ଦୀପା ଦାସମୁନ୍‌ସୀଙ୍କ ବିରୋଧରେ ନିର୍ବାଚନ ଲଢୁଛନ୍ତି। ତୃଣମୂଳ ସମର୍ଥିତ ଦୁର୍ବୃତ୍ତମାନେ ଇସ୍‌ଲାମପୁରର ପାଟଗୋରା ବୁଥ୍‌ର ୧୦୦ ମିଟର ପରିଧି ମଧ୍ୟରେ ରୁଣ୍ଡ ହୋଇ ଭୋଟରଙ୍କୁ ପ୍ରଭାବିତ କରୁଥିଲେ ବୋଲି ସଲିମ୍ ଅଭିଯୋଗ କରିଛନ୍ତି। ତୃଣମୂଳ ଗୁଣ୍ଡାଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସେ କହିଛନ୍ତି। ସେହିପରି ରାଇଗଞ୍ଜ ନିର୍ବାଚନ ମଣ୍ଡଳୀର କଟାଫୁଲବାରି ବୁଥ୍‌କୁ ରିପୋର୍ଟ ସଂଗ୍ରହ କରିବାକୁ ଯାଇଥିବା ସ୍ଥାନୀୟ ନ୍ୟୁଜ୍ ଚ୍ୟାନେଲର ଜଣେ ଖବରଦାତା ଓ କ୍ୟାମେରାମ୍ୟାନଙ୍କୁ ମାଡ଼ ଅଭିଯୋଗ ହୋଇଛି। ଉତ୍ତର ଦିନାଜପୁର ଜିଲାର ଚୋପ୍ରାଠାରେ ଭୋଟଗ୍ରହଣ କେନ୍ଦ୍ରରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ନ ହେବା ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ସେଠାରେ ଉତ୍ତ୍ୟକ୍ତ ଲୋକେ ପୋଲିସ ଉପରକୁ ଢେଲା ଫିଙ୍ଗିବା ସହ ବୋମାମାଡ କରିବାରୁ ସେମାନଙ୍କୁ ଘଉଡାଇବାକୁ ଯାଇ ସୁରକ୍ଷା ବାହିନୀ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଫାଙ୍କା ଗୁଳିଚାଳନା କରିଥିଲା। ପୋଲିସ ତିନି ଜଣଙ୍କୁ ଅଟକ ରଖିଛି।

ବିଭିନ୍ନ ସ୍ଥାନରେ ତୃଣମୂଳ କଂଗ୍ରେସ କର୍ମୀମାନେ ଭୋଟରଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିଥିଲେ। ଶାସକ ଦଳ ବୁଥ୍ ଜବରଦଖଲ କରିବାକୁ ଯୋଜନା କରିଥିଲା। ଯେଉଁଥିପାଇଁ କେନ୍ଦ୍ରୀୟ ସୁରକ୍ଷା ବଳଙ୍କୁ ମୁତୟନ କରାଯାଇ ନ ଥିଲା ବୋଲି ସିପିଆଇଏମ୍ ନେତା ଅଭିଯୋଗ କରିଛନ୍ତି। ଗିରପାର ବୁଥ୍‌ରେ କିଛି ଲୋକଙ୍କୁ ଭୋଟ ଦେବାକୁ ଛଡା ନ ଯିବାରୁ ସେମାନେ ୩୪ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ସେମାନଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମବଙ୍ଗର ଦାର୍ଜିଲିଂ, ରାଇଗଞ୍ଜ ଏବଂ ଜଲପାଇଗୁଡ଼ି ଆସନରେ ମତଦାନ ହୋଇଛି।

# ରାଣୀପୁରରେ ଜଣ୍ଡିସ୍ ଆତଙ୍କ

**ବନ୍ତ, ୧୮।୪ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ କାଦବରାଙ୍ଗ ପଞ୍ଚାୟତ ରାଣୀପୁର ଗ୍ରାମରେ ଜଣ୍ଡିସ୍ ଆତଙ୍କ ଦେଖାଦେଇଛି। ଦୂଷିତ ଜଳ ବ୍ୟବହାର ଯୋଗୁ ଏହି ରୋଗ ବ୍ୟାପୁଥିବା ଆଶଙ୍କା କରାଯାଉଛି। ବର୍ତ୍ତମାନ ସୁଦ୍ଧା ମୋଟ ୯ ଜଣ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗୁରୁବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟର ଏକ ଡାକ୍ତରୀ ଟିମ୍ ଏହି ଗାଁରେ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରି ଫେରିଛନ୍ତି। ଏଥିସହ ପରିମଳ ଓ ପାନୀୟଜଳ ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସେମାନେ ସଚେତନ କରାଇଛନ୍ତି। ଚିକିତ୍ସା ପରେ ଆକ୍ରାନ୍ତ ୯ ଜଣଙ୍କ ମଧ୍ୟରୁ ୫ ଜଣ ସୁସ୍ଥ ଥିବା ଏବଂ ଅନ୍ୟ ୪ ଚିକିତ୍ସାଧୀନ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ରାଣୀପୁର ଗାଁ ପରିଦର୍ଶନ କରିଥିବା ଡାକ୍ତରୀ ଟିମ୍‌ରେ ଜିଲା ଚିକିତ୍ସାଳୟର ଡାଟା ମ୍ୟାନେଜର ହିମାଂଶୁ ଭୂଷଣ ସାହୁ, ସୁପରଭାଇଜର ପୂର୍ଣ୍ଣଚନ୍ଦ୍ର ବେହେରା, ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚ୍‌ଓ ସୁରେଶ ଚନ୍ଦ୍ର ପ୍ରଧାନ, ସୁପରଭାଇଜର ଗୟାଧର ମଲିକ ସାମିଲ ହୋଇଥିଲେ। ଗାଁରେ ୪୦ ପରିବାରରେ ମୋଟ ୨୪୨ ଲୋକ ବସବାସ କରୁଛନ୍ତି।


ପରୀକ୍ଷା ପାଇଁ ଡାକ୍ତର ରକ୍ତ ନମୁନା ସଂଗ୍ରହ କରୁଛନ୍ତି।

# ସୀମାନ୍ତରେ ପୋଲିସ-ମାଓବାଦୀ ଗୁଳି ବିନିମୟ, ୨ ମାଓବାଦୀ ନିହତ

**ମାଲକାନଗିରି,୧୮।୪ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ପୁଣି ମାଓବାଦୀ ହିଂସା ଦେଖିବାକୁ ମିଳିଛି। ଗୁରୁବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୨ଜଣ ମାଓବାଦୀ ନିହତ ହୋଇଥିବାବେଳେ ଅନ୍ୟ ଏକ ଘଟଣାରେ ଆଇ.ଡି. ବିସ୍ଫୋରଣରେ ଜଣେ ଯବାନ ଆହତ ହୋଇଛନ୍ତି। ଆଇ.ଜି. ବିବେକାନନ୍ଦ ସିନ୍ହାଙ୍କ ସୂଚନା ଅନୁଯାୟୀ ଛତିଶଗଡର ଦାନ୍ତେୱାଡା ଜିଲା କୁଆକୋଣ୍ଡା ଥାନା ଅନ୍ତର୍ଗତ ଧାନ କରିକା ନିକଟରେ ଥିବା ଜଙ୍ଗଲରେ ମାଓବାଦୀଙ୍କ ଏକ ମେଳି ଚାଲିଥିବା ଏବଂ ସେମାନେ ଏକ ବଡ ଧରଣର ହିଂସାକାଣ୍ଡ ଘଟାଇବାକୁ ଯୋଜନା କରୁଥିବା ଖବର ମିଳିଥିଲା। ଏନେଇ କୋମ୍ବିଂ ଅପରେଶନ କରାଯାଇଥିଲା। ପୋଲିସ ଆସିବା ଜାଣି ମାଓବାଦୀମାନେ ଡୁବାଲିକରକା ଜଙ୍ଗଲ ଆଡେ ଚାଲିଯାଉଥିବା ବେଳେ ସେମାନଙ୍କର ପୋଲିସ ସହ ମୁହାଁମୁହିଁ ହୋଇଥିଲା। ଫଳରେ ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ୩ ଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା। ଏଥିରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ମଲାଙ୍ଗିର ଆଞ୍ଚଳିକ ମାଓବାଦୀ କମିଟି ସଦସ୍ୟ ତଥା ମାଓବାଦୀଙ୍କ ଆର୍ମି ପ୍ଲାଟୁନରେ ବୋମା ବିସ୍ଫୋରଣରେ ଅଭିଜ୍ଞ ଦୁଇଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ ଆଡମା ଏବଂ କବାସୀ ରାମା। ଘଟଣାସ୍ଥଳରୁ ପୋଲିସ ଉଭୟଙ୍କ ମୃତଦେହ ଜବତ କରିଛି। ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଏବଂ ମାଓବାଦୀଙ୍କ ପୁସ୍ତକ ମଧ୍ୟ ଜବତ ହୋଇଛି। ତେବେ ଏହି ଘଟଣାରେ ପୋଲିସ ଗୁଳିରେ ଜଣେ ମାଓବାଦୀ ଗୁରୁତର ଆହତ ହୋଇଛନ୍ତି। ପୋଲିସ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରିଛି। ଘଟଣା ପରେ ଏଠାରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ ମାଓବାଦୀଙ୍କ ଲାଣ୍ଡମାଇନ ବିସ୍ଫୋରଣରେ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। ମାନପୁର ଥାନା ଅନ୍ତର୍ଗତ ମେଢାଡବା ଗ୍ରାମ ନିକଟରେ ଗୁରୁବାର ସକାଳୁ ସିଆରପିଏଫ ପକ୍ଷରୁ କୋମ୍ବିଂ ଅପରେଶନ ଚାଲିଥିବା ସମୟରେ ମାଓବାଦୀମାନେ ପୋଲିସକୁ ଟାର୍ଗେଟ କରି ବିସ୍ଫୋରଣ ଘଟାଇଥିଲେ। ଫଳରେ ଜଣେ ଯବାନ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ପରେ ଆଇଟିବିପି ପକ୍ଷରୁ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ପ୍ରତ୍ୟୁଷରେ ଷଷ୍ଠଚନ୍ଦ୍ର କିଛି ସମୟ ରହୁଥିବାରୁ ଆପଣଙ୍କ ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ ପ୍ରଶସ୍ତ ରହିବ। କିନ୍ତୁ ସକାଳ ଘ୭।୦୦ମି. ପରଠାରୁ ରବିଙ୍କ ପୂର୍ଣ୍ଣ କିରଣ ପ୍ରାପ୍ତ ଚନ୍ଦ୍ର ଆପଣଙ୍କୁ ବନ୍ଧୁମିଳନ, ଆନୁଷ୍ଠାନିକ କର୍ମ ଓ ସଭାସମିତି ସକାଶେ ଅନୁକୂଳତା ପ୍ରଦାନ କରିବ। ଉଚ୍ଚ ସ୍ତରରେ ସମ୍ପର୍କ ସ୍ଥାପିତ ହେବ।

**ବୃଷ**
ରାଶିରେ ମଙ୍ଗଳ ମାନସିକ ଉତ୍ତେଜନା ଅବ୍ୟାହତ ରଖିଲେ ମଧ୍ୟ ଚନ୍ଦ୍ରଙ୍କ ପରୋକ୍ଷ ସମ୍ବନ୍ଧ କେତେକାଂଶରେ ବନ୍ଧୁମାନଙ୍କ ପରାମର୍ଶକୁ ସ୍ୱାଗତ କରିପାରେ। ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ ମିତ୍ରତାର ସମ୍ପର୍କ ଯୋଡି ହୋଇଯିବ। କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ ଉପସ୍ଥିତବୁଦ୍ଧି ଖଟାଇ କାମ ହାସଲ କରିବାରେ ସମର୍ଥ ହେବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି କରିବେ।

**ମିଥୁନ**
ଆଜି ଆପଣ ବନ୍ଧୁମାନଙ୍କ ନିମନ୍ତ୍ରଣ ରକ୍ଷାକରି ଆନୁଷ୍ଠାନିକ କାମରେ ଯୋଗ ଦେଇପାରନ୍ତି। ବୁଧଙ୍କ ଦୁର୍ବଳତା ପରିପ୍ରେକ୍ଷୀରେ ଗତକାଲିର ପରିଶ୍ରମଜନିତ ଆଜି ସକାଳୁ ଦେହଟା ଟିକିଏ ଭଲ ଲାଗି ନ ପାରେ। ବ୍ୟବସାୟ କ୍ଷେତ୍ରରେ କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବ ହୋଇପାରେ।

**କର୍କଟ**
କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବ୍ୟସ୍ତତା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇପାରେ। ନିକଟ ସମ୍ପର୍କୀୟମାନଙ୍କ ସହଯୋଗୀ ମନୋଭାବ କାମକୁ ଆଗକୁ ବଢାଇ ନେବାରେ ସାହାଯ୍ୟ କରିବ। ଅଟକି ରହିଥିବା ନିର୍ମାଣାଧୀନ କାମ ହଠାତ୍ ଆରମ୍ଭ କରିବେ। ବାଣିଜ୍ୟ ଓ ପରିବହନରେ କ୍ଷତିରେ ପଡିବାର ଆଶଙ୍କା ରହିଛି।

**ସିଂହ**
ଆଜି ଯେତେ ପ୍ରକାରର ପ୍ରତିବନ୍ଧକ ଆସୁନା କାହିଁକି ଆପଣ ତାହାର ସାମନା କରି ଯଥା ବିହିତପ୍ରତିକାର ମୂଳକ ପଦକ୍ଷେପ ନେବେ। ପାରିବାରିକ ସମସ୍ୟା ବିଜଡିତ ମନ ହେତୁ ଅଫିସରେ କାହାକୁ କିଛି ନ କହି ମନ କଥା ମନରେ ମାରି ରହିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଗୃହ ଜମି, ପରିବହନ ପ୍ରଭୃତିରେ ସମସ୍ୟା ରହିବ ନାହିଁ। ଶିକ୍ଷା, ଲେଖାପଢା କ୍ଷେତ୍ରରେ କିଛି ଗଡବଡ୍ ରହିପାରେ।

**କନ୍ୟା**
ଆଜି ସକାଳର ବ୍ୟସ୍ତତା ଅଳ୍ପ କେତେ ସମୟ ପରେ ଦୂର ହୋଇଯିବ। ଅବଶ୍ୟ ଏ ଦିଗରେ ଆତ୍ମୀୟ ସ୍ୱଜନ ଓ ହିତୈଷୀମାନଙ୍କ ମନ୍ତ୍ରଣା କାମ କରିବ। ଆର୍ଥିକ ସ୍ଥିତି ଓ ବୈଷୟିକ ସମୃଦ୍ଧିର ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିରତା ରହି ନ ପାରେ। କିନ୍ତୁ ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
ଉଚ୍ଚ ସ୍ଥାନରେ ରବି ଓ ରାଶ୍ୟାଧିପ ଶୁକ୍ର ସାଙ୍ଗକୁ ରାହୁ ଆପଣଙ୍କ ଆଶା ଓ ଭରସାକୁ ଋଦ୍ଧିମନ୍ତ କରିବେ। ଏଣେ ଚନ୍ଦ୍ର ଓ ମଙ୍ଗଳଙ୍କ ପ୍ରଭାବ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ସହାଯ୍ୟ, ସହଯୋଗର ଅବାରିତ ଧାରା ମନକୁ ଉତ୍ସାହିତ କରିବାରେ ସାହାଯ୍ୟ କରିବ। ଆଜି ବାଧିଲା ଭଳି କଥା କହିବା ଦ୍ୱାରା ଘରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି।

**ବିଛା**
ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ଅସ୍ଥିରତା ଯୋଗୁ ଆପଣଙ୍କ କୌଣସି କାମ ଶୃଙ୍ଖଳିତ ରହି ନ ପାରେ। ଲାଭସ୍ଥାନକୁ ତିନୋଟି ଗ୍ରହଙ୍କ ଦୃଷ୍ଟି ପ୍ରଭାବରେ ଆପଣଙ୍କ ଚେଷ୍ଟାରେ ନିରାଶ ହେବେ ନାହିଁ। ଭଲ ସମ୍ପର୍କ ନ ଥିବା ବନ୍ଧୁ ପଛରେ ନାନା କଥା କହିପାରନ୍ତି। ରାଜନୈତିକ, ପ୍ରଶାସନିକ କ୍ଷେତ୍ରରେ ଉନ୍ନତ ସୁଫଳ ମିଳିବ।

**ଧନୁ**
ବ୍ୟବସାୟରେ ମନୋବଳ ଖୁବ୍ ଟାଣ ରହିବ ଏବଂ ଲାଭବାନ୍ ମଧ୍ୟ ହେବେ। କର୍ମକ୍ଷେତ୍ରରେ କୌଣସି ଶୁଭ ଖବର ମନକୁ ଆମୋଦିତ କରିବ। ପ୍ରତ୍ୟୁଷ ସମୟରେ ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନୂତନ କର୍ମାରମ୍ଭ,ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ ସକାଶେ ଦିନଟି ମନ୍ଦ ନୁହେଁ।

**ମକର**
ନିକଟସ୍ଥ ସମ୍ପର୍କୀୟମାନଙ୍କ ସହାୟତାରେ ଆପଣଙ୍କ ଚେଷ୍ଟା ଫଳବତୀ ହେବ। ତୃତୀୟସ୍ଥ ଗ୍ରହ ପ୍ରଭାବରେ ନିଜ କାମ ଛାଡି ପରକାର୍ଯ୍ୟରେ ତତ୍ପରତା ପ୍ରକାଶ କରିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ବ୍ୟବସାୟରେ ପର କଥାରେ ଭାସି ନ ଯାଇ ବିଚାରପୂର୍ବକ କାମ ନ କଲେ ହଇରାଣ ହେବାକୁ ପଡିପାରେ।

**କୁମ୍ଭ**
ଦିନଟି ବହୁତ ଭଲ। ଯେମିତି ଚିନ୍ତା କରୁଛନ୍ତି ସେହିପରି କାର୍ଯ୍ୟ ସାଧନ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଶୁକ୍ରଙ୍କ ପ୍ରଭାବରେ ପାରିବାରିକ ସ୍ଥିତି ବିଶେଷ ପ୍ରୀତିଦାୟକ ରହିବ। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆର୍ଥିକ ସମସ୍ୟାର ସରଳ ସମାଧାନ କରିବାରେ ଅସମର୍ଥ ହେବେ।

**ମୀନ**
କର୍ମସ୍ଥାନ ପ୍ରତି ରାହୁଙ୍କ ଦୃଷ୍ଟି ହେତୁ ସମସ୍ୟା ମଧ୍ୟରେ ଆପଣ କାର୍ଯ୍ୟ ସମ୍ପନ୍ନ କରିବେ। କିନ୍ତୁ ରାଶିରେ ଶୁକ୍ର ଓ ବୁଧ ଆପଣଙ୍କ ଦୈହିକ ଓ ମାନସିକ ଭାବାବେଗକୁ ଉତ୍‌ଫୁଲ୍ଲିତ ରଖିପାରନ୍ତି। ରବିଙ୍କ ମୁଖଭାବରେ ସ୍ଥିତି ପ୍ରଭାବରେ ଆପଣଙ୍କ ସଂଯମିତ କଥାବାର୍ତ୍ତା ସମସ୍ୟା ସମାଧାନ କରି ସମ୍ମାନ ପ୍ରଦାନରେ ସାହାଯ୍ୟ କରିବ।

ଆଜି ଚୈତ୍ର ପୂର୍ଣ୍ଣିମା ଶୁକ୍ରବାର, ଶ୍ରୀମନ୍ଦିରରେ ଲଙ୍କାପୋଡି ପ୍ରସ୍ତାବ, ବୈଶାଖ ବ୍ରତାରମ୍ଭ,ଗୁଡ୍ ଫ୍ରାଇଡେ ବା ଇଷ୍ଟର ଶୁକ୍ରବାର, ଏପ୍ରିଲ ୧୯ତାରିଖ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ୮।୫୮ମି. ଗତେ ତୁଳାଚନ୍ଦ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୦୦ମି. ମଧ୍ୟେ ଘ୮।୩୪ମି. ଗତେ, ଘ୧୦।୦୯ମି. ମଧ୍ୟେ ଘ୪।୨୮ମି. ଗତେ, ଘ୬।୦୫ମି. ମଧ୍ୟେ ଅମୃତବେଳା। ଦିବା ଘ୭।୦୦ମି. ଗତେ ଘ୮।୩୪ମି. ମଧ୍ୟେ, ଘ୧୧।୪୪ମି. ଗତେ ଘ୧।୧୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୧୨ମି. ଗତେ ଘ୧୧।୪୬ମି. ମଧ୍ୟେ ରାହୁକାଳ।

classifieds 0674-2580101 Every Day




SALE

6 months old- TATA SFC 407 Truck, No-OD02AY9463 for immediate sale. Interested person contact on 9439857250, 7008818470. D-66096




SALE

Gharabari boundary wall plot for sale near Rangabazar, Bhubaneswar. Contact owner: 9040432066, 9437068666. D-12209

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66345

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

**1800 sqft. plot near main road Patia Big Bazar @ 5000/- sqft. only buyer to contact owner: 7682019937.** D-12207

Yellowzone Gharabari plots BDA area Badagada canal road sqft. 2300/-. 7735738102. D-12167

2BHK simplex 1200 sqft. land 12,80,000/- 5km. from BJEM-II monthly Installment 10,000/-. 7735738102. D-12168

Yellowzone plot with boundary near Sai Temple, Tankapani Road, Uttara square. 8144344542. D- 66349

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66095

KIIT University ନିକଟରେ 30ft. revenue road କୁ ଲାଗି yellowzone ସ୍ଥିତିବାନ 4ଟି ପ୍ଲଟ ବିକ୍ରିହେବ। Sqft. 800/- 9776866520. D- 66350

ଭୁବନେଶ୍ୱର Tamando Kendriya Vihar କଲୋନୀଠାରେ yellowzone 30' road plot କିଣନ୍ତୁ। 9348767829. D-66347

Tamando ବଜାର ପଛପଟେ 30' ଥାଇ ଘରବାରି boundary plot ବିକ୍ରିହେବ। 9778556265. D-66346

Book 4BHK flat, near AIIMS square, NH5 1622 sqft. @ 65lac. 7978584549 (Broker not allowed). D-66097

2BHK Simplex 24,50,000/- finishing Hanspal, gharabari plot- Ranga bazar, Atala: 8596859688. D-66434

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Three BHK near Kalinga Hospital Bhubaneswar, rent corporate office/ family. 7008295019 D- 12210

AFFIDAVIT

By virtue an affidavit before Executive Magistrate, Dhenkanal, I declare that my name has been changed from Bindubashini Das to Bindubasini Das. Henceforth I shall be known as Bindubasini Das, W/o. Panchanan Das for all purposes. D-62094

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।











# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ

**ଭଦ୍ରକ ଅଫିସ, ୧୮।୪**

- ୮ ଘଣ୍ଟା ପରେ ଗୁରୁତର ଅବସ୍ଥାରେ ଉଦ୍ଧାର
- ଅଭିଯୁକ୍ତ ଗିରଫ୍, ପୀଡ଼ିତାଙ୍କ ବୟାନ ରେକର୍ଡ

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବାଣିଡିଆ ପଞ୍ଚାୟତ ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ପରେ ପଥରରେ ଛେଚି ହତ୍ୟା ଉଦ୍ୟମ କରାଯାଇଛି। ଗୁରୁତର ଅବସ୍ଥାରେ ସେହି ନାବାଳିକାଙ୍କୁ ଉଦ୍ଧାର କରାଯାଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏକ ୫ ଜଣିଆ ଡାକ୍ତରୀ ଟିମ୍ ତାଙ୍କୁ ଚିକିତ୍ସା କରିବା ପରେ ତାଙ୍କ ଚେତା ଫେରିଛି । ତଥାପି ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଏହି ଘଟଣାରେ ପୋଲିସ ଗଗନ ବେହେରା(୫୫) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସାରା ଜିଲାରେ ଉକ୍ତ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଗ୍ରାମାଞ୍ଚଳ ଥାନା ପୋଲିସ ମାମଲା (ନଂ.୧୮୧/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ଷଷ୍ଠ ଶ୍ରେଣୀରେ ପଢୁଥିବା ଏହି ନାବାଳିକା ବୁଧବାର ସ୍କୁଲକୁ ଯାଇଥିଲେ। ପୂର୍ବାହ୍ନ ୧୧ ଟାରେ ସ୍କୁଲ ଛୁଟି ହେବା ପରେ ସେ ଘରକୁ ଫେରୁଥିଲେ। ଅଭିଯୁକ୍ତଙ୍କ ନାବାଳିକାଙ୍କ ମୁହଁକୁ ବାନ୍ଧି ନିକଟସ୍ଥ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ତାଙ୍କ ହାତ ଓ ମୁହଁକୁ ଏକ କପଡାରେ ବାନ୍ଧି ଦେଇଥିଲେ। ପରେ ତାଙ୍କୁ ଏକ ଗଛରେ ବାନ୍ଧି କେଉଁଆଡ଼େ ଚାଲିଯାଇଥିଲେ। ସନ୍ଧ୍ୟାରେ ଅଭିଯୁକ୍ତ ଆସି ନାବାଳିକାଙ୍କୁ ସେଠାରେ ବଳାତ୍କାର କରିଥିଲେ । ହେଲେ ଧରାପଡ଼ିଯିବା ଭୟରେ ସେ ନାବାଳିକାଙ୍କୁ ହତ୍ୟା କରିବା ପାଇଁ ଏକ ପଥରରେ ତାଙ୍କ ମୁହଁକୁ ଛେଚି ଦେଇଥିଲେ। ଏହି ଆକ୍ରମଣରେ ନାବାଳିକା ଅଚେତ ହୋଇପଡିଥିଲେ। ସେ ମରିଯାଇଥିବା ଭାବି ଅଭିଯୁକ୍ତ ଗାଁ ନିକଟସ୍ଥ ଏକ କେନାଲ ହିଡ଼ ପାଖରେ ତାଙ୍କୁ ପକାଇ ପଳାଇଯାଇଥିଲେ। ପୀଡ଼ିତାଙ୍କ ପରିବାର ଲୋକେ ଖୋଜାଖୋଜି କରି ନିଖୋଜର ୧୮ ଘଣ୍ଟା ପରେ ଅର୍ଥାତ୍ ଗୁରୁବାର ଭୋର ସମୟରେ ତାଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚେତା ଫେରିବା ପରେ ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡା ମହିଳା ଡାକ୍ତରଙ୍କ ଉପସ୍ଥିତିରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିବା ପୋଲିସ କହିଛି। ଅଧିକ ଚିକିତ୍ସା ଲାଗି ପୀଡ଼ିତାଙ୍କୁ ଗୁରୁବାର ମଧ୍ୟାହ୍ନରେ କଟକ ସ୍ଥାନାନ୍ତର କରାଯାଇଛି।






# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଗିରଫ

**ଭାପୁର,୧୮।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଜଣାପଡିବା ପରେ ଉତ୍ତ୍ୟକ୍ତ ଲୋକେ ବୁଧବାର ସଂପୃକ୍ତ ଯୁବକଙ୍କୁ ନିସ୍ତୁକ ମାଡ଼ମାରି ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ହେଉଛନ୍ତି ଫତେଗଡ଼ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ଜିତୁ ମହାରଣା(୩୫)। ତାଙ୍କୁ ପୋଲିସ ଗିରଫ କରିଛି ।

ସୂଚନା ଅନୁଯାୟୀ, ନାବାଳିକା ଜଣକ ବାପାଙ୍କ ମୋପେଡ୍‌ରେ ବାହାଡ଼ାଛକକୁ ଆସୁଥିଲେ। ବନମାଳୀପୁର-ବାହାଡ଼ା ରାସ୍ତାରେ ତାଙ୍କ ଗାଡ଼ି ଖରାପ ହୋଇଯାଇଥିଲା । ଏହି ସମୟରେ ସେହି ବାଟ ଦେଇ ଜିତୁ ବାଇକ୍‌ରେ ଯାଉଥିଲେ । ସେ ନାବାଳିକାଙ୍କ ବାପାଙ୍କୁ ଦେଖି ତାଙ୍କ ବାଇକ୍‌ରେ ଝିଅକୁ ନେଇ ବାହାଡ଼ା ଛକରେ ଛାଡି ଦେବି ବୋଲି କହିଥିଲେ । ଏଥିରେ ନାବାଳିକାଙ୍କ ବାପା ରାଜି ହୋଇଥିଲେ । ଜିତୁଙ୍କ ବାଇକ୍‌ରେ ନାବାଳିକା ଜଣକ ଆସିଥିଲେ । ହେଲେ ଜିତୁ ତାଙ୍କୁ ବାହାଡ଼ା ନିକଟବର୍ତ୍ତୀ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ଲୋକେ ଜିତୁଙ୍କୁ ନିସ୍ତୁକ ପିଟିବା ସହ ପୋଲିସ ହସ୍ତାନ୍ତର କରିଛନ୍ତି। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି । ଜିତୁ ଏବଂ ପୀଡ଼ିତାଙ୍କ ଡାକ୍ତରୀ ମାଇନା ନୟାଗଡ଼ ମେଡ଼ିକାଲରେ କରାଯାଇଛି।

ଭୋଟ ଦେଇପାରିଲେନି

# ଭୋଟ ଦେବାକୁ ଧାଡ଼ିରେ ଠିଆ ହୋଇଥିବା ବୃଦ୍ଧ ଟଳି ପଡ଼ିଲେ

**ଦିଗପହଣ୍ଡି,୧୮।୪(ଡି.ଏନ.ଏ.):** ଗଞ୍ଜାମ ଜିଲା ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ (ନଂ.୧୩୦)ରେ ଗୁରୁବାର ଭୋଟଦାନ ବେଳେ ଏକ ଅଭାବନୀୟ ଘଟଣା ଘଟିଛି। ଭୋଟ ଦେବାକୁ ଧାଡିରେ ଠିଆ ହୋଇଥିବା ଜଣେ ବୃଦ୍ଧଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ହେଲେ ନଟବର ବେହେରା(୯୫)। ନଟବର କଂସାମାରି ଗ୍ରାମ ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ.୧୮୪କୁ ଭୋଟ ଦେବାକୁ ସକାଳ ପ୍ରାୟ ସାଢେ ୭ଟାରେ ଆସିଥିଲେ। ମକ୍‌ପୋଲିଂ ପରେ ମତଦାନ ଆରମ୍ଭ ହୋଇଥିଲା। ଲମ୍ବା ଧାଡିରେ ବହୁ ଲୋକ ଠିଆ ହୋଇଥିଲେ। ଟେଣ୍ଟ ବ୍ୟବସ୍ଥା ନ ଥିବାରୁ ନଟବର ଖରାରେ ଠିଆ ହୋଇଥିଲେ। ପ୍ରାୟ ୯ଟାବେଳେ ସେ ହଠାତ୍ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି।







ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ। ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। -ଶ୍ରୀମା

# ଅଳସୁଆ ବଢୁଛନ୍ତି

ପ୍ରତ୍ୟେକ ରାଜନୈତିକ ଦଳ ଯେକୌଣସି ଉପାୟରେ ନିର୍ବାଚନ ଜିତିବାକୁ ଚାହୁଁଛନ୍ତି। ନିର୍ବାଚନ ବର୍ଷରେ ଏସବୁ ଦେଖିବାକୁ ମିଳିଥାଏ। ପ୍ରମୁଖ ରାଜନୈତିକ ଦଳ, ବିଶେଷତଃ କ୍ଷମତାସୀନ ଦଳ ବିଭିନ୍ନ ଲୋକପ୍ରିୟ ଯୋଜନା ଘୋଷଣା କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରନ୍ତି। ଲୋକଙ୍କ ଭୋଟ ହାତେଇବା ଓ ପୁନଃ ନିର୍ବାଚିତ ହେବା ପାଇଁ ଶାସକ ଦଳ ନିଜ ଟଙ୍କାମୁଣିର ଡୋର ଢିଲା କରିଦିଅନ୍ତି। କିନ୍ତୁ ଏଥିପାଇଁ ସରକାରଙ୍କ ପାଖରେ ଯଥେଷ୍ଟ ସମ୍ବଳ ଅଛି କି ନାହିଁ, ସେଥି ପ୍ରତି ସେମାନଙ୍କର ନଜର ନ ଥାଏ। ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦିଆଯାଏ ଏବଂ ରାଜକୋଷରୁ ଅର୍ଥ ବଣ୍ଟାଯାଏ। ତେବେ ଏହା ନ କଲେ ରାଜନେତାମାନେ ନିଜର କ୍ଷତି ହିଁ କରିବେ। ଓଡ଼ିଶାରେ ବିଜୁ ଜନତା ଦଳ ସରକାର ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏପରି ଅନେକ ଲୋକପ୍ରିୟ ଯୋଜନା ଘୋଷଣା କରିଛନ୍ତି। କିନ୍ତୁ ଏଥିପାଇଁ ଟଙ୍କା କେଉଁଠୁ ଆସିବ ତାହା କାହାକୁ ଜଣାନାହିଁ। ଲୋକପ୍ରିୟ ଯୋଜନା ଘୋଷଣା କରିବାର ଦୁଇଟି ଅପକାରିତା ଅଛି। ପ୍ରଥମଟି ହେଉଛି, ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଯଥେଷ୍ଟ ଆଭ୍ୟନ୍ତରୀଣ ସମ୍ବଳ ଅଭାବରୁ ରାଜ୍ୟ ସରକାର ବିଭିନ୍ନ ସୂତ୍ରରୁ ଋଣ କରିପାରନ୍ତି। ଏହାଦ୍ୱାରା ସରକାର ସଦ୍ୟ ପୁଞ୍ଜି ଗଠନ କ୍ଷେତ୍ରରେ ନିବେଶ କରିପାରିବେ ନାହିଁ। ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) କମିବ। ମାଗଣା ବାଣ୍ଟିବାର ଆଉ ଏକ ଦୀର୍ଘସ୍ଥାୟୀ କୁପ୍ରଭାବ ହେଉଛି ରାଜ୍ୟରେ ବହୁସଂଖ୍ୟକ ପରାଙ୍ଗପୁଷ୍ଟ ମଣିଷ ସୃଷ୍ଟି ହେବେ। ସବୁ କଥାରେ ସେମାନେ ସରକାରଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ିବେ। ଏହି ବ୍ୟବସ୍ଥା ଦ୍ୱାରା ମାଗଣା ଖାଇବାକୁ ମିଳୁଥିବାରୁ ଲୋକମାନେ କାମ ନ କରି ଅଳସୁଆ ହୋଇଯିବେ।

ରାଜ୍ୟର ଶ୍ରମଜୀବୀ ଲୋକମାନଙ୍କୁ ସରକାର କିଲୋ ପିଛା ଏକଟଙ୍କାରେ ଚାଉଳ ଯୋଗାଇଦେଉଛନ୍ତି। ପାଞ୍ଚଟଙ୍କାରେ ଭାତଡାଲମା ବି ଖାଇବାକୁ ମିଳୁଛି। ଶ୍ରମଜୀବୀମାନେ ପେଟ ପୋଷିବା ପାଇଁ ହିଁ ଶାରୀରିକ ଶ୍ରମସାଧ୍ୟ କାମ କରିବାକୁ ବାଧ୍ୟ ହୋଇଥାନ୍ତି। କିନ୍ତୁ ମାଗଣାରେ ଖାଇବାକୁ ମିଳିଲେ ସେମାନେ କାହିଁକି ବା କାମ କରିବାକୁ ଯିବେ ? ରିଜର୍ଭ ବ୍ୟାଙ୍କର ଏକ ବାର୍ଷିକ ରିପୋର୍ଟ ଅନୁସାରେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) ଯୋଗୁ କୃଷିକ୍ଷେତ୍ରରେ କାମ କରିବା ପାଇଁ ଲୋକ ମିଳୁନାହାନ୍ତି। ଛଅଟି ରାଜ୍ୟରେ କରାଯାଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଲୋକମାନେ ପାରମ୍ପରିକ କୃଷିକ୍ଷେତ୍ରରେ କାମକରିବା ବଦଳରେ ଏମ୍‌ଜିଏନ୍‌ଆର୍‌ଇଜିଏ ଅଧୀନରେ କାମ କରିବାକୁ ଆଗ୍ରହ ପ୍ରକାଶ କରୁଥିବାରୁ କୃଷିଶ୍ରମିକଙ୍କ ଅଭାବ ଘଟୁଛି। ଗୁଜରାଟ, କେରଳ, ଓଡ଼ିଶା, ପଞ୍ଜାବ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ୧,୭୯୮ ଜଣ ଜବ୍‌କାର୍ଡଧାରୀ ଶ୍ରମିକଙ୍କ ଉପରେ କରାଯାଇଥିବା ପ୍ରାଥମିକ ସର୍ବେକ୍ଷଣରୁ ଏହା ଜଣାପଡ଼ିଛି। ପାରମ୍ପରିକ କାର୍ଯ୍ୟ ବଦଳରେ ଏମ୍‌ଜିଏନ୍‌ଆର୍‌ଇଜିଏ ଅଧୀନରେ କାମ କରିବାକୁ ଆଗ୍ରହ ପ୍ରକାଶ କରୁଥିବା ଶ୍ରମିକଙ୍କ ସଂଖ୍ୟା ଓଡ଼ିଶାରେ ସବୁଠାରୁ ଅଧିକ ଓ ଏହା ୭୫ ପ୍ରତିଶତ। ତା' ତଳକୁ ରହିଛି ଉତ୍ତରପ୍ରଦେଶ (୬୬%) ଓ ପଶ୍ଚିମବଙ୍ଗ (୪୨.୫%)।

## ଆଜିର ଅର୍ଥନୀତି

ତେବେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ କାମ ଅନ୍ୱେଷଣରେ ରାଜ୍ୟ ବାହାରକୁ ବା ଗ୍ରାମରୁ ସହରକୁ ଚାଲିଯାଉଥିବା ଶ୍ରମିକଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। କାମ ପାଇଁ ସହରକୁ ଲୋକ ଆସୁ ନ ଥିବାରୁ ସହରାଞ୍ଚଳରେ ଶ୍ରମିକଙ୍କର ଘୋର ଅଭାବ ଦେଖାଦେଇଛି। ଗ୍ରାମାଞ୍ଚଳରେ ବି ଗରିବ ଓ ଶ୍ରମିକ ଶ୍ରେଣୀର ଲୋକମାନେ ମାଗଣାରେ ବା ସ୍ୱଳ୍ପ ମୂଲ୍ୟରେ ଖାଇବାକୁ ପାଉଥିବାରୁ ସେମାନେ ଆଉ କୃଷିକ୍ଷେତ୍ରରେ କାମ କରିବାକୁ ମଙ୍ଗୁନାହାନ୍ତି। ଶ୍ରମିକ ଅଭାବରୁ ଠିକାଦାରମାନେ କୌଣସି ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ଭିତରେ ସାରିପାରୁ ନାହାନ୍ତି। ଅଧିକ ମଜୁରି ଯାଚିଲେ ମଧ୍ୟ ସହରାଞ୍ଚଳରେ ବିଭିନ୍ନ ନିର୍ମାଣ କାର୍ଯ୍ୟ କରିବାକୁ ଗ୍ରାମାଞ୍ଚଳରୁ ଲୋକ ଆସୁନାହାନ୍ତି। ଅପରିଣାମଦର୍ଶୀ ମାଗଣା ବଣ୍ଟନ ଯୋଗୁ ଓଡ଼ିଶାର ଶ୍ରମିକ ଶ୍ରେଣୀ ଭିତରେ କାମ କରି ରୋଜଗାର କରିବାର ମାନସିକତା ମରିଗଲାଣି। କେବଳ ଭୋଟ ପାଇବା ପାଇଁ ସରକାର ମାଗଣା ବାଣ୍ଟିବା ବ୍ୟବସ୍ଥା ବନ୍ଦ କରି ଲୋକମାନଙ୍କୁ କାମ କରି ରୋଜଗାର କରିବାକୁ ଉତ୍ସାହିତ କରିବା ଦରକାର। ତାହାଦ୍ୱାରା ରାଜ୍ୟର ତଥା ଦେଶର ଆର୍ଥିକ ଅଭିବୃଦ୍ଧି ଘଟିପାରିବ। ଓଡ଼ିଶାରେ ସାମ୍ପ୍ରତିକ ବ୍ୟବସ୍ଥା ଲକ୍ଷ ଲକ୍ଷ ଅଳସୁଆ ଲୋକଙ୍କୁ ସୃଷ୍ଟି କରିଛି। ଏହି ପରିସ୍ଥିତି ଯୋଗୁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଅନ୍ୟ ପଡ଼ୋଶୀ ରାଜ୍ୟରୁ ଓଡ଼ିଶାକୁ ଶ୍ରମିକମାନେ ଆସି କାମ କରୁଛନ୍ତି। ସରଳ ଭାଷାରେ କହିଲେ ରାଜ୍ୟର ଅର୍ଥନୀତି ପାଇଁ ଏହା ଏକ ଦୋହରା ଝଟକା ବା ଦୁଇଗୁଣ କ୍ଷତିକାରକ। ଏହାଦ୍ୱାରା ଆମ ରାଜ୍ୟରୁ ପୁଞ୍ଜି ଅନ୍ୟ ରାଜ୍ୟକୁ ଚାଲିଯାଉଛି ଏବଂ ସାମ୍ପ୍ରତିକ ବ୍ୟବସ୍ଥା ଦ୍ୱାରା ରାଜ୍ୟରେ ଏକ ଅଳସୁଆ ଜନଗୋଷ୍ଠୀ ସୃଷ୍ଟି ହୋଇଛନ୍ତି, ଯେଉଁମାନେ ନିଜର ଜୀବିକାର୍ଜନ ପାଇଁ କିଛି କରୁନାହାନ୍ତି। ଆମ ରାଜ୍ୟର ଅର୍ଥ ବାହାର ରାଜ୍ୟକୁ ଚାଲିଯାଉଥିବାରୁ ରାଜ୍ୟର ମୋଟ ଘରୋଇ ଉତ୍ପାଦରେ ହ୍ରାସ ଘଟୁଥିବା ବେଳେ ରାଜ୍ୟ ସରକାର ପୁଳାଏ ପରାଙ୍ଗପୁଷ୍ଟଙ୍କୁ ପୋଷିଚାଲିଛନ୍ତି। ନିଶ୍ଚିତ ଭାବେ ଏହା ରାଜ୍ୟର ଅର୍ଥନୀତିକୁ ବିଗାଡ଼ିବାରେ ଲାଗିଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 9 | 5 | D | | | | | C | | 4 |
| 5 | | | | 0 | | | | | E | 3 | 2 | | | 9 |
| | | | | 5 | | A | | | C | 1 | | 6 | D | |
| | | | 7 | | | | | | | | 8 | | 2 | E |
| | 3 | | D | 6 | | | B | 7 | | | | 5 | 0 | 8 |
| C | | 7 | 4 | | | | E | 5 | | 0 | | | | A |
| | D | 6 | E | | | 2 | 8 | | | | | | B | |
| | | | | C | | | 7 | 4 | | | | | 9 | |
| E | 4 | | | | 6 | | | | D | | | 8 | | |
| B | | | | A | | | | | | 2 | | | | |
| | | B | A | | | 1 | | 3 | | | | 9 | | 5 |
| | 1 | 2 | 6 | | | | | A | 9 | 7 | | | | |
| D | | | | | | 6 | | | A | E | C | | | |
| | | C | | E | | D | | | | B | | | | 3 |
| 3 | E | | | 9 | 5 | | | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | D | 2 | 9 | 4 | 8 | E | C | A | 5 | 0 | 7 | 1 | 3 | 6 |
| E | 9 | 3 | 6 | 7 | 1 | 4 | B | 0 | A | 2 | C | D | 5 | 8 |
| 6 | 1 | C | A | 5 | 3 | 9 | 7 | 2 | B | D | 8 | 4 | 0 | E |
| A | 8 | 0 | D | 2 | C | 6 | 1 | 5 | E | 4 | 3 | 7 | 9 | B |
| 5 | 4 | 7 | 0 | B | E | D | 3 | 8 | 6 | 9 | 1 | C | A | 2 |
| D | 7 | E | 8 | C | 5 | 3 | 0 | 4 | 2 | 1 | 9 | B | 6 | A |
| 9 | 0 | 6 | B | E | D | 5 | 8 | C | 3 | A | 4 | 2 | 1 | 7 |
| 2 | A | 8 | 3 | 6 | 7 | B | 9 | 1 | D | C | 5 | 0 | E | 4 |
| 1 | 5 | B | 2 | A | 4 | 7 | E | D | 8 | 6 | 0 | 9 | C | 3 |
| 3 | C | 4 | 1 | 0 | 9 | 2 | A | 6 | 7 | E | B | 5 | 8 | D |
| 4 | E | 1 | 5 | 3 | 6 | C | D | 7 | 0 | B | A | 8 | 2 | 9 |
| 7 | B | 9 | C | D | 0 | A | 2 | 3 | 1 | 8 | 6 | E | 4 | 5 |
| 8 | 6 | A | 7 | 9 | 2 | 0 | 4 | B | C | 5 | E | 3 | D | 1 |
| 0 | 2 | 5 | E | 1 | B | 8 | 6 | 9 | 4 | 3 | D | A | 7 | C |
| C | 3 | D | 4 | 8 | A | 1 | 5 | E | 9 | 7 | 2 | 6 | B | 0 |

ଗତକାଲିର ଉତ୍ତର

# ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ



ନାରାୟଣ ପଣ୍ଡା

ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ଦେଶ ଭାରତରେ ସପ୍ତଦଶ ସାଧାରଣ ନିର୍ବାଚନ ଆରମ୍ଭ ହୋଇଛି। ଦେଶର ସମ୍ବିଧାନ ଅନୁସାରେ ପ୍ରତି ୫ବର୍ଷରେ ଉକ୍ତ ନିର୍ବାଚନ ହେବା କଥା। କିନ୍ତୁ ଗତ ୬୮ବର୍ଷର ନିର୍ବାଚନକୁ ହିସାବକୁ ନେଲେ ହାରାହାରି ପ୍ରାୟ ୪ବର୍ଷରେ ଏହା ହେଉଥିବା ଜଣାଯାଏ। ରାଜନୈତିକ ବାଧ୍ୟବାଧକତା ଏହି ବ୍ୟତିକ୍ରମର କାରଣ। ଦେଶରେ ୧୯୫୧-୫୨ରୁ ୧୯୬୭ ମଧ୍ୟରେ ପ୍ରଥମ ୪ଟି ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ୫ମ ନିର୍ବାଚନ ୪ବର୍ଷରେ ହୋଇଥିଲା। ୧୯୭୭ରେ ଷଷ୍ଠ ସାଧାରଣ ନିର୍ବାଚନକୁ ଜରୁରିକାଳୀନ ଅବସ୍ଥା ସମୟରେ ଇନ୍ଦିରା ଗାନ୍ଧୀ ଏକବର୍ଷ ଘୁଞ୍ଚାଇଦେଲେ। ଏହି ନିର୍ବାଚନରେ ସ୍ୱାଧୀନତା ପରଠାରୁ ୩୦ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଶାସନଡୋରି ଧରିଆସିଥିବା କଂଗ୍ରେସର ପତନ ଘଟିଲା। ଜରୁରୀ ପରିସ୍ଥିତିରେ ଅତିଷ୍ଠ ଦେଶର ସଚେତନ ଭୋଟରମାନେ ଗଣତାନ୍ତ୍ରିକ ଇତିହାସରେ ପ୍ରଥମଥର ପାଇଁ ଏକ ଅଣକଂଗ୍ରେସ ସରକାରକୁ ନିର୍ବାଚିତ କଲେ। କିନ୍ତୁ ବିଡମ୍ବନାର ବିଷୟ, ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ଗଠିତ ଏହି ସରକାର ଗୋଷ୍ଠୀକନ୍ଦଳ ଯୋଗୁ ୩୦ମାସରୁ ଅଧିକ ତିଷ୍ଠିପାରିଲା ନାହିଁ।

୧୯୮୦ରେ ଅନ୍ୟ ଏକ ନିର୍ବାଚନର ବୋଝ ଦେଶ ଉପରେ ପଡିଲା। ୮ମ ଲୋକ ସଭା ଶେଷବେଳକୁ ବିଶ୍ୱନାଥ ପ୍ରତାପ ସିଂଙ୍କ ବୋଫର୍ସ ପ୍ରସଙ୍ଗରେ ବିଦ୍ରୋହ ଯୋଗୁ ରାଜୀବ ଗାନ୍ଧୀ ସରକାରର ପତନ ଘଟିଲା। ୧୯୮୯ରେ ତାଙ୍କ ଆବାହକତ୍ୱରେ ଗଠିତ ଜାତୀୟ ସାମ୍ମୁଖ୍ୟର ଉତ୍ଥାନ ଘଟି ସେ ପ୍ରଧାନମନ୍ତ୍ରୀ ହେଲେ। ଏଥର ମଧ୍ୟ ଏହି ଅଣକଂଗ୍ରେସ ସରକାର ଅନ୍ତର୍ଦ୍ୱନ୍ଦ୍ୱର ସମ୍ମୁଖୀନ ହେଲା। ଫଳତଃ ବର୍ଷଟିଏ ନ ପୁରୁଣୁ ବିଶ୍ୱନାଥ ପ୍ରତାପ ସିଂ ଇସ୍ତଫା ଦେଲେ। କଂଗ୍ରେସ ସହଯୋଗରେ ଦୃଶ୍ୟପଟକୁ ଆସିଲେ ତରୁଣତୁର୍କ ଚନ୍ଦ୍ରଶେଖର। କଂଗ୍ରେସର କ୍ରମବର୍ଦ୍ଧିଷ୍ଣୁ ଚାପ ଆଗରେ ଚନ୍ଦ୍ରଶେଖର ତିଷ୍ଠି ନ ପାରି ଇସ୍ତଫା ଦେବାକୁ ବାଧ୍ୟହେଲେ। ମାତ୍ର ୨ବର୍ଷରେ ପୁନଶ୍ଚ ଏକ ନିର୍ବାଚନର ସମ୍ମୁଖୀନ ହେଲା ଦେଶ। ୧୯୯୬ର ଏକାଦଶ ନିର୍ବାଚନରେ ଭାଜପା ମେଣ୍ଟ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଗଠନ କରିଥିବା ସରକାର ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ନ ପାରିବାରୁ ମାତ୍ର ୧୩ ଦିନରେ ପତନ ଘଟିଲା। କଂଗ୍ରେସ ସମର୍ଥନରେ କର୍ଣ୍ଣାଟକର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏଚ୍.ଡି. ଦେବେଗୌଡା ହେଲେ ପ୍ରଧାନମନ୍ତ୍ରୀ। ସେ କିନ୍ତୁ ତାଙ୍କ ପୂର୍ବସୂରୀଙ୍କ ପରି ସତ୍ତା ସମ୍ଭାଳିବାରେ ବ୍ୟର୍ଥହୋଇ ଗାଦି ଛାଡିଲେ। ତାଙ୍କ ପରେ ପ୍ରଧାନମନ୍ତ୍ରୀ ହୋଇଥିବା ଇନ୍ଦର କୁମାର ଗୁଜୁରାଲ ମଧ୍ୟ ବର୍ଷଟିଏ ରହି ନ ପାରି ଇସ୍ତଫା ଦେବାରୁ ମାତ୍ର ୨ବର୍ଷରେ ଲୋକ ସଭା ଭଙ୍ଗାଯାଇ ୧୯୯୮ରେ ଦ୍ୱାଦଶ ଲୋକ ସଭା ପାଇଁ ନିର୍ବାଚନ କରାଗଲା। ଏଥିରେ ୫୪୩ ଲୋକ ସଭା ସଦସ୍ୟଙ୍କ ମଧ୍ୟରୁ ୨୮୬ ଜଣଙ୍କ ସମର୍ଥନରେ ଗଠିତ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଏଆଇଡିଏମ୍‌କେ ସମର୍ଥନ ପ୍ରତ୍ୟାହାର କରିବା ପରିପ୍ରେକ୍ଷୀରେ ସଙ୍କଟାପନ୍ନ ହେଲା। ଆଗତ ଅନାସ୍ଥା ପ୍ରସ୍ତାବରେ ମାତ୍ର ଗୋଟିଏ ଭୋଟ ଊଣା ହେବାରୁ ବାଜପେୟୀ ଇସ୍ତଫା ଦେଲେ। ବର୍ଷକ ପରେ ୧୯୯୯ରେ ହେଲା ତ୍ରୟୋଦଶ ସାଧାରଣ ନିର୍ବାଚନ। ଏଥିରେ ଭାଜପାର ଅଟଳ ବିହାରୀ ବାଜପେୟୀ ମେଣ୍ଟର ଅନ୍ୟ ୨୦ଟି ଦଳର ସମର୍ଥନରେ ପୁନଶ୍ଚ ସରକାର ଗଠନ କଲେ। ପ୍ରଥମଥର ପାଇଁ ଏକ ଅଣକଂଗ୍ରେସ ଦଳରୂପେ ବାଜପେୟୀଙ୍କ ସରକାର ସମ୍ପୂର୍ଣ୍ଣ ୫ବର୍ଷ କ୍ଷମତାରେ ରହି ରେକର୍ଡ ସୃଷ୍ଟିକଲା।

୧୯୯୦ ଦଶକ ଭାରତୀୟ ରାଜନୀତିରେ ଏକ ସନ୍ଧିକ୍ଷଣ ଥିଲା। ଏକକ ଦଳର ଶାସନ ବଦଳରେ ମେଣ୍ଟ ସରକାରର ଅଭ୍ୟୁତ୍ଥାନ ଅସ୍ଥିରତା ମଧ୍ୟକୁ ଠେଲିଦେଲା ଦେଶକୁ। ଏକବିଂଶ ଶତାବ୍ଦୀର ପ୍ରଥମ ତିନୋଟି ନିର୍ବାଚନରେ ପୁନଶ୍ଚ ଦୃଶ୍ୟପଟର ପରିବର୍ତ୍ତନ ଘଟିଲା। ୨୦୦୪ ଓ ୨୦୦୯ରେ କଂଗ୍ରେସର ମନମୋହନ ସିଂଙ୍କ ନେତୃତ୍ୱରେ ଗଠିତ ହେଲା ଉପା ସରକାର। ୨୦୧୪ରେ ଭାଜପା ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ମଧ୍ୟ ୩୭ଟି ଦଳକୁ ନେଇ ଗଠିତ ଏନ୍‌ଡିଏ ସରକାର ବର୍ତ୍ତମାନ ୫ବର୍ଷ ଶାସନ ପୂରଣ କରିବାକୁ ଯାଉଛି। ଭାରତର ଲୋକ ସଭା ଇତିହାସରୁ ଜଣାଯାଏ, କଂଗ୍ରେସ ବ୍ୟତୀତ କେବଳ ଭାଜପା ନେତୃତ୍ୱାଧୀନ ସରକାର ହିଁ ପୂର୍ଣ୍ଣକାଳୀନ ଶାସନରେ ରହିପାରିଛି। ଅଣକଂଗ୍ରେସ ମେଣ୍ଟର କେବଳ ମୋରାରଜୀ ଦେଶାଇଙ୍କ ବ୍ୟତୀତ କୌଣସି ପ୍ରଧାନମନ୍ତ୍ରୀ ଏକବର୍ଷରୁ ଅଧିକ ସମୟ ପଦବୀରେ ରହି ନ ପାରିବା ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ତାଚ୍ଛଲ୍ୟ। ଆମ ଗଣତାନ୍ତ୍ରିକ ଇତିହାସରେ ଏହା ହିଁ ବିଡମ୍ବିତ ସତ୍ୟ, ଅଣକଂଗ୍ରେସ ମେଣ୍ଟ ପ୍ରତି ଥର ଭୋଟରମାନଙ୍କୁ ପ୍ରଭାବିତ କରି ଶାସନଦଣ୍ଡ ଧରିଥିଲେ ମଧ୍ୟ ପରଶ୍ରୀକାତରତା ଓ କ୍ଷମତାଲାଳସା ଯୋଗୁ ବାରମ୍ବାର ପତନକୁ ସାମ୍ନା କରିଛନ୍ତି।

୧୯୫୧ରେ ମାତ୍ର ୫୩ ରାଜନୈତିକ ଦଳ ନିର୍ବାଚନରେ ଅଂଶଗ୍ରହଣ କରିଥିବା ବେଳେ ୨୦୧୪ରେ ଏମାନଙ୍କ ସଂଖ୍ୟା ଥିଲା ୪୬୫। ବିଶ୍ୱରେ ଭାରତର ରାଜନୈତିକ ଦଳଗୁଡିକ କେବଳ ସୁବିଧା ପାଇଁ ମେଣ୍ଟଗଠନ କରିବା ଓ ଦଳର ସ୍ୱାର୍ଥସାଧନ ପାଇଁ ଯେ କୌଣସି ସମୟରେ ମେଣ୍ଟ ତ୍ୟାଗ କରିବାର ଲମ୍ବା ଇତିହାସ ରହିଛି। ୧୯୯୬-୯୮ରେ କଂଗ୍ରେସ ସହାୟତାରେ ମେଣ୍ଟସରକାର ଗଠନ କରିଥିବା ଦେବେଗୌଡା ଓ ଇନ୍ଦର କୁମାର ଗୁଜୁରାଲଙ୍କ ମନ୍ତ୍ରିମଣ୍ଡଳରେ ପ୍ରଥମଥର ପାଇଁ ଜଣେ କମ୍ୟୁନିଷ୍ଟ ଏମ୍‌ପି ଇନ୍ଦ୍ରଜିତ୍ ଗୁପ୍ତାଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀ ରୂପେ ବଛାଗଲା। ଏହା ଥିଲା ସେହି କମ୍ୟୁନିଷ୍ଟ, ଯାହା ସ୍ୱାଧୀନତା ପରଠାରୁ ଅନ୍ତତଃ ୩ଥର ବେଆଇନ ଘୋଷିତ ହୋଇଥିଲା, ସ୍ୱୟଂ ଇନ୍ଦ୍ରଜିତ୍‌ଙ୍କ ସମେତ ଅନେକ ନେତା କାରାରୁଦ୍ଧ ହୋଇଥିଲେ। ପଞ୍ଚଦଶ ଲୋକ ସଭାରେ କଂଗ୍ରେସର ଉପା ସରକାରରେ ସ୍ୱର୍ଗତ ସୋମନାଥ ଚାଟାର୍ଜୀ ଥିଲେ ବାଚସ୍ପତି। ପରେ ଦଳ ଉପାଠାରୁ ସମର୍ଥନ ପ୍ରତ୍ୟାହାର କରିଥିଲେ ମଧ୍ୟ ସ୍ୱର୍ଗତ ଚାଟାର୍ଜୀ ପଦବୀରୁ ଇସ୍ତାଫା ନ ଦେଇ ପାର୍ଟି ଦ୍ୱାରା ବହିଷ୍କୃତ ହୋଇଥିଲେ। ତ୍ରୟୋଦଶ ଲୋକ ସଭାର ବାଜପେୟୀଙ୍କ ସରକାରକୁ ଅନାସ୍ଥା ପ୍ରସ୍ତାବରେ ଗିରିଧର ଗମାଙ୍ଗଙ୍କ ଗୋଟିଏ ମାତ୍ର ଭୋଟ ଯୋଗୁ ଇସ୍ତଫା ଦେବାକୁ ହୋଇଥିଲା। ସମ୍ପ୍ରତି ଗମାଙ୍ଗ ଭାଜପାର ଅନ୍ୟତମ ନେତା। ଅତୀତରେ ଦଳପତି କିମ୍ବା ଦଳର ନିହିତ ସ୍ୱାର୍ଥ ଯୋଗୁ ଭାରତର ମେଣ୍ଟ ସରକାରଗୁଡିକର ପତନ ଘଟିଛି। ଭାରତର ରାଜନୈତିକ ଇତିହାସରେ ଅନେକ ପୃଷ୍ଠା କେବଳ କତିପୟ ନେତାଙ୍କର ଉଚ୍ଚାକାଂକ୍ଷା ଓ ଅବିମୃଶ୍ୟକାରିତାର କଳଙ୍କିତ କାହାଣୀରେ ଭରିହୋଇଛି। କ୍ଷମତା ପାଇଁ ପରସ୍ପର ବିରୋଧୀ ଚରିତ୍ର ହାତ ମିଳାଇବାକୁ କୁଣ୍ଠିତ ହୋଇନାହାନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ରାଜନୀତିରେ ବଂଶବାଦର ଅଭ୍ୟୁଦୟ ସ୍ଥିର ଶାସନ ପକ୍ଷେ ମହଙ୍ଗା ସାବ୍ୟସ୍ତ ହେଉଛି। ନେହେରୁ-ଗାନ୍ଧୀ ପରିବାରରୁ ଆସିଛନ୍ତି ତିନିଜଣ ପ୍ରଧାନମନ୍ତ୍ରୀ। ମହାରାଷ୍ଟ୍ରର ଶିବସେନା, ଉତ୍ତରପ୍ରଦେଶର ସମାଜବାଦୀ ପାର୍ଟି, ବିହାରର ଆରଜେଡି ଓ ପଞ୍ଜାବର ଶିରୋମଣି ଅକାଳିଦଳ ପ୍ରାଚୀନ ଭାରତର ରାଜବଂଶୀୟ ପରମ୍ପରାକୁ ଅନୁସରଣ କରୁଥିବା ମନେହୁଏ। ଲୋକ ସଭା ଦେଶର କୋଟିକୋଟି ନାଗରିକଙ୍କ ପ୍ରତିନିଧି ଓ ରାଜ୍ୟ ସଭା ଭାରତର ସଂଘୀୟ ରାଜ୍ୟଗୁଡ଼ିକର ପ୍ରତିନିଧିଙ୍କ ଦ୍ୱାରା ପରିପୁଷ୍ଟ। କିନ୍ତୁ ସମ୍ବିଧାନ ପ୍ରଣେତାଙ୍କ ଏହି ମହତ୍ ଲକ୍ଷ୍ୟ କେଉଁଠି ନା କେଉଁଠି ବାଧାପ୍ରାପ୍ତ ହେଉଛି। ଦେଶବାସୀଙ୍କ ଦାରିଦ୍ର୍ୟ, ସାମାଜିକ ଓ ଆର୍ଥିକ ଅସମାନତା, ସୀମା ସୁରକ୍ଷା ଓ ବିଦେଶରେ ଦେଶର ଭାବମୂର୍ତ୍ତି ସେମାନଙ୍କ କ୍ଷମତା ନିଶା ନିକଟରେ ମଳିନ ହୋଇଯାଉଛି। ପରସ୍ପରକୁ କାଦୁଅ ଫିଙ୍ଗି ସେମାନେ ଭୟଙ୍କର ଭାବେ ଦେଶବାସୀଙ୍କୁ ପ୍ରତାରଣାକରି ନିର୍ବାଚନ ବୋଝ ଲଦିଚାଲନ୍ତି ଦେଶ ଉପରେ।

ଏକ ତଥ୍ୟରୁ ଜଣାଯାଇଛି ୧୯୭୭ର ଷଷ୍ଠ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଭୋଟର ପିଛା ଏକଟଙ୍କାରୁ କମ୍ ନିର୍ବାଚନୀ ଖର୍ଚ୍ଚ ହୋଇଥିଲା। ୧୯୯୬ରେ ଏହି ବ୍ୟୟ ୧୦ଟଙ୍କା ଅତିକ୍ରମ କରି ୧୯୯୯, ୨୦୦୪ ଓ ୨୦୦୯ରେ ପାଖାପାଖି ୧୫ଟଙ୍କାରେ ପହଞ୍ଚିଲା। ଉକ୍ତ କ୍ରମବର୍ଦ୍ଧିଷ୍ଣୁ ବ୍ୟୟ ୨୦୧୪ରେ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଭୋଟର ପିଛା ୪୫ଟଙ୍କାରୁ ଅଧିକ ରହିଲା। ଏହା ବ୍ୟତୀତ ପ୍ରାର୍ଥୀମାନଙ୍କର ନିର୍ବାଚନୀ ଖର୍ଚ୍ଚ ମଧ୍ୟ ରହିଛି। ସ୍ୱାଧୀନତା ପରେ ୬୮ବର୍ଷର ନିର୍ବାଚନୀ ଗଣତନ୍ତ୍ରରେ କଂଗ୍ରେସ ପ୍ରାୟ ୫୫ବର୍ଷ ରହିଥିବା ବେଳେ ଭାଜପା ୧୧ବର୍ଷରୁ କିଛି ଅଧିକ କାଳ ଶାସନ ଡୋରି ଧରିଛି। କିନ୍ତୁ ଏହି ସମୁଦାୟ ସମୟ ମଧ୍ୟରେ ଦେଶର ଦାରିଦ୍ର୍ୟ ବଢି ବଢି ଚାଲିଛି। ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରତିଟି ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ହୁଙ୍କାର ଦେଇ ଆସିଥିବା ବେଳେ ଭାରତ ଆଜି ବି ବିଶ୍ୱରେ ସର୍ବାଧିକ ଅଭୁକ୍ତଙ୍କ ଦେଶରୂପେ ପରିଚିତ। ନିର୍ବାଚନ ପାଖେଇ ଆସିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁଡାଏ ଯୋଜନା ବର୍ଷା କରନ୍ତି ପ୍ରତିଯୋଗିତାମୂଳକ ଭାବେ। ଦାରିଦ୍ର୍ୟ ଯେଉଁଠି ଥିଲା ସେଇଠି। ବିତରିତ ହୁଏ ଅଧିକରୁ ଅଧିକ ଦାରିଦ୍ର୍ୟର ପ୍ରମାଣପତ୍ର। ବିରୋଧୀମାନେ ଅନେକ କ୍ଷେତ୍ରରେ କେବଳ ବିରୋଧ ପାଇଁ ହିଁ ବିରୋଧ କରନ୍ତି। ଶତ୍ରୁ ଦେଶର ଦୂରଦର୍ଶନ ପରଦାରେ ନିଜର ହସିଲା ମୁହଁ ଦେଖି ଶିହରିତ ହୁଅନ୍ତି ଆତ୍ମରତିର ରୋମାଞ୍ଚରେ। ସୀମାନ୍ତରେ କିନ୍ତୁ ପ୍ରତିଦିନ ଶହୀଦ ହୁଅନ୍ତି ଆମର ବୀର ସୈନିକମାନେ। ଦେଶସେବକମାନଙ୍କ ନିକଟରେ ଦେଶର ସ୍ୱାର୍ଥ ନିଜ ସ୍ୱାର୍ଥ ନିକଟରେ ଗୌଣ ହୁଏ।

ନୂଆବନ୍ଧ ସାହି, ନବରଙ୍ଗପୁର,
ମୋ-୯୪୩୭୧୧୮୯୬୨

# କ୍ଷମାର ମହତ୍ତ୍ୱ

ହରିଶ୍ଚନ୍ଦ୍ର ଅରିଶଲ୍ୟ

ଶୁଭ ଶୁକ୍ରବାର ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ସର୍ବଶ୍ରେଷ୍ଠ ବଳିଦାନ, କ୍ଷମା ଓ ତ୍ୟାଗର ଜୀବନକୁ ମନେପକାଇଦିଏ। ୨୦୦୦ରୁ ଅଧିକ ବର୍ଷ ତଳେ ମିଥ୍ୟା ଓ କପୋଳକଳ୍ପିତ ଷଡ଼ଯନ୍ତ୍ରର ଶିକାର ହୋଇ ପ୍ରଭୁ ଯିଶୁ କ୍ରୂଶବିଦ୍ଧ ହୋଇ ମୃତ୍ୟୁବରଣ କରିଥିଲେ। ଶାରୀରିକ ମୃତ୍ୟୁ ପୂର୍ବରୁ ସେ କ୍ରୂଶ ଉପରୁ ସାତଗୋଟି ବାକ୍ୟ କହିଥିଲେ, ଯାହାକି ତାଙ୍କର ଈଶ୍ୱରୀୟ ପ୍ରକୃତି ଓ ସ୍ୱଭାବର ପରିଚୟ ଦେଇଥିଲା। ଯିଶୁଙ୍କର ସେହି ସପ୍ତବାଣୀ ହେଲା: (୧) ପିତା, ଏମାନଙ୍କୁ କ୍ଷମା କର, କାରଣ ଏମାନେ କ'ଣ କରୁଛନ୍ତି ଜାଣିନାହାନ୍ତି। (୨) ଆଜି ତୁମ୍ଭେ ମୋ ସହିତ ପାରଦୀଶରେ ଉପସ୍ଥିତ ହେବ। (୩) ଗୋ ନାରୀ ଦେଖ, ମୁଁ ତୁମ୍ଭର ପୁତ୍ର। (୪) ହେ ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ ? (୫) ମୁଁ ତୃଷିତ। (୬) ଏହା ସମାପ୍ତ ହେଲା। (୭) ହେ ପିତା, ତୁମ୍ଭ ହସ୍ତରେ ମୁଁ ଆପଣାର ଆତ୍ମାକୁ ସମର୍ପଣ କରୁଛି। ତାଙ୍କର ପ୍ରଥମ ବାଣୀ ଆଜି ମାନବ ସମାଜ ପାଇଁ ଗଭୀର ପ୍ରାସଙ୍ଗିକତା ବହନ କରୁଛି।

ଯିଶୁଖ୍ରୀଷ୍ଟ ପ୍ରଭୁ ହୋଇ ମଧ୍ୟ ମାନବସମାଜର ହିତ ପାଇଁ ସବୁକିଛି ତ୍ୟାଗ କରିଥିଲେ। ତାଙ୍କର ତ୍ୟାଗ ଯୋଗୁ ମାନବ ସମାଜର ଏକ ବିରାଟ କାର୍ଯ୍ୟ ସଂପର୍ନ ହୋଇପାରିଥିଲା। ଖ୍ରୀଷ୍ଟଙ୍କ ତ୍ୟାଗର ଜୀବନ ମଣିଷ ସମାଜ ପାଇଁ ଏକ ଅତୁଳନୀୟ ନମୁନା। ବାଇବେଲ କହେ ପ୍ରଭୁ ଯିଶୁ ଉତ୍ତମ ମେଷପାଳକ ଏବଂ ଜଣେ ଉତ୍ତମ ମେଷପାଳକ ନିଜର ମେଷ ପାଇଁ ପ୍ରାଣ ତ୍ୟାଗ ବି କରିପାରନ୍ତି। ମନୁଷ୍ୟ ପୁତ୍ର ପ୍ରଭୁ ଯିଶୁ ସେବା ପାଇବାକୁ ଆସି ନ ଥିଲେ। ସେ ଆସିଥିଲେ ସେବା କରିବାକୁ ଓ ଅନେକଙ୍କ ନିମନ୍ତେ ମୁକ୍ତିର ମୂଲ୍ୟ ସ୍ୱରୂପ ଆପଣା ପ୍ରାଣ ଉତ୍ସର୍ଗ କରିବାକୁ।



ଶୁଭ ଶୁକ୍ରବାର ଉପଲକ୍ଷେ

ପ୍ରଭୁ ଯିଶୁଙ୍କ ବଳିଦାନ ବିଶ୍ୱରେ ଅତୁଳନୀୟ। ଆମ ସମାଜରେ ବଳିଦାନର ଗୁରୁତ୍ୱ ଅଛି ଏବଂ ଆମେ ଭାରତୀୟ ଏହାର ଗଭୀରତା ଅଧିକ ବୁଝିଛୁ। ପ୍ରଭୁ ଯିଶୁଙ୍କର ବଳିଦାନ ଅନିବାର୍ଯ୍ୟ ଥିଲା। କାରଣ ବାଇବେଲ କହେ, ଉଇଲ କରାଯାଇଥିଲେ, ଉଇଲ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁର ପ୍ରମାଣ ଆବଶ୍ୟକ। ଉଇଲ କରିଥିବା ଲୋକ ଜୀବିତ ଥିବା ପର୍ଯ୍ୟନ୍ତ କୃତ ଉଇଲ କଦାପି କାର୍ଯ୍ୟକାରୀ ହୁଏ ନାହିଁ। ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ଓ ପବିତ୍ର ବଳି ଉତ୍ସର୍ଗ କରାଗଲା। ମାନବ ସମାଜକୁ ଈଶ୍ୱରଙ୍କ ନିକଟକୁ ଆଣିବା ପାଇଁ ଖ୍ରୀଷ୍ଟ ମଧ୍ୟ ଧାର୍ମିକ ହୋଇ ଅଧାର୍ମିକମାନଙ୍କ ନିମନ୍ତେ ସେମାନଙ୍କ ପାପ ହେତୁ ଥରେ ମୃତ୍ୟୁଭୋଗ କଲେ। ପରମେଶ୍ୱର ଓ ମନୁଷ୍ୟ ମଧ୍ୟରେ ପାପ ବିଚ୍ଛେଦ ଘଟାଇଥିଲା। ପାପର ବେତନ ମୃତ୍ୟୁ, ଏଣୁ ମାନବର ପରିତ୍ରାଣ ନିମନ୍ତେ ଖ୍ରୀଷ୍ଟଙ୍କ ବଳିଦାନ ଜରୁରୀ ଥିଲା। କ୍ରୂଶ ଲଜ୍ଜା ଓ ଅପମାନର ପ୍ରତୀକ। ଦୁର୍ଦ୍ଦାନ୍ତ ଲୋକଙ୍କୁ କ୍ରୂଶକାଠରେ ଝୁଲାଇ ଏହି ଦଣ୍ଡ ଦିଆଯାଉଥିଲା। ସମୟ ହେଲା ପରେ ପ୍ରଭୁ ଯିଶୁ କ୍ରୂଶାର୍ପିତ ହେଲେ ଏବଂ ସେହି କ୍ରୂଶ ମାଧ୍ୟମରେ ଈଶ୍ୱର ନିଜର ନ୍ୟାୟ, ନିରପେକ୍ଷତା ଓ ଧାର୍ମିକତା ପ୍ରତିଫଳନ କଲେ।

କ୍ଷମା ଶବ୍ଦଟି ପଢ଼ିବା ଓ କହିବା ସହଜ, କିନ୍ତୁ କ୍ଷମା କରିବା ସହଜ ନୁହେଁ। ବିଶେଷ କରି ମୃତ୍ୟୁ ସହ ଖେଳି କ୍ଷମା କରିବା ବିରଳ ଏବଂ ଅଦ୍ୱିତୀୟ। କ୍ଷମା କଲେ ମଣିଷ ସମାଜ ଓ ଆତ୍ମିକ ଜୀବନ ଗଢ଼ିଉଠେ ଓ ସୁଦୃଢ଼ହୁଏ। କ୍ଷମା ନ କଲେ ଶତ୍ରୁତା ବଢ଼ିଚାଲେ। ପ୍ରଭୁ ଯିଶୁ କ୍ଷମାକରି ମଣିଷ ସମାଜର ହୃଦୟ ଜିତି ପାରିଛନ୍ତି। କ୍ଷମା ହିଁ ଏକମାତ୍ର ଦୈବୀଗୁଣ। ହେ ପିତା, ଏମାନଙ୍କୁ କ୍ଷମା କର, ଏମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ। ପ୍ରଭୁ ଯିଶୁଙ୍କର ଏହା ଥିଲା ଏକ ଅମାୟିକ କ୍ରନ୍ଦନ ଅନ୍ୟମାନଙ୍କ ପାଇଁ। ନିଜେ ନିର୍ଦ୍ଦୋଷ ଥାଇ ଦଣ୍ଡ ଭୋଗିବାକୁ ଶ୍ରେୟସ୍କର ମନେକରି ଦୋଷୀମାନଙ୍କୁ କ୍ଷମା ଦେବା ପାଇଁ ପ୍ରାର୍ଥନା ଅସାଧାରଣ। ମଣିଷ ସମାଜର ପାପ କ୍ଷମା ନିମନ୍ତେ ଜରୁରୀ ଥିବା ବଳିଦାନର ସାଧନା ପୂର୍ଣ୍ଣ ହୋଇଛି। ପ୍ରଭୁ ଯିଶୁ କ୍ରୂଶ ଉପରୁ କ୍ଷମା ଶବ୍ଦ ଉଚ୍ଚାରଣ କରି ଇତିହାସ ରଚିଲେ। ପ୍ରତିଶୋଧର ବିପରୀତ ଗୁଣ କ୍ଷମା। କ୍ଷମାର ତୁଳନା ନାହିଁ। ଆଜିକାଲି ବାପପୁଅ, ମା'ଝିଅ ପରସ୍ପରକୁ କ୍ଷମା କରୁନାହାନ୍ତି। ଶତ୍ରୁକୁ ଅବା କିଏ କ୍ଷମା କରିବ ? କିନ୍ତୁ ପ୍ରଭୁ ଯିଶୁ କ୍ଷମା କରି ଦୁନିଆକୁ ଦେଖାଇଦେଲେ ଯେ ଏହା ସମ୍ଭବ। ତା' ହେଲେ ଆସନ୍ତୁ ପରସ୍ପରକୁ କ୍ଷମାକରି ଆମ ସମାଜ ଓ ପୃଥିବୀକୁ ସୁଦୃଢ଼ କରିବା।

ମୋ- ୯୪୯୪୭୮୨୭୭୭

## ଏଇ ଭାରତରେ

ବର୍ତ୍ତମାନ ନିର୍ବାଚନ ଋତୁ ଜାରି ରହିଛି। ଭାରତ ଭଳି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟଦେଇ ନିଜ ମନ ପସନ୍ଦର ପ୍ରତିନିଧି ବାଛିବା ପ୍ରତ୍ୟେକ ବ୍ୟକ୍ତିଙ୍କର କର୍ତ୍ତବ୍ୟ। କିନ୍ତୁ ଅନେକ ସ୍ଥଳରେ ଦେଖାଯାଉଛି କେତେକ ବ୍ୟକ୍ତି ବିଭିନ୍ନ ଆଳ ଦେଖାଇ ଭୋଟଦାନରୁ ବିରତ ରହୁଛନ୍ତି। ଭୋଟଦାନ ନ କରିବା ଅର୍ଥ ଗଣତାନ୍ତ୍ରିକ ଶାସନ ପ୍ରକ୍ରିୟାରୁ ନିଜକୁ ଦୂରେଇ ରଖିବା। ଗୁରୁବାର ଥିଲା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ। ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ଜଣେ ବୃଦ୍ଧା ଅସୁସ୍ଥ ଥିବା ସତ୍ତ୍ୱେ ମତଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୮୦ ବର୍ଷୀୟା ଏହି ବୃଦ୍ଧା ହେଉଛନ୍ତି ଯୋଗୀନ୍ଦରୋ ଦେବୀ। ସେ ଅସୁସ୍ଥ ଥିବାରୁ କିଛି ଦିନ ହେବ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ହେଲେ ଗୁରୁବାର ତାଙ୍କ ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ କରାଯାଉଥିବାରୁ ସେ ଉତ୍ସାହିତ ହୋଇ ହୁଇଲ୍‌ଚେୟାର ଯୋଗେ ମତଦାନ କେନ୍ଦ୍ରରେ ପହଞ୍ଚିଥିଲେ। ମତାଧିକାର ସାବ୍ୟସ୍ତ କରିବା ପରେ ପୁଣି ହସ୍ପିଟାଲ ଚାଲିଯାଇଛନ୍ତି। ଅସୁସ୍ଥ ତଥା ଅଶୀତିପର ଏହି ମହିଳାଙ୍କ ଭୋଟଦାନ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ନିଶ୍ଚୟ।

## ଚିରନ୍ତନୀ

''ଉଠ ହସି ପଥ ଯେବେ
ସୁଖର ପରଶମଣି ଲଭେ
''ପ୍ରାଣଭ ରା ହାସ୍ୟ ବନ୍ଧୁ
ଅତି ହିଁ ଦୁର୍ମୂଲ୍ୟ ସେ ଯେ ଭବେ! (ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଏପ୍ରିଲ ୧୯୯୪

- ବାଗ୍‌ଦାଦ ସରକାର ଜାତିସଂଘ ନିରାପତ୍ତା ପରିଷଦର ପ୍ରସ୍ତାବକୁ ପାଳନ କରିଥିବାରୁ ଇରାକ ଉପରେ ଲାଗୁ କରାଯାଇଥିବା ଅନ୍ତର୍ଜାତୀୟ ଅର୍ଥନୈତିକ କଟକଣା ଉଠାଇଦେବାକୁ ଇରାକର ନିବେଦନ।
- ଗୁଜରାଟରେ କାମଚଳା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ଛବିଲ ଦାସ ମେହେଟ୍ଟାଙ୍କୁ ସ୍ଥାୟୀ ଭାବେ ଦାୟିତ୍ୱ ପ୍ରଦାନ ପାଇଁ ଦଳୀୟ ସଭାପତି ତଥା ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ନିଷ୍ପତ୍ତି।

# ପାଠକ ଶ୍ରେଷ୍ଠ ବିଚାରକ

## ଘୃଣ୍ୟ ବ୍ୟକ୍ତିତ୍ୱଙ୍କୁ ଜବାବ ଦିଅନ୍ତୁ

ମହାଶୟ,

ଦେଶ ସ୍ୱାଧୀନତା ପରଠାରୁ ବୋଧହୁଏ ଚଳିତବର୍ଷ ୨୦୧୯ ମସିହାରେ ନେତାମାନେ ନିଜର ସ୍ୱାର୍ଥ ପାଇଁ ଯେପରି ସମସ୍ତ ମାନବିକତାକୁ ପାଦରେ ଦଳିଦେଇ କ୍ଷମତା ଲୋଭରେ ଅନ୍ଧ ହୋଇ ଆଗକୁ ମାଡିଚାଲିଛନ୍ତି, ଏହା ଅତ୍ୟନ୍ତ ଲଜ୍ଜା ଆଉ ଘୃଣାର ବିଷୟ। ଏହିସବୁ କଳଙ୍କିତ ବ୍ୟକ୍ତି ରାଜ୍ୟ, ଦେଶର ନେତୃତ୍ୱ ନେଲେ ସାଧାରଣ ଜନତାଙ୍କର ବା କି ସେବା କରିବେ। ସମଗ୍ର ରାଜ୍ୟ ଆଉ ଦେଶରେ ଜନଜାଗରଣ ହେବା ଉଚିତ। ସମ୍ବିଧାନକୁ ସଂଶୋଧନ କରି ବହୁଦଳୀୟ ଶାସନ ବ୍ୟବସ୍ଥା ପରିବର୍ତ୍ତେ ଦ୍ୱିଦଳୀୟ ଶାସନ ବ୍ୟବସ୍ଥା ପ୍ରଚଳନ ହେବା ଉଚିତ। ରାଜନୀତି ପାଇଁ ସର୍ବାଧିକ ବୟସସୀମା ୬୦ ସହିତ ସର୍ବନିମ୍ନ ଯୋଗ୍ୟତା ସ୍ନାତକ ରଖାଯାଉ। ଏଥି ସହିତ ଜାତି, ଧର୍ମ ନିର୍ବିଶେଷରେ ୨ଟି ସନ୍ତାନ ଥିବା ବ୍ୟକ୍ତି ହିଁ କେବଳ ରାଜନୀତିରେ ଅଂଶଗ୍ରହଣ କରିବା ପାଇଁ ସର୍ବନିମ୍ନ ମାନଦଣ୍ଡ ରଖାଯାଉ। ଏହାଦ୍ୱାରା ଦେଶ, ରାଜ୍ୟ ଠିକ୍ ମାର୍ଗରେ ଗତିକରିବା ସହିତ ଜନସାଧାରଣଙ୍କର ବିକାଶ ହୋଇପାରିବ। ଘୃଣ୍ୟ କଳଙ୍କିତ ବ୍ୟକ୍ତିତ୍ୱଙ୍କୁ ଜନସାଧାରଣ ଉପଯୁକ୍ତ ଜବାବ ଦିଅନ୍ତୁ।

ମହେନ୍ଦ୍ରନାଥ ରାଉତ, ସହକାରୀ ଶିକ୍ଷକ, ମହାବୀର ହାଇସ୍କୁଲ,
ବରିମୁଣ୍ଡେଇ, ନିଆଳି, କଟକ

## ଗଣମାଧ୍ୟମର ଗଣିତ

ଧରିତ୍ରୀ (୩।୪)ରେ ପ୍ରକାଶିତ 'ଗଣମାଧ୍ୟମର ଗଣିତ' ପାଇଁ ପ୍ରାବନ୍ଧିକା ସୌମ୍ୟା ପରିଡାଙ୍କୁ ଅଗଣିତ ଧନ୍ୟବାଦ। ଗଣମାଧ୍ୟମ ଏବେ ସମ୍ଭବତଃ ଜଣମାଧ୍ୟମରେ ପରିଣତ ହୋଇଛି। ହଟ୍ ନିଉଜ୍ ଠିକ୍ ବାସିବରା ପରି ନଗଦ ଛାଣି ଗ୍ରାହକର ପ୍ଲେଟ୍‌ରେ ପରିବେଷଣ ହେଉଛି। ବିଚରା ଗ୍ରାହକ ଶୀତଳେଇ ଖାଇଲା ବେଳକୁ ଜାଣିପାରେ ବାସି ବୋଲି। କିନ୍ତୁ କାନମୁଣ୍ଡା ଆଉଁଶି ପଇସା ଦେବାକୁ ବାଧ୍ୟ। ସମାଜରେ ଏବେ ବୈଦ୍ୟୁତିକ ଯନ୍ତ୍ରପାତିର ବ୍ୟବହାର ବଢ଼ିଛି। ଟିଆର୍‌ପି ବଢ଼ାଇବା ଲାଗି ଗଣମାଧ୍ୟମଗୁଡ଼ିକ ଏହାକୁ ଅସ୍ତ୍ର କରୁଛନ୍ତି। କଲମ ସହିତ ଶ୍ୱେତପଦ୍ମାସନା ଦେବୀ ସରସ୍ୱତୀ ଯୋଡ଼ିହୋଇ ସତ୍ୟ ସାରସ୍ୱତ ବାର୍ତ୍ତା ପ୍ରଦାନ କରୁଥିଲେ କିନ୍ତୁ କଲମ ସହ ପଦ୍ମାଳୟା ଲକ୍ଷ୍ମୀ ସଂଯୁକ୍ତ ହେଲାପରେ ସମ୍ବାଦର ଚିତ୍ର-ଚରିତ୍ର ବଦଳିଯିବାରେ ଲାଗିଛି। ମଜଭୁତ ଚତୁର୍ଥ ସ୍ତମ୍ଭ ହିଁ ସ୍ଥିର ସରକାର, ସୁସ୍ଥ ସମାଜ ଓ ସମୃଦ୍ଧ ରାଷ୍ଟ୍ର ଗଠନରେ ସାହାଯ୍ୟ କରିପାରିବ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭାଜପା ପ୍ରାର୍ଥୀଙ୍କ ଗାଡ଼ିରୁ ୪ ଲକ୍ଷ ଜବତ



ଟଙ୍କା ଜବତ ହୋଇଥିବା ବୋଲେରୋ।

**ଢେଙ୍କାନାଳ ଅଫିସ, ୧୮।୪:** ଢେଙ୍କାନାଳ ଜିଲା ୫୬-ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଅଶୋକ କୁମାର ନାୟକଙ୍କ ବୋଲେରୋରୁ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ସହରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରୁ ୪ଲକ୍ଷ ଟଙ୍କା ଜବତ କରାଯାଇଛି । ଜବତ ସମୟରେ ଅଶୋକ ବୋଲେରୋରେ ବସିଥିଲେ। ଷ୍ଟାଟିଷ୍ଟିକ୍ ସର୍ଭେଲାନ୍ସ ଟିମ୍‌ଙ୍କ ଅନୁସନ୍ଧାନ ପରେ ଟାଉନ ଥାନା ଅଧିକାରୀ ଅଭିନବ ଡାଲୁଆ ବୋଲେରୋକୁ ଢେଙ୍କାନାଳ-ଭାପୁର ରାସ୍ତାର କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଅଟକାଇ ଟଙ୍କା ଜବତ କରିଥିଲେ ବୋଲି ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହାକୁ ନେଇ ତଦନ୍ତ ମଧ ଜାରି ରହିଛି ।

### କଂଗ୍ରେସରୁ ଇସ୍ତଫା ଦେଲେ ପୂର୍ବତନ ବିଧାୟକ ପ୍ରାର୍ଥୀ

ସୋର, ୧୮।୪(ଡି.ଏନ.ଏ.): ସୋର ବିଧାନସଭା କ୍ଷେତ୍ରରେ ସରକାରୀ ଚାକିରି ଛାଡି ଗତ ୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସ ଟିକେଟରେ ଲଢ଼ି ସ୍ୱଳ୍ପ ବ୍ୟବଧାନରେ ହାରିଥିବା ମୃତ୍ୟୁଞ୍ଜୟ ଯେନା ଟିକେଟ ନ ପାଇବାରୁ ଅସନ୍ତୋଷ ପ୍ରକାଶ କରି ଦଳର ପ୍ରାଥମିକ ସଦସ୍ୟ ସହ ଦଳୀୟ ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଆର୍ଥିକ ସ୍ଥିତି ଭଲ ନ ଥିଲେ ମଧ ସେ ହାରିବାଠାରୁ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଏଠି କଂଗ୍ରେସ ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଦଳରେ ସେ ଅଣନିଃଶ୍ୱାସୀ ହୋଇ ଅଖିଳ ଭାରତୀୟ କଂଗ୍ରେସ କମିଟି ସହ ବାଲେଶ୍ୱର ଜିଲା କଂଗ୍ରେସ ଦଳିତ ସେଲ ଅଧକ୍ଷ ପଦବୀରୁ ଇସ୍ତଫା ଦେଇଥିବା ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

■ ଅନୁଗୋଳ-ଢେଙ୍କାନାଳରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ପ୍ରଚାର

# 'ମୁଁ ଥିବା ଯାଏ କାଳିଆ ଥିବ'

ଅନୁଗୋଳ ଅଫିସ/ ବନ୍ତଲା/ ପାଲଲହଡ଼ା/ ଢେଙ୍କାନାଳ ଅଫିସ/ ପରଜଙ୍ଗ/ ଓଡାପଡା, ୧୮।୪

କାଳିଆ ଯୋଜନାରେ ୪୦ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି। କିନ୍ତୁ କେନ୍ଦ୍ରର ଭାଜପା ସରକାର ଏହି ଯୋଜନାକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛି। ମୁଁ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ ବୋଲି ଗୁରୁବାର ଅନୁଗୋଳ ଓ ଢେଙ୍କାନାଳ ଜିଲାରେ ମାରାଥନ ପ୍ରଚାର ବେଳେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପରି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ବିଜେଡିର ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ଓ ଏହି ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସେ ନିବେଦନ କରିଛନ୍ତି।

ଏହି ଅବସରରେ କେନ୍ଦ୍ରର ଭାଜପା ସରକାରକୁ ମୁଖ୍ୟମନ୍ତ୍ରୀ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ନିର୍ବାଚନ ଆସିଲେ ଭାଜପାର ବଡ଼ବଡ଼ ନେତା ଆସି


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଭୋଟ ମାଗୁଛନ୍ତି। ଏମାନେ ଓଡ଼ିଶାରେ କୋଇଲା କାରବାର କରୁଛନ୍ତି। ଏମ୍‌ସିଏଲ୍ ଓ ଏନ୍‌ଟିପିସିରୁ ହଜାର ହଜାର କୋଟି ଟଙ୍କା ଲାଭ ପାଉଛନ୍ତି। କିନ୍ତୁ ଗ୍ରାମାଞ୍ଚଳର ଉନ୍ନତି ପାଇଁ କ'ଣ କରିଛନ୍ତି। ୫ ମିନିଟ୍‌ର କାମକୁ ୫ ବର୍ଷ ଲଗାଉଛନ୍ତି। ଏମାନେ କ'ଣ କଣ୍ଟ୍ରାକ୍ଟର ବନ୍ଧୁମାନଙ୍କ ପାଇଁ କାମ କରୁଛନ୍ତି କି ବୋଲି ମୁଖ୍ୟମନ୍ତ୍ରୀ କଟାକ୍ଷ କରିଥିଲେ। ଏପରି ନେତାଙ୍କ ଉଦ୍ଦେଶ୍ୟ ଓଡ଼ିଶାବାସୀ ଭଲଭାବେ ଜାଣିଛନ୍ତି ବୋଲି କହି ମୁଖ୍ୟମନ୍ତ୍ରୀ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଥିଲେ। ରାଜ୍ୟରେ ପୁଣିଥରେ ବିଜେଡି ସରକାର ଗଠନ ହେବାର ଗୋଟିଏ ଦିନ ମଧ୍ୟରେ କାଳିଆ ଯୋଜନା ବାବଦ ଦୁଇଟି କିସ୍ତିର ୧୦ ହଜାର ଟଙ୍କା ଚାଷୀଙ୍କ ଜମାଖାତାକୁ ଯିବ। ବିଜେଡି ମହିଳାମାନଙ୍କୁ ତାଙ୍କ ହକ୍ ଦେଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ପାଇଁ ଚିକିତ୍ସା ସହାୟତା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ମହିଳାମାନେ

■ ଜୟ ଜଗନ୍ନାଥରୁ ଭାଷଣ ଆରମ୍ଭ କଲେ
■ ମହିଳାଙ୍କୁ ହକ୍ ଦେଇଛି ବିଜୁ ଜନତା ଦଳ
■ ଭାଜପା, ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଟାର୍ଗେଟ୍

ହେଉଛନ୍ତି ବିକାଶର ପ୍ରକୃତ ଡବଲ ଇଞ୍ଜିନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପୂର୍ବାହ୍ନ ୧୦ଟା୨୦ରେ ମୁଖ୍ୟମନ୍ତ୍ରୀ ପ୍ରଥମେ ପାଲଲହଡ଼ା ନିର୍ବାଚନମଣ୍ଡଳୀର ଖମାର କଲେଜ ପଡିଆରେ ପହଞ୍ଚି ଆୟୋଜିତ ନିର୍ବାଚନୀ ସଭାରେ ବିଶାଳ ଜନସଭାକୁ ସମ୍ବୋଧିତ କରିଥିଲେ। ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ ପାଳ ଓ ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ମହେଶ ସାହୁଙ୍କୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ପରେ ଢେଙ୍କାନାଳ ଜିଲାର ପରଜଙ୍ଗ ଷ୍ଟାଡିୟମଠାରେ ପୂର୍ବାହ୍ନ ୧୧ଟାରେ ପହଞ୍ଚି ଦଳୀୟ ବିଧାୟକ ପ୍ରାର୍ଥୀ ଡା. ନୃସିଂହ ଚରଣ ସାହୁ ଓ ଏମ୍‌ପି ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ସେଠାରୁ ଆସି ୧୧ଟା ୫୫ରେ ଅନୁଗୋଳ ବନ୍ତଲା ଛକ ଶଙ୍ଖପୁର ମଦନମୋହନ ପଡ଼ିଆ ନିର୍ବାଚନୀ ସଭାରେ ଯୋଗ ଦେଇ ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ସିଂଙ୍କୁ ଭୋଟ ଦେବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଏହାପରେ ଢେଙ୍କାନାଳ ଜିଲା ଗୁଡିଆକାଟେଣୀସ୍ଥିତ ଦଶଦେବୀ ପଡିଆଠାରେ ମଧ୍ୟାହ୍ନ ସାଢେ ୧୨ଟା ଓ ଗଁଦିଆ ଷ୍ଟାଡିୟମଠାରେ ଅପରାହ୍ନ ୧ଟା ୧୦ରେ ପହଞ୍ଚି ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ଗୁଡିଆକାଟେଣୀ ସଭାରେ ବିଧାୟିକା ପ୍ରାର୍ଥୀ ସୀମାରାଣୀ ନାୟକ ଓ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ଗଁଦିଆ ଷ୍ଟାଡିୟମଠାରେ ଆୟୋଜିତ ନିର୍ବାଚନୀ ସଭାରେ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ ଉପସ୍ଥିତ ଥିଲେ। ସେହିପରି ସମସ୍ତ ନିର୍ବାଚନୀ ସଭାରେ ବିଜେଡି ଦଳର ଏମ୍‌ପି ପ୍ରାର୍ଥୀ ମହେଶ ସାହୁ ଉପସ୍ଥିତ ଥିଲେ।

### ଜୀବନର ଶେଷ ଭୋଟ ଦେଲେ ବୃଦ୍ଧା

ସବ୍‌ଡେଗା, ୧୮।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକର କିରାଲଗା କସ୍ତୁରବା ବାଳିକା ବିଦ୍ୟାଳୟ ଭୋଟଗ୍ରହଣ କେନ୍ଦ୍ରର ବୁଥ ନଂ. ୧୬୫ରେ ଜୀବନର ଶେଷ ଭୋଟ ଦେଇଛନ୍ତି ଜଣେ ବୃଦ୍ଧା। ସେ ହେଉଛନ୍ତି ପଟିଆଓରା ଗ୍ରାମର ହଜିରା ମିଞ୍ଜ (୮୦)। ଗୁରୁବାର ନିଜର ମତାଧିକାର ସାବ୍ୟସ୍ତ କରି ବୁଥରୁ ବାହାରି ବାରଣ୍ଡାରେ ଟଳିପଡ଼ିଥିଲେ। ତାଙ୍କୁ ତୁରନ୍ତ ସବ୍‌ଡେଗା ଡାକ୍ତରଖାନାକୁ ଅଣାଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ବୁଥରେ ଭୋଟରମାନଙ୍କ ବିଶ୍ରାମ ପାଇଁ କୌଣସି ଟେଣ୍ଟ କରାଯାଇ ନ ଥିଲା । ବସିବା ପାଇଁ କୌଣସି ଜାଗା ନ ଥିଲା। ଲୋକେ ଖରାରେ ଧାଡିବାନ୍ଧି ଘଣ୍ଟାଘଣ୍ଟା ଛିଡା ହୋଇ ଭୋଟ ଦେଇଥିଲେ। ମହିଳାଙ୍କୁ ୮୦ ବର୍ଷ ହୋଇଥିଲେ ମଧ ଭୋଟ ଦେବା ପାଇଁ ପ୍ରଥମେ ପ୍ରାଧାନ୍ୟ ଦିଆଯାଇ ନ ଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଅଭିଯୋଗ ହୋଇଛି। କୌଣସି ନିୟମ ଏଠାରେ ପାଳନ କରା ନ ଯାଇ ଉକ୍ତ ବୁଥକୁ ସବୁଠିକ ଥିବାର ତଥ୍ୟ କିଏ ଜିଲାପାଳଙ୍କୁ ହସ୍ତାନ୍ତର କରିଥିଲା ଏହାର ତଦନ୍ତ ଜରୁରୀ ହୋଇପଡିଛି। ଉକ୍ତ ବିଷୟରେ ସବ୍‌ଡେଗା ବିଡିଓ ଲମ୍ବୋଦର ଧୁରୁଆଙ୍କୁ ଖବର ଦିଆଯାଇଥିଲା । ହେଲେ ଘଟଣାସ୍ଥଳରେ କେହି ହେଲେ ପହଞ୍ଚି ନ ଥିଲେ । ପରିବାର ଲୋକେ ମୃତଦେହକୁ ନେଇ ଘରକୁ ଚାଲିଯାଇଥିଲେ। ତାଙ୍କ ପୁଅ ପାରବଲ ମିଞ୍ଜଙ୍କୁ ପଚାରିବାରୁ ସେ କହିଲେ, ବରିଷ୍ଠ ନାଗରିକମାନଙ୍କ ବିଶ୍ରାମ ପାଇଁ ଏଠାରେ କୌଣସି ବ୍ୟବସ୍ଥା ହୋଇ ନ ଥିଲେ । ମା'ଖରାର ଅଧିକ ସମୟ ଠିଆ ହେବା ପରେ ଏହି ଦୁଃଖଦ ଘଟଣା ଘଟିଛି ।

■ ବାରିପଦାରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ୍‌କରୀଙ୍କ ପ୍ରଚାର

# ରାଜ୍ୟ ସରକାରଙ୍କ ଅସହଯୋଗ ବିକାଶରେ ଅନ୍ତରାୟ

ବାରିପଦା ଅଫିସ,୧୮।୪

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ମୟୂରଭଞ୍ଜ ଜିଲାରେ ନିର୍ବାଚନ ପ୍ରଚାର ଜୋର ଧରିଛି। ଗୁରୁବାର ବାରିପଦା ଛଉ ପଡିଆଠାରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସଭାରେ ଷ୍ଟାର ପ୍ରଚାରକ ଭାବେ କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଯୋଗ ଦେଇ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ରାଜ୍ୟର ବିଜେଡି ସରକାର ଓ କଂଗ୍ରେସକୁ ସମାଲୋଚନା କରିଥିଲେ। କେନ୍ଦ୍ର ସହ ବିଜେଡି ସରକାର ଅସହଯୋଗ କରୁଥିବାରୁ ବିକାଶ କ୍ଷେତ୍ରରେ ଏହା ଅନ୍ତରାୟ ସୃଷ୍ଟି କରୁଥିବା ସେ କହିଥିଲେ।

ପୂର୍ବରୁ ଦିନକୁ ୨ କି.ମି. ସଡକ ନିର୍ମାଣ ହେଉଥିଲା। କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ଦିନକୁ ଏବେ ୩୪ କି.ମି. ସଡକ ନିର୍ମାଣ ହେଉଛି। ସଡକ ପଥର ବିକାଶ ହେଲେ ବିଭିନ୍ନ ଉଦ୍ୟୋଗ ସ୍ଥାପନ ହେବ ଏବଂ ରୋଜଗାର ମିଳିବ। ଏହା ବେକାରି ସମସ୍ୟା ଦୂର କରିପାରିବ। ପୂର୍ବରୁ ଦେଶ ତଥା ଓଡିଶାକୁ


ବିଜୟ ସଂକଳ୍ପ ସଭା ମଞ୍ଚରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଓ ଅନ୍ୟମାନେ।

କଂଗ୍ରେସ ବହୁବର୍ଷ ଧରି ଶାସନ କରିଛି। ହେଲେ ଦଳିତ ଓ ଆଦିବାସୀଙ୍କ ସହିତ ଏହି ଦଳ ବିଶ୍ୱାସଘାତକତା କରିଛି। କେନ୍ଦ୍ରରେ କଂଗ୍ରେସ ସରକାର ୫୦ ବର୍ଷରେ ଯେଉଁ ବିକାଶ କରିପାରିନି ଭାଜପା ସରକାର ତାହା ୫ ବର୍ଷରେ କରିପାରିଛି। ଓଡ଼ିଶାର ବିକାଶ ପାଇଁ ଭାଜପା ସରକାର ଉଦ୍ୟମ କରିଥିଲେ ମଧ ରାଜ୍ୟ ସରକାର ଏଥିରେ ଅସହଯୋଗ କରି ଆସୁଛନ୍ତି। କେନ୍ଦ୍ର ସରକାର ପାରାଦୀପ ବନ୍ଦରରେ ୧ ଲକ୍ଷ କୋଟି ଟଙ୍କା ବିନିଯୋଗ କରିଛନ୍ତି। ବେକାରି ଯୁବତୀଯୁବକଙ୍କୁ ରୋଜଗାର ପ୍ରଦାନ ଏହାର ମୁଖ୍ୟ ଲକ୍ଷ୍ୟ। ରାଜ୍ୟରେ ସଡକ ଓ ରେଳପଥର ବିକାଶ କରିବାକୁ କେନ୍ଦ୍ର ଉଦ୍ୟମ କରିଥିଲେ ମଧ ଜମି ଅଧିଗ୍ରହଣରେ ଓଡିଶା ସରକାର ସହଯୋଗ କରି ନ ଥିଲେ। ତାଳଚେରରୁ ପାରାଦୀପ ପର୍ଯ୍ୟନ୍ତ ରେଳ ଲାଇନ ନିର୍ମାଣ ସକାଶେ ୬ ହଜାର କୋଟି ଟଙ୍କା ଅନୁଦାନ ଦେବାକୁ ଯୋଜନା ହୋଇଥିଲା। ରାଜ୍ୟ ସରକାର ମଧ

■ ସଡ଼କ ଓ ଉଦ୍ୟୋଗ ବିନା ରୋଜଗାର ବୃଦ୍ଧି ଅସମ୍ଭବ
■ ଦଳିତ ଆଦିବାସୀଙ୍କ ସହିତ କଂଗ୍ରେସ ବିଶ୍ୱାସଘାତକତା କରିଛି

ଏଥିରେ ସହଯୋଗ କରି ନ ଥିଲେ। ବାସହୀନ ଲୋକଙ୍କୁ ୨୦୨୨ ସୁଦ୍ଧା ଘର ପ୍ରଦାନ ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ବନ୍ୟା, ବାତ୍ୟାର ମୁକାବିଲା ସହ ନଦୀ ପାଣିକୁ ଅଟକାଇ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇବାକୁ ବ୍ୟବସ୍ଥା ହୋଇଛି। ଜଳସେଚନର ବିକାଶ ହେଲେ କୃଷି ଓ କୃଷକଙ୍କ ବିକାଶ ହୋଇପାରିବ। ଏଣୁ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଗଠନ ଲାଗି ସୁଯୋଗ ଦେବାକୁ ସେ ଉପସ୍ଥିତ ଜନତାଙ୍କୁ କହିଥିଲେ।

ବାରିପଦା ଛଉ ପଡିଆ ସଭା ସାରି କେନ୍ଦ୍ରମନ୍ତ୍ରୀ ଗଡକରୀ ହେଲିକପ୍ଟର ଯୋଗେ କେନ୍ଦୁଝର ଜିଲା ଆନନ୍ଦପୁର ଅଭିମୁଖେ ଯାଇଥିଲେ। ବାରିପଦାରେ ଗଡକରୀଙ୍କ କାର୍ଯ୍ୟକ୍ରମ ଲାଗି ମଧ୍ୟାହ୍ନ ୧୨ଟା ୫ ମିନିଟ୍ ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ୨ ଘଣ୍ଟା ବିଳମ୍ବରେ ଆସି ସେ ସଭାସ୍ଥଳ ନିକଟରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇଥିଲେ। ତାଙ୍କ ସହିତ ରାଜ୍ୟ ମୁଖପାତ୍ର ଜୀବନ କୁମାର ସାହୁ ଆସିଥିଲେ। ଜିଲା ସଭାପତି ତଥା ମୋରଡା ବିଧାୟକ ପ୍ରାର୍ଥୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ସଭାରେ ଅଧକ୍ଷତା କରିଥିଲେ। ଦଳର ମୁଖପାତ୍ର କବି ବିଷ୍ଣୁ ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଲୋକ ସଭା ପ୍ରାର୍ଥୀ ଇଂ. ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରାର୍ଥୀ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟକ ପ୍ରାର୍ଥୀ ସୁଗୁଦା ମୁର୍ମୁ, ପ୍ରଚାର କମିଟି ଅଧକ୍ଷ ତଥା ମୋରଡା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଜିଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ, ସହପର୍ଯ୍ୟବେକ୍ଷକ ଶାରଦା ଶତପଥୀ, ଛୋଟଲାଲ ମହାନ୍ତ, ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ, ପୂର୍ବତନ ବିଧାୟକ ପୁରୁଷୋତ୍ତମ ନାଏକ, କାନ୍ଦ୍ରା ସୋରେନ, ପ୍ରମିଳା ପଣ୍ଡା ପମୁଖ ମଞ୍ଚାସୀନ ଥିଲେ।

### ଚେକ୍ ବାଉନ୍ସ, ଅଭିଯୁକ୍ତଙ୍କୁ ଜେଲ

ବାରିପଦା ଅଫିସ,୧୮।୪

ବାରିପଦା ଅତିରିକ୍ତ ଦେୱାନୀ ଅଦାଲତର ବିଚାରପତି ସୁଶିଲ କୁମାର ସାହୁ ଗୁରୁବାର ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ସାଢେ ୩ ଲକ୍ଷ ଟଙ୍କାର ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି। ମକଦ୍ଦମା ବିବରଣୀ ଅନୁଯାୟୀ, ବାରିପଦା ସହର ଭୁଗୁଡାକଟା ଅଞ୍ଚଳର ଅରୁଣ କୁମାର କାନୁନଗୋଙ୍କୁ ଏକ ଜାଗା ବିକ୍ରୟ ପାଇଁ ବାରିପଦା ସହର ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର କାଳୀକିଙ୍କର ଘୋଷ ୨୦୧୪ ଓ ୨୦୧୫ରେ ମୋଟ ୩ ଲକ୍ଷ ଟଙ୍କା ଅଗ୍ରିମ ନେଇଥିଲେ। ପରେ ସେ ଜାଗା ବିକ୍ରି କରି ନ ଥିଲେ। ପରେ ଅରୁଣ ତାଙ୍କୁ ଟଙ୍କା ଫେରାଇବାକୁ କହିବାରୁ ସେ ୨୦୧୬ରେ ଏକ ଘରୋଇ ବ୍ୟାଙ୍କର ଚେକ ଦେଇଥିଲେ ।

# ବିଧାୟିକାଙ୍କ ସୁରକ୍ଷା ଅଧିକାରୀଙ୍କୁ ଆକ୍ରମଣ

ବ୍ରଜରାଜନଗର,୧୮।୪(ଡି.ଏନ୍.ଏ.)

ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ୪ନଂ ୱାର୍ଡ ଗଙ୍ଗାନଗର ୧୯୩ନଂ ବୁଥ୍‌ରେ ଗୁରୁବାର ମତଦାନ ଚାଲିଥିବାବେଳେ ସ୍ଥାନୀୟ ବିଧାୟିକା ରାଧାରାଣୀ ପଣ୍ଡାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ରାଧେ କିଷାନଙ୍କୁ ଆକ୍ରମଣ ହୋଇଛି। ଏଥିରେ କିଷାନ ଆହତ ହୋଇଛନ୍ତି। ତାଙ୍କ ମୁହଁରେ ଆଘାତ ଲାଗିଛି। ଏ ନେଇ ବ୍ରଜରାଜନଗର ଥାନାରେ ଅଭିଯୋଗ ହୋଇଛି। ଘଟଣାର ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବିଶ୍ୱାମିତ୍ର ହରିପାଲ କହିଛନ୍ତି। ସୂଚନା ଅନୁଯାୟୀ ପୂର୍ବାହ୍ନ ସାଢ଼େ ୮ଟାରେ ବିଧାୟିକା ପଣ୍ଡା ତାଙ୍କର ୪ଜଣ ସମର୍ଥକ ଓ ପିଏସ୍‌ଓ କିଷାନଙ୍କ ସହ ବୁଥ୍ ଭିତରକୁ ପଶିଥିଲେ। ତେବେ ସେଠାରେ ଉପସ୍ଥିତ ଜଣେ ପୂର୍ବତନ ବିଜେଡି କାଉନସିଲର ଓ ତାଙ୍କ ସମର୍ଥକମାନେ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧରେ କଥା କଟାକଟି ଓ ଧସ୍ତାଧସ୍ତି ହୋଇଥିଲା। ଫଳରେ ପିଏସ୍‌ଓଙ୍କ ମୁହଁରେ ଆଘାତ ଲାଗିଥିଲା।

# ବିଜୟଙ୍କ ପାଇଁ ପାଟକୁରାରେ ଦିଲ୍ଲୀପ


ପାଟକୁରାରେ ବିଜୟ ମହାପାତ୍ରଙ୍କ ସହ ଦିଲ୍ଲୀପ ରାୟ।

■ ପାଟକୁରାବାସୀଙ୍କର ବିଜୟଙ୍କ ପ୍ରତି ଦୃଢ଼ ସମର୍ଥନ ରହିଛି: ଦିଲ୍ଲୀପ
■ ଦିଲ୍ଲୀପଙ୍କ ଗସ୍ତ କର୍ମୀଙ୍କୁ ଉତ୍ସାହିତ କରିଛି: ବିଜୟ

ଡେରାବିଶ, (ସ୍ୱ.ପ୍ର.)/ ପାଟକୁରା, ୧୮।୪ (ଡି.ଏନ୍.ଏ.)

ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ତଥା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପାଇଁ ପ୍ରଚାର କରିବାକୁ ଗୁରୁବାର ପାଟକୁରାରେ ପହଞ୍ଚିଥିଲେ ଭାଜପାର ପୂର୍ବତନ ବିଧାୟକ ଦିଲ୍ଲୀପ ରାୟ। ସେଠାରେ ବିଜୟଙ୍କ ପାଇଁ ପ୍ରଚାର କରିବା ସହ ଆଗାମୀ ଦିନରେ ବିଜୟଙ୍କୁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ଦିଲ୍ଲୀପ କହିଛନ୍ତି।

ଗୁରୁବାର ପୂର୍ବାହ୍ନ ସାଢ଼େ ୯ଟା ବେଳେ ଦିଲ୍ଲୀପ ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ତଳକୁସୁମା ଗ୍ରାମସ୍ଥିତ ବିଜୟ ମହାପାତ୍ରଙ୍କ ବାସଭବନଠାରେ ପହଞ୍ଚିଥିଲେ। ସେଠାରେ ସେ ବିଜୟଙ୍କୁ ଶୁଭେଚ୍ଛା ଜଣାଇବା ପରେ କିଛି ସମୟ ଧରି ଉଭୟଙ୍କ ମଧ୍ୟରେ ବ୍ୟକ୍ତିଗତ ଆଲୋଚନା ହୋଇଥିଲା। ଏହାପରେ ବିଜୟଙ୍କ ପ୍ରଚାର ଶୋଭାଯାତ୍ରାରେ ଦିଲ୍ଲୀପ ସାମିଲ ହୋଇଥିଲେ। ଦିଲ୍ଲୀପ ସ୍ଥାନୀୟ ତେଣ୍ଡାକୁଡ଼ା, ପଳସୁଧା, ନଡ଼ିଆବାରେଇ, ରାମଚନ୍ଦ୍ରପୁର ଗ୍ରାମରେ ବୁଲି ପ୍ରଚାର କରିବା ସହ ବିଜୟଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଏହି ସମୟରେ ଦିଲ୍ଲୀପ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ, ବିଜୟ ବାବୁ ମୋର ଅନ୍ତରଙ୍ଗ ବନ୍ଧୁ। ବନ୍ଧୁଙ୍କୁ ନିର୍ବାଚନରେ ସାହାଯ୍ୟ କରିବା ପାଇଁ ସେ ପାଟକୁରା ଆସିଛନ୍ତି। ଆଗାମୀ ଦିନରେ ମଧ ବିଜୟଙ୍କ ପାଇଁ ପ୍ରଚାର କରିବା ସହ ନିର୍ବାଚନ ପାଇଁ ଆବଶ୍ୟକ ସହଯୋଗ କରିବେ ବୋଲି ଦିଲ୍ଲୀପ କହିଥିଲେ। ବିଜୟଙ୍କ ପ୍ରତି ପାଟକୁରାବାସୀଙ୍କ ଦୃଢ଼ ସମର୍ଥନ ରହିଛି। ପାଟକୁରାରୁ ସେ ବହୁମତରେ ନିର୍ବାଚିତ ହେବେ ବୋଲି ଦିଲ୍ଲୀପ କହିଥିଲେ। ଏଥିସହ ସେ ଯେଉଁ କାରଣରୁ ଭାଜପା ଛାଡ଼ିଥିଲେ ତାହା ଏବେ କେନ୍ଦ୍ର ସରକାର ପୂରଣ କରିଛନ୍ତି। ଡେରିରେ ହେଲେ ବି ଏହି ଦାବିକୁ ପୂରଣ କରାଯାଇଥିବାରୁ ଦିଲ୍ଲୀପ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ଦିଲ୍ଲୀପଙ୍କ ଗସ୍ତ ସମ୍ପର୍କରେ ବିଜୟ କହିଛନ୍ତି, ଦିଲ୍ଲୀପ ବାବୁ ମୋର ଶୁଭାକାଂକ୍ଷୀ। ଆଗାମୀ ଦିନରେ ମଧ ସେ ବାରମ୍ବାର ଏଠାକୁ ଗସ୍ତ କରିବେ। ଦିଲ୍ଲୀପଙ୍କ ଗସ୍ତକୁ ନେଇ ପାଟକୁରାରେ ଭାଜପା କର୍ମୀମାନେ ଉତ୍ସାହିତ ହୋଇଛନ୍ତି। ଏଥିସହ ପ୍ରଚାର ବେଳେ ସବୁ ସ୍ଥାନରେ ଦିଲ୍ଲୀପଙ୍କ ପ୍ରତି ସାଧାରଣ ଲୋକଙ୍କର ସ୍ନେହ ଶ୍ରଦ୍ଧା ରହିଥିବା ପରିଲକ୍ଷିତ ହୋଇଥିଲା ବୋଲି ବିଜୟ କହିଛନ୍ତି। ଶୁକ୍ରବାର ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଅଞ୍ଚଳରେ ବିଜୟଙ୍କ ପାଇଁ ଦିଲ୍ଲୀପ ପ୍ରଚାର କରିବେ ବୋଲି ସୂଚନା ମିଳିଛି।


## DECLARATION ABOUT CRIMINAL CASES

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.). Name and address of candidate: **Rohit Pujari,** Bamra House, Bhutapara, Sambalpur Name of the political party: **Biju Janata Dal**. Name of the Election- Election to the Odisha Legislative Assembly. Name of Constituency: **18 Rairakhol Assembly Constituency** I Rohit Pujari a candidate for the above mentioned election declare for public information the fallowing details about my criminal antecedents:

| Sl No | Pending criminal cases | | | Details about cases on conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offence(s) | Name of court & date (s) of order (s) | Description of offence (s) & punishment imposed |
| 1. | SDJM Sambalpur | GR Case No. 1025/ 2013pending | U/s 143/283 IPC. Alleged road blokage by party workers | Not Applicable | Not Applicable |

In the Case of election to Council of States or election to Legislative Council by MLAs, mention the election concerned in place of name of constituency

**Sd./- Rohit Pujari**



## ପୂର୍ବ ତଟ ରେଳପଥ
### ଭଡ଼ା ସୂତ୍ରରେ ଗାଡ଼ି

ଟେଣ୍ଡର ବିଜ୍ଞପ୍ତି ସଂ. 01/ET/SBP/ENGG/2019-20, ତା: 11.04.2019

ଇ-ଟେଣ୍ଡର ସଂ. 02-eT-SDENE-SBP-19

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.Way)/ଅନୁଗୋଳ ଅଧିନରେ 36 (ଛତିଶି) ମାସ ସମୟାବଧି ନିମନ୍ତେ ବାମୁର୍ ଓ ବଇଣ୍ଡା ଠାରେ ବିଭାଗୀୟ PWI ନିମନ୍ତେ ପ୍ରତ୍ୟେକ ପାଇଁ ଗୋଟିଏ ହିସାବରେ 02 (ଦୁଇ) ସଂଖ୍ୟକ ସଡ଼କ ଗାଡ଼ି (ଟାଟା-407 କିମ୍ବା ଅନୁରୂପ ମଡ଼େଲର ମିନି ଟ୍ରକ ) ଭଡ଼ା ସୂତ୍ରରେ ନେବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹33,89,617.50, EMD : ₹ 67,800.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 3,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 36 (ଛତିଶି) ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 03.05.2019 ର 1500 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର

PR-36/K/19-20



**Format C-2**

**Declaration about criminal actecedents of candidates set up by the party**

*(As per the judgement dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.).*

Name of Political Party : **BAHUJAN SAMAJ PARTY**
Name of Election : **Lok Sabha Election 2019 PHASE-III**
Name of State/UT : **Odisha**

| Sl. No. | Name of Candidate | Name of Constituency | Pending criminal cases | | Details about cases of conviction for criminal offences | |
|---|---|---|---|---|---|---|
| | | | Name of Court, cases No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | 2 | 3 | 4 | 5 | 6 | 7 |
| 1 | MOHAMMAD MUSTUKIM | Sambalpur | P.S. Case No. 32 (Pending) | U/s 379 342 IPC | N.A | N.A |
| | MOHAMMAD MUSTUKIM | Sambalpur | P.S. Case No. 336/16 (Pending) | U/s 457 380 IPC | N.A | N.A |
| | MOHAMMAD MUSTUKIM | Sambalpur | P.S. Case No. 55 & 44 (Pending) | U/S 147 148 323 452 427 506 149 IPC | N.A | N.A |

## ସଂକ୍ଷେପରେ

### ଭାଜପା ସମର୍ଥକଙ୍କୁ ହତ୍ୟା ଘଟଣାରେ ଜଣେ ଗିରଫ



ସୋରଡ଼ା,୧୮।୪(ଡି.ଏନ୍.ଏ.) ଗଞ୍ଜାମ ଜିଲା ସୋରଡ଼ା ଥାନ ଲାଠିପଡ଼ା ପଞ୍ଚାୟତ କଦଳୀଝୋଲା ଗ୍ରାମରେ ବୁଧବାର ରାତିରେ ଜଣେ ଭାଜପା ସମର୍ଥକ ସନ୍ତୋଷ କୁମାର ପତିଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କଦଳୀଝୋଲା ଗାଁର କୁମର ନାଇକ। ସୋରଡ଼ା ଥାନା ପରିସରରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସିକା ଏସ୍‌ଡିପିଓ ସୀତାରାମ ଶତପଥୀଙ୍କ ସୂଚନା ଅନୁଯାୟୀ, ଗ୍ରାମର ଗୋଟିଏ ଚଉଁରାରେ ଭାଜପା ପୋଷ୍ଟର ମରାଯାଇଥିଲା। ଉକ୍ତ ପୋଷ୍ଟରକୁ ବାହାର କରିବାକୁ ବିଜେଡି ସମର୍ଥକମାନେ କହିଥିଲେ। ଏ ନେଇ ରାତିରେ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଭାଜପା ସମର୍ଥକ ଗଣେଶ ପତି ଏବଂ ତାଙ୍କ ପୁଅ ସନ୍ତୋଷଙ୍କ ସହ ବିଜେଡି ସମର୍ଥକମାନେ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ସନ୍ତୋଷଙ୍କ ଉପରେ ବିଜେଡି ସମର୍ଥକ ଆକ୍ରମଣ କରିଥିଲେ। ଗୁରୁତର ସନ୍ତୋଷଙ୍କୁ ଭଞ୍ଜନଗର ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାପା ଗଣେଶଙ୍କ ଏତଲା କ୍ରମେ ପୋଲିସ ନଂ. ୫୬/୧୯ରେ ଏକ ମାମଲା ରୁଜୁ କରି କୁମର ନାଇକଙ୍କୁ ଗିରଫ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର୍ ଅଛନ୍ତି। ତାଙ୍କୁ ଧରାଯିବ ଶୀଘ୍ର କାବୁ କରାଯିବ ବୋଲି ପୋଲିସ କହିଛି। ଆକ୍ରମଣ ପରେ ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀ, ଯୁବନେତା କବିରାଜ ସ୍ୱାଇଁ, ସୂର୍ଯ୍ୟ ପ୍ରଧାନ, ସୁରେନ୍ଦ୍ର ଡାକୁଆଙ୍କ ସମେତ ବହୁ କର୍ମୀ, ଜନସାଧାରଣ ବୁଧବାର ରାତିରେ ଭଞ୍ଜନଗର-ସୋରଡ଼ା ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ସୋରଡ଼ା ଥାନାଧିକାରୀ ପ୍ରଭାତ ସାହୁ ମୃତଦେହ ଜବତ କରି ଭଞ୍ଜନଗର ମେଡିକାଲରେ ବ୍ୟବଚ୍ଛେଦ କରାଇଛନ୍ତି। ଗୁରୁବାର ମଧ୍ୟାହ୍ନରେ ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ଘଟଣାପରେ ଉକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।

■ ରାଜ୍ୟରେ ବଢୁଛି ନିର୍ବାଚନୀ ହିଂସା

# ପୋଲିସ ଚାହିଁଛି, ମୁଣ୍ଡ ଗଡୁଛି

ଜ୍ୟୋତିରଞ୍ଜନ ମହାପାତ୍ର

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ସରିଛି ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ। ରାଜ୍ୟରେ ଆଉ ଦୁଇ ପର୍ଯ୍ୟାୟ ନିର୍ବାଚନ ବାକି ରହିଥିବାବେଳେ ବଢ଼ି ଚାଲିଛି ନିର୍ବାଚନୀ ହିଂସା। ହତ୍ୟା, ବିସ୍ଫୋରଣ, ଗୁଳି ଓ ବୋମା ମାଡ଼ରେ ଥରୁଛି ଓଡ଼ିଶା। ଇତିମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସୁଦ୍ଧା ୫ରୁ ଊର୍ଦ୍ଧ୍ୱ ରାଜନୈତିକ ହତ୍ୟାକାଣ୍ଡ ଘଟିସାରିଲାଣି। ରାଜଧାନୀ ସମେତ ବିଭିନ୍ନ ଜିଲାରେ ବୋମା ଓ ଗୁଳିମାଡ଼ ହୋଇଥିବାବେଳେ ଶତାଧିକ ନେତା ଏବଂ କର୍ମୀ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଅନ୍ୟପକ୍ଷରେ ନିର୍ବାଚନକୁ ବିରୋଧ କରି ମାଓବାଦୀମାନେ ଏକାଧିକ ସ୍ଥାନରେ ବିସ୍ଫୋରଣ ଓ ଆକ୍ରମଣ ଜାରି ରଖିଛନ୍ତି। ପୋଲିଂ ଗାଡି ପୋଡ଼ିବାଠାରୁ ଆରମ୍ଭ କରି ପୋଲିଂ ଚେକିଂ ପାର୍ଟିର ଜଣେ ମହିଳା ମେସେଞ୍ଜରଙ୍କୁ ଗୁଳିକରି ହତ୍ୟାକରିବା ଘଟଣା ଓଡ଼ିଶା ପୋଲିସର ଶୃଙ୍ଖଳିତ ତଥା ସୁରକ୍ଷିତ ନିର୍ବାଚନ ପ୍ରତି ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏ ସମସ୍ତ ଘଟଣା ପୋଲିସର ସୁରକ୍ଷା ବ୍ୟବସ୍ଥା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଗକୁ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବା ଅଞ୍ଚଳରେ ବହୁ ସମ୍ବେଦନଶୀଳ ବୁଥ୍ ରହିଛି। ଦିନକୁ ଦିନ ପ୍ରଚାର ଜୋର୍‌ଦାର ହେଉଥିବାବେଳେ ରାଜ୍ୟରେ ରାଜନୈତିକ ଦଳଗୁଡିକ ମୁହାଁମୁହିଁ ହେବା ସହ ହିଂସାକୁ ଆପଣାଇବାରେ ଲାଗିଛନ୍ତି। ଏପରିକି ସାମ୍ପ୍ରଦାୟିକ ଦଙ୍ଗା ପରିସ୍ଥିତି ସୃଷ୍ଟିହେବାର ଆଶଙ୍କା ମଧ୍ୟ କରାଯାଉଛି। ଚଳିତ ନିର୍ବାଚନରେ ଭାରତ ବହୁ ହିଂସା ଓ ସାମ୍ପ୍ରଦାୟିକ ଦଙ୍ଗାକୁ ସାମ୍ନା କରିବା ସହ ଜଟିଳ ପରିସ୍ଥିତି ଉପୁଜିବା ସମ୍ପର୍କରେ ଆମେରିକାର ଗୋଇନ୍ଦା ରିପୋର୍ଟ ଏବେ ସତରେ ପରିଣତ ହୋଇଛି। ଉକ୍ତ ରିପୋର୍ଟକୁ ନେଇ ଗତ କିଛିଦିନ ତଳେ ଓଡ଼ିଶା ପୋଲିସକୁ ମଧ୍ୟ ସତର୍କ କରାଯାଇଥିଲା। ରାଜ୍ୟରେ ନିର୍ବାଚନୀ ହିଂସା, ରାଜନୈତିକ ଦଙ୍ଗା ଓ ମାଓବାଦୀଙ୍କ ଆକ୍ରମଣକୁ ପ୍ରତିହତ କରିବାକୁ ପୋଲିସ ବାରମ୍ବାର ବୈଠକ ଡାକି ସଜାଗ ରହିବା ସହ ସ୍ଥିତି ଉପରେ କଡା ନଜର ରଖିଥିଲା। ହେଲେ ଏବେ ପୋଲିସ ଚାହିଁଛି, ନିର୍ବାଚନୀ ହିଂସାରେ ଜଣଙ୍କ ପରେ ଆଉଜଣଙ୍କ ମୁଣ୍ଡ ଗଡୁଛି।

### ପୂର୍ବତନ ବିଧାୟକ ପ୍ରାର୍ଥୀଙ୍କ ହାତଗୋଡ଼ ହାଣି ହତ୍ୟା

ମାର୍ଚ୍ଚ ୨୫ରେ କେନ୍ଦୁଝର ଜିଲା ଘସିପୁରାଠାରେ ୨୦୧୪ ନିର୍ବାଚନରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଥିବା ରାମଚନ୍ଦ୍ର ବେହେରାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ରାମଚନ୍ଦ୍ରଙ୍କ ଘରେ ବୈଠକ ବସିଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ବାହାରକୁ ଡାକିନେଇ ହାତଗୋଡ଼ ହାଣି ହତ୍ୟା କରିଥିଲେ। ପ୍ରତିପକ୍ଷ ରାଜନୈତିକ ଗୋଷ୍ଠୀର ନେତାଙ୍କ ଇସାରାରେ ଦୁର୍ବୃତ୍ତମାନେ ଏହି ଅମାନୁଷିକ କାଣ୍ଡ ଘଟାଇଥିବା ଅଭିଯୋଗ ହୋଇଥିଲା। ଏବେ ରାମଚନ୍ଦ୍ରଙ୍କ ପରିବାରକୁ ହତ୍ୟା ଧମକ ମିଳୁଛି। ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ତାଙ୍କ ସ୍ତ୍ରୀ, ପୁଅ ଏବଂ ଝିଅ ଗଣମାଧ୍ୟମକୁ ଜଣାଇଛନ୍ତି। ଝିଅ ମୀନାରାଣୀ କହିଛନ୍ତି, ପିତାଙ୍କୁ ଆକ୍ରମଣ କରି ଫେରାର ଥିବା ଅଭିଯୁକ୍ତମାନେ ନିକଟ ଜଙ୍ଗଲରେ ଲୁଚି ରହିବା ସହ ରାତିରେ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଯୋଗ ଦେଉଛନ୍ତି। ଏ ନେଇ ଗତ ୧୩ ତାରିଖରେ ଏସ୍‌ପି ଜୟନାରାୟଣ ପଙ୍କଜଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସର ନିଷ୍କ୍ରିୟତାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି।

### ଖୋର୍ଦ୍ଧାରେ ଭାଜପା ନେତାଙ୍କୁ ଗୁଳି କରି ହତ୍ୟା

ଏପ୍ରିଲ ୧୪ ରବିବାର ରାତିରେ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ନବୀନବାଗ ନିକଟରେ ଭାଜପା ନେତା ମଙ୍ଗୁଳି ଜେନାଙ୍କୁ ଗୁଳିକରି ହତ୍ୟା କରାଗଲା। ମଙ୍ଗୁଳି ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୯ନଂ. ଜୋନ୍ ଭାଜପା ମଣ୍ଡଳ ସଭାପତି ତଥା ନିରାକାରପୁର



ଥାନା ବଡ଼ପୋଖରିଆର ପୂର୍ବତନ ସରପଞ୍ଚ ଥିଲେ। ପୋଲିସ ୧୧୯/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଏହା ଏକ ରାଜନୈତିକ ହତ୍ୟାକାଣ୍ଡ ବୋଲି କହିଥିଲା। ପ୍ରଥମେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ତଦାରଖରେ ୪ ଟିମ୍ ଗଠନ କରାଯାଇ ତଦନ୍ତ ପରେ ଏବେ ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଇଛି। ଏହି ଘଟଣାକୁ ନେଇ ଭାଜପା ବିଜେଡିକୁ ଦାୟୀ କରିଥିବାବେଳେ ବିଜେଡି କିନ୍ତୁ ଏହାକୁ ଖଣ୍ଡନ କରିଛି। ପୋଲିସ ୨ ଜଣଙ୍କୁ ଅଟକ ରଖି ଛାଡ଼ିଥିଲେ ମଧ୍ୟ ଏଯାଏ ହତ୍ୟାକାଣ୍ଡ ଓ ହତ୍ୟାକାରୀଙ୍କ ସମ୍ପର୍କରେ ସାମାନ୍ୟତମ ସୁରାକ ପାଇପାରିନି ପୋଲିସ।

### ପୋଲିଂ ପାର୍ଟି ଗାଡ଼ି ପୋଡ଼ି, ମହିଳା ମେସେଞ୍ଜରଙ୍କୁ ହତ୍ୟା

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନର ଦିନକ ପୂର୍ବରୁ ବୁଧବାର ମାଓବାଦୀମାନେ ଏକାଧିକ ସ୍ଥାନରେ ପୋଲିଂ ପାର୍ଟି ଉପରେ ଆକ୍ରମଣ କରିଥିଲେ। କନ୍ଧମାଳ ଜିଲାର ସୁମରବନ୍ଧ ପଞ୍ଚାୟତ ମୁଙ୍ଗୁନୁପଦରଠାରେ ୨୦ରୁ ୨୫ ସଶସ୍ତ୍ର ମାଓବାଦୀ ପୋଲିଂ ଗାଡିକୁ ଅଟକାଇ ନିଆଁ ଲଗାଇଦେଇଥିଲେ। ସେହିଭଳି କୋଏରମାଣ୍ଡୁ ପଞ୍ଚାୟତ ବାରାହାଲାଠାରେ ଲ୍ୟାଣ୍ଡମାଇନ୍ ଲଗାଇ ବିସ୍ଫୋରଣ ପରେ ପୋଲିଂ ଚେକିଂ ପାର୍ଟିର ଗାଡି ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ମେସେଞ୍ଜର ତଥା ଲୁଇସିଂ ପଞ୍ଚାୟତ ଗ୍ରାମ ରୋଜଗାର ସେବକ (ଜିଆରଏସ୍) ସଂଯୁକ୍ତା ଦିଗାଲଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କୋରାପୁଟ ଜିଲା ଲମତାପୁଟରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟାଇଥିଲେ। ଆରମ୍ଭରୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚନକୁ ବିରୋଧ କରି ମାଓବାଦୀମାନେ ଏକାଧିକ ସ୍ଥାନରେ ପୋଷ୍ଟର ଲଗାଇ ଚେତାବନୀ ଦେଇଥିଲେ। ଏ ପରିସ୍ଥିତିରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ହୋଇ ନ ଥିବାରୁ ପୋଲିସ ଉପରେ ଭରସା କରିପାରି ନ ଥିଲେ ଲୋକେ। ମାଓବାଦୀଙ୍କ ଭୟରେ ବିଭିନ୍ନ ସ୍ଥାନରେ ଲୋକେ ଭୋଟ ଦେଇ ନ ଥିବାବେଳେ କେତେକ ବୁଥ୍‌ରେ ହୋଇଥିବା ଶୂନ ମତଦାନ ପୋଲିସ ପ୍ରଶାସନର ବିଫଳତାକୁ ପଦାକୁ ଆଣିଛି।

### ୨ଜଣଙ୍କୁ ହତ୍ୟା ପରେ ଗଞ୍ଜାମ ପୁଣି ଅଶାନ୍ତ

ଗଞ୍ଜାମ ଜିଲା ସୋରଡା ନିର୍ବାଚନମଣ୍ଡଳୀର ଲାଠିପଡ଼ା ପଞ୍ଚାୟତର କଦଳୀଝଡା ଗ୍ରାମରେ ବୁଧବାର ରାତିରେ ରାଜନୈତିକ ହିଂସାକୁ ନେଇ ଦୁଇଟି ହତ୍ୟାକାଣ୍ଡ ଘଟିଥିଲା। ଭାଜପା ସମର୍ଥକ ତଥା କଦଳୀଝଡା ଗ୍ରାମର ୱାର୍ଡମେମ୍ବର ଗଣେଶ ପତିଙ୍କ ପୁଅ ସନ୍ତୋଷଙ୍କୁ ହତ୍ୟା କରାଯାଇଥିଲା। ସନ୍ତୋଷଙ୍କୁ ପ୍ରତିପକ୍ଷ ଗୋଷ୍ଠୀର କେତେଜଣ କର୍ମୀ ବାଡ଼ିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜନୈତିକ ଆକ୍ରୋଶରୁ ସନ୍ତୋଷଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପିତା ଗଣେଶ ଅଭିଯୋଗ କରିଛନ୍ତି।

ସେହିପରି ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଗଝୋଲରେ ବୁଧବାର ରାତିରେ ବୋମା ପକାଇ ସଦାଶିବ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ରାଜନୈତିକ କାରଣକୁ କେନ୍ଦ୍ର କରି ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ବଡ଼ଭାଇ ହାଡୁ ଥାନାରେ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ବୁଧବାର ରାତିରେ ଦୁଇଜଣ ଯୁବକ ତାଙ୍କୁ ରାଜନୈତିକ କାର୍ଯ୍ୟରେ ଘରୁ ଡାକି ନେଇଥିଲେ। ରାତି ଦୁଇଟାବେଳେ ଘର ନିକଟରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ପରିବାର ଲୋକେ ବାହାରକୁ ଆସି ସଦାଶିବଙ୍କୁ ରକ୍ତାକ୍ତ ଅବସ୍ଥାରେ ତଳେ ପଡିଥିବା ଦେଖି ହସ୍ପିଟାଲ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗରେ ସେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ନେତାଙ୍କୁ ଇଙ୍ଗିତ କରିଛନ୍ତି।

### ଫେଲ ମାରୁଛି ପୋଲିସ, ଗୋଇନ୍ଦା ବିଭାଗ

ନିର୍ବାଚନୀ ହିଂସାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଯୁବ ଆଇନଜୀବୀ ବିସ୍ମୟ କୁମାର ଷ୍ଟାଲିନ। ସେ ଏଥିପାଇଁ ପୋଲିସ ଓ ଗୋଇନ୍ଦା ବିଭାଗର ସମ୍ପୂର୍ଣ୍ଣ ବିଫଳତା ବୋଲି କହିଛନ୍ତି। ଖୋଦ୍ ରାଜଧାନୀରେ ମଧ୍ୟ ରାଜନୈତିକ ଦଳର କାର୍ଯ୍ୟାଳୟ ଉପରକୁ ବୋମାମାଡ଼ ହେଉଛି। ପ୍ରଚାରବେଳେ ଆକ୍ରମଣ କରାଯାଉଛି। ହେଲେ ପୋଲିସ କିମ୍ବା ଗୋଇନ୍ଦା ବିଭାଗ କିଛି ବି ଆଗୁଆ ସୂଚନା ଦେଇପାରୁନି। ସବୁଠାରୁ ବଡ଼ କଥା ହେଉଛି ରାଜଧାନୀ ଛାତି ଉପରେ ପୁଣି ସରକାରୀ କ୍ୱାର୍ଟରରେ ଚାଲିଥିବା ବନ୍ଧୁକ କାରଖାନା ସମ୍ପର୍କରେ ମଧ୍ୟ ଗୋଇନ୍ଦା ବିଭାଗ ସାମାନ୍ୟତମ ସୁରାକ ପାଇପାରି ନ ଥିଲା। ଖଣ୍ଡଗିରି ଥାନା ଅନ୍ତର୍ଗତ ଓୟୁଏଟି କଲୋନୀ ପ୍ଲଟ୍ ନଂ.୧ଆର ୧/୬ରୁ ଗୁଳି ଫୁଟିବା ଶବ୍ଦ ଶୁଣି ପଡୋଶୀ ପୋଲିସକୁ ଖବର ଦେବା ପରେ ଘଟଣା ପଦାକୁ ଆସିଥିଲା। ପରେ ପୋଲିସ ଚଢ଼ାଉ କରି ସେଠାରୁ ୩ଟି ଅର୍ଦ୍ଧନିର୍ମିତ ପିସ୍ତଲ, ୩୫ ଗୁଳି, ବାରୁଦ ସହ ବନ୍ଧୁକ ଓ ବୋମା ତିଆରି ସରଞ୍ଜାମ ଜବତ କରିଥିଲା। ଏବେ ରାଜ୍ୟରେ ସୃଷ୍ଟି ହୋଇଥିବା ଅରାଜକତା ପରିସ୍ଥିତି ପାଇଁ ପୋଲିସ ଦାୟୀ ବୋଲି ଷ୍ଟାଲିନ କହିଛନ୍ତି।

ଅନ୍ୟପକ୍ଷରେ ଭାଜପାର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡି ପଡିଛି। ପୋଲିସ ଓ ପ୍ରଶାସନ ବିଜେଡି ଦଳର ପ୍ରଚାର କାର୍ଯ୍ୟରେ ଲାଗିଥିବାରୁ ସାଧାରଣ ଲୋକ ବଳି ପଡୁଛନ୍ତି। ବିଜେଡି ବର୍ତ୍ତମାନ ହାରିଯିବା ଭୟରେ ରାଜ୍ୟ ସାରା ବ୍ୟାପକ ହିଂସା ଘଟାଉଛି। ବିଭିନ୍ନ ସ୍ଥାନରେ ଭାଜପା ନେତା ଓ କର୍ମୀଙ୍କୁ ହତ୍ୟା ଓ ଆକ୍ରମଣ କରାଯାଉଥିବା ସେ କହିଛନ୍ତି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ରାଜ୍ୟରେ କିଏ କାହିଁକି ହିଂସା ଘଟାଉଛନ୍ତି ତାହା ରାଜ୍ୟବାସୀ ଭଲ ଭାବରେ ଜାଣିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ଦୋଷୀ ନିଶ୍ଚିତ ଦଣ୍ଡ ପାଇବ ବୋଲି ସେ କହିଛନ୍ତି। କିନ୍ତୁ ହିଂସା ପାଇଁ ବିଜେଡି ଓ ଭାଜପାକୁ ଦାୟୀ କରିଛି କଂଗ୍ରେସ। କ୍ଷମତା ଲୋଭରେ ଉଭୟ ଦଳ ଦଙ୍ଗା ଓ ହିଂସାରେ ମାତିଛନ୍ତି। ରାଜ୍ୟରେ ଯେଉଁଭଳି ଭାବେ ନିର୍ବାଚନୀ ହିଂସା ବଢୁଛି ତାହା ପୋଲିସ ପ୍ରଶାସନର ବଡ଼ ବିଫଳତା ବୋଲି ଯୁବ କଂଗ୍ରେସ ମୁଖପାତ୍ର ଜ୍ୟୋତିପ୍ରକାଶ ଆଚାର୍ଯ୍ୟ କହିଛନ୍ତି।

### ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ହିଂସାର ମାତ୍ର କମ୍: ଡିଜିପି

ଡିଜିପି ଇନ୍‌ଚାର୍ଜ ବି.କେ.ଶର୍ମା କହିଛନ୍ତି, ଯେଉଁଠାରେ ନିର୍ବାଚନୀ ହିଂସା ଦେଖା ଦେଉଛି ପୋଲିସ ସେଠାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାରେ ନିର୍ବାଚନୀ ହିଂସାର ମାତ୍ରା କମ୍ ରହିଛି। କଡ଼ା ସୁରକ୍ଷା ମଧ୍ୟରେ ମତଦାନ କାର୍ଯ୍ୟକୁ ପରିଚାଳନା କରାଯାଉଛି। ପୋଲିସ ମାଓବାଦୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ସହ ଯେପରି ଆଉ କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତ ସୃଷ୍ଟି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ସୋରଡ଼ା ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଦୁଇ ସହଯୋଗୀଙ୍କୁ ଗିରଫ କରାଯାଇଛି। ଅନ୍ୟସବୁ ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଯେତେ ଶୀଘ୍ର ଗିରଫ କରାଯାଇ ପାରିବ ସେନେଇ ଚେଷ୍ଟା ଚାଲିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାରି ନ ପାରେ ପରକୁ,**
**ଟାଣ କରୁଥାଏ ଘରକୁ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ତଥା ଘର ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି। ତୁଚ୍ଛା ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ମୁହଁ ଫିଟାଇ କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଦୁର୍ବଳ ବ୍ୟକ୍ତି ନିଜ ଘରେ ଟାଣପଣ ଦେଖାଇବା ଭଳି ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପାଇଟିକି ପାରିବି ନାହିଁ,**
**ଖାଇବାକୁ ହାରିବି ନାହିଁ।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ଇଚ୍ଛା କରି ନ ଥାନ୍ତି। ଅଳସୁଆ, ଠାପୁଆ ପ୍ରକୃତିର ବ୍ୟକ୍ତି କଷ୍ଟକରି କାମ କରିବାକୁ ଇଚ୍ଛା କରି ନ ଥାନ୍ତି। କାମ କରିବା କଥା କହିଲେ ନାନା ବାହାନା କରି ବର୍ତ୍ତିଯିବାକୁ ଚେଷ୍ଟା ଚଳାଇଥାନ୍ତି। କିନ୍ତୁ ଖାଇବା କଥା ପଡ଼ିଲେ ଆନନ୍ଦର ସହ ଆଗଭର ହୋଇଯାଇଥାନ୍ତି। ନିକମା, ଅପାରଗ ବ୍ୟକ୍ତିଙ୍କ ଏପରି ମତିଗତି ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



### ମୋଦିଙ୍କ ବାୟୋପିକ୍ ପରିହାସ ସୃଷ୍ଟିକାରୀ:ଉର୍ମିଳା

ମୁମ୍ବାଇ: ମୋଦିଙ୍କ ବାୟୋପିକ୍ ପରିହାସ ସୃଷ୍ଟିକାରୀ ବୋଲି ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ଗୁରୁବାର ପ୍ରକାଶ କରିଛନ୍ତି। ସେ କଂଗ୍ରେସ ପ୍ରାର୍ଥୀ ଭାବେ ମୁମ୍ବାଇ ନର୍ଥ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମୋଦି ନିଜ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବାରୁ ତାଙ୍କ ରାଜନୈତିକ ଜୀବନୀକୁ ନେଇ ନିର୍ମାଣ ହୋଇଥିବା ଫିଲ୍ମ ଦର୍ଶକଙ୍କ ପାଇଁ ପରିହାସ ସୃଷ୍ଟି କରିବ ବୋଲି ଏଠାରେ ମୁମ୍ବାଇ ମରାଠୀ ପତ୍ରିକାର ସଂଘ କାର୍ଯ୍ୟାଳୟରେ ରିପୋର୍ଟରଙ୍କୁ ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନିଜର ଛାତି ୫୬ ଇଞ୍ଚ କହୁଥିବାବେଳେ ସେ କୌଣସି ଗୋଟିଏ ବି ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ତାଙ୍କ ଜୀବନୀ ଉପରେ ନିର୍ମିତ ଫିଲ୍ମ ଭାରତର ଗଣତନ୍ତ୍ର, ଦାରିଦ୍ର୍ୟ ଏବଂ ବିଭିନ୍ନତା ପାଇଁ ପରିହାସ ସଦୃଶ। ବରଂ ସେ ପ୍ରତିଶ୍ରୁତି ପୂରଣ କରି ନ ଥିବାରୁ ସେ ସବୁ ବିଷୟବସ୍ତୁକୁ ନେଇ ଏକ ହାସ୍ୟରସାତ୍ମକ ଫିଲ୍ମ ନର୍ମାଣ ହେବା ଉଚିତ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିଗତ ୫ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥରେ ବି ସାମ୍ବାଦିକ ସମ୍ମିଳନୀ ଡାକି ନ ଥିବା ଉର୍ମିଳା କହିଛନ୍ତି। ସୂଚନାଯୋଗ୍ୟ, ବିବେକ ଓବେରୟ ଅଭିନୀତ ମୋଦିଙ୍କ ବାୟୋପିକ୍ ଏପ୍ରିଲ ୧୧ରେ ରିଲିଜ ହେବାର ଥିଲା। କିନ୍ତୁ ନିର୍ବାଚନ ଋତୁ ଜାରି ରହିଥିବାରୁ ନିର୍ବାଚନ କମିଶନ୍ ଏହାର ରିଲିଜ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି।

■ ଭାଜପା କର୍ମୀଙ୍କୁ ଶାସକ ଦଳର ଆକ୍ରମଣକୁ ନିନ୍ଦା

# ବୁଲେଟ୍‌ର ଜବାବ ଲୋକେ ବାଲଟ୍‌ରେ ଦେବେ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ରାଜ୍ୟ ତମାମ ଭାଜପା କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ଉପରେ ବିଜେଡି ଆକ୍ରମଣ କରୁଛି। ଏହା ବିଜେଡିର ପରାଜୟ ପୂର୍ବ ହତାଶାର ପ୍ରତିଫଳନ। ଯେଉଁମାନେ ଅହଙ୍କାରରେ ମଦମସ୍ତ ହୋଇ ବୁଲେଟ୍‌ର ସାହରା ନେଇଛନ୍ତି, ତାଙ୍କୁ ସାଧାରଣ ଜନତା ବିଶେଷ କରି ଗରିବମାନେ ବାଲଟ୍‌ରେ ଜବାବ ଦେବେ। ଚଳିତ ନିର୍ବାଚନରେ ବିଜେଡି ହିଂସାର ଆଶ୍ରୟ ନେଉଛି ବୋଲି ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିକ୍ରିୟା ରଖିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ଚଳିତ ନିର୍ବାଚନରେ ଏଭଳି ରାଜନୈତିକ ହିଂସା ବା ପ୍ରତିପକ୍ଷକୁ ଆକ୍ରମଣ ପ୍ରଥମ ଥର ପାଇଁ ଦେଖାଦେଇଛି। ସରକାରୀ ଦଳକୁ ରାଜନୈତିକ ବିରୋଧ କାରଣରୁ ଭାଜପା କର୍ମୀଙ୍କୁ ହତ୍ୟା କରାଯାଉଛି। ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆକ୍ରମଣର ନେତୃତ୍ୱ ନେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧୀନସ୍ଥ ଗୃହ ବିଭାଗର ୨ରୁ ୩ଜଣ ଅଣଓଡିଆ ସରକାରୀ ଅଧିକାରୀ ଓଡିଶାରେ ଗଣତନ୍ତ୍ରର କଣ୍ଠରୋଧ କରିବା ଭଳି ଦୁଃସାହସ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟ ତମାମ ହିଂସା, ଅପରାଧ ଓ ଭୟର ବାତାବରଣ ତିଆରି କରିବା ପାଇଁ ଚାହୁଁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏ ରାଜନୈତିକ ହିଂସା ହାରିବାର ପୂର୍ବ ଲକ୍ଷଣ। ପାଦତଳୁ ଯାହାର ମାଟି ଖସିଯାଏ, ଯାହା ପାଖରେ ଲୋକସମର୍ଥନ କମିଯାଏ ସେମାନେ ହିଂସାର ଆଶ୍ରୟ ନିଅନ୍ତି। ଓଡିଆ ଲୋକ ନରେନ୍ଦ୍ର ମୋଦିଙ୍କୁ ପୁନର୍ବାର ପ୍ରଧାନମନ୍ତ୍ରୀ କରିବା ପାଇଁ ଚାହୁଁଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ମନରେ ଡର ଅଛି। ଓଡିଆ ଲୋକଙ୍କୁ ମାରିବା ଓ ହତ୍ୟା କରିବା ପର୍ଯ୍ୟନ୍ତ ମଧ୍ୟ ଶାସକ ଦଳର ଗୁଣ୍ଡାମାନେ ପଛାଉନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରେ କିଏ ଆଖି ଉଠାଇଦେଲେ ଫ୍ଲାଗମାର୍ଚ୍ଚ ସହ ଲୋକଙ୍କୁ ଗିରଫ କରାଯାଉଛି। ଶାସକ ଦଳର ମନ୍ତ୍ରୀଙ୍କୁ କେହି ବିରୋଧ କଲେ ୩୦୭ଦଫାରେ ମାମଲା ରୁଜୁ ହୋଇଯାଉଛି। ମାତ୍ର ପ୍ରତିପକ୍ଷଙ୍କୁ ହତ୍ୟା କଲାପରେ ମଧ୍ୟ କିଛି ପଦକ୍ଷେପ ନିଆଯାଉନାହିଁ। ରାଜ୍ୟ ସରକାର ବଦଳିବା ଦରକାର ନାରା ଘରେ ଘରେ ଗୁଞ୍ଜରଣ ହେଲାଣି। ଗତ ସପ୍ତାହରେ ଖୋର୍ଦ୍ଧାର ଭାଜପା ନେତା ମଙ୍ଗୁଳି ଜେନା ରାଜନୈତିକ ହିଂସାର ଶିକାର ହୋଇଥିଲେ। ପ୍ରଧାନମନ୍ତ୍ରୀ ଏନେଇ ଚିନ୍ତାପ୍ରକଟ କରିବାପରେ ମଧ୍ୟ ଅପରାଧୀମାନେ ଖୋଲାଖୋଲି ବୁଲୁଛନ୍ତି। ଅପରାଧୀଙ୍କୁ ଧରିବାର ପ୍ରଚେଷ୍ଟା ପୋଲିସର ନାହିଁ। ସେଠାକାର ଏସ୍‌ପିଙ୍କୁ ବଦଳି କରି ମୁଖ୍ୟମନ୍ତ୍ରୀ ତାଙ୍କ ଦାୟିତ୍ୱରୁ ଓହରି ଯାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିନା ନିର୍ଦ୍ଦେଶରେ ଏଠାକାର ନିର୍ବାଚନ ଅଧିକାରୀ କମା, ଫୁଲ୍‌ଷ୍ଟପ୍ ବି ଲଗାନ୍ତି ନାହିଁ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। ସୋରଡା ନିର୍ବାଚନମଣ୍ଡଳୀରେ ବୁଧବାର ଭାଜପାର ଜଣେ କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇଛି। ସେହିଭଳି ବରଗଡର ଭଟ୍‌ଲିରେ ଶାସକ ଦଳର ଲୋକ ଆଉ ଜଣେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଛୁରାମାଡ କରିବା ସହ ବନ୍ଧୁକ ଦେଖାଇଛନ୍ତି। ବିଜେପୁର ଭାଜପା ପ୍ରାର୍ଥୀଙ୍କ ଗାଡି ଉପରକୁ ଆକ୍ରମଣ କରାଯାଉଛି। ହିଞ୍ଜିଳିକାଟୁରେ ଦଳୀୟ ପ୍ରାର୍ଥୀଙ୍କୁ ହଇରାଣ କରାଗଲା। ବିଜେଡି ଏତେ ଅସହିଷ୍ଣୁ କ'ଣ ପାଇଁ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।


## CLASSIFIED DISPLAY

ALL EDITION - B/W (Every Day)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
7310644620
7310644390
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694




ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍।
Helpline Numbers
9430834074
8709556494
House No.267, Friends Colony, New Delhi-6


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୨ ବାଇକ୍ ଧକ୍କା: ୨ ଗୁରୁତର

ରେଢାଖୋଲ,୧୮।୪(ଡି.ଏନ.ଏ.)- ରେଢାଖୋଲ ସହର ଉପକଣ୍ଠସ୍ଥ ଭୀମଭୋଇ କଲେଜ ଛକ ନିକଟରେ ଗୁରୁବାର ସକାଳ ପ୍ରାୟ ସାଢେ ୯ଟା ବେଳେ ୨ ବାଇକ୍ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ୨ଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅବସରପ୍ରାପ୍ତ ପୋଲିସ କର୍ମଚାରୀ କରୁଣାକର ଧଳ ଏବଂ କ୍ଷୀତିରଞ୍ଜନ ବାଙ୍କ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି। ମିଳିଥିବା ସୂଚନା ମୁତାବକ, କରୁଣାକର ବସ୍‌ଷ୍ଟାଣ୍ଡରୁ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ହେଲେ ଘର ପାଖ ରାସ୍ତାରେ କ୍ଷୀତିରଞ୍ଜନଙ୍କ ବାଇକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ଜଣ ଗୁରୁତର ଆହତ ହୋଇଥିଲେ। ଏନେଇ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନସକୁ ଡାକିଥିଲେ। ହେଲେ ଆମ୍ବୁଲାନ୍ସ ନ ଥିବାରୁ ଘଟଣାସ୍ଥଳରେ କିଛି ସମୟଧରି ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଏକ ଘରୋଇ ଡାକ୍ତରଖାନାର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନାକୁ ପଠାଯାଇଥିଲା। ସୂଚନାଯୋଗ୍ୟ, ରେଢାଖୋଲ ଡାକ୍ତରଖାନାକୁ ସରକାରଙ୍କ ପକ୍ଷରୁ ଏକ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲା। ହେଲେ ଡ୍ରାଇଭର ନିଯୁକ୍ତି ନ ହେବାରୁ ଆମ୍ବୁଲାନସକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା।

### ହାଇୱା ଧକ୍କାରେ ପୁଅ ମୃତ, ବାପା ଗୁରୁତର

**ଗାଡ଼ିଚାଳକ ଫେରାର, ହାଇୱା ଜବତ**

ସମ୍ବଲପୁର,୧୮।୪(ବ୍ୟୁରୋ) ସମ୍ବଲପୁର ଜିଲା ଯୁଯୁମୁରା ଥାନା ଆମଲିପାଏନ ଗ୍ରାମ ନିକଟରେ ଗୁରୁବାର ଏକ ହାଇୱା ଧକ୍କାରେ ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଗୁରୁତର ଆହତ ହୋଇଛନ୍ତି। ମୃତକ ପୁଅ ହେଲେ କୃଷ୍ଣ ମୁଣ୍ଡା(୯)। ବାପା କୈଳାସ ମୁଣ୍ଡା ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ଜଣେ ସମ୍ପର୍କୀୟ ଏବଂ କୈଳାସଙ୍କ ୫ ବର୍ଷର ଝିଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି । କୈଳାସ ଜିଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱା ଓ ବାଇକ୍‌କୁ ଜବତ କରିଛି । ସୂଚନା ଯୋଗ୍ୟ, ଏକ ହାଇୱା(ନଂ.ଓଡି୦୯ପି-୧୫୫୮) ସମ୍ବଲପୁର ଆସୁଥିବା ବେଳେ ଭାରସାମ୍ୟ ହରାଇ ଅମାଲିପାଏନ ଗ୍ରାମ ନିକଟରେ ଟାଙ୍ଗରପାଲିର କୈଳାସଙ୍କ ବାଇକ୍(ନଂ.ଓଡି୧୫ଏଚ-୫୯୧୨)କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିବା ବେଳେ କୈଳାସ ଗୁରୁତର ଆହତ ହୋଇଥିଲେ। ଅନ୍ୟପକ୍ଷେ ହାଇୱା ଚାଳକ ଗାଡ଼ି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ବାମରାରେ ଭାଜପାର ନିର୍ବାଚନୀ ସଭା

- ଯୋଗଦେଲେ ସିନେତାରକା, ଷ୍ଟାର୍ ପ୍ରଚାରକ
- ନବୀନ ସରକାରଙ୍କୁ ଟାର୍ଗେଟ କଲେ କର୍ମକର୍ତ୍ତା
- ସଭାରେ ସେଲ୍‌ଫି ପାଇଁ ପ୍ରତିଯୋଗିତା
- ହେଲିକପ୍ଟର ଦେଖିବାକୁ ଭିଡ଼



ବାମରା ହାଇସ୍କୁଲ ପଡ଼ିଆରେ ଭାଜପା ପକ୍ଷରୁ ଅନୁଷ୍ଠିତ ନିର୍ବାଚନୀ ସଭାରେ ଷ୍ଟାର ପ୍ରଚାରକ ଅନୁ ଚୌଧୁରୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ବାମରା, ୧୮।୪ (ସ୍ୱ.ପ୍ର.)

ସମ୍ବଲପୁର ଜିଲା କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ୨୩ ତାରିଖରେ ଭୋଟ ଗ୍ରହଣ ହେବ। ଏନେଇ ପ୍ରମୁଖ ଦଳ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ବାମରା ହାଇସ୍କୁଲ ପଡ଼ିଆରେ ଭାଜପାର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଓଲିଉଡ ଅଭିନେତ୍ରୀ ତଥା ଭାଜପାର ଷ୍ଟାର ପ୍ରଚାରକ ଅନୁ ଚୌଧୁରୀଙ୍କ ସହ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ନିତେଶ ଗଙ୍ଗଦେବଙ୍କ ସ୍ତ୍ରୀ ଅରୁନ୍ଧତୀ ଦେବୀ, ନବରଙ୍ଗପୁର ବିଧାୟକ ପ୍ରାର୍ଥୀ ଗୌରୀ ଶଙ୍କର ମାଝି, କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରବି ନାରାୟଣ ନାଏକ, ମହିଳା ସଭାନେତ୍ରୀ ସଯୁକ୍ତା ପଟେଲ, ବ୍ଲକ ସଭାପତି ଚକ୍ରଧର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଭାଜପା ଜିଲା ଉପସଭାପତି ବିରଞ୍ଚି ନାରାୟଣ ଦର୍ଶାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ଶୈଳେନ୍ଦ୍ର ନାୟକ, ପଦ୍ମଚରଣ ଗୁରୁ, ରାଣା ପ୍ରତାପ ସିଂ, କୁମାରେଶ ଦଶଭାୟା, ପ୍ରମୋଦ ନାୟକ, ମୁରାରୀ ଅଗ୍ରୱାଲ, ସୁବାସ ଖଣ୍ଡେଲୱାଲ, ପାପୁନ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଧାୟକ ପ୍ରାର୍ଥୀ ରବିନାରାୟଣ ନାଏକ କେନ୍ଦ୍ରର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏପରି କି ବିଜେଡି ସରକାରଙ୍କ ଉପରେ ବର୍ଷିଥିଲେ। ଷ୍ଟାର ପ୍ରଚାରକ ଅନୁ ଚୌଧୁରୀ ବକ୍ତବ୍ୟ ପ୍ରଦାନ କରିବା ସହ ଲୋକଙ୍କ ସହ ସେଲଫି ନେଇ ଭାଜପାକୁ ଭୋଟ ଦେଇ ଆଶୀର୍ବାଦ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଅରୁନ୍ଧତୀ ଦେବୀ ଭାଷଣରେ ଭାବବିହ୍ୱଳ ହୋଇ ବାମଣ୍ଡା ଇତିହାସ ଉପରେ ଜନସାଧାରଣଙ୍କୁ କହିବା ସହ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କହିଥିଲେ। ସଭାରେ ବ୍ଲକର ଗୋବିନ୍ଦପୁର, ବାଉଁଶଲଗା, ଉଜକାପାଟ, କୁଟାରୀମାଲ, ରଙ୍ଗିଆଟିକ୍ରା ଅଞ୍ଚଳର ଶତାଧିକ ଲୋକଙ୍କ ସମାବେଶ ହୋଇଥିଲା। କାର୍ଯ୍ୟକ୍ରମରେ ସାଗର ନାଏକ, ସାଗର ସାହୁ, ପୁଷ୍ପେନ୍ଦୁ ସାହୁ, ସନ୍ନି ସାଗର ଗୁପ୍ତା, କୁମାର ଚନ୍ଦ୍ର ପଟେଲ, ସଞ୍ଜୟ ଅଗ୍ରୱାଲ, ପିଣ୍ଟୁ ଜୟସ୍ୱାଲ, ମୁକେଶ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ୨ ଦିନିଆ ନିର୍ବାଚନୀ ପ୍ରଚାର

- ରେଢାଖୋଲ, କୁଚିଣ୍ଡା, ଦେବଗଡ଼ରେ ସାଧାରଣ ସଭା
- ସମ୍ବଲପୁରରେ ରୋଡ ଶୋ'

ସମ୍ବଲପୁର,୧୮।୪(ବ୍ୟୁରୋ)

ଏପ୍ରିଲ ୨୩ ତାରିଖ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ସମ୍ବଲପୁର ଲୋକ ସଭା ସହ ୭ଟି ବିଧାନ ସଭା ପାଇଁ ଭୋଟ ଗ୍ରହଣ ହେବ। ଏନେଇ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୦ ଏବଂ ୨୧ ତାରିଖ ସମ୍ବଲପୁର ଲୋକ ସଭା କ୍ଷେତ୍ରର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ୨୦ ତାରିଖ ଅନୁଗୋଳରେ ନିର୍ବାଚନୀ ପ୍ରଚାର କାର୍ଯ୍ୟ ସାରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟାହ୍ନ ୧୨ଟା ୫୫ମିନିଟରେ ରେଢାଖୋଲ ନିର୍ବାଚନମଣ୍ଡଳୀ ବାଟଗାଁ ପଡ଼ିଆରେ ପହଞ୍ଚି ନିର୍ବାଚନୀ ସଭାରେ ଯୋଗଦେଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏପରି କି ରେଢାଖୋଲ ନିର୍ବାଚନମଣ୍ଡଳୀ ଦଳୀୟ ପ୍ରାର୍ଥି ରୋହିତ ପୂଜାରୀଙ୍କ ପାଇଁ ଭୋଟଭିକ୍ଷା କରିବେ ବୋଲି ଜଣାପଡିଛି। ସେଠାରୁ ମୁଖ୍ୟ ମନ୍ତ୍ରୀ ଦେବଗଡ଼ ନିର୍ବାଚନମଣ୍ଡଳୀ ଟିଙ୍କବୀରଠାରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ଦଳୀୟ ପ୍ରାର୍ଥୀ ଅଖିଳ ରଞ୍ଜନ ବିଶ୍ୱାଳଙ୍କ ପାଇଁ ପ୍ରଚାର କାର୍ଯ୍ୟ କରିବାର ସମୟ ଧାର୍ଯ୍ୟ ରହିଛି। ସେଠାରୁ ମୁଖ୍ୟ ମନ୍ତ୍ରୀ ହେଲିକେପ୍ଟରରେ ଆସି ଏମ୍‌ସିଏଲ୍ ହେଲିପ୍ୟାଡରେ ଓହ୍ଲାଇ ପ୍ରାୟ ୧ ଘଣ୍ଟା ସମୟ ବିଶ୍ରାମ ନେବା ନେଇ ସ୍ଥିର ହୋଇଛି । ପରେ ସମ୍ବଲପୁରରେ ରୋଡ ଶୋ' କରି ବିଧାନସଭା ପ୍ରାର୍ଥୀ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ପାଇଁ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ପରେ ବୁର୍ଲା ଏମ୍‌ସିଏଲ ଗେଷ୍ଟ ହାଇସରେ ରାତ୍ରିଯାପନ କରିବେ। ୨୧ ତାରିଖ ସକାଳେ ଏମ୍‌ସିଏଲ୍ ହେଲିପ୍ୟାଡରୁ ବାହାରି କୁଚିଣ୍ଡା ନିର୍ବାଚନୀମଣ୍ଡଳୀର କୁଚିଣ୍ଡାରେ ହେବାକୁ ଥିବା ସଭାରେ ଉଦ୍‌ବୋଧନ ଦେଇ ଦଳୀୟ ପ୍ରାର୍ଥୀ କିଶୋର ନାଏକଙ୍କ ପାଇଁ ପ୍ରଚାର କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ବୁର୍ଲା ଡିଏଭି ସ୍କୁଲର ବାର୍ଷିକ ଉତ୍ସବ



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଚିପିଲିମା,୧୮।୪(ଡି.ଏନ.ଏ.)

ବୁର୍ଲା ଏମ୍‌ସିଏଲ ଆନନ୍ଦ ବିହାରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଏକ୍ସୋଡିଆ ୨କେ୧୯ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଏମ୍‌ସିଏଲର ବିର୍ତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇଆର୍‌ପିଏଫ ସିଭିଓ ଏମ୍ ଖୁର୍ସିଦ, ବୈଷୟିକ ନିର୍ଦ୍ଦେଶକ ଓମପ୍ରକାଶ ସିଂ, ଆଞ୍ଚଳିକ ଅଧିକାରୀ ଏଲ୍‌ଏନ୍ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ରଶ୍ମି ମିତ୍ର ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱନ୍ଦନ ମହାପାତ୍ର, ତ୍ରିଶା ଅଗ୍ରୱାଲ, ଅର୍ଚ୍ଚନା ମିଶ୍ର, ଶୁଭଶ୍ରୀ ଶତପଥୀ, ପ୍ରିୟଦର୍ଶନୀ ଭୋଇ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନାଚ, ଗୀତ, ଓଡ଼ିଶୀ, ଫକଡ୍ୟାନ, ଦେଶାତ୍ମବୋଧକ ନାଚ, ଗୀତ ଆଦି ପରିବେଷଣ କରିଥିଲେ। ଶେଷରେ ନାରୀଶକ୍ତି ଉପରେ ଆଧାରିତ ଏକ କ୍ଷୁଦ୍ର ନାଟକ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଲୋକେ ଏହାର ଭରପୂର ମଜା ଉଠାଇଥିଲେ। ଶେଷରେ ଏମ୍.ଏସ୍ ଗୁହା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ଅଭିଭାବକ ସହଯୋଗ କରିଥିଲେ।

## ଚୋରି ସାମଗ୍ରୀ ଉଦ୍ଧାର: ୫ ଗିରଫ

ସମ୍ବଲପୁର,୧୮।୪(ବ୍ୟୁରୋ)

ସମ୍ବଲପୁର ହୀରାକୁଦ ଥାନା ପୋଲିସ ଚୋରି ସାମଗ୍ରୀ ଉଦ୍ଧାର କରି ଗୁରୁବାର ୫ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ହୀରାକୁଦ ଗୁରୁଦ୍ୱାରାପଡ଼ାର ବିଷ୍ଣୁ ସୁନା, ରଣବୀର ସିଂ, ସୁମନ୍ତ ନାଗ, ଗଙ୍ଗାଲୁ ଛତ୍ରିଆ ଓ ମଙ୍ଗଳ ସିଂ । ଏନେଇ ହୀରାକୁଦ ଥାନା ପୋଲିସ ଏକ ମାମଲା(ନଂ. ୭୬/୧୯) ରୁଜୁ କରି ଗିରଫ ୫ଜଣଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ହୀରାକୁଦ ତାରାସିଂପଡ଼ାର ଦେବାଶିଷ ବାରିକଙ୍କ ୮ ମିଟର ପ୍ଲାଷ୍ଟିକ ପାଇପ୍ ଚୋରି ହୋଇଥିଲା। ଭିଏସ୍‌ଏସ୍ କଲୋନୀର ଶିବ ଚନ୍ଦ୍ର ବେହେରାଙ୍କ ପାଣି ପମ୍ପ ଚୋରି ହୋଇଥିଲା । ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ବିଭିନ୍ନ ସ୍ଥାନରେ ଚଢାଉ କରି ୫ଜଣଙ୍କୁ ଧରିବାରେ ସଫଳ ହୋଇଥିଲା।

# ସମ୍ବଲପୁର ବିକାଶ ଲାଗି ଲଢ଼େଇ ଜାରି ରହିବ

ସମ୍ବଲପୁର,୧୮।୪(ବ୍ୟୁରୋ)

ସମ୍ବଲପୁର ସହରରେ ଅନେକ ବିକାଶ ମୂଳକ କାମ ହୋଇଛି । ଫ୍ଲାଏ ଓଭରଠାରୁ ଆରମ୍ଭ କରି ମହାନଦୀ ଦ୍ୱିତୀୟ ସେତୁ, ରାସ୍ତାଘାଟ ନିର୍ମାଣ ହେଉଛି । ତେଣୁ ଚଳିତ ନିର୍ବାଚନ ବିକାଶ ଏବଂ ବିନାଶର ଲଢେଇ ହେବ ବୋଲି ଖବରଦାତା ସମ୍ମିଳନୀରେ ବିଜେଡି ନେତାମାନେ ସୂଚନା ଦେଇଛନ୍ତି। ସେମାନେ ଆହୁରି କହିଥିଲେ ଯେ, ସମ୍ବଲପୁରରେ ଆହୁରି ଅନେକ ଯୋଜନା ବାକି ରହିଛି । ଯାହା କାର୍ଯ୍ୟକାରୀ କରାଯିବ। ସମ୍ବଲପୁରରେ ଟୁରିଷ୍ଟ ହବ୍, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍ ଭଳି ଅନେକ ସମସ୍ୟା ସମାଧାନ କରାଯିବ ସହ ବିକାଶ ପାଇଁ କାର୍ଯ୍ୟ କରାଯିବ ବୋଲି କହିଥିଲେ। ଭାଜପାରୁ ଆସି ବିଜେଡିରେ ଯୋଗ ଦେଇଥିବା ସମ୍ବଲପୁର ପର୍ଯ୍ୟବେକ୍ଷକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁବାଷ ଚୌହାନଙ୍କୁ ସ୍ୱାଗତ କରାଯାଇଥିଲା। ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ଦାଶ, ଯୁବନେତା ଶୈଳେଶ ଦାନୀ, ଦିଶାନ୍ତ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ ।



ସମ୍ବଲପୁର ଏକ ହୋଟେଲରେ ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

## ରେଙ୍ଗାଲିରେ ନବଙ୍କ ନିର୍ବାଚନୀ ପ୍ରଚାର

ରେଙ୍ଗାଲି,୧୮।୪(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାରକୁ ଜୋରଦାର କରାଯାଇଛି। ଗୁରୁବାର ଝାରସୁଗୁଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ନବ କିଶୋର ଦାସ ରେଙ୍ଗାଲି ବ୍ଲକ ଲାଉମାଲସ୍ଥିତ ସମଲେଶ୍ୱରୀ ମନ୍ଦିରରେ ଦର୍ଶନ କରି ନିର୍ବାଚନୀ ପ୍ରଚାର ଆରମ୍ଭ କରିଥିଲେ। ସେ ପ୍ରଥମେ କତରବଗାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସେହିପରି ଗୁଲାମାଲ, ଲାରିପାଲି ଏବଂ ଝାରମୁଣ୍ଡାଠାରେ ନିର୍ବାଚନୀ ସଭା ହୋଇଥିଲା । ଏଥିରେ ବିଧାୟକ ପ୍ରାର୍ଥୀ ନବ ରେଙ୍ଗାଲି ନିର୍ବାଚନମଣ୍ଡଳୀ ତଥା ଓଡ଼ିଶାର ବିକାଶ ପାଇଁ ବିଜେଡିକୁ ଭୋଟ ଦେଇ ଆଶୀର୍ବାଦ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ରେଙ୍ଗାଲି ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ପ୍ରଦୀପ ସାହୁ, ଶେଷଦେବ ପ୍ରଧାନଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ମତଦାନ ଶୀର୍ଷକ ପଥପ୍ରାନ୍ତ ନାଟକ

ସମ୍ବଲପୁର, ୧୮।୪ (ବ୍ୟୁରୋ)- ଭୋଟଦାତାଙ୍କୁ ଆକର୍ଷିତ କରିବାକୁ ପଥପ୍ରାନ୍ତ ନାଟକ ଓ ସଚେତନତା ସଭା ସମ୍ବଲପୁର ସହରର ବସ୍ତି ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ଅଦୃଶ୍ୟ ନାଟ୍ୟ ଆଶ୍ରମର କଳାକାରମାନେ ବିଭିନ୍ନ ପଡାବୁଲି ଜନସାଧାରଣଙ୍କୁ ଭୋଟ ଦେବାକୁ ସଚେତନ କରାଯାଇଥିଲା। ଏପରି କି କଳାକାରମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଦର୍ଶକଙ୍କୁ ଆକୃଷ୍ଟ କରିଥିବା ଦେଖାଯାଇଥିଲା। ଅତିଶ କୁମାର ଶତପଥୀ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ । ଶୁଭମ ମେହେର, ଅନିଲ ସଙ୍ଗାରି, ରାଜୁ ନସକର, ଆଦିତ୍ୟ ସାହା, ବିକାଶ ପ୍ରଧାନ, ଘନଶ୍ୟାମ ମେହେର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ।




ସମ୍ବଲପୁର ପେନସନପଡ଼ା ଅଞ୍ଚଳରେ ମତଦାନ ଶୀର୍ଷକ ପଥପ୍ରାନ୍ତ ନାଟକ ।

# ଚିପିଲିମା ପୁରୁଣା ମାର୍କେଟରେ ୨୪ ପ୍ରହର ନାମଯଜ୍ଞ

ଚିପିଲିମା,୧୮।୪ (ଡି.ଏନ.ଏ.)

ସମ୍ବଲପୁର ଧନକଉଡ଼ା ବ୍ଲକ କର୍ଡୋଲା ପଞ୍ଚାୟତ ଚିପିଲିମା ପୁରୁଣା ମାର୍କେଟରେ ୨୫ତମ ୨୪ ପ୍ରହର ନାମଯଜ୍ଞ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ଥିଲା। ମହିଳାମାନେ ମହାନଦୀରୁ କଳସରେ ପାଣି ଯଜ୍ଞମଣ୍ଡପରେ ପହଞ୍ଚିଥିଲେ। ପରେ ୫୧ଟି କଳସ ଯଜ୍ଞ ମଣ୍ଡପରେ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। ପଣା ସଂକ୍ରାନ୍ତିରେ ବିଧିମୁତାବକ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ପରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା ବୁଧବାର ଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟ ହୋଇଥିଲା। ପୂଜାକାର୍ଯ୍ୟକୁ ପଣ୍ଡିତ ଗଜେନ୍ଦ୍ର ପାଢ଼ୀ ପରିଚାଳନା କରିଥିବା ବେଳେ ପଣ୍ଡିତ ରାସବିହାରୀ ପଣ୍ଡା, କେଶବ ଦାସ, ଯୋଗଗୁରୁ ଅରୁଣ ମିଶ୍ର ସହଯୋଗ କରିଥିଲେ। କର୍ତ୍ତା ଭାବେ ଆନନ୍ଦ ମେହେର ତାଙ୍କ ସ୍ତ୍ରୀ ଦାୟିତ୍ୱ ସମ୍ପାଦନ କରିଥିଲେ। ନାମଯଜ୍ଞରେ ସ୍ଥାନୀୟ କର୍ଡୋଲା, ରୁପାପାଲି, ଚିପିଲିମାର ସଂକୀର୍ତ୍ତନ୍ୟ ଦଳ ସହଯୋଗ କରିଥିଲେ। ଏହି ଅବସରରେ ବରଗଡ଼ ଭେଡେନ ଥାନା ରୁପାପାଲି ଓ ପିପିଲିପାଲି ମର୍ଡର୍ନ କୃଷ୍ଣଗୁରୁ ଦଳ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା । ସମସ୍ତ ଭକ୍ତ ତଥା ଜନସାଧାରଣଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଆୟୋଜିତ ନାମଯଜ୍ଞରେ ଚିପିଲିମାବାସୀ ସହଯୋଗ କରିଥିଲେ।



ଚିପିଲିମା ପୁରୁଣା ମାର୍କେଟରେ ନାମଯଜ୍ଞ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

# ଫଂଟାଟାଙ୍ଗର ଗାଁକୁ ରାଜସ୍ୱ ମାନ୍ୟତା ଦାବି

- ଗ୍ରାମବାସୀ-ପ୍ରଶାସନିକ ଟିମ୍‌ର ଆଲୋଚନା ବିଫଳ
- ସାଧାରଣ ନିର୍ବାଚନରେ ଭୋଟ ବର୍ଜନ ଚେତାବନୀ

ବାମରା,୧୮।୪ (ସ୍ୱ.ପ୍ର.)

ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ଫଟାଟାଙ୍ଗର ଗାଁକୁ ରାଜସ୍ୱ ଗ୍ରାମର ମାନ୍ୟତା ଦାବି ନେଇ ଗ୍ରାମବାସୀ ଜିଦ ଧରି ବସିଛନ୍ତି। ଦାବି ପୂରଣ ନ ହେଲେ ଗ୍ରାମବାସୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ଫଟାଟାଙ୍ଗର ଗାଁକୁ ରାଜସ୍ୱ ମାନ୍ୟତା ଦାବି ନେଇ ଗ୍ରାମବାସୀ ସମ୍ବଲପୁର ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ପରେ ଜିଲା ପ୍ରଶାସନର ଏକ ଟିମ୍ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଆଲୋଚନା ବେଳେ କୌଣସି ସମାଧାନ ହୋଇ ପାରି ନ ଥିବା ଜଣାପଡିଛି। ଅନ୍ୟପକ୍ଷେ ଗ୍ରାମବାସୀଙ୍କ ମଧ୍ୟରେ ଏକ ସଭାର ଆୟୋଜନ ହୋଇଥିଲା। ସାମାଜିକ କର୍ମୀ ଦିନବନ୍ଧୁ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ୱାର୍ଡମେମ୍ବର ସୁନ୍ଦର କିଷାନ, ସୁରେନ୍ଦ୍ର ବାଘ, ବରିଷ୍ଠ ନେତା ଫକୀର ଛତ୍ରିଆ, ଭିଏସ୍‌ଏସ୍ ସଭ୍ୟା ସୁଶିଳା ଡୁଙ୍ଗଡୁଙ୍ଗ, ୱାର୍ଡ ମେମ୍ବର ଅଶୋକ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ଟପ୍ପୋ ଯୋଗଦେଇ ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀଙ୍କ ସହ ଯୋଗସୂତ୍ର ରକ୍ଷା କରି ନିୟମ ଅନୁସାରେ ଆଗକୁ ବଢ଼ିବାକୁ ଜନସାଧାରଣଙ୍କୁ କହିଥିଲେ। ଅନ୍ୟପକ୍ଷେ ଦୀର୍ଘ ଦିନ ଧରି ହେଉଥିବା ଦାବିକୁ ଜିଲା ପ୍ରଶାସନ କର୍ଣ୍ଣପାତ କରୁ ନ ଥିବାରୁ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ଗ୍ରାମବାସୀ ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଗତ କିଛିଦିନ ତଳେ ଜିଲା ପ୍ରଶାସନର ୫ଜଣ ଅଧିକାରୀ ଗାଁକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଆଲୋଚନା ବିଫଳ ହୋଇଥିଲା । ଗାଁରେ ୧ଶହରୁ ଊର୍ଦ୍ଧ୍ୱ ପରିବାର ଥିବା ବେଳେ ୬ଶହରୁ ଊର୍ଦ୍ଧ୍ୱ ଲୋକ ଅଛନ୍ତି।



ସଭାରେ ମଞ୍ଚାସୀନ ଅତିଥି।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ୨ଲକ୍ଷ ଟଙ୍କା ଜବତ

ଲଇକେରା,୧୮।୪(ଡି.ଏନ୍.ଏ.)
ମଙ୍ଗଳବାର ନିର୍ବାଚନ ପ୍ରଚାରର ଶେଷ ଦିନ ଥିବା ବେଳେ ଭାତଲଇଡ଼ା ପଞ୍ଚାୟତ ଭୋଇଡିହି ଗ୍ରାମର ଜଣେ ପୁରୁଖା କଂଗ୍ରେସ କର୍ମୀଙ୍କ ନିକଟରୁ ୨ଲକ୍ଷ ଟଙ୍କା ଜବତ ହେବା ଘଟଣାକୁ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମଙ୍ଗଳବାର ରାତି ସାଢ଼େ ୧୨ଟାରେ ଲଇକେରା ଥାନା ଅଧିକାରୀ ବିଶ୍ୱପତି ପଣ୍ଡାଙ୍କ ନେତୃତ୍ୱରେ ଫ୍ଲାଇଂ ସ୍କ୍ୱାଡ୍-୨ ଭୋଇଡିହିରେ ଅତର୍କିତ ଚଢ଼ାଉ କରିଥିଲେ। ଗାଁମୁଣ୍ଡ ଏକ ଗଛ ମୂଳରେ ପୂର୍ବତନ କଂଗ୍ରେସ ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଭୋଇଙ୍କ ସମେତ କିଛି ଲୋକେ ରୁଣ୍ଡ ହୋଇ ନିର୍ବାଚନ ସମ୍ପର୍କରେ ଗୁପ୍ତ ଆଲୋଚନା କରୁଥିଲେ। ପୋଲିସ ଗାଡ଼ି ଦେଖି ସମସ୍ତେ ଏଣେତେଣେ ଦୌଡ଼ି ପଳାଇଥିଲେ। ତେବେ କୃଷ୍ଣଚନ୍ଦ୍ରଙ୍କ ନିକଟରୁ ପୋଲିସ ୧୦୦ ଖଣ୍ଡ ୨ହଜାର ଟଙ୍କିଆ ନୋଟ୍, ଭୋଟର ତାଲିକା ଓ ନିର୍ବାଚନ ସମ୍ବନ୍ଧୀୟ କିଛି କାଗଜ ଜବତ କରିଥିଲା। ଏହି ଟଙ୍କା ମୋର ନୁହେଁ, ଲୋକଙ୍କୁ ବାଣ୍ଟିବା ପାଇଁ କଂଗ୍ରେସ ପ୍ରାର୍ଥୀ ମହେନ୍ଦ୍ର ନାଏକ ମତେ ଦେଇଥିଲେ ବୋଲି କୃଷ୍ଣଚନ୍ଦ୍ର ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ତଦନ୍ତ ଚାଲିଛି। କୃଷ୍ଣଚନ୍ଦ୍ରଙ୍କୁ ଏହି ଟଙ୍କାର ଉପଯୁକ୍ତ କାଗଜପତ୍ର ମଗାଯାଇଛି। ସେ କାଗଜ ଉପସ୍ଥାପନ କରି ନ ପାରିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି।

### ଶାନ୍ତିଶୃଙ୍ଖଳାରେ ସରିଲା ମତଦାନ

ଲଇକେରା,୧୮।୪(ଡି.ଏନ୍.ଏ.)
ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକର ୫୨ ବୁଥ୍‌ରେ ଗୁରୁବାର ଶାନ୍ତିଶୃଙ୍ଖଳାର ସହିତ ସରିଛି ଦ୍ୱିତୀୟ ପର୍ଯ୍ୟାୟ ମତଦାନ। ବ୍ଲକର ମୋଟ ୩୯ ହଜାର ୮୧୬ ଭୋଟରଙ୍କ ମଧ୍ୟରୁ ଖବର ଲେଖାଯିବା ପର୍ଯ୍ୟନ୍ତ ୮୦ ପ୍ରତିଶତ ଭୋଟର ମତ ସାବ୍ୟସ୍ତ କରିଛନ୍ତି। ତେବେ ରାତି ସାଢ଼େ ୮ଟା ପରେ ମଧ ବାବୁଚିପିଡିହି, କୁଲେମୁରା ବୁଥ୍‌ରେ ଧାଡିରେ ଠିଆ ହୋଇଥିବା ଭୋଟରଙ୍କ ମତ ଗ୍ରହଣ କରାଯାଉଥିବା ସୂଚନା ମିଳିଛି। ଖୁନ୍ତାମାଲ, ଜାମମାଲ, କୁକେରମା ମଡେଲ ବୁଥ୍‌ରେ ଭୋଟରମାନେ ଅତି ଖୁସିର ସହ ଭୋଟ ଦେଇଛନ୍ତି। ଏହି ମଡେଲ ବୁଥ୍‌ଗୁଡ଼ିକରେ ପ୍ରଶାସନ ପକ୍ଷରୁ ଭୋଟରଙ୍କ ପାଇଁ ଲେମ୍ବୁ ସରବତ ଓ ତରଭୁଜ ବ୍ୟବସ୍ଥା କରାଯାଇଥିଲା। ଅଳ୍ପ କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ଭୋଟରମାନେ ରାତି ସାଢ଼େ ୮ ପର୍ଯ୍ୟନ୍ତ ଲାଇନରେ ଠିଆହୋଇ ଭୋଟ ଦେବାକୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ସେହିପରି କିର୍ମିରା ବ୍ଲକରେ ମଧ ଶାନ୍ତିଶୃଙ୍ଖଳାର ସହ ସରିଲା ମତଦାନ। ଠାକୁରପଡ଼ାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ନିଜ ଝିଅ ଓ ସ୍ତ୍ରୀଙ୍କ ସହ ଧାଡ଼ିରେ ଠିଆହୋଇ ମତଦାନ କରିଛନ୍ତି।

### ଲିଭରପୁଲ-ବାର୍ସିଲୋନା ସେମିଫାଇନାଲ

ପୋର୍ଟୋ (ପର୍ତ୍ତୁଗାଲ), ୧୮।୪(ଏଏଫ୍‌ପି): ୟୁରୋପର ବଛା ବଛା ଶ୍ରେଷ୍ଠ ଫୁଟ୍‌ବଲ କ୍ଲବଗୁଡ଼ିକୁ ନେଇ ଚାଲିଥିବା ଚାମ୍ପିୟନ୍ସ ଲିଗ୍ ପ୍ରତିଯୋଗିତାର ସେମିଫାଇନାଲରେ ଲିଭରପୁଲ ଦଳ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ୨ୟ ଲେଗ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଇଂଲିଶ କ୍ଲବ ଲିଭରପୁଲ ୪-୧ ଗୋଲରେ ଘରୋଇ ଏଫ୍‌ସି ପୋର୍ଟୋକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସାଡିଓ ମାନେ (୨୬ତମ ମିନିଟ୍), ମହମ୍ମଦ ସାଲ୍‌ହା (୬୫ତମ), ରବର୍ଟ ଫିର୍‌ମିନୋ (୭୭ତମ) ଓ ଭିର୍ଗିଲ ଭାନ୍ ଡିଜେକ୍ (୮୪ତମ) ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ। ଭିର୍ଗିଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏଥିପୂର୍ବରୁ ଦୁଇ ଦଳ ମଧ୍ୟରେ ଗତ ସପ୍ତାହରେ ଖେଳାଯାଇଥିବା ପ୍ରଥମ ଲେଗ୍ କ୍ୱାର୍ଟର ଫାଇନାଲକୁ ମଧ ଲିଭରପୁଲ ୨-୦ରେ ଜିତିଥିଲା। ଫଳରେ ୨ଟି ଯାକ କ୍ୱାର୍ଟର ଫାଇନାଲର ଫଳାଫଳ ଅନୁଯାୟୀ ଲିଭରପୁଲକୁ ୬-୧ ଗୋଲରେ ବିଜୟୀ ଘୋଷିତ କରାଯାଇଥିଲା। ସେମିଫାଇନାଲରେ ଲିଭରପୁଲର ମୁକାବିଲା ୟୁରୋପ୍ ମହାଦେଶର ଅନ୍ୟତମ ଶକ୍ତିଶାଳୀ କ୍ଲବ ବାର୍ସିଲୋନ ସହ ହେବା।

## ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ

# ଝାରସୁଗୁଡ଼ାରେ ଶାନ୍ତିପୂର୍ଣ୍ଣ, ବ୍ରଜରାଜନଗରରେ ଗଣ୍ଡଗୋଳ

ଝାରସୁଗୁଡ଼ା ଅଫିସ,୧୮।୪
୨୦୧୯ ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଛି। ଦୁଇ ବିଧାନସଭା ଆସନ ବିଶିଷ୍ଟ ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ବିଶୃଙ୍ଖଳା ଓ ମାରପିଟ ହୋଇଛି। ବ୍ରଜରାଜନଗର ଭାଜପା ବିଧାୟିକା ପ୍ରାର୍ଥିନୀ ରାଧାରାଣୀ ପଣ୍ଡାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରି ଲହୁଲୁହାଣ କରାଯାଇଛି। ଅନ୍ୟପକ୍ଷରେ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ଶାନ୍ତିପୂର୍ଣ୍ଣ ହୋଇଛି। ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ସନ୍ଧ୍ୟା ୫ଟା ସୁଦ୍ଧା ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ୭୦% ଏବଂ ବ୍ରଜରାଜନଗରରେ ୭୩% ମତଦାନ ହୋଇଛି। ପ୍ରଶାସନିକ ପ୍ରସ୍ତୁତି ମୁତାବକ ଭୋଟ ଗ୍ରହଣର ଦୁଇଦିନ ପୂର୍ବରୁ ପୋଲିଂ କମଚାରୀ ବୁଥ୍‌ରେ ପହଞ୍ଚିଥିଲେ। ଗୁରୁବାର ଭୋରରେ ପ୍ରଥମେ ମକ୍ ପୋଲିଂ କରାଯାଇଥିଲା। ସକାଳ ୭ଟାରେ ସାଧାରଣ ଲୋକେ ନିଜର ମତସାବ୍ୟସ୍ତ କରିଥିଲେ। ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ଆସନ ପାଇଁ ୫୧୦ ବୁଥ୍‌ରେ ଭୋଟ ଗ୍ରହଣ ହୋଇଥିଲା। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ୨୫୩ ଏବଂ ବ୍ରଜରାଜନଗରରେ ୨୫୭ ବୁଥ୍ କରାଯାଇଥିଲା। ସେଥିମଧ୍ୟରୁ ୨୧ଟି ଆଦର୍ଶ ବୁଥ୍ ଏବଂ ଦୁଇଟି ପିଙ୍କ୍ ବୁଥ୍ ରହିଥିଲା। ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ୨,୧୧,୦୯୩ ମତଦାତାଙ୍କ ମଧ୍ୟରୁ ସନ୍ଧ୍ୟା ୫ଟା ସୁଦ୍ଧା ୭୩% ମତଦାନ ହୋଇଥିଲା। ସେହିପରି ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ୨,୨୩,୦୨୦ ମତଦାତାଙ୍କ ମଧ୍ୟରୁ ସନ୍ଧ୍ୟା ୫ଟା ସୁଦ୍ଧା ୭୦% ଭୋଟର ମତସାବ୍ୟସ୍ତ କରିଥିଲେ।

ଜିଲାର ପ୍ରତ୍ୟେକ ବିଧାନସଭା ଆସନରୁ ୯ ଜଣ ଲେଖାଏଁ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଥିଲେ। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ନବକିଶୋର ଦାସ, ଭାଜପା ପ୍ରାର୍ଥୀ ଦୀନେଶ ଜୈନ, କଂଗ୍ରେସ ପ୍ରାର୍ଥୀ ମହେନ୍ଦ୍ର ନାଏକଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏମାନଙ୍କ ବ୍ୟତୀତ କାର୍ତ୍ତିକେଶ୍ୱର ଘୁଘର, ଦେବାନନ୍ଦ ବାରିକ, ପୂଣ୍ୟବାନ ନାଏକ, ପ୍ରଶାନ୍ତ ପଟେଲ, ରେଖା ହୋତା, ସ୍ନେହଲତା ନାଏକ ପ୍ରମୁଖ ମଇଦାନରେ ରହିଥିଲେ। ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ କିଶୋର ମହାନ୍ତି, ଭାଜପା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା, କଂଗ୍ରେସ ସମର୍ଥିତ ସିପିଆଇ ପ୍ରାର୍ଥୀ ରମେଶ ତ୍ରିପାଠୀଙ୍କ ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହାଛଡ଼ା ସୀତାରାମ ରୋହିଦାସ, ରଜନୀ ଭୁଏ, ସୁବାସ ବେହେରା, ହରପ୍ରସାଦ ମେହେର, ଅଜୟ ମଣ୍ଡଳ, ମିଥିଳା ଛୁରିଆ ପ୍ରମୁଖ ନିର୍ବାଚନ ମଇଦାନରେ ରହିଥିଲେ। ମେ ୨୩ରେ ଫଳାଫଳ ଘୋଷଣା ହେବ। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଯୋଗୁ କିଛି ସମୟ ପର୍ଯ୍ୟନ୍ତ ଭୋଟ ଗ୍ରହଣ ବାଧାପ୍ରାପ୍ତ ହୋଇଥିଲା।



ଝାରସୁଗୁଡ଼ା ବେହେରାମାଲ ବୁଥ୍‌ରେ ମତଦାତା ଧାଡ଼ିରେ ଭୋଟ ଦେବାକୁ ଯାଉଛନ୍ତି।

### ଇଭିଏମ୍‌ରେ ତ୍ରୁଟି, ମତଦାତା ଅସନ୍ତୁଷ୍ଟ

ବ୍ରଜରାଜନଗର,୧୮।୪(ଡି.ଏନ୍.ଏ.)
ବ୍ରଜରାଜନଗର ପୌରାଞ୍ଚଳରରେ ସକାଳ ୭ଟାରେ ପୋଲିଂ ଆରମ୍ଭ ହୋଇଥିଲା। ତେବେ ଇଭିଏମ୍‌ରେ ତ୍ରୁଟି ଯୋଗୁ ଓପିଏମ୍ ବାଳକ ଉଚ୍ଚ ବିଦ୍ୟାଳୟ ବୁଥ୍ ନଂ. ୨୨୦ରେ ମତଦାନ ବିଳମ୍ବରେ ହୋଇଥିଲା। ରାମପୁର, କୁଦୋପାଲି, କଟବଗା, ବୁନ୍ଦିଆ ଆଦି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ମତଦାନ ସରିଥିଲା। ସେହିପରି ରାଜପୁର, ଲୋଇସିଂ, ଚାନ୍ଦିନିମାଲ ପୌରମାଲ, କୁଦେପାଲି ପଞ୍ଚାୟତରେ ଶାନ୍ତିଶୃଙ୍ଖଳା ସହ ଭୋଟ ସରିଛି। ରାଜପୁର ପଞ୍ଚାୟତ ଡୁରୀପଡ଼ାଠାରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଏହାର ସମାଧାନ ହୋଇଛି। ଇଭିଏମ୍‌ରେ ତ୍ରୁଟି ଯୋଗୁ ଓପିଏମ୍ ମାଇନର ସ୍କୁଲ ବୁଥ୍ ନଂ. ୨୧୪ରେ ଖବର ଲେଖାଯିବା ପର୍ଯ୍ୟନ୍ତ ମତଦାନ ଚାଲୁ ରହିଥିଲା। ଫଳରେ ୨ଶହରୁ ଅଧିକ ମତଦାତା ମତଦାନ କରିବା ପାଇଁ ଅପେକ୍ଷା କରି ରହିଥିଲେ। ମେଶିନ ସଜାଡ଼ିବାରେ ବିଳମ୍ବ ଯୋଗୁ ମତଦାତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେହିପରି ଖଲିଆକାନୀ ଓ ରେସଜାରେ ମଧ ମତଦାନ ଜାରି ରହିଥିଲା।

# କର ବା ମର ସ୍ଥିତିରେ ବାଙ୍ଗାଲୋର

କୋଲକାତା,୧୮।୪(ପି.ଟି.)
ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୫ତମ ମୁକାବିଲାରେ ଶୁକ୍ରବାର ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ କୋଲକାତା ନାଇଟ ରାଇଡର୍ସ ପରସ୍ପରକୁ ଭେଟିବେ। ସ୍ଥାନୀୟ ଇଡେନ ଗାର୍ଡେନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ବାଙ୍ଗାଲୋର ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ଲିଗ୍‌ରେ ପ୍ଲେ- ଅଫ୍ ଆଶ ବଜାୟ ରଖିବାକୁ ହେଲେ ବାଙ୍ଗାଲୋରକୁ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ପଡିବ। ବାଙ୍ଗାଲୋର ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ନିହାତି ମାମୁଲି ପ୍ରଦର୍ଶନ କରି ଗୋଟିଏ ବିଜୟ ଓ ୭ଟି ପରାଜୟ ସହ ୨ ପଏଣ୍ଟ ପାଇ ତାଲିକାର ଅନ୍ତିମ ତଥା ଅଷ୍ଟମ ସ୍ଥାନରେ ରହିଛି। ଅନ୍ୟପଟେ ଦ୍ୱିତୀୟ ସ୍ଥାନରେ ରହିଥିବା କୋଲକାତା କ୍ରମାଗତ କୋଡୋଟି ପରାଜୟବରଣ କରି ପଏଣ୍ଟ ତାଲିକାର ଷଷ୍ଠ ସ୍ଥାନକୁ ଖସିଛି। ଫଳରେ କୋଲକାତାର ଆତ୍ମବିଶ୍ୱାସ ଦୋହଲିଯାଇଛି। ଏପରିସ୍ଥଳେ ସୁଯୋଗର ସଦ୍ ବ୍ୟବହାର କରି ବାଙ୍ଗାଲୋର ବିଜୟୀ ହେବାକୁ ପ୍ରୟାସ କରିବ। କୋଲକାତା ଷ୍ଟାର ଖେଳାଳି ତଥା ଡେଞ୍ଜରମ୍ୟାନ ଆନ୍ଦ୍ରେ ରସେଲ ଅଭ୍ୟାସ ବେଳେ ବଲ୍ ବାଜିବା କାରଣରୁ କାନ୍ଧରେ ଆଘାତ ପାଇଛନ୍ତି। ସେ ମଧ ପୂର୍ବରୁ ଗତ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ସହଜ ଅନୁଭବ କରୁ ନ ଥିଲେ ଓ ଚଳିତ ସଂସ୍କରଣରେ ପ୍ରଥମଥର ପାଇଁ ବ୍ୟାଟିଂରେ ବିଫଳ ହୋଇଥିଲେ। ରସେଲଙ୍କ ଉପରେ କୋଲକାତା ଅତ୍ୟଧିକ ନିର୍ଭରଶୀଳ ହେବା ମଧ ଦଳ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହାପୂର୍ବରୁ ରସେଲ ନିଜ ଦମ୍‌ଦାର ବ୍ୟାଟିଂ ବଳରେ କୋଲକାତାକୁ ଏକାଧିକ ମ୍ୟାଚ୍ ବିଜୟୀ କରାଇଛନ୍ତି। ତେବେ ସେ ଫିଟ୍ ହୋଇ ଖେଳିବେ କି ନା ତାହା ଦେଖିବାକୁ ବାକି ରହିଲା। ସେ ନ ଖେଳିଲେ କୋଲକାତାର ସମସ୍ୟ ଦ୍ୱିଗୁଣିତ ହେବ। ପ୍ଲେ- ଅଫ୍ ସ୍ଥାନ ହାସଲ କରିବାକୁ ହେଲେ କୋଲକାତାକୁ ବାକିଥିବା ୬ଟି ମ୍ୟାଚ୍‌ରୁ ଅତିକମ୍‌ରେ ୪ଟି ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ଏଥିମଧ୍ୟରୁ ୩ ମ୍ୟାଚ୍ ଘରୋଇ ଇଡେନ ଗାର୍ଡନ ଗ୍ରାଉଣ୍ଡରେ ଖେଳାଯିବ।

ଅପରପକ୍ଷରେ ବାଙ୍ଗାଲୋରର ଦୁଇ ତାରକା ତଥା ଅଭିଜ୍ଞ ଖେଳାଳି ଏବି ଡିଭିଲର୍ସ ଓ କୋହଲିଙ୍କ ଆନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ଦଳଗତ ପ୍ରଦର୍ଶନ କରିବାରେ ବାଙ୍ଗାଲୋର ବିଫଳ ହୋଇଛି। ଦଳର ଦ୍ରୁତ ବୋଲିଂରେ ସମସ୍ୟା ସ୍ପଷ୍ଟ ଭାବେ ପ୍ରତୀୟମାନ ହେଉଛି। ଯୁବ ବୋଲର ନବଦୀପ ସଇନି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସିନିୟର ଦ୍ରୁତ ବୋଲର ଉମେଶ ଯାଦବ ୯.୨୬ ରନ ହାରରେ ମୋଟ ୨ଟି ଉଇକେଟ ହାସଲ କରି ଫ୍ଲପ୍ ସାବ୍ୟସ୍ତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡେଲ ଷ୍ଟେଇନ୍ ଆହତ ନାଥନ କଲ୍ଟର- ନିଲଙ୍କ ସ୍ଥାନରେ ସାମିଲ ହେବେ। ଏହାହେଲେ ଦଳର ଦ୍ରୁତ ବୋଲିଂ ବିଭାଗ ଶକ୍ତିଶାଳୀ ହେବ। କୋହଲି ଓ ଡିଭିଲର୍ସ ଯୋଡି ପୁଣି ଥରେ ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି। ଅନ୍ୟପଟେ କୋଲକାତା ଦ୍ରୁତ ବୋଲର ଆଭରେଜ ପ୍ରଦର୍ଶନ କରିଛନ୍ତି। ସ୍ପିନରମାନେ ଉଇକେଟ ପାଇଁ ସଂଘର୍ଷ କରୁଥିବାର ଦେଖାଯାଇଛି। ବ୍ୟାଟିଂ ଫ୍ରେଣ୍ଡଲି ଇଡେନ ଗାର୍ଡେର ଉଇକେଟରେ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ବିଶ୍ୱକପ୍ ଭାରତୀୟ ଦଳରେ ସ୍ଥାନ ପାଇଥିବା କୋଲକାତା ଅଧିନାୟକ ଦୀନେଶ କାର୍ତ୍ତିକଙ୍କ ଉପରେ ଏବେ ସମସ୍ତଙ୍କ ନଜର। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ପଛରେ ପକାଇ ଚୟନକର୍ତ୍ତାମାନେ କାର୍ତ୍ତିକଙ୍କୁ ଦଳରେ ସାମିଲ କରିଥିଲେ। ଚଳିତ ଆଇପିଏଲ୍‌ରେ କାର୍ତ୍ତିକ ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି ଓ ତାଙ୍କର ହାରାହାରି ରନ ସଂଗ୍ରହ ରହିଛି ୧୮.୫୦।

# ୨୦୧୯ ନିର୍ବାଚନ, ଯୁବ ଭୋଟର ଉତ୍ସାହିତ

ଝାରସୁଗୁଡ଼ା ଅଫିସ,୧୮।୪
ମତଦାନକୁ ନେଇ ସମସ୍ତ ବର୍ଗର ମତଦାତାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଯୁବ ଭୋଟରଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏଥର ନିର୍ବାଚନ ପରିଚାଳନାକୁ ପ୍ରସଂଶା କରିଛନ୍ତି। ଚଳିତ ନିର୍ବାଚନରେ ଭାରତୀୟ ନିର୍ବାଚନ ଆୟୋଗ ପକ୍ଷରୁ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ଟ୍ରାଇ-ସାଇକେଲ ସହ ସ୍ୱେଚ୍ଛାସେବୀ, ବୟସ୍କ ଭୋଟରଙ୍କ ପାଇଁ ଗାଡ଼ି ବ୍ୟବସ୍ଥା, ମହିଳା ଭୋଟରଙ୍କ ପାଇଁ ପିଙ୍କ୍ ବୁଥ୍ କରାଯାଇଥିଲା। ଏହି ବ୍ୟବସ୍ଥା ପ୍ରତି ମତଦାତା ସକାରାତ୍ମକ ଦୃଷ୍ଟିଭଙ୍ଗୀ ଦେଖାଇଛନ୍ତି। ମତଦାନ ବ୍ୟବସ୍ଥାକୁ ନେଇ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ଠାରୁ ସଂଗୃହୀତ ମତାମତ...

#### ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଶଂସନୀୟ

ଚଳିତ ଥର ନିର୍ବାଚନରେ ମତଦାତାଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥା ପ୍ରଶଂସନୀୟ। ଭିନ୍ନକ୍ଷମ, ମହିଳା, ବରିଷ୍ଠ ନାଗରିକଙ୍କ ଭୋଟଦେବା ପାଇଁ ନିର୍ବାଚନ ଆୟୋଗ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ଭୋଟ ଗ୍ରହଣ ପାଇଁ ଇଭିଏମ୍ ଓ ଭିଭିପିଏଟି ବ୍ୟବହାର ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିର୍ବିବାଦୀୟ କରିବ ବୋଲି ଆଶା କରୁଛି।



ଡ.ସୁଦର୍ଶନ ପାଣିଗ୍ରାହୀ

#### ଜନସେବକଙ୍କୁ ଭୋଟ

ପ୍ରଥମଥର ପାଇଁ ନିଜର ମତ ସାବ୍ୟସ୍ତ କରିଛି। ଭୋଟ ଦେବା ପରେ ଉତ୍ସାହିତ ଅଛି। ନିର୍ବାଚନ କମିଶନଙ୍କ ପକ୍ଷରୁ ହୋଇଥିବା ବ୍ୟବସ୍ଥାକୁ ନେଇ ବହୁତ ଖୁସି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନତାଙ୍କୁ ସେବା, ସୁବିଧା ଯୋଗାଉଥିବା ବ୍ୟକ୍ତି ନିର୍ବାଚିତ ହେବା ଆବଶ୍ୟକ।



ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ

#### ଉପଯୁକ୍ତ ପ୍ରାର୍ଥୀଙ୍କୁ ମୋ ଭୋଟ

ଗଣତାନ୍ତ୍ରିକ ବ୍ୟବସ୍ଥାରେ ମତଦାନ ଜରୁରୀ। ଏହା ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର। ପ୍ରଥମଥର ନିଜର ମତ ସାବ୍ୟସ୍ତ କରୁଥିବାରୁ ମୁଁ ବହୁତ ଉତ୍ସାହିତ ଅଛି। ଗଣତନ୍ତ୍ରକୁ ଦୃଢ଼ କରିବା ପାଇଁ ନିଜ ମୂଲ୍ୟବାନ ଭୋଟ ଉପଯୁକ୍ତ ପ୍ରାର୍ଥୀଙ୍କୁ ଦେଇଛି।



କୋମଲକାନ୍ତୀ ପ୍ରଧାନ

#### ଭୋଟ ଦେଇ ନ ପାରି ନିରାଶ

ଝାରସୁଗୁଡ଼ା ପୌରାଞ୍ଚଳର ବୟସ୍କ ମତଦାତା ସୁଦର୍ଶନ ରୋହିଦାସ ଗୁରୁବାର ଭୋଟ ଦେଇ ନ ପାରି ନିରାଶ ହୋଇଛନ୍ତି। ଭୋଟର ତାଲିକାରେ ତାଙ୍କର ନାଁ ନ ଥିବା ଦର୍ଶାଇ ପୋଲିଂ ଅଧିକାରୀ ସୁଦର୍ଶନଙ୍କୁ ଫେରାଇ ଦେଇଥିଲେ। ଫଳରେ ବୟସାଧିକ ସମସ୍ୟାକୁ ପଛରେ ପକାଇ ଭୋଟ ଦେବାକୁ ଆସିଥିବା ସୁଦର୍ଶନ ନିରୁତ୍ସାହିତ ହୋଇଥିଲେ। ଗତ ନିର୍ବାଚନରେ ସେ ଭୋଟ ଦେଇଥିଲେ। ହେଲେ କେଉଁ କାରଣରୁ ଏଥର ତାଙ୍କ ନାଁ ବାଦ୍ ପଡ଼ିଛି ତାହା ଜଣାପଡ଼ିନାହିଁ।



ସୁଦର୍ଶନ ରୋହିଦାସ

#### ଦିବ୍ୟାଙ୍ଗଙ୍କ ପାଇଁ ସ୍ୱେଚ୍ଛାସେବୀ

ଚଳିତ ନିର୍ବାଚନରେ ଦିବ୍ୟାଙ୍ଗ ମତଦାତାଙ୍କୁ ଗୁରୁତ୍ୱ ଦିଆଯାଇଛି। ସେମାନେ ଯେପରି ଭୋଟ ଦେବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ନିର୍ବାଚନ ଆୟୋଗ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ। ପ୍ରତ୍ୟେକ ବୁଥ୍‌ରେ ଦୁଇଜଣ ଲେଖାଏଁ ସ୍ୱେଚ୍ଛାସେବୀ କିମ୍ବା ସ୍କାଉଟ୍, ଗାଇଡ୍ ନିୟୋଜିତ ରହିଥିଲେ। ଏହାସହ ଦିବ୍ୟାଙ୍ଗଙ୍କୁ ନେବା ଆଣିବା ପାଇଁ ଟ୍ରାଇ-ସାଇକେଲ ବନ୍ଦୋବସ୍ତ କରାଯାଇଥିଲା। ଯାହା ସେମାନଙ୍କୁ ସହାୟତା ଦେଇଥିବାବେଳେ ଏଥିରେ ଅନ୍ୟ ମତଦାତା ମଧ ଖୁସି ବ୍ୟକ୍ତ କରିଥିଲେ।



ଭିନ୍ନକ୍ଷମଙ୍କୁ ସ୍ୱେଚ୍ଛାସେବୀ ନେଉଛନ୍ତି

# କ୍ରିକେଟ ଦକ୍ଷତା ବିକାଶ ଶିବିର




ଟାଉନ କ୍ଲବ ପଡ଼ିଆରେ ଗୁରୁବାର ଆରମ୍ଭ ହୋଇଥିବା କ୍ରିକେଟ ଦକ୍ଷତା ବିକାଶ ଶିବିରରେ ଯୋଗ ଦେଇଥିବା ଖେଳାଳିମାନେ କୋଚ୍‌ଙ୍କ ସହ।

ଭୁବନେଶ୍ୱର, ୧୮।୪(କ୍ରୀଡ଼ା ପ୍ରତିନିଧି)
ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ କ୍ରିକେଟ ଶିବିର ଗୁରୁବାର ଆରମ୍ଭ ହୋଇଛି। ଏଥର ଭିନ୍ନ ଢଙ୍ଗରେ କରାଯାଉଥିବାରୁ ଏହାକୁ କ୍ରିକେଟ ଦକ୍ଷତା ବିକାଶ ଶିବିର କୁହା ଯାଉଛି। ଏଥିରେ ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଟାଉନ୍ କ୍ଲବ କ୍ରୀଡ଼ା ସମ୍ପାଦକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ମେ'୨ ପର୍ଯ୍ୟନ୍ତ ହେବାକୁଥିବା ଏହି ଶିବିର ଦୁଇଟି ବୟସବର୍ଗ (୧୦ରୁ ୧୪ ଏବଂ ୧୫ରୁ ୧୯ ବର୍ଷ)ରେ ଅନୁଷ୍ଠିତ ହେଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ତଥା ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ଅଭିଜ୍ଞ ପ୍ରଶିକ୍ଷକ ମିର ସୟଦଉଦ୍ଦିନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସ୍ୱତନ୍ତ୍ର ଶିବିର ପରିଚାଳିତ ହେଉଛି। ସୟଦଉଦ୍ଦିନଙ୍କ ସହ ଅଭିଜ୍ଞ ଅଫ୍‌ସ୍ପିନର ସନ୍ଦିପ ରଥ ମଧ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏହି ଶିବିରରେ ଖେଳ କୌଶଳ ସହ ଖେଳାଳିଙ୍କ ଫିଟ୍‌ନେସ ଓ ଶାରୀରିକ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନୋଜ କହିଛନ୍ତି।

# ସର୍ବଭାରତୀୟ ଚେସ୍: ଶୀର୍ଷରେ ରାକେଶ

କଟକ ଅଫିସ,୧୮।୪
ଟ୍ରିପଲ ସି' ଚେସ୍ କ୍ଲବ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪ର୍ଥ ଅଲ ଇଣ୍ଡିଆ ଓପନ ଚେସ୍ ଚାମ୍ପିୟନଶିପରେ ଗୁରୁବାର ସୁଦ୍ଧା ଟୁର୍ନାମେଣ୍ଟର ୪ ରାଉଣ୍ଡ ଖେଳ ଶେଷ ହୋଇଛି । ଓଡ଼ିଶାର ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ରାକେଶ କୁମାର ଜେନା ୪ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ରହିଛନ୍ତି । ଗୁରୁବାର ଖେଳାଯାଇଥିବା ୩ୟ ରାଉଣ୍ଡରେ ରାକେଶ ରୁଦ୍ରନାରାୟଣଙ୍କୁ ଓ ୪ର୍ଥ ରାଉଣ୍ଡରେ ସୟନ ବଣିକଙ୍କୁ ହରାଇଥିଲେ। ପୂର୍ବରୁ ପ୍ରଥମ ରାଉଣ୍ଡରେ ରାକେଶ ପଶ୍ଚିମବଙ୍ଗର ଅନୁରାଗ ସରକାରଙ୍କୁ ଓ ଦ୍ୱିତୀୟ ରାଉଣ୍ଡରେ ପଶ୍ଚିମବଙ୍ଗର ସୌମ୍ୟା ଦାସଙ୍କୁ ହରାଇଥିଲେ। ଟୁର୍ନାମେଣ୍ଟର ଟପସିଡ଼ ଖେଳାଳି ଚେନ୍ନାଇ ପ୍ରତିଯୋଗୀ ତଥା ଗ୍ରାଣ୍ଡ ମାଷ୍ଟର ଆର୍.ଆର୍ ଲକ୍ଷ୍ମଣ ୪ ପଏଣ୍ଟ ପାଇ ସୁଦ୍ଧା ୯ମ ସ୍ଥାନରେ ରହିଛନ୍ତି । ଲକ୍ଷ୍ମଣ ୩ୟ ରାଉଣ୍ଡରେ ଶୁଭମ ରାୟଙ୍କୁ ଓ ୪ର୍ଥ ରାଉଣ୍ଡରେ ଆୟୁଷ ରବିକୁମାରଙ୍କୁ ପରାସ୍ତ କରିଥିଲେ । ଓଡ଼ିଶାର ଅନ୍ୟତମ ଇଣ୍ଟରନ୍ୟାଶନାଲ ମାଷ୍ଟର ଖେଳାଳି ଅନ୍ୱେଷ ଉପାଧ୍ୟାୟ ୪ ରାଉଣ୍ଡ ଶେଷ ସୁଦ୍ଧା ୩.୫ ପଏଣ୍ଟ ପାଇ ୧୦ମ ସ୍ଥାନରେ ରହିଛନ୍ତି । ପ୍ରଥମ ଦୁଇ ରାଉଣ୍ଡରେ ବିଜୟୀ ହୋଇଥିବା ଅନ୍ୱେଷ ୩ୟ ରାଉଣ୍ଡରେ ଅଶ୍ୱିନୀ କୁମାର ଗ୍ରୋଭରଙ୍କୁ ପରାସ୍ତ କରି ପଏଣ୍ଟ ସଂଖ୍ୟାରେ ୧ ବୃଦ୍ଧି କରିଥିଲେ । ମହମ୍ମଦ ଅନିଶଙ୍କ ସହ ଖେଳିଥିବା ୪ର୍ଥ ରାଉଣ୍ଡ ଅମୀମାଂସିତ ରହିବା ଫଳରେ ଅନ୍ୱେଷ ୩.୫ ପଏଣ୍ଟ ପାଇଛନ୍ତି। ବୁଧବାରଠାରୁ ଆରମ୍ଭ ହୋଇଥିବା ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟ ଆସନ୍ତା ରବିବାର ଉଦ୍‌ଯାପିତ ହେବ ।

# ଧୋନୀଙ୍କ ପ୍ରଶଂସାରେ ଶତମୁଖ କୋହଲି

ନୂଆଦିଲ୍ଲୀ, ୧୮।୪(ପି.ଟି.)
ଜଣେ ଅଧିନାୟକଭାବେ ମହେନ୍ଦ୍ର ସିଂ ଧୋନୀ ଏକଦା ବିରାଟ କୋହଲିଙ୍କ ପ୍ରତି ଦୃଢ଼ ସମର୍ଥନ ଜଣାଇଥିଲେ। ଏହାକୁ ବିରାଟ ଭୁଲନ୍ତେ ବା କିପରି। ଏବେ ତାଙ୍କ ସମୟ ଆସିଛି। କୌଣସି ସମାଲୋଚନାକୁ ଖାତିର ନ କରି ସେ ଧୋନୀଙ୍କ ପ୍ରତି ନିଜର ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଇଂଲଣ୍ଡରେ ହେବାକୁଥିବା ଆଇସିସି ବିଶ୍ୱକପ ପାଇଁ ଘୋଷିତ ୧୫ ଜଣିଆ ଦଳ କମ୍ବିନେଶନରେ ସନ୍ତୋଷ ପ୍ରକାଶ କରିଛନ୍ତି କୋହଲି। ''ଭାରତୀୟ ଦଳକୁ ନେଇ କେତେକ ଅସନ୍ତୋଷ ପ୍ରକାଶ କରିବା ଦୁଃଖଦାୟକ। ମୋ ପାଇଁ ନିଷ୍ଠା ଓ ଆନୁଗତ୍ୟର ମହତ୍ତ୍ୱ ଅନେକ'' ବୋଲି ବିରାଟ କହିଛନ୍ତି। ମୁଁ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବା ସମୟରେ କିଛି ଗେମ୍ ପରେ ସେ ଅନ୍ୟ କାହାକୁ ପରୀକ୍ଷା କରିବାର ବିକଳ୍ପ ଥିଲା। ମାତ୍ର ମୁଁ ସୁଯୋଗର ସଦ୍‌ବ୍ୟବହାର କରିଥିଲି। ମାତ୍ର ମୋ ପାଇଁ ସେପରି ସମର୍ଥନ ଜଣାଇବା ବାସ୍ତବିକ କଷ୍ଟକର। ଧୋନୀ ମୋତେ ୩ ନମ୍ବର ସ୍ଥାନରେ ବ୍ୟାଟିଂ ସୁଯୋଗ ଦେଇଥିଲେ, କାରଣ ସେହି ସ୍ଥାନରେ ଖେଳିବାକୁ ଅଧିକ ଯୁବ ଖେଳାଳି ନ ଥିଲେ ବୋଲି ନିଜ ସମୟକୁ ମନେ ପକାଇ ପ୍ରକାଶ କରିଛନ୍ତି କୋହଲି।

କେବଳ ପଡ଼ିଆ ସଜ୍ଜା ଏବଂ ବୋଲିଂରେ ପରିବର୍ତ୍ତନକୁ ନେଇ ଆମେ ଆଲୋଚନା କରିଥାଉ ଏବଂ ପରସ୍ପର ମତକୁ ସମ୍ମାନ ଦେଇଥାଉ। ମ୍ୟାଚ ପରିସ୍ଥିତିକୁ ପଢ଼ିବାରେ ଧୋନୀଙ୍କଠାରୁ ବଡ଼ ମାହିର ଖେଳାଳି ଆଉ କେହି ନାହାନ୍ତି ବୋଲି ବିରାଟ କହିଛନ୍ତି। ''ସେ ଏକମାତ୍ର ବ୍ୟକ୍ତି ଯିଏକି ଗେମ୍‌ର ଅର୍ଥକୁ ଭଲଭାବେ ଜାଣିଛନ୍ତି। ପଡ଼ିଆରେ ପ୍ରଥମ ବଲ୍‌ରୁ ୩୦୦ ବଲ୍ (୫୦ ଓଭର) ପର୍ଯ୍ୟନ୍ତ ସେ ଗେମ୍‌କୁ ଭଲଭାବେ ବୁଝି ପାରନ୍ତି। ତାଙ୍କଭଳି ଜଣେ ମନୋଭାବ ସମ୍ପନ୍ନ ଖେଳାଳିଙ୍କୁ ଉଇକେଟ ପଛରେ ପାଇ ମୁଁ ଭାଗ୍ୟବାନ'' ବୋଲି କୋହଲି କହିଛନ୍ତି। ଧୋନୀ, କୋଚ୍ ରବି ଶାସ୍ତ୍ରୀ ଓ ଉପ ଅଧିନାୟକ ରୋହିତ ଶର୍ମାଙ୍କ ସହ ମିଶି ସେ ରଣନୀତି ପ୍ରସ୍ତୁତ କରିବାକୁ ଚାହିଁବେ ବୋଲି ସୂଚନା ଦେଇଛନ୍ତି। ଭାରତୀୟ ଦଳର ଚୟନ ହୋଇଥିବା ୧୫ ଖେଳାଳିଙ୍କୁ ନେଇ ମୁଁ ଖୁସି। ଏହା ଏକ ସନ୍ତୁଳିତ ଦଳ। ଏହାକୁ ନେଇ ସେ ରିଷଭ ପନ୍ତ ଓ ଅମ୍ବାତି ରାୟୁଡୁଙ୍କୁ ନେଇ ହେଉଥିବା ବିତର୍କ ଭିତରେ ପଶିବାକୁ ଚାହିଁନାହାନ୍ତି।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ବଣାଇରେ ଶାନ୍ତିପୂର୍ଣ୍ଣ ମତଦାନ

ବଣାଇ,୧୮।୪(ନି.ପ୍ର)-ବଣାଇ ନିର୍ବାଚନ ମଣ୍ଡଳୀରେ ଚଳିତ ସାଧାରଣ ନିର୍ବାଚନ ପାଇଁ ଉଭୟ ଲୋକସଭା ଏବଂ ବିଧାନସଭା ପାଇଁ ମତଦାନ ଶାନ୍ତିଶୃଙ୍ଖଳାର ହୋଇଯାଇଛି। ପ୍ରାରମ୍ଭିକ ସୂଚନାରୁ ଜଣାଯାଇଛି, ବଣାଇ ନିର୍ବାଚନ ମଣ୍ଡଳୀରେ ଥିବା ୩୦୮ଟି ମତଦାନ କେନ୍ଦ୍ରରୁ ଗୋଟିଏ ମତଦାନ କେନ୍ଦ୍ରରେ ନିର୍ବାଚନ ସ୍ଥଗିତ ରଖାଯାଇଥିବାବେଳେ ଅନ୍ୟ ସମସ୍ତ ମତଦାନ କେନ୍ଦ୍ରରେ ପ୍ରାରମ୍ଭିକ ସୂଚନାରୁ ଶତକଡା ୬୦ଭାଗ ମତଦାନ ହୋଇଛି। ଇଭିଏମ ଏବଂ ଭିଭିପାଟ ଯୋଗେ ମତଦାନ ହୋଇଥିବାବେଳେ ଅଧିକାଂଶ ବୁଥରେ ଏଗୁଡିକ ସକାଳ ୭ଟାରୁ ଠିକଭାବେ କାର୍ଯ୍ୟ ନ କରିବାରୁ ମତଦାନ ପ୍ରକ୍ରିୟା ବିଳମ୍ବ ହୋଇଥିଲା।ସେଥିମଧ୍ୟରୁ ବଣାଇଗଡ ସହରର ୧୭୫ ନମ୍ବର ଆଦର୍ଶ ଭୋଟ ଗ୍ରହଣ କେନ୍ଦ୍ରରେ ଇଭିଏମ କାର୍ଯ୍ୟ ନ କରିବାରୁ ଦେଢ ଘଣ୍ଟାପରେ ଏକ ନୂତନ ଇଭିଏମ ମେସିନ ଅଣାଯାଇ ମତଦାନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।ଏଠାକୁ ଭୋଟ ଦେବା ପାଇଁ ଆସି ପାଟିତୁଣ୍ଡ କରି ଫେରିଯାଇଥିବା ଜଣାପଡିଥିଲା। ସେହିପରି ତୁରାମୁରା, ସାନଗୋଗୁଆ, କଲେଇପୋଷ, ଟାଉନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟେନସା ଇତ୍ୟାଦି ବହୁ ବୁଥରେ ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ମତଦାନ ନିଆଯାଇଛି। ସାନଗୋଗୁଆ ପ୍ରାଥମିକ ବିଦ୍ୟାଳୟରେ ଅପରାହ୍ନ ୩ଟାରେ ଇଭିଏମ ଖରାପ ହେବାରୁ ୪ଟା ପରେ ନୂତନ ଇଭିଏମ ମେସିନ ଆସିବା ପରେ କଡା ସୁରକ୍ଷା ମଧ୍ୟରେ ବାକି ଥିବା ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ଭୋଟର ସନ୍ଧ୍ୟା ପର୍ଯ୍ୟନ୍ତ ମତଦାନ କରିଥିଲେ।ଏପରିକି କଲେଇପୋଷ ବୁଥରେ ୩ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିବାବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ଭୋଟର ଭୋଟ ଦେଇଥିଲେ। କଲେଇପୋଷ ପଞ୍ଚାୟତର ସମସ୍ତ ବୁଥରେ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ହୁଇଲ ଚେୟାର ବ୍ୟବସ୍ଥା ନ ଥିବାରୁ ବହୁ ଭିନ୍ନକ୍ଷମ କଷ୍ଟରେ ମତଦାନ କରିଥିଲେ।ତେବେ ସକାଳେ ଗରମର ପ୍ରକୋପ ସାମାନ୍ୟ ଥିବାରୁ ମହିଳାଙ୍କ ସମେତ ବହୁ ଭୋଟର ଲମ୍ବାଲାଇନ ଲଗାଇ ସମସ୍ତ ବୁଥରେ ମତଦାନ କରିବା ପାଇଁ ଲମ୍ବା ଲମ୍ବା ଧାଡିରେ ଛିଡା ହୋଇଥିଲେ।ସେହିପରି ଗୁରୁଣ୍ଡିଆ ବ୍ଲକର କୁରିଆ ବୁଥରେ ଭୋଟରଙ୍କ ପାଇଁ ଆଶ୍ରୟ ସ୍ଥଳ ନଥିବାରୁ ସେମାନେ ଖରାରେ ଲମ୍ବା ଲାଇନ ଲଗାଇ ଛିଡା ହୋଇଥିଲେ।ସେହିପରି ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହିତ ବ୍ୟାପକ ପୋଲିସ ମୃତୟନ କରାଯାଇଥିବାରୁ ଭୋଟରମାନେ ସେ ଅଂଚଳରେ ନିର୍ଭୟରେ ନିଜର ମତଦାନ କରିଥିଲେ।




ବଣାଇ ନିର୍ବାଚନ ମଣ୍ଡଳୀର ଏକ କେନ୍ଦ୍ରରେ ମହିଳାମାନେ ଭୋଟ ଦେବା ଲାଗି ଛିଡ଼ା ହୋଇଛନ୍ତି।









ସୁନ୍ଦରଗଡ଼ ମ୍ୟୁନିସିପାଲଟି ବୁଥ ନଂ.୨୧୬ରେ ମହିଳାମାନେ ମତଦାନ ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।(ବାମ), ସୁନ୍ଦରଗଡ଼ ମ୍ୟୁନିସିପାଲଟି ହାଇସ୍କୁଲ ବୁଥରେ ଯୁବ ଭୋଟର ମତଦାନ କରି ଫେରୁଛନ୍ତି।(ମଝି), ସଦର ବ୍ଲକ ମଝାପଡ଼ା ବୁଥ ନଂ. ୨୭୨ରେ ବିଜେଡ଼ି ସାଂସଦ ପ୍ରାର୍ଥିନୀ ସୁନୀତା ବିଶ୍ୱାଳ ଭୋଟଦେବାକୁ ଆସିଛନ୍ତି।

■ ଇଭିଏମ୍‌ରେ ତ୍ରୁଟି, ବିଳମ୍ବରେ ମତଦାନ

# ୨ ବୁଥ୍‌ରେ ସାନି ଭୋଟଗ୍ରହଣ ହେବ

ସୁନ୍ଦରଗଡ଼, ୧୮।୪ (ଡି.ଏନ୍.ଏ)

ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଗୁରୁବାର ସୁନ୍ଦରଗଡ ଜିଲାରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟଗ୍ରହଣ ଶେଷ ହୋଇଛି। ନିର୍ବାଚନ ପୂର୍ବରାତିରେ ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାକ୍ ନିର୍ବାଚନୀ ହିଂସା ଘଟିଥିବାବେଳେ ଗୁରୁବାର ଭୋଟଗ୍ରହଣ ଦିନ ସୁନ୍ଦରଗଡ ଲୋକସଭା ଓ ଏହା ଅଧୀନ ୭ ବିଧାନସଭା ନିର୍ବାଚନ ମଣ୍ଡଳୀ ତଳସରା, ସୁନ୍ଦରଗଡ଼, ରାଜଗାଙ୍ଗପୁର, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା ଓ ବଣାଇରେ ଶାନ୍ତିପୂର୍ଣ୍ଣ ଭାବେ ମତଦାତାମାନେ ମତଦାନ କରିଛନ୍ତି। ବଣାଇ ଓ ରଘୁନାଥପାଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସକାଳ ୭ଟାରୁ ଅପରାହ୍ନ ୪ଟା ଏବଂ ଅନ୍ୟ ୫ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସକାଳ ୭ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଭୋଟଗ୍ରହଣ ସକାଶେ ସମୟ ଧାର୍ଯ୍ୟ ହୋଇଥିଲେ ହେଁ ଜିଲାର ଅଧିକାଂଶ ବୁଥରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ୧/୨ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ସେହିପରି ସୁନ୍ଦରଗଡ ବିଧାନସଭା ନିର୍ବାଚନମଣ୍ଡଳୀର ସୁନ୍ଦରଗଡ ପୌରାଞ୍ଚଳ ରଙ୍ଗାଢିପା ପ୍ରାଥମିକ ବିଦ୍ୟାଳୟ ୨୧୩ ନଂ. ବୁଥ ଓ ବଣାଇ ବିଧାନସଭା ନିର୍ବାଚନମଣ୍ଡଳୀର ୧୨୯ ନଂ. ବୁଥରେ ଇଭିଏମ୍ ତ୍ରୁଟି ଯୋଗୁ ବାରମ୍ବାର ମତଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ଏହି ୨ଟି ବୁଥକୁ ସିଲ୍ କରାଯାଇ ଏଠାରେ ସାନି ଭୋଟଗ୍ରହଣ ସକାଶେ ରାଜ୍ୟ ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ସୁନ୍ଦରଗଡ ମ୍ୟୁନିସିପାଲିଟିର ୨୧୬ନଂ. ବୁଥ ଓ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟର ୨ଟି ବୁଥରେ ଦୁଇଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ସକାଳବେଳା ଟାଣଖରା ପରିବର୍ତ୍ତେ ପାଗ କୋହଲା ଥିବାରୁ ଅଧିକାଂଶ ଭୋଟଗ୍ରହଣ କେନ୍ଦ୍ରରେ ଭୋଟ ଦେବା ପାଇଁ ଭୋଟରଙ୍କ ଲମ୍ବାଧାଡି ଦେଖିବାକୁ ମିଳିଥିଲା। ଅଧିକାଂଶ ବୁଥରେ ମଧାହ୍ନ ୧ଟା ପରେ ମଧ୍ୟ ଭୋଟରଙ୍କ ଭିଡ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା। ମତଦାନ ପାଇଁ ଭୋଟରଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବିଶେଷକରି ପ୍ରଥମ କରି ଭୋଟ ଦେଉଥିବା ଯୁବ ଭୋଟରଙ୍କ ମଧ୍ୟରେ ଅଧିକ ଉତ୍ସାହ ଦେଖିବାକୁ ମିଳିଥିଲା। ସେହିପରି ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗଙ୍କ ପାଇଁ ସମସ୍ତ ସୁବିଧା କରାଯାଇଥିଲା। ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାସେବୀଙ୍କ ସହାୟତାରେ ସେମାନଙ୍କୁ ଘରୁ ମତଦାନ କେନ୍ଦ୍ରକୁ ନେବାଆଣିବା ସକାଶେ ସ୍ୱତନ୍ତ୍ର ଗାଡି ବ୍ୟବସ୍ଥା ସହ ମତଦାନ କେନ୍ଦ୍ରଗୁଡିକରେ ସ୍ୱତନ୍ତ୍ର ହୁଇଲ ଚେୟାର ବ୍ୟବସ୍ଥା ହୋଇଥିଲା। ମଧାହ୍ନ ୧ଟା ସୁଦ୍ଧା ଜିଲାରେ ମୋଟ ୨୮.୧୮ ପ୍ରତିଶତ, ଅପରାହ୍ନ ୩ଟା ସୁଦ୍ଧା ୪୧.୫୮ ପ୍ରତିଶତ, ଅପରାହ୍ନ ୫ଟା ସୁଦ୍ଧା ୫୪.୫ ପ୍ରତିଶତ ମତଦାନ ହୋଇଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ଅଧିକାଂଶ ବୁଥରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ମତଦାନ ଚାଲିଥିବାରୁ ବୃତାନ୍ତ ମତଦାନହାର ହସ୍ତଗତ ହୋଇନାହିଁ।

## ଇଭିଏମ ଭିତରେ ପ୍ରାର୍ଥୀଙ୍କ ଭାଗ୍ୟ, ୬୫% ମତଦାନ




କୁଆଁରମୁଣ୍ଡାସ୍ଥିତ ହରିହର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଆଦର୍ଶ ପୋଲିଂ ବୁଥରେ ମତଦାନ କରି ଫେରୁଛନ୍ତି ମହିଳା ଭୋଟର।

କୁଆଁରମୁଣ୍ଡା,୧୮।୪(ଡି.ଏନ.ଏ)

୨ୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଗୁରୁବାର ଶେଷ ହୋଇଛି। ଏହି ପର୍ଯ୍ୟାୟ ଅନ୍ତର୍ଭୁକ୍ତ ସୁନ୍ଦରଗଡ଼ ଜିଲାର ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟରମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଭୋଟରମାନେ ସକାଳୁ ସକାଳୁ ବିଭିନ୍ନ ମତଦାନ କେନ୍ଦ୍ରରେ ପହଂଚି ଭିଭିପିଏଟ୍‌ରେ ନିଜ ମତଦାନ କରି ଖୁସି ବ୍ୟକ୍ତ କରିଛନ୍ତି। ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ମତଦାନ କେନ୍ଦ୍ରକୁ ଯିବା ପାଇଁ ହୁଇଲ ଚେୟାରର ବ୍ୟବସ୍ଥା ହୋଇଥିଲା। ଦିବ୍ୟାଙ୍ଗ ଭୋଟରମାନଙ୍କୁ ମତଦାନ କେନ୍ଦ୍ରକୁ ହୁଇଲ ଚେୟାରରେ ନେବା ଆଣିବା ପାଇଁ ସ୍ୱେଚ୍ଛାସେବୀ ଭାବେ ସ୍କୁଲ ପିଲାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ମାତ୍ର କେତେକ ମତଦାନ କେନ୍ଦ୍ରରେ ଅଳ୍ପ ସଂଖ୍ୟକ ନାଗରିକମାନଙ୍କ ନାମ ନ ଥିବାରୁ ମତଦାନରୁ ବଞ୍ଚିତ ହୋଇ ସେମାନେ ନିରାଶରେ ଘରକୁ ଫେରିଛନ୍ତି। ତେବେ ଆଦିବାସୀ ଅଧ୍ୟୁଷିତ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ପୌରାଞ୍ଚଳରେ ୬୫% ମତଦାନ ହୋଇଥିବା ଏକ ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି। ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆଗାଁ, ବିଶ୍ରା ବ୍ଲକରେ ମଧ୍ୟ ଶାନ୍ତିପୂର୍ଣ୍ଣଭାବେ ମତଦାନ ହୋଇଛି।

## ମତଦାନ ହାର ବୃଦ୍ଧି ପାଇଁ ୧୩୮ ସ୍ୱତନ୍ତ୍ର ମଡେଲବୁଥ

ସୁନ୍ଦରଗଡ଼, ୧୮।୪ (ଡି.ଏନ୍.ଏ)

ସୁନ୍ଦରଗଡ ଜିଲାରେ ଅବାଧ, ନିରପେକ୍ଷ ଭାବେ ଭୋଟଗ୍ରହଣ ସକାଶେ କଡା ସୁରକ୍ଷାବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଜିଲାରେ ୧୮୪୬ଟି ବୁଥ ମଧ୍ୟରୁ ଚିହ୍ନଟ ହୋଇଥିବା ୨୪୫ଟି ବୁଥକୁ ଜଟିଳ ବୁଥରେ ସ୍ୱତନ୍ତ୍ର ସୁରକ୍ଷା ଓ ଅନ୍ୟାନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ନିର୍ବାଚନ ଆୟୋଗଙ୍କ ତରଫରୁ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ କିଭଳି ମତଦାତାମାନେ ସୁରୁଖୁରୁ ଭାବେ ମତଦାନ ସାବ୍ୟସ୍ତ କରିବେ ସେଥିପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା। ଏପରିକି ମତଦାନ ବୃଦ୍ଧି ପାଇଁ ଭୋଟରଙ୍କ ସୁବିଧା ନିମନ୍ତେ ଜିଲାରେ ୧୩୮ଟି ମଡେଲ ମତଦାନ କେନ୍ଦ୍ର କରାଯାଇଥିଲା। ଏହି ସବୁ ବୁଥଗୁଡିକରେ ଭୋଟରଙ୍କ ସୁବିଧା ନିମନ୍ତେ ପିଇବା ଥଣ୍ଡା ପାଣି, ସର୍ବତ, ବସିବା ପାଇଁ ସ୍ଥାନ ସୁବିଧା ସହ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିଲା। ଏଥି ନିମନ୍ତେ ପ୍ରତ୍ୟେକ ମଡେଲ ବୁଥକୁ ୨୫ହଜାର ଟଙ୍କା ଲେଖାଏଁ ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦିଆଯାଇଥିଲା। ଏତଦ୍ ବ୍ୟତୀତ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗଙ୍କ ନିମନ୍ତେ ସ୍ୱତନ୍ତ୍ର ହୁଇଲ ଚେୟାର ଓ ଗାଡି ବ୍ୟବସ୍ଥା ମଧ୍ୟ କରାଯାଇଥିଲା।



ରୁକ୍ମିଣୀ ବିବାହ ନୃତ୍ୟନାଟିକାରେ ଅଂଶଗ୍ରହଣ କରିଥିବା ଶିଶୁ କଳାକାର।

ଲୁଆବାହାଲରେ ଭାଗବତ ସପ୍ତାହ ପାରାୟଣ, ହରିହାଟ

## ଶିଶୁଙ୍କ ଦ୍ୱାରା ନୃତ୍ୟ ନାଟିକା ରୁକ୍ମିଣୀ ବିବାହ ମଞ୍ଚସ୍ଥ

ହେମଗିର, ୧୮।୪ (ଡି.ଏନ.ଏ)

ଆଧାତ୍ମିକତା ତଥା ଭଗବତ ପ୍ରେମକୁ ପ୍ରତ୍ୟେକ ମାନବ ଜୀବନରେ ପରିସ୍ଫୁଟ କରିବା ପାଇଁ ହେମଗିର ବ୍ଲକର ଲୁଆବାହାଲଠାରେ ପ୍ରତ୍ୟେକ ବର୍ଷପରି ଏବର୍ଷ ମଧ ଭାଗବତ ସପ୍ତାହ ପାରାୟଣ, ହରିହାଟର ଆୟୋଜନ କରାଯାଇଛି। ଏହା ଗତ ୧୧ରୁ ଆରମ୍ଭ ହୋଇ ଆସନ୍ତା ୨୧ ତାରିଖରେ ସମ୍ପୂର୍ଣ୍ଣ ହେବ। ଏହା ଆଜକୁ ୨୪ବର୍ଷ ଧରି ପାଳିତ ହୋଇ ଆସୁଥିବାବେଳେ ଗ୍ରାମର କଳ୍ପତରୁ ସେବା ସଂଘ ପକ୍ଷରୁ ଆୟୋଜନ କରାଯାଇଥାଏ। ଏହି ଭାଗବତ ସପ୍ତାହ ପାଳନ ଅବସରରେ ଦୈନନ୍ଦିନ ଭାଗବତ ଗୀତା ଗାନ ମଧରେ ଦଶମ ସ୍କନ୍ଦରେ ରୁକ୍ମିଣୀ ବିବାହ କଥାବସ୍ତୁକୁ ନେଇ କୁନିକୁନି ଶିଶୁ କଳାକାରଙ୍କୁ ନେଇ ଖୋଲାମଞ୍ଚରେ ଏକ ନୃତ୍ୟନାଟିକା ମଞ୍ଚସ୍ଥ କରାଯାଇଥିଲା। ଏଥିରେ ବର ବେଶରେ ଶଙ୍କର ନାଏକ ଓ କନ୍ୟା ବେଶରେ ଭାନୁମତି ନାଏକ ସୁସଜ୍ଜିତ ହୋଇ ଅଭିନୟ କରିଥିଲେ। ଉଭୟ ବର ଓ କନ୍ୟାଙ୍କ ପିତାମାତା ଭାବେ ଯୋଗେନ୍ଦ୍ର ସା, କୁମୁଦିନୀ ସା ଓ ପ୍ରହଲ୍ଲାଦ ଗଞ୍ଜୁ, ପୁଷ୍ପଲତା ଗଞ୍ଜୁ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ଅନ୍ୟାନ୍ୟ ଶିଶୁ କଳାକାର କୃଷ୍ଣ, ବଳରାମ, ଶିବ, ପାର୍ବତୀ, ହନୁମାନ, ନନ୍ଦି, ଭୃଙ୍ଗି ବେଶରେ ଅଙ୍କିତ, ରାଜୀବ, ପ୍ରତିଣ, ଗୋପବନ୍ଧୁ, କୁନାଲ, ଝସକେତନ, ପ୍ରକାଶ, ବଣ୍ଟି, ନୂତନ, ଭରତ ପ୍ରମୁଖ ଅଭିନୟ କରିଥିଲେ। ଏହି କୁନିକୁନି ଶିଶୁଙ୍କର ନୃତ୍ୟାଭିନୟରେ ସମଗ୍ର ଗ୍ରାମରେ ଏକ ଆଧାତ୍ମିକତାର ପରିବେଶ ସୃଷ୍ଟି ହୋଇପଡିଥିଲା। ଲୋକେ ଭାବବିହ୍ୱଳ ହୋଇ ଏହାକୁ ଉପଭୋଗ କରିଥିଲେ।

ବଡଗାଁ ବ୍ଲକରେ ମତଦାନ: କାଁଭାଁ ଗଣ୍ଡଗୋଳ

## ଦିବ୍ୟାଙ୍ଗ, ବୃଦ୍ଧା ଆଗ୍ରହରେ କଲେ ମତଦାନ

ବଡଗାଁ, ୧୮।୪ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକରେ ୬୫ ପ୍ରତିଶତରୁ ଅଧିକ ମତଦାନ ହୋଇଛି।୭୭ଟି ବୁଥ ମଧ୍ୟରୁ କାଁ ଭାଁ ଗଣ୍ଡଗୋଳକୁ ଛାଡିଦେଲେ ଅନ୍ୟ ସମସ୍ତ ବୁଥରେ ଶାନ୍ତିଶୃଙ୍ଖଳାରେ ମତଦାନ ହୋଇଛି। କେତେକ ବୁଥରେ ଇଭିଏମ ଖରାପ ହେବା ଓ ଅପରେଟିଂ ଠିକ ଭାବେ କର୍ମଚାରୀ କରି ନ ପାରିବାରୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ପାମରା ଗ୍ରାମର ବୁଥ ନଂ. ୨୨୯ରେ ମେଶିନ ଖରାପ ହେବାରୁ ଅଢ଼େଇଟାରେ ମତଦାନ ଆରମ୍ଭ ହୋଇଥିଲା। ସେହିପରି ବାମଡେରା, ବନଶୀକାର, ଗେଲେଇବାହାଏ ରାଜଛପଲା, ପଟୁଆବେଡା, ତୁଡାଲଗା, ଟିକିଲିପଡାରେ ମେସିନ ଖରାପ ଓ ତୃଟିପୂର୍ଣ୍ଣ ଅପରେଟିଂ ଯୋଗୁଁ ୧ରୁ ୨ ଘଣ୍ଟା ବିଳମ୍ବ ହୋଇଥିଲା। ଇତମା ଗ୍ରାମର ଏକ ପୁଥରେ ଓଜନ ନାମକ ଜଣେ ଯୁବକ ଓ ବଡଗାଁ ନିକଟ ଡେମୁପଡା ବୁଥରେ ଗଜେନ୍ଦ୍ର ଛତ୍ରିଆ ନାମକ ଜଣେ ସ୍ଥାନୀୟ ଯୁବକ ଗଣ୍ଡଗୋଳ କରିବାରୁ ପୋଲିସ ଥାନାରେ ଉଭୟଙ୍କୁ ଅଟକ ରଖିଛି। ବୁଧବାର ରାତିରେ ସାଲବିରା ଗ୍ରାମର ଜେଣ ଯୁବକଙ୍କୁ ଜରଙ୍ଗଲୋଇ ଗ୍ରାମରେ ମାଡପିଟ କରାଯାଇଥିବା ସୂତ୍ରରୁ ଜଣାପଡିଛି। ସେହିପରି ପାମରା ଗ୍ରାମର ବୁଥରେ ଭାଜପା କର୍ମକର୍ତ୍ତା ବସନ୍ତ ସାହୁଙ୍କୁ ଠେଲାପେଲା କରାଯାଇଥିବା ସୂଚନା ମିଳିଛି। ଏହି ନିର୍ବାଚନରେ ଭୋଇପାଲି, ସାହାଜବାହାଲ ଓ କିଞ୍ଜିରକେଲା ଗ୍ରାମର ବୁଥକୁ ଆଦର୍ଶ ମତଦାନ କେନ୍ଦ୍ର କରାଯାଇଥିଲା। ବଡଗାଁ ତହସିଲଦାର ସୋନାଲି ଚାନ୍ଦ, ବିଡିଓ ଡି ଭୋଇ, ମାଜିଷ୍ଟ୍ରେଟ ଦାୟୀତ୍ୱ ଏବଂ ବ୍ଲକ ଓ ଶିକ୍ଷା ବିଭାଗର ୮ଜଣ କର୍ମଚାରୀଙ୍କୁ ସ୍ପେଶାଲ ଏକଜ୍ୟୁକେଟିଭ ମାଜିଷ୍ଟ୍ରେଟ ଭାବେ ଦାୟୀତ୍ୱ ଦିଆଯାଇଥିଲା। ବ୍ଲକ ଅଞ୍ଚଳର ମୋଟ ୫୪ ହଜାର ୭୨ ଭୋଟ ମଧ୍ୟରୁ ୬୫ ପ୍ରତିଶତରୁ ଉର୍ଦ୍ଧ୍ୱ ମତଦାନ ହୋଇଛି। ଅଧିକାଂଶ ମତଦାନ କେନ୍ଦ୍ରରେ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଭୋଟ ଦେଉଥିବା ଦେଖାଯାଇଥିଲା।





ବଡ଼ଗାଁରେ ଜଣେ ଦିବ୍ୟାଙ୍ଗ ଓ ଭୋଇପାଲିରେ ଜଣେ ବୃଦ୍ଧା ଭୋଟ ଦେବାକୁ ଆସିଛନ୍ତି।

■ ନୂଆଁ ଭୋଟରଙ୍କ ମଧ୍ୟରେ ଉତ୍ସାହ

## ଦଳ ନୁହେଁ ପ୍ରାର୍ଥୀଙ୍କ ଦକ୍ଷତା ଦେଖି ଭୋଟ ଦେଇଛୁ

ସୁନ୍ଦରଗଡ଼, ୧୮।୪ (ଡି.ଏନ୍.ଏ)

ଜଣେ ନାଗରିକର ଭୋଟଦାନ ଅଧିକାର ବେଶ ଗୁରୁତ୍ୱପୂର୍ଣ୍ଣ। ଜଣେ ଭୋଟରଙ୍କ ଖଣ୍ଡିଏ ଭୋଟ ବହୁ ମୂଲ୍ୟବାନ। ଏହି ମୂଲ୍ୟବାନ ଭୋଟ ଖଣ୍ଡିକରେ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ନିର୍ବାଚିତ କରି ଏକ ଉତ୍ତମ ସରକାର ଓ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ଦିଗରେ ବିଶେଷ ସହାୟକ ହୋଇଥାଏ। ଗଣତନ୍ତ୍ରର ଏହି ମହାନପର୍ବରେ ସାମିଲ ହୋଇ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବା ପାଇଁ ପ୍ରଥମକରି ଭୋଟ ଦେବାକୁ ଆସିଥିବା ଯୁବ ଭୋଟରଙ୍କ ମଧ୍ୟରେ ବେଶ ଉତ୍ସାହ ପ୍ରକାଶ ପାଇଥିଲା। ଦଳ ନୁହେଁ ପ୍ରାର୍ଥୀଙ୍କ ଦକ୍ଷତା ଦେଖି ଭୋଟ ଦେଇଛୁ ବୋଲି ସେମାନେ କହିଥିଲେ। ସେମାନଙ୍କ ମତାମତକୁ ନେଇ ଉପସ୍ଥାପନା।

### ବୁଥ ଫେରନ୍ତା ନୂଆ ଭୋଟରଙ୍କ ମୁହଁରୁ ...



ପ୍ରଥମ କରି ଭୋଟ ଦେଉଛି। ଭୋଟ ଦେବା ପାଇଁ ମୁଁ କଟକରୁ ଗତ ୨ଦିନ ହେବ ଆସି ପହଞ୍ଚିଛି। ଦଳ ନୁହେଁ, ପ୍ରାର୍ଥୀଙ୍କୁ ଦେଖି ଭୋଟ ଦେଇଛି। ଜଣେ ପ୍ରାର୍ଥୀ ଦାୟିତ୍ୱସମ୍ପନ୍ନ ହେବା ଆବଶ୍ୟକ।
**ମିତୁଲ ନାଏକ, ଏମ୍.କମ୍ ଛାତ୍ରୀ,ସୁନ୍ଦରଗଡ଼**



ପ୍ରଥମକରି ଭୋଟ ଦେବା ମୋ ପାଇଁ ଏକ ଭଲ ଅନୁଭବ ଓ ଅଭୁଲା ସ୍ମୃତି। ଯେଉଁ ପ୍ରାର୍ଥୀ ବା ଦଳ ଲୋକାଭିମୁଖୀ ଯୋଜନା ପ୍ରଣୟନ କରୁଛି ତାକୁ ମୁଁ ଭୋଟ ଦେଇଛି।
**ମୋନିକା ମିଶ୍ର ଛାତ୍ରୀ,ସୁନ୍ଦରଗଡ଼।**



ପ୍ରଥମ କରି ଭୋଟ ଦେଇ ଏକ ଉତ୍ତମ ଅନୁଭୂତି ହାସଲ କରିଛି। ପ୍ରାର୍ଥୀଙ୍କ ଭାବମୂର୍ତ୍ତି ଓ କାର୍ଯ୍ୟ କରିବାର ଦକ୍ଷତା ଆଦିକୁ ନୀରିକ୍ଷଣ ପରେ ସେହି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେଇଛି।
**ସ୍ୱାଗତ କୁମାର ସା, କଲେଜ ଛାତ୍ର, ସୁନ୍ଦରଗଡ।**



ପ୍ରଥମ ଥର ପାଇଁ ଭୋଟ ଦେଇ ଖୁସି ଲାଗୁଛି। ଯିଏ ଆମ ଅଞ୍ଚଳର ବିକାଶ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବେ; ସମସ୍ତଙ୍କ ଦୁଃଖସୁଖ ସମସ୍ୟାରେ ସାମିଲ ହେବେ। ସେପରି ପ୍ରାର୍ଥୀଙ୍କୁ ଚୟନ କରି ମତଦାନ କରିଛି।
**ଶୁଭମ ପଟେଲ, ଛାତ୍ର ସୁନ୍ଦରଗଡ଼**



ଆମେ ସାବାଳକ ଭାବେ ଦେଶର ନେତା ଚୟନ କରିପାରିଛୁ। ଯେଉଁ ନେତା ଦୁର୍ନୀତିଗ୍ରସ୍ତ ନୁହଁନ୍ତି ଓ ଦକ୍ଷ ତାଙ୍କୁ ବାଛିଛୁ। ରାଜ୍ୟ କିମ୍ବା କେନ୍ଦ୍ରରେ ଦୁର୍ନୀତିମୁକ୍ତ ସରକାର ଗଠନ ଯୁବପିଢିଙ୍କ ଲକ୍ଷ୍ୟ। ମୁଁ ବି ଚାହେଁ ଏକ ଦୁର୍ନୀତିମୁକ୍ତ ସରକାର।
**ଶୁଭଶ୍ରୀ ବନଛୋର, ଛାତ୍ରୀ ସୁନ୍ଦରଗଡ଼।**

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୯ ଏପ୍ରିଲ, ୨୦୧୯



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।

- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### କୀଟନାଶକ ପିଇ ନାବାଳିକାଙ୍କ ଆତ୍ମହତ୍ୟା

**ଭବାନୀପାଟଣା,୧୮।୪(ଡି.ଏନ.ଏ.)-** ପାରିବାରିକ ଗଣ୍ଡଗୋଳକୁ ନେଇ ଜଣେ ନାବାଳିକା କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି । ମୃତ ନାବାଳିକା ଜଣକ ହେଲେ ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କର୍ଲାପାଟ ପାଣ୍ଡି ଅଧିନସ୍ଥ ହାର୍ଡଖୁର୍ସି ଗ୍ରାମର ସତ୍ୟଭାମା ମାଝି (୧୬)। ସତ୍ୟଭାମାଙ୍କ କୌଣସି କାରଣକୁ ନେଇ ମା'ଙ୍କ ସହିତ ବଚସା ହୋଇଥିଲା। ଏଥିରେ ସତ୍ୟଭାମା ଉତ୍କ୍ଷିପ୍ତ ହୋଇ କୀଟନାଶକ ପିଇ ଦେଇଥିଲେ । ତେବେ ଏ ସମ୍ବନ୍ଧରେ ତାଙ୍କ ମା' କିଛି ଜାଣି ପାରି ନ ଥିଲେ । ସକାଳେ ଜାଣିବା ପରେ ମା' ତୁରନ୍ତ ଅନ୍ୟ ଏକ ପଡାରେ ରହୁଥିବା ତାଙ୍କ ପୁଅବୋହୂଙ୍କୁ ଡାକିଥିଲେ । ଏହାସହ ଏକ ଗାଡି ଯୋଗାଡ ପାଇଁ ପ୍ରୟାସ କରିଥିଲେ ମଧ୍ୟ ଗାଡି ଯୋଗାଡ ହୋଇପାରି ନ ଥିଲା । ଶେଷରେ ୧୦୮ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାନରେ ଗତ ବୁଧବାର ବାଳିକାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇବା ଫାଣ୍ଡି ଅଧିକାରୀ କାହ୍ନୁଚରଣ ପଣ୍ଡା ମୁଖ୍ୟ ଚିକିତ୍ସାଳୟ ଯାଇ ଶବ ଜବତ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଛନ୍ତି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ଜନିତ ମାମଲା ରୁଜୁ ହୋଇଛି ।

### ସ୍ୱାଧୀନ ପ୍ରାର୍ଥୀଙ୍କ ନିର୍ବାଚନୀ ଇସ୍ତାହାର

**ସମ୍ବଲପୁର,୧୮।୪(ବ୍ୟୁରୋ):** ସମ୍ବଲପୁର ବିଧାନସଭା କ୍ଷେତ୍ର ସ୍ୱାଧୀନ ପ୍ରାର୍ଥୀ ଜୟବ୍ରତ ଦେ ନିର୍ବାଚନୀ ଇସ୍ତାହାର ଗୁରୁବାର ପ୍ରକାଶ କରିଛନ୍ତି । ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ସୂଚନାଦେଇ କହିଥିଲେ ଯେ, ୩୫ ହଜାର ଗରିବ, ଖଟିଖିଆ, ଭୂମିହୀନ ପରିବାରକୁ ପଟ୍ଟା ଓ ଘର ଦେବା ତାଙ୍କ ମୂଳଲକ୍ଷ୍ୟ ରହିଛି। ଏଥିସହ ହୀରାକୁଦ, ବୁର୍ଲା ଓ ସମ୍ବଲପୁର ଅଞ୍ଚଳର ବିକାଶ କାର୍ଯ୍ୟ କରିବେ। ସେହିପରି ଏକ ଭୟମୁକ୍ତ, ଭ୍ରଷ୍ଟାଚାର ମୁକ୍ତ, ସୁନ୍ଦର ଓ ସୁବ୍ୟବସ୍ଥିତ ସମ୍ବଲପୁର ସହର ଗଠନ କରିବାକୁ ବଦ୍ଧପରିକର ହେବେ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଇଂ. ନିର୍ମଳ ଦାଶ, ମହମ୍ମଦ ନୱାବ, ମହମ୍ମଦ ମଞ୍ଜୁ ଉପସ୍ଥିତ ଥିଲେ ।

### ବାଦଲି ମଦଭାଟିରେ ଡକାୟତି

**ଭବାନୀପାଟଣା,୧୮।୪ (ଡି.ଏନ.ଏ.):** ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ବାଦଲି ମଦଭାଟିରେ ବୁଧବାର ରାତିରେ ଡକାୟତି ହୋଇଛି। ଡକାୟତମାନେ ୪୦ ହଜାର ଟଙ୍କା ଓ ୭ଟି ମୋବାଇଲ ଲୁଟ କରି ନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଡକାୟତମାନଙ୍କ ଆକ୍ରମଣରେ ୨ ଜଣ ଆହତ ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବାଦଲି ମଦଭାଟିରେ ଭୋର ୩ ଟାରେ ପ୍ରାୟ ୭ରୁ ଊର୍ଦ୍ଧ୍ୱ ମୁଖାପିନ୍ଧା ଡକାୟତ ଗ୍ୟାଙ୍ଗ ପହଞ୍ଚିଥିଲେ। ସେମାନେ ଠେଙ୍ଗା ଓ ଛୁରି ଧରିଥିବାରୁ ଭାଟିର ୭ ଜଣ କର୍ମଚାରୀ ଭୟଭିତ ହୋଇ ପଡିଥିଲେ। କର୍ମଚାରୀମାନେ ପ୍ରତିରୋଧ କରିବାରୁ ନିସ୍ତୁକ ମାଡ ମାରିଥିଲେ। ଏଥିରେ ଭାଟିର ବିମଳ ସାହୁ (୫୫)ଙ୍କ ଡାହାଣ ହାତ ଭାଙ୍ଗି ଯାଇଥିବା ବେଳେ ଯୋଗେଶ୍ୱର ସାହୁ (୪୨)ଙ୍କୁ ମଧ୍ୟ ପିଟିଥିଲେ। ସେମାନଙ୍କଠାରୁ ନଗଦ ୪୦ ହଜାର ଟଙ୍କା ଓ କର୍ମଚାରୀଙ୍କ ୭ଟି ମୋବାଇଲ ଲୁଟି ନେଇଥିଲେ। ସକାଳେ ଭାଟି ମ୍ୟାନେଜର ଭବାନୀପାଟନା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସଦର ଥାନା ଆଇଆଇସି ପ୍ରଦୀପ ଧରୁଆ ଓ ଏସଆଇ ସୁବାସଚନ୍ଦ୍ର ମିଶ୍ର ଘଟନାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।





ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଗଡଲୁଇସିଂ ଗ୍ରାମ ଛକରେ ବ୍ୟାନର ପୋଷ୍ଟର ଖୋଲାଯାଉଛି (ବାମ)। ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଗଡଲୁଇସିଂ ଗ୍ରାମ ଛକରେ ବ୍ୟାନର ପୋଷ୍ଟର ଖୋଲିବାକୁ ଫ୍ଲାଇଙ୍ଗ ସ୍କ୍ୱାଡ୍ ନିର୍ଦ୍ଦେଶ ଦେଉଛନ୍ତି ।

# ଖୋଲାହେଲା ବ୍ୟାନର ପୋଷ୍ଟର

**ସମ୍ବଲପୁର,୧୮।୪(ବ୍ୟୁରୋ)**

ଏପ୍ରିଲ ୨୩ ତାରିଖ ସମ୍ବଲପୁର ଲୋକ ସଭା ଓ ବିଧାନସଭା କ୍ଷେତ୍ରରେ ଭୋଟ ଗ୍ରହଣ ହେବ । ଏନେଇ ପ୍ରମୁଖ ଦଳର ପ୍ରାର୍ଥୀମାନେ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି । ସେହିପରି ନିର୍ବାଚନରେ ଆଦର୍ଶ ଆଚରଣ ବିଧି ଉପରେ ନିର୍ବାଚନ କମିଶନ ମଧ୍ୟ କଡା ନଜର ରଖିଛନ୍ତି। ଅନ୍ୟପକ୍ଷେ ଫ୍ଲାଇଙ୍ଗ ସ୍କ୍ୱାଡ ଗୁରୁବାର ଯୁଯୁମୁରା ବ୍ଲକର ବିଭିନ୍ନ ସ୍ଥାନରେ ଯାଞ୍ଚ କରି ଲାଗିଥିବା ପୋଷ୍ଟର ବ୍ୟାନରକୁ ହଟାଇଥିଲେ। ଏହି ପରିପ୍ରେକ୍ଷୀରେ ଫ୍ଲାଇଙ୍ଗ ସ୍କ୍ୱାଡ ଗଡଲଇସିଂ ଛକରେ ଲାଗିଥିବା ଭାଜପା ଓ କଂଗ୍ରେସର ବ୍ୟାନର ପୋଷ୍ଟରକୁ ଜବତ କରିଥିଲେ। ଏହା ସହ ଅସ୍ଥାୟୀ ଅଫିସକୁ ଯାଇ ଯାଞ୍ଚ କରିଥିଲେ। ଅନ୍ୟପକ୍ଷେ ସ୍ଥାନୀୟ କେତେଜଣ ଲୋକ ଫ୍ଲାଇଙ୍ଗ ସ୍କ୍ୱାଡ କର୍ମଚାରୀଙ୍କୁ ଭେଟି ସବୁ ଦଳର ବ୍ୟାନର ପୋଷ୍ଟର ଖୋଲିବାକୁ ଦାବି କରିଥିଲେ।

ଡିଜିଟାଲ ବଦଳରେ ଆନାଲୋଗରେ ଚାଲିଛି କେବୁଲ ସିଷ୍ଟମ

# ସରକାରଙ୍କ ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି

**ଭବାନୀପାଟଣା,୧୮।୪ (ସ୍ୱ.ପ୍ର.)**

କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆ ଆରମ୍ଭ କରି ଲୋକଙ୍କୁ ଅତ୍ୟାଧୁନିକ ସେବା ଯୋଗାଇ ଦେବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଏହି କ୍ରମରେ ସରକାର ପୁରୁଣା ଆନାଲୋଗ କେବୁଲ ସିଷ୍ଟମକୁ ବଦଳାଇ ଗତ ୨୦୧୬ ଡିସେମ୍ବର ୨୪ରୁ ଡିଜିଟାଲ ସେବା ଆପଣାଇବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାଦ୍ୱାରା ଉପଭୋକ୍ତାମାନେ ଡିଜିଟାଲ ସିଷ୍ଟମରେ ଟିଭି ଦେଖିବା ସହ ନିଜ ଇଚ୍ଛା ଅନୁଯାୟୀ ଟଙ୍କା ଦେଇ ଚ୍ୟାନେଲର ମନୋରଞ୍ଜନ ନେଇ ପାରିବେ। ଏଥିପାଇଁ ସରକାର କେବୁଲ ଅପ୍ରେଟରମାନଙ୍କୁ ଆନାଲୋଗ ସିଷ୍ଟମ ବଦଳାଇ ଉପଭୋକ୍ତାଙ୍କୁ ଡିଜିଟାଲ ସେବା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯଦି ଏହି ନିୟମକୁ କେହି ନ ମାନନ୍ତି ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ତେବେ ଡିଜିଟାଲ ସିଷ୍ଟମରେ କେବୁଲ ଅପ୍ରେଟରମାନଙ୍କୁ ସରକାରଙ୍କୁ ଟିକସ ଦେବାକୁ ପଡୁଥିବାବେଳେ ଆନାଲୋଗ ସିଷ୍ଟମରେ ସରକାରଙ୍କୁ ଟିକସ ଦେବାକୁ ପଡେନାହିଁ। ଫଳରେ ବର୍ତ୍ତମାନ ବି ଅନେକ କେବୁଲ ଅପ୍ରେଟର ଆନାଲୋଗ ସିଷ୍ଟମରେ କେବୁଲ ଚଲାଇ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଟିକସ ଫାଙ୍କୁଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଏବେ ବି କେବୁଲ ଅପ୍ରେଟରମାନେ ଡିଜିଟାଲ କେବୁଲ ସେବାକୁ ନ ଆପଣାଇ ପୁରୁଣା ଆନାଲୋଗ ସିଷ୍ଟମରେ କେବୁଲ ଚଳାଇଛନ୍ତି। ଯଦ୍ୱାରା କେବୁଲ ଅପ୍ରେଟରମାନେ ଲାଭବାନ ହେଉଥିବାବେଳେ ଅନ୍ୟପଟେ ସରକାର ଲକ୍ଷ ଲକ୍ଷ ଟଙ୍କା ଟିକସ ନ ପାଇ କ୍ଷତି ସହୁଛନ୍ତି। ଏପରି ଅନିୟମିତତକୁ ନେଇ ଜିଲା ପ୍ରଶାସନର ଦୃଷ୍ଟି ନ ପଡବା ସାଧାରଣରେ ଚର୍ଚ୍ଚାର ବିଷୟ। ଜିଲାର ବଳଦିଆମାଲ, ପଲାସ, ଚାରବାହାଲ, ଧନେର ଆଦି ଅନେକ ସ୍ଥାନରେ ଏବେ ବି ଆନାଲୋଗ ସିଷ୍ଟମରେ କେବୁଲ ଚାଲିଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଜଳଛତ୍ର ଶୁଭାରମ୍ଭ

**ସମ୍ବଲପୁର, ୧୮।୪ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଗୁରୁବାର ବୁର୍ଲା ଛକ ଜାତୀୟ ରାଜପଥରେ ଏକ ଜଳଛତ୍ରର ଶୁଭାରମ୍ଭ କରାଯାଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥଚାରୀମାନଙ୍କୁ ଥଣ୍ଡା ପାନୀୟଜଳ ପ୍ରଦାନ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ର, ମହିଳା, ପୁରୁଷମାନଙ୍କୁ ସର୍ବତ ବଣ୍ଟନ କରାଯାଇଥିଲା । ଜାଗୃତି ମହିଳା ମଣ୍ଡଳ ଉପାଧ୍ୟକ୍ଷା ପଦ୍ମଜା ସିଂ, ପଦ୍ମିନୀ ବାସୁଦେବନ, ପରମଜିତ କୌର, ମଧୁ ମିଶ୍ରା ଜଳଛତ୍ରର ଶୁଭାରମ୍ଭ କରିଥିଲେ। ସଚିବ ରଞ୍ଜିତା ତ୍ରିପାଠୀ, ଯୁଗ୍ମ ସଚିବ ରିତୁ ପଟ୍ଟନାୟକ, କୋଷାଧ୍ୟକ୍ଷା ପରମିତା ରାୟ, ଇନ୍ଦିରା ରାଜେଶ୍ୱରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।



ଗୁରୁବାର ସମ୍ବଲପୁର ବୁର୍ଲା ଛକ ନିକଟସ୍ଥ ଜାତୀୟ ରାଜପଥଠାରେ ଅତିଥିମାନେ ଜଳଛତ୍ରର ଶୁଭାରମ୍ଭ କରୁଛନ୍ତି ।

# ମା'ହିଙ୍ଗୁଳାଙ୍କ ଯାତ୍ରା ସମ୍ପନ୍ନ

**ଦେବଗଡ଼,୧୮।୪(ସ୍ୱ.ପ୍ର.)**

ପବିତ୍ର ଚୈତ୍ର ପୂର୍ଣ୍ଣମୀ ତିଥିରେ ଦେବଗଡ଼ ସହରରେ ମା'ହିଙ୍ଗୁଳାଙ୍କ ଯାତ୍ରା ମହାସମାରୋହରେ ଗୁରୁବାର ଶେଷ ହୋଇଛି । ଏହି ଉପଲକ୍ଷେ ପୂର୍ବାହ୍ନରେ ସ୍ଥାନୀୟ ତଅଁଳା ସାହିସ୍ଥିତ ମା'ହିଙ୍ଗୁଳାଙ୍କ ଅସ୍ଥାୟୀ ପୀଠରେ ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁ ତଥା ଛୋଟ ଛୋଟ ପିଲାମାନେ ଲାଲ ଧ୍ୱଜା ଧରି ସୁସଜ୍ଜିତ ପାଲିଙ୍କିରେ ହିଙ୍ଗୁଳାଙ୍କ ସହ ମଙ୍ଗଳା ଓ କାଳିକାଙ୍କୁ ସାହିପରିକ୍ରମା କରିଥିଲେ । ଶ୍ରଦ୍ଧାଳୁମାନେ ନଡିଆ,କଦଳୀ,ଖଇମୁଆଁ ଆଦି ଭୋଗ ଲଗାଇ ପୂଜାର୍ଚ୍ଚନା କରିଥିଲେ । ଏପରି କି କେତେକ ସାହିରେ ବୋଦା ଓ କୁକୁଡା ବଳି ଦିଆଯାଇଥିବା ସୂଚନା ମିଳିଛି । ସେହିପରି ଶ୍ରଦ୍ଧାଳୁମାନେ ନିଜ ଘର ସମ୍ମୁଖରେ କଳସ ବସାଇବା ସହ ଦୀପ ଜାଳି ମା'ଙ୍କୁ ସ୍ୱାଗତ କରିଥିଲେ । ଏହି ପୂଜାରେ ତଅଁଳାସାହି ପୂଜା କମିଟି ତଥା ଅନ୍ୟ ସାହିର ସଦସ୍ୟମାନେ ସହଯୋଗ କରିଥିଲେ । ସେହିପରି ହାତୀଶାଳ ସାହିର ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଏକ ମେଳାର ଆୟୋଜନ କରାଯାଇଥିଲା । ସେଠାରେ ଦେବୀ ନଗର ପରିକ୍ରମା କରିବା ପରେ ହାତୀଶାଳ ସାହି ପୀଠରେ ପହଞ୍ଚି ଥିଲେ । ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା ।



ରେଢାଖୋଲ ବିଧାନସଭା ସ୍ୱାଧିନ ପ୍ରାର୍ଥୀ ଜୟଲାଲ ବେହେରା ଭୋଟ ପ୍ରଚାର କରୁଛନ୍ତି।

# ସ୍ୱାଧୀନ ପ୍ରାର୍ଥୀଙ୍କ ଜୋରଦାର ପ୍ରଚାର

**ସମ୍ବଲପୁର,୧୮।୪(ବ୍ୟୁରୋ)**

ସମ୍ବଲପୁର ରେଢାଖୋଲ ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଜୟଲାଲ ବେହେରା ଗୁରୁବାର ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ଜୟଲାଲ ସମର୍ଥକଙ୍କ ସହ ମାଛୁଡିହି, କିସିଣ୍ଡା, ଚିନିମହୁଲ, କେଲୋ, ବଳମ, ଶିମିଲପାଳ, ଘଷୁରାମାଳ ଆଦି ଗ୍ରାମରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ଏପରି କି ଜୟଲାଲ ମହିଳା ଓ ବୃଦ୍ଧଙ୍କୁ ନିଜ ଲିଫଲେଟ ଦେଇ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଅପରାହ୍ନରେ ଯୁବକ ଓ ସନ୍ଧ୍ୟାରେ ଆଦିବାସୀ ମହିଳାମାନଙ୍କୁ ନେଇ ଏକ ବୈଠକ କରିଥିଲେ। ବିଭିନ୍ନ ଗ୍ରାମରେ ଜୟଲାଲକୁ ସ୍ୱାଗତ କରାଯାଇଥିଲା।

ଇନ୍ଦ୍ରାବତୀ ଦକ୍ଷିଣ କେନାଲରେ ପାଣି ଛାଡ଼ିବାକୁ ଦାବି

# ଜାରିଙ୍ଗଠାରେ ଚାଷୀଙ୍କ ରାସ୍ତାରୋକୋ

**ଜୁନାଗଡ଼,୧୮।୪ (ଡି.ଏନ.ଏ.)**

ଇନ୍ଦ୍ରାବତୀ ଦକ୍ଷିଣ କେନାଲରେ ପାଣି ଛାଡିବା ପାଇଁ ଜାରିଙ୍ଗ ଡ୍ରିଷ୍ଟିବ୍ୟୁଟାରୀର ଚାଷୀମାନେ ଦାବି କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜାରିଙ୍ଗ ଛକ ୨୬ନଂ. ଜାତୀୟ ରାଜପଥ ଉପରେ ଗୁରୁବାର ପୂର୍ବାହ୍ନ ୧୦ଟାରୁ ସାଢେ ୧୧ଟା ଦେଢ ଘଣ୍ଟା ଧରି ଚାଷୀମାନେ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାରେ ଶତାଧିକ ଯାନବାହନ ଅଟକି ରହିଥିଲା। ଖବର ପାଇ ଘଟଣାସ୍ଥଳରେ ଇନ୍ଦ୍ରାବତୀ ଦକ୍ଷିଣ କେନାଲ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜକୁମାର ବେହେରା ଓ ଏସଡିଓ ଗୋବର୍ଦ୍ଧନ ନାଏକ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ଶନିବାର ସୁଦ୍ଧା ପାଣି କେନାଲରେ ପାଣି ଛଡାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

ପ୍ରକାଶ ଯେ, ଜାରିଙ୍ଗ ଡ୍ରିଷ୍ଟିବ୍ୟୁଟାରି ଅନ୍ତର୍ଗତ ଗୁଞ୍ଜୁଗୁଡା, ଘଣ୍ଟବାହାଲି, ଲବଣିପୁର, ମିଟାଶୋଲା, ତଳ ଜାରିଙ୍ଗ ଗ୍ରାମର ଚାଷୀମାନେ ରବି ଋତୁରେ ଧାନ ଚାଷ କରିବା ପାଇଁ ଗତ କିଛି ମାସ ତଳେ ଇନ୍ଦ୍ରାବତୀ ଦକ୍ଷିଣ କେନାଲ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଅନୁରୋଧ କରିଥିଲେ। କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଜାରିଙ୍ଗ ସବ୍‌ମାଇନର କେନାଲରେ ପାଣି ଛଡାଯାଇଥିଲା। ପରେ ଅଞ୍ଚଳର ଚାଷୀମାନେ ଡାଲୁଅ ଧାନ ଚାଷ କରିଥିଲେ। ଧାନ ବାହାରିବା ପରେ କେନାଲରେ ଆଉ ପାଣି ଛଡାଯାଇ ନ ଯିବାରୁ ଧାନଗଛ ସବୁ ଶୁଖିଯାଇ ମରିବାକୁ ବସିଛି। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ଦକ୍ଷିଣ କେନାଲରେ ପାଣି ନ ଛଡାଯାଇ ହାତୀନଦୀକୁ କାହା ସ୍ୱାର୍ଥରେ ଛଡାଯାଉଛି ବୋଲି ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଏପରି ବ୍ୟତିକ୍ରମ ପାଇଁ ଗୁରୁବାର ୧୦ଟାରୁ ୧୧.୩୦ ଯାଏଁ ଚାଷୀମାନେ ଜାରିଙ୍ଗ ଛକ ୨୬ ନଂ. ଜାତୀୟ ରାଜପଥରେ ରାସ୍ତାରୋକୋ କରିଥିଲେ। ଶୀଘ୍ର କେନାଲରେ ପାଣି ଛାଡିବା ପାଇଁ ଚାଷୀମାନେ ଅଡି ବସିଥିଲେ। ଏପରି କି ଟାଣ ଖରାକୁ ଖାତିର ନ କରି ମଧ ଚାଷୀମାନେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଜୁନାଗଡ ପୋଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲା। ଏ ନେଇ ବିଭାଗୀୟ ଏସ୍‌ଡିଓ ଗୋବର୍ଦ୍ଧନ ନାଏକଙ୍କୁ ପଚାରିବାରୁ ଚଳିତ ରବି ଋତୁରେ ଇନ୍ଦ୍ରାବତୀ ଦକ୍ଷିଣ କେନାଲର ୮୪ କି.ମି. ମଧ୍ୟରେ ୨୦ ହଜାର ହେକ୍ଟର ଚାଷ ଜମିରେ ଧାନ ଚାଷ କରିବା ପାଇଁ ଚାଷୀମାନଙ୍କୁ ଅନୁମତି ଦିଆଯାଇଥିଲା। ଜାରିଙ୍ଗ ଡିଷ୍ଟ୍ରିବ୍ୟୁଟାରୀ ପାଣି ନ ଛଡା ଯିବା ପୂର୍ବରୁ କେବଳ କେନାଲକୁ ଲାଗି ରହିଥିବା ଚାଷ ଜମିରେ ଚାଷ କରିବା ପାଇଁ ରେଜୁଲେସନ ପାସ୍ କରାଯାଇଥିଲା। ତେବେ ପରିସୀମା ବାହାରେ ଚାଷୀମାନେ ଚାଷ କରିଥିବାରୁ ଏପରି ସମସ୍ୟା ଉପୁଜୁଛି ବୋଲି କହିଥିଲେ।



ଜାରିଙ୍ଗ ଛକ ୨୬ ନଂ. ଜାତୀୟ ରାଜପଥରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି। ରାସ୍ତାରେ ଯାନବାହନ ଅଟକି ରହିଛି ।

- ଟାଣ ଖରାକୁ ଖାତିର କଲେ ନାହିଁ
- ଦେଢ଼ ଘଣ୍ଟା ଧରି ଅଟକିଲା ଯାନବାହନ

## ଫଟୋରେ ଖବର





ସମ୍ବଲପୁରରେ କଂଗ୍ରେସ କର୍ମୀମାନେ ନିର୍ବାଚନ ପ୍ରଚାର କରୁଛନ୍ତି (ବାମ)। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବିଜେଡି କର୍ମୀମାନେ ନିର୍ବାଚନ ପ୍ରଚାର କରୁଛନ୍ତି ।

# ଶ୍ରୀରାମନବମୀ ମହୋତ୍ସବ

**ଦେବଗଡ,୧୮।୪ (ସ୍ୱ.ପ୍ର)**

ସ୍ଥାନୀୟ ଗୋପାଳଜୀ ମନ୍ଦିର ଟ୍ରଷ୍ଟବୋର୍ଡ ତଥା ମନ୍ଦିର କମିଟି ତରଫରୁ ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଶ୍ରୀରାମନବମୀ ଉତ୍ସବ ଜାକଜମକରେ ଚାଲିଛି । ଗୁରୁବାର ଷଷ୍ଠ ସନ୍ଧ୍ୟାରେ ଦେବଗଡର କୁନିକୁନି କଳାକାରମାନଙ୍କ ଦ୍ୱାରା ଭଜନ ଆଧାରିତ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । କୁମୁଦ ଶତପଥୀ ମଞ୍ଚ ପରିଚାଳନା କରିଥିଲେ । ଶିଶୁ କଳାକାର ଆୟୁଷ୍ମାନ ଅଗ୍ରୱାଲ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ରୂପେନ୍ଦ୍ର ଗୁମାନସିଂ ଭଜନ ପରିବେଷଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଚନ୍ଦନ କୁମାର ସାହୁ ଉଦ୍‌ଘୋଷକ ଥିଲେ । ନୃତ୍ୟ ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ ଜୁନିୟର ଗ୍ରୁପରୁ ଅର୍ପିତା ରାଉତ ପ୍ରଥମ, ରିମ୍‌ଝିମ ନାୟକ ଦ୍ୱିତୀୟ ଏବଂ ଶୁଭଶ୍ରୀ ପ୍ରିୟଦର୍ଶିନୀ ମୁଦୁଲି ତୃତୀୟ ସ୍ଥାନ ଅଧିକାର କରିଥିଲେ । ସିନିୟର ଗ୍ରୁପରୁ ଅଙ୍କୁର ସ୍ୱାଇଁ ପ୍ରଥମ,ସରିତା କର୍ମୀ ଦ୍ୱିତୀୟ,ରତନ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ । ଦେବାଶିଷ ଦାଶଙ୍କୁ ଶ୍ରେଷ୍ଠ ବେଶ ପୋଷାକ,ଘନଶ୍ୟାମ ବେହେରାଙ୍କୁ ଶ୍ରେଷ୍ଠ ବିଷୟ ବସ୍ତୁ , ଓ ମିଲି ନାୟକଙ୍କୁ ଶ୍ରେଷ୍ଠ ଅଙ୍ଗଭଙ୍ଗୀ କଳାକାର ଭାବେ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସେହିପରି ବିଚାରକ ଭାବେ ବରିଷ୍ଠ କଳାକାର ପ୍ରଦୀପ କୁମାର, କବିୟତ୍ରୀ ସୁମିତ୍ରା ପୁରୋହିତ,ନାଟ୍ୟ ନିର୍ଦ୍ଦେଶକ ରୋମିଓ ମହାପାତ୍ର,ଉପେନ୍ଦ୍ର ଭଂଜ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଭୋଟ ବର୍ଜନ କଲେ ୭ ଗାଁର ଭୋଟର

**ଲୋଇସିଂହା/ବାଲିଗୁଡା/ବେଗୁନିଆପଡା,୧୮।୪(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀର ୩ ଓ କନ୍ଧମାଳ ଜିଲା ବାଲିଗୁଡା ନିର୍ବାଚନମଣ୍ଡଳୀର ୪ ଗାଁର ଭୋଟର ଗୁରୁବାର ଅନୁଷ୍ଠିତ ସାଧାରଣ ନିର୍ବାଚନକୁ ବର୍ଜନ କରିଛନ୍ତି। ମତଦାନ କେନ୍ଦ୍ର ଗାଁଠାରୁ ଦୂରରେ ଥିବା ଏବଂ ଅନ୍ୟାନ୍ୟ ସମସ୍ୟା ଉତ୍ଥାପନ କରି ସେମାନେ ଭୋଟ ବର୍ଜନ ପରି ଚରମ ନିଷ୍ପତ୍ତି ନେଇଛନ୍ତି। ଲୋଇସିଂହା ନିର୍ବାଚନମଣ୍ଡଳୀର ଏହି ୩ଟି ଗାଁ ହେଲା ଲୋଇସିଂହା ବ୍ଲକ ବାନିପାଲି ପଞ୍ଚାୟତର ବବଜା, ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତର ହଲଦିପଦରି ଓ ଗଣ୍ଡପାଲି। ସେହିପରି ବାଲିଗୁଡା ବ୍ଲକ ବାଟାଗୁଡା ଗ୍ରାମପଞ୍ଚାୟତର ୪ ଗାଁ ହେଲା ଗଙ୍ଗେରୀ, ଟଙ୍ଗମ, ଡୁକ୍ଲମିଲା, ପଲସିମିଲା ।

୨୦୧୪ ନିର୍ବାଚନ ବେଳେ ଲୋଇସିଂହା ବ୍ଲକରେ ୧୮ ପଞ୍ଚାୟତ ଥିଲା । ୨୦୧୭ ପଞ୍ଚାୟତ ନିର୍ବାଚନ ବେଳେ ଏହା ୨୦କୁ ବୃଦ୍ଧି ପାଇଥିଲା। ସେତେବେଳେ ବାନିପାଲି ନୂତନ ପଞ୍ଚାୟତ ଗଠିତ ହୋଇଥିଲା। ପୂର୍ବରୁ ରତାଖଣ୍ଡି ପଞ୍ଚାୟତ ଅଧୀନରେ ଥିବା ବବଜା ଗାଁ ବାନିପାଲି ପଞ୍ଚାୟତରେ ମିଶିଛି । ପଞ୍ଚାୟତ ସଦର ମହକୁମାଠାରୁ ବବଜା ଗାଁ ୬ କି.ମି ଦୂର । ଗାଁର ୱାର୍ଡ ସଂଖ୍ୟା ୩। ମୋଟ ଜନସଂଖ୍ୟା ୨ହଜାରରୁ ଊର୍ଦ୍ଧ୍ୱ ଥିବାବେଳେ ୭ଶହ ପାଖପାଖି ଭୋଟର ରହିଛନ୍ତି। ଗାଁରେ ଅଙ୍ଗନୱାଡି କେନ୍ଦ୍ରଠାରୁ ହାଇସ୍କୁଲ ଶିକ୍ଷା ପର୍ଯ୍ୟନ୍ତ ବିଦ୍ୟାଳୟ ରହିଛି । ଗାଁରେ ଆନୁଷଙ୍ଗିକ ସମସ୍ତ ସୁବିଧା ଥିବାରୁ ରତାଖଣ୍ଡି ପଞ୍ଚାୟତ ଅଧୀନରେ ଥିବା ସମୟରେ ୨୦୧୪ ନିର୍ବାଚନ ସମୟରେ ଗାଁରେ ୨ଟି ବୁଥ କେନ୍ଦ୍ର କରାଯାଇଥିଲା। ଅନୁଷଙ୍ଗିକ ସୁବିଧା ଥାଇ ମଧ୍ୟ ଚଳିତ ୨୦୧୯ ନିର୍ବାଚନ ପାଇଁ ଗାଁରେ ବୁଥ କରାଯାଇ ନାହିଁ । ଗାଁଠାରୁ ୬ କିମି ଦୂର ପଞ୍ଚାୟତ ସଦର ମହକୁମା ତଥା ବାନିପାଲି ଗ୍ରାମର ୧୨୨ ନଂ. ବୁଥରେ ବବଜା ଗ୍ରାମର ମତଦାନ କେନ୍ଦ୍ର କରାଯାଇଛି। ୨ ମାସ ତେଳେ ଏହି ଖବର ଜଣା ପଡିବା ପରେ ଗ୍ରାମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବବଜାରେ ମତଦାନ କେନ୍ଦ୍ର ନ କଲେ ସେମାନେ ଭୋଟ ବର୍ଜନ କରିବେ ବୋଲି ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ । ହେଲେ ଜିଲା ପ୍ରଶାସନ ଏହାକୁ ସେତେଟା ଗୁରୁତ୍ୱ ଦେଇ ନ ଥିଲା। ଗୁରୁବାର ଅନୁଷ୍ଠିତ ନିର୍ବାଚନକୁ ସାମୂହିକ ଭାବେ ବର୍ଜନ କରିବା ନିଷ୍ପତ୍ତିରେ ଅଟଳ ରହିଥିଲେ । ମଧ୍ୟାହ୍ନରେ ବ୍ଲକ ଉପାଧ୍ୟକ୍ଷ ଗାଁକୁ ଯାଇ ମତାଧିକାର ସାବ୍ୟସ୍ତ କରିବାକୁ ଗ୍ରାମବାସୀଙ୍କୁ ବୁଝାଇଥିଲେ ମଧ୍ୟ ସେମାନେ ଜିଦରେ ଅଟଳ ରହିଥିବା ୱାର୍ଡସଭ୍ୟ ପ୍ରଶାନ୍ତ ଗଡତ୍ୟା, କଲ୍ୟାଣୀ ଛତ୍ରିଆ, ସୁମିତ୍ରା ପଧାନ ପ୍ରମୁଖ ପ୍ରକାଶ କରିଛନ୍ତି।



ଭୋଟ ବର୍ଜନ ପାଇଁ ଏକତ୍ରିତ ବବଜା ଗ୍ରାମର ଭୋଟରମାନେ।

ସେହିପରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତର ଅଧୀନ ହଲଦିପଦରି ଓ ଗଣ୍ଡପାଲି ଗ୍ରାମବାସୀ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗୁରୁବାର ଭୋଟ ବର୍ଜନ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୦୨ରୁ ନଅଗାଁ(କ)ପଞ୍ଚାୟତରେ ସାମିଲ ହୋଇଛନ୍ତି। ପରିତାପର ବିଷୟ ଦୀର୍ଘ ୧୭ ବର୍ଷ ହେଲା ଭୋଟର ତାଲିକା ୱେବ୍‌ସାଇଟରେ ନଅଗାଁ(କ) ପଞ୍ଚାୟତରେ ସଂଯୋଗୀକରଣ କରାଯାଇ ନାହିଁ । ଉଭୟ ଗ୍ରାମବାସୀ ନଅଗାଁ(କ) ପଞ୍ଚାୟତରୁ କେବଳ ପିଡିଏସ୍ ସାମଗ୍ରୀ ପାଉଥିବାବେଳେ ଅନ୍ୟାନ୍ୟ ସରକାରୀ ସୁବିଧା ପାଉନାହାନ୍ତି। ଗତ ଖରିଫ କୃଷିବୀମା ବାବଦ ନଅଗାଁ(କ) ଗ୍ରାମବାସୀ ୯୧.୪୨ ପ୍ରତିଶତ କ୍ଷୟକ୍ଷତି ପାଇଥିବାବେଳେ ହଲଦିପଦର ଓ ଗଣ୍ଡପାଲି ଗ୍ରାମବାସୀ ବଞ୍ଚିତ ହୋଇଥିଲେ। ୨୦୧୬ ଭୟାବହ ମରୁଡି ବେଳେ ଉଭୟ ଗ୍ରାମବାସୀ ଉପେକ୍ଷିତ ହୋଇଥିଲେ। ଅପରପକ୍ଷେ ନଅଗାଁ(କ)ରୁ ବରଗଡ ଜିଲା ଲଉମୁଣ୍ଡା ରାସ୍ତାର ଘୋସାଲି ପୋଲଠାରୁ ମୁଣ୍ଡାପାଲି ଗ୍ରାମ ଭାୟା ହଲଦିପଦର–ଗଣ୍ଡପାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ ଦାବିରେ ଉଭୟ ଗ୍ରାମବାସୀ ଭୋଟ ବର୍ଜନ କରିଥିବା ହସ୍ତଗତ ହୋଇଛି ।

ବାଲିଗୁଡା ବ୍ଲକ ବାଟାଗୁଡା ଗ୍ରାମପଞ୍ଚାୟତର ବୁଥ ନଂ.୫୨ର ଗଙ୍ଗେରୀ, ଟଙ୍ଗମ, ଡୁକ୍ଲମିଲା, ପଲସିମିଲା ଗ୍ରାମବାସୀ ପ୍ରାୟ ୬ଶହରୁ ଊର୍ଦ୍ଧ୍ୱ ଭୋଟର ଭୋଟ ବର୍ଜନ କରିଛନ୍ତି। ଦୀର୍ଘ ୧୯ବର୍ଷ ହେବ ବିଜେଡି ଦଳକୁ ଭୋଟ ଦେଇ ଆସୁଥିଲେ ମଧ୍ୟ ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ବହୁବିଧ ସମସ୍ୟା ରହିଛି। ଲୋକଙ୍କୁ ପିଇବା ପାଇଁ ପାଣି ମୁନ୍ଦାଏ ମିଳୁନି। ଏଥିରେ ଅତିଷ୍ଠ ହୋଇ ଗ୍ରାମବାସୀ ଭୋଟ ବର୍ଜନ କରିଥିବା କହିଛନ୍ତି। ନିର୍ବାଚନ ଆସିଲେ ନେତା ଭୋଟ ପାଇଁ ଗାଁ କୁ ଆସନ୍ତି, ଜିତିଗଲା ପରେ କୌଣସି ନେତା କିମ୍ବା ସରକାରୀ ଅଫିସରଙ୍କର ଦେଖା ମିଳେନାହିଁ। ଗାଁରେ ବିଜୁଳି ଆଲୁଅ, ପକ୍କାରାସ୍ତା, ପାନୀୟ ଜଳ ଆଦି ମୌଳିକ ସମସ୍ୟା ନେଇ ବହୁବାର ପ୍ରଶାସନିକ ଅଧିକାରୀ ଓ ବିଧାୟକଙ୍କୁ ଅବଗତ କରିଥିଲେ ମଧ୍ୟ କେହି ଶୁଣିଲେ ନାହିଁ। ଫଳରେ ଆମେ ଏ ଚରମ ନିଷ୍ପତ୍ତି ନେଇଛୁ ବୋଲି ଗ୍ରାମବାସୀ କହିଛନ୍ତି। ବେଗୁନିଆପଡା ଫାଣ୍ଡି କୁମ୍ଭାରଗାଁରେ ବୁଧବାର ରାମାୟଣ ନାଟକକୁ ପୋଲିସ ବନ୍ଦ କରିବାରୁ ଗ୍ରାମବାସୀ ଭୋଟ ବର୍ଜନ କରିବା ପାଇଁ ଚେତାବନୀ ଦେଇଥିଲେ। ଗୁରୁବାର ସକାଳୁ ଗ୍ରାମର ତଳସାହି ଭୋଟର ପ୍ରତିବାଦ କରି ଭୋଟ ବର୍ଜନ କରିଥିଲେ । ଗ୍ରାମରେ ବୁଥ ନଂ.୮ରେ କୁମ୍ଭାର ଗାଁକୁ ଛାଡି ଅନ୍ୟ ୫ ଗ୍ରାମର ଭୋଟର ଭୋଟ ଦେଇଥିଲେ।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ଭୋଟ ଦେଇଥିବା ପ୍ରମୁଖ ରାଜନେତା



ଆସିକା ଲୋକ ସଭା ଆସନ ବିଜେଡି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ।



ଭଞ୍ଜନଗର ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ କେଶରୀ ଆରୁଖ ।



ସାନଖେମୁଣ୍ଡି ବିଜେଡି ବିଧାୟିକା ନନ୍ଦିନୀ ଦେବୀ ।



ବରଗଡ଼ ଲୋକ ସଭା ବିଜେଡି ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ବ୍ରହ୍ମଚାରୀ ପ୍ରାଥମିକ ସ୍କୁଲରେ ମତଦାନ କରୁଛନ୍ତି ।



ଭଟଲି ବିଧାୟକ ପ୍ରାର୍ଥୀ ସୁଶାନ୍ତ ସିଂ ବାଉଁସେନମୁରା ଉଚ୍ଚପ୍ରାଥମିକ ସ୍କୁଲରେ ଭୋଟ ଦେଉଛନ୍ତି ।



ବଲାଙ୍ଗୀର ସହର ଲକ୍ଷ୍ମୀନାରାୟଣପଡା ସ୍କୁଲ ମତଦାନ କେନ୍ଦ୍ରରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଭୋଟ ଦେଉଛନ୍ତି।



ବଲାଙ୍ଗୀର ସରକାରୀ ମହିଳା କଲେଜ ମତଦାନ କେନ୍ଦ୍ରରେ ଲୋକ ସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଭୋଟ ଦେଉଛନ୍ତି।



ପାଟଣାଗଡ ରମାଇ ହାଇସ୍କୁଲ ମତଦାନ କେନ୍ଦ୍ରରେ ଭାଜପା ବିଧାୟକ କନକ ବର୍ଦ୍ଧନ ସିଂଦେଓ ମତଦାନ ପରେ ଫେରୁଛନ୍ତି।



ପୂର୍ବତନ ବାଚସ୍ପତି ତଥା ବ୍ରଜରାଜନଗର ବିଜେଡି ବିଧାୟକ ପ୍ରାର୍ଥୀ କିଶୋର କୁମାର ମହାନ୍ତି ଭୋଟ ଦେଉଛନ୍ତି।



ବ୍ରଜରାଜନଗର ବିଧାୟିକା ତଥା ଭାଜପା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ମତଦାନ କରି ଫେରୁଛନ୍ତି।



ମତଦାନ କରି ଫେରୁଛନ୍ତି ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଓ ତାଙ୍କ ସ୍ତ୍ରୀ।



ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ଯୋଗେଶ ସିଂ ସ୍ତ୍ରୀଙ୍କ ସହିତ ସର୍ଗିପାଲି ହାଇସ୍କୁଲ ୧୨୭ନଂ. ବୁଥରେ ମତଦାନ କରି ଫେରୁଛନ୍ତି।



ସୁନ୍ଦରଗଡ଼ ଲୋକ ସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଜୁଏଲ ଓରାମ ସ୍ତ୍ରୀ ସହିତ ବଣାଇ କେନ୍ଦୁଡ଼ିହି ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ମତଦାନ କରିଫେରୁଛନ୍ତି।



ବରଗଡ଼ ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ପରିବାର ଲୋକଙ୍କ ସହ ମ୍ୟୁନିସିପାଲ ବାଳକ ହାଇସ୍କୁଲରେ ମତଦାନ କରୁଛନ୍ତି ।



ଅତାବିରା ବିଧାନସଭା ଆସନର ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରୀଆ ଦେକୁଲବା ସ୍କୁଲରେ ମତଦାନ କରୁଛନ୍ତି ।



ଜି.ଉଦୟଗିରି ଭାଜପା ବିଧାୟିକା ପ୍ରାର୍ଥୀ ଅର୍ଚ୍ଚନା ପ୍ରଧାନ



ପୋଲସରା ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ



ବଣାଇ ସିପିଆଇଏମ୍ ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା କୋଇଡ଼ା ବ୍ଲକର ଛଡ଼ାକୁଦର ସେବାଶ୍ରମ ବୁଥରେ ମତଦାନ କରୁଛନ୍ତି।



ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ମଙ୍ଗଳା କିଷାନ ମତଦାନ କରି ଫେରୁଛନ୍ତି ।



ବଲାଙ୍ଗୀର ଭାଜପା ଲୋକ ସଭା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ଭୋଟ ଦେଇ ଫେରୁଛନ୍ତି।

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.-466/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. .............PLAINTIFF

-:Versus:-

Dibakar Majhi & Anothers ......................DEFENDANTS

**NOTICE**

No.7515.. Legal- I(C) Dated:04.04.2019

To
1) Dibakar Majhi (Sr. ME) S/o- Karunakar Majhi
At: Qr No. C-7, Dera Po- Dera Dist- Angul -759103
At: Padagaon, Po- Sunhat ,Ps-Sadar, Dist- Balasore -756002 .........Def. No. 1

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.1,47,463/- (Rupees One lakh forty seven thousand four hundred sixty three) only as on 31.03.2015 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies, (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA ,BHUBANESWAR

No. 01-LL

DISPUTE CASE NO.-471/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD ......................PLAINTIFF

-:Versus:-

Arnapurna Nayak & ANOTHERS ......................DEFENDANTS

**NOTICE**

No.7503.. Legal- I(C) Dated:04.04.2019

To
1) Arnapurna Nayak D/o- Paduka Nayak W/o- Pratap Kumar Das
At- Munduribeda Phingamunda Khamar ,Dist- Angul
At/Po- Nalco Reserve Police Dist- Angul ........Def. No.1
2) Pratap Kumar Das S/o Sidheswar Das
At- Plot No-207 Kantapada, Po- Tillo, Dist- Bhadrak-756114 ........Def. No.2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.62,519/- (Rupees Sixty two thousand five hundred nineteen) only as on 30.06.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies, (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.-470/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ...................... PLAINTIFF

-:Versus:-

Bhaskar Naik & Others. ...................... DEFENDANTS

**NOTICE**

No.7517.. Legal- I(C) Dated:04.04.2019

To
1) Bhaskar Naik (C.H.P Opt. CAT- III Emp No. 77517415) S/o Late Daya Naik
Village At: Plot No. 108, Kusuma Pala, Po: Gopal Prasad,Ps- Talcher, Dist- Angul
At- LCH Qr. No-162 DB Colony, Ps- Colliery , Dist- Angul
2) Arjun Nayak (Con/ CHP OP Cat –I) S/o Late Kalu Nayak
At- LCH Qr. No-139 D B Colony, Ps- Coiliry, Dist- Angul
At– Langi Joda, Dera Po- Kandhal, Ps- Talcher, Dist- Angul

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.1,82,498/- (Rupees One lakh eighty two thousand four hundred ninety eight) only as on 02.02.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies, (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA ,BHUBANESWAR

No. 01-LL

DISPUTE CASE NO.-472/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ...................... PLAINTIFF

-:Versus:-

Arnapurna Nayak & Others. ...................... DEFENDANTS

**NOTICE**

No.7505.. Legal- I(C) Dated:04.04.2019

To
1) Patitapaban Nayak (Emp No- 77544922) S/o- Chaitanya Nayak
At- Rakas, Po- Padmavatipur, Dist – Angul ........Def. No. 1
2) Sanjaya Kumar Behera, S/o- Dhoba Behera
Village- Hindula, Po- Nandiragarh, Dist- Ganjam,
At- Qr. No. – 282 Bharatpur Colony
Po- N S Nagar, Talcher, Dist – Angul
C/o- The Nandira Project Official Nandira
Po- N S nagar, Talcher, Dist- Angul I........Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.2,04,912/- (Rupees Two lakh four thousand nine hundred twelve) only as on 02.02.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies, (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.-484/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ...................... PLAINTIFF

-:Versus:-

Ramakanta Sahu & ANOTHER. ...................... DEFENDANTS

**NOTICE**

No.7509.. Legal- I(C) Dated:04.04.2019

To
1) Ramakanta Sahu S/o Nabina Sahu
At- Plot No-24/1505, Brahmanidei Pada,Po- Angul Town, Ps/Dist- Angul
Village- At- Santarapur, Po- Kalandapal, Ps- Banarpal, Dist- Angul -759128.....Def. No. 1
2) Kamalakshya Sahoo S/o- Abhimanyu Sahoo
Village- At: Manpur, Po- Kushapanga, Via- Meramandali
Ps- Motanga, Dist- Dhenkanal ........Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.71,871/- (Rupees Seventy one thousand eight hundred seventy one) only as on 25.07.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.-473/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ...................... PLAINTIFF

-:Versus:-

Dileswar Nayak & ANOTHERS. ......................DEFENDANTS

**NOTICE**

No.7507.. Legal- I(C) Dated:04.04.2019

To
1) Dileswar Nayak (Telecom Mechanic) S/o- Hrudananda Nayak
At-Amlapada Ansha Sikhyapada, Po- Angul, Ps- Angul, Dist- Angul – 759122 ..Def. No. 1
2) Kamini Naik W/o- Late Michhu Naik
At- Village – Ranigoda, Po- Turanga, Dist- Angul- 759122
At- Amlapada NAC Po- Angul, Ps- Angul, Dist- Angul Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.93,193/- (Rupees Ninety three thousand one hundred ninety three) only as on 04.08.18 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.-487/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ...................... PLAINTIFF

-:Versus:-

Chandra Sekhar Naik & OTHERS. ......................DEFENDANTS

**NOTICE**

No.7511.. Legal- I(C) Dated:04.04.2019

To
1) Chandra Sekhar Naik (E P Fitter) S/o- Late Nakfudi Naik
At:Qr.No- A/55, Lingaraj Township,
Po- Handidhua, Ps- Talcher, Dist- Angul-759111
Village Raghunath Pur, Po- Hensamali,
Brajanath Pur, Ps-Talcher, Dist-Angul-759118 ..Def. No.1
2) Narendra Singh (Damper Operator) S/o- Late Gopal Singh
At-Qr.No.-B/127, Lingaraj Township,
Po- Handidhua, Ps- Talcher, Dist- Angul-759113
At: Harashian, Po- Dayalgarh, Ps- Batala, Dist- Gurudaspur, Punjab
At: Talcher Ward No.15, Po- Talcher, Ps- Talcher, Dist- Angul Def. No.2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs. 4,22,157/- (Rupees Four lakh twenty two thousand one hundred fifty seven) only as on 25.07.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.-488/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ......................PLAINTIFF

-:Versus:-

Aruna Sen Debata & OTHERS. ......................DEFENDANTS

**NOTICE**

No.7513.. Legal- I(C) Dated:04.04.2019

To
1) Aruna Sen Debata (Clerk Grade –II) S/o- Tirthabasi Debata
At-Po- Dardhuan, Ps- Jharpara, Dist- Angul
At- Village- Hemasarpada Dist- Angul
C/o- The Project Officer of Hingula OCP H/A MCL ,
At/Po- Gopal Prasad Dist- Angul .....Def. No. 1
2) Motilal Mishra (Sr Security Guard) S/o- Rambodh Mishra
At-Village – Khedda, Ps- Byahari, Dist- Sahadal Madhyapradesh
C/o- The Project Officer of Hingula OCP H/A MCL
At/Po- Gopal Prasad, Dist- Angul ..... Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.5,41,716/- (Rupees Five lakh forty one thousand seven hundred sixteen) only as on 31.08.2013 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.- 490/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ......................PLAINTIFF

-:Versus:-

Binaya Kumar Naik & ANOTHERS. ......................DEFENDANTS

**NOTICE**

No.7519.. Legal- I(C) Dated:04.04.2019

To
1) Binaya Kumar Naik S/o- Banambar Naik
At- Karaberani, Po- Kurudol, Dist- Angul- 759122 ........Def. No. 1
2) Banambar Naik S/o-Maguri Naik
At- Keraberani, Po- Kurudol, Dist- Angul- 759122 .........Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.26,693/- (Rupees Twenty six thousand six hundred ninety three) only as on 31.08.2013 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.- 492/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ......................PLAINTIFF

-:Versus:-

Motilal Mishra & OTHERS. ......................DEFENDANTS

**NOTICE**

No.7527.. Legal- I(C) Dated:04.04.2019

To
1) Motilal Mishra (Sr Security Guard) S/o- Rambodh Mishra
At-Village – Khedda, Ps- Byahari, Dist- Sahadal Madhyapradesh
C/o- The Project Officer of Hingula OCP H/A MCL At/Po- Gopal Prasad, Dist- Angul
2) Madan Bhoi (Maz Cat –I Emp No. 77516953) S/o Mantri Bhoi
At/Po- Gopal Prasad, Ps- Colliery, Dist- Angul
C/o- The Project Officer of Hingula
OCP H/A MCL At/Po- Gopal Prasad, Dist- Angul ......... Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.5,12,673/- (Rupees Five lakh twelve thousand six hundred seventy three) only as on 31.08.2013 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.- 491/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ......................PLAINTIFF

-:Versus:-

Dukhabandhu Rath & OTHERS. ......................DEFENDANTS

**NOTICE**

No.7521.. Legal- I(C) Dated:04.04.2019

To
1) Satyananda Rath S/o- S. Ratha
At- Gurujanguli, Po- Chainpal Colony, Ps- Talcher Sadar, Dist- Angul
..Def. No.3

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs1,43,736/- (Rupees One lakh forty three thousand seven hundred thirty six) only as on 31.08.2013 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.- 494/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ......................PLAINTIFF

-:Versus:-

Gangadhar Naik & Another. ......................DEFENDANTS

**NOTICE**

No.7523.. Legal- I(C) Dated:04.04.2019

To
1) Gangadhar Naik (Cable Man Cat- I Emp No-77519296) S/o- Kanhei Naik
Village- At- Deual Beda, Po- Talcher, Ps- Colliery, Dist- Angul
............... Def No.1

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs. 84,542/- (Rupees Eighty four thousand five hundred forty two ) only as on 01.05.18 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.- 496/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. .............PLAINTIFF

-:Versus:-

Suresh Chandr Garanaik & Anothers ......................DEFENDANTS

**NOTICE**

No.7525.. Legal- I(C) Dated:04.04.2019

To
1) Suresh Chandr Garanaik, S/o- Narotam Garanaik
At- Girang, Po- Kulada, Via- NALCO Nagar, Dist- Angul-759122 ...Def. No.1
2) Sunil Tigga, S/o- Thadeuss Tigga
At-B/589 NALCO Nagar, Dist- Angul- 759145 Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.29,586/- (Rupees Twenty nine thousand five hundred eighty six) only as on 30.06.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.- 499/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. .............PLAINTIFF

-:Versus:-

Abhinna Chandra Das & others ......................DEFENDANTS

**NOTICE**

No.7531.. Legal- I(C) Dated:04.04.2019

To
1) Abhinna Chandra Das (SOM(SPL)) S/I.- Late Bhikari Charan Das
At/Po- Kostha, Dist- Mayurbhanja
C/o.- The Project Officer of Hingula OCP H/A MCL
At/Po- Gopalprasad, Ps- Colliery, Dist : Angul ...Def No.1
2) Mrinal Kanti Samal (Overman) S/o.- Nanda Kishore Samal
At- Tolarapashi, Po- Pingua, Via- Gondia, Dist- Dhenkanal
C/o.- The Project Officer of Hingula OCP H/A MCL
At/Po- Gopal Prasad, Ps- Colliery, Dist- Angul ...Def. No.2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.31,130/- (Rupees Thirty one thousand one hundred thirty) only as on 31.03.2107 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.- 497/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. .............PLAINTIFF

-:Versus:-

Hari Behera & OTHERS ......................DEFENDANTS

**NOTICE**

No.7529. Legal- I(C) Dated:04.04.2019

To
1) Hari Behera (Driller-V Emp No. 77054658) S/o. Shyam Behera
Village at-Danara, Po- Danara, Ps- Colliery, Dist- Angul ...Def. No.1

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.1,41,405/- (Rupees One lakh forty one thousand four hundred five) only as on 02.02.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.- 505/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. .............PLAINTIFF

-:Versus:-

Gangadhar Naik & OTHERS ......................DEFENDANTS

**NOTICE**

No.7533. Legal- I(C) Dated:04.04.2019

To
1) Hari Behera (Driller-V Emp No. 77054658) S/o. Shyam Behera
Village At-Danara, Po- Danara, Ps- Colliery, DIst- Angul...Def. No.2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.2,02,432/- (Rupees Two Lakh two thousand four hundred thirty two) only as on 31.08.2013 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.-506/2018

IN THE MATTER OF:
MANAGING DIRECTOR,
ODISHA STATE CO-OPERATIVE BANK LTD ......................PLAINTIFF

-:Versus:-

Pradeep Kumar Sahoo & OTHERS ......................DEFENDANTS

**NOTICE**

No.7535.. Legal- I(C) Dated:04.04.2019

To
1) Pradeep Kumar Sahoo (Driver, Cat- V Emp-No- 77110864 S/o Banchhanidhi Sahoo, At/Po- Danara, Ps- Colliery, Dist- Angul- 759103 Def.... No.1
2) Bibhuti Bhusan Pradhan (Gen Maz, Cat-1) S/o- Banshidhar Pradhan At- Amba Munda, Po- Hensmul, Ps-Talcher, Dist- Angul Def. No.2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs. 1,21,703/- (Rupees One lakh twenty one thousand seven hundred three) only as on 02.02.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.-511/2018

IN THE MATTER OF:
MANAGING DIRECTOR,
ODISHA STATE CO-OPERATIVE BANK LTD ......................PLAINTIFF

-:Versus:-

Pramod Naik & Others.......................... ..............DEFENDANTS

**NOTICE**

No.7541.. Legal- I(C) Dated:04.04.2019

To
1) Pramod Naik (Gen MAZ CAT-I MSW Emp No- 77080711) S/o Somanath Naik, Village At- Joragadia, Po- PadmavatiPur, Ps- Colliery, Talcher, Dist- Angul At- Qr. No.-21, Sector 14 B-3 Central Colony Po Ghantapada , Ps-Collier, Dist- Angul ..Def. No.1
2) Jagamohan Naik (CAT-I) S/O- Shikhar Naik Village At Rakas Po- PadmavatiPur, Ps- Colliery, Talcher, Dist- Angul- 759103 . Def No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs. 1,94,131/- (Rupees One lakh ninety four thousand one hundred thirty one) only as on 02.02.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.-508/2018

IN THE MATTER OF:
MANAGING DIRECTOR,
ODISHA STATE CO-OPERATIVE BANK LTD ......................PLAINTIFF

-:Versus:-

Lalit Kumar Pradhan & Anothers................. ..............DEFENDANTS

**NOTICE**

No.7537.. Legal- I(C) Dated:04.04.2019

To
1) Lalit Kumar Pradhan S/o- Haramohan Pradhan, At- Balinali, Po- Brahmanbil, Chhendipada, Dist- Angul - 759130 ..Def. No.1
2) Purna Chandra Garanaik S/o- Sudhakar Garanaik At- Kukura Peta Dist- Angul- 759124 ..Def. No.2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs. 11,092/- (Rupees Eleven thousand ninety two) only as on 23.12.2015 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

### IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR

No. 01-LL

DISPUTE CASE NO.-510/2018

IN THE MATTER OF:
MANAGING DIRECTOR,
ODISHA STATE CO-OPERATIVE BANK LTD ......................PLAINTIFF

-:Versus:-

Rama Chndra Baraik & Others.......................... ......DEFENDANTS

**NOTICE**

No.7539.. Legal- I(C) Dated:04.04.2019

To
1) Rama Chandra Baraik (E.P. Electrician Emp. No- 77094639), S/o Sana Barik At-Plot No- B/325 Po- NS Nagar, Ps- VikramPur, Dist- Angul, Village- Murdanga, Po- Muhulapal, Ps- Kamakshya Nagar, Dist- Dhenkanal ..Def. No.1

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs. 50,978/- (Rupees Fifty thousand nine hundred seventy eight only) as on 02.02.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ଭାଇବୋହୂଙ୍କୁ ବଳାତ୍କାର ଉଦ୍ୟମ

**ବାହାନଗା, ୧୮।୪(ଡି.ଏନ.ଏ.)** ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡା ଥାନା ଇଞ୍ଚୁଡି ପଞ୍ଚାୟତ ଅଞ୍ଚଳର ଜଣେ ମହିଳାଙ୍କୁ ତାଙ୍କ ଦୁଇଜଣ ଦେଢ଼ଶୁର ବଳାତ୍କାର ଉଦ୍ୟମ କରିବା ପରେ ଜୀବନରୁ ମାରିଦେବା ପାଇଁ ମାରଣାସ୍ତ୍ର ଧରି ଗୋଡ଼ାଇବା ଭଳି ଘଟଣା ଘଟିଛି। ଏନେଇ ଖନ୍ତାପଡ଼ା ଥାନାରେ ମହିଳା ଜଣକ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା (ନଂ.୧୧୦/୧୯) ରୁଜୁ କରାଯାଇଛି। ସମ୍ପୃକ୍ତ ମହିଳାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଘରକୁ ନ ଯାଇ ଦିନତମାମ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦାବିରେ ଥାନା ବାରଣ୍ଡାରେ ବସିରହିଥିଲେ। ଅଭିଯୋଗ ଅନୁଯାୟୀ, ଉକ୍ତ ମହିଳା ବୁଧବାର ସନ୍ଧ୍ୟାରେ ନିଜର ପୁଅ ସହିତ ଏକାକୀ ଥିବାବେଳେ ଏହାର ସୁଯୋଗ ନେଇ ଜଣେ ଦେଢଶୁର ପ୍ରଥମେ ଜୋର ଜବରଦସ୍ତ ବଳାତ୍କାର ପାଇଁ ଉଦ୍ୟମ କରିଥିଲେ। ଏଥିରେ ସେ ଚିତ୍କାର କରିବାରୁ ତାଙ୍କ ଅନ୍ୟ ଜଣେ ଦେଢଶୁର ଆସି କଣପାଇଁ ଚିତ୍କାର କରୁଛୁ କହି ତାଙ୍କୁ ମାଡ ମାରିଥିଲେ।

### କଂଗ୍ରେସର ଘରକୁ ଘର ବୁଲି ପ୍ରଚାର

**ବସ୍ତା, ୧୮।୪(ସ୍ୱ.ପ୍ର.):** ଆସନ୍ତା ୨୯ ତାରିଖରେ ହେବାକୁ ଥିବା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ବସ୍ତା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ବିଜନ କୁମାର ନାୟକ ବସ୍ତାରେ ତାଙ୍କର ପ୍ରଚାର ଜୋରଦାର କରିଛନ୍ତି। ଗୁରୁବାର ସଦାନନ୍ଦପୁର ଓ ପତ୍ରଝଡ଼ା ପଞ୍ଚାୟତରେ ଘରକୁ ଘର ବୁଲି ଲୋକଙ୍କୁ ସାକ୍ଷାତ କରିବା ସହ କଂଗ୍ରେସକୁ ଭୋଟ୍ ଦେବା ପାଇଁ ନିବେଦନ କରିଛନ୍ତି। ଏହି ପ୍ରଚାରରେ ତାଙ୍କ ସହ ବସ୍ତା କଂଗ୍ରେସ ନେତା ସତ୍ୟନାରାୟଣ ଗୁପ୍ତା, ମନୋଜ କୁମାର ମହାନ୍ତି, ଚିନ୍ମୟ ଶତପଥି, ପତ୍ରଝଡ଼ା ସରପଞ୍ଚ ପ୍ରଣତୀ ସାହୁ, ଜଗଦୀଶ ସାହୁ, ବିଜୟ ପରିଡ଼ା, ସମିତିସଭ୍ୟ ରବିନ୍ଦ୍ର ଦାସ, ଅଜିତ ମହାପାତ୍ର, ଅରୁଣ ମଣ୍ଡଳ, ଅଜୟ ରାଉଳ, ଗୌରାଙ୍ଗ ସେଠୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଆସନ୍ତା ନିର୍ବାଚନରେ ବସ୍ତାରେ କଂଗ୍ରେସର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଜୟଯୁକ୍ତ କରି ପରିବର୍ତ୍ତନର ଧାରାରେ ସାମିଲ ହେବା ପାଇଁ ବସ୍ତାର ନେତୃବୃନ୍ଦ ଭୋଟରଙ୍କୁ ଆହ୍ୱାନ କରିଥିଲେ।

### ଗଣ୍ଡିବେଢରେ ଭାଜପା, ଧୋବାଗଡିଆରେ କଂଗ୍ରେସର କର୍ମୀ ସମ୍ମିଳନୀ

**ଖଇରା, ୧୮।୪(ଡି.ଏନ.ଏ.):** ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଗଣ୍ଡିବେଢଠାରେ ଭାଜପାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମା' ବେକେଟେଇଙ୍କ ପ୍ରାଙ୍ଗଣରେ ବିଶ୍ୱଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଦ୍ମଲୋଚନ ପଣ୍ଡା, ମୁଖ୍ୟବକ୍ତା ଭାବେ କୈଳାସଚନ୍ଦ୍ର ମାଝି ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ସନ୍ତୋଷ ଶତପଥି, ଯୁବନେତା ବେଣୁମାଧବ ପଣ୍ଡା, ମହିଳାମୋର୍ଚ୍ଚା ସଭାପତି ଶୁକସେନୀ ମହାନ୍ତି, କୃଷକ ମୋର୍ଚ୍ଚା ସଭାପତି ଚନ୍ଦ୍ରମଣୀ ନାୟକ, ଯଯାତି ଦାସ, ସନ୍ତୋଷ ଶତପଥି, ଅନୀଲ ବେହେରା, ଅମିତାଭ ପୃଷ୍ଟି, ରାମଚନ୍ଦ୍ର ପତି, ବାସୁଦେବ ପୁଥାଳ, ଗଜେନ୍ଦ୍ର ରାଉଳ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡାଙ୍କୁ ଜିତାଇବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ସେହିପରି ଧୋବାଗଡିଆଠାରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ସିମୁଳିଆ ବିଧାୟକ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ଶରତ ଦାସ, କାର୍ତ୍ତୀକ ପାତ୍ର, ରାଜେନ୍ଦ୍ର ଜେନା ଓ ଉପେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ।

### ୨ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୧୮।୪(ଡି.ଏନ.ଏ.):** ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ଚଢ଼ାଉ କରାଯାଇ ୨ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ସମୁଦାୟ ୧୭ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ମାମଲା (ନଂ. ୧୨/୧୯ ଓ ୧୩/୧୯) ରୁଜୁ କରାଯାଇ ଗିରଫ ବ୍ୟକ୍ତି ଦ୍ୱୟଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ସେ ହେଲେ ତରତରି ଗାଁର ସୁରେନ୍ଦ୍ର ବେହେରା (୬୦) ଓ ତେଣ୍ଡା ଗାଁର ମହେନ୍ଦ୍ର ସିଂ (୪୫)। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶରେ ନିରୀକ୍ଷକ ସିଦ୍ଧେଶ୍ୱର ବେଶ୍ରାଙ୍କ ନେତୃତ୍ୱରେ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନଙ୍କ ସମେତ ଅବକାରୀ ଟିମ୍ ଚଢ଼ାଉରେ ସାମିଲ ଥିଲେ।

# ଯୋଗେଶଙ୍କ ଭାଇଙ୍କ ସମେତ ୬ଜଣଙ୍କୁ ମରଣାନ୍ତକ ଆକ୍ରମଣ

## ଖବରଦାତାଙ୍କ ଗାଡ଼ି ଭଙ୍ଗାରୁଜା, ଆକ୍ରମଣ ଘଟଣାରେ ୪ ଗିରଫ

**ସୁନ୍ଦରଗଡ଼, ୧୮।୪ (ଡି.ଏନ୍.ଏ.)**

ବୁଧବାର ବିଳମ୍ବିତ ରାତିରେ ୨ ସ୍ଥାନରେ ନିର୍ବାଚନୀ ହିଂସାକାଣ୍ଡ ଘଟିଛି। ସୁନ୍ଦରଗଡ ବିଧାନସଭା ନିର୍ବାଚନମଣ୍ଡଳୀର ସାଲେପାଲି ଗ୍ରାମରେ ସାପ୍ତାହିକ ପତ୍ରିକାର ଜଣେ ଖବରଦାତା ଓ ଅନ୍ୟ ୩ ଜଣଙ୍କ ଉପରେ ଆକ୍ରମଣ ହୋଇଛି। ଏହି ନିର୍ବାଚନମଣ୍ଡଳୀର ରାଏବଗା ଗ୍ରାମରେ ପୂର୍ବତନ ବିଧାୟକ ତଥା ବିଜେଡି ପ୍ରାର୍ଥୀ ଯୋଗେଶ ସିଂଙ୍କ ଭାଇ ଓ ସମର୍ଥକଙ୍କ ଉପରେ ବି ମରଣାନ୍ତକ ଆକ୍ରମଣ ହୋଇଛି। ଖବରଦାତା ସୁଧାକର ପାଣ୍ଡେ, ଯୋଗେଶଙ୍କ ଭାଇ ନରେଶ କୁମାର ସିଂ, ରିତେଶ କୁମାର ସିଂ ଓ ରାକେଶ ଅଗ୍ରୱାଲ ଓ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଧରୁଆଡ଼ିହି ଥାନା ଓ ଭଷ୍ମା ଥାନାରେ ପୃଥକ୍ ଭାବେ ୨ଟି ମାମଲା ରୁଜୁ ହୋଇଛି। ଖବରଦାତାଙ୍କୁ ଆକ୍ରମଣ ଓ ଗାଡ଼ି ଭଙ୍ଗା ରୁଜୁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରୁ ପୋଲିସ ୪ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଯୋଗେଶ ସିଂଙ୍କ ଭାଇ ଓ ସମର୍ଥକଙ୍କ ଉପରେ ଆକ୍ରମଣ ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ। ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି।

ବୁଧବାର ସନ୍ଧ୍ୟାରେ ସର୍ଗିପାଲିର ସୁଧାକର ପାଣ୍ଡେ ଅନ୍ୟ ୩ଜଣଙ୍କ ସହ ସଦର ବ୍ଲକର ସାଲେପାଲି ଗ୍ରାମକୁ ଖବର ସଂଗ୍ରହ ପାଇଁ ଯାଇଥିଲେ। ସେମାନେ ସାଲେପାଲିଛକରେ ଥିବା ହୋଟେଲରେ ଖାଉଥିବା ସମୟରେ ଏକ ଗାଡି (ନଂ.ଓଡି ୧୬ଇ ୦୧୩୩) ରୁ ୫/୬ ଜଣ ଯୁବକ ଓହ୍ଲାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ଏପରିକି ସେମାନଙ୍କ ମଧ୍ୟରୁ ଜଣେ ପିସ୍ତଲ ବାହାର କରି ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏଥିସହିତ ମାରପିଟ କରିଥିଲେ। ଖବରଦାତାଙ୍କ କାର କାଚ ମଧ୍ୟ ଭଙ୍ଗାରୁଜା କରିଥିଲେ। ଲୋକମାନେ ପହଞ୍ଚିବାରୁ ସଂପୃକ୍ତ ଯୁବକମାନେ ସେହି ସ୍ଥାନ ଛାଡି ଫେରାର୍ ହୋଇଯାଇଥିଲେ। ପରେ ଘଟଣା ସମ୍ପର୍କରେ ଖବରଦାତା ପାଣ୍ଡେ ଧରୁଆଡ଼ିହି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୪।୨୦୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀମାନେ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ସମର୍ଥକ ବୋଲି ଖବରଦାତା ପାଣ୍ଡେ ତାଙ୍କ ଏତଲାରେ ଦର୍ଶାଇଛନ୍ତି।

ସେହିପରି ବୁଧବାର ରାତି ପ୍ରାୟ ୧୦ଟାବେଳେ ଦର୍ଲିପାଲି ରାଏବଗା ଗ୍ରାମରେ କେତେକ ଭୋଟରଙ୍କୁ କିଛି ବ୍ୟକ୍ତି ଆସି ଧମକଚମକ ଦେଉଥିବା ଖବରପାଇ ବିଜେଡି ପ୍ରାର୍ଥୀ ଯୋଗେଶ ସିଂଙ୍କ ସାନ ଭାଇ ରିତେଶ, ନରେଶ ଓ ରାକେଶ ଅନ୍ୟ ଜଣେ ସେହି ଗ୍ରାମରେ ପହଞ୍ଚିଥିଲେ। ସେଠାରେ ସେମାନେ ପହଞ୍ଚିବା ପରେ ପ୍ରାୟ ୨୦ରୁ ୨୫ଜଣ ଭାଜପା ସମର୍ଥକ ଟାଙ୍ଗିଆ, ଭୁଜାଲି, ଲୁହାଛଡ ଦ୍ୱାରା ଗୋଡାଇ ଗୋଡାଇ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଗାଁ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସର୍ଗିପାଲି ଡାକ୍ତରଖାନା ଓ ପରେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ଏନେଇ ଭଷ୍ମା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ନିର୍ବାଚନୀ ହିଂସା, ଜଣେ ଗୁରୁତର

**ବରଗଡ଼ ଅଫିସ,୧୮।୪**

ବରଗଡ଼ ଜିଲା ଭଟଲି ନିର୍ବାଚନମଣ୍ଡଳୀର ସୋହେଲା ଥାନା ବଞ୍ଜାରୀ ଗ୍ରାମରେ ଗୁରୁବାର ମତଦାନ ଚାଲିଥିବାବେଳେ ନିର୍ବାଚନୀ ହିଂସା ଘଟିଛି । ଉକ୍ତ ଗ୍ରାମର ଛୋଟେଲାଲ ପାତ୍ରଙ୍କୁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିବା ଯୋଗୁ ସେ ଗୁରୁତର ଆହତ ହୋଇଛନ୍ତି। ପୋଲିସ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଛୋଟେଲାଲଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଏହାପୂର୍ବରୁ ବିଜେପୁର ଓ ଭଟଲି ନିର୍ବାଚନମଣ୍ଡଳୀରେ ବୁଧବାର ନିର୍ବାଚନୀ ହିଂସା ଘଟିଥିଲା।



ଆହତଙ୍କୁ ବରଗଡ଼ ଡାକ୍ତରଖାନାରୁ ବୁର୍ଲା ସ୍ଥାନାନ୍ତର କରାଯାଉଛି।

ମଙ୍ଗଳା ମନ୍ଦିରର ବିଶ୍ରାମ ଶିଳା

# ମଥା ଲଗାଇଲେ ମିଳିଥାଏ ମା'ଙ୍କ ପରଶ

**ସନ୍ତୋଷ ଦାଶ**
**କାକଟପୁର, ୧୮।୪(ଡି.ଏନ୍.ଏ.)**

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳା ହେଉଛନ୍ତି ପରମ ବୈଷ୍ଣବୀ। ପୁରୀ ଶ୍ରୀମନ୍ଦିର ସହିତ ମା'ମଙ୍ଗଳା ମନ୍ଦିରର ରହିଛି ନିବିଡ଼ ସମ୍ପର୍କ। ପ୍ରତ୍ୟେକ ରାତିରେ ମନ୍ଦିର ପହୁଡ଼ ପଡ଼ିବା ପରେ ମା'ମଙ୍ଗଳା ଶ୍ରୀକ୍ଷେତ୍ର ଯାଇ ଶ୍ରୀଜୀଉମାନଙ୍କ ଦର୍ଶନ କରିଥାନ୍ତି ବୋଲି ପ୍ରବାଦ ରହିଛି। ଶ୍ରୀକ୍ଷେତ୍ରରୁ ଫେରି ମା' ମନ୍ଦିର ଜଗମୋହନର ଦକ୍ଷିଣ ପାର୍ଶ୍ୱରେ ଥିବା ଏକ କାରୁକାର୍ଯ୍ୟପୂର୍ଣ୍ଣ କଳା ମୁଗୁନି ପଥର ଉପରେ ଉପବେସନ କରି ଥକ୍କା ମେଣ୍ଟାଇଥାନ୍ତି। ମା' ଏହି ପଥର ଉପରେ ବିଶ୍ରାମ ନେଉଥିବାରୁ ଏହି ପଥରର ନାମ ବିଶ୍ରାମ ଶିଳା ହୋଇଥିବା କହିଛନ୍ତି ପୂଜାପଣ୍ଡା ଲଳିତ କୁମାର ଦୀକ୍ଷିତ। ଏହି ଶିଳାକୁ ଦେଖିଲେ ଏହା ଉପରେ କେହି ଉପବେସନ କରିଥିବା ପରି ଲାଗେ। ଶିଳାଟି ବି ସେହିପରି କ୍ଷୟ ହେଉଛି। କିମ୍ବଦନ୍ତୀ ଅଛି ଯେ, ଏକଦା ମା' ଶ୍ରୀକ୍ଷେତ୍ରରୁ ଫେରୁଥିବାବେଳେ ତାଙ୍କ ହାତର ସୁନାଚୁଡ଼ି ଗୋପ ବ୍ଲକ ନିକଟସ୍ଥ ଏକ ଧାନବିଲରେ ଖସିପଡ଼ିଥିଲା। ପରଦିନ ସକାଳୁ ଚାଷୀଟି ସୁନାଚୁଡ଼ି ପାଇ ଖୁସିରେ ଘରକୁ ନେଇଯାଇ ଲୁଚାଇ ରଖିଥିଲେ। ପୂଜାପଣ୍ଡା ମା'ଙ୍କ ବାମହାତରେ ଚୁଡ଼ି ନ ଥିବା ଦେଖିବାକୁ ପାଇଥିଲେ। ଚାଷୀଟି ଯେତେବେଳେ ଜାଣିଲା ସେ ପାଇଥିବା ଚୁଡ଼ିଟି ମଙ୍ଗଳାଙ୍କର ବୋଲି ତୁରନ୍ତ କାକଟପୁର ଆସି ପୂଜାପଣ୍ଡାଙ୍କୁ ସୁନାଚୁଡ଼ି ଫେରାଇବା ସହ ମନ୍ଦିରକୁ ଉକ୍ତ ବିଲଟିକୁ ଦାନ କରିଦେଲେ। ସେହି ବିଲର ନାମ ଏବେ ସୁନାଖିଲ ଗହୀର ନାମରେ ପରିଚିତ। ବିଶ୍ରାମ ଶିଳା ଉପରେ ପ୍ରତିଦିନ ମା' ବସୁଥିବାରୁ ଏହା ପବିତ୍ର। ଏହି ଶିଳାରେ ମଥା ଲଗାଇଲେ ମା'ଙ୍କ ପରଶ ମିଳିବା ପରି ଲାଗେ। ଚୈତ୍ର ପର୍ବ ଚାଲୁଥିବାରୁ ପ୍ରତିଦିନ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହୁଛି। ବିଶ୍ରାମ ଶିଳା ସମ୍ପର୍କରେ ସେବକମାନଙ୍କଠାରୁ ଜାଣି ମାତୃଭକ୍ତମାନେ ଏଥିରେ ମଥା ଲଗାଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଛନ୍ତି।

## ପ୍ରଚାର କାର୍ଯ୍ୟ ଲାଗି ବଢୁଛି ଶବ୍ଦ ପ୍ରଦୂଷଣ

**କେନ୍ଦୁଝର, ୧୮।୪ (ସ୍ୱ.ପ୍ର.)**

ନିର୍ବାଚନ ପାଇଁ ସବୁ ଦଳ ପକ୍ଷରୁ ପ୍ରଚାର ଜୋରଦାର ଆରମ୍ଭ ହୋଇଯାଇଛି । ଏଥିପାଇଁ ଡିଜେ, ମାଇକ ଆଦି ବଜାଇ ପ୍ରାର୍ଥୀ ମାନେ ଭେଳିକି ଭେଳିକି ଦଳୀୟ ଗୀତ ବଜାଇ ସାହି ସାହି ବସ୍ତି ବସ୍ତି ବୁଲୁଛନ୍ତି। ତେବେ ଏହା ଦ୍ୱାରା ସୃଷ୍ଟି ହେଉଥିବା ଶବ୍ଦ ପ୍ରଦୂଷଣ ପ୍ରତି କାହାରି ନିଘା ନାହିଁ । ପୋଲିସ ବିଭାଗ ନିର୍ଦ୍ଧାରିତ ଶବ୍ଦ ଠାରୁ ଅଧିକ ଓ ଉତ୍କଟ ଶବ୍ଦ ପ୍ରଦୂଷଣ କରୁଥିବା ନିର୍ବାଚନୀ ଗାଡି ଉପରେ କଟକଣା ଲଗାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଏଣୁ ଏସବୁ ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# କ୍ଷମତାକୁ ଆସିଲେ ଭାଜପା ନିଯୁକ୍ତି ସୁଯୋଗ ବଢାଇବ

**ଆନନ୍ଦପୁର,୧୮।୪(ସ୍ୱ.ପ୍ର.)**

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଗୁରୁବାର କେନ୍ଦୁଝର ଜିଲା ଗସ୍ତରେ ଆସି ଆନନ୍ଦପୁର ଓ ଘସିପୁରା ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ଏବଂ କେନ୍ଦୁଝର ଏମ୍‌ପି ପ୍ରାର୍ଥୀଙ୍କ ପାଇଁ ଭୋଟ ପ୍ରଚାର କରିଛନ୍ତି। ସେ କେନ୍ଦ୍ରୀୟ ଯୋଜନା ରୂପାୟନରେ ରାଜ୍ୟରେ ବିଜେଡି ସରକାର ଅସହଯୋଗ କରୁଥିବା ଅଭିଯୋଗ କରିବା ସହ କଂଗ୍ରେସକୁ ଟାର୍ଗେଟ କରି ବକ୍ତବ୍ୟ ରଖିଥିଲେ। ଶାଳପଡା ପଡିଆଠାରେ ଅନୁଷ୍ଠିତ ସଭାରେ କେନ୍ଦ୍ର ମନ୍ତ୍ରୀ ଗଡକରୀ ଭାଜପା ଉଭୟ ରାଜ୍ୟ ଓ କେନ୍ଦ୍ରରେ କ୍ଷମତାକୁ ଆସିଲେ ଶିଳ୍ପାୟନ ଜରିଆରେ ବେକାର ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ ବୋଲି କହିଥିଲେ।

ଏକ ନିର୍ବାଚନୀ ସଭାରେ ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା ଉପସଭାପତି ମହେଶ୍ୱର ସାହ ସଭାପତିତ୍ୱ କରିଥିଲେ। ଭାଜପା ଜିଲା ସଭାପତି ରାଧା ମହାନ୍ତ, ପୂର୍ବତନ ବିଧାୟକ ରାଧାକାନ୍ତ ସ୍ୱାଇଁ, ପୂର୍ବତନ ଆନନ୍ଦପୁର ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ଜିଲା ଭାଜପା ଉପସଭାପତି ଗୋଲଖ ଯେନା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁମତୀ ଯେନା, ସମ୍ପାଦିକା ଅସୀମା ମିଶ୍ର, ରାଜ୍ୟ ଭାଜପା ସମ୍ପାଦିକା ରଶ୍ମିରେଖା ଦାସ, ହେମନ୍ତ ମଲ୍ଲିକ, ଗୁକୁନା ମହାନ୍ତ, ବିଚିତ୍ର ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ଭାଜପା ନେତାମାନେ ପରିବର୍ତ୍ତନର ପ୍ରସଙ୍ଗ ଉଠାଇ ରାଜ୍ୟରେ ବିଜେଡି ସରକାରଙ୍କୁ ବଦଳାଇବା ସକାଶେ ଉପସ୍ଥିତ ଜନତାଙ୍କୁ ନିବେଦନ କରିଥିଲେ। ଘସିପୁରା ଭାଜପା ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ କୁଅଁର କଂଗ୍ରେସ ଓ ବିଜେଡିକୁ ପ୍ରତ୍ୟାଖ୍ୟାନ କରି ଦେଶରେ ଡବଲ ଇଞ୍ଜିନ୍ ସରକାର ଚଳାଇବା ପାଇଁ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ଅନୁରୋଧ କରିଥିଲେ। କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଆନନ୍ଦପୁର ଓ ଘସିପୁରାର ଭାଜପା ବିଧାୟକ ପ୍ରାର୍ଥୀମାନଙ୍କୁ ଭୋଟ ଦେବା ଲାଗି ନିବେଦନ କରିବା ସହ ନିଜ ପାଇଁ ଭୋଟ ଭିକ୍ଷା କରିଥିଲେ।

ମଧ୍ୟାହ୍ନ ୧୨ ଟାରେ ଅନୁଷ୍ଠିତ ହେବାକୁ ଥିବା ଏହି ନିର୍ବାଚନୀ ସାଧାରଣ ସଭାରେ କେନ୍ଦ୍ରମନ୍ତ୍ରୀ ଗଡକରୀଙ୍କୁ ଦେଖିବା ପାଇଁ ଲୋକଙ୍କ ସମାଗମ ହୋଇଥିଲା। ହେଲେ ମନ୍ତ୍ରୀ ଗଡକରୀ ବହୁ ବିଳମ୍ବରେ ଆସି ଅପରାହ୍ନ ସାଢେ ୩ଟାବେଳେ ନିର୍ବାଚନୀ ସଭାରେ ପହଞ୍ଚିଥିଲେ। ସେତେବେଳକୁ ଅନେକ ଲୋକ ଅସନ୍ତୋଷ ପ୍ରକାଶ କରି ସିଟ୍ ଛାଡି ପଳାଇଯାଇଥିଲେ। ଏଣୁ କେନ୍ଦ୍ର ମନ୍ତ୍ରୀ ଅଳ୍ପ କେଇମିନିଟ୍ ଭାଷଣ ଦେଇ ବକ୍ତବ୍ୟ ଶେଷ କରିଥିଲେ। ବିଳମ୍ବରେ ସଭା କାର୍ଯ୍ୟ ଆରମ୍ଭ ହେବା ଏବଂ ସଭାରେ ରାଜ୍ୟ ଭାଜପାର ଜଣେ ସମ୍ପାଦିକା ତାଙ୍କ ଭାଷଣରେ ଦଳର ପ୍ରାର୍ଥୀଙ୍କ ନାମ କହିବାବେଳେ ତ୍ରୁଟି କରିବା ଦଳୀୟ କର୍ମୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ସେ ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀଙ୍କ ପରିବର୍ତ୍ତେ ଭାଜପା ଛାଡି ବିଜେଡିରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଭାଗୀରଥି ସେଠୀଙ୍କ ନାମ ଭୁଲବଶତଃ ଉଚ୍ଚାରଣ କରିଥିଲେ, ଯାହାକୁ ନେଇ ସଭାରେ ଗୁଞ୍ଜରଣ ପ୍ରକାଶ ପାଇଥିଲା।



ସଭାକାର୍ଯ୍ୟରେ ବିଳମ୍ବ ଯୋଗୁ ଅଧିକାଂଶ ଚେୟାର୍ ଖାଲିପଡ଼ିଛି।

ରେଭେନ୍ସାରେ ଛାତ୍ରୀଙ୍କୁ ର୍‌ୟାଗିଂ ଘଟଣା

# ୧୪ ଦିନ ପୂରିଲା: ଦଣ୍ଡାଦେଶ ମାନିଲେନି

**କଟକ ଅଫିସ,୧୮।୪**

ରେଭେନ୍ସା ବିଶ୍ୱବିଦ୍ୟାଳୟର କାଠଯୋଡ଼ି ହଷ୍ଟେଲରେ ଘଟିଥିବା ଛାତ୍ରୀ ର୍‌ୟାଗିଂ ଘଟଣାର ତଦନ୍ତ ରିପୋର୍ଟ ଗତ ୫ ତାରିଖରେ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ନିକଟରେ ବିଶ୍ୱବିଦ୍ୟାଳୟର ଆଣ୍ଟି ର୍‌ୟାଗିଂ ସେଲ୍ ପକ୍ଷରୁ ଦାଖଲ କରାଯାଇଥିଲା। ଉଭୟ ପକ୍ଷକୁ ନେଇ ତଦନ୍ତ କରାଯିବା ପରେ ଏହା ର୍‌ୟାଗିଂ ନୁହେଁ ବରଂ ଝଗଡ଼ା ବୋଲି ସେଲ୍ ପକ୍ଷରୁ ୟୁଜିସିକୁ ସ୍ପଷ୍ଟ କରାଯାଇଥିଲା। ଦଣ୍ଡ ସ୍ୱରୂପ ଉଭୟ ପକ୍ଷର ଛାତ୍ରୀଙ୍କୁ ନୋଟିସ ଜାରି କରାଯାଇଥିଲା। ର୍‌ୟାଗିଂର ଅଭିଯୋଗ ଉଠାଇଥିବା ଉଦ୍ଭିଦ ବିଜ୍ଞାନର ସ୍ନାତକ ତୃତୀୟ ବର୍ଷର ଛାତ୍ରୀଙ୍କୁ ୧୦୦୦ ଟଙ୍କାର ଜରିମାନା ଦଣ୍ଡାଦେଶ ପ୍ରଦାନ କରାଯାଇଥିବାବେଳେ ଅଭିଯୁକ୍ତ ତଥା ଏମ୍‌ଫିଲ ଛାତ୍ରୀଙ୍କୁ କାଠଯୋଡ଼ି ହଷ୍ଟେଲରୁ କଢ଼ାଯାଇ ଅନ୍ୟ ହଷ୍ଟେଲରେ ଅବସ୍ଥାପିତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟରେ ପରିଣତ କରିବା ପାଇଁ ନୋଟିସରେ ଉଲ୍ଲେଖ ମଧ୍ୟ କରାଯାଇଥିଲା। ହେଲେ ଦଣ୍ଡାଦେଶକୁ ଇତିମଧ୍ୟରେ ୧୪ଦିନ ପୂରଣ ହେଲାଣି। ଉଭୟ ଛାତ୍ରୀ ଏହି ଦଣ୍ଡାଦେଶକୁ ମାନି ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ର୍‌ୟାଗିଂ ଅଭିଯୋଗ ଉଠାଇଥିବା ଛାତ୍ରୀଙ୍କୁ ୟୁଜିସିର ଆଣ୍ଟି ର୍‌ୟାଗିଂ ସେଲ୍ ପକ୍ଷରୁ ଫୋନ୍ କଲ୍ ଆସିଥିଲା। ତଦନ୍ତ ଠିକ୍ ଭାବେ ହୋଇନାହିଁ ବୋଲି ଛାତ୍ରୀ ଜଣକ ୟୁଜିସିରେ ଫେରାଦ ହେଇଛନ୍ତି। ଏ ସମ୍ପର୍କରେ କୁଳସଚିବ ଅଶୋକ କୁମାର ଦାଶଙ୍କୁ ପଚାରିବାରୁ ସେ କହିଥିଲେ, କାର୍ଯ୍ୟାନୁଷ୍ଠାନ କାର୍ଯ୍ୟରେ ପରିଣତ ହୋଇଛି କି ନାହିଁ ସେ ସମ୍ପର୍କରେ କୌଣସି ସୂଚନା ମୋ ନିକଟରେ ନାହିଁ। ଏ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ। ସୂଚନାଥାଉ କି, କାଠଯୋଡ଼ି ହଷ୍ଟେଲରେ ରହୁଥିବା ବାଣିଜ୍ୟ ବିଭାଗର ଜଣେ ଏମ୍‌ଫିଲ ଛାତ୍ରୀ ଗତ ମାର୍ଚ୍ଚ ୩୦ରେ ଉଦ୍ଭିଦ ବିଜ୍ଞାନର ସ୍ନାତକ ତୃତୀୟ ବର୍ଷର ଛାତ୍ରୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଜୁନିୟରମାନଙ୍କୁ ଗାଳି କରୁଥିବା ଏମ୍‌ଫିଲ ଛାତ୍ରୀଙ୍କୁ ରୋକିବା ବେଳେ ସେ ର୍‌ୟାଗିଂର ଶିକାର ହୋଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଏ ନେଇ ର୍‌ୟାଗିଂର ଶିକାର ଛାତ୍ରୀ ୟୁଜିସି ନିକଟରେ ଅଭିଯୋଗ କରିଥିଲେ। ନ୍ୟାୟ ମିଳିବା ଦାବିରେ କୁଳସଚିବଙ୍କ କାର୍ଯ୍ୟାଳୟ ମଧ୍ୟ ଦୁଇଦିନ ଧରି ଘେରାଉ କରାଯାଇଥିଲା। ପରେ କୁଳସଚିବଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଏହି ବୈଠକରେ ହୋଇଥିବା ନିଷ୍ପତ୍ତିରେ ଛାତ୍ରୀମାନେ ରାଜି ନ ହେବା ଫଳରେ ଘଟଣା ବିଶ୍ୱବିଦ୍ୟାଳୟର ଆଣ୍ଟି ର୍‌ୟାଗିଂ ସେଲ୍‌କୁ ଯିବା ସହ ତଦନ୍ତ କରାଯାଇ ଦଣ୍ଡାଦେଶ ମିଳିଥିଲା।

**ତଦନ୍ତକୁ ନେଇ ୟୁଜିସିରେ ଫେରାଦ ହେଲେ ଛାତ୍ରୀ**

## ସେଲ୍ଫି କର୍ଣ୍ଣର



ଆସ୍ତିକ



ସୁମନ



ବେଦବ୍ୟାସ



ପ୍ରଦ୍ୟୁମ୍ନ





ଉତ୍ସବ



କୃପା

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)



ଓଡ଼ିଶା ଚେସ୍ (ଭାଗ-୫)



ଜେ.ଏମ. ଜୋଆରଦାର

# ନୂଆ ଇତିହାସର ପୁରୁଣା ପୃଷ୍ଠା

ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ତଥା କିମ୍ବଦନ୍ତୀ ପୁରୁଷ ସ୍ୱର୍ଗତ ଜେ.ଏମ. ଜୋଆରଦାରଙ୍କ ପ୍ରୟାସରୁ ଆରମ୍ଭ ହୋଇଥିଲା ଓଡ଼ିଶା ଚେସ୍‌ର ପୁରୁଣା ପୃଷ୍ଠା । ତାଙ୍କୁ ସହାୟତାର ହାତ ବଢ଼େଇଥିଲେ ବିଧାୟକ ବ୍ରଜ ସୁନ୍ଦର ଦାସ ଓ ହିନ୍ଦୁସ୍ତାନୀ କ୍ଲାସିକାଲ ସଂଗୀତର ଗୁରୁ ତଥା ଓଡ଼ିଶା ଚେସ୍‌ର ପ୍ରଥମ ପ୍ରଶିକ୍ଷକ କ୍ଷିତିଶ ଚନ୍ଦ୍ର ମିତ୍ର। ୧୯୯୨ରେ କଟକ ବକ୍ସିବଜାରଠାରେ ପ୍ରତିଷ୍ଠା କରିଥିଲେ ପ୍ରଥମ କ୍ଲବ ରୟଲୋପେଜ୍ କ୍ଲବ ଓ ପରେ ଓଡ଼ିଶା ରାଜ୍ୟ ଚେସ୍ ସଂଘର ସେ ପ୍ରତିଷ୍ଠାତା ସମ୍ପାଦକ ଥିଲେ।

ଓଡ଼ିଶା ଚେସ୍‌ର ବିକାଶ ପୁରୁଷ ତଥା ରାଜ୍ୟର ପ୍ରଥମ ଚେସ୍ ପୁସ୍ତକ ଲେଖକ ହେଉଛନ୍ତି କେଶବାନନ୍ଦ ଦାସ । ପ୍ରଥମରୁ ଜଣେ ହକି ଖେଳାଳି ଭାବେ ପରିଚିତ ଥିବା କେଶବାନନ୍ଦ ବହୁଦିନ ଧରି ୧୯୫୯ ମସିହାରେ ପ୍ରତିଷ୍ଠା ହୋଇଥିବା



କେଶବାନନ୍ଦ ଦାସ

ଓଡ଼ିଶା ଚେସ୍‌କୁ ନୂଆ ଦିଶା ଦେଇଥିଲେ। ପରେ ଏକ ମାଇଣ୍ଡ ଗେମ୍‌ରେ ସଙ୍ଗଠନକୁ ନିଜ କାନ୍ଧରେ ଧରି ଆଗକୁ ବଢ଼ିଥିଲେ ଓଡ଼ିଶା ଚେସ୍‌ର ମହାରଥୀ ଅରାତି ବିଜୟ ମହାନ୍ତି । ଗେମ୍ସ ଡାଇରେକ୍ଟରରୁ ସଙ୍ଗଠନ ସମ୍ଭାଳିଥିବା ଏହି ଦକ୍ଷ ଖେଳାଳି ପରେ ଉପସଭାପତି ଓ ବହୁଦିନ ଧରି ଓଡ଼ିଶା ରାଜ୍ୟ ଚେସ୍ ସଂଘର ସଭାପତି ଆସନ ଅଳଙ୍କୃତ କରିଥିଲେ । ସେତେବେଳର ଟାଣୁଆ ଖେଳାଳି ବି.ଏନ୍.ଆଚାର୍ଯ୍ୟ ଓ ପ୍ରଥମ ଉତ୍କଳ ରାଜ୍ୟ ଚାମ୍ପିୟନ ଆର.ସି. ରାଜଗୁରୁଙ୍କ ଅବଦାନ ମଧ୍ୟ ଚିରସ୍ମରଣୀୟ। ଜୋଆରଦାରଙ୍କ ଠାରୁ ଆରମ୍ଭ କରି ରାଜଗୁରୁଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉଦ୍ଦେଶ୍ୟ ଥିଲା ରାଜ୍ୟରେ ଚେସ୍‌ର ପ୍ରଚାର ପ୍ରସାର, ଅଧିକରୁ ଅଧିକ ଖେଳାଳିଙ୍କୁ ଚେସ୍ ପ୍ରତି ଆକୃଷ୍ଟ କରାଇବା ଏବଂ କୋଣ ଅନୁକୋଣରେ କ୍ୱାଲିଟି ଚେସ୍ ଖେଳାଳି ସୃଷ୍ଟି କରିବା ।

କଳିଙ୍ଗ ଚେସ୍ ଏକାଡେମୀର ନିର୍ଦ୍ଦେଶକ ତଥା ପୂର୍ବତନ ଚେସ୍ ଉନ୍ନୟନ କମିଟିର ଚେୟାରମ୍ୟାନ ରୋଟାରିଆନ ଶିବବ୍ରତ ଦାଶ, ଓସ୍କାର ପୂର୍ବତନ ସମ୍ପାଦକ ଗଗନ ବିହାରୀ ଦାଶ, ଓଡ଼ିଶା ଆଡହକ କମିଟି ଚେୟାରମ୍ୟାନ ବୟୋଜ୍ୟେଷ୍ଠ ଅସିତ ମୁଖାର୍ଜୀ, ଆୟକର ଅଧିକାରୀ କେ.କେ. ନାଥ, ହେମନ୍ତ ନାୟକ, ରଘୁନନ୍ଦନ ସାସମଲ, ନିହାର ରଞ୍ଜନ ସାସମଲ୍, ତାପସ ମହାନ୍ତି, ଆଦିତ୍ୟ ପଟ୍ଟନାୟକ, କମଳାକାନ୍ତ ବିଶୋଇ, ସଞ୍ଜୟ ଜେନା, ସୂର୍ଯ୍ୟକାନ୍ତ ବିଶୋଇ, ଆଡଭୋକେଟ ମାନସ ପାଣି (ଆଇଏସ ଚେସ ସେଣ୍ଟର), ସାମୁଏଲ କୁଣ୍ଡୁ ଓ ସୁବାସ ଚନ୍ଦ୍ର ସାହୁ (ପୁରୀ), କୁଳମଣି ଜେନା (ଢେଙ୍କାନାଳ), ଏସ୍.ଏସ୍.ବରିହା, ଜିସି ମହାପାତ୍ର (ସୁନ୍ଦରଗଡ଼), କେ.କେ. ଶର୍ମା (ବ୍ରହ୍ମପୁର), ଦେବାଶିଷ ଚକ୍ରବର୍ତ୍ତୀ (ବାଲେଶ୍ୱର) ଓ.ପି.ରଥ (ସୋନପୁର), ମନୋଜ ପରିଡା, କ୍ଷୀରୋଦ ସାମଲ (ଯାଜପୁର), ଅମର ମହାନ୍ତି (କେନ୍ଦୁଝର), ରାଜନାରାୟଣ



ଗଗନ ବିହାରୀ ଦାଶ

ତ୍ରିପାଠୀ(ଭୁବନେଶ୍ୱର), ଡ. ନଳିନୀ ପଟ୍ଟନାୟକ (ଆମ ପରିବାର, ଭୁବନେଶ୍ୱର) ଭବେଶ ମହାନ୍ତି (ସମ୍ପାଦକ କେନ୍ଦ୍ରାପଡ଼ା ଜିଲା ଚେସ୍ ସଂଘ), ବିକ୍ରମ କେଶରୀ ବିଶ୍ୱାଳ(କଟକ), ରାଜେନ୍ଦ୍ର ସାହୁ, ଦେବାଶିଷ ପାଣିଗ୍ରାହୀ(ଆର୍ବିଟର), ରାଜ ସନ୍ତୋଷ ପଣ୍ଡା (ଭୁବନେଶ୍ୱର) ବର୍ତ୍ତମାନର ରାଜ୍ୟ ଯୁବ ଚେସ୍ ସମ୍ପାଦକ ଦେବବ୍ରତ ଭଞ୍ଜ (ଢେଙ୍କାନାଳ), ଶଙ୍କର ମିଶ୍ର (ବୌଦ୍ଧ), ବି.ବି. ମିଶ୍ର (ସମ୍ବଲପୁର) ବିଶ୍ୱଜିତ୍ ରାୟ, ଅର୍ଘ୍ୟ ଅର୍ପଣ ପରିଡ଼ା ଓ ବିରଞ୍ଚି ନାରାୟଣ ସାହୁଙ୍କ ମିଳିତ ଉଦ୍ୟମ (ଟ୍ରିପଲ୍ ସି' କ୍ଲବ୍), ଧନଞ୍ଜୟ ସାବତ(ଚେସ୍ ପ୍ଲେୟର ଅଫ ଆସୋସିଏଶନ) ଏବଂ ଦୀର୍ଘ ୨୦ ବର୍ଷ ଧରି ଆନ୍ତଃ ମହାବିଦ୍ୟାଳୟ ଚେସ୍ ଆୟୋଜନ କରୁଥିବା ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ ଅମ୍ବିକା ପ୍ରସାଦ ରାୟ, ସରୋଜ ବ୍ରହ୍ମା, ଲୋପାମୁଦ୍ରା ଜେନା, ସନ୍ତୋଷ ମହାପାତ୍ର ପ୍ରମୁଖ ଚେସ୍‌କୁ ବଞ୍ଚାଇ ରଖିବାରେ ନିଜର ଯେଉଁ ଅକ୍ଲାନ୍ତ ଶ୍ରମ ପ୍ରଦାନ କରିଛନ୍ତି ତାହା ଅବର୍ଣ୍ଣନୀୟ ଓ ଅତୁଳନୀୟ ।

**ଅରାତି ବିଜୟ ମହାନ୍ତି:** ବୟସ ଗଡ଼ିଲାଣି, ତଥାପି ମନରେ ରହିଛି ବିଶ୍ୱାସ। ଅବିବାହିତ ଅରାତି ରାଜ୍ୟ ସରକାରଙ୍କ ୱାର୍କ୍ସ ଡିପାର୍ଟମେଣ୍ଟରୁ ଅଣ୍ଡର ସେକ୍ରେଟାରୀ ଭାବେ ଅବସର ନେଇଥିଲେ ମଧ୍ୟ ଚେସ୍ ପ୍ରତି ସମର୍ପିତ ରହିଛନ୍ତି। ଚେସ୍‌ରେ ସଂସ୍କାର ପାଇଁ ଜୀବନର ଅଧିକାଂଶ ସମୟ କଟାଇଥିଲେ ମଧ୍ୟ ଥକି ପଡ଼ିନାହାନ୍ତି ଏହି କିମ୍ବଦନ୍ତୀ କ୍ରୀଡ଼ାବିତ୍। ସେ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ଓଡ଼ିଶା ରାଜ୍ୟ ଚେସ୍ ସଂଘର କାର୍ଯ୍ୟକାରୀ ସଭାପତି ରହିବା ସହ ବହୁ ଉନ୍ନତମାନର ଖେଳାଳିଙ୍କୁ ଚେସ୍ ସିଲଟରେ ପାଠ ପଢ଼ାଇଛନ୍ତି। ୧୯୬୫ରୁ ୭୨ ପର୍ଯ୍ୟନ୍ତ ଅନେକଥର ରାଜ୍ୟ ଚାମ୍ପିୟନ ହୋଇଥିବା ଏହି ଚେସ୍‌ରତ୍ନ ସିଭିଲ ସର୍ଭିସ ଖେଳରେ ଓଡ଼ିଶାକୁ ବହୁବାର ଜିତାଇଛନ୍ତି। ଗାର୍ଗି ମହାପାତ୍ର, ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ ତାଙ୍କର ଅନ୍ୟତମ ଶିଷ୍ୟ।

**ଶୁଭାଶିଷ ପଟ୍ଟନାୟକ:** ଚେସ୍‌ର ପ୍ରାଚୁର୍ଯ୍ୟ ମଧ୍ୟରେ ଥାଇ ମଧ୍ୟ କେବେ ବି ଏହାକୁ ଉପଭୋଗ କରି ନ ଥିବା ଆଧୁନିକ ଓଡ଼ିଶା ଚେସ୍‌ର ଏହି ଉତ୍ସର୍ଗୀକୃତ ସଂଗଠକ ଓଡ଼ିଶାରେ ଚେସ୍‌କୁ ଗୌରବମୟ କରିବା ପାଇଁ ଅନବରତ ଉଦ୍ୟମ ଅବ୍ୟାହତ ରଖିଛନ୍ତି । ୮ଟି ଚେସ୍ ପୁସ୍ତକର ଲେଖକ ଶୁଭାଶିଷ ଓଡ଼ିଶାର ପୁରପଲ୍ଲୀରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ତୃଣମୂଳ ସ୍ତରରେ ଅନେକ ଖେଳାଳିଙ୍କ ପାଇଁ ପାଲଟିଛନ୍ତି ପଥ ପ୍ରଦର୍ଶକ ଓ ମାର୍ଗଦର୍ଶକ । ତାଙ୍କ ପାଖରେ ଅଛି ଓଡ଼ିଶା ଚେସ୍‌ର ଭାନୁମତୀ ପେଡି । ଚେସ୍ ଗଣିତକୁ କଷିବାରେ ସେ ବେଶ୍ ଧୁରନ୍ଧର । ଓଡ଼ିଶା ଚେସ୍‌କୁ ଉଚ୍ଚଶିକ୍ଷିତ ଓ ଉଚ୍ଚବର୍ଗଙ୍କ ମଧ୍ୟରେ ଲୋକପ୍ରିୟ କରିବାରେ ତାଙ୍କ ଅବଦାନ ଅତୁଳନୀୟ । ଚେସ୍ ଐତିହାସିକ ଶୁଭାଶିଷ ବର୍ତ୍ତମାନ ଖୋର୍ଦ୍ଧା ଜିଲା ଚେସ୍ ସଂଘର ସମ୍ପାଦକ, ଏସଆର୍ ଚେସ୍‌ର ଚେୟାରମ୍ୟାନ ଓ ରାଜ୍ୟ ଚେସ୍ ସଂଘର କାର୍ଯ୍ୟକାରୀ ସଭ୍ୟ ରହିଛନ୍ତି । ଦ୍ୱିମାସିକ ପତ୍ରିକା ଓଡ଼ିଶା ରିଭ୍ୟୁ ଓ ଓଡ଼ିଶା ଚେସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ସମ୍ପାଦକ ଥିବା ଶୁଭାଶିଷ ପ୍ରଥମେ ହିଁ ସିଦ୍ଧାନ୍ତ, ଦେବାଶିଷ, ସ୍ୱୟମ୍ଭ ଓ ପଦ୍ମିନୀଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ାମନ୍ତ୍ରୀଙ୍କ ପାଖରେ ସମ୍ମାନିତ କରାଇବା ପରମ୍ପରା ଆରମ୍ଭ କରିଥିଲେ। ଓଡ଼ିଶା ଚେସ୍‌ର ନାଡ଼ି ନକ୍ଷତ୍ର ଜାଣିଥିବା ଶୁଭାଶିଷ ବର୍ତ୍ତମାନ ଓଡ଼ିଶା ଚେସ୍‌ର ଜନ୍ମଜାତକ ଲେଖିବାରେ ବ୍ୟସ୍ତ ।

**ରାଜେନ୍ଦ୍ର କୁମାର ସାହୁ:** ଅନେକ ଅନ୍ତର୍ଜାତୀୟ ଖେଳାଳିଙ୍କ ଆଦ୍ୟଗୁରୁ ହେଲେ ରାଜେନ୍ଦ୍ର କୁମାର ସାହୁ। ବର୍ତ୍ତମାନ ପର୍ଯ୍ୟନ୍ତ ଚେସ୍‌ରେ ସକ୍ରିୟଥିବା



ରାଜେନ୍ଦ୍ର କୁମାର ସାହୁ

ରାଜେନ୍ଦ୍ର ପାଖାପାଖି ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗିତାରେ ପୁରସ୍କୃତ ହୋଇ ସାରିଛନ୍ତି। ତାଙ୍କର ବର୍ତ୍ତମାନ ରେଟିଂ ୧୯୦୦। ସେ ଓଡ଼ିଶାର ଅନ୍ୟତମ ପ୍ରଥମ କ୍ୱାଲିଟି କୋଚ୍। ଡଜନେରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ଖେଳାଳି ତାଙ୍କ ନିକଟରୁ କୋଚିଂ ନେଇଛନ୍ତି।

**ବିବେକ ଟିବରୱାଲ:** ଭଲ ସଂଗଠନ ତଥା ସାଙ୍ଗଠନିକ ଦକ୍ଷତା ଥିବା ବ୍ୟକ୍ତିତ୍ୱ ଯଦି କ୍ରୀଡ଼ାନୁଷ୍ଠାନରେ ଥାଆନ୍ତି ତାହେଲେ କ୍ରୀଡ଼ାର ଭରପୂର ବିକାଶ ହୋଇଥାଏ । ଏପରି ଜଣେ ବ୍ୟକ୍ତି ହେଉଛନ୍ତି ବିବେକ ଟିବରୱାଲ, ଯେ କି ସୌଭାଗ୍ୟର ଉଚ୍ଛାତ ତଳେ ଜନ୍ମ ହୋଇ ଜଣେ ଲବ୍ଧ ପ୍ରତିଷ୍ଠିତ ଉଦ୍ୟୋଗପତି ହେବାରେ ଯେତିକି ଆନନ୍ଦ ପାଇ ନ ଥିଲେ ବରଂ ରାଜ୍ୟ ଚେସ୍‌କୁ ଦୁର୍ବଳ, ଦୁର୍ଦ୍ଦିନ ଓ ଅସହାୟ ଅବସ୍ଥାରୁ ଉଦ୍ଧାରିବାରେ ଏବଂ ଥିବା ରାଜ୍ୟ ଚେସ୍ ସଂଘ ଓ ଚେସ୍ ଖଳର ପରିଭାଷାକୁ ବଦଳେଇବାରେ ଅଧିକ ଆନନ୍ଦଲାଭ କରିଥିଲେ । ତାଙ୍କର ଦୂରଦୃଷ୍ଟି, ବାସ୍ତବବାଦୀ ଚିନ୍ତାଧାରା, ଯୋଜନାବଦ୍ଧ ପରିକଳ୍ପନା ଆଜି ଚେସ୍‌କୁ ଏକ ସମ୍ମାନ ଜନକ ସ୍ଥାନରେ ପହଞ୍ଚାଇବା ସହ ଚେସର ଏକ ଉତ୍ତମ ଭାବମୂର୍ତ୍ତି ମଧ୍ୟ ତିଆରି କରିଛି ।

**ରଞ୍ଜନ ମହାନ୍ତି :** ଓଡ଼ିଶା ଚେସ୍‌ର ଚତୁର ଚାଣକ୍ୟ। ଓଡ଼ିଶା ଚେସ୍‌କୁ ରଞ୍ଜନ ମହାନ୍ତିଙ୍କ ପ୍ରବେଶ ମଙ୍ଗଳମୟ। ଦିନ ଥିଲା ସେ ଶିଖିକରି ଚେସ୍ ଖେଳୁଥିଲେ। ମାତ୍ର ଆଜିକା ଦିନରେ ଚେସ ନବନିର୍ମାଣରେ ସେ ହେଉଛନ୍ତି ପ୍ରମୁଖ ବିନ୍ଧାଣୀ। ଏକାଧାରରେ ଜଣେ ସୁପ୍ରଶାସକ, ଖେଳାଳି, ଅନ୍ତର୍ଜାତୀୟ କୋଚ୍ ଓ ଫିଡେ ଆର୍ବିଟର ସହ ବର୍ତ୍ତମାନ ଓଡ଼ିଶା ଚେସ୍‌ର ଉପସଭାପତି ଅଛନ୍ତି।

**ମନୋଜ ପାଣିଗ୍ରାହୀ:** ଦିନଥିଲା ଓଡ଼ିଶା ଚେସ୍ ସଂଗଠନର ଲାଇଫ୍ ଲାଇନ ଥିଲେ ମନୋଜ ପାଣିଗ୍ରାହୀ। ଲଣ୍ଡନର ହେଷ୍ଟିଙ୍ଗ୍‌ସଠାରେ ଭାରତୀୟ ଯୁବଦଳର ମ୍ୟାନେଜର ଭାବେ ଯାତ୍ରା କରିବା ତାଙ୍କ ପାଇଁ ସୁଖଦ ମୁହୂର୍ତ୍ତ ଥିଲା । ୩ ଥର ରାଜ୍ୟ ସିନିୟର ଚେସ୍ ଚାମ୍ପିୟନ ଏହି ନିରବ ସଙ୍ଗଠକ ଚେସ୍‌କୁ ବୃତ୍ତିରେ ବିନିଯୋଗ କରିବାକୁ ଉଚ୍ଚତର ପ୍ରୟାସ ଜାରି ରଖିଛନ୍ତି । ଅଲ ଓଡ଼ିଶା ଚେସ ସଂଘର ଯୁଗ୍ମ ସମ୍ପାଦକ ଥିବା ମନୋଜ ଦକ୍ଷିଣ ଆଫ୍ରିକାର ଡର୍ବାନଠାରେ ବିଶ୍ୱ ଯୁବ ଚେସ୍‌ରେ ଭାରତର କୋଚ୍ ଭାବେ ଅଂଶଗ୍ରହଣ କରିଥିଲେ ।

**ଦୁର୍ଗା ପ୍ରସାଦ ମହାପାତ୍ର:** ବୟସର ଅର୍ଦ୍ଧଶତକରେ ୧୦୦ରୁ ଉର୍ଦ୍ଧ୍ୱ ଦକ୍ଷ ଖେଳାଳି ବାହାର କରିଛନ୍ତି ଦୁର୍ଗା ପ୍ରସାଦ ମହାପାତ୍ର। ସେ ଭାରତର ପ୍ରସିଦ୍ଧ ଚେସ ଏକାଡେମୀ ଗୁଡ୍‌ରିକ୍ ନ୍ୟାଶନାଲ ଚେସ୍ ଏକାଡେମୀର ମୁଖ୍ୟ କୋଚ୍। ପଶ୍ଚିମବଙ୍ଗ ଆଇଏମ୍ ନିଲେଶ ସାହା, ଅରଣ୍ୟକ ଘୋଷ, ଆର୍ଯ୍ୟ ଭକ୍ତ, ରିତମ ନାଗ୍, ଓଡ଼ିଶାର ଅଂଶୁମାନ ସାମଲ, ରୂପ କୁମାର ଦାସ, ଅଦିତି ମହାନ୍ତି ତଥା ଅନେକ ଦୃଷ୍ଟିହୀନ ଚେସ୍ ଖେଳାଳିଙ୍କର ସେ ପଥ ପ୍ରଦର୍ଶକ। ସେ ଜାତୀୟ 'ବି' ଦୃଷ୍ଟିହୀନ ଚେସ୍‌ରେ ଅନେକଥର ଆର୍ବିଟର ହୋଇଛନ୍ତି।

**ସୁରେଶ ଚନ୍ଦ୍ର ସାହୁ:** ଓଡ଼ିଶା ଚେସକୁ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଯୋଗାଇବାରେ ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁଙ୍କର ବହୁତ ବଡ ଅବଦାନ ରହିଛି ।

**ଏସ୍‌ଆର ଚେସ୍ ସେଣ୍ଟର:** ଓଡ଼ିଶା ଚେସ୍‌ର ଗୁରୁକୁଳ। ଅନେକ ତରୁଣ ଚେସ ତାରକାଙ୍କ ସାଧନା, ସିଦ୍ଧି ଓ ସ୍ୱୀକୃତିର ମିଳନ ମଞ୍ଚ ହେଉଛି ରାଜ୍ୟ ଚେସ୍ ପ୍ରଶିକ୍ଷଣର ପ୍ରୟୋଗଶାଳା ତଥା ଅନ୍ତୁଡିଶାଳ ଏସ୍‌ଆର ଚେସ୍ ସେଣ୍ଟର । ବିବେକ ଟିବରୱାଲଙ୍କର ବୁଦ୍ଧି ଓ ଶୁଭାଶିଷ ପଟ୍ଟନାୟକଙ୍କ ଶୁଭ ଆଶିଷରେ ୨୦୦୪ ସେପ୍ଟେମ୍ବର ୧୮ ପବିତ୍ର ଗଣେଶ ଚତୁର୍ଥୀରେ ୧୫ ବର୍ଷର ଏହି ଗୌରବମୟ ଅନୁଷ୍ଠାନକୁ ଲେଖକଙ୍କ ପିତା ତଥା ବନ ବିଭାଗର ବରିଷ୍ଠ ଅବସରପ୍ରାପ୍ତ ଅଧିକାରୀ ୯୨ ବର୍ଷୀୟ ଶରତ ଚନ୍ଦ୍ର ପଟ୍ଟନାୟକଙ୍କ କରକମଳରେ କଟକଠାରେ ଉଦ୍‌ଘାଟିତ ହୋଇଥିଲା । ଏକ ଶୃଙ୍ଖଳାଭିତ୍ତିକ ଓ ଆଦର୍ଶ ପରିବେଶ ମଧ୍ୟରେ ରାଜ୍ୟରେ ତୃଣମୂଳ ସ୍ତରରେ ଥିବା ଅନାଲୋଚିତ ପ୍ରତିଭାମାନଙ୍କୁ ଚିହ୍ନିବା ଓ ଚିହ୍ନେଇବା ସହ ସେମାନଙ୍କୁ ଦକ୍ଷତାର ସହ ସାମ୍ନାକୁ ଆଣିବାରେ ଏସଆର ଚେସ୍ ସେଣ୍ଟର ରାଜ୍ୟରେ ଅନନ୍ୟ ଓ ନିଆରା ପ୍ରୟାସ ଅନବରତ ଭାବେ ଜାରି ରଖିଛି, ଫଳସ୍ୱରୂପ ବର୍ତ୍ତମାନ ଏହା ଅନେକ ନବୀନ ପ୍ରବୀଣ ଓ ତରୁଣ ଖେଳାଳିଙ୍କ ଆଦର୍ଶ ପୀଠ ପାଲଟିଛି । ରାଜ୍ୟରେ ଚର୍ଚ୍ଚିତ ଅନେକ ପ୍ରତିଷ୍ଠିତ ତରୁଣ ଚେସ୍ ତାରକାଙ୍କ ଚାଟଶାଳୀ ଏସ୍.ଆର ଚେସ ସେଣ୍ଟରରେ ଆରମ୍ଭ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜ୍ୟର ବିଭିନ୍ନ ଅନୁଷ୍ଠାନ ସର୍ବୋପରି ସର୍ବଭାରତୀୟ ଚେସ୍ ମହାସଂଘ ଦ୍ୱାରା ପୁରସ୍କୃତ ତଥା ସ୍ୱୀକୃତ ଏହି ଅନୁଷ୍ଠାନ ବର୍ଷ ତମାମ୍ କଟକର ସିଡିଏ, ବାଦାମବାଡ଼ି ଓ ଭୁବନେଶ୍ୱରର ସହିଦନଗର ଓ ଆଇଆରସି ଭିଲେଜଠାରେ ପ୍ରଶିକ୍ଷଣ ଦେଇ ଆସୁଛି । ସେଣ୍ଟରର ଦକ୍ଷ ତଥା ବରିଷ୍ଠ ଚେସ୍ କୋଚ ସଞ୍ଜୟ ପଟ୍ଟନାୟକ, ସୂର୍ଯ୍ୟମିତ୍ର ସେନ୍, ପ୍ରଣବ ମହାନ୍ତି, ମୋନାଲିସା ମହାନ୍ତି, ସ୍ୱର୍ଗତ ପଦ୍ମଲୋଚନ ରାୟ, ସ୍ୱର୍ଗତ ନଳିନୀ ରଞ୍ଜନ ପଟ୍ଟନାୟକ, ରବୀନ୍ଦ୍ର ଓଝା, ପ୍ରଶାନ୍ତ ଜେନା, ମନୋଜ ରାୟ, ସର୍ବେଶ୍ୱର ସାହୁ, ବସନ୍ତ ଦାସ, ସତ୍ୟଜିତ୍ ପଟ୍ଟନାୟକ,



ଅରାତି ବିଜୟ ମହାନ୍ତି

ବିଶ୍ୱ ରଞ୍ଜନ ବେହେରା, ରାଜସନ୍ତୋଷ ପଣ୍ଡା ଓ ଥମ୍ପସନ ସାହୁ ପ୍ରମୁଖ କ୍ୱାଲିଟି ପ୍ରଶିକ୍ଷକମାନେ ଏହାକୁ ନିଜ ଜୀବନର ଆଉ ଏକ ଅଂଶ ଭାବେ ଗ୍ରହଣ କରି ନିଜର ପାରିଶ୍ରମିକକୁ ଅଧିକ ଗୁରୁତ୍ୱ ନଦେଇ ସଦାସର୍ବଦା ଅଧିକ ପରିଶ୍ରମ ପାଇଁ ସଜାଗ ରହିଥାନ୍ତି। ଫଳରେ ବର୍ତ୍ତମାନ ଏହା ଓଡ଼ିଶା ଚେସ୍‌ର ତରୁଣ ତାରକାଙ୍କ କାରଖାନା ପାଲଟିପାରିଛି । (କେ.ଡି. ପିଲାଇ, ପବିତ୍ର ମୋହନ ମହାନ୍ତିଙ୍କ ସମ୍ପର୍କରେ ଲେଖା ଓଡ଼ିଶା ଚେସ୍‌ର ଅନ୍ତିମ ଭାଗରେ ପ୍ରକାଶ ପାଇବ)

– ସତ୍ୟରଞ୍ଜନ ପଟ୍ଟନାୟକ

## ରାଜନୀତି

ବିଶ୍ୱକପ ଲାଗି ଷ୍ଟାଣ୍ଡବାଏରେ ପନ୍ତ
ଅମ୍ବାତି ଓ ନଭଦୀପ
ବିରାଟ ସେନାର କେ ଇଞ୍ଜୁରି ହେଲେ
ଆଉ ପଡ଼ିବନି ଚାପ
ରବି ଶାସ୍ତ୍ରୀ କହେ ବାପ
ଇଂଲଣ୍ଡକୁ ଯିବ ୱାର୍ଲ୍ଡକପ୍ ଖେଳିବ
କରୁଥାଅ ବସି ତପ।
କାର୍ତ୍ତିକଠି ଥ୍ରି-ଡାଇମେନସନାଲ
କ୍ୱାଲିଟି ରହିଛି ପୂରି
ମୁଖ୍ୟ ଚୟନକର୍ତ୍ତା ଏମ.ସେ.କେ. ପ୍ରସାଦ
କହେ ସବୁଠିକ୍ ସରି
ଏଣେ ପରିହାସ କରି
ରାୟୁଡୁ କହଇ ଥ୍ରି-ଡି ଚଷମାରେ
ୱାର୍ଲ୍ଡ କପ୍ ଦେଖିବି ଘୂରି।



ରାଜ୍ୟରେ ବହଇ ଗ୍ରୀଷ୍ମପ୍ରବାହ
ତେୟାଳିଶ ଡିଗ୍ରୀ ତାତି
ଉଣେଇଶ ସାଧାରଣ ନିର୍ବାଚନ
ପ୍ରାର୍ଥୀ ଯାଇଛନ୍ତି ମାତି
ସ୍ୱାର୍ଥ ପାଇଁ ଏହି ଜାତି
କ୍ରୀଡ଼ା, ବିଜ୍‌ନେସ, ଅଫିସରେ କରେ
ସବୁଠାରେ ରାଜନୀତି।

-ସୁବାସ ଚନ୍ଦ୍ର ପ୍ରଧାନ

# ଗୁଡ୍‌ଲକ୍ ଟିମ୍ ଇଣ୍ଡିଆ



୨୦୧୯ ଆଇସିସି ବିଶ୍ୱକପ୍ ପାଇଁ ବିରାଟ କୋହଲିଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଭାରତୀୟ ଦଳ ନିକଟରେ ଘୋଷିତ ହୋଇଛି। ଏହାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି। ବହୁ ପୁରାତନ ଖେଳାଳି ଦଳ ଚୟନକୁ ନେଇ ଅସନ୍ତୋଷ ପ୍ରକଟ କରିଥିବା ବେଳେ ବିସିସିଆଇ କର୍ମକର୍ତ୍ତା ଏବଂ ପ୍ରମୁଖ ଚୟନକମିଟି ମୁଖ୍ୟ ଏମ୍‌ଏସ୍‌କେ ପ୍ରସାଦ ଦଳ ବେଶ୍ ସନ୍ତୁଳିତ ବୋଲି ଦାବି କରିଛନ୍ତି। ଜୁନ୍ ୫ରୁ ଟିମ୍ ଇଣ୍ଡିଆ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବାକୁ ଥିବା ବେଳେ ମେ ୨୫ ଏବଂ ୨୮ରେ ନ୍ୟୁଜିଲାଣ୍ଡ ଏବଂ ବାଂଲାଦେଶ ବିପକ୍ଷରେ ଦୁଇଟି ୱାର୍ମଅପ୍ ମ୍ୟାଚ ଖେଳିବ। ଆଇସିସି ଏକଦିବସୀୟ ର୍‍ୟାଙ୍କିଙ୍ଗର ୨ ସ୍ଥାନରେ ଥିବା ଟିମ୍ ଇଣ୍ଡିଆ ଦୁଇଥର ବିଶ୍ୱ ଚାମ୍ପିୟନ ହୋଇଛି। ପ୍ରଥମେ ୧୯୮୩ରେ ଇଂଲଣ୍ଡ ମାଟିରେ ୱେଷ୍ଟଇଣ୍ଡିଜକୁ ହରାଇ ଏବଂ ଦ୍ୱିତୀୟରେ ୨୦୧୧ରେ ସ୍ୱଦେଶ ମାଟିରେ ଶ୍ରୀଲଙ୍କାକୁ ହରାଇ ଏହି ଗୌରବ ଅର୍ଜନ କରିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ବିଶ୍ୱକପ୍‌ରେ ବର୍ତ୍ତମାନ ଘୋଷିତ ଦଳ ମଧ୍ୟରୁ ୭ଜଣ ଖେଳିଥିବା ବେଳେ ୮ ଖେଳାଳିଙ୍କ ପାଇଁ ବିଶ୍ୱକପ୍ ପ୍ରଥମ ଅଭିଜ୍ଞତା ରହିବ। ୨୦୦୩ ବିଶ୍ୱକପ୍‌ରେ ରନର୍ସ ଅପ ହୋଇଥିବା ଟିମ୍ ଇଣ୍ଡିଆ ୧୯୮୭, ୧୯୯୬ ଏବଂ ୨୦୧୫ ବିଶ୍ୱକପ୍‌ରେ ସେମିଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଥିଲା। ସେହିପରି ୧୯୭୫, ୧୯୭୯, ୧୯୯୨ ଏବଂ ୨୦୦୭ ବିଶ୍ୱକପ୍‌ରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବା ବେଳେ ୧୯୯୯ ବିଶ୍ୱକପ୍‌ରେ ସୁପର ସିକ୍ସ ପର୍ଯ୍ୟାୟରେ ୬ଷ୍ଠ ସ୍ଥାନ ଅଧିକାର କରିଥିଲା।

ରେକର୍ଡ ଦୃଷ୍ଟିରୁ ଦେଖିଲେ ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୧ ବିଶ୍ୱକପ୍ ମଧ୍ୟରୁ ଭାରତ ଖେଳିଥିବା ୭୪ଟି ମ୍ୟାଚରୁ ୪୬ଟିରେ ବିଜୟୀ ହୋଇଥିବା ବେଳେ ୨୬ଟି ମ୍ୟାଚରେ ପରାଜିତ ହୋଇଛି। ଗୋଟିଏ ମ୍ୟାଚ ଟାଇରେ ସମାପ୍ତ ହୋଇଥିବା ବେଳେ ଗୋଟିଏ ମ୍ୟାଚ ବିନା ହାରଜିତ୍ ସମାପ୍ତ ହୋଇଛି। ସର୍ବାଧିକ ୫ଥର ବିଶ୍ୱଚାମ୍ପିୟନ ଅଷ୍ଟ୍ରେଲିଆ ସହିତ ବିଶ୍ୱକପ୍‌ରେ ଭାରତ ୧୧ଟି ମ୍ୟାଚ ଖେଳିଛି। ସେଥିରୁ ଭାରତ ୩ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୮ଟି ମ୍ୟାଚରେ ପରାଜିତ ହୋଇ ବ୍ୟାକ୍‌ଫୁଟରେ ରହିଛି।

୧୯୭୫ରୁ ଆରମ୍ଭ ହୋଇଥିବା ବିଶ୍ୱକପ୍‌ରେ ଇଂଲଣ୍ଡ ଏକମାତ୍ର ଦଳ ରୂପେ ସମସ୍ତ ବିଶ୍ୱକପ୍‌ରେ ଭାଗନେଇଛି ଏବଂ ପଞ୍ଚମ ଥର ପାଇଁ ନିଜ ମାଟିରେ ବିଶ୍ୱକପ୍ ଆୟୋଜିତ କରୁଥିବାରୁ ଦୃଢ ଦାବିଦାର ମଧ୍ୟ ରହିଛି। ଏପର୍ଯ୍ୟନ୍ତ ବିଶ୍ୱକପ୍ ଟାଇଟଲ ହାସଲ କରି ପାରି ନ ଥିବା ଇଂଲଣ୍ଡ ଟିମ୍ ସହିତ ବିଶ୍ୱକପ୍‌ରେ ଭାରତ ଖେଳିଥିବା ୭ଟି ମ୍ୟାଚରୁ ୩ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୩ଟି ମ୍ୟାଚରେ ପରାସ୍ତ ହୋଇଛି ଏବଂ ଗୋଟିଏ ମ୍ୟାଚ ଟାଇରେ ସମାପ୍ତ ହୋଇଛି। ଚଳିତ ବିଶ୍ୱକପ୍ ପାଇଁ ଶକ୍ତିଶାଳୀ ଇଂଲଣ୍ଡ ଦୃଢ ଦାବିଦାର ରହିଛି। ସେହିପରି ୬ଥର ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଥିବା ବ୍ଲାକ୍ କ୍ୟାପ ଦଳ ୨୦୧୫ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ନ୍ୟୁଜିଲାଣ୍ଡ ଦଳ ବିଶ୍ୱକପ୍‌ରେ ଟିମ୍ ଇଣ୍ଡିଆ ସହିତ ଖେଳିଥିବା ମୋଟ ୭ ମ୍ୟାଚରୁ ୪ଟିରେ ବିଜୟୀ ହୋଇ ଆଗରେ ରହିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଶ୍ୱକପ୍ ମ୍ୟାଚ ଗୁଡିକରେ ଆମର ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ୬ଥର ମୁକାବିଲା କରିଥିଲେ ମଧ୍ୟ ଗୋଟିଏ ମ୍ୟାଚରେ ବିଜୟୀ ହୋଇନାହିଁ। ଚଳିତ ବିଶ୍ୱକପ୍‌ରେ ଏହି ପରାଜୟର ଧାରାକୁ ଭାଙ୍ଗିବା ପାଇଁ ପାକିସ୍ତାନର ପୂର୍ବତନ କ୍ରିକେଟର ମୋଇନ୍ ଖାଁ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକା ସହ ଖେଳିଥିବା ୪ଟି ମ୍ୟାଚରୁ ଗୋଟିଏରେ ବିଜୟୀ ହୋଇଥିବା ବେଳେ ୩ଟି ମ୍ୟାଚରେ ପରାସ୍ତ ହୋଇଛି। ସେହିପରି ଶ୍ରୀଲଙ୍କା ସହିତ ଖେଳିଥିବା ୮ ମ୍ୟାଚରୁ ୩ଟିରେ ବିଜୟୀ ହୋଇଥିବା ବେଳେ ୪ଟି ମ୍ୟାଚରେ ପରାଜିତ ହୋଇଛି ଏବଂ ଗୋଟିଏ ମ୍ୟାଚରୁ କୌଣସି ଫଳାଫଳ ମିଳିନାହିଁ। ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ ସହ ଖେଳିଥିବା ୮ଟି ମ୍ୟାଚ ମଧ୍ୟରୁ ୫ଟିରେ ବିଜୟୀ ହୋଇଥିବା ବେଳେ ୩ଟି ମ୍ୟାଚରେ ପରାଜିତ ହୋଇଛି। ରେକର୍ଡ ଦୃଷ୍ଟିରୁ ଦେଖିବାକୁ ଗଲେ ୨୦୦୭ ବିଶ୍ୱକପ୍‌ରେ ବରମୁଡା ସହିତ ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୪୧୩ (୫ଉଇକେଟ୍) ରହିଥିବା ବେଳେ ୨୦୦୩ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ସହିତ ୧୨୫ ରନ୍ ସର୍ବନିମ୍ନ ସ୍କୋର ଅଟେ। ସଫଳ ବୋଲର ରୂପେ ଆଶିଷ ନେହେରା ୨୦୦୩ ବିଶ୍ୱକପ୍‌ରେ ୨୩ରନ୍ ଦେଇ ୬ଟି ଉଇକେଟ୍ ନେଇଥିବା ବେଳେ ସର୍ବାଧିକ ପାର୍ଟନରଶିପ୍ ରେକର୍ଡ ୩୧୮ରନ୍ ସୌରଭ ଗାଙ୍ଗୁଲି ଏବଂ ରାହୁଲ ଦ୍ରାବିଡ୍‌ଙ୍କ ମଧ୍ୟରେ ୨ୟ ଉଇକେଟ୍ ପାଇଁ ରହିଛି। ୨୦୧୫ ବିଶ୍ୱକପ୍‌ରେ ପ୍ରଥମ ଉଇକେଟ୍ ପାଇଁ ରୋହିତ ଶର୍ମା ଏବଂ ଶିଖର ଧାୱନଙ୍କ ମଧ୍ୟରେ ୧୭୨ ରନ୍ ରହିଛି। ୨୦୧୫ ବିଶ୍ୱକପ୍‌ରେ ଭାରତ ପକ୍ଷରୁ ବ୍ୟାଟିଂରେ ଷ୍ଟାଇଲିଶ୍ ଓପନର ଶିଖର ଧାୱନ ସର୍ବାଧିକ ୪୧୨ରନ୍ କରିଥିବା ବେଳେ ମହମ୍ମଦ ସାମି ୧୭ଟି ଉଇକେଟ ସହ ଆଗରେ ରହିଥିଲେ। ମହେନ୍ଦ୍ର ସିଂ ଧୋନୀ ଉଇକେଟ୍ ପଛରେ ମୋଟ ୧୫ଟି ଆଉଟ୍ କରି ଶ୍ରେଷ୍ଠ କିପର ରହିଥିଲେ।

୨୦୧୫ ବିଶ୍ୱକପ୍‌ରେ ୧୪ଟି ଟିମ୍ ଭାଗ ନେଇଥିବା ବେଳେ ମୋଟ ୪୯ଟି ମ୍ୟାଚ ଖେଳାଯାଇଥିଲା। ଅଷ୍ଟ୍ରେଲିଆ ଟିମ୍ ୫ମ ଟାଇଟଲ ହାସଲ କରିବା ସହିତ ପ୍ଲେୟର ଅଫ୍ ଦି ସିରିଜ ରୂପେ ମିଚେଲ ଷ୍ଟାର୍କ ବିବେଚିତ ହୋଇଥିବା ବେଳେ ନ୍ୟୁଜିଲାଣ୍ଡର ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ୍ ମାର୍ଟିନ ଗୁପ୍‌ଟିଲ ସର୍ବାଧିକ ୫୪୭ ଏବଂ ଷ୍ଟାର୍କ ୨୨ଟି ଉଇକେଟ୍ ନେଇ ଆଗରେ ରହିଥିଲେ।

ଅନେକ ବିବାଦୀୟ ନିଷ୍ପତ୍ତି ଯୋଗୁ ବେଶ୍ ଚର୍ଚ୍ଚାରେ ରହିଥିଲା ୨୦୧୫ ବିଶ୍ୱକପ୍। ସେଥିମଧ୍ୟରୁ ଜେମସ୍ ଟେଲରଙ୍କ ଏଲବିଡବ୍ଲ୍ୟୁ ଆଉଟ୍, ଜେମସ୍ ଆଣ୍ଡରସନ୍‌ଙ୍କ ରନ୍ ଆଉଟ୍ ଏବଂ ବାଂଲାଦେଶ ବିରୋଧରେ ରୋହିତ ଶର୍ମାଙ୍କ ନୋ ବଲ୍ ନଟ୍ ଆଉଟ୍ ଇତ୍ୟାଦି। ସମସ୍ତ ପ୍ରକାର ଟେକ୍ନୋଲୋଜିର ବ୍ୟବହାର ସତ୍ତ୍ୱେ ଅନେକ ବିବାଦୀୟ ଅମ୍ପାୟରିଂ ନିଷ୍ପତ୍ତି ଆଇସିସିକୁ ବେଶ୍ ଅଡୁଆରେ ପକାଇଥିଲା।

ଅଧିନାୟକ ବିରାଟ କୋହଲିଙ୍କ ସହିତ ଶିଖର ଧାୱାନ୍, ରୋହିତ ଶର୍ମା, ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ,ଅଲରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟା, ଫାଷ୍ଟ ବୋଲର ଯଶପ୍ରୀତ ବୁମରା, ଭୁବନେଶ୍ୱର କୁମାର ଇଂଲଣ୍ଡର ସୁଇଁ କଣ୍ଡିଶନରେ ଭଲ ପ୍ରଦର୍ଶନ କଲେ ଟିମ୍ ଇଣ୍ଡିଆ ଆଉ ଏକ ବିଶ୍ୱକପ୍ ଟାଇଟଲ୍ ଜିତିବା ଅସମ୍ଭବ ନୁହେଁ। ଗୁଡ୍‌ଲକ୍ ଟିମ୍ ଇଣ୍ଡିଆ।

–ନିର୍ମଳ କୁମାର ମିଶ୍ର

“ଜିଓ ଦ୍ୱାରା ୩୦୦ ନିୟୁତରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ ସହ ଭଏସ୍ ଏବଂ ଡାଟା କ୍ଷେତ୍ରରେ ଅଭୂତପୂର୍ବ ଅଭିବୃଦ୍ଧି ହାସଲ କରିଛୁ।

–ମୁକେଶ ଅମ୍ବାନୀ, ରିଲାଏନ୍ସ ଇଣ୍ଡଷ୍ଟ୍ରୀ ଅଧ୍ୟକ୍ଷ



“ମାଇକ୍ରୋ ବ୍ୟାଙ୍କିଙ୍ଗ, କାର୍ଡ ସହ ବୃହତ୍ତ କର୍ପୋରେଟ କ୍ଷେତ୍ରରେ କାରବାର ଉନ୍ନତ ହେବାରୁ ବ୍ୟାଙ୍କର ଚତୁର୍ଥ ତ୍ରୈମାସ ଲାଭରେ ଉନ୍ନତି ଆସିଛି।

– ବିଶ୍ୱବୀର ଆହୁଜା, ଏମ୍‌ଡି,ଆର୍‌ବିଏଲ୍ ବ୍ୟାଙ୍କ



## ସଂକ୍ଷେପରେ

### ଫେବୃୟାରୀରେ ଟେଲିକମ୍ ଗ୍ରାହକଙ୍କ ସଂଖ୍ୟା ୧୨୦.୫୪ କୋଟି



**ନୂଆଦିଲ୍ଲୀ,୧୮-୪:** ରିଲାଏନ୍ସ ଜିଓ ଓ ବିଏସ୍‌ଏନ୍‌ଏଲ ଯୁଗ୍ମ ରୂପରେ ୮୬.୩୯ ନୂଆ ଟେଲିକମ ଗ୍ରାହକ ଯୋଡିଛନ୍ତି। ତେବେ ଅନ୍ୟ ଟେଲିକମ ଅପରେଟରଙ୍କ ଗ୍ରାହକଙ୍କ ସଂଖ୍ୟା ୬୯.୯୩ ଲକ୍ଷ ହ୍ରାସ ପାଇଛି। ଭୋଡାଫୋନ ଆଇଡିଆର ସର୍ବାଧିକ ଗ୍ରାହକ ହ୍ରାସ ପାଇଛନ୍ତି। ଟ୍ରାଇର ମାସିକ ରିପୋର୍ଟ ଅନୁସାରେ ଫେବୃୟାରୀରେ ଦେଶରେ ଟେଲିକମ ଗ୍ରାହକଙ୍କ ସଂଖ୍ୟା ୧୨୦.୫୪ କୋଟିରେ ପହଞ୍ଚି ଯାଇଛି। ଯାହା କି, ଜାନୁୟାରୀରେ ୧୨୦.୩୭ କୋଟି ଥିଲା। ଏଥିରେ ମୋବାଇଲ ସଂଯୋଗ ସଂଖ୍ୟା ୧୧୮.୩୬ କୋଟି ରହିଛି। ଏହି ଅବଧିରେ ରିଲାଏନ୍ସ ଜିଓ ୭୭.୯୩ ଲକ୍ଷ ନୂଆ ସଂଯୋଗ ଦେଇପାରିଛି ଏବଂ ଏହାର ମୋଟ ଗ୍ରାହକଙ୍କ ସଂଖ୍ୟା ୨୯.୭ କୋଟିରେ ପହଞ୍ଚି ଯାଇଛି। ସେହିପରି ବିଏସ୍‌ଏନ୍‌ଏଲ ୯ ଲକ୍ଷ ନୂଆ ମୋବାଇଲ ଗ୍ରାହକ ଯୋଡି ପାରିଛି ଏବଂ ଏହାର ଗ୍ରାହକ ସଂଖ୍ୟା ୧୧.୬୨ କୋଟି ହୋଇଛି। ତେବେ ଦେଶର ସର୍ବବୃହତ ଟେଲିକମ କମ୍ପାନୀ ଭୋଡାଫୋନ ଆଇଡିଆର ଗ୍ରାହକ ସଂଖ୍ୟା ୫୭.୮୭ ଲକ୍ଷ କମିଲା, ଫଳରେ ଏହାର ଗ୍ରାହକ ସଂଖ୍ୟା ଏବେ ୪୦.୯୩ କୋଟି ହୋଇଛି। ଟାଟା ଟେଲିସର୍ଭିସର ୧୧.୪୭ ଲକ୍ଷ ଗ୍ରାହକ କମିଛନ୍ତି। ଏୟାରଟେଲର ୪୯,୮୯୬, ଏମ୍‌ଟିଏନଏଲର ୪୬୫୨ ଏବଂ ରିଲାଏନ୍ସ କମ୍ୟୁନିକେଶନ୍ସର ୩୬୧୧ ଗ୍ରାହକ ହ୍ରାସ ପାଇଛି।

# ଏବେ ବି ଜେଟ୍‌ର ଉଡ଼ିବା ଆଶା

ନୂଆଦିଲ୍ଲୀ,୧୮-୪

ଆର୍ଥିକ ସଙ୍କଟ କାରଣରୁ ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜ ଦୀର୍ଘ ୨୫ ବର୍ଷ ପରେ ଉଡ଼ାଣ ତଥା ପରିଚାଳନା ବନ୍ଦ କରିଦେଇଛି। ଏବେ ପୁନର୍ବାର କେବେ ଏହା ଉଡ଼ିବ ସେ ନେଇ କାହା ନିକଟରେ ଉତ୍ତର ନାହିଁ। ସମସ୍ତେ ଚାହୁଁଛନ୍ତି ଜେଟ୍ ଏୟାରୱେଜ ପୁଣିଥରେ ଉଡୁ। ଏହାରି ଭିତରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ଗୁରୁବାର କମ୍ପାନୀକୁ ଠୋସ୍ ଏବଂ ବିଶ୍ୱାସଯୋଗ୍ୟ ପୁନରୁଦ୍ଧାର ଯୋଜନା ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେବାପରେ ଜେଟ୍‌ର ଉଡିବା ନେଇ ଆଶା ଉଜ୍ଜୀବିତ ହୋଇଛି।

ଡିଜିସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ନିୟାମକୀୟ ସମ୍ପର୍କିତ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପରେ ପୁନରୁଦ୍ଧାର ପ୍ରକ୍ରିୟା ନେଇ ପଦକ୍ଷେପ ନିଆଯିବ। ବିଗତ କିଛି ସପ୍ତାହର ଅନିଶ୍ଚିତତା ପରେ ଜେଟ୍ ଏୟାରୱେଜ ଏହାର କାମ ବନ୍ଦ କରିଦେଇଛି। ଏୟାରଲାଇନ କାମ ଜାରି ରଖିବା ଲାଗି ଋଣପ୍ରଦାନକାରୀଙ୍କଠାରୁ ଜରୁରୀ ପାଣ୍ଠି ମାଗିଥିଲା। ଏହା ନ ମିଳିବାରୁ ମ୍ୟାନେଜମେଣ୍ଟ ନିକଟରେ କମ୍ପାନୀ ବନ୍ଦ କରିବା ଛଡ଼ା ଅନ୍ୟ ବିକଳ୍ପ ନ ଥିଲା। ଅନ୍ୟପକ୍ଷରେ ଜେଟ ଏୟାରୱେଜ ବନ୍ଦ ହୋଇଯିବାର ଦିନକ ପରେ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ନେତୃତ୍ୱରେ ଋଣପ୍ରଦାନକାରୀମାନେ ଏବେ ସୁଦ୍ଧା କମ୍ପାନୀକୁ ବଞ୍ଚାଇବାକୁ ଆଶାବାନ୍ଧି



### ଡିଜିସିଏ ମାଗିଲା ପୁନରୁଦ୍ଧାର ଯୋଜନା

ବସିଛନ୍ତି। ବିଡିଂ ପ୍ରକ୍ରିୟା ସୁରୁଖୁରୁରେ ହୋଇଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏକ ବିବୃତି ଜାରି କରି କୁହାଯାଇଛି ଯେ, ବିଡିଂ ପ୍ରକ୍ରିୟା ମାଧ୍ୟମରେ ଜେଟ୍ ଏୟାରୱେଜକୁ ବଞ୍ଚାଇବାର ଏକମାତ୍ର ପନ୍ଥା ରହିଛି। ଏଥିପାଇଁ ଋଣପ୍ରଦାନକାରୀ ଏକମତ ବୋଲି କୁହାଯାଇଛି। କାରଣ ବିଡିଂ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ କେତେକ କମ୍ପାନୀ ଆଗ୍ରହ ଦେଖାଇଥିବାରୁ ଆଶା ଜାଗ୍ରତ ହୋଇଛି ବୋଲି ସେମାନେ କହିଛନ୍ତି। ସୂଚନାଥାଉ କି, ଏସ୍‌ବିଆଇ ନେତୃତ୍ୱରେ ୨୬ ଋଣପ୍ରଦାନକାରୀଙ୍କୁ ନେଇ ଗଠିତ କନସୋର୍ଟିୟମ ଜେଟ୍ ଏୟାରୱେଜର ୫୧ ପ୍ରତିଶତ ଅଂଶଧନ ହାସଲ କରିବା ପରେ କମ୍ପାନୀକୁ ବିକ୍ରି କରିଦେବା ଲାଗି ବିଡ୍ ଆହ୍ୱାନ କରିଛନ୍ତି। ଗତ ୧୬ରେ ବିଡ୍ ଦସ୍ତାବିଜ ପ୍ରଦାନ କରାଯାଇଛି। ନିଲାମ ପ୍ରକ୍ରିୟା ସୁରୁଖୁରୁରେ ହୋଇଯିବ ଏବଂ ଜେଟ୍‌କୁ ଭଲ ଦାମ ମିଳିଯିବ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି। ବିଡ୍ ଫାଇନାଲ ପ୍ରକ୍ରିୟା ପର୍ଯ୍ୟନ୍ତ ଆମକୁ ଅପେକ୍ଷା କରିବାକୁ ହେବ ବୋଲି ଜେଟ୍ ଏୟାରୱେଜ ସିଇଓ ବିନୟ ଦୁବେ ବୁଧବାର କର୍ମଚାରୀଙ୍କୁ ପଠାଇଥିବା ଭାବବିହ୍ୱଳ ଇ-ମେଲ୍‌ରେ ଲେଖିଛନ୍ତି। ଆମ ପାଇଁ ଏବେ ବି ନୂଆ ଆଶା ରହିଛି। ସୂଚନାଥାଉ କି, ଜେଟ ଏୟାରୱେଜ ଉପରେ ୨୬ ବ୍ୟାଙ୍କର ପ୍ରାୟ ୮୫୦୦ କୋଟି ଟଙ୍କା ଋଣ ରହିଛି।

### ସଙ୍କଟରେ ୨୦,୦୦୦ କର୍ମଚାରୀଙ୍କ ଭବିଷ୍ୟତ

ଜେଟ ଏୟାର ସାମୟିକ ଭାବେ ଏହାର ଉଡାଣକୁ ବୁଧବାର ରାତିରୁ ବନ୍ଦ କରି ଦେଇଥିବା ବେଳେ ବିମାନ କମ୍ପାନୀରେ କାର୍ଯ୍ୟ କରୁଥିବା ୨୦,୦୦୦ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯାଇଛି। କମ୍ପାନୀ କେବେ ପୁଣି ଚାଲିବ ତାର ଠିକ୍ ଠିକଣା ନାହିଁ। କର୍ମଚାରୀଙ୍କ ଭବିଷ୍ୟତ କ'ଣ ହେବ ତାକୁ ନେଇ ବର୍ତ୍ତମାନ ସ୍ଥିତିରେ କିଛି କହି ହେବ ନାହିଁ ବୋଲି କମ୍ପାନୀର ସିଇଓ ବିନୟ ଦୁବେ କହିଛନ୍ତି। ସେହିଭଳି ଅଂଶଧନ ବିକ୍ରି ପରେ ନିଯୁକ୍ତି ସ୍ଥାୟିତ୍ୱ ନେଇ ସେ କିଛି କହିବାକୁ ମନା ଦେଇଛନ୍ତି। ବିମାନ କମ୍ପାନୀରେ କର୍ମଚାରୀଙ୍କ ୩ ମାସର ବେତନ ବକେୟା ଅଛି। ସଙ୍କଟ କାରଣରୁ ପ୍ରାୟ ୪୦୦ ପାଇଲଟ କମ୍ପାନୀ ଛାଡିଥିବା ବେଳେ ଜେଟ୍ ନିକଟରେ ଆଉ ୧୩୦୦ ପାଇଲଟ ଅଛନ୍ତି।

### ଜେଟ୍‌ର ୫ ବୋଇଂ ବିମାନ ମାଗିଲା ଏୟାର ଇଣ୍ଡିଆ

ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ଜେଟ୍ ଏୟାରୱେଜର ୫ ବୋଇଂ ୭୭୭ ବିମାନ ଲିଜ୍‌ରେ ନେବାକୁ ପ୍ରସ୍ତାବ ଦେଇଛି। ବିମାନ ପାଇଁ ଏହା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ କହିଛି। ଏୟାର ଇଣ୍ଡିଆ ଫ୍ଲିଟ୍ ବୃଦ୍ଧି ଲାଗି ଏଭଳି ପ୍ରସ୍ତାବ ରଖିଛି। ଦିଲ୍ଲୀରୁ ଲଣ୍ଡନ, ଦୁବାଇ,ସିଙ୍ଗାପୁର ଏବଂ ମୁମ୍ବାଇରୁ ଲଣ୍ଡନ ଏବଂ ଦୁବାଇକୁ ଅଧିକ ବିମାନ ଚଳାଇବା ଲକ୍ଷ୍ୟରେ ଏୟାର ଇଣ୍ଡିଆ ଏଭଳି ପଦକ୍ଷେପ ଗ୍ରହଣ କରୁଛି।

### ଭାରତୀୟ ବିମାନ ଶିଳ୍ପ ଲାଗି ଦୁର୍ଭାଗ୍ୟଜନକ:ଲୋହାନି

ଜେଟ୍ ଏୟାରୱେଜର ଏଭଳି ସ୍ଥିତି ଭାରତୀୟ ବିମାନ ଶିଳ୍ପ ଲାଗି ଏକ ଦୁର୍ଭାଗ୍ୟଜନକ ସ୍ଥିତି ବୋଲି ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆର ସିଏମ୍‌ଡି ଅଶ୍ୱିନୀ ଲୋହାନି କହିଛନ୍ତି। ଗତ ୨୫ ବର୍ଷ ଧରି ସେବା ଯୋଗାଉଥିବା ଏଭଳି ଏକ ବିମାନ କମ୍ପାନୀ ବନ୍ଦ ହେବା ବିମାନ ଶିଳ୍ପ ଲାଗି ଏକ ଦୁଃଖଦ ସ୍ଥିତି ସୃଷ୍ଟି କରିଛି ବୋଲି ଲୋହାନି କହିଛନ୍ତି।

### ସେବାକୁ ଝୁରୁଛନ୍ତି ପାସେଞ୍ଜର

ଜେଟ୍ ଏୟାରୱେଜର ସେବାକୁ ଏବେ ମଧ୍ୟ ପାସେଞ୍ଜର ଭୁଲି ନାହାନ୍ତି। ଏକ ଏୟାର ଟାକ୍ସି ଅପରେଟରରୁ ଆରମ୍ଭ ହୋଇଥିବା ଏହି କମ୍ପାନୀର ସେବା ଗ୍ରାହକଙ୍କ ମଧ୍ୟରେ ଅଭୁଲା ହୋଇ ରହିଛି। ଏହାର ପ୍ରଥମ ଉଡାଣ ଅମୃତସରରୁ ଅହମ୍ମଦାବାଦ ରହିଥିବା ବେଳେ କମ୍ପାନୀର ଶେଷ ଉଡାଣ ମୁମ୍ବାଇରୁ ଦିଲ୍ଲୀ ରହିଥିଲା।

### ୩୨% ଖସିଲା ଷ୍ଟକ

ଜେଟ୍‌ର ବିମାନ ସେବା ବନ୍ଦ ଘୋଷଣା ହେବା ପରେ କମ୍ପାନୀର ଷ୍ଟକ୍ କାରବାର ପ୍ରଭାବିତ ହୋଇଛି। ଗୁରୁବାର ଶେୟାର ବଜାରର କାରବାରରେ ଏହାର ଷ୍ଟକ ୩୨% ହ୍ରାସ ଘଟିଥିବା ଜଣା ପଡିଛି।

### ୨୧ ବର୍ଷରେ ବୁଡିଛନ୍ତି ୧୨ ବିମାନ କମ୍ପାନୀ

*ତଥ୍ୟ ମୁତାବକ ଗତ ୨୧ ବର୍ଷରେ ୧୨ ବିମାନ କମ୍ପାନୀ ବନ୍ଦ ହୋଇଯାଇଛି। ବନ୍ଦ ହୋଇଥିବା ବିମାନ କମ୍ପାନୀଗୁଡିକ ମଧ୍ୟରେ...*

**ବାୟୁଦୂତ:** ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଏୟାର ଲାଇନ୍ସ ଏବଂ ଏୟାର ଇଣ୍ଡିଆର ମିଳିତ ସହଭାଗିତାରେ ୧୯୮୧ରେ ଆରମ୍ଭ ହୋଇଥିବା ବାୟୁଦୂତ ୧୯୮୭ରେ ବନ୍ଦ ହୋଇଥିଲା।

**ସାହାରା ଏୟାରଲାଇନ୍ସ:** ୧୯୯୧ରେ ସାହାରା ଗ୍ରୁପ ଏହି କମ୍ପାନୀ ଦ୍ୱାରା ବିମାନ ସେବା କ୍ଷେତ୍ରରେ ପ୍ରବେଶ କରିଥିଲା। ୨୦୦୭ରେ ଏହାକୁ ଜେଟ୍ କ୍ରୟ କରିଥିଲା।

**ଇଷ୍ଟ ୱେଷ୍ଟ ଏୟାର ଲାଇନ:** ୧୯୯୨ରେ ବିମାନ ସେବା ଆରମ୍ଭ କରିଥିବା ଏହି କମ୍ପାନୀ ବିଭିନ୍ନ ଆର୍ଥିକ ଅସୁବିଧା ଯୋଗୁ ୧୯୯୬ରେ ବନ୍ଦ ହୋଇଥିଲା। ସେହିଭଳି ୧୯୭ରେ **ଏନ୍‌ଇପିସି** ବିମାନ କମ୍ପାନୀ ବନ୍ଦ ହୋଇଥିଲା।

**କିଙ୍ଗଫିସର:** ଅକ୍ଟୋବର ୨୦୧୨ରେ କିଙ୍ଗଫିସର ବନ୍ଦ ହୋଇଥିବାବେଳେ ଅନ୍ୟ କିଛି କମ୍ପାନୀ ମଧ୍ୟରେ ଜୁଲାଇ ୨୦୧୬ରେ **ପେଗ୍‌ସସ,** ଫେବୃୟାରୀ ୨୦୧୭ରେ **ଏୟାର କୋଷ୍ଟା,** ଏପ୍ରିଲ ୨୦୧୭ରେ **ଏୟାର କାର୍ନିଭାଲ,** ଜୁଲାଇ ୨୦୧୮ରେ **ଜୁମ୍ ଏୟାର** ଭଳି ବିମାନ କମ୍ପାନୀ ରହିଛନ୍ତି।

## ହୋଣ୍ଡା ବିଗ୍‌ୱିଙ୍ଗ ଶୁଭାରମ୍ଭ

ଭୁବନେଶ୍ୱର,୧୮-୪

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ନୂଆ ପ୍ରିମିୟମ ବାଇକ ବ୍ୟବସାୟ 'ହୋଣ୍ଡା ବିଗ୍ ୱିଙ୍ଗ' ଶୁଭାରମ୍ଭ ହୋଇଛି। କମ୍ପାନୀ ସିଇଓ ମିନୋରା କାଟୋ ଏହାର ଉନ୍ମୋଚନ କରିଛନ୍ତି। ନୂଆ ଶୋ'ରୁମ ଗୁରୁଗ୍ରାମର ଇଫକୋ ଛକସ୍ଥିତ ଏବିକ୍ସ୍ ଟାୱାରରେ ଖୋଲିଛି। କମ୍ପାନୀର ପ୍ରିମିୟମ ବାଇକ ବିକ୍ରି ପାଇଁ ଏହା ଆରମ୍ଭ ହୋଇଛି। ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ଭିନ୍ନ ଅନୁଭୂତି ଓ ରୋମାଞ୍ଚ ପ୍ରଦାନ କରିବା ଦିଗରେ ଏଭଳି ପଦକ୍ଷେପ କମ୍ପାନୀ ଗ୍ରହଣ କରିଛି। ଦେଶରେ ପ୍ରିମିୟମ ବାଇକ ବିକ୍ରି ଦ୍ରୁତ ହାରରେ ବୃଦ୍ଧି ଘଟୁଥିବାରୁ ଏହାକୁ ନେଇ କମ୍ପାନୀ ଯୋଜନା ହାତକୁ ନେଇଛି। ଏହି ଶୋ'ରୁମରେ ଗ୍ରାହକମାନେ ଗୋଲ୍ଡ ୱିଙ୍ଗ, ଆଫ୍ରିକା ଟ୍ୱିନ,ସିବି ୩୦୦ ଆର୍ ବାଇକ ଲାଭ କରିପାରିବେ। ପ୍ରିମିୟମ ମୋଟର ସାଇକେଲ କାରବାରକୁ ସମ୍ପ୍ରସାରଣ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସିଇଓ କାଟୋ କହିଛନ୍ତି।



## ଗଡ଼ିବ ଆଉ ୩ ମେମୁ ଟ୍ରେନ

ଭୁବନେଶ୍ୱର,୧୮-୪



### ଯାତ୍ରୀଙ୍କ ପାଇଁ ଖୁସି ଖବର

ବର୍ତ୍ତମାନ ପ୍ରଚଳିତ ୩ ଲୋକାଲ ଟ୍ରେନ ବଦଳରେ ନୂଆ କରି ଆଉ ୩ ମେମୁ ଟ୍ରେନ ଚଳାଇବା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତ୍ତି ହୋଇଛି। ଚଳିତ ସପ୍ତାହଠାରୁ ଏହା ଚଳାଚଳ କରିବ। ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର,ଭୁବନେଶ୍ୱର-ବ୍ରହ୍ମପୁର, ଭୁବନେଶ୍ୱର, ଭୁବନେଶ୍ୱର-ପଲାସା-ଭୁବନେଶ୍ୱର ଲୋକାଲ ଟ୍ରେନ ବଦଳରେ ମେମୁ ଟ୍ରେନ ଗଡିବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ନୂଆ ମେମୁ ଟ୍ରେନ ପ୍ରଚଳନ ହେବା ପରେ ବର୍ତ୍ତମାନ ପ୍ରଚଳିତ ଲୋକାଲ ଟ୍ରେନଗୁଡିକୁ ଅପସାରଣ କରାଯିବ। ସେହିଭଳି ଟ୍ରେନଗୁଡିକ ନୂତନ ନମ୍ବର ହୋଇ ଚାଲିବ।

ଭୁବନେଶ୍ୱରଠାରୁ ଚଳିତ ମାସ ୨୦ ଏବଂ ଭଦ୍ରକଠାରୁ ୨୧ରେ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ମେମୁ ଆରମ୍ଭ ହେବ। ସେହିଭଳି ଉଭୟ ଦିଗରୁ ଚଳିତ ମାସ ୨୧ରୁ ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ମେମୁ, ସମାନ ଦିନରେ ଭୁବନେଶ୍ୱରଠାରୁ ଭୁବନେଶ୍ୱର-ପଲାସା-ଭୁବନେଶ୍ୱର ମେମୁ ଆରମ୍ଭ କରାଯିବ। ଏହା ପଲାସାଠାରୁ ୨୨ରେ ଲୋକାଲ ଟ୍ରେନ ପରିବର୍ତ୍ତେ ଚଳାଚଳ କରିବ। ଟ୍ରେନଗୁଡିକର ରକ୍ଷଣାବେକ୍ଷଣ ଦିନ ମାନଙ୍କରେ ଯାତ୍ରୀ ସୁବିଧା ଲାଗି ପୂର୍ବ ପ୍ରଚଳିତ ଲୋକାଲ ଟ୍ରେନ ଚାଲିବ। ମେମୁ ଟ୍ରେନଗୁଡିକ ପୂର୍ବ ପ୍ରଚଳିତ ସମୟ ସାରଣୀ ଅନୁଯାୟୀ ଯାତ୍ରା କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

DSPL - 05





## ପଶୁପକ୍ଷୀଙ୍କୁ ଅଂଶୁଘାତରୁ ରକ୍ଷା ପାଇଁ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ

- ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଟାଣ ଖରାରେ ଗୋରୁଙ୍କୁ ବାହାରକୁ ନଛାଡ଼ି ଗୁହାଳରେ କିମ୍ବା ଛାଇ ସ୍ଥାନରେ ରଖନ୍ତୁ।
- ପଶୁପକ୍ଷୀଙ୍କୁ ଆବଦ୍ଧ ଘରେ ନରଖି ମୁକ୍ତ ବାୟୁ ଚଳାଚଳ ଘରେ ରଖନ୍ତୁ ଏବଂ ଅଯଥାରେ ଗହଳି କରି ରଖିବାକୁ ଦିଅନ୍ତୁ ନାହିଁ।
- ପ୍ରାଣୀଙ୍କୁ ଖରା ସମୟରେ ହଳ କାର୍ଯ୍ୟ, ବେଙ୍ଗଳା ପକା, ତେଲ ଘଣା, ପରିବହନ ଆଦି କାର୍ଯ୍ୟରେ ନିୟୋଜିତ କରନ୍ତୁ ନାହିଁ।
- ପ୍ରାଣୀଙ୍କ ଖାଦ୍ୟରେ ଦୈନିକ ଧାତବ ଲବଣ ମିଶ୍ରିତ ଭିଟାମିନ୍ ଗୁଣ୍ଡ ୪ରୁ ୬ଚାମଚ ଓ ଲୁଣ ୫୦ ଗ୍ରାମ ଖାଇବାକୁ ଦିଅନ୍ତୁ।
- ପୋଷା ପଶୁପକ୍ଷୀଙ୍କୁ ନିବୁଜ ଗାଡ଼ି ବା କ୍ରେଟ୍ ମଧ୍ୟରେ ପରିବହନ ବା ସ୍ଥାନାନ୍ତରିତ କରନ୍ତୁ ନାହିଁ।
- ପଶୁପକ୍ଷୀମାନଙ୍କୁ ସ୍ୱଚ୍ଛ ଥଣ୍ଡା ପିଇବା ପାଣି ପିଇବାକୁ ଦିଅନ୍ତୁ ଏବଂ ବାହାରର ନାଳ, ନର୍ଦ୍ଦମା ବା ପୋଖରୀର ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ।
- ପ୍ରାଣୀଙ୍କ ବିଶ୍ରାମ ସ୍ଥାନ ବା ଗୋଠରେ ଜଳକୁଣ୍ଡର ବ୍ୟବସ୍ଥା କରନ୍ତୁ।
- ଗୁହାଳର ଆଜ୍‌ବେଷ୍ଟସ କିମ୍ବା ଟିଣ ଛପର ଉପରେ ନଡ଼ା କିମ୍ବା କଞ୍ଚା ଡ଼ାଳପତ୍ର ବିଛାଇ ରଖନ୍ତୁ।
- ଗୁହାଳ ଓ କୁକୁଡ଼ା ଘର କବାଟ ଝରକାରେ ଜାଲି ଥିବା ଓଦା ଅଖା ଝୁଲାନ୍ତୁ ଏବଂ ମଝିରେ ମଝିରେ ପାଣି ସିଞ୍ଚନ କରନ୍ତୁ।
- ପ୍ରାଣୀଙ୍କୁ ଦିନକୁ ଥରେ କମ୍ବା ଆବଶ୍ୟକସ୍ଥଳେ ୨ ରୁ ୩ଥର ଗାଧୋଇ ଦିଅନ୍ତୁ।
- କୁକୁଡ଼ା ଘରର ଲିଟରକୁ ଉପଯୁକ୍ତ ପରିଚାଳନା କରିବା ସଙ୍ଗେ ସଙ୍ଗେ ପିଇବା ପାଣି ପ୍ରତି ୨-୩ ଘଂଟା ବ୍ୟବଧାନରେ ବଦଳାନ୍ତୁ।
- ପ୍ରାଣୀଙ୍କୁ ସକାଳେ ଓ ସନ୍ଧ୍ୟାବେଳେ ପୁଷ୍ଟିକର ସନ୍ତୁଳିତ ଖାଦ୍ୟ ଖାଇବାକୁ ଦେବା ସହିତ ଦିନରେ ସବୁଜ ଘାସ, ନଡ଼ା, କୁଟା ଆଦି ଗାଈକୁ ଖାଇବାକୁ ଦିଅନ୍ତୁ।
- **ପ୍ରାଣୀଙ୍କୁ ଅଂଶୁଘାତ ହେବାର ଲକ୍ଷଣଗୁଡ଼ିକ ହେଲା :** ପଶୁପକ୍ଷୀମାନେ କିଛି ଖାଆନ୍ତି ନାହିଁ, କ୍ଷୀଣ ଦୁର୍ବଳ ଅବସନ୍ନ ଦେଖାଯାନ୍ତି, ଶ୍ୱାସକ୍ରିୟା ଓ ନାଡ଼ିର ବେଗ ବଢ଼ିଯାଏ, ପାଟି ବାଟେ ନିଶ୍ୱାସ ନେବା ସହିତ ଧକେଇ ହୁଅନ୍ତି, ଜିଭ ପଦାକୁ ସମୟେ ସମୟେ ବାହାରିଥାଏ, ପାଟିରୁ ଓ ନାକପୁଡ଼ାରୁ ଫେଣ ପରି ନିର୍ଗତ ହୁଏ, ଆଖିର ଶ୍ଳେଷ୍ମାଝିଲ୍ଲୀ ଲାଲ ଦିଶେ, ଫୁସ୍‌ଫୁସ୍‌ର ଗତି ବଦଳିଯାଏ, ଶରୀରର ଉତ୍ତାପ ୧୦୬-୧୧୦ ଡିଗ୍ରୀ ଫାରେନ୍‌ହାଇଟ ବୃଦ୍ଧି ପାଇ ସ୍ଥିର ରୁହେ, ଶ୍ୱାସକେନ୍ଦ୍ର ଏବଂ ସ୍ନାୟୁରେ ପକ୍ଷାଘାତ ବା ପାରାଲିସିସ୍ ହୁଏ, ଶେଷଆଡ଼କୁ ଶରୀରର ଉତ୍ତାପ କମିଯାଏ ଏବଂ ପ୍ରାଣୀମାନେ ମୃତ୍ୟୁବରଣ କରନ୍ତି।
- ପ୍ରାଣୀଙ୍କୁ ଅଂଶୁଘାତ ହେଲେ ଆକ୍ରାନ୍ତ ପ୍ରାଣୀଙ୍କୁ ତୁରନ୍ତ ଥଣ୍ଡା ଛାଇ ସ୍ଥାନକୁ ସ୍ଥାନାନ୍ତରିତ କରନ୍ତୁ, ପ୍ରଚୁର ଥଣ୍ଡା ପିଇବା ପାଣି ପ୍ରଦାନ କରିବା ସଙ୍ଗେ ସଙ୍ଗେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହିତ ପରାମର୍ଶ ସହ ସ୍ଥାନୀୟ ନିୟୋଜିତ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ବ୍ୟବସ୍ଥାର ସାହାଯ୍ୟ ନିଅନ୍ତୁ।



"ମନେରଖନ୍ତୁ:ଅଂଶୁଘାତରୁ ପଶୁପକ୍ଷୀଙ୍କୁ ରକ୍ଷା କରିବା ଆପଣଙ୍କର ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ। ଏଥିରେ ଅବହେଳା କରନ୍ତୁ ନାହିଁ।"

ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ,
ଓଡ଼ିଶା, କଟକ

06042/13/0001/1920

**BERHAMPUR UNIVERSITY**
BHANJA BIHAR, BERHAMPUR-760007 (ODISHA)
No. 2681/Store/19 Date:10/04/2019

**TENDER CALL NOTICE**

Sealed quotations superscribed with **"QUOTATION FOR HIRING VEHICLE"** are invited from **Regd. Transport Agencies/ Vehicle Owners (having fitness certificate and GST A/C)** for supply of **Mini Trucks akin to Tata-407** make on hired basis for transportation of examination related materials to different Colleges in Ganjam, Gajapati, Kandhamal, Koraput, Rayagada, Malkangirl and Nabarangapur District as and when required by the University during the FY 2019-2020.

Eligible bidders shall send the rate contract mentioning the fare per kilometer/ day on or before **04.05.2019 by 3.00 p.m.** along with the supportive documents to the undersigned by Speed Post/ Registered Post. The quotations will be opened the same day at **3.30 p.m.** by the undersigned in presence of the bidders/ their representatives. The undersigned reserves the right to cancel one of all quotations without assigning any reason thereof.

**Sd/- REGISTRAR**

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଟେଣ୍ଡର ବିଜ୍ଞପ୍ତି ସଂ. 01/ET/SBP/ENGG/2019-20, ତା: 11.04.2019

(1) ଇ-ଟେଣ୍ଡର ସଂ. 01-eT-DENC-SBP-19
**କାର୍ଯ୍ୟର ନାମ :** 24 ମାସ ସମୟାବଧି ନିମନ୍ତେ ସମ୍ବଲପୁର ସ୍ଥିତ ଅଧିକାରୀ ବିଶ୍ରାମ ଗୃହ, ଅଧସ୍ତନ ବିଶ୍ରାମ ଗୃହ, ଅଧିକାରୀ ମନୋରଞ୍ଜନ କ୍ଲବ୍ , ବ୍ୟାଡ୍‌ମିଣ୍ଟନ୍ ହଲ୍, ରେଳବାଇ ବିଦ୍ୟୁତୀକରଣ ବିଶ୍ରାମଗୃହ (ସମ୍ବଲପୁର ଷ୍ଟେସନର ପ୍ରଥମ ମହଲା) ଏବଂ ସିନିୟର ସେକ୍ସନ ଇଞ୍ଜିନିୟର ଓ ଜୁନିୟର ଇଞ୍ଜିନିୟର ବିଶ୍ରାମଗୃହର ଯାନ୍ତ୍ରିକ ସଫେଇ ଓ ସ୍ୱଚ୍ଛତା (ବଜାୟ ରଖିବାପାଇଁ)ର ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹34,95,389.65, EMD : ₹ 70,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 3,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 24 (ଚବିଶି) ମାସ।

(2) ଇ-ଟେଣ୍ଡର ସଂ. 02-eT-DENC-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ଠାରେ ସିୱେଜ୍ ପାଇପ୍ ନେଟ୍‌ୱାର୍କ ସହିତ 250 KLD କ୍ଷମତା ବିଶିଷ୍ଟ ସିୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ୍‌ର ନିର୍ମାଣ ତଥା 06 ମାସର ପ୍ରାରମ୍ଭିକ ରକ୍ଷଣାବେକ୍ଷଣ ଅବଧି ସମାପ୍ତ ହେବା ପରେ 03 ବର୍ଷ ନିମନ୍ତେ ଏହି ପ୍ଲାଣ୍ଟ୍‌ର ରକ୍ଷଣାବେକ୍ଷଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,15,97,990.85, EMD : ₹ 2,08,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 06 (ଛଅ) ମାସ।

(3) ଇ-ଟେଣ୍ଡର ସଂ. 03-eT-DENC-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବୃନ୍ଦାମାଲ ଷ୍ଟେସନ ଠାରେ ପ୍ଲାଟ୍‌ଫର୍ମ ନଂ. 1 ଓ 2 ର ପ୍ଲାଟ୍‌ଫର୍ମ କାନ୍ଥ, ଲପଙ୍ଗା ଠାରେ ପ୍ଲାଟ୍‌ଫର୍ମ ନଂ. 1 ଓ 2 ଏବଂ ବୃନ୍ଦାମାଲ ଠାରେ ପ୍ଲାଟ୍‌ଫର୍ମ ନଂ. 1 ଓ 2 ର ପ୍ଲାଟ୍‌ଫର୍ମ ଚଟାଣର ଉନ୍ନତିକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,43,79,225.76, EMD : ₹ 2,71,900.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 10,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 04 (ଚାରି) ମାସ।

(4) ଇ-ଟେଣ୍ଡର ସଂ. 01-eT-SDENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.Way) / କଣ୍ଟାବାଞ୍ଜିଙ୍କ ଅଧିକାରକ୍ଷେତ୍ର ଅଧିନରେ ବିବିଧ P.Way ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,98,08,450.46, EMD : ₹ 2,49,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

(5) ଇ-ଟେଣ୍ଡର ସଂ. 02-eT-SDENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.Way) / ମହାସମୁନ୍ଦଙ୍କ ଅଧିକାରକ୍ଷେତ୍ର ଅଧିନରେ ବିବିଧ P.Way ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,00,22,267.52, EMD : ₹ 2,50,200.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 10,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

(6) ଇ-ଟେଣ୍ଡର ସଂ. 03-eT-SDENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଆରଙ୍ଗମହାନଦୀ - ରହେନବଟା ସେକ୍ସନରେ ଡ଼ିସ୍‌ଟେମ୍ପର୍, ସ୍ନୋସେମ୍ (Snowcem) ଏବଂ ରଙ୍ଗ ଦ୍ୱାରା କର୍ମଚାରୀ ବାସଗୃହ ଓ ସର୍ଭିସ୍ ବିଲ୍ଡିଂ ଗୁଡ଼ିକର ମରାମତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,39,23,598.30, EMD : ₹ 2,19,700.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 06 (ଛଅ) ମାସ।

(7) ଇ-ଟେଣ୍ଡର ସଂ. 04-eT-SDENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବାଗବହରା ଏବଂ ଖରିଆର୍‌ରୋଡ଼ ଷ୍ଟେସନ ଗୁଡ଼ିକରେ ଦ୍ୱିତୀୟ ଫୁଟ୍ ଓଭର ବ୍ରିଜ୍ ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,46,90,652.66, EMD : ₹ 2,73,500.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 10,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 04 (ଚାରି) ମାସ।

(8) ଇ-ଟେଣ୍ଡର ସଂ. 05-eT-SDENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଟିଟଲାଗଡ଼-ଲାଞ୍ଜିଗଡ଼ ରୋଡ଼ ସେକ୍ସନରେ 15 ସଂଖ୍ୟକ ଷ୍ଟୋନ୍ ସ୍ଲାବ୍ ବ୍ରିଜ୍ ଗୁଡ଼ିକର ପୁନଃନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹6,40,35,422.00, EMD : ₹ 4,70,200.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 10,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

(9) ଇ-ଟେଣ୍ଡର ସଂ. 01-eT-SDENE-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଆସିଷ୍ଟାଣ୍ଟ ଡ଼ିଭିଜନାଲ୍ ଇଞ୍ଜିନିୟର / ବଲାଙ୍ଗିରଙ୍କ ଅଧିକାରକ୍ଷେତ୍ର ଅଧିନସ୍ଥ ବିଭିନ୍ନ ସ୍ଥାନରୁ କାର୍ଯ୍ୟସ୍ଥଳ / ଗୋଦାମ ଗୃହ ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀ ଗୁଡ଼ିକର ପରିବହନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹77,79,002.96, EMD : ₹ 1,55,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 03.05.2019 ର 1500 ଘ. ରେ (ସମସ୍ତ ଟେଣ୍ଡର ଗୁଡ଼ିକ ନିମନ୍ତେ)

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର
PR-35/K/19-20

ଦିଲ୍ଲୀ ଇଂଜିନ ଏଠି ଆସି କ'ଣ ଗର୍ଜନ ଛାଡୁଛି ?
ଆମ ଡବଲ୍ ଇଂଜିନର ଗର୍ଜନରେ ଏଥର ଦିଲ୍ଲୀ ଦରବାର ଥରହର ହେବ।

ନବୀନ ଓଡ଼ିଶା : ସଶକ୍ତ ମହିଳା ସଶକ୍ତ ଓଡ଼ିଶା
ଓଡ଼ିଶା ପାଇଁ ବିଜେପିର ଟାଇମ୍ ନାହିଁ ପରା,
ଆମ ୨୧ ଏଥର ତୁମ ପାଇଁ ଭାରି ପଡିବ।
୨୧ରୁ ୨୧ରେ 'ବିଜେଡି'କୁ ଜିତାଇବା ଓଡ଼ିଶାର ହକ୍ ପାଇଁ ଲଢ଼ିବା।

## ସଚିନଙ୍କ ସହ ରାତ୍ରିଭୋଜନ କଲେ ପୃଥ୍ୱୀ ଶ'

ନୂଆଦିଲ୍ଲୀ, ୧୮।୪- ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ଗୁରୁବାର ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ଲାଗି ଉଭୟ ଦଳ ଜୋର୍‌ଦାର ପ୍ରସ୍ତୁତି କରିଛନ୍ତି। ତେବେ ମ୍ୟାଚ୍ ପୂର୍ବରୁ ଦିଲ୍ଲୀର ଯୁବ ଓପନର୍ ପୃଥ୍ୱୀ ଶ'ଙ୍କ ପାଇଁ ବୁଧବାର ରାତି ବେଶ୍ ସ୍ମରଣୀୟ ହୋଇରହିବ। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ତଥା ମୁମ୍ବାଇ ପରାମର୍ଶଦାତା ରହିଥିବା ସଚିନ ତେନ୍ଦୁଲକରଙ୍କ ସହ ଶ' ଏକାଠି ଡିନର କରିବାର ସୁଯୋଗ ପାଇଥିଲେ। ଟିମ୍ ହୋଟେଲରେ ବୁଧବାର ରାତିରେ ଉଭୟ ସଚିନ ଓ ଶ' ଏକାଠି ବସି ରାତ୍ରିଭୋଜନ କରିଥିଲେ। ଏହାର ଏକ ଫଟୋ ପୃଥ୍ୱୀ ନିଜ ଟୁଇଟର୍ ପେଜ୍‌ରେ ଶେୟାର କରିଛନ୍ତି। 'ଏକ ସୁନ୍ଦର ଡିନର ଆୟୋଜନ କରିଥିବାରୁ ସଚିନ ସାର୍‌ଙ୍କୁ ଧନ୍ୟବାଦ। ଆପଣଙ୍କ ସହ ସାକ୍ଷାତ ସର୍ବଦା ଆନନ୍ଦ ଦେଇଛି' ବୋଲି ଏହି ଯୁବ ଓପନର୍ ଫଟୋତଳେ କ୍ୟାପସନରେ ଉଲ୍ଲେଖ କରିଛନ୍ତି। ଜଣେ ଭାଗ୍ୟବାନ ଖେଳାଳିଭାବେ ୧୯ ବର୍ଷୀୟ ପୃଥ୍ୱୀ ମେଣ୍ଟର ଭାବେ ବିଭିନ୍ନ ସମୟରେ ସଚିନ, ରାହୁଲ ଦ୍ରାବିଡ୍ (୧୯ ବର୍ଷରୁ କମ୍ ଭାରତୀୟ ଦଳ ସହ) ଓ ସୌରଭ ଗାଙ୍ଗୁଲି (ଦିଲ୍ଲୀ କ୍ୟାପିଟାଲ୍ସ ସହ)ଙ୍କ ନିକଟରୁ ଟିପ୍ସ ପାଇଛନ୍ତି। ତେବେ ଚଳିତ ଆଇପିଏଲ୍‌ରେ ତାଙ୍କ ବ୍ୟାଟିଂ ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ। ଦିଲ୍ଲୀ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଶ' ବର୍ତ୍ତମାନ ସୁଦ୍ଧା ୮ ମ୍ୟାଚ୍ ଖେଳି ୨୩.୩୭ ଆଭରେଜରେ ୧୮୭ ରନ ସଂଗ୍ରହ କରିଛନ୍ତି। ଏଥିରେ ୯୯ ରନର ଏକ ଇନିଂସ ସାମିଲ ରହିଛି।

## ଟୋକିଓ ଅଲିମ୍ପିକ୍ସ: ସକାଳ ୬ରୁ ମାରାଥନ

ଟୋକିଓ, ୧୮।୪- କ୍ରୀଡ଼ାର ମହାକୁମ୍ଭ ଭାବେ ପରିଚିତ ଅଲିମ୍ପିକ୍ସର ୩୨ତମ ସଂସ୍କରଣ ୨୦୨୦ରେ ଜାପାନର ରାଜଧାନୀ ଟୋକିଓଠାରେ ଅନୁଷ୍ଠିତ ହେବ। ତେବେ ଅତ୍ୟଧିକ ଗରମକୁ ଦୃଷ୍ଟିରେ ରଖି ମାରାଥନ ଇଭେଣ୍ଟକୁ ସ୍ଥାନୀୟ ସମୟ ସକାଳ ୬ଟାରୁ ଆରମ୍ଭ କରିବାକୁ ଆୟୋଜକଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି। ଅତ୍ୟଧିକ ଗରମରେ ମାରାଥନ ଅନୁଷ୍ଠିତ ହେଲେ ଧାବକଙ୍କ ହାର୍ଟଷ୍ଟ୍ରୋକ ସମେତ ଜୀବନପ୍ରତି ବିପଦ ଥିବାନେଇ ଜାପାନ ମିଡିଆ ପକ୍ଷରୁ ସତର୍କ କରାଯିବା ପରେ ଆୟୋଜକ ଏହି ନିଷ୍ପତ୍ତି ନେଇଛନ୍ତି। 'ଅଲିମ୍ପିକ ସମୟରେ ଅତ୍ୟଧିକ ଗରମ ସମେତ ଟାଇଫୁନର ସମ୍ଭାବନା ରହିଛି, ଯାହାକି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା' ବୋଲି ୨୦୨୦ ଟୋକିଓ ଅଲିମ୍ପିକ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ତୋଶିରୋ ମୁଟୋ କହିଛନ୍ତି। ଆସନ୍ତାବର୍ଷ ଜୁଲାଇ ୨୪ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଅଲିମ୍ପିକ ଅନୁଷ୍ଠିତ ହେବ। ପୁରୁଷ ୫୦ କିମି ମାରାଥନ ୫ଟା ୩୦ରୁ ଆରମ୍ଭ ହେବାକୁ ଥିବାବେଳେ ଟ୍ରାଇଥଲନ, ରଗ୍‌ବୀ ସେଭେନ୍ସ ପ୍ରମୁଖ ଇଭେଣ୍ଟକୁ ଗରମକୁ ଦୃଷ୍ଟିରେ ରଖି ଶୀଘ୍ର ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ଜାପାନ ଶେଷଥର ପାଇଁ ୧୯୬୪ରେ ଅଲିମ୍ପିକ ଆୟୋଜନ କରିଥିଲା। ସେତେବେଳେ ଗରମରୁ ବର୍ତ୍ତିବା ଲାଗି ଏହା ଅକ୍ଟୋବରରେ ହୋଇଥିଲା। ଅପରପକ୍ଷରେ ରିଓରେ ଅନୁଷ୍ଠିତ ୨୦୧୬ ଅଲିମ୍ପିକ୍ସର ମାରାଥନ ଇଭେଣ୍ଟ ସ୍ଥାନୀୟ ସମୟ ସକାଳ ୯ଟା ୩୦ରୁ ଆରମ୍ଭ ହୋଇଥିଲା। ସେତେବେଳେ ସେଠାକାର ତାପମାତ୍ରା ୧୯ ଡିଗ୍ରୀ ସେଲ୍‌ସିୟସ ରହିଥିଲା।

# ଶ୍ରୀଲଙ୍କା, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଦଳ ଘୋଷିତ

## ମାଥ୍ୟୁସ ଫେରିଲେ, ଚାଣ୍ଡିମଲ ନିରାଶ


ଦିମୁଥ କରୁଣାରତ୍ନେ


ଫାଫ୍ ଡୁପ୍ଲେସି

କଲମ୍ବୋ, ୧୮।୪: ଆସନ୍ତା ମାସରେ ଇଂଲଣ୍ଡରେ ଖେଳାଯିବାକୁ ଥିବା ଆଇସିସି ବିଶ୍ୱକପ୍ ଲାଗି ଗୁରୁବାର ଶ୍ରୀଲଙ୍କା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଦିମୁଥ କରୁଣାରତ୍ନେଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳକୁ ଅଲ୍‌ରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସଙ୍କ ସମେତ ମିଲିନ୍ଦ ସିରିବର୍ଦ୍ଧନେ, ଜୀବନ ମେଣ୍ଡିସ, ଲେଗ୍ ସ୍ପିନର ଜେଫ୍ରି ବନ୍ଦାରସେ, ଲାହିରୁ ଥିରିମାନେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସିରିବର୍ଦ୍ଧନେ ଓ ବନ୍ଦାରସେ ଶେଷଥର ପାଇଁ ୨୦୧୭ରେ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେହିଭଳି ଦଳ ଘୋଷଣାର ଗୋଟିଏ ଦିନ ପୂର୍ବରୁ ଲସିଥ୍ ମାଲିଙ୍ଗାଙ୍କ ସ୍ଥାନରେ ନୂତନ ଅଧିନାୟକ ନିଯୁକ୍ତ ହୋଇଥିବା ଦିମୁଥ୍ କରୁଣାରତ୍ନେ ମଧ୍ୟ ୨୦୧୫ ପରଠାରୁ ଆଉ ଦିନିକିଆ କ୍ରିକେଟ ଖେଳିନାହାନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ ଖେଳିଥିବା ଶ୍ରୀଲଙ୍କା ଦଳରୁ ନିରୋଶାନ ଡିକ୍‌ୱେଲା, ଅକିଲ ଧନଞ୍ଜୟ, ଦନୁଷ୍କା ଗୁଣଥିଲକ ଓ ଉପୁଲ ଥରଙ୍ଗାଙ୍କୁ ବିଶ୍ୱକପ୍ ଟିକେଟ୍ ମିଳିନାହିଁ। ତେବେ ଦକ୍ଷିଣ ଆଫ୍ରିକା ଗସ୍ତରେ ସ୍ଥାନ ପାଇ ନ ଥିବା ପ୍ରାକ୍ତନ ଅଧିନାୟକ ଦୀନେଶ ଚାଣ୍ଡିମଲଙ୍କୁ ଖରାପ ଫର୍ମ ଲାଗି ବିଶ୍ୱକପ୍ ଦଳରୁ ମଧ୍ୟ ଅଣଦେଖା କରାଯାଇଛି। ଘୋଷିତ ୧୫ ଜଣିଆ ଦଳରେ ୪ଜଣ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ, ଜଣେ ଉଇକେଟ୍‌କିପର, ୬ ଜଣ ଅଲ୍‌ରାଉଣ୍ଡର, ୩ ଜଣ ଦ୍ରୁତ ବୋଲର ଓ ଜଣେ ସ୍ପେଶାଲିଷ୍ଟ ସ୍ପିନରଭାବେ ବନ୍ଦାରସେ ସ୍ଥାନ ପାଇଛନ୍ତି। ଶ୍ରୀଲଙ୍କା ଚଳିତ ବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ ମଧ୍ୟ ଗୋଟିଏ ହେଲେ ବିଜୟ ସ୍ୱାଦ ପାଇନାହିଁ। ୧୯୯୬ ବିଶ୍ୱକପ୍ ବିଜେତା ଶ୍ରୀଲଙ୍କା ଜୁନ ୧ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ।

**ଶ୍ରୀଲଙ୍କା ବିଶ୍ୱକପ୍ ଦଳ:** ଦିମୁଥ କରୁଣାରତ୍ନେ (ଅଧିନାୟକ), ଆଞ୍ଜେଲୋ ମାଥ୍ୟୁସ (ଉପଅଧିନାୟକ), ଥିସାରା ପେରେରା, କୁସଲ ପେରେରା (ଉଇକେଟ୍‌କିପର), ଧନଞ୍ଜୟ ଡି ସିଲ୍‌ଭା, କୁସଲ ମେଣ୍ଡିସ, ଇସୁରୁ ଉଦାନା, ମିଲିନ୍ଦ ସିରିବର୍ଦ୍ଧନେ, ଅଭିଷ୍କା ଫର୍ନାଣ୍ଡୋ, ଜୀବନ ମେଣ୍ଡିସ, ଲାହିରୁ ଥିରିମାନେ, ଜେଫ୍ରି ବନ୍ଦାରସେ, ଲସିଥ୍ ମାଲିଙ୍ଗା, ନୂଆନ ପ୍ରଦୀପ, ସୁରଙ୍ଗ ଲାକମଲ।

## ଆମଲା ସାମିଲ

କେପ୍ ଟାଉନ୍, ୧୮।୪: ଆଗାମୀ ବିଶ୍ୱକପ୍ ପାଇଁ ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରିଛି। ଆଉଟ୍ ଅଫ୍ ଫର୍ମ ଅଭିଜ୍ଞ ବ୍ୟାଟ୍ସମ୍ୟାନ ହାସିମ ଆମଲାଙ୍କୁ ଦଳରେ ସାମିଲ କରାଯାଇଛି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ଷ୍ଟାର ଅଲରାଉଣ୍ଡର କ୍ରିସ୍ ମୋରିସ୍‌ଙ୍କୁ ଚୟନକର୍ତ୍ତା ଅଣଦେଖା କରିଛନ୍ତି। ଡ୍ୱେନ ପ୍ରିଟୋରିୟସ ଓ ଆଣ୍ଡିଲ ଫେଲୁକ୍ୱାଓଙ୍କୁ ଦଳରେ ନିଆଯାଇଛି। ଇଞ୍ଜୁରି ସତ୍ତ୍ୱେ ଲୁଙ୍ଗି ଏନ୍‌ଗିଡି ଓ ଅନରିଚ୍ ନୋରଜଙ୍କୁ ସୁଯୋଗ ଦିଆଯାଇଛି। ଫାଫ୍ ଡୁପ୍ଲେସି ବିଶ୍ୱକପ୍‌ରେ ଦଳର ନେତୃତ୍ୱ ନେବେ। ସେହିପରି ଅଭିଜ୍ଞ ବ୍ୟାଟ୍ସମ୍ୟାନ ଜେପି ଡୁମିନୀ ଓ ଅଭିଜ୍ଞ ଦ୍ରୁତ ବୋଲର ଡେଲ ଷ୍ଟେଇନ୍‌ଙ୍କ ଉପରେ ଚୟନକର୍ତ୍ତା ଭରସା କରିଛନ୍ତି। ସ୍ପିନ୍ ବିଭାଗରେ ଇମ୍ରାନ ତାହିରଙ୍କୁ ବାଦ୍ ଦେଲେ ତାବରେଜ ସାମସିଙ୍କୁ ମଧ୍ୟ ଦଳରେ ନିଆଯାଇଛି। କ୍ୱିଣ୍ଟନ ଡି କକ୍‌ଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ସ୍ପେଶାଲିଷ୍ଟ ଉଇକେଟକିପର ବ୍ୟାଟ୍ସମ୍ୟାନଙ୍କୁ ଦଳରେ ସାମିଲ କରାଯାଇନାହିଁ। ପାର୍ଟଟାଇମ ଉଇକେଟକିପର ଡେଭିଡ ମିଲର ଡିକକ୍‌ଙ୍କ ବ୍ୟାକ୍ ରୂପେ ଦାୟିତ୍ୱରେ ରହିବେ। ଗତ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍‌ରେ ମିଲର ଉଇକେଟକିପିଂ କରିଥିଲେ ଓ ଦକ୍ଷିଣ ଆଫ୍ରିକା ୫-୦ରେ କ୍ଲିନ୍ ସୁଇପ୍ କରିଥିଲା। ମେ ୩୦ରେ ଇଂଲଣ୍ଡ ବିପକ୍ଷରେ ଦକ୍ଷିଣ ଆଫ୍ରିକା ତା'ର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ।

**ଦକ୍ଷିଣ ଆଫ୍ରିକା ଦଳ:** ଫାଫ୍ ଡୁପ୍ଲେସି (ଅଧିନାୟକ), କ୍ୱିଣ୍ଟନ ଡିକକ, ହାସିମ ଅମଲା, ଡେଭିଡ ମିଲର, ଜେ.ପି. ଡୁମିନୀ, ଏଡେନ ମାରକ୍ରାମ, ରସି ଭାନ ଡେର ଡୁସେନ, ଡ୍ୱେନ ପ୍ରିଟୋରିୟସ, ଆଣ୍ଡିଲ ଫେଲୁକ୍ୱାଓ, କାଗିସୋ ରାବାଡ଼ା, ଡେଲ ଷ୍ଟେଇନ୍, ଲୁଙ୍ଗି ଏନ୍‌ଗିଡି, ଆନରିଚ୍ ନୋରଜ, ଇମ୍ରାନ ତାହିର ଓ ତାବ୍ରେଜ ସାମସି।

## ଆମୀରଙ୍କ ସ୍ଥାନ ନାହିଁ

କରାଚୀ, ୧୮।୪(ପି.ଟି.): ମେ ୩୦ ତାରିଖରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପ୍ ପାଇଁ ଗୁରୁବାର ପାକିସ୍ତାନ ଦଳ ଘୋଷିତ ହୋଇଛି। ଆଉଟ୍ ଅଫ୍ ଫର୍ମ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଆମୀରଙ୍କୁ ଘୋଷିତ ୧୫ଜଣିଆ ଦଳରୁ ବାଦ୍ ଦିଆଯାଇଛି। ବ୍ୟାଟ୍ସମ୍ୟାନ ଅବିଦ୍ ଅଲିଙ୍କୁ ଦଳରେ ସାମିଲ କରାଯାଇଛି। ମୁଖ୍ୟ ଚୟନକର୍ତ୍ତା ଇଞ୍ଜାମାମା-ଉଲ-ହକ ଏହି ଦଳ ଘୋଷଣା କରିଥିଲେ। ଦୁଇଜଣ ରିଜର୍ଭ ଖେଳାଳିଙ୍କ ନାମ ମଧ୍ୟ ସେ ଘୋଷଣା କରିଥିଲେ। ୨୦୧୭ ଚାମ୍ପିୟନ୍ସ ଟ୍ରଫି ଦଳରେ ୧୧ଜଣ ଖେଳାଳିଙ୍କୁ ଏହି ଦଳରେ ବଜାୟ ରଖାଯାଇଛି ବୋଲି ସେ କହିଛନ୍ତି। ଏହି ଦଳ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶାପ୍ରକାଶ କରି କହିଛନ୍ତି। ଚାମ୍ପିୟନ୍ସ ଟ୍ରଫି ପରେ ଆମୀର ୧୪ଟି ଦିନିକିଆ ଖେଳି ମାତ୍ର ୫ଟି ଉଇକେଟ ହାସଲ କରିଛନ୍ତି। ଫଳରେ ଚୟନକର୍ତ୍ତା ଆମୀରଙ୍କୁ ଅଣଦେଖା କରିଛନ୍ତି। ଅନ୍ୟପଟେ ଅଭିଜ୍ଞ ସୋଏବ ମଲିକ ଓ ମହମ୍ମଦ ହାଫିଜଙ୍କ ଉପରେ ଚୟନକର୍ତ୍ତା ଭରସା କରିଛନ୍ତି। ହାର୍ଡ ହିଟିଂ ବ୍ୟାଟ୍ସମ୍ୟାନ ଆସିଫ୍ ଅଲି ଓ ଅମାର ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ଓ ବିଶ୍ୱକପ୍ ପୂର୍ବରୁ ଖେଳାଯିବାକୁ ଥିବା ସାଇଡ ମ୍ୟାଚ୍ ପାଇଁ ରିଜର୍ଭ ଖେଳାଳିଭାବେ ଦଳରେ ସାମିଲ ହୋଇଛନ୍ତି ଇଞ୍ଜାମାମ ଘୋଷଣା କରିଛନ୍ତି।

**ପାକିସ୍ତାନ ବିଶ୍ୱକପ ଦଳ:** ସର୍ଫରାଜ ଅହମ୍ମଦ (ଅଧିନାୟକ), ଫଖାର ଜମାନ, ଇମାମ-ଉଲ-ହକ, ଅବିଦ ଅଲି, ବାବର ଆଜମ, ସୋଏବ ମଲିକ, ହାରିସ୍ ସୋହେଲ, ମହମ୍ମଦ ହାଫିଜ୍, ସଦାବ ଖାଁ, ଇମାଦ ୱାସିମ, ହାସନ ଅଲି, ଫହିମ ଆଶ୍ରଫ୍, ଶାହିନ ଶାହ ଆଫ୍ରିଦି, ଜୁନେଦ୍ ଖାଁ ଓ ମହମ୍ମଦ ହାସନେନ।

**ରିଜର୍ଭ ଖେଳାଳି:** ଆସିଫ ଅଲି ଓ ମହମ୍ମଦ ଆମୀର।




## ଅବସର ନେଇପାରନ୍ତି ମାଲିଙ୍ଗା



ମୁମ୍ବାଇ, ୧୮।୪- ଶ୍ରୀଲଙ୍କାର ବରିଷ୍ଠ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗା ଆଗାମୀ ଆଇସିସି ବିଶ୍ୱକପ୍ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେଇପାରନ୍ତି। ଅବସର ନେଇ ମାଲିଙ୍ଗା ଏଭଳି ଏକ ସୂଚନା ଦେଇଛନ୍ତି, ଯାହା ଏବେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଶ୍ରୀଲଙ୍କା କ୍ରିକେଟରମାନଙ୍କ ହ୍ୱାଟସ୍‌ଅପ୍ ଗ୍ରୁପ୍‌ରେ ମାଲିଙ୍ଗା ସିଂହଳୀ ଭାଷାରେ ଲେଖାଥିବା ଏକ ମେସେଜ ଛାଡ଼ିଛନ୍ତି। 'ଆମେ ଆଉ କେବେ ଗ୍ରାଉଣ୍ଡରେ ଏକାଠି ଦେଖା ହୋଇପାରିବା ନାହିଁ। ଯେଉଁମାନେ ମୋତେ ସର୍ବଦା ସମର୍ଥନ କରୁଥିଲେ ଏବଂ ମୋ ପଛରେଥିଲେ ସମସ୍ତଙ୍କୁ ଭଗବାନଙ୍କ ଆଶୀର୍ବାଦ ରହୁ' ବୋଲି ମାଲିଙ୍ଗା ଏହି ମେସେଜରେ ଉଲ୍ଲେଖ କରିଛନ୍ତି। ତେବେ ମାଲିଙ୍ଗା ଯେଉଁ ସମୟରେ ଏହି ମେସେଜ ଛାଡ଼ିଥିଲେ ତାହା ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ମାଲିଙ୍ଗା ଗୁରୁବାର ସକାଳ ୧୧ଟା ୨୨ ମିନିଟ୍‌ରେ ଏହି ମେସେଜ ଦେଇଥିଲେ, ଯାହାର ଠିକ୍ ଏକ ଘଣ୍ଟା ପୂର୍ବରୁ ତାଙ୍କ ନିକଟକୁ ଶ୍ରୀଲଙ୍କା ଚୟନ କମିଟିର ଅଧ୍ୟକ୍ଷ ଅଶାନ୍ଥା ଡି ମେଲ୍‌ଙ୍କ ଫୋନ କଲ୍ ଆସିଥିଲା ବୋଲି ଜାଣିବାକୁ ମିଳିଛି। ତେବେ ଶ୍ରୀଲଙ୍କା କ୍ରିକେଟର ଜଣେ ଅଧିକାରୀ କହିଛନ୍ତି, ଯଦି ବିଶ୍ୱକପ୍ ଟିମ୍‌ରେ ସାମିଲ ହେଲାପରେ ମାଲିଙ୍ଗା ଅଫିସିଆଲି ଅବସର ନେଇ ସୂଚନା ଦିଅନ୍ତି ତେବେ ତାଙ୍କ ସ୍ଥାନରେ ବଦଳ ଖେଳାଳିଙ୍କୁ ନିଆଯିବ।


ସର୍ଫରାଜ ଅହମ୍ମଦ

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଇଂ. ଅପୂର୍ବ କୃଷ୍ଣ କମିଳା
ଆବିର୍ଭାବ: ୨୧।୧୨।୧୯୩୬
ତିରୋଧାନ: ୩୧।୦୩।୨୦୧୮
(ଚୈତ୍ର ପୂର୍ଣ୍ଣିମା ହିଙ୍ଗୁଳା ଯାତ୍ରା)
ଏହି ପୁଣ୍ୟ ଦିବସରେ ତୁମେ ଆମ ସମସ୍ତଙ୍କୁ ଛାଡ଼ି ପରମେଶ୍ୱରଙ୍କ ପାଖକୁ ଚାଲିଗଲ। ତୁମର କାର୍ଯ୍ୟକଳାପ ଅଧ୍ୟବସାୟ ଏବଂ ଆଦର୍ଶ ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ। ତୁମର ଆଦର୍ଶ, ପ୍ରେରଣା, ଆମ ସମସ୍ତଙ୍କୁ ଶକ୍ତି, ସାହସ ପ୍ରଦାନ କରୁ ଏବଂ ଆମ ଜୀବନର ଚଲାପଥକୁ ସୁଗମ କରୁ। ଠାକୁରଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ ତୁମର ଆଶୀର୍ବାଦ ସବୁବେଳେ ଆମ ଉପରେ ଥାଉ। ଶୋକସନ୍ତପ୍ତ: ପରିବାର, ବନ୍ଧୁ ଏବଂ ଆତ୍ମୀୟସ୍ୱଜନବୃନ୍ଦ। ଧ-୬୫୬୩୯

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଗଗନ ବିହାରୀ ଦାସ
ଆବିର୍ଭାବ: ୧୯୫୭
ତିରୋଧାନ: ୦୯।୦୪।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ- ଲିଟୁ ଏବଂ ନିଲୁ, ଝିଅ- ସିଲି, ଜ୍ୱାଇଁ-ପିଣ୍ଟୁ।
ଧ-୧୨୨୨୩

ଦଶାହ ଉପଲକ୍ଷେ

ସ୍ୱର୍ଗତ ରବୀନ୍ଦ୍ର କୁମାର ମହାପାତ୍ର
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୯।୦୧।୧୯୬୩
ତିରୋଧାନ: ୧୦।୦୪।୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁତ୍ର-ଆଦିତ୍ୟ, ଅରବିନ୍ଦ, ଜ୍ୱାଇଁ-ଦିପ୍ତାଂଶୁ କିରଣ କର, ଝିଅ-ଅରୁନ୍ଧତି, ବନ୍ଧୁ ଓ ବୈଦ୍ୟ ପରିବାରବର୍ଗ। ଧ-୧୨୧୮୧

CLASSIFIED DISPLAY

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS

Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

NTT PTT
NURSERY TEACHER TRAINING—1 Year
PRIMARY TEACHER TRAINING—2 years
Government Registered; International Accreditation
18 batches already graduated and engaged in international & reputed schools
Exam at BBSR Centre; Training & Placement Advice provided
For further details and admission, contact
9861062475 / 7008025857

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟେଡ୍ ସମାଧାନ

A to Z ସମସ୍ୟାର ସମାଧାନ ଘରେ ବସି।
ବାବା କମାଲ ଖାନ୍
9810599425 9971793786

ORANE INTERNATIONAL SCHOOL OF BEAUTY & WELLNESS
ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ବିୟୁଟି ସ୍କୁଲର ଶିକ୍ଷାରମ୍ଭ
ଆଡଭାନ୍ସ ଡିପ୍ଲୋମା
ହେୟାର • ବିୟୁଟି • ମେକଅପ୍

୪୦% ପର୍ଯ୍ୟନ୍ତ ରିହାତି
Call: 73288-24255 / 73288-24260
Santosh Plaza, 3rd Floor, Plot No.5, Janapath, Satya Nagar, Bhubaneswar







# ମୁମ୍ବାଇ ୪୦ ରନରେ ବିଜୟୀ

ନୂଆଦିଲ୍ଲୀ,୧୮।୪(ପି.ଟି)

ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୪ତମ ମ୍ୟାଚ୍‌ରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସକୁ ୪୦ ରନରେ ପରାସ୍ତ କରିଛି। ସ୍ଥାନୀୟ ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୨୦ ଓଭରରେ ୯ ଉଇକେଟ ହରାଇ ୧୨୮ ରନରେ ସୀମିତ ରହି ଆତ୍ମସମର୍ପଣ କରିଥିଲା। ଦ୍ରୁତ ୩୨ ରନ କରିବା ସହ ୧୭ ରନ ବ୍ୟୟ କରି ଗୋଟିଏ ଉଇକେଟ ଅକ୍ତିଆର କରିଥିବା ମୁମ୍ବାଇ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି ବିଜୟ ସହ ମୁମ୍ବାଇ ଦିଲ୍ଲୀକୁ ହଟାଇ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ମୁମ୍ବାଇ ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳି ୬ ବିଜୟ ଓ ୩ ପରାଜୟ ସହ ୧୨ ପଏଣ୍ଟ ହାସଲ କରିଛି। ଅନ୍ୟପଟେ ଦିଲ୍ଲୀ ୯ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୪ ପରାଜୟ ସହ ୧୦ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନକୁ ଖସିଛି।

୧୬୯ ରନ ଆଭରେଜ୍ ଟାର୍ଗେଟର ପିଛା କରି ଦିଲ୍ଲୀ ଭଲ ଆରମ୍ଭ କରିଥିଲେ ମଧ୍ୟ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନିଂ ଯୋଡିରେ ପୃଥ୍ୱୀ ଶ ଓ ଅଭିଜ୍ଞ ଶିଖର ଧାୱନ୍ ୩୯ ବଲରୁ ୪୯ ରନ ସଂଗ୍ରହ କରିଥିଲେ। ୨୨ଟି ବଲ୍ ଖେଳି ୫ ଚୌକା ଓ ୧ ଛକା ସହ ୩୫ ରନ କରି ଧାୱନ ଆଉଟ ହେବା ପରେ ନିୟମିତ ବ୍ୟବଧାନରେ ଉଇକେଟ ପତନ ହୋଇଥିଲା। ୪ଜଣ ବ୍ୟାଟ୍ସମ୍ୟାନଙ୍କୁ ବାଦ୍ ଦେଲେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ପୃଥ୍ୱୀ ୨୦, ଅକ୍ଷର ପଟେଲ ୨୬, କ୍ରିସ୍ ମୋରିସ ୧୧ ରନ କରି ପ୍ୟାଭିଲିୟନ ଫେରିଥିଲେ। କଲିନ୍ ମୁନରୋ ୩, ଅଧିନାୟକ ଶ୍ରେୟାସ ଆୟର ୩, ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୭, କାଗିସୋ ରାବାଡ଼ା ୯ ରନ କରି ଆଉଟ ହୋଇଥିବା ବେଳେ କିମୋ ପଲ ଖାତା ଖୋଲିବା ପୂର୍ବରୁ ରନ୍ ଆଉଟ୍ ହୋଇଥିଲେ। ଅମିତ୍ ମିଶ୍ରା ୬ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ମୁମ୍ବାଇ ତରଫରୁ ରାହୁଲ ଚହର ୩, ଯଶପ୍ରୀତ ବୁମ୍‌ରା ୨, ହାର୍ଦ୍ଦିକ, ଲସିଥ ମାଲିଙ୍ଗା, କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ମୁମ୍ବାଇ ଜବରଦସ୍ତ ଆରମ୍ଭ କରିଥିଲା। ଅଧିନାୟକ ରୋହିତ ଶର୍ମା ଓ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍ ଓପନିଂ ଯୋଡିରେ ୩୭ ବଲରୁ ୫୭ ରନ ସଂଗ୍ରହ କରିଥିଲେ। ତେବେ ଏହାପରେ ସ୍ୱଳ୍ପ ରନ୍ ମଧ୍ୟରେ ୩ଟି ଉଇକେଟର ପତନ ହେବାରୁ ରନ୍ ସଂଗ୍ରହ ହାର କମିଥିଲା। ରୋହିତ୍ ୩୦ ରନ (୨୨ବଲ, ୩ ଚୌକା, ୧ ଛକା), ବେନ୍ କଟିଂ ୨ ରନ କରି ଯଥାକ୍ରମେ ଅମିତ୍ ମିଶ୍ରା, ଅକ୍ଷର ପଟେଲଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଡିକକ୍ ୨୭ ବଲରୁ ୨ ଚୌକା ଓ ୨ ଛକା ସହାୟତାରେ ୩୫ ରନକରି ଜମିଆସୁଥିବା ବେଳେ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ନିର୍ଭରଯୋଗ୍ୟ ସୂର୍ଯ୍ୟକୁମାର ଯାଦବ ୨୭ ବଲରୁ ୨୬ ରନ କରି କାଗିସୋ ରାବାଡ଼ାଙ୍କ ଶିକାର ହୋଇଥିଲେ। ପଞ୍ଚମ ଉଇକେଟ ଯୋଡିରେ ଦୁଇ ଭାଇ ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟା ମାତ୍ର ୨୬ଟି ବଲରୁ ଦ୍ରୁତ ୫୪ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ୧୫ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୩ ଛକା ସହ ୩୨ ରନ କରି ହାର୍ଦ୍ଦିକ ଉଇକେଟକିପର ପନ୍ତଙ୍କୁ କ୍ୟାଚ୍ ଦେଇ ରାବାଡ଼ାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୨୬ ବଲରୁ ୫ ଚୌକା ସହ ୩୭ ରନ କରି କ୍ରୁନାଲ ଅପରାଜିତ ରହିଥିଲେ। ବୋଲିଂରେ ରାବାଡ଼ା ୨, ମିଶ୍ରା ଓ ଅକ୍ଷର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

■ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୬୮/୫ (କ୍ରୁନାଲ- ୩୭*, ଡିକକ୍- ୩୫, ହାର୍ଦ୍ଦିକ- ୩୨, ରୋହିତ- ୩୦, ସୂର୍ଯ୍ୟକୁମାର- ୨୬, ରାବାଡ଼ା- ୨/୩୮, ମିଶ୍ରା- ୧/୧୮, ଅକ୍ଷର- ୧/୧୭)।

■ ଦିଲ୍ଲୀ କ୍ୟାପିଟାଲ ୨୦ ଓଭରରେ ୧୨୮/୯ (ଧାୱନ- ୩୫, ଅକ୍ଷର- ୨୬, ପୃଥ୍ୱୀ- ୨୦, ମୋରିସ- ୧୧, ଚହର- ୩/୧୯, ବୁମ୍‌ରା- ୨/୧୮)

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୯ | ୭ | ୨ | ୧୪ | ୦.୧୦୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୬ | ୩ | ୧୨ | ୦.୪୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୫ | ୪ | ୧୦ | ୦.୧୪୬ |
| କିଙ୍ଗ୍ସ ଇଲେଭେନ | ୯ | ୫ | ୪ | ୧୦ | –୦.୦୧୫ |
| ସନ୍‌ରାଇଜର୍ସ | ୮ | ୪ | ୪ | ୮ | ୦.୫୪୯ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | ୦.୩୫ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | –୦.୫୮୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୧ | ୭ | ୨ | –୧.୧୧୪ |

## ରୋସୋଙ୍କୁ ଆଇସିସିର ଶ୍ରଦ୍ଧାଞ୍ଜଳି

ଦୁବାଇ, ୧୮।୪(ପି.ଟି.): ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡର ପୂର୍ବତନ ମୁଖ୍ୟ ପ୍ୟାଟ୍ରିକ୍ ରୋସୋଙ୍କ ପରଲୋକରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରୋସୋଙ୍କୁ ୮୫ ବର୍ଷ ହୋଇଥିଲା। ସେ ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ କାର୍‌ବିୟନ କ୍ରିକେଟ ମୁଖ୍ୟ ଥିଲେ। ସେ ଆଇସିସି ବୋର୍ଡର ମଧ୍ୟ ଜଣେ ସଦସ୍ୟ ଥିଲେ। ୨୦୦୭ରେ ୱେଷ୍ଟଇଣ୍ଡିଜରେ ପ୍ରଥମ ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ଆୟୋଜନ ପଛରେ ତାଙ୍କର ବିଶେଷ ଭୂମିକା ଥିଲା। ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ସାହନେ ତାଙ୍କର ଏକ ବିବୃତିରେ କହିଛନ୍ତି, ରୋସୋ ଆଇସିସି ବୋର୍ଡରେ ଜଣେ ସମ୍ମାନସ୍ପଦ ସଦସ୍ୟ ଥିଲେ। ଗେମ୍ ମ୍ୟାନେଜ୍‌ମେଣ୍ଟ କ୍ଷେତ୍ରରେ ତାଙ୍କର ଅବଦାନ ପ୍ରଶଂସନୀୟ। ତାଙ୍କ ବିୟୋଗରେ କ୍ରିକେଟ ଜଗତ ଶୋକ ପ୍ରକାଶ କରୁଛି।

## ବିରାଟ,ରାଇନାଙ୍କ ପରେ ଏଲିଟ୍ କ୍ଲବରେ ରୋହିତ୍

ନୂଆଦିଲ୍ଲୀ, ୧୮।୪

ଆଇପିଏଲ୍‌ର ଏକ ମ୍ୟାଚ୍‌ରେ ଗୁରୁବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏହି ମ୍ୟାଚ୍ ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍‌ରେ ମୁମ୍ବାଇ ଅଧିନାୟକ ରୋହିତ୍ ଶର୍ମା ଯଦି ଆଉ ୧୨ ରନ୍ ସଂଗ୍ରହ କରନ୍ତି ତେବେ ସେ ୩ୟ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଟି୨୦ କ୍ରିକେଟରେ ୮ ହଜାର ରନ୍ କରିବାର କୀର୍ତ୍ତିମାନ କରିବେ। ପୂର୍ବରୁ ଚେନ୍ନାଇ ସୁପର୍ କିଙ୍ଗ୍ସର ସୁରେଶ ରାଇନା ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲି ଏହି ଏଲିଟ୍ କ୍ଲବରେ ସାମିଲ ହୋଇସାରିଛନ୍ତି। ଓଭରଅଲ୍ ଟି୨୦ କ୍ରିକେଟରେ ରାଇନା ୨୯୫ ଇନିଂସରୁ ୮୨୧୬ ରନ ସଂଗ୍ରହ କରି ଭାରତୀୟ ଭାବେ ଶୀର୍ଷରେ ରହିଥିବାବେଳେ ତାଙ୍କ ପଛକୁ କୋହଲି (୮,୧୮୩) ୨ୟ ସ୍ଥାନରେ ରହିଛନ୍ତି। ତେବେ ୱେଷ୍ଟଇଣ୍ଡିଜର ବିସ୍ଫୋରକ ଓପନର୍ କ୍ରିସ ଗେଲ୍ ବିଶ୍ୱରେ ଟି୨୦ କ୍ରିକେଟରେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ହେବାର ରେକର୍ଡ କରିଛନ୍ତି। ସେ ୧୨,୬୭୦ ରନ କରିଥିବାବେଳେ ନ୍ୟୁଜିଲାଣ୍ଡର ବ୍ରେଣ୍ଡନ ମ୍ୟାକକୁଲମ (୯୯୨୨) ଓ ଅନ୍ୟତମ ୱେଷ୍ଟଇଣ୍ଡିଜ କ୍ରିକେଟର କିରନ ପୋଲାର୍ଡ (୯୯୨୨) ଟପ୍-୩ରେ ରହିଛନ୍ତି। ଏହି ତାଲିକାରେ ରାଇନା, କୋହଲି ଓ ରୋହିତ୍ ଯଥାକ୍ରମେ ୬ଷ୍ଠ, ୭ମ ଓ ୮ମ ସ୍ଥାନରେ ରହିଛନ୍ତି।

## ପଞ୍ଜାବ-ଗୋଆ, ସର୍ଭିସେସ୍-କର୍ନାଟକ ସେମିଫାଇନାଲ

**ସନ୍ତୋଷ ଟ୍ରଫି**

ଲୁଧିଆନା, ୧୮।୪(ପି.ଟି.)

ସନ୍ତୋଷ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ଏହି ପର୍ଯ୍ୟାୟରେ ଶୁକ୍ରବାର ପଞ୍ଜାବ ଗୋଆ ସହିତ ମୁକାବିଲା କରିବାକୁ ଥିବାବେଳେ ସର୍ଭିସେସ୍‌କୁ କର୍ନାଟକ ଭେଟିବ। ସୂଚନାଯୋଗ୍ୟ, ଜୋନାଲ କ୍ୱାଲିଫାୟର୍ସ ପରେ ୧୦ଟି ଦଳ ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ସର୍ଭିସେସ୍, ଗୋଆ, ଦିଲ୍ଲୀ, ମେଘାଳୟ ଏବଂ ଓଡ଼ିଶା ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବାବେଳେ କର୍ନାଟକ, ମହାରାଷ୍ଟ୍ର, ଆସାମ, ସିକ୍କିମ ଏବଂ ଘରୋଇ ଦଳ ପଞ୍ଜାବ ଗ୍ରୁପ୍ ବି'ରେ ସ୍ଥାନ ପାଇଛନ୍ତି। ଗ୍ରୁପ୍ ଏ'ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦିଲ୍ଲୀକୁ ପଛରେ ପକାଇ ସର୍ଭିସେସ୍ ଓ ଗୋଆ ୧୦ ପଏଣ୍ଟ ଲେଖାଏଁ ଅର୍ଜନ କରିଥିଲେ। ଗ୍ରୁପ୍ ବି'ରେ ପଞ୍ଜାବ ଘରୋଇ ଦର୍ଶକଙ୍କ ସମର୍ଥନ ପାଇ ପ୍ରଭାବୀ ପ୍ରଦର୍ଶନ କରି ଅନ୍ୟମାନଙ୍କୁ ପଛରେ ପକାଇ ଦେଇଥିଲା। ଦଳ ଏକ ରୋମାଞ୍ଚକ ମ୍ୟାଚ୍‌ରେ କର୍ନାଟକକୁ ୪-୩ ଗୋଲରେ ପରାସ୍ତ କରିଥିଲା। ଆୟୋଜକ ପଞ୍ଜାବ ୯ ପଏଣ୍ଟ ସହ ଗ୍ରୁପ୍ ଶୀର୍ଷରେ ରହିଥିବା ବେଳେ ଉଭୟ କର୍ନାଟକ ଓ ମହାରାଷ୍ଟ୍ର ୭ ପଏଣ୍ଟ ଲେଖାଏଁ ହାସଲ କରିଥିଲେ। ମହାରାଷ୍ଟ୍ର ୫-୦ରେ ସିକ୍କିମକୁ ହରାଇ ଦେଇଥିଲା। ଶୁକ୍ରବାର ପ୍ରଥମ ସେମିଫାଇନାଲରେ ୮ଥର ଚାମ୍ପିୟନ ପଞ୍ଜାବ ୫ଥର ଚାମ୍ପିୟନ ଗୋଆକୁ ଭେଟିବ। ପଞ୍ଜାବର ସୁଖପ୍ରୀତ୍ ସିଂ ଚମତ୍କାର ଫର୍ମରେ ଅଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ସେ ବ୍ୟକ୍ତିଗତ ୩ଟି ଗୋଲ ସ୍କୋର କରିଛନ୍ତି। ଅନ୍ୟପକ୍ଷରେ ଗୋଆର ଦୁଇ ଖେଳାଳି ଗୋଲ ସ୍କୋର ତାଲିକାରେ ସ୍ଥାନ ପାଇଛନ୍ତି। ୧୯ ବର୍ଷୀୟ ଲାଲାମପୁଇଆ ଟପ୍ ସ୍କୋରର ରହିଛନ୍ତି। ମିଜୋରାମ ଜନ୍ମିତ ଏହି ଷ୍ଟ୍ରାଇକର ଇତିମଧ୍ୟରେ ୪ଟି ଗୋଲ କରିସାରିଛନ୍ତି। ଲାଲାମପୁଇଆଙ୍କ ବ୍ୟତୀତ ଗୋଆ ଦଳରେ ଅଭିଜ୍ଞ ଜୋଚିମ୍ ଆବ୍ରାଞ୍ଚେସ୍ ରହିଛନ୍ତି। ୩୩ ବର୍ଷୀୟ ଏହି ଖେଳାଳିଙ୍କର ଇଷ୍ଟ ବେଙ୍ଗଲ, ଏଫ୍‌ସି ପୁଣେ ସିଟି ଏବଂ ଏଫ୍‌ସି ଗୋଆ ଭଳି ଟପ୍ କ୍ଲବରେ ଯଥେଷ୍ଟ ଅଭିଜ୍ଞତା ରହିଛି। ଏହି ସଂସ୍କରଣରେ ସେ ୩ଟି ଗୋଲ ସ୍କୋର କରିସାରିଲେଣି। ଦ୍ୱିତୀୟ ସେମିଫାଇନାଲରେ ଖେଳିବାକୁ ଥିବା ସର୍ଭିସେସ୍ ଗ୍ରୁପ୍ ଏ'ର ଟପ୍ପର ରହିଛି। ଦଳର ବ୍ୟାକ୍‌ଲାଇନ୍ ଖୁବ୍ ଶକ୍ତିଶାଳୀ। ଦଳ ଖେଳିଥିବା ଏହାର ୪ଟି ମ୍ୟାଚ୍‌ରେ ମାତ୍ର ୨ଟି ଗୋଲବରଣ କରିଛି। ଦଳ ପକ୍ଷରୁ ଆକ୍ରମଣର ନେତୃତ୍ୱ ନେଇଥାନ୍ତି ଲାଲାମକିମା ଓ ବିକାଶ ଥାପ୍ପା। ମେଘାଳୟ ବିପକ୍ଷ ଗ୍ରୁପ୍ ବି'ର ଅନ୍ତିମ ଗେମ୍‌ରେ ଦଳର ୫-୦ ଗୋଲରେ ବିଜୟ ଉଲ୍ଲେଖନୀୟ। ଅନ୍ୟପକ୍ଷରେ କର୍ନାଟକ ତାହାର ଆଟାକ୍ ଲାଇନ୍ ଉପରେ ନିର୍ଭରଶୀଳ। ୨୦୧୮-୧୯ ସନ୍ତୋଷ ଟ୍ରଫି ଫାଇନାଲ୍ସରେ ଦଳ ସର୍ବାଧିକ ୧୨ ଗୋଲ ସ୍କୋର କରିଛି। କିନ୍ତୁ ଦଳର ଡିଫେନ୍ସ ଦୁର୍ବଳ ଥିବା ପରିଲକ୍ଷିତ ହୋଇଛି। ଦଳ ଏହାର ୪ଟି ମ୍ୟାଚ୍‌ରେ ୭ ଗୋଲ ବରଣ କରିଛି। ଏହାସତ୍ତ୍ୱେ ଦଳ ଗ୍ରୁପ୍ ବି' ଟେବୁଲରେ ଅଧିକ ସମୟ ପ୍ରଥମରେ ରହିଥିଲା। କିନ୍ତୁ ଅନ୍ତିମ ଗେମ୍‌ରେ ପଞ୍ଜାବଠାରୁ ୩-୪ ଗୋଲରେ ପରାସ୍ତ ହେବା ଦ୍ୱାରା ଦଳ ଶେଷରେ ଦ୍ୱିତୀୟ ସ୍ଥାନକୁ ଖସି ଆସିଥିଲା।



# ଭାଇ ଚାପୁଡ଼ା ମାଡ଼ରେ ଭଉଣୀ ମୃତ

## ■ ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ, ଭାଇ ଗିରଫ

**ଖଡିଆଳ,୧୮।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଥାନା ନେହେନା ଗାଁରେ ଜଣେ ବ୍ୟକ୍ତି ନିଜ ଭଉଣୀଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ଏବଂ ପ୍ରମାଣ ନଷ୍ଟ କରିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଖଡିଆଳ ଥାନା ପୋଲିସ ଭାଇ ମୁଚୁକୁନ୍ଦ ଦଣ୍ଡସେନାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁସାରେ ନେହେନା ଦୁର୍ବାରଞ୍ଜନ ଦଣ୍ଡସେନାଙ୍କ ପୁଅ ମୁଚୁକୁନ୍ଦ ଓ ଝିଅ ଅଙ୍କିତାକୁ ନେଇ ତାଙ୍କ ପରିବାର । ମୁଚୁକୁନ୍ଦ ଘରୁ କୁଆଡେ ନ ଯିବା ପାଇଁ ଭଉଣୀଙ୍କୁ ବାରଣ କରି ଆସୁଥିଲେ । ଗତ ୧୩ ତାରିଖରେ ଗାଁରେ ରାମନବମୀ ଉପଲକ୍ଷେ ନାମଯଜ୍ଞ ଅନୁଷ୍ଠିତ ହେଉଥିଲା । ଏହି ନାମଯଜ୍ଞ ଦେଖି ଯିବା ପାଇଁ ଅଙ୍କିତା ଘର ଲୋକଙ୍କ ଅନୁମତି ମାଗିଥିଲେ । ହେଲେ ଭାଇ ମୁଚୁକୁନ୍ଦ ତାଙ୍କୁ ବାରଣ କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏଥିରେ ମୁଚୁକୁନ୍ଦ ଉତ୍ତ୍ୟକ୍ତ ହୋଇ ଭଉଣୀଙ୍କୁ ଚାପୁଡା ସହ ମୁଥ ମାରିଥିଲେ । ଫଳରେ ଅଙ୍କିତାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଯାଇ ସେ ଅଙ୍କିତାଙ୍କ ବେକରେ ଓଢ଼ଣୀ ବାନ୍ଧି ଘର ଛାତ ଉପରେ ଝୁଲାଇବା ପାଇଁ ଉଦ୍ୟମ କରିଥିଲେ । ଏଥିରେ ସଫଳ ନ ହେବାରୁ ମୃତଦେହକୁ ଘର ଭିତରେ ତାଲା ବନ୍ଦ କରି ସେ ନାମଯଜ୍ଞ ଦେଖିବା ପାଇଁ ପଳାଇ ଯାଇଥିଲେ । ରାତି ପ୍ରାୟ ୧୦ଟାରେ ଘରକୁ ଫେରି ଅଙ୍କିତା ଆତ୍ମହତ୍ୟା କରିଥିବା ପାଟି କରି ସମସ୍ତଙ୍କୁ ଜଣାଇଥିଲେ । ପରଦିନ ପରିବାରର ଅନ୍ୟ ସଦସ୍ୟଙ୍କ ସହ ମିଶି ଉକ୍ତ ଘଟଣାକୁ ଚାପି ଦେବା ଉଦ୍ୟମ କରିଥିଲେ । ଏହା ପରେ ଗାଁ ନିକଟସ୍ଥ ନଦୀରେ ଅଙ୍କିତାଙ୍କ ଅନ୍ତିମ ସଂସ୍କାର କରିଥିଲେ । ଏଥିରେ ସନ୍ଦେହ କରି ଗାଁର ଗଣେଶରାମ ବାଗ ଖଡିଆଳ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଗାଁରେ ପହଞ୍ଚି ଅନ୍ତିମ ସଂସ୍କାର କରାଯାଇଥିବା ସ୍ଥାନରୁ ଅଙ୍କିତାଙ୍କ ହାଡ ଓ ପାଉଁଶ ଜବତ କରିଛି । ଏ ନେଇ ଏକ ମାମଲା ରୁଜୁ କରି ମୁଚୁକୁନ୍ଦଙ୍କ ସମେତ ଅନ୍ୟ ୫ଜଣ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରିଛି। ତଦନ୍ତ ପରେ ମୁଚୁକୁନ୍ଦ ସମସ୍ତ ଘଟଣା ନିଜେ କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି । ତାଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିବା ଆଇଆଇସି କୈଳାସ ଚନ୍ଦ୍ର ସେଠୀ କହିଛନ୍ତି । ଅନ୍ୟ ୪ ଅଟକଙ୍କୁ ପୋଲିସ ଛାଡି ଦେଇଛି ।



ଅନ୍ତିମ ସଂସ୍କାର କରାଯାଇଥିବା ସ୍ଥାନ ପୋଲିସ ପରିଦର୍ଶନ କରୁଛି।

# ପିସ୍ତଲ ସହ ୮ ଗୁଳି ଜବତ: ଅଭିଯୁକ୍ତ ଗିରଫ

**ବଡବିଲ, ୧୮।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଉପରବସ୍ତିରୁ ଜଣେ ଯୁବକଙ୍କ ନିକଟରୁ ଏକ ବିଦେଶୀ ପିସ୍ତଲ ସହ ୮ଟି ଜୀବନ୍ତ ଗୁଳି ଜବତ ହୋଇଥିବାବେଳେ ସମ୍ପୃକ୍ତ ଅଭିଯୁକ୍ତ ସେକ ମୁମତାଜଙ୍କୁ ପୋଲିସ ଗିରଫ କରିଥିବା ଜଣାପଡିଛି। ସେକଙ୍କ ନାମରେ ବଡବିଲ ଥାନାରେ ଏକାଧିକ ମାମଲା ରହିଥିବା ଅନୁମାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବଡବିଲ ଉପରବସ୍ତିରେ ରହୁଥିବା ସେକ ମୁମତାଜ ନାମକ ଯୁବକଙ୍କ ପାଖରେ ଏକ ପିସ୍ତଲ ଥିବା ପୋଲିସ ଖବରପାଇଥିଲାବେଳେ ବିଳମ୍ବିତ ରାତିରେ ତାଙ୍କ ଘରେ ଚଢାଉ କରିଥିଲା। ମୁମତାଜଙ୍କ ନିକଟରୁ ପୋଲିସ ଏକ ୟୁଏସଏ (ୟୁନାଇଟେଡ ଷ୍ଟେଟସ ଅଫ ଆମେରିକା) ନିର୍ମିତ ବିଦେଶୀ ପିସ୍ତଲ ସହ ୭.୬୫ ମିଲିମିଟରର ୮ଟି ଜୀବନ୍ତ ଗୁଳି ଜବତ କରିବାକୁ ସକ୍ଷମ ହୋଇଥିବା ଜଣାପଡିଛି। ଏ ନେଇ ପୋଲିସ ବଡବିଲ ଥାନାରେ ଏକ ମାମଲା ରଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି।




# ୨୩ରେ ଓଡ଼ିଶା ଆସିବେ ମୋଦି

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)**

**ଆଜି ଆସୁଛନ୍ତି ରାଜନାଥ ଓ ୨୦ରେ ମୁଖ୍ତାର ଅବାସ ନକ୍ଭୀ**

୨୦୧୯ ସାଧାରଣ ନିର୍ବାଚନରେ ଭାଜପା କେନ୍ଦ୍ରୀୟ ନେତାଙ୍କ ଫୋକସ୍‌ରେ ରହିଛି ଓଡିଶା।ସ୍ୱଳ୍ପ ସମୟ ବ୍ୟବଧାନରେ କେନ୍ଦ୍ରୀୟ ନେତାଙ୍କ ଗସ୍ତରୁ ଏହା ବାରି ହୋଇପଡୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏବେ ନିର୍ବାଚନୀ ପ୍ରଚାର ପାଇଁ ପ୍ରତି ସପ୍ତାହରେ ଓଡିଶା ଆସୁଛନ୍ତି। ଗତ ୧୬ତାରିଖରେ ମୋଦି ଓଡିଶାର ଦୁଇଟି ଜିଲାରେ ଆୟୋଜିତ ନିର୍ବାଚନୀ ସଭାରେ ଆସି ଯୋଗଦେଇ ଯାଇଛନ୍ତି। ଅପରାହ୍ନରେ ସମ୍ବଲପୁର ଆସିଥିବା ବେଳେ ସନ୍ଧ୍ୟାରେ ଭୁବନେଶ୍ୱର ଆସି ରୋଡ୍ ଶୋ କରିଥିଲେ। ରାଜ୍ୟରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେଉଛି। ତୃତୀୟ ପର୍ଯ୍ୟାୟରେ ସମ୍ବଲପୁର ଓ ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ୍ ଥିବାରୁ ମୋଦି ଏହି ଦୁଇ ଆସନ ପାଇଁ ପ୍ରଚାର କରିଥିଲେ। ଏହାପରେ ଆସନ୍ତା ୨୯ତାରିଖରେ ରାଜ୍ୟର ୪ର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଏଥିପାଇଁ ଆସନ୍ତା ୨୩ରେ ମୋଦି ପୁନର୍ବାର ଓଡିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଦିନ ୧୦ଟାରେ କେନ୍ଦ୍ରାପଡାଠାରେ ପହଞ୍ଚି ବିଜୟ ସଂକଳ୍ପ ସମାବେଶରେ ଉଦ୍‌ବୋଧନ ଦେବେ। ଏହାପରେ ମଧ୍ୟାହ୍ନ ୧୨ଟାରେ ବାଲେଶ୍ୱରଠାରେ ପହଞ୍ଚି ସେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଗୁରୁବାର ସୂଚନା ଦେଇଛନ୍ତି । ସେହିପରି ମୋଦିଙ୍କ ଗସ୍ତ ପୂର୍ବରୁ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ଓଡିଶାରେ ନିର୍ବାଚନୀ ପ୍ରଚାର କରିବେ ବୋଲି ଜଣାପଡିଛି। ରାଜନାଥ ଗୋଟିଏ ଦିନରେ ମୟୂରଭଞ୍ଜ, ନୟାଗଡ ଏବଂ କଟକ ସଦରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ସେହିପରି ଆସନ୍ତା ୨୦ରେ କେନ୍ଦ୍ର ସଂଖ୍ୟାଲଘୁ ମନ୍ତ୍ରୀ ମୁଖ୍‌ତାର ଅବାସ ନକ୍‌ଭୀ ଓଡିଶାରେ ପ୍ରଚାର କରିବା ପାଇଁ ଆସୁଛନ୍ତି । ନକ୍‌ଭୀ ସାଲେପୁର, କେନ୍ଦ୍ରାପଡା ଏବଂ ଭଦ୍ରକଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ବୋଲି ଗୋଲକ ସୂଚନା ଦେଇଛନ୍ତି । ମୋଦି ଆସନ୍ତା ୨୭ରେ ଓଡିଶା ଆସିପାରନ୍ତି ବୋଲି ଶୁଣିବାକୁ ମିଳୁଥିଲା। ମାତ୍ର ହଠାତ୍ ତାଙ୍କ ଗସ୍ତସୂଚୀରୁ ପରିବର୍ତ୍ତନ ହେବାପରେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ୨୩ ଗସ୍ତପରେ ଅମିତ୍ ଶାହ ମଧ୍ୟ ୪ର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ଲୋକ ସଭା ଆସନର ପ୍ରଚାର ପାଇଁ ଆସିବେ ବୋଲି ଶୁଣିବାକୁ ମିଳିଛି। ଏହାପରେ ମୋଦି ଆଉଥରେ ୨୭ରେ ଓଡିଶା ଆସି ନିର୍ବାଚନୀ ପ୍ରଚାର କରିବେ ବୋଲି ମଧ୍ୟ ଦଳର ଜଣେ ଆଗ ଧାଡିର ନେତାଙ୍କ ନିକଟରୁ ଶୁଣିବାକୁ ମିଳିଛି।

# ହାଇୱେରେ ଟ୍ରକ୍ ଅଟକାଇ ଲୁଟ୍, ୪ ଅଭିଯୁକ୍ତ ଗିରଫ

**ବଡବିଲ, ୧୮।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଭଦ୍ରାସାହି-ରାଉରକେଲା ହାଇୱେରେ ଟ୍ରକଗୁଡିକୁ ଅଟକାଇ ଲୁଟ କରୁଥିବା ଚାରିଜଣିଆ ଲୁଟେରା ଦଳକୁ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨ବାଇକ, ଭୁଜାଲି ଓ ନଗଦ ୧ ହଜାର ଟଙ୍କା ଜବତ କରିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡବିଲ ଥାନା ଲସରଦା ଗ୍ରାମର ସତୀଶ ଆପଟ, ଜିତେନ ବାରିକ, ମଦନ ମହାକୁଡ ଓ ଦୀପକ ମହାକୁଡ। ଗୁରୁବାର ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା ଜଣାପଡିଛି।




# କଳିକେଶଙ୍କୁ ପାଲଲହଡା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଦାୟିତ୍ୱ

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)**

**ରମ୍ମୁ ପାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ**

୨୦୧୯ ସାଧାରଣ ନିର୍ବାଚନ ପାଇଁ ନିମାପଡା ବିଧାନସଭା ଆସନରେ ପୁରୀ ଜିଲା କଂଗ୍ରେସ ସଭାପତି ସତ୍ୟବ୍ରତ(ରମ୍ମୁ) ପାତ୍ରଙ୍କୁ କଂଗ୍ରେସ ଟିକେଟ ଦେଇଥିଲା। ହେଲେ ତାଙ୍କୁ ଟିକେଟ ଦେବାରେ ଜାଣିଶୁଣି ଦଳର ନେତୃତ୍ୱ ବିଳମ୍ବ କରିଥିବା ରମ୍ମୁ ଅଭିଯୋଗ ଆଣିଥିଲେ। ଏହାସହ ଟିକେଟ ପାଇବାର କିଛି ସମୟ ପରେ ସତ୍ୟବ୍ରତ ଟିକେଟ ଫେରାଇ ଦେବା ସହ ଦଳରୁ ଇସ୍ତଫା ମଧ୍ୟ ଦେଇଥିଲେ। ଏହାର ଦୁଇଦିନ ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଥିଲେ। ବିଜେଡି ସଭାପତି ସତ୍ୟବ୍ରତଙ୍କ ଉପରେ ଆସ୍ଥା ପ୍ରକଟ କରିବା ସହ ଗୁରୁବାର ତାଙ୍କୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ଏହାସହ ସ୍ମୃତିପ୍ରକାଶ ନନ୍ଦଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ପାଲଲହଡା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ଭାବେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ କଳିକେଶ ସିଂ ଦେଓଙ୍କୁ ଦାୟିତ୍ୱ ଦେଇଛନ୍ତି। ଏହି ଆସନ ପାଇଁ ସହ ପର୍ଯ୍ୟବେକ୍ଷକ ଭାବେ ଦଳର ଲାଞ୍ଜିଗଡ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ଦିଶାରୀଙ୍କୁ ଦାୟିତ୍ୱ ମିଳିଛି। ଅନ୍ୟପଟେ ଜଟଣୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସହ ପର୍ଯ୍ୟବେକ୍ଷକଭାବେ ଭୁବନେଶ୍ୱରର ସୁଶ୍ରୀ ମନ୍ଦାକିନୀ କରଙ୍କୁ ନିଯୁକ୍ତି ମିଳିଛି। ଏନେଇ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୯ ଏପ୍ରିଲ, ୨୦୧୯



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଭୋଟ ଗ୍ରହଣ କେନ୍ଦ୍ରରେ ଉତ୍ତେଜନା

ବରଗଡ଼ ଅଫିସ୍,୧୮।୪
ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୬ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭୋଟ ଗ୍ରହଣ କେନ୍ଦ୍ରରେ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା । ଭୋଟ୍ ଗ୍ରହଣ କେନ୍ଦ୍ର ମଧ୍ୟରେ କିଛି ଲୋକ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ ପାଇଁ ଭୋଟରଙ୍କୁ ଉସୁକାଇବା ନେଇ ଆରୋପ ପ୍ରତ୍ୟାରୋପରୁ ଏଭଳି ଉତ୍ତେଜନା ହୋଇଥିଲା । ଖବର ପାଇ ପୋଲିସ ସେଠାକୁ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ଉତ୍ତେଜନା ଦେଖାଯିବା ପରେ ଭୋଟଗ୍ରହଣ କେନ୍ଦ୍ରରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲା ।

### ଇଭିଏମ ଅଚଳ, ମତଦାନ ବିଳମ୍ବ

ବରଗଡ଼ ଅଫିସ୍,୧୮।୪
ବରଗଡ଼ ଜିଲାରେ ଗୁରୁବାର ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇଥିଲା। ମାତ୍ର ଜିଲାର ବିଭିନ୍ନ ଭୋଟ ଗ୍ରହଣ କେନ୍ଦ୍ରରେ ରହିଥିବା ଇଭିଏମ ଭିଭିପିଏଟି ଅଚଳ ହୋଇଯିବା ଯୋଗୁ ମତଦାନରେ ବିଳମ୍ବ ହୋଇଥିଲା। ଅତାବିରା ନିର୍ବାଚନ ମଣ୍ଡଳୀର ଖଇରପାଲି (ବୁଥ୍ ନଂ-୩୦, କୁମେଲସିଂହା (ବୁଥ୍ ନଂ-୬୫), ପତ୍ରାପାଲି (ବୁଥ୍ ନଂ-୧୧୭), ସାଲନା(ବୁଥ୍ ନଂ-୧୫୫), ବାଲିକୁଣ୍ଡା (୧୩୪), ଉଦେପୁର (ବୁଥ୍ ନଂ-୧୫୭), ଭେଡ଼େନ (ବୁଥ୍ ନଂ-୧୯୯), ଅରେଇଗୁଡ଼ି (ବୁଥ୍ ନଂ-୨୩୫), ବାଲିକୁଣ୍ଡା (ବୁଥ୍ ନଂ-୧୩୪), ଦେଶକୁମ୍ଭାରୀ (ବୁଥ୍ ନଂ-୧୫୬), ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିରିପାଲି, ବିଜେପୁର ନିର୍ବାଚନ ମଣ୍ଡଳୀର ବିଜେପୁର(ବୁଥ୍ ନଂ-୧୦୮), ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ବରଗଡ଼ ତଳିପଡ଼ା(ବୁଥ୍ ନଂ-୯୧), ଗୋବିନ୍ଦପାଲି(ବୁଥ୍ ନଂ-୫୩) ସମେତ ଅନ୍ୟ କେତେକ ଭୋଟଗ୍ରହଣ କେନ୍ଦ୍ରରେ ଇଭିଏମ ଅଚଳ ହେବା ଯୋଗୁ ମତଦାନ ବ୍ୟାହତ ହୋଇଥିବା ସୂଚନା ମିଳିଛି ।

### ପାଇକମାଳରେ ଶାନ୍ତିପୂର୍ଣ୍ଣ ମତଦାନ

ପାଇକମାଳ, ୧୮।୪ (ଡି.ଏନ.ଏ)
ପାଇକମାଳ ବ୍ଲକରେ ଗୁରୁବାର ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଛି । ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହୋଇଥିବା ବେଳେ ମିଠାପାଲି, ସରେଇକେଲା, ସାପଲହର ଓ ଭରୁଆମୁଣ୍ଡା ବୁଥରେ ରାତି ପ୍ରାୟ ୭ଟା ୪୫ ମିନିଟ ଯାଏ ମତଦାନ ଚାଲିଥିଲା । ବିଭିନ୍ନ ଭୋଟଦାନ କେନ୍ଦ୍ରରେ ବାଲାଟ ୟୁନିଟ, କଣ୍ଟ୍ରୋଲ ୟୁନିଟ ଓ ଭିଭିପାଟ ଖରାପ ହୋଇଥିବାରୁ ସେହି କେନ୍ଦ୍ରମାନଙ୍କରେ ମତଦାନ ବିଳମ୍ବ ହୋଇଥିଲା । ୭ କିମି ଦୂର ପିପଲଖୁଣ୍ଟାରେ ବୁଥ୍ ହୋଇଥିବାରୁ ଖପୁରିଡିହି ଗ୍ରାମର ୨୭୦ ଭୋଟ ବର୍ଜନ କରିଛନ୍ତି । ତଥାପି ପିପଲଖୁଣ୍ଟା ୧୮୩ ନମ୍ବର ବୁଥରେ ୧୦୧୭ ଭୋଟରରୁ ୫୫୯ ଜଣ ମତଦାନ କରିଛନ୍ତି । ଏ ନେଇ ଏଇଓ ସଦାଶିବ ନାୟକଙ୍କୁ ପଚାରିବାରୁ ପାଇକମାଳ ବ୍ଲକରେ ଭୋଟଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି ବୋଲି କହିଥିଲେ ।

### ନୂତନ ବ୍ୟବସ୍ଥାରେ ମତଦାନ

ଭେଡ଼େନ, ୧୮।୪ (ଡ଼ି.ଏନ.ଏ)
ବରଗଡ଼ ଜିଲା ଚଳିତ ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼ ଜିଲା ଭେଡ଼େନ ବ୍ଲକରେ ମତଦାନ ସମ୍ପନ୍ନ ହୋଇଛି । ଏଥିପାଇଁ ନିର୍ବାଚନ କମିଶନଙ୍କ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିବାରୁ ସାଧାରଣ ଭୋଟର ସନ୍ତୋଷ ପ୍ରକାଶ କରିଛନ୍ତି । ବିଶେଷ କରି ପ୍ରତି ବୁଥରେ ସହାୟତା କରିବା ପାଇଁ ଭୋଟର ତାଲିକା ସହ ବିଏଲଓ ଅଧିକାରୀ ଉପସ୍ଥିତ ରହିବା, ଭିଭିପାଟ ମେଶିନରେ ନିଜ ଭୋଟ କାହାକୁ ଦିଆଯାଉଛି ତାହା ଜାଣିପାରିବା, ଦିବ୍ୟାଙ୍ଗ ଭୋଟର ମାନଙ୍କ ପାଇଁ ସ୍ୱତନ୍ତ୍ର ହୁଇଲ ଚେୟାର ବ୍ୟବସ୍ଥା, ସେମାନଙ୍କୁ ମାଗଣାରେ ନେବା ଆଣିବା ପାଇଁ ଅଟୋ ବ୍ୟବସ୍ଥା, ସହାୟତା ପାଇଁ ସ୍ୱେଚ୍ଛାସେବୀମାନଙ୍କ ବ୍ୟବସ୍ଥା, ବୁଥରେ ପାନୀୟ ଜଳ ତଥା ବସିବା ପାଇଁ ଚଉକି ବେଞ୍ଚର ବ୍ୟବସ୍ଥା, ପୁରୁଣା କିରୋସିନ ଲଣ୍ଠନ ପରିବର୍ତ୍ତେ ସୋଲାର ଲଣ୍ଠନ ବ୍ୟବହାର ହେବା ଆଦି ନୂତନ ବ୍ୟବସ୍ଥା ହୋଇଥିଲା। ଏହାସହ ବୁଥ ଅଧିକାରୀ ମାନଙ୍କ ଯିବା ଆସିବା ପାଇଁ ଟ୍ରକ ପରିବର୍ତ୍ତେ ଯାତ୍ରୀବାହୀ ବସ୍, ଟ୍ରେକର, ବୋଲେରୋ ଆଦି ବ୍ୟବହାରସହ ସମସ୍ତ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ ଆଦି ନୂତନ ପ୍ରୟୋଗ ଫଳରେ କର୍ମଚାରୀମାନେ ମଧ ସନ୍ତୁଷ୍ଟ ଥିବା ଜଣାପଡ଼ିଛି ।

## ଅନୁଭୂତି ବାଣ୍ଟିଲେ ନୂଆ ଭୋଟର

# ଦେଶର ବିକାଶ ପାଇଁ ପ୍ରଥମ ଭୋଟ

ବରଗଡ଼ ଅଫିସ୍,୧୮।୪

ଗୁରୁବାର ବରଗଡ଼ ଜିଲାରେ ସାଧାରଣ ନିର୍ବାଚନର ମତଦାନ ସମାପନ ହୋଇଛି। ଆସନ୍ତା ମେ ୨୩ ତାରିଖରେ ଭୋଟ ଗଣତି ପରେ ଫଳାଫଳ ଘୋଷଣା ହେବ । ଫଳାଫଳକୁ କେବଳ ଦଳୀୟ ପ୍ରାର୍ଥୀ କିମ୍ବା ନେତା ଉତ୍କଣ୍ଠାର ସହିତ ଚାହିଁ ବସିଛନ୍ତି, ତାହା ନୁହେଁ । ଏଥର ସାଧାରଣ ନିର୍ବାଚନରେ ପ୍ରଥମଥର ପାଇଁ ମତଦାନ କରିଥିବା ଭୋଟରମାନେ ମଧ୍ୟ ଅପେକ୍ଷା କରିଛନ୍ତି । ସେମାନଙ୍କ ପ୍ରଥମ ଭୋଟ୍ ଯେଉଁ ପ୍ରାର୍ଥୀଙ୍କ ସପକ୍ଷରେ ପଡ଼ିଛି, ସେ କେବଳ ବରଗଡ଼ ନୁହେଁ, ରାଜ୍ୟ ତଥା ସାରା ଦେଶର ମଙ୍ଗଳ କରିବେ । ଏହି ଆଶା ଓ ବିଶ୍ୱାସ ରହିଛି ନୂଆ ଭୋଟରଙ୍କ ମାନସ ପଟରେ । ବିଭିନ୍ନ ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇ ଏଭଳି କିଛି ନୂଆ ଭୋଟରଙ୍କୁ ଭେଟିଥିଲୁ ଏବଂ ମତଦାନ ନେଇ ତାଙ୍କ ଅନୁଭୂତି ପଚାରିଥିଲୁ। ପ୍ରଥମଥର ଭୋଟ ଦେଇ ସେମାନେ ବହୁତ ଖୁସି ଥିବା କହିଥିଲେ । ତାଙ୍କ ପ୍ରଥମ ଭୋଟ ଅଯଥାରେ ଯିବ ନାହିଁ ବୋଲି ସେମାନେ କହିଥିଲେ । ନୂଆ ଭୋଟରଙ୍କ ନୂଆ ଅନୁଭୂତିକୁ ନେଇ ଏକ ଉପସ୍ଥାପନା ।

## ଏମାନେ କୁହନ୍ତି...



" ପାଠପଢ଼ା ପରେ ଏକ ମେଡ଼ିକାଲରେ କାମ କରୁଛି। ବହୁତ ଦିନରୁ ଭୋଟ ଦେବା ଇଚ୍ଛା ଥିଲା । ଏଥର ପ୍ରଥମଥର ପାଇଁ ଭୋଟ ଦେଉଛି । ବହୁତ ଖୁସି ଲାଗୁଛି । ଦେଶର ମଙ୍ଗଳ ପାଇଁ ଯିଏ କାମ କରିବେ ବୋଲି ଭାବିଛି, ତାଙ୍କ ସପକ୍ଷରେ ହିଁ ମୋର ଭୋଟ ଯାଇଛି ।
**-ଦମୟନ୍ତୀ ପ୍ରଧାନ, ବାଲିଟିକ୍ରା, ବରଗଡ଼**



" ଆଗରୁ ଅନ୍ୟମାନେ ଭୋଟ୍ ଦେଉଥିଲେ । ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇ ଧାଡ଼ିରେ ରହୁଥିଲେ । ତାହା କେବଳ ମୁଁ ଦେଖୁଥିଲି । ଏଥର ନିଜେ ଭୋଟ ଦେଇଛି । ବହୁତ ଖୁସି ଲାଗୁଛି । ବିକାଶ ତଥା ସେବାରେ ଯେଉଁ ପ୍ରାର୍ଥୀ ବ୍ରତୀ ହେବେ ବୋଲି ଅନୁଭବ କରୁଛି, ତାଙ୍କୁ ଭୋଟ୍ ଦେଇଛି ।
**-କବିତା ପ୍ରଧାନ, ବାଲିଟିକ୍ରା, ବରଗଡ଼**



" ସ୍ନାତକ ପାଠପଢ଼ା ସାରିଛି । ଏବେ ଚାକିରୀ ପାଇଁ ପ୍ରସ୍ତୁତି ଚଳାଇଛି । ପ୍ରଥମଥର ପାଇଁ ଭୋଟ ଦେଉଥିବା ଯୋଗୁ ବହୁତ ଖୁସି ଅନୁଭବ କରୁଛି । ବରଗଡ଼ ସମେତ ରାଜ୍ୟର ପ୍ରଗତି ଓ ବେରୋଜଗାର କ୍ଷେତ୍ରରେ ନେଇ ଯେଉଁ ପ୍ରାର୍ଥୀଙ୍କ ଭୂମିକା ସହାୟକ ହେବ, ତାଙ୍କୁ ଭୋଟ୍ ଦେଇଛି ।
**-ରାଜେଶ ଦାଶ, ତଳିପଡ଼ା, ବରଗଡ଼**



" ମୋତେ ୧୯ବର୍ଷ ହେଲା । ଏଥର ଭୋଟ୍ ଦେବାର ସୁଯୋଗ ପାଇଛି । ଯିଏ ଜନସାଧାରଣଙ୍କୁ ଠକିବ ନାହିଁ । ଲୋକଙ୍କ ପାଇଁ ଭଲ କାମ କରିବ । ବରଗଡ଼, ଓଡ଼ିଶା ଏବଂ ଦେଶର ବିକାଶ ପାଇଁ ଲାଗିବ, ସେଭଳି ପ୍ରାର୍ଥୀଙ୍କୁ ଭୋଟ ଦେଇଛି ଏବଂ ବହୁତ ଖୁସି ଅନୁଭବ କରୁଛି ।
**-ରାଜୁ ଶର୍ମା, ତଳିପଡ଼ା, ବରଗଡ଼**



" ଘରେ ସିଲେଇ କାମ କରେ । ପ୍ରଥମଥର ପାଇଁ ଭୋଟ ଦେଉଛି। ପିଲାବେଳେ ମା, ବାପା ଭୋଟ ଦେଇ ଆସୁଥିଲେ । ସାଙ୍ଗରେ ମୁଁ ଆସୁଥିଲି । କିନ୍ତୁ ଭୋଟ୍ ଦେଇ ପାରୁ ନ ଥିଲି । ଏଥର ପ୍ରଥମଥର ପାଇଁ ଭୋଟ ଦେଲି । ବହୁତ ଖୁସି ଲାଗିଲା ।
**- ପ୍ରମିଳା ସାହୁ, ହାଟପଦା, ବରଗଡ଼**



" ଜଣେ ସାବାଳକ ନାଗରିକ ଭାବେ ପ୍ରଥମଥର ଭୋଟ ଦେବାର ସୁଯୋଗ ପାଇ ବହୁତ ଖୁସି ଲାଗୁଛି । ରାଜ୍ୟ, ଦେଶ ପାଇଁ ଯିଏ ମଙ୍ଗଳ କରିବେ ବୋଲି ଭାବିଲି, ତାଙ୍କୁ ନିଜ ପସନ୍ଦର ପ୍ରାର୍ଥୀ ଭାବେ ବାଛିଲି ଏବଂ ମତାଧିକାର ସାବ୍ୟସ୍ତ କଲି । ଆଗକୁ ମଧ୍ୟ ଏଭଳି ନିର୍ବାଚନ ଆସିଲେ ଭୋଟ୍ ଦେବି, ନିଜର ଏଭଳି ଅଧିକାରକୁ ହାତଛଡ଼ା କରିବି ନାହିଁ ।
**-ଶିବାଙ୍ଗୀ ଅଗ୍ରୱାଲ, ହାଟପଦା, ବରଗଡ଼**

ରିପୋର୍ଟ: **ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍**



କାଳବୈଶାଖୀ ପ୍ରଭାବରେ ଏକ ଗଛଡ଼ାଳ ଭାଙ୍ଗି କାର୍ ଉପରେ ପଡ଼ିଛି ।

## କାଳବୈଶାଖୀରେ କ୍ଷୟକ୍ଷତି

ଗାଇସିଲେଟ୍,୧୮।୪(ଡି.ଏନ.ଏ)

ବରଗଡ଼ ଜିଲା ଗାଇସିଲେଟ ଅଞ୍ଚଳରେ ଗୁରୁବାର ଅପରାହ୍ନରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା । ଘୂର୍ଣ୍ଣିଝଡ଼ ସହିତ ବର୍ଷା, କୁଆପଥର ବୃଷ୍ଟି ହେବା ଯୋଗୁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବିଭିନ୍ନ ସ୍ଥାନରେ ଗଛ, ଡ଼ାଳ ଭାଙ୍ଗି ପଡ଼ିଥିବାବେଳେ ବିଦ୍ୟୁତ ତାର ମଧ୍ୟ ଛିଣ୍ଡି ଯାଇଛି । ଏଥିପାଇଁ କ୍ଷୟକ୍ଷତି ହୋଇଥିବା ବେଳେ ଅଞ୍ଚଳରେ ବିଦ୍ୟୁତ ସେବା ମଧ୍ୟ ବ୍ୟାହତ ହୋଇ ପଡ଼ିଛି ।

## ଦୁର୍ଘଟଣାରେ ୨ ନିର୍ବାଚନ କର୍ମଚାରୀ ଆହତ

ବରଗଡ଼ ଅଫିସ୍,୧୮।୪

ନିର୍ବାଚନ କାର୍ଯ୍ୟ ପାଇଁ ଆବଶ୍ୟକ ସାମଗ୍ରୀ ସକାଶେ ବରଗଡ଼ ପଞ୍ଚାୟତ କଲେଜକୁ ଆସୁଥିବା ବାଟରେ ଗୁରୁବାର ୨ଜଣ କର୍ମଚାରୀ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ସୂଚନା ମିଳିଛି । ଆହତ କର୍ମଚାରୀମାନେ ହେଲେ ଅତାବିରା ଆରଏମସିର ଗୋପୀନାଥ ନାୟକ ଏବଂ କିଶୋର ସେଠ । ସେମାନେ ଏକ ବାଇକ୍ ଯୋଗେ ଆସୁଥିବା ବେଳେ ବରଗଡ଼ ଘରୋଇ ବସଷ୍ଟାଣ୍ଡ ନିକଟରେ ଅନ୍ୟ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା ।

## କାଁ ଭାଁ ହିଂସା, ବିଳମ୍ବିତ ରାତ୍ରି ଯାଏ ଭୋଟଗ୍ରହଣ



ଚିଚିଣ୍ଡା କେନ୍ଦ୍ରରେ ମତଦାନ ପାଇଁ ଭୋଟଙ୍କ ଲମ୍ବା ଲାଇନ ।

ଭେଡ଼େନ, ୧୮।୪ (ଡ଼ି.ଏନ.ଏ)

ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭେଡ଼େନ ବ୍ଲକରେ ଉଭୟ ବିଧାନସଭା ତଥା ଲୋକସଭା ପାଇଁ ଗୁରୁବାର ମତଦାନ ହୋଇଛି । ତେବେ କାଁ ଭାଁ ମାଡ଼ପିଟ, ହିଂସାକୁ ବାଦଦେଇ ମୁଖ୍ୟତ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ସମ୍ପନ୍ନ ହୋଇଛି। ଏହି ବ୍ଲକ ଅନ୍ତର୍ଗତ ଅରେଇଗୁଡ଼ି ଗ୍ରାମର ୨୩୫ ନଂ ବୁଥରେ ଇଭିଏମ ଭୁଲ ପେୟାରିଂ ଯୋଗୁ ଭୋଟ ଗ୍ରହଣ ସମ୍ଭବ ହୋଇପାରିନାହିଁ । ଏହି କେନ୍ଦ୍ରରେ ଗୋଟିଏ ଚିହ୍ନରେ ବୋତାମ ମାରିଲେ ଭିଭିପାଟରେ ଅନ୍ୟ ଚିହ୍ନର ଫଟୋ ଆସୁଥିଲା । ଭୋଟ ଗ୍ରହଣର କିଛି ସମୟ ପରେ ଇଭିଏମ ଖରାପ ହୋଇଯିବାରୁ ଏହାକୁ ପୁଣିଥରେ ସଜଡ଼ା ଗଲା । ପ୍ରାୟ ୨୦୦ଟି ଭୋଟ ଗ୍ରହଣ ପରେ ଦିନ ସାଢ଼େ ୧୧ଟା ପରେ ଏପରି ତ୍ରୁଟି ଦେଖାଯିବାରୁ ଭୋଟ କେନ୍ଦ୍ରରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଅନ୍ୟ ମେସିନ ଆଣିବା ପରେ ମଧ ଦିନ ସାରା ଭୋଟ ଗ୍ରହଣ ସମ୍ଭବ ହୋଇ ନ ଥିଲା। ଏହି ବୁଥ୍‌ରେ ପୁଣିଥରେ ସାନି ଭୋଟ କରାଯିବାକୁ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡ଼ିଛି। ସେହିପରି ଭୋଟରଙ୍କ ଭିଡ଼ ଯୋଗୁ ରେମଣ୍ଡା, ବରପଦର, ଘିଚାପାଲି ଆଦି ବୁଥରେ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୬ଟା ସୁଦ୍ଧା ଭୋଟ ଗ୍ରହଣ ସରି ନ ଥିବାରୁ ରାତ୍ରି ପର୍ଯ୍ୟନ୍ତ ଭୋଟ କରାଯାଇଥିବା ଜଣାପଡ଼ିଛି। ଅନ୍ୟ ଏକ ଘଟଣା କ୍ରମରେ ଭୋଟର ଲିଷ୍ଟରେ ନାଁ ଡ଼ିଲିଟ ହୋଇଥିବାରୁ ଅନେକ ଭୋଟର ମତଦାନ କରିପାରି ନ ଥିଲେ। ଭେଡ଼େନ ଗ୍ରାମପଞ୍ଚାୟତର କୁତପାଲି ବୁଥରେ ଭୋଟର ହେମବନ୍ତ ଦାଶ ଏବଂ ତାଙ୍କ ସ୍ତ୍ରୀ ହେମାଙ୍ଗିନୀ ଦାଶଙ୍କ ନାମରେ ଡ଼ିଲିଟ ସିଲ୍ ପଡ଼ିଥିବାରୁ ସେମାନେ ଭୋଟ ଦେଇ ପାରି ନ ଥିଲେ । ଏ ନେଇ ଅସନ୍ତୋଷ ପ୍ରକାଶ କରି ହେମବନ୍ତ ଦାଶ କହିଛନ୍ତି ଯେ ସେ ବରଗଡ଼ରେ ରହୁଥିଲେ ମଧ ପ୍ରତି ନିର୍ବାଚନରେ ନିଜ ଗାଁ କୁତପାଲିରେ ଭୋଟ ଦେଇ ଆସୁଥିଲେ । ତାଙ୍କ ପାଖରେ ଏହି ଗ୍ରାମରେ ଭୋଟର କାର୍ଡ଼, ଆଧାର କାର୍ଡ଼, ଡ୍ରାଇଭିଙ୍ଗ ଲାଇସେନ୍ସ ଥିବା ସତ୍ତ୍ୱେ ସେ ଭୋଟ ଦେଇ ନ ପାରିବା ଦୁଃଖର ବିଷୟ ବୋଲି କହିଛନ୍ତି ।

## ଇଭିଏମ୍ ଅଚଳ, ଗଣ୍ଡଗୋଳ ଯୋଗୁ ଉତ୍ତେଜନା

ସୋହେଲା,୧୮।୪ (ଡି.ଏନ.ଏ)

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବରଗଡ ଲୋକସଭା ଓ ଭଟଲି ବିଧାନସଭା ଆସନ ପାଇଁ ସୋହେଲା ବ୍ଲକର ୧୩୧ଟି ବୁଥରେ ଗୁରୁବାର ମତଦାନ ଅନୁଷ୍ଠିତ ହୋଇଛି । ଭୋଟ ଗ୍ରହଣ ବେଳେ ସୋହେଲା ଥାନା ଅନ୍ତର୍ଗତ ବଞ୍ଜାରୀ ଗ୍ରାମର ବୁଥ ନମ୍ବର ୨୧୯ରେ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଉଭୟ ଗୋଷ୍ଠୀର ଜଣେ ଲେଖାଏ ଆହତ ହୋଇଥିଲେ । ଏହି ଘଟଣା ପରେ ଭୋଟଗ୍ରହଣ କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇବାରୁ କିଛି ସମୟ ଭୋଟ ଗ୍ରହଣ ବନ୍ଦ ରହିଥିଲା । ପରେ ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ର ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା କରିବା ପରେ ଭୋଟ ଗ୍ରହଣ ସ୍ୱାଭାବିକ ହୋଇଥିଲା। ସେହିପରି ସୋହେଲା ମୁଖ୍ୟଛକ ନିକଟରେ ଥିବା ବାଳିକା ୟୁଜିଏମ୍ଇ ସ୍କୁଲର ୨୦୦ ନମ୍ବର ବୁଥରେ ଭୋଟଦେବାକୁ ଲାଇନରେ ଥିବା ସତ୍ତ୍ୱେ ନିର୍ଦ୍ଧାରିତ ୪ଟା ସମୟରେ ପ୍ରିଜାଇଡିଂ ଅଫିସର ଅପେକ୍ଷା କରିଥିବା ଭୋଟରମାନଙ୍କୁ ଚିରକୁଟ ଦେଇ ନ ଥିଲେ । ଏଜେଣ୍ଟ ମାନଙ୍କ ବିରୋଧ ସତ୍ତ୍ୱେ ଇଭିଏମକୁ ବନ୍ଦ କରିଦେବାରୁ ବହୁ ଭୋଟର ମତଦାନରୁ ବଞ୍ଚିତ ହୋଇଥିଲେ । ଏହାକୁ ନେଇ ଉକ୍ତ କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା । ମତଦାନ ହୋଇଥିବା ସୋହେଲା ବ୍ଲକର ୧୩୧ଟି ବୁଥରୁ ମାଓବାଦୀ ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ହୋଇଥିବା ୬ଟି ବୁଥ୍‌ରେ ବ୍ୟାପକ ପୋଲିସ ଫୋର୍ସ ଓ ଏସଓଜି ଜବାନଙ୍କୁ ମୁତୟନ କରାଯାଇଥିଲା । ସୋହେଲା ବ୍ଲକର ଡୁମ୍ଭେରପାଲି ପ୍ରାଥମିକ ବିଦ୍ୟାଳୟ ବୁଥ ନଂ. ୧୯୪ରେ ପିଙ୍କ୍ ବୁଥ ଓ ଜାମପାଲି ପ୍ରାଥମିକ ବିଦ୍ୟାଳୟ ୨୨୫ ନମ୍ବର ବୁଥ୍‌କୁ ମଡେଲ ବୁଥ ସ୍ଥାପନ କରାଯାଇଥିଲା । ଏହି ବୁଥରେ ମତଦାନ ପାଇଁ ଆସୁଥିବା ଭୋଟର ମାନଙ୍କୁ ଭୋଟଗ୍ରହଣ କେନ୍ଦ୍ରରେ ଫୁଲ ଓ ଚନ୍ଦନ ଲଗାଇ ସ୍ୱାଗତ କରିବା ସହିତ ଥଣ୍ଡା ପାନୀୟ ବ୍ୟବସ୍ଥା କରାଯାଇଥିଲା। ସକାଳୁ ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ବାଉଁସେନମୁରା ଉଚ୍ଚପ୍ରାଥମିକ ବିଦ୍ୟାଳୟ ବୁଥ ନଂ.୨୨୮ରେ ମତଦାନ କରିଥିଲେ । ବ୍ଲକର ବିଭିନ୍ନ ମତଦାନ କେନ୍ଦ୍ରରେ ଇଭିଏମ ଓ ଭିଭିପାଟ ମେସିନ ଅଚଳ ହୋଇଥିବା ସୂଚନା ମିଳିଥିଲା । କର୍ମଚାରୀମାନେ ପହଞ୍ଚି ମେଶିନ ସଜାଡିବା ପରେ ମତଦାନ ସ୍ୱାଭାବିକ ହୋଇଥିଲା।



ଲୋକମାନେ ଭୋଟ ଦେବା ପାଇଁ ସୋହେଲା ବ୍ଲକ ଲୋକାପଡା ବୁଥ୍‌ରେ ଲାଇନରେ ଛିଡା ହୋଇଛନ୍ତି ।

## ଖବରଦାତାଙ୍କ ଉପରେ ଆକ୍ରମଣ

ଭେଡ଼େନ,୧୮।୪(ଡି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ଧରିତ୍ରୀ ପ୍ରତିନିଧି ସୁଦନ ମହାକୁରଙ୍କ ଉପରେ ଗୁରୁବାର ଅତର୍କିତ ଆକ୍ରମଣ ହୋଇଛି । ଆକ୍ରମଣ ଯୋଗୁ ତାଙ୍କ ଗଳାରେ ଆଘାତ ଲାଗିଛି । ତାଙ୍କୁ ଭେଡ଼େନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି । ଏହି ଘଟଣାକୁ ନେଇ ସେ ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଭେଡ଼େନ ଥାନା ଆଇଆଇସି ହେମନ୍ତ ରାଓଙ୍କୁ ପଚାରିବାରୁ ଉଭୟ ପକ୍ଷ ଏତଲା ଦେଇଛନ୍ତି ଏବଂ ସେ ନେଇ ରୁଷୁଡ଼ା ଫାଣ୍ଡି ଅଧିକାରୀଙ୍କୁ ବୁଝିବା ପାଇଁ ନିର୍ଦ୍ଦେଶ ଦେଇଥିବା କହିଥିଲେ । ପ୍ରକାଶ ଯେ, ମତଦାନ ଚାଲିଥିବାବେଳେ ମହାକୁର ଗଣ୍ଡତୁରୁମ ଭୋଟକେନ୍ଦ୍ର ନିକଟକୁ ଖବର ସଂଗ୍ରହ ପାଇଁ ଯାଇଥିଲେ। ସେତେବେଳେ ସେଠାରେ ସେ ଫଟୋ ଉଠାଉ ଥିବାବେଳେ କିଛି ଯୁବକ ତାଙ୍କୁ ସେଠାରୁ ଅନ୍ୟତ୍ର ଟେକି ନେଇ ମାଡ଼ପିଟ୍ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ମହାକୁର ଏତଲାରେ ଉଲ୍ଲେଖ କରିଛନ୍ତି । ଏହା ସହିତ ତାଙ୍କ ମୋବାଇଲ ଛଡ଼ାଇ ନେଇ ସେଥିରେ ଥିବା ଫଟୋ ଗୁଡ଼ିକୁ ନଷ୍ଟ କରି ଦେଇଥିବା ସେ ଅଭିଯୋଗ କରିଛନ୍ତି । ଘଟଣାକୁ ନେଇ ବରଗଡ଼ ଜିଲାର ଖବରଦାତାଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି ।

## ନଡ଼ିଆ ଗଛରୁ ପଡ଼ି ଯୁବକ ମୃତ

ବରପାଲି,୧୮।୪(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡା ଗ୍ରାମରେ ଗୁରୁବାର ଜଣେ ଯୁବକ ନଡ଼ିଆ ଗଛରୁ ପଡ଼ି ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ହେଲେ ବୁରୋମୁଣ୍ଡା ମେହେରପଡ଼ାର ବିଭୂତି ମେହେର(୨୮) । ବରପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଛି। ପ୍ରକାଶ ଯେ, ମୃତ ଯୁବକ ଚାଷଜମି ହିଡ଼ରେ ଥିବା ନଡ଼ିଆ ଗଛକୁ ନଡ଼ିଆ ତୋଳିବା ପାଇଁ ଚଢ଼ିଥିଲେ। ସେ ନଡ଼ିଆ ତୋଳୁଥିବା ବେଳେ ଗଛ ଉପରୁ ଖସି ପଡ଼ିଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବରପାଲି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବରପାଲି ପୋଲିସ ଏବଂ ତହସିଲଦାର ଯୁଧିଷ୍ଠିର ମେହେର ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଥିଲେ ।

## ଫଟୋରେ ଖବର





ବରଗଡ଼ ପୌର ପରିଷଦ ଅଧୀନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭୋଟ ଗ୍ରହଣ କେନ୍ଦ୍ରରେ ଉତ୍ତେଜନା ପରେ ପୋଲିସ ଛାଉଣୀ (ବାମ) । ବରଗଡ଼ ରାଣାପ୍ରତାପ ସ୍କୁଲରେ ପିଙ୍କ୍ ବୁଥ୍‌ରେ ମତଦାନ ଚାଲିଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୯ ଏପ୍ରିଲ, ୨୦୧୯



ଜନସାଧାରଣଙ୍କ ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ। - ଚରଣ ସିଂ



## ସଂକ୍ଷେପରେ

### ମତଦାନରୁ ବଞ୍ଚିତ ହେଲେ ଭୋଟର

ବରଗଡ଼ ଅଫିସ୍,୧୮।୪

ଭୋଟର ପରିଚୟପତ୍ର ଅଛି । ଆଧାର କାର୍ଡ଼ ମଧ୍ୟ ରହିଛି । ମାତ୍ର ଭୋଟର ତାଲିକାରେ ନାମ ନାହିଁ । ଏହି କାରଣରୁ ଅନେକ ଭୋଟର ମତଦାନରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି । ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୨ ଏବଂ ୱାର୍ଡ଼ ନଂ-୪ର କିଛି ଭୋଟର ଏଥିଯୋଗୁ ଭୋଟ ଦେଇ ନ ପାରି ନିରାଶରେ ଘରକୁ ଫେରିଥିଲେ । ସେମାନଙ୍କ ମଧ୍ୟରେ ଚକ୍ରଧର ଦାଶ, ଜୟରାମ ମାଝୀ, ଗୋପାଳ ସାହୁ, ଶଶି ବିଶ୍ୱାଳ ପ୍ରମୁଖ ରହିଥିଲେ । ଏମାନେ ମତାଧିକାର ସାବ୍ୟସ୍ତ ପାଇଁ ଆସି ଟାଣଖରାରେ ଧାଡ଼ିରେ ଥିଲେ । ମାତ୍ର ଭୋଟର ତାଲିକାରେ ସେମାନଙ୍କ ନାମ ଉଲ୍ଲେଖ ନ ଥିବା ସେମାନଙ୍କୁ ବ୍ୟଥିତ କରିଛି ବୋଲି ସେମାନେ କହିଥିଲେ ।

### ସୁବର୍ଣ୍ଣପୁରରେ ୩ଟି ଆଦର୍ଶ ବୁଥ୍

ସୋନପୁର,୧୮।୪(ନି.ପ୍ର): ସୁବର୍ଣ୍ଣପୁର ଜିଲାର ୨ଟି ବିଧାନସଭା ନିର୍ବାଚନମଣ୍ଡଳୀର ୩ଟି ବୁଥ୍‌କୁ ପ୍ରଶାସନ ପକ୍ଷରୁ ଆଦର୍ଶ ବୁଥ୍ କରାଯାଇଥିଲା। ୨ଟି ପିଙ୍କ୍ ବୁଥ୍‌ରେ ମହିଳା ପୋଲିଂ ଅଫିସର, ପ୍ରିଜାଇଡିଂ ଅଫିସର ଓ ମହିଳା ସୁରକ୍ଷା କର୍ମଚାରୀ ନିୟୋଜିତ ଥିଲେ। ସୋନପୁର ନିର୍ବାଚନମଣ୍ଡଳୀର ମହିପଡା ୧୮୫ ନଂ ବୁଥ୍ ଓ ବୀରମହାରାଜପୁର ନିର୍ବାଚନମଣ୍ଡଳୀର ଉଫୁଲା ୨୨୨ ନଂ ବୁଥ୍‌କୁ ମହିଳା କର୍ମଚାରୀ ପରିଚାଳନା କରିଥିଲେ। ସେହିପରି ମହିପଡା ୧୮୬ ନଂ ବୁଥକୁ ମଧ ଆଦର୍ଶ ବୁଥ୍ କରାଯାଇଥିଲା। ଯେଉଁଠି ପ୍ରିଜାଇଡିଂ ଅଫିସରଙ୍କଠାରୁ ଆରମ୍ଭ କରି ପୋଲିଂ ଅଫିସର ପର୍ଯ୍ୟନ୍ତ ସମସ୍ତେ ଭିନ୍ନକ୍ଷମ କର୍ମଚାରୀ ଥିଲେ। ଏହି ସବୁ ବୁଥ୍‌ରେ କାର୍ପେଟ୍ ବିଛା ଯିବା ସହ, ମତଦାତାଙ୍କ ବସିବା ପାଇଁ ସୁନ୍ଦର ବିଶ୍ରାମସ୍ଥଳୀର ବ୍ୟବସ୍ଥା ହୋଇଥିଲା । ବିଶ୍ରାମ ସ୍ଥଳୀରେ କୁଲର ଲାଗିବା ସହ ମତଦାତାଙ୍କୁ ସରବତ ବିତରଣ କରା ଯାଇଥିଲା। କେନ୍ଦ୍ର ଭିତରକୁ ପ୍ରବେଶ ସମୟରେ ମହିଳା କର୍ମଚାରୀ ଓ ସ୍ୱେଚ୍ଛାସେବୀ ମାନେ ଗୋଲାପ ଫୁଲ ଦେଇ ମତଦାତାଙ୍କୁ ସ୍ୱାଗତ କରିଥିଲେ । ମତଦାତାଙ୍କୁ ଏହା ଖୁବ୍ ପସନ୍ଦ ଆସିଥିଲା।

# ବାଚସ୍ପତିଙ୍କ ସମେତ ୧୨ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍

ବୌଦ୍ଧ/ତଳଗାଁ/କନ୍ଧମାଳ, ୧୮।୪(ସ୍ୱ.ପ୍ର/ଡି.ଏନ.ଏ)

ବୌଦ୍ଧ ଜିଲାର ବୌଦ୍ଧ ଓ କନ୍ଧମାଳ ବିଧାନ ସଭା ମଣ୍ଡଳୀରେ ଗୁରୁବାର ଭୋଟ ଗ୍ରହଣ ସରିଛି । ମତଦାନ ଶେଷ ହେବା ପରେ ଦୁଇଟି ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୨ଜଣ ନେତାଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି । ଜିଲା ପ୍ରଶାସନ ପକ୍ଷରୁ ବୌଦ୍ଧ ନିର୍ବାଚନ ମଣ୍ଡଳୀର ୧୯୪ଟି ବୁଥଓ କନ୍ଧମାଳ ନିର୍ବାଚନ ମଣ୍ଡଳୀର ୨୧୭ଟି ବୁଥରେ ଭୋଟ ଗ୍ରହଣ କରାଯାଇଥିଲା । ଭୋଟ ଗ୍ରହଣ ସକାଳ ୭ ଟାରୁ ଆରମ୍ଭ ହେବାର ଥିବାରୁ ବହୁ ବୁଥ୍ ଆଗରେ ଭୋଟରଙ୍କ ଲମ୍ବା ଲାଇନ ଲାଗିଥିଲା । ତେବେ ଅନେକ ବୁଥ୍‌ରେ ଇଭିଏମ ଓ ଭିଭିପାଟ ମେଶିନ ଠିକ ଭାବେ ସଂଯୋଗ ହୋଇ ନ ଥିବାରୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା । ସେହିପରି ଜିଲାର ବହୁ ସ୍ଥାନରେ ଇଭିଏମ ଓ ଭିଭିପାଟ ମେଶିନ ଅଚଳ ଯୋଗୁ ବିଳମ୍ବରେ ମତଦାନ ହୋଇଥିଲା । ବୌଦ୍ଧ ନିର୍ବାଚନ ମଣ୍ଡଳୀ ଅଧୀନ ହରଭଙ୍ଗା ବ୍ଲକର କରଞ୍ଜକଟା ବୁଥରେ ଅଧ ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା। ଇଭିଏମ ଅଚଳ ଯୋଗୁ ଆଡେଣିଗଡ, ଧଳପୁର, ଲୋକାପଡା, ବଡବାଗବର, ମଥୁରା, ବୌଦ୍ଧ ବ୍ଲକର ସହରର ଆଦର୍ଶ ବୁଥ ଓ ଏନଏସିର ୧୧,୧୨ ଓ ୧୭ ନଂ ବୁଥରେ ଇଭିଏମ ବହୁବାର ଅଚଳ ହୋଇଥିଲା । କନ୍ଧମାଳ ନିର୍ବାଚନ ମଣ୍ଡଳୀ ଅଧୀନ ବାଉଁଶୁଣୀର ଟିକିରାପଡା, ମାଳିପଡା. ବଡଦିଆସାହି, ଉମା ପଞ୍ଚାୟତର ଉମାଠାରେ ସକାଳ ୯ ଟାରେ ଭୋଟଗ୍ରହଣ ଆରମ୍ଭ ହୋଇଥିବା ବେଳେ ନାରାୟଣ ପ୍ରସାଦ ପଞ୍ଚାୟତର ସିଲେଟପଡା, ଲୁଣ୍ଡୁରୁବାହାଲରେ ୩ ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା । ସିଲେଟପଡା ଠାରେ ୩୬ଟି ଭୋଟ ଗ୍ରହଣ ପରେ ଭୋଟିଂ ହେବା ପରେ ଇଭିଏମ ବନ୍ଦ ହୋଇଯାଇଥିଲା । ଏସବୁ ଅବ୍ୟବସ୍ଥା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ସମସ୍ତ ସ୍ଥାନରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଛି । କିଛି ସ୍ଥାନରେ ଅନ୍ଧାରରେ ମଧ୍ୟ ମତଦାନ ହୋଇଥିବା ଜଣାପଡିଛି । ଅନ୍ୟପକ୍ଷେ ବୌଦ୍ଧ ନିର୍ବାଚନ ମଣ୍ଡଳୀର ମାଓବାଦୀ ଅଞ୍ଚଳ ତଳଗାଁ ପଞ୍ଚାୟତରେ କଡା ସୁରକ୍ଷା ମଧ୍ୟରେ ଭୋଟ ଗ୍ରହଣ କରାଯାଇଥିଲା । ଭୋଟ ଗ୍ରହଣ ଶେଷ ହେବା ପରେ ପୋଲିଂ ଓ ସୁରକ୍ଷା କର୍ମଚାରୀ ମାଓବାଦୀ ଭୟରେ ଦୀର୍ଘ ୧୦/୧୫ କିମି ଚାଲି ଚାଲି ଇଭିଏମ ଓ ଭିଭିପାଟ ମେସିନ ଧରି ମୁଖ୍ୟ ରାସ୍ତାକୁ ଆସିଥିଲେ । ସମସ୍ତ ବୁଥରେ ମତଦାନ ଶେଷ ହେବା ପରେ ଜିଲାରେ ମତଦାନ ହାର ୭୦ ପ୍ରତିଶତରୁ ଅଧିକ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ଭୋଟ ଗ୍ରହଣ ଶେଷ ହେବା ପରେ ଏବେ ନେତାଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି । ପ୍ରାର୍ଥୀମାନେ ନିଜ ନିଜ ଅଞ୍ଚଳର ନେତାଙ୍କୁ ନେଇ ଆଲୋଚନା କରିଛନ୍ତି । ଏଥର କାହାର ଜିତାପଟ ହେବ ସେ ନେଇ କର୍ମୀଙ୍କ ମହଲରେ ମଧ ଆଲୋଚନା ହେଉଛି । ତେବେ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ଭାଜପା ଓ ବିଜେଡି ମଧ୍ୟରେ କଡା ଟକ୍କର ହୋଇଥିବା ବେଳେ କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ଚତୁର୍ମୁଖୀ ଲଢେଇ ହୋଇଥିବା ଜଣାପଡିଛି ।

**ସରିଲା ମତଦାନ**

- ଇଭିଏମ, ଭିଭିପିଏଟି ଅଚଳ, ବିଳମ୍ବରେ ମତଦାନ ଆରମ୍ଭ
- ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକେ ଭୋଟ ଦେଲେ
- ମାଓବାଦୀ ଭୟରେ ମୁଖ୍ୟ ରାସ୍ତାକୁ ଚାଲି ଚାଲି ଆସିଲେ ପୋଲିଂ କର୍ମଚାରୀ



### ବିନିକାରେ ମତଦାନ ଶାନ୍ତିପୂର୍ଣ୍ଣ

ବିନିକା, ୧୮।୪(ଡି.ଏନ୍.ଏ.) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିନିକା ଏନ୍ଏସିର ୧୨ ୱାର୍ଡର ୧୩ ବୁଥ ଓ ବିନିକା ବ୍ଲକର ୧୩ ପଞ୍ଚାୟତର ୭୩ଟି ବୁଥ୍‌ରେ ଗୁରୁବାର ଶାନ୍ତିପୂର୍ଣ୍ଣଭାବେ ମତଦାନ ସମାପ୍ତ ହୋଇଛି। ବାଙ୍କିଘିର୍ଡି ପଞ୍ଚାୟତ ଅନ୍ତର୍ଗତ କୁକୁଡାଝୋଲି ଏବଂ ହୁଡୁମା ଗ୍ରାମରେ ପ୍ରାରମ୍ଭରୁ ଇଭିଏମ୍ ଅଚଳ ହୋଇ ଯାଇଥିଲା । ପ୍ରାୟ ୩୦ମିନିଟ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା । ଚଳିତ ଥର ପ୍ରଥମଥର ପାଇଁ ଦିବ୍ୟାଙ୍ଗ ଏବଂ ବୃଦ୍ଧାବୃଦ୍ଧମାନଙ୍କୁ ମତଦାନ ଦେବାକୁ ବୁଥକୁ ଗାଡିରେ ନେବା ବ୍ୟବସ୍ଥା କରାଯାଇଥିଲା ।

## ଡିଆଁଘାଟ ଗାଁରେ ଅଗ୍ନିକାଣ୍ଡ

ବୌଦ୍ଧ,୧୮।୪(ସ୍ୱ.ପ୍ର)

ହରଭଙ୍ଗା ବ୍ଲକର ଡିଆଁଘାଟ ଗାଁରେ ଗୁରୁବାର ସକାଳ ସାଢେ ୮ଟା ବେଳେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଉଗ୍ରସେନ ବେହେରାଙ୍କ ଘର ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି । ଗ୍ରାମର ଲୋକମାନେ ଭୋଟ ଦେବାକୁ ଯାଇଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଦମକଳ ବାହିନୀ ପହଞ୍ଚିବା ବେଳକୁ ସବୁ ପୋଡି ଛାରଖାର ହୋଇଯାଇଥିଲା । ତେବେ ଦମକଳ ବିଳମ୍ବରେ ପହଞ୍ଚିବା ଯୋଗୁ ଲୋକଙ୍କ ମଧରେ ଉତ୍ତେଜନା ପ୍ରକାଶ ପାଇଥିଲା ।



ଅଗ୍ନିକାଣ୍ଡରେ ଘର ଜଳିଯାଇଛି ।

## ଟାଣ ଖରା ସତ୍ତ୍ୱେ ମତଦାନ ପାଇଁ ଉତ୍ସାହ

ମନମୁଣ୍ଡା, ୧୮।୪ (ଡି.ଏନ.ଏ)

ମନମୁଣ୍ଡା ଥାନା ଅଞ୍ଚଳରେ ଥିବା ୧୭ଟି ପଞ୍ଚାୟତର ଅଧିକାଂଶ ବୁଥରେ ତ୍ରୁଟିପୂର୍ଣ୍ଣ ଇଭିଏମ ପାଇଁ ବିଳମ୍ବରେ ମତଦାନ ହୋଇଛି। ଏହାସହ ବାରମ୍ବାର ଇଭିଏମ ଅଚଳ ଯୋଗୁ ଭୋଟର ହଇରାଣ ହୋଇଥିଲେ । ଏହା ପୋଲିଂ ଅଫିସରଙ୍କ ମୁଣ୍ଡବ୍ୟଥା କାରଣ ସାଜିଥିଲା । ନୂର୍ପା ଗ୍ରାମରେ ଇଭିଏମ ଅଚଳ ଯୋଗୁ ବାରମ୍ବାର ବଦଳାଇବା ପରେ ଦିନ ୧୦ଟାରେ ମତଦାନ ଆରମ୍ଭ ହୋଇଥିଲା । ଡୁମେରମୁଣ୍ଡାରେ ମାତ୍ର ୧୦ଟା ମତଦାନ ପରେ ଇଭିଏମ ଅଚଳ ଯୋଗୁଁ ମଧ୍ୟାହ୍ନ ୧୨ଟା ପରେ ପୁନର୍ବାର ମତଦାନ ଆରମ୍ଭ କରାଯାଇଥିଲା। ସେହିପରି ବାସୁଦେବପାଲି, କିରାସିରା, ଅମୁର୍ଡା, ଖଲିଆପାଲି, ତାଲପଦର, ରତାଖଣ୍ଡି, ତାଲପଡା, ଧୁଙ୍ଗିଆପଦର, ଗରିଆପାଲି, ଗୋପାଳମାଳ, ଗବଯୋର ବୁଥ୍‌ରେ ଇଭିଏମ ତ୍ରୁଟି ଯୋଗୁ ଅପରାହ୍ନ ପ୍ରାୟ ସାଢ଼େ ୧ରୁ ୨ଟା ମଧ୍ୟରେ ମତଦାନ ଆରମ୍ଭ କରାଯାଇଥିଲା । ଖଲିଆପାଲି ସମେତ ଅନେକ ବୁଥରେ ବାରମ୍ବାର ଇଭିଏମ ଖରାପ ଯୋଗୁ ନୂଆ ଇଭିଏମ ଯୋଗାଣ କରାଯାଇଥିଲା । ଭୋଟରମାନେ ପ୍ରଚଣ୍ଡ ଖରା ସତ୍ତ୍ୱେ ଅପେକ୍ଷା କରି ମତଦାନ କରିଥିଲେ।



ଜଣେ ଦିବ୍ୟାଙ୍ଗଙ୍କୁ ଭୋଟଦାନ ପାଇଁ ହ୍ୱିଲ ଚେୟାରରେ ନିଆଯାଉଛି ।

**ଶାନ୍ତିଶୃଙ୍ଖଳା ସହ ମତଦାନ:** ଏହି ଥାନା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ସହ ମତଦାନ ହୋଇଛି। ପୋଲିସର କଡା ଡ୍ୟୁଟି, ସଚେତନ ଭୋଟରଙ୍କ ଯୋଗୁ ଏହା ସମ୍ଭବ ହୋଇଥିଲା । କୌଣସି ଦଳର ପ୍ରତିନିଧି ମଧ ବୁଥରେ ଭୋଟରମାନଙ୍କୁ ପ୍ରଭାବିତ କରିବା ଭଳି ଘଟଣା ଘଟି ନ ଥିବା ଜଣାପଡିଛି।

**ଅଂଶୁଘାତ ପାଇଁ ପ୍ରତିକାର ବ୍ୟବସ୍ଥା:** ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ଭୋଟରମାନଙ୍କ ପାଇଁ ପିଇବା ପାଣି ଏବଂ ଅଂଶୁଘାତରୁ ରକ୍ଷା ପାଇଁ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସଏଙ୍କ ନିର୍ଦ୍ଦେଶକ୍ରମେ କନ୍ଧମାଳ ବ୍ଲକର ସମସ୍ତ ବୁଥରେ ଆଶାମାନଙ୍କୁ ନିୟୋଜିତ କରାଯାଇଥିଲା । ସେମାନେ ଓଆରଏସ ପାଣି ସହ ପିଇବା ପାଣି ସମସ୍ତ ବ୍ୟବସ୍ଥା ବୁଝିଥିଲେ । ଏହାକୁ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ମେହେର ଓ ବିପିଏମ ଅଶୋକ ମିଶ୍ର ପରିଚାଳନା କରିଥିଲେ ।

**ବଉଳସିଂହା ବୁଥ୍‌ରେ ମଦ୍ୟପଙ୍କ ଦୌରାତ୍ମ୍ୟ:** ବଉଳସିଂହା ବୁଥ୍‌ରେ ସେହି ଗ୍ରାମର ଜଣେ ମଦ୍ୟପ ଧସେଇ ପଶିଥିଲେ । ଜଣେ ଭୋଟର ସୁଶାନ୍ତ ପ୍ରଧାନ ଚିରକୁଟ ନେବା ବେଳେ ମଦ୍ୟପ ଜଣକ ତାଙ୍କୁ ଦୁର୍ବ୍ୟବହାର କରିବା ସହ ସହ ଠେଲା ପେଲା କରି ମୁଣ୍ଡ ଫଟାଇ ଦେଇଥିଲେ । ସେଠାରେ ଉପସ୍ଥିତ ପୋଲିସ ଫୋର୍ସ ଆହତଙ୍କୁ ମନମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

## ସୁବର୍ଣ୍ଣପୁର ଜିଲାରେ ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣ

ସୋନପୁର,୧୮।୪(ନି.ପ୍ର)

ରାଜ୍ୟରେ ଲୋକ ସଭା ଓ ବିଧାନସଭା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସକାଶେ ଗୁରୁବାର ଭୋଟଗ୍ରହଣ ସୁବର୍ଣ୍ଣପୁର ଜିଲାରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଜିଲାର ସୋନପୁର ଓ ବୀରମହାରାଜପୁର ବିଧାନସଭା ଏବଂ ବଲାଙ୍ଗୀର ଲୋକ ସଭା ଆସନ ପାଇଁ ସକାଳ ୭ଟାରୁ ଅପରାହ୍ନ ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିଲା। ମୋଟ ୪, ୫୯, ୨୦୮ ଭୋଟରଙ୍କ ପାଇଁ ୫୮୬ଟି ବୁଥ୍‌ରେ ମତାଧିକାର କରିବାର ବ୍ୟବସ୍ଥା ହୋଇଥିଲା। ଏଥିପାଇଁ ମଇଦାନରେ ୮ ଏମ୍‌ପି ଓ ୧୬ ବିଧାୟକ ପ୍ରାର୍ଥୀ ଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ କେତେ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି ତାର ସ୍ପଷ୍ଟ ତଥ୍ୟ ରାତି ୧୧ଟା ପର୍ଯ୍ୟନ୍ତ ଜିଲା ନିର୍ବାଚନ କାର୍ଯ୍ୟାଳୟ ନିକଟରେ ନ ଥିଲା । ସନ୍ଧ୍ୟା ୭ଟା ସୁଦ୍ଧା ମିଳିଥିବା ଟେଲିଫୋନିକ୍ ମ୍ୟାସେଜ ଅନୁଯାୟୀ ଜିଲାରେ ୭୧.୫ ପ୍ରତିଶତ ମତଦାନ ହୋଇଥିବା ଡିଆଇପିଆରଓ ହରିଚରଣ ମିଶ୍ର କହିଛନ୍ତି । ତେବେ ସୋନପୁର ନିର୍ବାଚନ ମଣ୍ଡଳୀର ୧୨ଟି ଓ ବୀରମହାରାଜପୁର ନିର୍ବାଚନମଣ୍ଡଳୀର ୪ଟି ବୁଥରେ ମତଦାନ ପ୍ରକ୍ରିୟା ଜାରି ରହିଛି । ଶତାଧିକ ମତଦାତା ଧାଡି ବାନ୍ଧି ଛିଡା ହୋଇଛନ୍ତି। ମତାଧିକାର ସାବ୍ୟସ୍ତ କରିବା ପାଇଁ ମତଦାତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି। ତେଣୁ ଜିଲାରେ ମତଦାନ ପ୍ରତିଶତ ୭୫ ରୁ ୮୦% ପର୍ଯ୍ୟନ୍ତ ବଢିବାର ସମ୍ଭାବନା ରହିଛି। ଶୁକ୍ରବାର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମଧୁସୂଦନ ମିଶ୍ର ମତଦାତାଙ୍କ ସଂଖ୍ୟା ସ୍ପଷ୍ଟ କରିବେ। ନିର୍ବାଚନ ପରିଚାଳନାରେ ସେଭଳି କୌଣସି ସମସ୍ୟା ଉପୁଜିନାହିଁ। ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସାଗରପାଲି ଗ୍ରାମର ୨୦୪ ଓ ୨୦୫ ନଂ ବୁଥରେ ଏବଂ ବୀରମହାରାଜପୁର ନିର୍ବାଚନମଣ୍ଡଳୀର କଇଁତରା ଗ୍ରାମର ୭୪ ନଂ ବୁଥରେ ଇଭିଏମ ଅଚଳ ହେବା ଯୋଗୁଁ ମତଦାନ ବିଳମ୍ବିତ ହୋଇଥିଲା। ସେହିପରି ସାଲେପାଲି ଓ ବୈଦ୍ୟନାଥରେ ସାମାନ୍ୟ ଗଣ୍ଡଗୋଳ ହୋଇଥିଲେ ହେଁ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା ।

### ଉଲୁଣ୍ଡା ବ୍ଲକରେ ମତଦାନ ଶାନ୍ତିପୂର୍ଣ୍ଣ

ଉଲୁଣ୍ଡା, ୧୮।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ଉଲୁଣ୍ଡା ବ୍ଲକରେ ମତଦାନ ଶାନ୍ତିଶୃଙ୍ଖଳା ସହିତ ସମ୍ପନ୍ନ ହୋଇଛି। ବ୍ଲକର ସଦର ପଞ୍ଚାୟତ ସମେତ ଏସ.ପତ୍ରାପାଲି, ସିଣ୍ଡୋଲ, ଜଉଁରାଭଉଁରା, ଚଢେଇପଙ୍କ, କ୍ଷେମାଲୋଏ, କୋଟସମଲାଇ, କାଦୋବର, କଳାପଥର, ମହଦା, ଜାଲୋଏ, ରକ୍ସା, ମୁଣ୍ଡୋଘାଟ, ନିମ୍ନା, ବିଶିପଡା, ପଞ୍ଚମହଲା, ଲସ୍ତଲା ଆଦି ପଞ୍ଚାୟତରେ ସର୍ବମୋଟ ୯୧ଟି ମତଦାନ କେନ୍ଦ୍ର କରାଯାଇଥିଲା । ଏଥି ମଧ୍ୟରୁ ୧୧ଟି ଅତି ସମ୍ବେଦନଶୀଳ ଏବଂ ୧୪ଟି ସମ୍ବେଦନଶୀଳ ବୁଥ ଭାବରେ ଚିହ୍ନଟ କରାଯାଇ ପ୍ରସାଶନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହୋଇଥିଲା । ପ୍ରଥମ କରି ମତଦାନ ପାଇଁ କେନ୍ଦ୍ରକୁ ଆସିଥିବା ଯୁବତୀଯୁବକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଲସ୍ତଲାରେ ଗୋଟିଏ ବୁଥ ପାଇଁ ୧୩୦୦ରୁ ଅଧିକ ଭୋଟର ଥିବାରୁ ରାତିପ୍ରାୟ ୮ଟା ୧୫ ପର୍ଯ୍ୟନ୍ତ ମତଦାନ ଚାଲିଥିଲା ।

## କାଳବୈଶାଖୀରେ ଘର ଭାଙ୍ଗିଗଲା

ଘଣ୍ଟାପଡା, ୧୮।୪ (ଡି.ଏନ.ଏ)

ବୌଦ୍ଧ ଜିଲାରେ ଗୁରୁବାର କାଳବୈଶାଖୀ ପ୍ରଭାବରେ ବହୁ କ୍ଷୟକ୍ଷତି ହୋଇଛି । ଜିଲାର କନ୍ଧମାଳ ବ୍ଲକ ଅଧୀନ ଘଣ୍ଟାପଡା ଗ୍ରାମରେ ଏକ ଗଛ ଭାଙ୍ଗିପଡିବାରୁ ଅଭିମନ୍ୟୁ ମଲ୍ଲିକଙ୍କ ଘର ଚୁରମାର ହୋଇଯାଇଛି । ଭାଙ୍ଗିଥିବା ଘର ମାଲିକ ଓ ତାଙ୍କ ସ୍ତ୍ରୀ ଭୋଟ ଦେବାକୁ ମତଦାନ କେନ୍ଦ୍ରକୁ ଯାଇଥିବାରୁ ଏକ ଅଘଟଣରୁ ବର୍ତ୍ତିଯାଇଛନ୍ତି । କ୍ଷତିଗ୍ରସ୍ତ ଗରିବ ଅଭିମନ୍ୟୁଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସଚେତନ ନାଗରିକ ମଞ୍ଚ ନିବେଦନ କରିଛି । ଆଜି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଚାଲିଥିବା ବେଳେ ହଠାତ ସାଢ଼େ ୪ଟାରେ ଘୂର୍ଣ୍ଣିଝଡ ମାଡିଆସି ଗଛ ଭାଙ୍ଗି ପଡିଥିଲା । ଫଳରେ ଘଣ୍ଟାପଡା ବସ୍ତି ରାସ୍ତା ଅବରୋଧ ହୋଇ ପଡିଛି । ବିଦ୍ୟୁତ ଖୁଣ୍ଟ ଓ ତାର ଛିଣ୍ଡି ବିଦ୍ୟୁତ ସରବରହ ବ୍ୟାହତ ହୋଇଥିଲା । କରକା ମାଡ ଯୋଗୁ ବ୍ୟାପକ ଫସଲ ହାନି ହୋଇଥିବା ଜଣାପଡିଛି ।

## ଇଭିଏମ ଭିତରେ ପ୍ରାର୍ଥୀଙ୍କ ଭାଗ୍ୟ

ବରଗଡ଼ ଅଫିସ୍,୧୮।୪

ବରଗଡ଼ ଜିଲାରେ ଗୁରୁବାର ସାଧାରଣ ନିର୍ବାଚନ ପାଇଁ ମତଦାନ ସମାପନ ହୋଇଛି। ତେବେ ଜିଲାର ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀର ଅରେଇଗୁଡ଼ି(ବୁଥ୍ ନଂ-୨୩୫) ଏବଂ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ଶକ୍ତିନଗର(ବୁଥ୍ ନଂ-୬୮)ରେ ଇଭିଏମ ଭିଭିପିଏଟି ତ୍ରୁଟି ପରିଲକ୍ଷିତ ହେବା ଯୋଗୁ ସେଠାରେ ସାନି ନିର୍ବାଚନ ହେବ ବୋଲି ସୂଚନା ମିଳିଛି । ଅନ୍ୟପଟେ ଜିଲାର ଅନ୍ୟ ଭୋଟ ଗ୍ରହଣ କେନ୍ଦ୍ରରେ କାଁ ଭାଁ ତ୍ରୁଟି, ଉତ୍ତେଜନାକୁ ଛାଡ଼ିଦେଲେ ମତଦାନ ଶାନ୍ତିପୂର୍ଣ୍ଣ ଥିଲା ।

ଖବର ଲେଖାହେବା ସୁଦ୍ଧା (ରାତ୍ରି ୧୦ଟା) ଜିଲା ଅଧୀନ ନିର୍ବାଚନ ମଣ୍ଡଳୀ ଗୁଡ଼ିକର ଚୂଡ଼ାନ୍ତ ମତଦାନ ହାର ଜଣାପଡ଼ିନାହିଁ। କେତେକ ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ ବିଳମ୍ବ ହୋଇଥିବା ଯୋଗୁ ସେଭଳି ସ୍ଥିତି ଉପୁଜିଥିବା ଜଣାପଡ଼ିଛି । ତେବେ ଅପରାହ୍ନ ୫ଟା ସୁଦ୍ଧା ଜିଲାର ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୬୧ ପ୍ରତିଶତ ମତଦାନ ହୋଇଥିଲା । ସେହିପରି ବିଜେପୁରରେ ୫୮, ଭଟଲିରେ ୪୭, ଅତାବିରାରେ ୪୫.୭ ଏବଂ ବରଗଡ଼ରେ ସର୍ବନିମ୍ନ ୪୪.୨ ପ୍ରତିଶତ ମତଦାନ ହୋଇଥିଲା । ମତଦାନ ପରେ ଉଭୟ ଲୋକସଭା ଏବଂ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ ଭିତରେ ରହିଛି । ସମସ୍ତ ପ୍ରାର୍ଥୀ ନିଜ ବିଜୟ ପାଇଁ ଆଶାବାଦୀ ଅଛନ୍ତି । ତେବେ ଆସନ୍ତା ମେ ୨୩ ତାରିଖ ଭୋଟ୍ ଗଣତି ପରେ ମତଦାନ କେଉଁ ପ୍ରାର୍ଥୀ ତଥା ଦଳ ସପକ୍ଷରେ ଅଧିକ ଯାଇଛି ଏବଂ କିଏ ନିର୍ବାଚନରେ ବାଜିମାତ୍ କରିବ, ତାହା ସ୍ପଷ୍ଟ ହୋଇଯିବ । ବିଜେଡ଼ିର ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେଡ଼ି ପ୍ରାର୍ଥୀଙ୍କ ସପକ୍ଷରେ ଭଲ ସମର୍ଥନ ରହିଥିଲା । ବିପୁଳ ଉତ୍ସାହ ମଧ୍ୟ ଦେଖିବାକୁ ମିଳିଥିଲା । ଫଳରେ ଏଥର ବିଗତ ଦିନର ସବୁ ରେକର୍ଡ଼ ଭାଙ୍ଗି ଦଳର ସବୁ ପ୍ରାର୍ଥୀ ବିଜୟ ଲାଭ କରିବେ ବୋଲି ଆଶା କରୁଛୁ । ସେହିପରି ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ କହିଛନ୍ତି, ଦଳ ସପକ୍ଷରେ ବିପୁଳ ଜନମତ ଆସିଛି । ଏହା ସ୍ପଷ୍ଟ ଭାବେ ଜଣାପଡୁଛି । ଫଳରେ ଏଥର ଦଳ ସବୁ ଆସନରେ ଜିତିବ, ଏଥିରେ ସନ୍ଦେହ ନାହିଁ । ଅତାବିରାର କଂଗ୍ରେସ ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦ କହିଛନ୍ତି, ଚାଷୀ, ଯୁବକ ଓ ମହିଳାମାନେ କଂଗ୍ରେସ ପ୍ରତି ଆସ୍ଥା ପ୍ରକଟ କରିଛନ୍ତି ଏବଂ ଏହି ନିର୍ବାଚନରେ କଂଗ୍ରେସର ବିଜୟ ହେବ ।



ମତଦାନରୁ ବଞ୍ଚିତ ଜଣେ ଭୋଟର ଭୋଟ୍ ପରିଚୟ ପତ୍ର ଦେଖାଉଛନ୍ତି ।

## ଅନେକ ବୁଥ୍‌ରେ ଇଭିଏମ୍ ତ୍ରୁଟି

ବୀରମହାରାଜପୁର, ୧୮।୪(ଡି.ଏନ୍.ଏ.)

ବଲାଙ୍ଗୀର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସମ୍ପନ୍ନ ହୋଇଛି। ୨୬୭ ବୁଥ୍ ବିଶିଷ୍ଟ ଉକ୍ତ ନିର୍ବାଚନ ମଣ୍ଡଳୀର ବହୁ ସ୍ଥାନରେ ପରିଚାଳନା ଗତ ଅବ୍ୟବସ୍ଥା ସତ୍ତ୍ୱେ ମତଦାନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଥିବା ଜଣାପଡିଛି। ନିର୍ବାଚନ ମଣ୍ଡଳୀର ସହକାରୀ ରିଟର୍ନିଂ ଅଫିସର ଅଭିମନ୍ୟୁ ମାଝୀଙ୍କଠାରୁ ମିଳିଥିବା ପ୍ରାଥମିକ ତଥ୍ୟ ଅନୁଯାଇ ଏଠାରେ ୭୨ ପ୍ରତିଶତ ମତଦାନ ହୋଇଛି।

ସମ୍ପ୍ରତି ସାରା ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ତାହାକୁ ଏଡାଇବା ପାଇଁ ସକାଳଠାରୁ ବିଭିନ୍ନ ମତଦାନ କେନ୍ଦ୍ର ମାନଙ୍କରେ ଭୋଟରଙ୍କ ଭିଡ ଆରମ୍ଭ ହୋଇଯାଇଥିଲା। କିନ୍ତୁ ବୀରମହାରାଜପୁର ବ୍ଲକର କର୍ଡାପାଲ, ଲାତୁରପେଟ, ଟିଁପିଲି, କାନପୁର ସମେତ ଅନେକ ଭୋଟଗ୍ରହଣ କେନ୍ଦ୍ରରେ ଇଭିଏମ୍ ତ୍ରୁଟି ସାମ୍ନାକୁ ଆସିଥିଲା। ସେଥିଯୋଗୁଁ ମତଦାନ ପ୍ରକ୍ରିୟା ବିଳମ୍ବିତ ହୋଇଥିବା ବେଳେ କେତେକ କେନ୍ଦ୍ରରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ୧୫ଟି ବୁଥ୍‌ରେ ଇଭିଏମ୍ ଅଚଳ ହେବାରୁ ସେସବୁ ବଦଳ କରାଯାଇଥିବା ମଧ ସୂଚନା ମିଳିଛି। ଅନ୍ୟପକ୍ଷରେ ପ୍ରଶାସନର ପୂର୍ବ ଘୋଷଣା ଏବଂ ପ୍ରସ୍ତୁତି ସତ୍ତ୍ୱେ ଏକାଧିକ ବୁଥ୍‌ରେ ମୌଳିକ ସୁବିଧା ଯୋଗାଇ ଦିଆଯାଇ ପାରି ନ ଥିବା ଯୋଗୁଁ ନିୟୋଜିତ ପୋଲିଂ କର୍ମଚାରୀ ଏବଂ ବୁଥ୍‌ରେ ଅପେକ୍ଷାରତ ଭୋଟରମାନଙ୍କୁ ଅପଦସ୍ତ ହେବାକୁ ପଡିଥିଲା। ଉପଖଣ୍ଡ ମୁଖ୍ୟାଳୟଠାରୁ ମାତ୍ର ୨କିଲୋମିଟର ଦୂରରେ ଅବସ୍ଥିତ ୨୧୯ ନମ୍ବର କାନପୁର ଉପ୍ରାସ୍କୁଲ୍ ବୁଥ୍‌ରେ ବିଦ୍ୟୁତ୍ ସଂଯୋଗ ନଥିଲା। ଫଳରେ ସେଠାରେ କାର୍ଯ୍ୟରତ ପୋଲିଂ ଟିମ୍‌କୁ ଖାଲନାଳ ହେବାକୁ ପଡିଥିଲା। ଏହି କେନ୍ଦ୍ରରେ ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ୍ ଚେଆର୍‌ଟିଏ ମଧ ନଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ପ୍ରାର୍ଥୀମାନଙ୍କ ଏଜେଣ୍ଟମାନଙ୍କ ପକ୍ଷରୁ ସେକ୍ଟର ଅଫିସର ଏବଂ ରିଟର୍ନିଂ ଅଫିସରଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ଶେଷଯାଏଁ କୌଣସି ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ ହୋଇଛି। ନିର୍ବାଚନ ମଣ୍ଡଳୀର ଏକମାତ୍ର ବୁଥ୍ ୨୨୨ ନମ୍ବର ଉଫୁଲା ନୋଡାଲ ଉପ୍ରାସ୍କୁଲ୍ କେନ୍ଦ୍ରକୁ ପିଙ୍କ୍ ବୁଥ୍‌ଭାବେ ଘୋଷଣା କରାଯାଇଥିବା ବେଳେ ଏହି ଆଦର୍ଶ ମତଦାନ କେନ୍ଦ୍ରର ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ନିଆରା ରୂପରେ ସାଜସଜ୍ଜା କରାଯାଇଥିଲା। ଏହାକୁ କେବଳ ମହିଳା କର୍ମଚାରୀ ପରିଚାଳନା କରିଥିବା ବେଳେ ଜିଲାପାଳ ମଧୁସୂଦନ ମିଶ୍ର ଓ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ପଣ୍ଡା ପରିଦର୍ଶନ କରିଥିଲେ। ଏସବୁ ଭିତରେ ଏହି ନିର୍ବାଚନ ମଣ୍ଡଳୀର ବିଧାୟକ ପଦ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୯ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍ ଭିତରେ ସିଲ୍ ହୋଇ ରହିଯାଇଛି।



ପିଙ୍କ୍ ବୁଥ୍ ଘୋଷିତ ଉଫୁଲା ନୋଡାଲ ଉପ୍ରାସ୍କୁଲ୍ ଆଦର୍ଶ ମତଦାନ କେନ୍ଦ୍ରରେ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଉଛି।

- ବୀରମହାରାଜପୁର ବିଧାନସଭା କ୍ଷେତ୍ର
- ମୌଳିକ ସୁବିଧା ନ ଥିବାରୁ ପୋଲିଂ ଟିମ୍, ଭୋଟର ଗୁଳ୍‌ଗୁଳା
- କାଁ ଭାଁ ଉତ୍ତେଜନା, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭିତରେ ବି ଉତ୍ସାହ



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଭୋଟ ଦେବାରୁ ବଞ୍ଚିତ ହେଲେ ୯୫ ଦାଦନ ପରିବାର

**ଟିକ୍ରାପଡା, ୧୮।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡା ପଞ୍ଚାୟତ ଅଧିନ ଦେଓଗାଁର ୯୫ ପରିବାରର ପ୍ରାୟ ୩୦୫ ଭୋଟର ଜିଲା ଓ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବାରୁ ଭୋଟ ଦେବାରୁ ବଞ୍ଚିତ ହୋଇଛନ୍ତି। ଘରମାନଙ୍କରେ ତାଲା ପଡିଛି । କେତେକଙ୍କ ଘରେ ବୁଢା ବୁଢି ଓ ଛୋଟପିଲା ରହିଥିବା ବେଳେ ଅନ୍ୟ ସମସ୍ତେ ବାହାରେ ଦାଦନ ଖଟିବାକୁ ଯାଇଛନ୍ତି। ଗାଁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କରାଯାଇଥିବା ଭୋଟ ଗ୍ରହଣ କେନ୍ଦ୍ରର ମତଦାନ ସଂଖ୍ୟାରୁ ଏହା ଜଣାପଡିଛି।

### ବିଳମ୍ବିତ ହେଲା ଭୋଟ ଗ୍ରହଣ

**ଟିକ୍ରାପଡା, ୧୮।୪ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡା ପଞ୍ଚାୟତ କୁଡାସିଂହାସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଥ ନଂ ୬ର କଣ୍ଟ୍ରୋଲିଂ ୟୁନିଟ ଖରାପ ଥିବାରୁ ନିର୍ଦ୍ଧାରିତ ସମୟରେ ଭୋଟ ଗ୍ରହଣ ଆରମ୍ଭ ହୋଇ ପାରି ନ ଥିଲା । ନୂତନ କଣ୍ଟ୍ରୋଲିଂ ୟୁନିଟ ଆସିବା ପରେ ଘଣ୍ଟାଏ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା । ସେହିପରି ଜୁରାବନ୍ଧ ପଞ୍ଚାୟତ ଜୁରାବନ୍ଧସ୍ଥିତ ବୁଥ ନଂ ୪ର ଇଭିଏମରେ ପୂର୍ବାହ୍ନ ୧୧ଟାରେ ଯାନ୍ତ୍ରିକ ତୃଟି ଦେଖା ଦେଇଥିଲା । ଦେଢ ଘଣ୍ଟା ପରେ ନୂତନ ଇଭିଏମ ଆସିବା ପରେ ୧୨ଟା ୩୦ରୁ ପୁଣି ମତଦାନ ଆରମ୍ଭ ହୋଇଥିଲା। ଏହି ପଞ୍ଚାୟତର କେଓମାଲସ୍ଥିତ ଭୋଟ ଗ୍ରହଣ କେନ୍ଦ୍ରରେ ଇଭିଏମରେ ତ୍ରୁଟି ଫଳରେ ନିର୍ଦ୍ଧାରିତ ସମୟରେ ଭୋଟ ଗ୍ରହଣ କରାଯାଇ ପାରି ନ ଥିଲା । ଘଣ୍ଟାଏ ବିଳମ୍ବରେ ନୂତନ ଇଭିଏମ ଆସିବା ପରେ ଭୋଟ ଗ୍ରହଣ ଆରମ୍ଭ କରାଯାଇଥିଲା ।

### ଇଭିଏମରେ ତ୍ରୁଟି, ୨ଘଣ୍ଟା ବିଳମ୍ବରେ ଭୋଟ ଗ୍ରହଣ

**ଲାଠୋର, ୧୮।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ଅଞ୍ଚଳରେ ବିଧାନ ସଭା ଓ ଲୋକ ସଭା ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଥିଲା। ହେଲେ କେତେକ ବୁଥରେ ଇଭିଏମ ଖରାପ ଯୋଗୁଁ ପ୍ରାୟ ଦୁଇ ଘଣ୍ଟା ବିଳମ୍ବରେ ଭୋଟ ଗ୍ରହଣ କରାଯାଇଥିଲା। ନିୟମ ଅନୁଯାୟ ସକାଳ ୭ ଟାରୁ ଭୋଟ ଗ୍ରହଣ ଆରମ୍ଭ ହେବା କଥା। ହେଲେ ଇଭିଏମ ତୃଟି ଯୋଗୁଁ ଅଞ୍ଚଳର ଲାଠୋର ବୁଥ ନଂ ୨୫ ରେ ଗୋଟିଏ, ବୁଥ ନଂ ୨୬ ରେ ଦୁଇଗୋଟି, ସାନଗୁର୍ଜିଭଟା ବୁଥ ନଂ ୨୦ ରେ ଗୋଟିଏ, ଭରୁଆମୁଣ୍ଡା, ବାଦିମାଲ, ଭାଲୁଚୁଆଁ ବୁଥ ନଂ ୩୩ରେ ଗୋଟିଏ, ବୁଢ଼ାଛାପର ବୁଥ ନଂ ୧୯ରେ ଦୁଇଟି, ଜଲପାଙ୍କେଲ, ଫୁଲଝର ବୁଥ ନଂ ୨୩ ରେ ଗୋଟିଏ ଇଭିଏମ ତ୍ରୁଟି ଯୋଗୁଁ ପ୍ରାୟ ଦୁଇ ଘଣ୍ଟା ବିଳମ୍ବରେ ଭୋଟ ଗ୍ରହଣ ଆରମ୍ଭ କରାଯାଇଥିଲା। ଫଳରେ ଭୋଟରମାନେ ନାନା ପ୍ରକାର ହଇରାଣ ହରକତ ହୋଇଥିଲେ। ସେହିପରି ଫୁଲଝର ଏବଂ ଜଲପାଙ୍କେଲ ଗ୍ରାମକୁ ନେଇ ଜଲପାଙ୍କେଲ ଗ୍ରାମରେ ବୁଥ ନଂ ୨୩ କରିଥିବାରୁ ଦୁଇ ଖଣ୍ଡ ଗ୍ରାମର ପ୍ରାୟ ୧୫ ଶହ ଭୋଟର ହେବାରୁ ଭୋଟ ଗ୍ରହଣ ସମୟରେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏ ନେଇ ଖପ୍ରାଖୋଲ ଅତିରିକ୍ତ ରିଟର୍ନିଂ ଅଫିସର ନିରଞ୍ଜନ ନାଏକଙ୍କୁ ଯୋଗାଯୋଗ କରିବାରୁ ଯେଉଁ ବୁଥମାନଙ୍କରେ ଇଭିଏମ ତ୍ରୁଟି ଯୋଗୁଁ ମତଦାନ ବିଳମ୍ବ ହୋଇଛି ସେଠିକାର ଅଫିସରମାନଙ୍କୁ ଅଧିକା ସମୟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

## ବଲାଙ୍ଗୀରର ବିଭିନ୍ନ ସ୍ଥାନରେ ମତଦାନର ଝଲକ...









ବଲାଙ୍ଗୀର ବିଧାନସଭା ବିଜେଡି ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ଓ ତାଙ୍କ ସ୍ତ୍ରୀ ଆଦ୍ରିଜା ମଞ୍ଜରୀ ସିଂଦେଓ ମହିଳା କଲେଜ ପୋଲିଂବୁଥ୍‌ରେ ମତଦାନ କରି ଫେରୁଛନ୍ତି । (୧) କଂଗ୍ରେସର ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଲକ୍ଷ୍ମୀନାରାୟଣପଡା ପୋଲିଂବୁଥ୍‌ରେ ମତଦାନ କରିବା ପରେ ବାହାରୁଛନ୍ତି। (୨)ବଲାଙ୍ଗୀର ମହିଳା କଲେଜ ମତଦାନ କେନ୍ଦ୍ରରେ ଭୋଟ ଦେବା ପରେ ଭାଜପା ବିଧାୟକ ପ୍ରାର୍ଥୀ ଅନନ୍ତ କୁମାର ଦାଶ। (୩) ପୂର୍ବତନ ରାଜ୍ୟସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ ମହିଳା କଲେଜ କେନ୍ଦ୍ରରେ ଭୋଟ ଦେଇଛନ୍ତି ।



ବଲାଙ୍ଗୀର ମହିଳା କଲେଜ ମତଦାନ କେନ୍ଦ୍ରରେ ମହିଳା ଓ ପୁରୁଷମାନେ ଭୋଟ୍ ଦେବାକୁ ଅପେକ୍ଷା କରିଛନ୍ତି ।



ବଲାଙ୍ଗୀର ମହିଳା କଲେଜ ବିଜ୍ଞାନ ବିଭାଗରେ ମହିଳା ଭୋଟମାନେ ଭୋଟ୍ ଦେବା ପାଇଁ ଧାଡିବାନ୍ଧି ଠିଆ ହୋଇଛନ୍ତି ।



ବଲାଙ୍ଗୀର ସହରରେ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଭୋଟ ଦେବାକୁ ଯାଉଛନ୍ତି ।



ବଲାଙ୍ଗୀରର ଜଣେ ମହିଳା ଭୋଟରଙ୍କୁ ହୁଇଲ ଚେୟାରରେ ନିଆଯାଉଛି । (ଫଟୋ-ସୁନୀଲ) ।







ଦେଓଗାଁ ୧୫୪ ନଂ ବୁଥରେ ମହିଳାମାନେ ମତାଧିକାର ସାବ୍ୟସ୍ତ କରିବା ପାଇଁ ଲମ୍ବା ଲାଇନ ଲଗାଇଛନ୍ତି (ବାମ) । ହୀରାପୁର ପଞ୍ଚାୟତର ମଣ୍ଡିଆପଦର ଆଦର୍ଶ ସ୍କୁଲ ମତଦାନ କେନ୍ଦ୍ରରେ ଭୋଟରଙ୍କ ଲମ୍ବାଲାଇନ (ମଝି) । ସଇନ୍ତଲା ବ୍ଲକ ଫଟାମୁଣ୍ଡା ଗ୍ରାମର ଭୋଟ ଗ୍ରହଣ କେନ୍ଦ୍ରରେ ଭୋଟ ଦେବା ପରେ ଜନୈକ ବୃଦ୍ଧ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଘରକୁ ଫେରୁଛନ୍ତି ।

# ତାଲିକାରେ ନାମ ନାହିଁ, ଭୋଟ ଦେଇ ପାରିଲେନି

**ଟିକ୍ରାପଡା ୧୮।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡା, ଝିଙ୍କିଡୁଙ୍ଗୁରି, ଜୁରାବନ୍ଧ ପଞ୍ଚାୟତ ଅଞ୍ଚଳର ଅନେକ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ନ ଥିବାରୁ ସେମାନେ ମତଦାନରୁ ବଞ୍ଚିତ ହୋଇଛନ୍ତି। ଟିକ୍ରାପଡା ପଞ୍ଚାୟତ ଅଧିନ ଦେଓଗାଁର ମନଫୁଲ ନାଗ(୩୭), ଖସୁଆ ନାଗ(୬୭), କାଶି ବେଣ୍ଟକାର ଭୋଟ ଦେବାପାଇଁ ସକାଳୁ ଭୋଟଦାନ କେନ୍ଦ୍ରରେ ପହଞ୍ଚିଥିଲେ । ତେବେ ଭୋଟର ତାଲିକାରେ ନାମ ନ ଥିବାରୁ ମତଦାନ କରି ନ ପାରି ନିରାଶରେ ଘରକୁ ଫେରିଥିଲେ । ମନଫୁଲ ଓ ଖସୁଆଙ୍କ ପାଖରେ ଭୋଟର ପରିଚୟ ପତ୍ର ଏବଂ କାଶିଙ୍କ ପାଖରେ ଆଧାର କାର୍ଡ ଅଛି । ସେହିପରି ଟିକ୍ରାପଡା ଗ୍ରାମର ନିର କାଲସାଏ, ଲୁର କାଲସାଏ, ପଦ୍ମନାଭ କାଣ୍ଡ, ବାର୍ସି କାଲସାଏ, ଦହନା ରାଜପଲିଆ, ଜାମା ରାଜପଲିଆ, ରାଜୀବ ବକୁଲ, ପଞ୍ଚାନନ ନାଗ, ଭୁଲେ ରାଜପଲିଆ ପ୍ରମୁଖଙ୍କ ନାମ ଭୋଟର ତାଲିକାରେ ନ ଥିବାରୁ ମତଦାନ କରିପାରି ନ ଥିବା ଜଣା ପଡିଛି।



ଭୋଟ ଦେଇ ପାରି ନ ଥିବା ମନଫୁଲ ନାଗ, କାଶି ବେଣ୍ଟକାର, ଖସୁଆ ନାଗ ।

### ସରିଲା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ଇଭିଏମ୍‌ରେ ସିଲ୍ ୪୨ପ୍ରାର୍ଥୀଙ୍କ ଭାଗ୍ୟ

**ବଲାଙ୍ଗୀର ଅଫିସ, ୧୮।୪**

ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସମାପ୍ତ ହୋଇଛି । ବଲାଙ୍ଗୀର ଜିଲାର ୫ଟି ବିଧାନସଭା ଓ ଲୋକ ସଭା ନିର୍ବାଚନ ମଣ୍ଡଳୀରେ କାଁ ଭାଁ ଗଣ୍ଡଗୋଳକୁ ଛାଡିଦେଲେ ସମସ୍ତ ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ରହିଛି । କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଦେଖାଯିବାରୁ ପ୍ରଥମରୁ ହିଁ ମତଦାନରେ ବିଳମ୍ବ ହୋଇଥିଲା । ଅନେକ ସ୍ଥାନରେ ଏଥିପାଇଁ ପ୍ରାୟ ୧/୨ ଘଣ୍ଟା ଯାଏଁ ବିଳମ୍ବ ହୋଇଥିବା ସୂଚନା ମିଳିଥିଲା । ତେବେ ପରବର୍ତ୍ତୀ ସମୟରେ ଇଭିଏମ୍‌କୁ ପରିବର୍ତ୍ତନ କରାଯିବା ଓ ଅନ୍ୟାନ୍ୟ ତ୍ରୁଟି ସମାଧାନ କରାଯିବା ପରେ ମତଦାନ କାର୍ଯ୍ୟ ଆରମ୍ଭ ହୋଇଥଲା । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବଲାଙ୍ଗୀର ଲୋକ ସଭା ନିର୍ବାଚନ ମଣ୍ଡଳୀର ୮ ପ୍ରାର୍ଥୀ ଓ ୫ଟି ବିଧାନସଭାର ୩୪ ଜଣ ପ୍ରାର୍ଥୀ ଏପରି ସମୁଦାୟ ୪୨ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭବିଷ୍ୟତ ଇଭିଏମ୍‌ରେ ସିଲ ହୋଇଯାଇଛି । ମେ୨୩ ତାରିଖ ଦିନ ଏହି ନିର୍ବାଚନ ଫଳାଫଳ ଘୋଷଣା କରାଯିବ ।

ସକାଳ ୭ରୁ ଅପରାହ୍ଣ ୬ଟା ପର୍ଯ୍ୟନ୍ତ ମତଦାନ କରିବା ସମୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ବହୁ ମତଦାନ କେନ୍ଦ୍ରରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଚାଲିଥିଲା। ଗୁରୁବାର ବଲାଙ୍ଗୀର ଲୋକ ସଭା ଅନ୍ତର୍ଗତ ୫ଟି ବିଧାନସଭା ବଲାଙ୍ଗୀର, ଲୋଇସିଂହା, ପାଟଣାଗଡ, ଟିଟିଲାଗଡ ଓ କଣ୍ଟାବାଞ୍ଜିରେ ଶାନ୍ତିଶୃଙ୍ଖଳାର ସହ ମତଦାନ ସରିଛି । ହାଇପ୍ରୋଫାଇଲ କଂଗ୍ରେସ ବିଧାନସଭା ପ୍ରାର୍ଥୀ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର, ତାଙ୍କ ସ୍ତ୍ରୀ କୁସୁମ୍ ମିଶ୍ର, ପୁଅ ତଥା ଲୋକ ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ସହର ଲକ୍ଷ୍ମୀନଗରପଡା ସ୍କୁଲ ମତଦାନ କେନ୍ଦ୍ରକୁ ଆସି ଭୋଟ୍ ଦେଇଥିଲେ । ସରକାରୀ ମହିଳା କଲେଜ ମତଦାନ କେନ୍ଦ୍ରରେ ବିଜେଡି ଲୋକ ସଭା ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ, ବିଧାନସଭା ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ, ତାଙ୍କ ସ୍ତ୍ରୀ ଆଦ୍ରିଜା ସିଂଦେଓ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ, ତାଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ଦେବୀ ଭୋଟ ଦେଇଥିଲେ । ମହିଳା କଲେଜରେ ଭାଜପା ବଲାଙ୍ଗୀର ବିଧାନସଭା ପ୍ରାର୍ଥୀ ଅନନ୍ତ କୁମାର ଦାଶ, ତାଙ୍କ ଅଭିନେତ୍ରୀ ସ୍ତ୍ରୀ ବିଧୁସ୍ମିତା ଦାଶ ଭୋଟ୍ ଦେଇଥିଲେ । ସେହିପରି ପାଟଣାଗଡରେ ଭାଜପା ବିଧାନସଭା ପ୍ରାର୍ଥୀ କନକ ବର୍ଦ୍ଧନ ସିଂଦେଓ ଓ ଲୋକ ସଭା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ପାଟଣାଗଡ ରମାଇ ହାଇସ୍କୁଲ ମତଦାନ କେନ୍ଦ୍ରରେ ଭୋଟ ଦେଇଥିଲେ । ପାଟଣାଗଡ ବିଜେଡି ପ୍ରାର୍ଥୀ ସରୋଜ ମେହେର ଓ କଂଗ୍ରେସ ପ୍ରାର୍ଥୀ ରମେଶ ପୁରୋହିତ ମଧ୍ୟ ମତଦାନ କରିଛନ୍ତି । ଟିଟିଲାଗଡରେ ବିଜେଡି ବିଧାନସଭା ପ୍ରାର୍ଥୀ ଟୁକୁନି ସାହୁ, ସଇଁନ୍ତଲାରେ କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ, ଗୁଡଭେଲା ବ୍ଲକ୍‌ରେ ଭାଜପା ବିଧାୟକ ପ୍ରାର୍ଥୀ ଅଶୋକ ଦୋରା ଭୋଟ୍ ଦେଇଛନ୍ତି । ଲୋଇସିଂହା ସଂରକ୍ଷିତ ନିର୍ବାଚନ ମଣ୍ଡଳୀର ଲୋଇସିଂହାଠାରେ କଂଗ୍ରେସ ପ୍ରାର୍ଥୀ ନବକିଶୋର ନାଏକ, ନଅଁଗା (ଖ)ରେ ଭାଜପା ପ୍ରାର୍ଥୀ ଡ. ମୁକେଶ ମହାଲିଙ୍ଗ ଓ ସକ୍‌ମାଠାରେ ବିଜେଡି ପ୍ରାର୍ଥୀ ପ୍ରଦୀପ କୁମାର ବେହେରା ଭୋଟ୍ ଦେଇଥିବା ଜଣାପଡିଛି । କଣ୍ଟାବାଞ୍ଜି ବିଧାନସଭାରେ ବିଜେଡି ପ୍ରାର୍ଥୀ ଅଜୟ କୁମାର ଦାସ, କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା, ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ ଭୋଟ ଦେଇଛନ୍ତି । ଅନ୍ୟ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀମାନେ ନିଜ ନିଜର ମତଦାନ କେନ୍ଦ୍ରରେ ମତଦାନ କରିଥିବା ଜଣାପଡିଛି । ମତଦାନ ପ୍ରକ୍ରିୟା ସରିବା ପର ଠାରୁ ବିଭିନ୍ନ ମହଲରେ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ବିଭିନ୍ନ ଦଳ ନିଜ ନିଜର ପ୍ରାର୍ଥୀ ଜିତିବେ ବୋଲି କରୁଛନ୍ତି। ଏଭଳି ସମୟରେ ଆଗାମୀ ୧ ମାସ ୫ ଦିନ ଧରି ନିର୍ବାଚନୀ ଉତ୍କଣ୍ଠା ଦେଖାଦେବା ସ୍ପଷ୍ଟ ହୋଇଯାଇଛି ।



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ,
ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ବୁର୍ଲା ଡିଏଭି ସ୍କୁଲର ବାର୍ଷିକ ଉତ୍ସବ

ଚିପିଲିମା,୧୮।୪(ଡି.ଏନ.ଏ.)- ବୁର୍ଲା ଏମ୍‌ସିଏଲ ଆନନ୍ଦ ବିହାରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଏକ୍ସୋଡିଆ ୨କେ୧୯ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ସିଏଲର ବିର୍ତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବ, ସମ୍ମାନିତ ଅତିଥି ଭାବେ ଆଇଆର୍‌ପିଏଫ ସିଭିଓ ଏମ୍ ଖୁର୍ସିଦ, ବୈଷୟିକ ନିର୍ଦ୍ଦେଶକ ଓମପ୍ରକାଶ ସିଂ, ଆଞ୍ଚଳିକ ଅଧିକାରୀ ଏଲ୍‌ଏନ୍ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷା ରଶ୍ମି ମିତ୍ର ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱଦନ ମହାପାତ୍ର, ତ୍ରିଶା ଅଗ୍ରୱାଲ, ଅର୍ଚ୍ଚନା ମିଶ୍ର, ଶୁଭଶ୍ରୀ ଶତପଥୀ, ପ୍ରିୟଦର୍ଶିନୀ ଭୋଇ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନାଚ, ଗୀତ, ଓଡ଼ିଶୀ, ଫକଡ୍ୟାନ, ଦେଶାତ୍ମବୋଧକ ନାଚ, ଗୀତ ଆଦି ପରିବେଷଣ କରିଥିଲେ। ଶେଷରେ ନାରୀଶକ୍ତି ଉପରେ ଆଧାରିତ ଏକ କ୍ଷୁଦ୍ର ନାଟକ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଏମ୍.ଏସ୍ ଗୁହା ଧନ୍ୟବାଦ ଅର୍ପଣ କରିଥିଲେ।

# ୩ ବର୍ଷ ପରେ ୨ ନିରାଶ୍ରୟ ଶିଶୁ ଉଦ୍ଧାର

- ସାମାଜିକ ସଙ୍ଗଠନ ନଜରକୁ ଆସିଲା
- ଶିଶୁ ସୁରକ୍ଷା ବିଭାଗ ଉଦ୍ଧାର କଲା
- ଫେଲ ମାରୁଛି ସରକାରୀ ବ୍ୟବସ୍ଥା

ନୂଆପଡା ଅଫିସ,୧୮।୪



ଅଧିକାରୀଙ୍କ ସହ ଉଦ୍ଧାର କରାଯାଇଥିବା ଦୁଇ ଶିଶୁ ।

ମା'ବାପା ଆରପାରିକୁ ଚାଲିଯିବା ପରେ ଦୁଇ ଶିଶୁ ନିରାଶ୍ରୟ ହୋଇ ପ୍ରାଥମିକ ଶିକ୍ଷାରେ ଡୋରିବାନ୍ଧି ସମ୍ପର୍କିୟଙ୍କ ଘରେ ଦୀର୍ଘ ୩ ବର୍ଷ ଧରି ରହି ଆସୁଥିବାବେଳେ ଶେଷରେ ତଡାଖାଇ ବାରଦୁଆର ବୁଲୁଥିଲେ। ସେହି ଅବସ୍ଥାରେ ସାମାଜିକ ସଙ୍ଗଠନର ନଜରକୁ ଆସିବା ପରେ ଜିଲା ପ୍ରଶାସନ ଉଦ୍ଧାର କରିଛି । ସେହି ଦୁଇ ଶିଶୁ ହେଲେ ବାହାଦୁର ମାଝି (୧୨) ଏବଂ ଶିବରାତି ମାଝି (୯) । ଏମାନଙ୍କ ନିଜ ଘର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବ୍ଲକ ଭୁରଷୁଣ ଗାଁ ହୋଇଥିବାବେଳେ ଏମାନେ ମା'ବାପାଙ୍କ ମୃତ୍ୟୁ ପରେ ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ ଖଇରା ଗାଁରେ ନିଜ ପିଉସୀଙ୍କ ଘରେ ରହୁଥିଲେ । ଶିଶୁ ଦୁହିଁଙ୍କୁ ଉଦ୍ଧାର କରି ବର୍ତ୍ତମାନ ଖଡିଆଳ କସ୍ତୁରବା ବାଳାଶ୍ରମରେ ରଖାଯାଇଛି ।

ବିବରଣୀମତେ ଭୁରସି ମାଝି ଆଜକୁ ୪ ବର୍ଷ ତଳେ ସପରିବାର ରାୟପୁରକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରୁ ଫେରିବା ବାଟରେ ତାଙ୍କ ସ୍ତ୍ରୀ ଟିକେମନିଙ୍କ ମୃତ୍ୟୁ ଘଟିଥିଲା । ବର୍ଷକ ପରେ ଭୁରସିଙ୍କ କୌଣସି କାରଣବଶତଃ ମୃତ୍ୟୁହେଲା। ତାଙ୍କର ୩ ଝିଅ ଏବଂ ଗୋଟିଏ ପୁଅ । ତନ୍ମଧ୍ୟରୁ ବଡ ଝିଅଙ୍କର ବିବାହ ହୋଇଥିବାବେଳେ ୨ୟ ଝିଅ ବର୍ତ୍ତମାନ ରାଜ୍ୟ ବାହାରକୁ ଦାଦନ ଖଟିଯାଇଛନ୍ତି । ଠିକ ଏହିଭଳି ଅବସ୍ଥାରେ ସାନ ଝିଅ ଶିବରାତି ଏବଂ ପୁଅ ବାହାଦୁର ଖଇରାରେ ନିଜ ସମ୍ପର୍କୀୟ ପିଉସୀଙ୍କ ଘରେ ରହୁଥିଲେ। କଅଁଳ ବୟସରେ ମା'ବାପାଙ୍କ ଚାଲିଯିବା ପରେ ପ୍ରାଥମିକ ଶିକ୍ଷାରେ ଡୋରି ବନ୍ଧା ହୋଇଗଲା । ପିଉସୀଙ୍କ ଘରେ ଛେଳି, ଗୋରୁ ଚରାଇ ପେଟ ପୋଷୁଥିଲେ। ହେଲେ ଅକସ୍ମାତ କୌଣସି କାରଣକୁ ନେଇ ଦୁହେଁ ତଡା ଖାଇଥିଲେ । ଆଜକୁ ସପ୍ତାହେ ହେବ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀଙ୍କ ଘରେ ଆଶ୍ରୟ ନେଇଥିଲେ । ଏ ସମ୍ପର୍କରେ ସାମାଜିକ ସଙ୍ଗଠନ ସାଇର ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଖବର ପାଇ ଜିଲା ଶିଶୁ ସୁରକ୍ଷା ବିଭାଗକୁ ଜଣାଇଥିଲେ । ତେବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଯାଇ ଉଦ୍ଧାର କରି ଆଣିଛନ୍ତି । ବର୍ତ୍ତମାନ ଏଦୁହିଁଙ୍କୁ ଖଡିଆଳ କସ୍ତୁରବା ବାଳାଶ୍ରମରେ ସୁରକ୍ଷିତ ଭାବେ ରଖାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଆଜକୁ ୩/୪ବର୍ଷ ହେବ ମା'ବାପା ହରାଇଥିବା ଦୁଇ ଶିଶୁ ଅସୁରକ୍ଷିତ ଭାବେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ରହିଥିବା ଘଟଣା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ରାଇଟ୍ ଟୁ ବ୍ରିଥ୍ କର୍ମଶାଳା

ଭବାନୀପାଟଣା,୧୮।୪ (ଡି.ଏନ.ଏ.)

ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଠାରେ 'ରାଇଟ୍ ଟୁ ବ୍ରିଥ୍' କର୍ମଶାଳା ଅନୁଷ୍ଠିତ ହୋଇଛି । ସ୍କୁଲ ପ୍ରତିଷ୍ଠାତା ତଥା ଅଧକ୍ଷ ଶିବରାମ ନାଏକ କର୍ମଶାଳାକୁ ଉଦ୍‌ଘାଟନ କରି ବାୟୁ ପ୍ରଦ୍ୟୁଷଣ, ଏହାର ପ୍ରଭାବ ଏବଂ ନିରାକରଣ ଓ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ସ୍କୁଲ ସଭାପତି ବ୍ରହ୍ମାନନ୍ଦ ସାମଲ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସାମାଜିକ କର୍ମୀ ସୁତମ ନାଏକ, ଶିକ୍ଷକ ତ୍ରିଲୋଚନ ସିଂହ ଏବଂ ଶିକ୍ଷୟିତ୍ରୀ ସାଗରିକା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଗଛ ବଞ୍ଚିଲେ ଆମେ ବଞ୍ଚିବା ଏବଂ ପ୍ରତ୍ୟେକ ଗଛ ଗୋଟିଏ ଗୋଟିଏ ଅମ୍ଳଜାନ କାରଖାନା ବୋଲି ଅତିଥିମାନେ ମତ ଦେଇଥିଲେ। ଏହି କର୍ମଶାଳାରେ ସହରର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଅଂଶଗ୍ରହଣକାରୀ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ଗୋଟିଏ ଗୋଟିଏ ଗଛ ଚାରା ଉପହାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ନିରୁଶା ସୁନୀ କର୍ମଶାଳା ପରିଚାଳନା କରିଥିଲେ।



ଜଣେ ଛାତ୍ରୀଙ୍କୁ ଗଛ ଚାରା ପ୍ରଦାନ କରାଯାଉଛି ।

# ଯୁବକଙ୍କୁ ହତ୍ୟା କରି ଫିଙ୍ଗିହେଲେ ଦୁର୍ବୃତ୍ତ

ନୂଆପଡ଼ା ଅଫିସ,୧୮।୪

ନୂଆପଡା ଜିଲା ଧରମବନ୍ଧା ଥାନା ଅନ୍ତର୍ଗତ ସଦର ଗାଁର କିଶୋର କୁମାର ସାହୁ (୨୫) ନାମକ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରି ଫିଙ୍ଗି ଦେଇଛନ୍ତି । ଏହି ଖବର ପ୍ରଘଟ ହେବା ପରେ ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ.୧୮/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି । ବିବରଣୀମତେ କିଶୋର ନୂଆପଡାସ୍ଥିତ ଏକ ସ୍ୱେଚ୍ଛାସେବୀ ସଙ୍ଗଠନରେ କାମ କରୁଥିଲେ। ବୁଧବାର ସନ୍ଧ୍ୟାରେ ଗାଁର ଏକ ବିବାହ ଭୋଜିରେ ଯୋଗଦେବେ ବୋଲି ଏଠାରୁ ଯାଇଥିଲେ । ରାତି ୮ଟାରେ ଘର ବସ୍ତିକୁ ବାହାରିଥିଲେ। ରାତି ୧୧ଟା ପର୍ଯ୍ୟନ୍ତ ନ ଆସିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ଗୁରୁବାର ସକାଳେ କୌଣସି ସୂତ୍ରରୁ ଖବର ଆସିଲା ଯେ ଗାଁର ସରସ୍ୱତୀ ଶିଶୁ ମନ୍ଦିର ପଛପଟେ କିଶୋରଙ୍କ ମୃତଦେହ ପଡିଛି । କିଶୋରଙ୍କ ବେକ ପଛପଟେ କୌଣସି ମାରଣାସ୍ତ୍ରରେ ମରାଯାଇଥିବାବେଳେ ସାମନା ପଟୁ ମଧ୍ୟ ବେକରେ ହତ୍ୟା କରାଯାଇଥିବା ଦେଖାଯାଇଛି। ପୋଲିସକୁ ସୂଚନା ଦେବା ପରେ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ନୂଆପଡା ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ତୁରନ୍ତ ସନ୍ଧାନୀ କୁକୁର ଏବଂ ସାଇନ୍‌ଟିଫିକ ଟିମ ଆସି ତଦନ୍ତ ଆରମ୍ଭ କରିଛି । ସବୁ ଦିଗକୁ ପୋଲିସ ଗୁରୁତ୍ୱର ସହ ବିଚାରକୁ ନେଇଛି। ବର୍ତ୍ତମାନ ସୁଦ୍ଧା ସେଭଳି କୌଣସି ତଥ୍ୟ ହସ୍ତଗତ ହୋଇନାହିଁ। ଖୁବ ଶୀଘ୍ର ଅଭିଯୁକ୍ତ ଧରାପଡିଯିବ ବୋଲି ଥାନାଧିକାରୀ ଦିଲୀପ କୁମାର ଲାକ୍ରା କହିଛନ୍ତି ।

# ଭଡ଼ାଘରେ ଚାଲିଛି କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ମୋଟେର ସ୍ୱାସ୍ଥ୍ୟ ଉପକେନ୍ଦ୍ର

ଭବାନୀପାଟଣା,୧୮।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେରଠାରେ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଦୀର୍ଘ ଦିନରୁ ଜରାଜିର୍ଣ୍ଣ ଅବସ୍ଥାରେ ପଡିରହିଛି। ବାରମ୍ବାର ଜଣାଇବା ସତ୍ତ୍ୱେ ମଧ ପ୍ରଶାସନର ଅବହେଳା ଯୋଗୁ ତାହା ମରାମତି କିମ୍ବା ନୂତନ ନିର୍ମାଣ ହୋଇପାରୁ ନ ଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନାଯୋଗ୍ୟ ଯେ, ଦୀର୍ଘ ୧୦ ବର୍ଷ ହେବ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଜରାଜିର୍ଣ୍ଣ ହୋଇ ପଡିରହିଥିବା ବେଳେ ଏବେ ଭଡାଘରେ କେନ୍ଦ୍ର ଚାଲିଥିବା ଜଣାପଡିଛି। ଏହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ମୋଟେର ପଞ୍ଚାୟତର ବାଟିଗୁଡା, ଖୋଟଲୁଗୁଡା, ଜଲତାମୁଣ୍ଡା, କୁସୁମଖୁଣ୍ଟି ଓ ମୋଟେର ଆଦି ଗ୍ରାମରେ ୧୦ ହଜାର ଉର୍ଦ୍ଧ୍ୱ ଲୋକେ ନିର୍ଭର କରିଥାନ୍ତି। ବିଭିନ୍ନ ସମୟରେ ସର୍ଦ୍ଦି ଖାସ କିମ୍ବା ସାଧାରଣ ଜ୍ୱର ହେଲେ ଲୋକେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଜୁନାଗଡକୁ ଚିକିତ୍ସା ପାଇଁ ଯିବାକୁ ପଡୁଥିବା ଲୋକେ ପ୍ରକାଶ କରୁଛନ୍ତି। ଭଡା ଘରେ କେନ୍ଦ୍ର ଚାଲୁଥିବାରୁ ଲୋକେ ଠିକ ଭାବରେ ଜାଣି ପାରୁ ନ ଥିବାରୁ ସ୍ୱାସ୍ଥ୍ୟ ସେବା ପାଇବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଏ ନେଇ ମୋଟେରରେ ଥିବା ଏଏନ୍‌ଏମ୍ ପ୍ରବାମଞ୍ଜରୀ ସବରଙ୍କୁ ପଚାରିବାରୁ ଉପସ୍ୱାସ୍ଥ୍ୟ କେନ୍ଦ୍ର ଦୀର୍ଘ ଦିନରୁ ଜରାଜିର୍ଣ୍ଣ ଅବସ୍ଥାରେ ଥିବାରୁ ଭଡାଘରେ କେନ୍ଦ୍ର ଚାଲୁଥିବା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମୁଁ ଜଣାଇ ଦେଇଛି ବୋଲି କହିଥିଲେ। ଉକ୍ତ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ଦୃଷ୍ଟିଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# 'ବେଦାନ୍ତ ଜିଲା ତଥା ଓଡ଼ିଶା ରାଜ୍ୟ ପାଇଁ ପ୍ରତିଶ୍ରୁତିବଦ୍ଧତାକୁ ପୁଣି ଥରେ ଦୋହରାଇଛି'

ଭବାନୀପାଟଣା,୧୮।୪(ଡି.ଏନ.ଏ.)




ଖବରଦାତା ସମ୍ମିଳନୀରେ ରାହୁଲ ଶର୍ମା ।

ବେଦାନ୍ତ ଲିମିଟେଡ଼ ଆଲୁମିନିୟମ ଶିଳ୍ପରେ ନିଜର ସମସ୍ତ ସଫଳତା ପଥକୁ ଅତିକ୍ରମ କରି ଏହାର ଅତି ଗୁଣବତା ସାମଗ୍ରୀକୁ ଆଧାର କରି ଏକ ସ୍ୱଦେଶୀ କଳାର ଜ୍ଞାନକୌଶଳକୁ ଆପଣେଇ ଏକ ଉଚ୍ଚ ମାନର ବ୍ରାଣ୍ଡକୁ ଧରି ରଖିପାରିଛି। ଏହା ଓଡ଼ିଶାର କଳାହାଣ୍ଡି ଜିଲାସ୍ଥିତ ଲାଞ୍ଜିଗଡ଼ଠାରେ ଏକ ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀ କାରଖାନାକୁ ପରିଚାଳନା କରୁଛି ବୋଲି ବେଦାନ୍ତ ଆଲୁମିନା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାହୁଲ ଶର୍ମା ଗୁରୁବାର ସ୍ଥାନୀୟ ଏକ ହୋଟେଲ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି ଯେ, ଏହାର କାର୍ଯ୍ୟକାରିତାର ମହାନତା ତଥା ଦକ୍ଷତାର ଏକ ସୁଉଚ୍ଚ ଗୁଣବତାକୁ ପ୍ରଦର୍ଶିତ କରିବା ଲକ୍ଷ୍ୟ ନେଇ ବେଦାନ୍ତ ଲାଞ୍ଜିଗଡ଼ କାରଖାନାକୁ ସ୍ୱୟଂ ସମ୍ପୂର୍ଣ୍ଣ ଉତ୍ପାଦନ ୟୁନିଟରେ ପରିଣତ ପାଇଁ ନିଜର ଆପ୍ରାଣ ଉଦ୍ୟମ ଜାରି ରଖିଛି। ଏପରିକି ଲାଞ୍ଜିଗଡ଼ ୟୁନିଟ୍ ବିଭିନ୍ନ ପ୍ରକାର ବ୍ୟକ୍ତିବିଶେଷଙ୍କ ବିବିଧତାକୁ ନେଇ ସବୁବେଳେ ଗର୍ବିତ ଅନୁଭବ କରୁଛି। ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟତ ୨୦% ମହିଳା ଯାହାକି ଉତ୍ପାଦନ କ୍ଷେତ୍ରରେ ମହିଳାଙ୍କ ଯୋଗଦାନର ତଥା କାର୍ଯ୍ୟରତ ହାରର ୫% ଅଧିକ। ନିକଟରେ ବେଦାନ୍ତ ଆଲୁମିନିୟମ ୧.୯୫ ଏମଟି ଉତ୍ପାଦନ କରି ସମଗ୍ର ଭାରତରେ ଏକ ପ୍ରମୁଖ ଧାତୁ ଉତ୍ପାନକାରୀ ଭାବେ ଗୌରବର ଅଧିକାରୀ ହେବା ସହିତ ବିଶେଷ କରି ଲାଞ୍ଜିଗଡ଼ ୟୁନିଟ ଏହାକୁ କାର୍ଯ୍ୟକାରୀ କରିବାର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିକାଶର ଏହି ଧାରା ଉପରେ ନିଜର ମତ ରଖି ବେଦାନ୍ତ ଆଲୁମିନା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାର ରାହୁଲ ଶର୍ମା କହିଛନ୍ତି। ସ୍ଥାନୀୟ ଗୋଷ୍ଠୀମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା ତଥା ଜୀବନଜୀବୀକାର ଆହୁରି ବ୍ୟାପକତା ଆଣିବା ପାଇଁ ଆମେ ଆବଶ୍ୟକ ପଦକ୍ଷେପ ତଥା ପ୍ରାଧାନ୍ୟ ଦେଉଛୁ। ଶିକ୍ଷା କ୍ଷେତ୍ରରେ ଉଚ୍ଚଗୁଣବତା ତଥା ସୁଦୂର ପ୍ରସାର ପାଇଁ ପିଲା ଏବଂ ଯୁବକମାନଙ୍କ ପାଇଁ ଆମେ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟ ପ୍ରତିଷ୍ଠା କରିଛୁ। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବେଦାନ୍ତ ହସ୍ପିଟାଲ ୪ ଲକ୍ଷରୁ ଅଧିକ ଲୋକଙ୍କ ସାହାଭରସା ତଥା ସାଥୀ ହୋଇଥିବା ବେଳେ ସ୍ୱାସ୍ଥ୍ୟ ସେବାର ସମସ୍ତ ସୁବିଧା ସୁଯୋଗ ତଥା ଲୋକମାନଙ୍କୁ ସୁହାଇଲା ଭଳି ଏକ ପରିବେଶ ସମଗ୍ର ସ୍ଥାନୀୟ ଅଞ୍ଚଳରେ ସୃଷ୍ଟି କରିପାରିଛି। ଜୀବନଜିବାକର କ୍ଷମତାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆମେ ଏଠାରେ ଥିବା କଳାକାରମାନଙ୍କ କଳାକୃତିକୁ ଆହୁରି ଆଲୋକିତ କରିବା ସହିତ ଏଠାକାର ପାରମ୍ପରିକ ଢ଼ୋକ୍ରା ଏବଂ ସୌରା କଳାକୃତିର ବିକାଶ ତଥା ପ୍ରସାର ପାଇଁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାରେ ସକ୍ଷମ ହୋଇପାରିଛୁ। ବ୍ୟକ୍ତି, ଗ୍ରହ ମଣ୍ଡଳ ତଥା ସମୃଦ୍ଧିଶାଳୀ ଏହି ତିନୋଟି ମୂଳମନ୍ତ୍ରକୁ ସାଙ୍ଗରେ ନେଇ ଆମେ ଆମର ପ୍ରତିଶ୍ରୁତିବଦ୍ଧତାକୁ ଆହୁରି ମଜବୁତ କରିପାରିଛୁ ଯାହାକି ଏହି ଅନୁଷ୍ଠାନକୁ ଏଠାରେ ଥିବା ଗୋଷ୍ଠୀର ଭବିଷ୍ୟତ ପାଇଁ ଏକ ପୋଷଣୀୟତାର ସୃଷ୍ଟିକୁ ସଫଳ କରିବାରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି । ଆଜି ପର୍ଯ୍ୟନ୍ତ ବେଦାନ୍ତ ଓଡ଼ିଶାରେ ୫୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରିଛି। ରାଜ୍ୟରେ ଏହା ଏକ ସର୍ବବୃହତ୍ ଏକକ ପୁଞ୍ଜିଲଗାଣ ଅଟେ। ଓଡ଼ିଶାର ଜନସାଧାରଣଙ୍କୁ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବରେ ଏକ ବିରାଟ ନିଯୁକ୍ତିର ସୁଯୋଗ ଏହି ପୁଞ୍ଜି ଲଗାଣର ଏକ ମହତ୍ ଦିଗ ଅଟେ। ନିଜର କାର୍ଯ୍ୟ ସମ୍ପନ୍ଧୀୟ କ୍ଷେତ୍ର ତଥା ଏହାର ଆଖପାଖରେ ଥିବା ସାମାଜିକ ଦାୟିତ୍ୱ ସମ୍ପର୍ଣ୍ଣତା, ନୈତିକତା ତଥା ପରିବେଶ ସହିତ ଖାପ ଖୁଆଇ ବିଭିନ୍ନ ପ୍ରକାର କାର୍ଯ୍ୟକୁ ଆଗେଇ ନେବା ସହିତ ଗୁଣବତା ତଥା ଜୀବନ ଶୈଳୀର ମାନକୁ ସବୁବେଳେ ନଜରରେ ରଖି ଏହାର ବ୍ୟବସାୟିକ କାର୍ଯ୍ୟଧାରା ପାଇଁ ବେଦାନ୍ତ ସର୍ବଦା ପ୍ରତିଶ୍ରୁତିବଦ୍ଧ।ଖବରଦାତା ସମ୍ମିଳନୀରେ ଲାଞ୍ଜିଗଡ ବେଦାନ୍ତର ସିଓଓ ରାକେଶ ମୋହନ ଓ ବେଦାନ୍ତ ଆଲୁମିନିୟମ୍ ଏବଂ ଶକ୍ତି ବ୍ୟବସାୟ ମୁଖ୍ୟ ଯୋଗାଯୋଗ ଅଧିକାରୀ ସୋନାଲ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏଲ ନିସି ମିଶନ ସ୍କୁଲର ବାର୍ଷିକୋତ୍ସବ

ଜୁନାଗଡ଼,୧୮।୪ (ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଏଲ ନିସି ମିଶନ ସ୍କୁଲର ୨୫ତମ ବାର୍ଷିକୋତ୍ସବ ବୁଧବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ତହସିଲଦାର ଉପେନ୍ଦ୍ର କୁମାର ଲୁହା, ମୁଖ୍ୟବକ୍ତା ଭାବେ ପ୍ରିୟ ଦର୍ଶନୀ ଇନ୍ଦିରା କଲେଜ ଅଧକ୍ଷ ବିଭୁତି ଭୁଷଣ ମେହେର, ସମ୍ମାନିତ ଅତିଥି ଭାବେ ଧର୍ମଗଡ ଏଲ ନିସି ମିସନ ସ୍କୁଲ ପ୍ରିନ୍ସପାଲ ସଞ୍ଜୟ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ସ୍କୁଲ ପରିଚାଳନା ନିର୍ଦ୍ଦେଶକ ଜୟ କୁଜ଼ି ଓ ସାରା ଜୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ ପ୍ରିନ୍ସପାଲ ଏମ ସି ଜୋସେଫ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆଇଆଇଟିରେ ପାଠପଢି କଳାହାଣ୍ଡି ପାଇଁ ଗୌରବ ଆଣିଥିବା ସ୍କୁଲର ପୁରାତନ ଛାତ୍ର ଶୈଳେସ ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଭିନ୍ନ କୃତି ଛାତ୍ରଙ୍କୁ ପୁରସ୍କୃତ କରିବା ପରେ ଛାତ୍ରୀଛାତ୍ର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲ ବରିଷ୍ଠ ଶିକ୍ଷକ ଜନ୍ମେଜୟ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍କୁଲ ଦୁଇ ଛାତ୍ରୀଛାତ୍ର ଆୟୁସି ଅଭିଲାସା ଓ ସୌମିନ ଅଭିଶେଖ ମଞ୍ଚ ପରିଚାଳନା କରିଥିଲେ। ଛାତ୍ର ଅମନ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଅମୃତାଂଶୁ ମିଶ୍ର, ତନିସା ଖେମକା, ବିଦାଶା ବାସୁଦେବ ଓ ପ୍ରିତି ବେହେରାଙ୍କ ମିଳିତ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଏଲନିସି ମିଶନ ସ୍କୁଲର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

## ଫଟୋରେ ଖବର



ଖରାର ପ୍ରକୋପ ବଢୁଥିବାରୁ ଜଣେ ଚାଷୀ ଖଟ ନିର୍ମାଣ ପାଇଁ ରଶି ତିଆରି କରୁଛନ୍ତି।



ଖଡ଼ିଆଳ ବ୍ଲକ କୁସୁମାଲ ନଦୀରେ ମହିଳାମାନେ ବାଲିଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି।



ଘରର ସଦସ୍ୟମାନେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିବାରୁ ନୂଆପଡ଼ା ଜିଲା କୋମନା ବ୍ଲକ ଟିକ୍ରାପଡ଼ା ଗାଁର ରାମରତନ ପହରିଆ ନାମକ ଜଣେ ବୃଦ୍ଧ ଅର୍ଦ୍ଧାହାରରେ ପଡ଼ିରହିଛନ୍ତି।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### କୀଟନାଶକ ପିଇ ନାବାଳିକାଙ୍କ ଆତ୍ମହତ୍ୟା

**ଭବାନୀପାଟଣା,୧୮।୪(ଡି.ଏନ.ଏ.)**- ପାରିବାରିକ ଗଣ୍ଡଗୋଳକୁ ନେଇ ଜଣେ ନାବାଳିକା କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି । ମୃତ ନାବାଳିକା ଜଣକ ହେଲେ ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କର୍ଲାପାଟ ପାଣ୍ଡି ଅଧିନସ୍ଥ ହାର୍ଡଖୁର୍ସି ଗ୍ରାମର ସତ୍ୟଭାମା ମାଝି (୧୬)। ସତ୍ୟଭାମାଙ୍କ କୌଣସି କାରଣକୁ ନେଇ ମା'ଙ୍କ ସହିତ ବଚସା ହୋଇଥିଲା। ଏଥିରେ ସତ୍ୟଭାମା ଉତ୍‌କ୍ଷିପ୍ତ ହୋଇ କୀଟନାଶକ ପିଇ ଦେଇଥିଲେ । ତେବେ ଏ ସମ୍ବନ୍ଧରେ ତାଙ୍କ ମା' କିଛି ଜାଣି ପାରି ନ ଥିଲେ । ସକାଳେ ଜାଣିବା ପରେ ମା' ତୁରନ୍ତ ଅନ୍ୟ ଏକ ପଡାରେ ରହୁଥିବା ତାଙ୍କ ପୁଅବୋହୁଙ୍କୁ ଡାକିଥିଲେ । ଏହାସହ ଏକ ଗାଡି ଯୋଗାଡ ପାଇଁ ପ୍ରୟାସ କରିଥିଲେ ମଧ୍ୟ ଗାଡି ଯୋଗାଡ ହୋଇପାରି ନ ଥିଲା । ଶେଷରେ ୧୦୮ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାନରେ ଗତ ବୁଧବାର ବାଳିକାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇବା ଫାଣ୍ଡି ଅଧିକାରୀ କାହ୍ନୁଚରଣ ପଣ୍ଡା ମୁଖ୍ୟ ଚିକିତ୍ସାଳୟ ଯାଇ ଶବ ଜବତ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଛନ୍ତି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ଜନିତ ମାମଲା ରୁଜୁ ହୋଇଛି ।

ଇନ୍ଦ୍ରାବତୀ ଦକ୍ଷିଣ କେନାଲରେ ପାଣି ଛାଡ଼ିବା ଦାବି

# ଜାରିଙ୍ଗଠାରେ ଚାଷୀଙ୍କ ରାସ୍ତାରୋକୋ

**ଜୁନାଗଡ଼,୧୮।୪ (ଡି.ଏନ.ଏ.)**



ଜାରିଙ୍ଗ ଛକ ୨୬ ନଂ. ଜାତୀୟ ରାଜପଥରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି । ରାସ୍ତାରେ ଯାନବାହନ ଅଟକି ରହିଛି ।

- ଟାଣ ଖରାକୁ ଖାତିର କଲେ ନାହିଁ
- ଦେଢ଼ ଘଣ୍ଟା ଧରି ଅଟକିଲା ଯାନବାହନ

ଇନ୍ଦ୍ରାବତୀ ଦକ୍ଷିଣ କେନାଲରେ ପାଣି ଛାଡିବା ପାଇଁ ଜାରିଙ୍ଗ ଡ୍ରିଷ୍ଟିବ୍ୟୁଟାରୀର ଚାଷୀମାନେ ଦାବି କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜାରିଙ୍ଗ ଛକ ୨୬ନଂ. ଜାତୀୟ ରାଜପଥ ଉପରେ ଗୁରୁବାର ପୂର୍ବାହ୍ନ ୧୦ଟାରୁ ସାଢେ ୧୧ଟା ଦେଢ ଘଣ୍ଟା ଧରି ଚାଷୀମାନେ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାରେ ଶତାଧିକ ଯାନବାହନ ଅଟକି ରହିଥିଲା। ଖବର ପାଇ ଘଟଣାସ୍ଥଳରେ ଇନ୍ଦ୍ରାବତୀ ଦକ୍ଷିଣ କେନାଲ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜକୁମାର ବେହେରା ଓ ଏସଡିଓ ଗୋବର୍ଦ୍ଧନ ନାଏକ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ଶନିବାର ସୁଦ୍ଧା ପାଣି କେନାଲରେ ପାଣି ଛଡାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

ପ୍ରକାଶ ଯେ, ଜାରିଙ୍ଗ ଡ୍ରିଷ୍ଟିବୁଟାରି ଅନ୍ତର୍ଗତ ଗୁଞ୍ଜୁଗୁଡା, ଘଣ୍ଟବାହାଲି, ଲବଣିପୁର, ମିଚାଶୋଲା, ତଳ ଜାରିଙ୍ଗ ଗ୍ରାମର ଚାଷୀମାନେ ରବି ଋତୁରେ ଧାନ ଚାଷ କରିବା ପାଇଁ ଗତ କିଛି ମାସ ତଳେ ଇନ୍ଦ୍ରାବତୀ ଦକ୍ଷିଣ କେନାଲ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଅନୁରୋଧ କରିଥିଲେ। କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଜାରିଙ୍ଗ ସବ୍‌ମାଇନର କେନାଲରେ ପାଣି ଛଡାଯାଇଥିଲା। ପରେ ଅଞ୍ଚଳର ଚାଷୀମାନେ ଡାଲୁଅ ଧାନ ଚାଷ କରିଥିଲେ। ଧାନ ବାହାରିବା ପରେ କେନାଲରେ ଆଉ ପାଣି ଛଡାଯାଇ ନ ଯିବାରୁ ଧାନଗଛ ସବୁ ଶୁଖିଯାଇ ମରିବାକୁ ବସିଛି। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ଦକ୍ଷିଣ କେନାଲରେ ପାଣି ନ ଛଡାଯାଇ ହାତୀନଦୀକୁ କାହା ସ୍ୱାର୍ଥରେ ଛଡାଯାଉଛି ବୋଲି ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଏପରି ବ୍ୟତିକ୍ରମ ପାଇଁ ଗୁରୁବାର ୧୦ଟାରୁ ୧୧.୩୦ ଯାଏଁ ଚାଷୀମାନେ ଜାରିଙ୍ଗ ଛକ ୨୬ ନଂ. ଜାତୀୟ ରାଜପଥରେ ରାସ୍ତାରୋକୋ କରିଥିଲେ। ଶୀଘ୍ର କେନାଲରେ ପାଣି ଛାଡିବା ପାଇଁ ଚାଷୀମାନେ ଅଡି ବସିଥିଲେ। ଏପରି କି ଟାଣ ଖରାକୁ ଖାତିର ନ କରି ମଧ ଚାଷୀମାନେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଜୁନାଗଡ ପୋଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲା। ଏ ନେଇ ବିଭାଗୀୟ ଏସ୍‌ଡିଓ ଗୋବର୍ଦ୍ଧନ ନାଏକଙ୍କୁ ପଚାରିବାରୁ ଚଳିତ ରବି ଋତୁରେ ଇନ୍ଦ୍ରାବତୀ ଦକ୍ଷିଣ କେନାଲର ୮୪ କି.ମି. ମଧ୍ୟରେ ୨୦ ହଜାର ହେକ୍ଟର ଚାଷ ଜମିରେ ଧାନ ଚାଷ କରିବା ପାଇଁ ଚାଷୀମାନଙ୍କୁ ଅନୁମତି ଦିଆଯାଇଥିଲା। ଜାରିଙ୍ଗ ଡିଷ୍ଟ୍ରିବ୍ୟୁଟାରୀ ପାଣି ନ ଛଡା ଯିବା ପୂର୍ବରୁ କେବଳ କେନାଲକୁ ଲାଗି ରହିଥିବା ଚାଷ ଜମିରେ ଚାଷ କରିବା ପାଇଁ ରେଜୁଲେସନ ପାସ୍ କରାଯାଇଥିଲା। ତେବେ ପରିସୀମା ବାହାରେ ଚାଷୀମାନେ ଚାଷ କରିଥିବାରୁ ଏପରି ସମସ୍ୟା ଉପୁଜୁଛି ବୋଲି କହିଥିଲେ।

# କଳାହାଣ୍ଡି ସିଡିଏମ୍‌ଓଙ୍କ ବୋର୍ଡା ସିଏଚ୍‌ସି ପରିଦର୍ଶନ

**ଭବାନୀପାଟଣା,୧୮।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବନଲତା ଦେବୀ ଭବାନୀପାଟଣା ବ୍ଲକ ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ପ୍ରଥମେ ମେଡିକାଲରେ ଆଉଟଡୋରରେ ରୋଗୀ ସେବା କିଭଳି ଯୋଗାଇ ଦିଆଯାଉଛି ସେ ସମ୍ପର୍କରେ ରୋଗୀ ଓ ସମ୍ପର୍କୀୟମାନଙ୍କ ସହ ଆଲୋଚନା କରିଥିଲେ। ପରେ ସେ ଅଂଶୁଘାତ ଉପଶମ କକ୍ଷ ପରିଦର୍ଶନ କରିଥିଲେ। ଅଂଶୁଘାତ କକ୍ଷରେ ଏସି ଲଗାଇବା ବ୍ୟବସ୍ଥା ଥିଲେ ହେଁ ଏଯାଏଁ ଲଗା ଯାଇ ନ ଥିବାରୁ ଶୀଘ୍ର ଏସି ସଂଯୋଗ ଲାଗି ମେଡିକାଲ କର୍ତ୍ତୃପକ୍ଷଙ୍କୁ ତାଗିତ କରିଥିଲେ। ପରେ ମେଡିକାଲରେ ଦେଖାଯାଇଥିବା ଡାକ୍ତର ଓ କର୍ମଚାରୀମାନଙ୍କ ରହିବା କ୍ୱାର୍ଟର ତଥା ପାନୀୟ ଜଳର ସମସ୍ୟା ଏବଂ ଖାଲି ପଡିଥିବା ଡାକ୍ତର ପଦ ପୂରଣ ସମ୍ପର୍କରେ ସରପଞ୍ଚ ରୀନାରାଣୀ ଜାଲ, ଭାଜପା ଏସସି ମୋର୍ଚ୍ଚା ଜିଲା ସମ୍ପାଦକ କୋଦଣ୍ଡ ମହାନନ୍ଦ, ଧନଞ୍ଜୟ ଗହିର, ଶୂଳପାଣି ବାଗ, ରମେଶ ଛୁରା, ଯୁଧିଷ୍ଠିର ଜାଲ, ଭାସ୍କର ବଗର୍ତ୍ତି ସମେତ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ମେଡିକାଲର ପରିଷ୍କାର ଓ ପରିଛନ୍ନତା ନେଇ ସନ୍ତୋଷ ବ୍ୟକ୍ତ କରିବା ସହ ଲୋକଙ୍କ ସହଯୋଗ କାମନା କରିଥିଲେ। ସିଏଚସି ଏମଓ ଡା. ଅମ୍ଳାନ କେଶରୀ ନାୟକ, ବିପିଏମ ପ୍ରତାପ କିଶୋର ବରାଳ, ପିଏଚଇଓ ବିବେକାନନ୍ଦ ସାମଲ, ଅଭୟ ପଣ୍ଡା, ବିନୋଦ ବାଗ, ଲୋହିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସିଡିଏମଓଙ୍କ ବୋର୍ଡା ସିଏଚସି ପରିଦର୍ଶନ ବେଳେ ଉପସ୍ଥିତ ଅନ୍ୟ ଅଧିକାରୀ ବୃନ୍ଦ ।

# କୃଷି ବିଭାଗ ପକ୍ଷରୁ କ୍ଷେତ୍ର ଦିବସ ପାଳିତ

**କର୍ଲାମୁଣ୍ଡା,୧୮।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜାଠାରେ କୃଷି ବିଭାଗ ପକ୍ଷରୁ ଧାନ ପରବର୍ତ୍ତୀ ପଡିଆ ଜମିରେ ଡାଲି ଜାତୀୟ ଫସଲ ମୁଗ ଚାଷର କ୍ଷେତ୍ର ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଜଳ ପରିଚାଳନା ବିଶେଷଜ୍ଞ ଜାନକୀ ବଲ୍ଲଭ ମହାପାତ୍ର, ବିହନ ଉତ୍ପାଦନ ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ଭାରପ୍ରାପ୍ତ ବ୍ଲକ ସହକାରୀ କୃଷି ଅଧିକାରୀ ଅରୁଣଚନ୍ଦ୍ର ପାଢୀ ପ୍ରମୁଖ ଯୋଗଦେଇ ପୂର୍ବରୁ ଦିଆଯାଇଥିବା ମୁଗ ବିହନ ଚାଷର ଶଷ୍ୟ କାଟ କରି ମୂଲ୍ୟାଙ୍କନ ନ କରିବା ସହ ପଡିଆ ଜମିରେ ବିଭିନ୍ନ ଲାଭଦାୟକ ଫସଲ କିପରି ହୋଇପାରିବ ସେ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଚାଷୀ ଜବର ସିଂ ମାଝି, ସୈଲ୍ୟରଥି ସାହୁ ପ୍ରମୁଖ ଯୋଗଦେଇ ଚାଷର ବିଭିନ୍ନ ସମସ୍ୟା ଓ ଅନୁଭୂତି ଉପରେ ଉପସ୍ଥାପନା କରିଥିଲେ। ଏଥିରେ ଶତାଧିକ ଚାଷୀ ଅଂଶ ଗ୍ରହଣ କରିଥିବା ବେଳେ ଗ୍ରାମ୍ୟ କୃଷି କର୍ମୀ ଧର୍ମେନ୍ଦ୍ର ଶବର, ଘନଶ୍ୟାମ ଜାନୀ ଓ କୃଷକ ସାଥି ଜତିନ୍ଦ୍ର ସାହୁ, ବାଲମିକୀ ଛତ୍ରିଆ, ଅନନ୍ତରାମ ସାହୁ, ଜଳେଶ୍ୱର ସାହୁ ଉପସ୍ଥିତି ରହି ସଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଚାଷୀ ବୃନ୍ଦ।

## ପୁରୁଣା ମାର୍କେଟରେ ୨୪ ପ୍ରହର ନାମଯଜ୍ଞ

**ଚିପିଲିମା,୧୮।୪(ଡି.ଏନ.ଏ.)**

ସମ୍ବଲପୁର ଧନକଉଡ଼ା ବ୍ଲକ କର୍ଡୋଲା ପଞ୍ଚାୟତ ଚିପିଲିମା ପୁରୁଣା ମାର୍କେଟରେ ୨୫ତମ ୨୪ ପ୍ରହର ନାମଯଜ୍ଞ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ଥିଲା। ମହିଳାମାନେ ମହାନଦୀରୁ କଳସରେ ପାଣି ଯଜ୍ଞମଣ୍ଡପରେ ପହଞ୍ଚିଥିଲେ। ପରେ ୫୧ଟି କଳସ ଯଜ୍ଞ ମଣ୍ଡପରେ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। ପଣା ସଂକ୍ରାନ୍ତିରେ ବିଧିମୁତାବକ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ପରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା ବୁଧବାର ଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟ ହୋଇଥିଲା। ପୂଜାକାର୍ଯ୍ୟକୁ ପଣ୍ଡିତ ଗଜେନ୍ଦ୍ର ପାଢ଼ୀ ପରିଚାଳନା କରିଥିବା ବେଳେ ପଣ୍ଡିତ ରାସବିହାରୀ ପଣ୍ଡା, କେଶବ ଦାସ, ଯୋଗଗୁରୁ ଅରୁଣ ମିଶ୍ର ସହଯୋଗ କରିଥିଲେ। କର୍ତ୍ତା ଭାବେ ଆନନ୍ଦ ମେହେର ତାଙ୍କ ସ୍ତ୍ରୀ ଦାୟିତ୍ୱ ସମ୍ପାଦନ କରିଥିଲେ।

ଡିଜିଟାଲ ବଦଳରେ ଆନାଲୋଗରେ ଚାଲିଛି କେବୁଲ ସିଷ୍ଟମ

# ସରକାରଙ୍କ ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି

**ଭବାନୀପାଟଣା,୧୮।୪ (ସ୍ୱ.ପ୍ର.)**

**ପ୍ରଶାସନର ଦୃଷ୍ଟି ପଡୁନି**

କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆ ଆରମ୍ଭ କରି ଲୋକଙ୍କୁ ଅତ୍ୟାଧୁନିକ ସେବା ଯୋଗାଇ ଦେବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଏହି କ୍ରମରେ ସରକାର ପୁରୁଣା ଆନାଲୋଗ କେବୁଲ ସିଷ୍ଟମକୁ ବଦଳାଇ ଗତ ୨୦୧୬ ଡିସେମ୍ବର ୨୪ରୁ ଡିଜିଟାଲ ସେବା ଆପଣାଇବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାଦ୍ୱାରା ଉପଭୋକ୍ତାମାନେ ଡିଜିଟାଲ ସିଷ୍ଟମରେ ଟିଭି ଦେଖିବା ସହ ନିଜ ଇଚ୍ଛା ଅନୁଯାୟୀ ଟଙ୍କା ଦେଇ ଚ୍ୟାନେଲର ମନୋରଞ୍ଜନ ନେଇ ପାରିବେ। ଏଥିପାଇଁ ସରକାର କେବୁଲ ଅପ୍ରେଟରମାନଙ୍କୁ ଆନାଲୋଗ ସିଷ୍ଟମ ବଦଳାଇ ଉପଭୋକ୍ତାଙ୍କୁ ଡିଜିଟାଲ ସେବା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯଦି ଏହି ନିୟମକୁ କେହି ନ ମାନନ୍ତି ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ। ତେବେ ଡିଜିଟାଲ ସିଷ୍ଟମରେ କେବୁଲ ଅପ୍ରେଟରମାନଙ୍କୁ ସରକାରଙ୍କୁ ଟିକସ ଦେବାକୁ ପଡୁଥିବାବେଳେ ଆନାଲୋଗ ସିଷ୍ଟମରେ ସରକାରଙ୍କୁ ଟିକସ ଦେବାକୁ ପଡେନାହିଁ। ଫଳରେ ବର୍ତ୍ତମାନ ବି ଅନେକ କେବୁଲ ଅପ୍ରେଟର ଆନାଲୋଗ ସିଷ୍ଟମରେ କେବୁଲ ଚଲାଇ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଟିକସ ଫାଙ୍କୁଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଏବେ ବି କେବୁଲ ଅପ୍ରେଟରମାନେ ଡିଜିଟାଲ କେବୁଲ ସେବାକୁ ନ ଆପଣାଇ ପୁରୁଣା ଆନାଲୋଗ ସିଷ୍ଟମରେ କେବୁଲ ଚଳାଇଛନ୍ତି। ଯଦ୍ୱାରା କେବୁଲ ଅପ୍ରେଟରମାନେ ଲାଭବାନ ହେଉଥିବାବେଳେ ଅନ୍ୟପଟେ ସରକାର ଲକ୍ଷ ଲକ୍ଷ ଟଙ୍କା ଟିକସ ନ ପାଇ କ୍ଷତି ସହୁଛନ୍ତି। ଏପରି ଅନିୟମିତତାକୁ ନେଇ ଜିଲା ପ୍ରଶାସନର ଦୃଷ୍ଟି ନ ପଡବା ସାଧାରଣରେ ଚର୍ଚ୍ଚାର ବିଷୟ। ଜିଲାର ବଳଦିଆମାଲ, ପଲାସ, ଚାରବାହାଲ, ଧନେର ଆଦି ଅନେକ ସ୍ଥାନରେ ଏବେ ବି ଆନାଲୋଗ ସିଷ୍ଟମରେ କେବୁଲ ଚାଲିଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଧାର୍ଯ୍ୟ ତାରିଖରେ ଭତ୍ତା ବଣ୍ଟନ ହେଉ ନ ଥିବାରୁ ଅସନ୍ତୋଷ

**ଭବାନୀପାଟଣା,୧୮।୪ (ଡି.ଏନ.ଏ.)**

ରାଜ୍ୟ ସରକାର ହିତାଧିକାରୀଙ୍କୁ ପ୍ରତି ମାସ ୧୫ ତରିଖରେ ବୃଦ୍ଧ, ବୃଦ୍ଧା, ବିଧବା ତଥା ଭିନ୍ନକ୍ଷମମାନଙ୍କୁ ଭତ୍ତା ପ୍ରଦାନ କରିବାକୁ ସ୍ଥିର କରିଛନ୍ତି । ହେଲେ କଳାହାଣ୍ଡି ଜିଲାର କଳମପୁର ବ୍ଲକ ଅନ୍ତର୍ଗତ ମଣ୍ଡଳ ପଞ୍ଚାୟତରେ ଏଥିରେ ବ୍ୟତିକ୍ରମ ହେଉଥିବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ମାସ ୧୯ ତାରିଖରେ ଭତ୍ତା ବଣ୍ଟନ କରାଯାଇଥିବା ବେଳେ ଏଥର ୧୭ ତାରିଖ ବିତିଯାଇଥିଲେ ମଧ ଭତ୍ତା ବଣ୍ଟନ କରାଯାଇ ନାହିଁ । ୩ ଦିନ ହେଲା ହିତାଧିକାରୀମାନେ ପଞ୍ଚାୟତକୁ ଦୌଡୁଥିଲେ ମଧ୍ୟ ନିରାଶରେ ଫେରୁଛନ୍ତ। ଦାୟିତ୍ୱରେ ଥିବା କିଛି ଅଧିକାରୀଙ୍କ ଅବହେଳାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏ ନେଇ ବିଡିଓ ହେମସାଗର ଭୋଇଙ୍କୁ ପଚାରିବାରୁ ସବୁ ପଞ୍ଚାୟତରେ ଭତ୍ତା ଦିଆଗଲାଣି । ଏଭଳି ହେବା କଥା ନୁହେଁ ବୋଲି କହି ସେ ଦୁଃଖ ପ୍ରକାଶ କରିଥିଲେ । ଏହା ପରେ ପିଇଓ ବିକାଶ ମୋହନ ମାଝିଙ୍କଠାରୁ ବୁଝି କହିଲେ ଯେ, ସରପଞ୍ଚ ନ ଥିବାରୁ ଭତ୍ତା ଟଙ୍କା ଅଣାଯାଇ ପାରିନାହିଁ । ଅନ୍ୟପକ୍ଷେ ଭତ୍ତା ପାଇଁ ହିତାଧିକାରୀମାନେ ସରପଞ୍ଚଙ୍କୁ ୩ ଦିନ ହେଲା ତାଙ୍କ ଗାଁରେ ଭେଟୁଥିବା ଅଭିଯୋଗ କରିଛନ୍ତି । ଅଯଥା ଭୁଲ ତଥ୍ୟ ଦେଇ ହିତାଧିକାରୀଙ୍କୁ ହଇରାଣ କରାଯାଉଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଅଭିଯୋଗର ତଦନ୍ତ ସହ ଏଣିକି ଧାର୍ଯ୍ୟ ଦିବସରେ ଭତ୍ତା ପ୍ରଦାନ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ବାଦଲି ମଦଭାଟିରେ ଡକାୟତି

# ୪୦ହଜାର ଟଙ୍କା, ୭ ମୋବାଇଲ ଲୁଟ୍

**ଭବାନୀପାଟଣା,୧୮।୪ (ଡି.ଏନ.ଏ.)**

ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ବାଦଲି ମଦଭାଟିରେ ବୁଧବାର ରାତିରେ ଡକାୟତି ହୋଇଛି। ଡକାୟତମାନେ ୪୦ ହଜାର ଟଙ୍କା ଓ ୭ଟି ମୋବାଇଲ ଲୁଟ କରି ନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଡକାୟତମାନଙ୍କ ଆକ୍ରମଣରେ ୨ ଜଣ ଆହତ ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବାଦଲି ମଦଭାଟିରେ ଭୋର ୩ ଟାରେ ପ୍ରାୟ ୭ରୁ ଊର୍ଦ୍ଧ୍ୱ ମୁଖାପିନ୍ଧା ଡକାୟତ ଗ୍ୟାଙ୍ଗ ପହଞ୍ଚିଥିଲେ। ସେମାନେ ଠେଙ୍ଗା ଓ ଛୁରି ଧରିଥିବାରୁ ଭାଟିର ୭ ଜଣ କର୍ମଚାରୀ ଭୟଭିତ ହୋଇ ପଡିଥିଲେ। କର୍ମଚାରୀମାନେ ପ୍ରତିରୋଧ କରିବାରୁ ନିସ୍ତୁକ ମାଡ ମାରିଥିଲେ। ଏଥିରେ ଭାଟିର ବିମଳ ସାହୁ (୫୫)ଙ୍କ ଡାହାଣ ହାତ ଭାଙ୍ଗି ଯାଇଥିବା ବେଳେ ଯୋଗେଶ୍ୱର ସାହୁ (୪୨)ଙ୍କୁ ମଧ୍ୟ ପିଟିଥିଲେ। ସେମାନଙ୍କଠାରୁ ନଗଦ ୪୦ ହଜାର ଟଙ୍କା ଓ କର୍ମଚାରୀଙ୍କ ୭ଟି ମୋବାଇଲ ଲୁଟି ନେଇଥିଲେ। ସକାଳେ ଭାଟି ମ୍ୟାନେଜର ଭବାନୀପାଟନା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସଦର ଥାନା ଆଇଆଇସି ପ୍ରଦୀପ ଧରୁଆ ଓ ଏସଆଇ ସୁବାସଚନ୍ଦ୍ର ମିଶ୍ର ଘଟନାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗତକିଛି ଦିନ ଧରି କଳାହାଣ୍ଡି ଜିଲାର କେସିଙ୍ଗା, ଗିଗନା, ରୁପ୍ରା ଓ ପାଷ୍ଟିକୁଡି ମଦଭାଟିରେ ଡକାୟତି ହେବା ପରେ ବାଦଲିରେ ମଧ୍ୟ ଡକାୟତି ହେବାରୁ ଏହା ପଛରେ ଗୋଟିଏ ନିର୍ଦ୍ଦିଷ୍ଟ ଡକାୟତ ଗ୍ୟାଙ୍ଗର ହାତ ଥିବା ପୋଲିସ ସନ୍ଦେହ କରୁଛି।

ଉତ୍ତର ବନଖଣ୍ଡ ବିଭାଗର ଚଢାଉ

# ଲକ୍ଷାଧିକ ଟଙ୍କା ମୂଲ୍ୟର କାଠ ଜବତ, ୨ ଗିରଫ

**ଭବାନୀପାଟଣା,୧୮।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନର ଶମ୍ଭୁନଗରପଡା ଓ ଦୂଆରସୁନୀ ଛକ, ଗୋଶାଣୀ ମୁଣ୍ଡା ଗ୍ରାମରେ ଉତ୍ତର ବନଖଣ୍ଡ ତରଫରୁ ଗୁରୁବାର ଚଢାଉ କରାଯାଇଛି । ଏଥିରେ ମୂଲ୍ୟବାନ ଶାଳ, ପିଆଶାଳ ଓ ଖଇର ଏମିତି ବଡ ବଡ ୧୩ ଖଣ୍ଡ କାଠଗଣ୍ଡି ଓ ପଟା ଜବତ୍ କରାଯାଇଛି । ଏଥି ସହିତ ବେଆଇନ୍ କରତ କଳ ଉପରେ ଚଢାଉ କରି ବନ ବିଭାଗ ୨ ଜଣଙ୍କୁ ଗିରଫ କରିଛି। ଗିରଫ ୨ ଜଣ ହେଲେ ଦୂଆରସୁନୀ ଗାଁର ଇଡି ଦରୁଆ ଓ କୂଳମଣି ମାଝି । ଉଭୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି ।

ଜବତ୍ ମୂଲ୍ୟବାନ କାଠଗଣ୍ଡିର ଅନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ରେଞ୍ଜ ଅଫିସର ପ୍ରସନ୍ନ କୁମାର ମିଶ୍ର ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଯେଉଁମାନେ ନୂଆ ଘର ତିଆରି କରୁଛନ୍ତି, ସେମାନେ ସରକାରୀ ଡିପୋ କିମ୍ବା ଘରୋଇ ଡିପୋର କାଗଜପତ୍ର ଥିବା କାଠ ସାମଗ୍ରୀ କିଣି ଘର ତିଆରି କରିବାକୁ ଅନୁରୋଧ କରିଛନ୍ତି। ଏଥି ସହିତ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଅନୁରୋଧ କରିଛନ୍ତି। ଉତ୍ତର ବନଖଣ୍ଡ ତରଫରୁ ଡିଏଫଓ ନିତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ବଶିଂଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଭବାନୀପାଟଣା ସଦର ରେଞ୍ଜ ଅଫିସର ପ୍ରସନ୍ନ କୁମାର ମିଶ୍ରଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା । ଏହି ଚଢାଉରେ ସଦର ରେଞ୍ଜ ଅଫିସର ମିଶ୍ର, ବନପାଳ ଡମ୍ବରୁଧର ପ୍ରଧାନ, ବନପାଳ ପଦ୍ମନାଭ କୁମ୍ଭାର, ବନପାଳ ଆଲୋକ ରଞ୍ଜନ କର, ମୋବାଇଲ ସ୍କ୍ୱାଡ ବନପାଳ ରୁନୁ ମହାପାତ୍ର, ବନପାଳ ପ୍ରିୟଙ୍କା ନାଏକ, ବନରକ୍ଷୀ ତପନ କୁମାର ବେହେରା, ଭବାନୀ ଶଙ୍କର ପରିଚ୍ଛା, ଭାଗବତ ଭୂଷଣ ବେହେରା, ମିନା ନାଏକ, ଜନ୍ମଜୟ ପାଣିଗ୍ରାହୀ, ସୁଶିଲ କୁମାର ମହାରଣା, ଟୁନା ମହାରଣା, ରଜନୀକାନ୍ତ ମେହେର ପ୍ରମୁଖ ସାମିଲ ଥିଲେ।



ଉତ୍ତର ବନଖଣ୍ଡ ତରଫରୁ ଜବତ କାଠ ପଟା ଓ ଗଣ୍ଡି ।

# ସମସ୍ୟାରେ କେସିଙ୍ଗା ଏନ୍‌ଏସି ୧୦ ନଂ. ୱାର୍ଡ

**କେସିଙ୍ଗା,୧୮।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ମୁଖ୍ୟ ଦ୍ୱାରଦେଶରେ ଅବସ୍ଥିତ କେସିଙ୍ଗା ସହର । ଏହି ସହର ଗତ ୮ ମାର୍ଚ୍ଚ, ୧୯୬୫ରେ ସ୍ଥାପିତ ହୋଇଛି। କେସିଙ୍ଗା ସହର ୩ଟି ରେଭିନ୍ୟୁ ଭିଲେଜକୁ ନେଇ ଗଠିତ। ତାହା କେସିଙ୍ଗା, ବଗାଡ ଓ ବୋରିଙ୍ଗପଦର। ୧୨ଟି ୱାର୍ଡକୁ ନେଇ କେସିଙ୍ଗା ବିଜ୍ଞପିତ ଅଞ୍ଚଳ ପରିଷଦ ଗଠିତ ହୋଇଛି । ଏହି ୧୨ଟି ୱାର୍ଡ ମଧ୍ୟରୁ ସବୁଠାରୁ ସମସ୍ୟା ବହୁଳ ହେଉଛି ୧୦ ନମ୍ବର ୱାର୍ଡ । ଏହି ୱାର୍ଡରେ ଗତ ୨୦୧୧ରେ ୧୧ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ରେକର୍ଡ କରାଯାଇଛି। ଏହି ୧୦ ନମ୍ବର ୱାର୍ଡରେ ୪୮୯ ଘର ରହିଛି। ଏହି ୱାର୍ଡରେ ୨୦୯୧ ଜଣ ଲୋକ ବାସ କରନ୍ତି। ସେଥି ମଧ୍ୟରୁ ୧୦୭୬ ଜଣ ପୁରୁଷ, ୧୦୧୫ ଜଣମହିଳା । ହରିଜନ ୬୬୭, ଆଦିବାସୀ ୧୪୨ ଏବଂ ଅନ୍ୟାନ୍ୟ ୧୨୮୨ ଜଣ ବସବାସ କରନ୍ତି। ଏହି ୱାର୍ଡରେ ପାନୀୟ ଜଳ ଓ ବିଦ୍ୟୁତ ଠିକ ଭାବରେ ୱାର୍ଡବାସୀମାନଙ୍କୁ ମିଳୁଛି। କିନ୍ତୁ ଏହି ୱାର୍ଡରେ ଥିବା ସମସ୍ତ ନଳକୂଅରେ ଦୂଷିତ ଜଳ ବାହାରିଥାଏ। ନଳକୂଅରେ ହଳଦିଆ ରଙ୍ଗ ପାଣି ବାହାରୁଛି । ଅନ୍ୟ କୌଣସି ବ୍ୟବସ୍ଥା ନ ଥିବା ଯୋଗୁ ଲୋକେ ବାଧ ହୋଇ ସେହି ପାଣି ବ୍ୟବହାର କରି ବହୁ ଲୋକେ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଦୁଃଖକଷ୍ଟରେ ଜୀବନ ଯାପନ କରୁଛନ୍ତି। ବର୍ଷା ଦିନରେ ବୁଢ଼ାଡଙ୍ଗର ଉପରୁ ବର୍ଷା ପାଣି ଘରଭିତରକୁ ପଶିଯାଇ ଥାଏ। ଲୋକେ ବର୍ଷା ଦିନରେ ବହୁତ ହଇରାଣ ହରକତ ହୋଇଥାନ୍ତି। ଏହି ୧୦ ନମ୍ବର ୱାର୍ଡରେ ଆଜିଯାଏ ଡ୍ରେନ ନିର୍ମାଣ କରାଯାଇ ନ ଥିବାରୁ ୱାର୍ଡବାସୀମାନେ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବର୍ଷ ଦିନରେ ବର୍ଷା ପାଣି ଘର ଭିତରକୁ ପଶିଥାଏ। ବର୍ଷା ଋତୁରେ ୱାର୍ଡବାସୀମାନଙ୍କ ଡେଙ୍ଗୁ, କିଡନି ଓ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥାନ୍ତି। ଏହି ୱାର୍ଡରେ କିଛି ଜାଗାରେ ଡ୍ରେନ ଥିଲେ ସୁଦ୍ଧା ଡ୍ରେନ ସଫା ସୁତୁରା କରାଯାଉ ନ ଥିବାରୁ ଡ୍ରେନରେ ଅଳିଆ ଆବର୍ଜନା ଭରିଯାଇ ଦୁର୍ଗନ୍ଧ ହେଉଥିବାରୁ ୱାର୍ଡବାସୀ ଏନଏସିରେ ଅଭିଯୋଗ ମଧ କରିଥିବା ଜଣାଯାଇଛି। ଏତତ୍‌ବ୍ୟତିତ ଏହି ୱାର୍ଡରେ ଆବର୍ଜନା କୁଣ୍ଡ ମଧ ନିର୍ମାଣ କରାଯାଇ ନାହିଁ। ଫଳରେ ୱାର୍ଡବାସୀମାନେ ଅଳିଆ ଆବର୍ଜନା ୱାର୍ଡର ବିଭିନ୍ନ ସ୍ଥାନରେ ଫିଙ୍ଗି ଦେଉଛନ୍ତି । ଏହି ୱାର୍ଡର ବିଭିନ୍ନ ଗଳିରେ ମଧ ଠିକ ଭାବରେ ଡ୍ରେନ ସଫା ସୁତୁରା କରାଯାଇ ନାହିଁ। ଏ ନେଇ କେସିଙ୍ଗା ଏନଏସି ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ରଙ୍କୁ ପଚାରିବାରୁ ସାଧାରଣ ନିର୍ବାଚନ ଥିବାରୁ ୨ମାସ ହେଲା ବହୁ କାମ ବାକି ରହିଯାଇଛି। ବର୍ତ୍ତମାନ ସମସ୍ତ କାର୍ଯ୍ୟ ପ୍ରତି ଧ୍ୟାନ ଦିଆଯିବ ବୋଲି ପ୍ରକାଶ କରିଥିଲେ ।



ୱାର୍ଡରେ ଏକ ନଳକୂଅ (ବାମ) । ଡ୍ରେନ୍ ପୋତି ହୋଇପଡ଼ିଛି ।

- ବର୍ଷା ଦିନରେ ପାଣି ଘର ଭିତରକୁ ପଶିଥାଏ
- ଆବର୍ଜନା କୁଣ୍ଡ ନିର୍ମାଣ ହୋଇ ନାହିଁ



ତୃଷାର୍ତ୍ତ ଲୋକେ ନଦୀ ପାଣି ପିଇଲେ ଯେପରି ପାଣି ଶୁଖେ ନାହିଁ, ସେହିପରି ଦାନ ଦ୍ୱାରା କେବେହେଲେ ଧନର କ୍ଷୟ ଘଟି ନ ଥାଏ।
- ସନ୍ଥ କବୀର ଦାସ

## ସଂକ୍ଷେପରେ

### ପାଣିରେ ବୁଡ଼ି ଜଣେ ମୃତ

**ଲାଠୋର, ୧୮।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲାଠୋର ଥାନା ଅନ୍ତର୍ଗତ ସଦର ଗାଁ ଲାଠୋରରେ ଥିବା ରଜାକଟାରେ ଗାଧୋଉଥିବା ବେଳେ ଗୁରୁବାର ସକାଳେ ଜଣେ ବ୍ୟକ୍ତି ପାଣିରେ ବୁଡିଯିବାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଲାଠୋର ବାଗପଡାର ତିଲେ ନାଗ (୫୫)। ପରିବାରର ଏକମାତ୍ର କାର୍ଯ୍ୟକ୍ଷମ ବ୍ୟକ୍ତି ଥିବା ତିଲେ କିଡନୀ ରୋଗରେ ମଧ ଆକ୍ରାନ୍ତ ଥିବା ତାଙ୍କ ପରିବାର ସଦସ୍ୟଙ୍କଠାରୁ ଜଣାପଡିଛି। ସେ ହୋଟେଲରେ ମିସ୍ତ୍ରୀ କାମ କରି ପରିବାର ପୋଷଣ କରୁଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଏନେଇ ଲାଠୋର ଥାନାରେ ଏକ ଅପମୃତ୍ୟୁ ମାମଲା( ନଂ.୧/୧୯)ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ୨ ବାଇକ୍ ଧକ୍କା: ୨ ଗୁରୁତର

**ରେଢ଼ାଖୋଲ,୧୮।୪(ଡି.ଏନ.ଏ.):** ରେଢ଼ାଖୋଲ ସହର ଉପକଣ୍ଠସ୍ଥ ଭୀମଭୋଇ କଲେଜ ଛକ ନିକଟରେ ଗୁରୁବାର ସକାଳ ପ୍ରାୟ ସାଢେ ୯ଟା ବେଳେ ୨ ବାଇକ୍ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ୨ଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅବସରପ୍ରାପ୍ତ ପୋଲିସ କର୍ମଚାରୀ କରୁଣାକର ଧଳ ଏବଂ କ୍ଷୀତିରଞ୍ଜନ ବାଙ୍କ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି। ମିଳିଥିବା ସୂଚନା ମୁତାବକ, କରୁଣାକର ବସ୍‌ଷ୍ଟାଣ୍ଡରୁ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ହେଲେ ଘର ପାଖ ରାସ୍ତାରେ କ୍ଷୀତିରଞ୍ଜନଙ୍କ ବାଇକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ଜଣ ଗୁରୁତର ଆହତ ହୋଇଥିଲେ। ଏନେଇ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନସକୁ ଡାକିଥିଲେ। ହେଲେ ଆମ୍ବୁଲାନ୍ସ ନ ଥିବାରୁ ଘଟଣାସ୍ଥଳରେ କିଛି ସମୟଧରି ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଏକ ଘରୋଇ ଡାକ୍ତରଖାନାର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନାକୁ ପଠାଯାଇଥିଲା। ସୂଚନାଯୋଗ୍ୟ, ରେଢ଼ାଖୋଲ ଡାକ୍ତରଖାନାକୁ ସରକାରଙ୍କ ପକ୍ଷରୁ ଏକ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲା। ହେଲେ ଡ୍ରାଇଭର ନିଯୁକ୍ତି ନ ହେବାରୁ ଆମ୍ବୁଲାନସକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା।

### ଫଟାଟାଙ୍ଗର ଗାଁକୁ ରାଜସ୍ୱ ମାନ୍ୟତା ଦାବି

**ବାମରା,୧୮।୪ (ସ୍ୱ.ପ୍ର.):** ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ଫଟାଟାଙ୍ଗର ଗାଁକୁ ରାଜସ୍ୱ ଗ୍ରାମର ମାନ୍ୟତା ଦାବି ନେଇ ଗ୍ରାମବାସୀ ଜିଦ ଧରି ବସିଛନ୍ତି। ଦାବି ପୂରଣ ନ ହେଲେ ଗ୍ରାମବାସୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଫଟାଟାଙ୍ଗର ଗାଁକୁ ରାଜସ୍ୱ ମାନ୍ୟତା ଦାବି ନେଇ ଗ୍ରାମବାସୀ ସମ୍ବଲପୁର ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ପରେ ଜିଲା ପ୍ରଶାସନର ଏକ ଟିମ୍ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଆଲୋଚନା ବେଳେ କୌଣସି ସମାଧାନ ହୋଇ ପାରି ନ ଥିବା ଜଣାପଡିଛି। ଅନ୍ୟପକ୍ଷେ ଗ୍ରାମବାସୀଙ୍କ ମଧ୍ୟରେ ଏକ ସଭାର ଆୟୋଜନ ହୋଇଥିଲା।



ପୁଇଁନ୍ତଲା ବ୍ଲକ କୁରୁଲ ପଞ୍ଚାୟତ ଅନ୍ତର୍ଗତ କଙ୍କରିଆ ଗ୍ରାମବାସୀ ସାମୂହିକ ଭାବେ ଭୋଟ ବର୍ଜନ କରି ସ୍କୁଲ ବୁଥ ଆଗରେ ପ୍ରତିବାଦ କରୁଛନ୍ତି।

■ କଙ୍କରିଆରେ ଭୋଟ୍ ଦେଲେନାହିଁ

# ଭଇଁଷାପାଲିରେ ଜଣେ ଦେଲେ ଭୋଟ

**ବଲାଙ୍ଗୀର ଅଫିସ, ୧୮।୪**

ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବଲାଙ୍ଗୀର ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶାନ୍ତିଶୃଙ୍ଖଳାର ସହ ମତଦାନ ସରିଛି । ତେବେ ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫ଟି ଗାଁରେ ଲୋକେ ବିଭିନ୍ନ କାରଣରୁ ଭୋଟ୍ ବର୍ଜନ କରିଥିବା ଜଣାପଡିଛି । ଆଗଲପୁର ବ୍ଲକ୍‌ର ୩ଟି ଓ ପୁଇଁନ୍ତଲା ବ୍ଲକ୍‌ର ୨ଟି ଗାଁରେ ଭୋଟ୍ ବର୍ଜନ କରାଯାଇଛି । ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁଇଁନ୍ତଲା ବ୍ଲକ୍‌ର କୁରୁଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଙ୍କରିଆ ଗାଁର ୫ଶହରୁ ଊର୍ଦ୍ଧ୍ୱ ଭୋଟର ଭୋଟ ବର୍ଜନ କରିଥିଲେ । ଏହି ଗାଁରେ ଗତ ନିର୍ବାଚନରେ ଗାଁ ସ୍କୁଲରେ ମତଦାନ କେନ୍ଦ୍ର ସ୍ଥାପନ ହୋଇଥିଲା । ତେବେ ଚଳିତବର୍ଷ ଏଠାରେ ମତଦାନ କେନ୍ଦ୍ର ନହୋଇ ଏଠାରୁ ୪ କିମି ଦୂର ଡୁମେରପାଲିରେ ମତଦାନ କେନ୍ଦ୍ର ସ୍ଥାପନ ହୋଇଥିଲା । ପୂର୍ବରୁ ଗାଁ ସ୍କୁଲରେ ମତଦାନ କେନ୍ଦ୍ର ଖୋଲାଯାଉଥିବାବେଳେ ଚଳିତବର୍ଷ କେଉଁ କାରଣରୁ ଏଠାରେ ମତଦାନ କେନ୍ଦ୍ର ଖୋଲା ଗଲାନାହିଁ ତାହା ଜାଣି ନ ପାରିବାରୁ ଏହାର ପ୍ରତିବାଦରେ ଗ୍ରାମବାସୀ ସାମୂହିକ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ । ଗାଁର କୌଣସି ବି ଭୋଟର ଭୋଟ ଦେଇନଥିବା କହିଛନ୍ତି ।

ଅନ୍ୟପକ୍ଷରେ ଭଇଁଷାପାଲିରେ ମଧ୍ୟ ରେଲୱେ ଷ୍ଟେଶନ୍ ନାମକରଣ ବଦଳାଯିବା ପ୍ରତିବାଦରେ ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ । ଏହି ଗାଁ ୩୫୨ ଭୋଟର ଏକତାବଦ୍ଧ ହୋଇ ଭୋଟବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ । ବଲାଙ୍ଗୀର ପଟରୁ ପ୍ରାୟ ୧୬ କିମି ଦୂର ଭଇଷାପାଲି ରେଲଷ୍ଟେଶନ ବୋଲି ଘୋଷଣା କରାଯାଇ ଖୋଲାଗଲା । ତେବେ ଏହାକୁ ପାଖ ଗାଁର ଲୋକେ ବିରୋଧ କରି ଏହି ରେଲଷ୍ଟେଶନର ନାମକରଣ ବିଛୁପାଲି କରାଯିବାକୁ ଦାବି କରିଥିଲେ । ଏହାପରେ ଷ୍ଟେଶନ୍‌ର ନାମକରଣ ବଦଳା ଯାଇଥିଲା । ଏହାର ପ୍ରତିବାଦରେ ଭୋଟ ବର୍ଜନ କରିଥିଲେ । ତେବେ ଏ ନେଇ ଉପଜିଲାପାଳ ଭୈରବ ସିଂ ପଟେଲଙ୍କୁ ପଚାରିବାରୁ ଅପରାହ୍ଣରେ ଜଣେ ଏହି ଗାଁର ପୋଲିଂବୁଥ୍‌ରେ ବ୍ୟକ୍ତି ଭୋଟ ଦେଇଥିବା ସୂଚନା ଦେଇଛନ୍ତି । ଫଳରେ ଏହାକୁ ଆଉ ଭୋଟ୍ ବର୍ଜନ ଗ୍ରାମ କୁହାଯିବ ନାହିଁ ବୋଲି ସେ ସୂଚନାଦେଇଛନ୍ତି ।

### ହାଇୱା ଧକ୍କାରେ ପୁଅ ମୃତ, ବାପା ଗୁରୁତର

#### ଗାଡ଼ି ଚାଳକ ଫେରାର, ହାଇୱା ଜବତ

**ସମ୍ବଲପୁର,୧୮।୪(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଆମଲିପାଏନ ଗ୍ରାମ ନିକଟରେ ଗୁରୁବାର ଏକ ହାଇୱା ଧକ୍କାରେ ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଗୁରୁତର ଆହତ ହୋଇଛନ୍ତି। ମୃତକ ପୁଅ ହେଲେ କୃଷ୍ଣ ମୁଣ୍ଡା(୯)। ବାପା କୈଳାସ ମୁଣ୍ଡା ଗୁରୁତର ଆହତ ହୋଇଛନ୍ତି । ଅନ୍ୟ ଜଣେ ସମ୍ପର୍କୀୟ ଏବଂ କୈଳାସଙ୍କ ୫ ବର୍ଷର ଝିଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି । କୈଳାସ ଜିଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱା ଓ ବାଇକକୁ ଜବତ କରିଛି । ସୂଚନା ଯୋଗ୍ୟ, ଏକ ହାଇୱା(ନଂ.ଓଡି୦୯ପି–୧୫୫୮) ସମ୍ବଲପୁର ଆସୁଥିବା ବେଳେ ଭାରସାମ୍ୟ ହରାଇ ଅମାଲିପାଏନ ଗ୍ରାମ ନିକଟରେ ଟାଙ୍ଗରପାଲିର କୈଳାସଙ୍କ ବାଇକ୍(ନଂ.ଓଡି୧୫ଏଚ–୫୯୧୨)କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିବା ବେଳେ କୈଳାସ ଗୁରୁତର ଆହତ ହୋଇଥିଲେ। ଅନ୍ୟପକ୍ଷେ ହାଇୱା ଚାଳକ ଗାଡ଼ି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ଗୁଡ଼ଭେଲା, ତୁଷୁରାରେ ମତଦାନ ଶାନ୍ତିପୂର୍ଣ୍ଣ

**ଗୁଡ଼ଭେଲା,୧୮।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷରା ଏନଏସି ଓ ଗୁଡ଼ଭେଲା ବ୍ଲକରେ ଶାନ୍ତିପୂର୍ଣ୍ଣଭାବେ ମତଦାନ ଶେଷ ହୋଇଛି। ଗୁରୁବାର ସକାଳ ୭ଟାରୁ ଗୁଡ଼ଭେଲା ବ୍ଲକ ଓ ତୁଷୁରା ଏନଏସି ଅନ୍ତର୍ଗତ ୬୧ଟି ବୁଥରେ ମତଦାନ ଆରମ୍ଭ ହୋଇଥିଲା। କନ୍ଦାମୁଣ୍ଡାର ୫୬ ନମ୍ବର ବୁଥ, ତାଣ୍ଡାଗାଁ ଗାଁର ୬୧ ନମ୍ବର, ସିନ୍ଧିରାବାହାଲି, ଯୋଗୀମୁଣ୍ଡାର ୬୮ ନମ୍ବର ବୁଥ ଓ ତୁଷୁରା ଧରୁଆପଡ଼ାର ୪୧ ନମ୍ବର ବୁଥର ଇଭିଏମ କାମ ଦେଇ ନଥିବାରୁ ଦେଢ଼ରୁ ଦୁଇ ଘଣ୍ଟା ବିଳମ୍ବରେ ଲୋକେ ମତଦାନ କରିଥିଲେ। ସେହିପରି ଟେପଡ଼ାମୁଣ୍ଡାରେ କୌଣସି ଦଳୀୟ ଏଜେଣ୍ଟ ବିନା ମତଦାନ ହୋଇଥିଲା। ତାଲିକାରେ କୌଣସି ଦଳୀୟ ଏଜେଣ୍ଟଙ୍କ ନାମ ନଥିବାରୁ କାହାକୁ ରଖା ଯାଇ ନାହିଁ ଏବଂ ବିନା ଏଜେଣ୍ଟରେ ବି ମତଦାନ ହୋଇପାରିବେ ବୋଲି ପୋଲିଂ ଅଫିସର ବିଭୁପ୍ରସାଦ ଯାଦବ କହିଛନ୍ତି। ସେହିପରି ପେନ୍ଧିମୁଣ୍ଡା, ନୂଆପଡା ଓ ଗମ୍ଭାରୀଗୁଡାରେ ପ୍ରାୟ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଲୋକେ ମତଦନ କରିଥିବା ଜଣାପଡିଛି । ତୁଷୁରା ଏନଏସି ଅର୍ନ୍ତଗତ ୧୦ ଗୋଟି ବୁଥରେ ଥିବା ପ୍ରାୟ ୭୯୨୭ ଜଣ ଭୋଟରଙ୍କ ମଧ୍ୟରୁ ପ୍ରାୟ ୫୯୪୯ ଜଣ ଭୋଟର ମତଦାନ କରିଥିବାବେଳେ ୭୫ ପ୍ରତିଶତ ମତଦାନ ହୋଇଛି। ସେହିପରି ଗୁଡ଼ଭେଲା ବ୍ଲକ ଅର୍ନ୍ତଗତ ୫୧ଟି ବୁଥରେ ଥିବା ୩୮ ହଜାର ୫୦୦ଜଣ ଭୋଟରଙ୍କ ମଧ୍ୟରୁ ପ୍ରାୟ ୩୦ହଜାର ଭୋଟର ମତଦାନ କରିଛନ୍ତି। ମୋଟ ୭୮.୫ ପ୍ରତିଶତ ମତଦାନ ହୋଇଥିବା ଗୁଡଭେଲା ବ୍ଲକ ଜିପିଓ ହିମାଂଶୁ ଶେଖର ମିଶ୍ର ପ୍ରକାଶ କରିଥିଲେ। ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଏନ.ଅଶୋକ ବାବୁ ତୁଷୁରା ଏବଂ ଗୁଡ଼ଭେଲାର ରୁଷୁଡ଼ା ଓ ବଡ଼ଙ୍ଗୋମୁଣ୍ଡା ଆଦର୍ଶ ବୁଥ ପରିଦର୍ଶନ କରିବା ସହ ତୁଷୁରା ଏନଏସିର ୪୨, ୪୩ ଓ ୪୪ ନମ୍ବର ବୁଥ ପରିଦର୍ଶନ କରିଥିଲେ । ଫ୍ଲାଇଙ୍ଗ ସ୍କ୍ୱାଡ଼ ସହ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଗୁଡ଼ଭେଲା ବିଡ଼ିଓ ରାମବିଳାସ ମଙ୍ଗରାଜ ପ୍ରତ୍ୟେକ ବୁଥ ପରିଦର୍ଶନ କରିଥିଲେ ।



ବଲାଙ୍ଗୀର ଜିଲା ତୁଷୁରା ଏନଏସି ୪୪ ନମ୍ବର ବୁଥରେ ମତଦାନ ପାଇଁ ଲମ୍ବାଲାଇନରେ ଭୋଟରମାନେ।

# ଅନେକ ବୁଥ୍‌ରେ ଭିଭିପିଏଟି ଅଚଳ

**ଖପ୍ରାଖୋଲ, ୧୮।୪(ଡି.ଏନ.ଏ.)**

**ଖପ୍ରାଖୋଲ ବ୍ଲକ**
**ବିଳମ୍ବରେ ମତଦାନ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଗୁରୁବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ମୋଟ ୯୯ଟି ପୋଲିଂ ବୁଥ୍ ମଧ୍ୟରୁ ୩୪ଟି ଅତି ସମ୍ବେଦନଶୀଳ ବୁଥ୍ ରହିଛି। ପୋଲିଂ କର୍ମଚାରୀ ବଡି ଭୋରରୁ କଡା ସୁରକ୍ଷା ମଧ୍ୟରେ ଏହି ବୁଥ୍‌ଗୁଡିକରେ ପହଞ୍ଚିଥିଲେ। ନିର୍ଦ୍ଧାରିତ ସମୟରେ ମକ ପୋଲିଂ ସହିତ ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହେବା କଥା । ହେଲେ ଚାଉଳବାଂଜି, କପସିପାଲି, ଖପ୍ରାଖୋଲ, ତୁର୍ଲା, ବାଗଝରନ, ହିର୍ଲି, ଗଉଡପାଲି, ଟେଙ୍ଗରାପଥର, ଲୁହାସିଂହା, ଓଡିଆପାଲି, ଭାଲୁଡୁଙ୍ଗୁରି, ଧଣ୍ଡାମୁଣ୍ଡା ପ୍ରଭୃତି ବୁଥ୍‌ରେ ଭିଭିପିଏଟି ଅଚଳ ହୋଇ ପଡିବାରୁ ଭୋଟ ଗ୍ରହଣ ଆରମ୍ଭ ବିଳମ୍ବ ହୋଇଥିଲା । ଅନେକ ବୁଥ୍‌ରେ ସଜାଡିବା ପରେ ଭୋଟ ଗ୍ରହଣ ସ୍ୱାଭାବିକ ହୋଇଥିଲା । ହେଲେ ବିଳମ୍ବରେ ଭୋଟ ଗ୍ରହଣ ଆରମ୍ଭ ଯୋଗୁଁ ବାଗଝରନ, ତୁର୍ଲା. କପସିପାଲି, ଓଡିଆପାଲି ପ୍ରମୁଖ ୧୧ଟି ବୁଥ୍‌ରେ ଭୋଟ ଗ୍ରହଣ ବିଳମ୍ବ ଯାଏଁ ଚାଲିଥିଲା ।ଏପରିକି ବାଗଝରନ ବୁଥ୍‌ରେ ରାତି ୯ଟା ଯାଏଁ ଭୋଟ ଗ୍ରହଣ ଚାଲିଥିବା ଜଣାଯାଇଛି । ମୋଟାମୋଟି ଭାବେ ନିର୍ବାଚନ ଶାନ୍ତିଶୃଙ୍ଖଳା ସହ ମତଦାନ ହୋଇଥିବାବେଳେ କୌଣସି ଅପ୍ରତିକର ପରିସ୍ଥିତି ହୋଇ ନାହିଁ। ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଏଇଆରଓ ତରଣୀ ସୁନାଙ୍କୁ ପଚାରିବାରୁ ବାଗଝରନ୍ ବୁଥ୍‌କୁ ଛାଡିଦେଲେ ସବୁ ବୁଥ୍‌ରେ ମତଦାନ ସରିଛି । ପ୍ରାୟ ୧୧ଟି ବୁଥ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଭୋଟ ଗ୍ରହଣ ବିଳମ୍ବ ହୋଇଥିବା କହିଛନ୍ତି।

# ଭୋଟରଙ୍କ ମଧ୍ୟରେ ଅସନ୍ତୋଷ

**ଲୋଇସିଂହା,୧୮।୪(ଡି.ଏନ.ଏ.)**

ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା ଓ ଆଗଲପୁର ବ୍ଲକର ଅନେକ ସ୍ଥାନରେ ଇଭିଏମ ପରିଚାଳନାରେ ତ୍ରୁଟି ଯୋଗୁ ଭୋଟ ଗ୍ରହଣ ବିଳମ୍ବ ହୋଇଥିଲା । ଲୋଇସିଂହା ବ୍ଲକ ବାଦିବାହଲ ପଞ୍ଚାୟତର ବାଦିବାହଲ, ଭାଲିଆମୁଣ୍ଡା, କେଉଁଟିପାଲି, ହୀରାପୁର, ବାନିପାଲି ଏପରି ଅନେକ ସ୍ଥାନରେ ଇଭିଏମ ପରିଚାଳନାରେ ତ୍ରୁଟି ଦେଖାଦେଇଥିଲା। ଏଥିଯୋଗୁ ଭୋଟଗ୍ରହଣ ବିଳମ୍ବ ହୋଇଥିଲା। ବାଦିବାହଲ ପଞ୍ଚାୟତ ଅଧୀନ ବିଶାଳପାଲି ଗ୍ରାମ ଓ ଭାଲିଆମୁଣ୍ଡା ଗ୍ରାମର କେତେକ ଭୋଟର ଘରକୁ ସକାଳେ ଫେରି ଯାଇଥିଲେ । ପରବର୍ତ୍ତୀ ସମୟରେ ସେମାନେ ଆସି ଭୋଟ ଦେଇଥିବା ଜଣାପଡିଛି । ସେହିପରି ଆଗଲପୁର ବ୍ଲକ ଡୁଡକା ଗ୍ରାମ ବୁଥରେ ବାରମ୍ବାର ଇଭିଏମ ଅଚଳ ଘଟଣା ଭୋଟରକୁ ନିରାଶ କରିଥିଲା ।

# ଘର ଉପରକୁ ମାଡ଼ିଗଲା ଟ୍ରକ, ୪ ଆହତ

**ଲାଠୋର, ୧୮।୪(ଡି.ଏନ.ଏ.)**




ଘର ଉପରେ ଟ୍ରକ ଚଢ଼ି ଓଲଟି ପଡିଛି।

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ଝଲିଆଲିଟି ଗ୍ରାମର ରାସ୍ତାପାର୍ଶ୍ୱସ୍ଥ ଏକ ଘର ଉପରେ ଏକ ମାଲ ବୋଝେଇ ଟ୍ରକ ମାଡିଯିବାରେ ୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ଆହତ ଓ ଗୁରୁତରଙ୍କୁ ଚିକିତ୍ସା ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ଭୋର ୪ଟାରେ ଭୁବନେଶ୍ୱରରୁ ଏକ ୧୨ ଚକିଆ ଟ୍ରକ ନଂ ଓଆର ୦୪ କେ ୪୯୯୯ କୁକୁଡା ଖାଦ୍ୟ ଲୋଡ କରି ନୂଆପଡା ଯାଉଥିଲା। ଝଲିଆଲିଟିଠାରେ ଚାଳକ ଭାରସାମ୍ୟ ହରାଇବାରେ ଟ୍ରକ ରାସ୍ତାପାର୍ଶ୍ୱରେ ଥିବା ମିନିକେତନ ମାଝୀଙ୍କ ଘର ଉପରେ ମାଡିଯାଇ ଓଲଟି ଯାଇଥିଲା। ଏହିସମୟରେ ଘରେ ଶୋଇଥିବା ଯୁଧିଷ୍ଠିର ମାଝୀ, ସୁବାଷ ମାଝୀ(୧୫) ଓ ସୁରେଶ ମାଝୀ (୪) ଆହତ ହୋଇଥିଲେ। ଅପରପକ୍ଷରେ ହେଲପର କାଳିଆ ମୁଦୁଲି କୁକୁଡା ଖାଦ୍ୟ ବସ୍ତା ତଳେ ଚାପି ହୋଇଯାଇଥିଲେ। ଦୁର୍ଘଟଣା ପରେ ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଛନ୍ତି। ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଲାଠୋର ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ସୁବାଷ ମାଝୀ ଏବଂ ଆହତମାନଙ୍କୁ ଚିକିତ୍ସା ପାଇଁ ଖପ୍ରାଖୋଲ ପଠାଇଥିଲା। ଲାଠୋର ଥାନାରେ ଏ ନେଇ ଏକ ମାମଲା( ନଂ. ୩୮/୧୯)ରୁଜୁ ହୋଇଛି। ଫେରାର ଡ୍ରାଇଭରଙ୍କୁ ଖୋଜା ଚାଲିଛି ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ପ୍ରକାଶ କରିଛନ୍ତି।

# ଦେଓଗାଁ ବ୍ଲକରେ ପୁଣି ନିର୍ବାଚନୀ ହିଂସା

**ଦେଓଗାଁ, ୧୮।୪(ଡି.ଏନ.ଏ.)**

■ ବରକାନୀ ଭୋଟକେନ୍ଦ୍ର ପରିସରରେ ମାରପିଟ
■ ଉଭୟ ପକ୍ଷରୁ ଏତଲା

ନିର୍ବାଚନ ଦିନକ ପୂର୍ବରୁ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାରସମାଲରେ କଂଗ୍ରେସ ସମର୍ଥିତ ବ୍ୟକ୍ତିଙ୍କୁ ଟଙ୍କାବଣ୍ଟାକୁ କେନ୍ଦ୍ର କରି ମାରପିଟ କରିଥିବା ବନ୍ଧପଡା ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ ଚାଲିଥିବା ବେଳେ ଗୁରୁବାର ବ୍ଲକ ଅଧୀନ ଜରାସିଂହା ପଞ୍ଚାୟତର ବରକାନୀ ଭୋଟଗ୍ରହଣ କେନ୍ଦ୍ରରେ ପୁଣି ନିର୍ବାଚନୀ ହିଂସା ଦେଖାଦେଇଛି । ଏଠାରେ ମତଦାନ ଚାଲିଥିବା ସମୟରେ କଂଗ୍ରେସ ଓ ବିଜେଡି ସମର୍ଥିତଙ୍କ ମଧ୍ୟରେ ମାରପିଟ ହୋଇଛି । ଘଟଣାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ପକ୍ଷରୁ ଦେଓଗାଁ ଫାଣ୍ଡିରେ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଫାଣ୍ଡି ଅଧିକାରୀ ଜନାର୍ଦ୍ଦନ ସାହୁ କହିଛନ୍ତି । ଏଥିସହ ଘଟଣାକୁ କେନ୍ଦ୍ର କରି ଫାଣ୍ଡିରେ ଅଟକ ଥିବା ୨ଜଣଙ୍କୁ ବ୍ୟକ୍ତିଗତ ମୂଚାଲିକାରେ ଛାଡି ଦିଆଯାଇଛି । ଖବର ଲେଖାହେବା ପର୍ଯ୍ୟନ୍ତ ତଦନ୍ତ ଜାରୀ ରହିଥିବା ବେଳେ ଉଭୟ ପକ୍ଷରୁ କୌଣସୀ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି । ଖବର ପାଇ ବିଧାୟକ ପ୍ରାର୍ଥୀ ନରସିଂହ ମିଶ୍ର ଗୁରୁବାର ସନ୍ଧ୍ୟାରେ ବରକାନୀ ବୁଥ ପରିଦର୍ଶନ କରିବା ସହ ଘଟଣାର ନିନ୍ଦା କରିଥିଲେ । ପରେ ଦେଓଗାଁ ପୋଲିସ ଫାଣ୍ଡିକୁ ଯାଇ ଘଟଣା ସମ୍ପର୍କରେ ଅବଗତ ହେବା ସହ ଜଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ଫୋନରେ କଥାହୋଇ ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ଅନୁରୋଧ କରିଥିଲେ ।

କଂଗ୍ରେସ ସମର୍ଥିତ ବୈଶାଖୁ ମେହେରଙ୍କ ଅଭିଯୋଗ ଅନୁସାରେ ବରକାନୀସ୍ଥିତ ଭୋଟିଙ୍ଗ ବୁଥକୁ ଭୋଟ ଦେବାକୁ ଯିବା ସମୟରେ ଗାଁର ୨ଜଣ ବ୍ୟକ୍ତି ହଠାତ ଆକ୍ରମଣ କରିଥିଲେ। ଏଥି ସହିତ ଜୀବନରେ ମାରିଦେବା ଓ ଘରକୁ ପୋଡିଦେବାର ଧମକ ଦେଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। କଂଗ୍ରେସ ସମର୍ଥିତ ଅନ୍ୟଜଣେ ବଲାଙ୍ଗୀର ରାଜୀବ ନଗରର ଅନନ୍ତ ବେହେରାଙ୍କ ଅଭିଯୋଗ ଅନୁସାରେ ସେ ବରକାନୀ କେନ୍ଦ୍ରକୁ ଯିବା ସମୟରେ ୪ଜଣ ବିଜେଡି ସମର୍ଥିତ ବ୍ୟକ୍ତି ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏଥି ସହିତ ଜାତିକୁ ନେଇ ଆକ୍ଷେପ କରିଥିବା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ବରକାନୀ ଗ୍ରାମର କେତେକ ପୋଲିସକୁ କରିଥିବା ଅଭିଯୋଗ ଅନୁସାରେ ବଲାଙ୍ଗୀରର ୬ ଜଣ ଯୁବକ ୩ଟି ବାଇକରେ ବରକାନୀ ବୁଥକୁ ପଶି ଆସି କଂଗ୍ରେସ ସପକ୍ଷରେ ଭୋଟ ଦେବା ପାଇଁ ଧମକଥିଲେ । ଗ୍ରାମବାସୀ ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଧରି ପୋଲିସ ଜିମା ଦେଇଥିବା ଅଭିଯୋଗ କରିଛନ୍ତି । ସେହିପରି ଉକ୍ତ ବୁଥରେ ବିଜେଡି ସମର୍ଥିତ ପୋଲିଂ ଏଜେଣ୍ଟ ଥିବା ସୁନୀଲ କୁମାର ମେହେରଙ୍କ ଅଭିଯୋଗ ଅନୁସାରେ ୬ଜଣ ଯୁବକ ବୁଥକୁ ପଶିଆସି କଂଗ୍ରେସ ସପକ୍ଷରେ ଭୋଟ ଦେବାକୁ କହିବା ସହ ବନ୍ଧୁକ ଦେଖାଇଥିଲେ। ଏଥିସହ ମୋତେ ବାହାରକୁ ଟାଣି ନେବା ପାଇଁ ପ୍ରୟାସ କରିବା ସମୟରେ କବାଟ ବନ୍ଦ କରି ରହିଗଲି ବୋଲି ଅଭିଯୋଗ କରିଛନ୍ତି।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### ବାସୁଦେବପୁର ଜନକଲ୍ୟାଣ ପରିଷଦ ବାର୍ଷିକୋତ୍ସବ ପ୍ରସ୍ତୁତି

ରାଉରକେଲା ଅଫିସ,୧୮।୪- ଷ୍ଟିଲ ସିଟିର ଅନ୍ୟତମ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ବାସୁଦେବପୁର ଜନକଲ୍ୟାଣ ପରିଷଦର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୨ତମ ଜୟନ୍ତୀ ସମାରୋହ ପାଳନ କରାଯିବ। ଆସନ୍ତା ଏପ୍ରିଲ ୨୦ରେ ସେକ୍ଟର-୭ ପ୍ରଗତି ଉତ୍କଳ ସଂଘ ପରିସରରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେବେ ବୋଲି ଅନୁଷ୍ଠାନ ସଭାପତି ରବିନାରାୟଣ ମହାପାତ୍ର ଓ ସାଧାରଣ ସମ୍ପାଦକ ଲକ୍ଷ୍ମଣନାଥ ଦାସ ସୂଚନା ଦେଇଛନ୍ତି।

### ଦକ୍ଷିଣ ରାଉରକେଲା ଇଭିଏମ୍ ବିଭ୍ରାଟ ନେଇ ଅସନ୍ତୋଷ

ରାଉରକେଲା ଅଫିସ,୧୮।୪ ଇଭିଏମ୍, ଭିଭିପିଏଟି ମେଶିନ ବିଭ୍ରାଟ ନେଇ ଗୁରୁବାର ଦକ୍ଷିଣ ରାଉରକେଲାର ଅନେକ ଅଞ୍ଚଳରେ ମତଦାତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। କନ୍ଷ୍ଟ୍ରକ୍ସନ କଲୋନୀ ନିକଟ ବିଦ୍ୟାଳୟର ୧୨୦ନଂ ବୁଥ୍‌ରେ ମେଶିନ ଅଚଳ ହୋଇପଡ଼ିବାରୁ ଦୀର୍ଘ ୨ ଘଣ୍ଟା ମତଦାନ ପ୍ରଭାବିତ ହୋଇଥିଲା। ବିଭାଗୀୟ ଅଧିକାରୀ କିଶୋର ଦାସ ନୂଆ ମେଶିନ ଧରି ବୁଥ୍‌ରେ ପହଞ୍ଚିବା ପରେ ମତଦାନ ଆରମ୍ଭ ହୋଇଥିଲା। ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ମତଦାତା ଖରାରେ ଅପେକ୍ଷା କରି ବିରକ୍ତି ପ୍ରକାଶ କରିଥିଲେ। ସେହିଭଳି ରାଉରକେଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦେଓଗାଁ ହାଇସ୍କୁଲର ୧୯୭ନଂ ବୁଥ୍‌ରେ ମେଶିନ ଖରାପ ହେବାରୁ ଦୀର୍ଘ ସମୟ ମତଦାନ ହୋଇପାରି ନ ଥିଲା। ରଘୁନାଥପାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନବକୃଷ୍ଣନଗର, ତଳ ବାଲିଯୋଡ଼ି, ମଡର୍ନ ଇଣ୍ଡିଆ ଆଦି କେତେକ ସ୍ଥାନରେ ସମାନ ଅବସ୍ଥା ସୃଷ୍ଟି ହୋଇଥିଲା। ଫଳରେ ନିର୍ଦ୍ଧାରିତ ସମୟଠାରୁ ଘଣ୍ଟାଏ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ମେଶିନର ତ୍ରୁଟିପୂର୍ଣ୍ଣ ପରିଚାଳନା (ବ୍ୟବହାରିକ ଅଜ୍ଞତା) ହେତୁ ଏଭଳି ଅସୁବିଧା ହୋଇଥାଇ ପାରେ ବୋଲି ଦାୟିତ୍ୱରେ ଥିବା ଅଧିକାରୀ କିଶୋର ଦାସ କହିଛନ୍ତି।

# ରାଉରକେଲାର ବିଭିନ୍ନ ସ୍ଥାନରେ ମତଦାନ







ବାସନ୍ତୀ କଲୋନୀ ଭୋଟଦାନ କେନ୍ଦ୍ରରେ ମତଦାନ କରୁଛନ୍ତି ରାଉରକେଲା ଭାଜପା ପ୍ରାର୍ଥୀ ନିହାର ରାୟ (ବାମ)। ଗଙ୍ଗାଧରପାଲି ମତଦାନ କେନ୍ଦ୍ରରେ ଭୋଟ ଦେବାକୁ ଆସିଛନ୍ତି ରାଉରକେଲା ବିଜେଡି ପ୍ରାର୍ଥୀ ସାରଦା ନାୟକ (ମଝି)। ଲେବର ଟେନାମେଣ୍ଟ ମତଦାନ କେନ୍ଦ୍ରରେ ଭୋଟ ଦେବାକୁ ଧାଡ଼ିରେ ଠିଆ ହୋଇଛନ୍ତି ରାଉରକେଲା କଂଗ୍ରେସ ପ୍ରାର୍ଥୀ ବୀରେନ ସେନାପତି।








ନାଳା ରୋଡ୍ ଉର୍ଦ୍ଦୁ ସ୍କୁଲ ମତଦାନ କେନ୍ଦ୍ରରେ ଭୋଟରଙ୍କ ଲମ୍ବା ଧାଡ଼ି (ବାମ)। ମତଦାନ କେନ୍ଦ୍ର ପରିଦର୍ଶନ କରୁଛନ୍ତି ରାଉରକେଲା ଏସ୍‌ପି ସାର୍ଥକ ଷଡ଼ଙ୍ଗୀ (ମଝି) । ସେକ୍ଟର-୨୨ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲ ମତଦାନ କେନ୍ଦ୍ରରେ ଭୋଟ ଦେଇ ହୁଇଲ ଚେୟାରରେ ଫେରୁଛନ୍ତି ଜଣେ ବୃଦ୍ଧା।

## ଇଭିଏମ୍‌ରେ ପ୍ରାର୍ଥୀଙ୍କ ଭାଗ୍ୟ, ଫଳକୁ ଅପେକ୍ଷା

ରାଉରକେଲା ଅଫିସ,୧୮।୪

ରାଉରକେଲା ଓ ରଘୁନାଥପାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ଗୁରୁବାର ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଛି। ପ୍ରାର୍ଥୀମାନଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ଫଳାଫଳ ନେଇ ବିଭିନ୍ନ ମହଲରେ ଉତ୍ସୁକତା ପ୍ରକାଶ ପାଇଛି। କାରଣ ଛାତିରେ ହାତରଖି କେହି କହିପାରୁନାହାନ୍ତି କିଏ ଜିତିବ ବା ହାରିବ। ଫଳାଫଳକୁ ନେଇ ସ୍ପଷ୍ଟ ମତ ଆକଳନ କରିବା ସମ୍ଭବ ହେଉନି। ୨୦୧୪ ନିର୍ବାଚନରେ ଲଢ଼େଇ ମୁଖ୍ୟତଃ ଦ୍ୱିମୁଖୀ ହୋଇଥିବାବେଳେ ଏଥର ଅଧିକାଂଶ ସ୍ଥାନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଯାହା ରାଜନୈତିକ ସମୀକରଣକୁ ଓଲଟପାଲଟ କରିବା ସମ୍ଭାବନା ସୃଷ୍ଟି କରିଛି। ନିଜ ପ୍ରାର୍ଥୀଙ୍କ ହାରଜିତ ନେଇ ଅଙ୍କ କଷିବା ଆରମ୍ଭ କରିଛନ୍ତି ସମର୍ଥକ। କିଛି ମତଦାତା ମୋଦି ଲହରରେ ଭାସିଯାଇଥିବା ବେଳେ ଆଉ କେତେଜଣ ପଞ୍ଚମ ଥର ପାଇଁ ନବୀନଙ୍କ ଉପରେ ଭରସା କରିଛନ୍ତି। ଯେଉଁ କେତେଜଣ କଂଗ୍ରେସ ଉପରେ ଆସ୍ଥା ପ୍ରକଟ କରିଛନ୍ତି ସେମାନେ ପୁରୁଣା କଂଗ୍ରେସ ପରିବାରର ଲୋକ ବୋଲି କୁହାଯାଉଛି। ଆଉ କିଛି ବିଜେଡି ଅସନ୍ତୁଷ୍ଟ। ଏମିତି ଉଣାଅଧିକ ସବୁ ବୁଥ୍‌ରେ ମତଦାନ ଗୋଳିଆମିଶା ହୋଇଛି। ଭାଜପା ପ୍ରାର୍ଥୀ ଅଶା କରିଥିବା ମତଠାରୁ କିଛି ଅଧିକ ପାଇଲେ ଏଥିରେ ଅଶ୍ଚର୍ଯ୍ୟ ହେବାର ନାହିଁ। ବିଜେଡି ପ୍ରାର୍ଥୀ ନିଜ ପୁରୁଣା ରେକର୍ଡରୁ ବହୁ ତଳେ ରହିବେ ବୋଲି ଆଲୋଚନା ହେଉଛି। ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ଏଭଳି ଚିତ୍ର ସାମନାକୁ ଆସିଛି। ନିର୍ବାଚନ ରଣକୌଶଳରେ ପଛରେ ପଡ଼ିଯାଇଥିବା ଭାଜପା ଓ କଂଗ୍ରେସ ଏଥର ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରଖିଛନ୍ତି। ବିଜେଡି ଓ କଂଗ୍ରେସ କଳିରୁ ଭାଜପା ଫାଇଦା ନେବାକୁ ଆଶା ବାନ୍ଧିଛି। ମୋଦି ଲହରରେ ମତଦାତା କେତେ ପ୍ରଭାବିତ ହୋଇଛନ୍ତି କି ବିଜେଡି ପ୍ରାର୍ଥୀଙ୍କ ବିରୋଧରେ କେତେ ଅସନ୍ତୁଷ୍ଟଙ୍କ ଭୋଟ ପଡ଼ିଛି ତାହା ଫଳାଫଳ ପ୍ରକାଶ ପରେ ଜଣାପଡ଼ିବ। ତେବେ ରଘୁନାଥପାଲିର ପ୍ରମୁଖ ୩ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଏପରି ଅବସ୍ଥାରେ ଫଳାଫଳ ଆକଳନ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଏଥର ରଘୁନାଥପାଲି ନିର୍ବାଚନମଣ୍ଡଳୀରୁ ବିଧାୟକ ସୁବ୍ରତ ତରାଇ ନିର୍ବାଚନ ଜିତିଲେ ହ୍ୟାଟ୍ରିକ କରିବା ନେଇ ତାଙ୍କ ସମର୍ଥକ ଉଲ୍ଲସିତ ଅଛନ୍ତି। ଦ୍ୱିତୀୟ ଥର ପାଇଁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ଭାଜପା ପ୍ରାର୍ଥ ଜଗବନ୍ଧୁ ବେହେରା ଯଦି ସ୍ୱଳ୍ପ ବ୍ୟବଧାରରେ ବିଜୟୀ ହୁଅନ୍ତି ତେବେ ଆଶ୍ଚର୍ଯ୍ୟ ହେବାର ନାହିଁ। କାରଣ ବିଜେଡିରେ ରହି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ପ୍ରଶାନ୍ତ ସେଠୀ ସୁନିଶ୍ଚିତ କିଛି ବିଜେଡି ଭୋଟ ହାତେଇବେ। ସେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବାବେଳେ ଭାଜପା ଓ ବିଜେଡିକୁ କଡ଼ା ଟକ୍କର ଦେଇଛନ୍ତି। ତାଙ୍କ ଜିତାପଟ ନେଇ ସମର୍ଥକ ଦୃଢ଼ ଆଶାବାଦୀ ଅଛନ୍ତି। ଆଉ ଯଦି ପ୍ରଶାନ୍ତ ବାସ୍ତବରେ ବିଜେଡି ଭୋଟ ହାତେଇଥିବେ ତେବେ ଭାଜପା ପ୍ରାର୍ଥୀଙ୍କୁ ଏହା ସୁହାଇବ। ତେବେ ଫଳାଫଳ ଜାଣିବାକୁ ମତଦାତାଙ୍କୁ ଆଉ କିଛିଦିନ ଅପେକ୍ଷା କରିବାକୁ ପଡ଼ିବ।

### ସମୟ ନେଇ ଦ୍ୱନ୍ଦ୍ୱ
## ମତଦାନରୁ ବଞ୍ଚିତ ହେଲେ ବହୁ ଭୋଟର

ରାଉରକେଲା ଅଫିସ,୧୮।୪

ସରକାରୀ ସ୍ତରରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ ବୋଲି ଧାର୍ଯ୍ୟ କରାଯାଇଥିବା ବେଳେ ଚିରକୁଟରେ ଏହା ସନ୍ଧ୍ୟା ୬ଟା ବୋଲି ଉଲ୍ଲେଖ ରହିଥିଲା। ଏଣୁ ବଣ୍ଟାଯାଇଥିବା ଚିରକୁଟ ଅନୁସାରେ ଲୋକେ ୪ଟା ପରେ ମତଦାନ କେନ୍ଦ୍ରରେ ପହଞ୍ଚିଥିଲେ ବି ଏମାନଙ୍କୁ ଭୋଟ ଦେବାକୁ ଅନୁମତି ମିଳି ନ ଥିଲା। ଏ ନେଇ ସେକ୍ଟର-୬ ଏନ୍‌ଏସି (ଏସ୍‌ଟି) ବିଦ୍ୟାଳୟରେ କିଛି ମସୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବରପାଇ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ମତଦାନ ପାଇଁ ସୁଯୋଗ ଦିଆଯିବ ବୋଲି ଏସ୍‌ପି ସାର୍ଥକ ଷଡ଼ଙ୍ଗୀ କହିଥିଲେ। ସୂଚନାଯୋଗ୍ୟ, ରଘୁନାଥପାଲି ନିର୍ବାଚନମଣ୍ଡଳୀର କେତେକ ଅଞ୍ଚଳ ମାଓପ୍ରବଣ ହୋଇଥିବାରୁ ଏଠାରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଗ୍ରହଣ କରାଯିବ ବୋଲି ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ଏ ନେଇ ଅନେକ ମତଦାତାଙ୍କ ପାଖରେ ଖବର ନ ଥିଲା। ଅପରାହ୍ନ ୪ଟା ପରେ ଆସିଥିବା ବହୁ ଭୋଟର ମତଦାନରୁ ବଞ୍ଚିତ ହୋଇଛନ୍ତି।

## ମଦ ପାଇଁ ଡହଳବିକଳ, ଦର ଦୁଇଗୁଣ

ରାଉରକେଲା ଅଫିସ,୧୮।୪

ନିର୍ବାଚନ କମିଶନଙ୍କ କଟକଣା ଓ ରାଉରକେଲା ଏସ୍‌ପି ସାର୍ଥକ ଷଡ଼ଙ୍ଗୀଙ୍କ କଡ଼ା ପଦକ୍ଷେପ ଯୋଗୁ ଏଥର ନିର୍ବାଚନ ପୂର୍ବରୁ ଚୋରାମଦ ଉପରେ ରୋକ୍ ଲଗିପାରିଛି। ନିର୍ବାଚନର ବହୁ ପୂର୍ବରୁ ସହରର ଅନେକ ହୋଟେଲ, ଢାବାରେ ମଦ ବିକ୍ରି ବନ୍ଦ କରାଯାଇଥିଲା। ଏହା ସତ୍ତ୍ୱେ ନିର୍ବାଚନକୁ ଦୃଷ୍ଟିରେ ରଖି କେତେଜଣ ଲାଭଖୋର ଚୋରା ବ୍ୟବସାୟୀ ମହଜୁଦ ରଖିଥିବା ମଦକୁ ରାଉରକେଲା ଅବକାରୀ ବିଭାଗ ଜବତ କରିବାରେ ସକ୍ଷମ ହୋଇଥିଲା। ଯେଉଁ କେତେଜଣ ବ୍ୟବସାୟୀ ଏମାନଙ୍କ ହାବୁଡ଼ରୁ ବର୍ତ୍ତି ଯାଇଥିଲେ ସେମାନେ ବେଶ୍ ଭଲ ରୋଜଗାର କରିଛନ୍ତି। ପ୍ରାୟ ସବୁ ବ୍ରାଣ୍ଡର ମଦ ଉପରେ ଦୁଇଗୁଣ ଦର ଆଦାୟ କରିଛନ୍ତି ଏମାନେ। ଏପଟେ ଭୋଟ ଗ୍ରହଣ ଚାଲିଥିବା ବେଳେ ସେପଟେ ମଦ କେଉଁଠି ମିଳିବ ସେଥିପାଇଁ ଦଳ ଦଳ ହୋଇ ପଇଁତରା ମାରୁଥିଲେ କେତେଜଣ ଯୁବକ। ସେକ୍ଟର-୨ ଅଞ୍ଚଳରେ ଥିବା ସରକାରୀ ମଦ ଦୋକାନ ସମ୍ମୁଖ ବସ୍ତିରେ ଜଣେ ଚୋରା ମଦ ବିକ୍ରେତା ଏହି ସୁଯୋଗରେ ଗ୍ରାହକଙ୍କୁ ମନଇଚ୍ଛା ଲୁଟିଥିଲେ। ଅକଳରେ ପଡ଼ି ବିଚାରା ଗ୍ରାହକ କାନ ମୁଣ୍ଡ ଆଉଁସି ସମ୍ପୃକ୍ତ ବ୍ୟବସାୟୀଙ୍କୁ ଦୁଇଗୁଣ ଦର ଗଣିବାକୁ ବାଧ ହୋଇଥିବା ଶୁଣାଯାଇଛି। ପ୍ରତିବାଦ କରିବାକୁ କେହି ସାହସ ଜୁଟାଇ ପାରି ନ ଥିଲେ। ନିର୍ବାଚନୀ ଖର୍ଚ୍ଚକୁ ନିଶାପାଣିରେ ଉଡ଼ାଇବାକୁ ବ୍ୟସ୍ତ ଯୁବଗୋଷ୍ଠୀଙ୍କ ମଧ୍ୟରୁ ଅନେକେ ରାସ୍ତା ପାର୍ଶ୍ୱ ଗଛ ତଳେ ବସି ଖୋଲାଖୋଲି ମଦ୍ୟପାନ କରିବା ଦେଖାଯାଇଥିଲା। ନିର୍ବାଚନ ଡ୍ୟୁଟିରେ ବ୍ୟସ୍ତ ପୋଲିସ କର୍ମଚାରୀଙ୍କ ଅନୁପସ୍ଥିତିରେ ଅନେକ ସର୍ବସାଧାରଣଙ୍କ ଯାତାୟତକୁ ବି ଖାତିର କରି ନ ଥିଲେ। କିଏ ପରାଜୟ ଆଶଙ୍କାରେ କ୍ରୋଧ ପ୍ରକାଶ କରୁଥିଲା ତ ଆଉ କିଏ ସମ୍ଭାବ୍ୟ ବିଜୟ ଆଶାରେ ଉଲ୍ଲସିତ ହୋଇ ସ୍ଥାନ କାଳ ପାତ୍ରକୁ ପାଶୋରି ଦେଇଥିଲା।

## ସଚେତନତା ସତ୍ତ୍ୱେ ବଢ଼ିଲାନି ମତଦାନ ହାର

■ ସନ୍ଧ୍ୟା ୫ଟା ସୁଦ୍ଧା ୫୫ ପ୍ରତିଶତ ଭୋଟର କଲେ ମତ ସାବ୍ୟସ୍ତ

ରାଉରକେଲା ଅଫିସ,୧୮।୪

ବ୍ୟାପକ ସଚେତନତା ସତ୍ତ୍ୱେ ସୁନ୍ଦରଗଡ଼ ଜିଲାରେ ଆଶାନୁରୂପ ମତଦାନ ହୋଇନାହିଁ। ଅନୁକୂଳ ପାଗ ସାଙ୍ଗକୁ ବ୍ୟପକ ବ୍ୟବସ୍ଥା ଆକର୍ଷିତ କରିପାରିନି ମତଦାତାଙ୍କୁ। ଆଦର୍ଶ ମତଦାନ କେନ୍ଦ୍ର, ଦିବ୍ୟାଙ୍ଗଙ୍କ ପାଇଁ ଗାଡ଼ି ଓ ହୁଇଲ ଚେୟାର ବ୍ୟବସ୍ଥା ସହ ସ୍ୱେଚ୍ଛାସେବୀ ମୁତୟନ ମତଦାତାଙ୍କୁ ଟାଣିପାରିନି ଭୋଟ କେନ୍ଦ୍ରକୁ। ସନ୍ଧ୍ୟା ୫ଟା ସୁଦ୍ଧା ତଳସରା ନିର୍ବାଚନମଣ୍ଡଳୀରେ ୪୮.୨ ପ୍ରତିଶତ, ସୁନ୍ଦରଗଡ଼ (ସଦର) ନିର୍ବାଚନମଣ୍ଡଳୀରେ ୪୭.୪୩ ପ୍ରତିଶତ, ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ୬୧ ପ୍ରତିଶତ, ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ୫୬.୬ ପ୍ରତିଶତ, ରାଉରକେଲା ନିର୍ବାଚନମଣ୍ଡଳୀରେ ୫୫ ପ୍ରତିଶତ, ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀରେ ୫୮ ପ୍ରତିଶତ ଓ ବଣାଇଁ ନିର୍ବାଚନମଣ୍ଡଳୀରେ ୫୫ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ଜିଲାରେ ମୋଟ ୫୪.୫ ପ୍ରତିଶତ ମତଦାନ ହୋଇଛି। ଆଦିବାସୀବହୁଳ ତଥା ମାଓବାଦୀ ଉପଦ୍ରୁତ ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ଏଥିର ସର୍ବାଧିକ ମତ ପଡ଼ିଥିବା ବେଳେ ସର୍ବନିମ୍ନ ଭୋଟ ସୁନ୍ଦରଗଡ଼ (ସଦର) ନିର୍ବାଚନମଣ୍ଡଳୀରେ ପଡ଼ିଛି। ସମ୍ଭ୍ରାନ୍ତ ସହର ଭାବେ ବିବେଚନା କରାଯାଉଥିବା ରାଉରକେଲା ନର୍ବାଚନମଣ୍ଡଳୀରେ ମାତ୍ର ୫୫ ପ୍ରତିଶତ ମତଦାନ ଅନେକଙ୍କୁ ନିରାଶ କରିଛି। ରାତି ସୁଦ୍ଧା ରାଉରକେଲା, ବୀରମିତ୍ରପୁର ଏବଂ ରଘୁନାଥପାଲି ନିର୍ବାଚନମଣ୍ଡଳୀରୁ ଇଭିଏମ୍ ଓ ଭିଭିପିଏଟି ଆସି ନୋଡାଲ କେନ୍ଦ୍ର ଉଦିତନଗର ହାଇସ୍କୁଲରେ ପହଞ୍ଚିବ। ସେଠାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏହାକୁ ଆସନ୍ତା ଗଣତି ଅର୍ଥାତ ମେ ୨୩ ପର୍ଯ୍ୟନ୍ତ ରଖାଯିବା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

## ପ୍ରଶାସନର ବୁଥ୍ ସର୍ବେକ୍ଷଣ ତ୍ରୁଟି

ବେଦବ୍ୟାସ, ୧୮।୪ (ଡି.ଏନ.ଏ)



ଲାଠିକଟାର ଏକ ଭୋଟ ଗ୍ରହଣ କେନ୍ଦ୍ରରେ ଭୋଟରମାନେ ଅପେକ୍ଷା କରିଛନ୍ତି।

■ ଗୋଟିଏ ବିଦ୍ୟାଳୟର ୩ବୁଥ, ଭୋଟରଙ୍କ ମଧ୍ୟରେ ଠେଲାପେଲା
■ ଭୋଟଦାନରେ ବ୍ୟାଘାତ, ସାଧାରଣରେ ଅସନ୍ତୋଷ
■ ଲାଠିକଟା ବ୍ଲକରେ ଶାନ୍ତିଶୃଙ୍ଖଳା ସହ ମତଦାନ
■ ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୫୮ ପ୍ରତିଶତ

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀର ଲାଠିକଟା ବ୍ଲକରେ ଶାନ୍ତିଶୃଙ୍ଖଳା ସହ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଗୁରୁବାର ଶେଷ ହୋଇଛି । ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ନିୟମକୁ ସୂଚାରୁରୂପେ ପାଳନ କରାଯାଇଥିବା ବେଳେ କେତେକ ବୁଥରେ ଇଭିଏମ ପରିଚାଳନାଗତ ତ୍ରୁଟିକୁ ନେଇ ସକାଳ ପ୍ରାୟ ସାଢ଼େ ୮ଟାରେ ଭୋଟଦାନ କାର୍ଯ୍ୟ ଆରମ୍ଭ ହୋଇଥିଲା । ଲାଠିକଟା ବ୍ଲକର ଝାରତରାଙ୍ଗ ବୁଥ ନଂ. ୨୩୯, ୨୪୫ ଓ ୨୪୬ ଝାରତରାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଫଳରେ ଭୋଟରଙ୍କ ସଂଖ୍ୟା ଦୃଷ୍ଟିରୁ ଗୋଟିଏ ବିଦ୍ୟାଳୟରେ ପର୍ଯ୍ୟାପ୍ତ ଜାଗା ନଥିବା ଯୋଗୁ ଭୋଟରଙ୍କ ମଧ୍ୟରେ ଠେଲାପେଲା ହୋଇ ୨ରୁ ୩ ଜଣ ଭୋଟର ସଂଜ୍ଞାହୀନ ହୋଇ ପଡିଥିଲେ । ଏ ନେଇ କିଛି ସମୟ ଭୋଟଦାନରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ଏହା ପ୍ରଶାସନର ବୁଥ ସର୍ବେକ୍ଷଣ ତ୍ରୁଟି ଯୋଗୁ ଗୋଟିଏ ବିଦ୍ୟାଳୟରେ ଆବଶ୍ୟକ ବ୍ୟବସ୍ଥା ନ ଥିବାସ୍ଥଳେ ୩ଟି ବୁଥ କରାଯାଇଥିବା ଯୋଗୁ ସ୍ଥାନୀୟ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ସେହିଭଳି ଅନେକ ବୁଥ ପଡୋଶୀ ଗ୍ରାମର ଲୋକଙ୍କ ନିମନ୍ତେ ନିର୍ଦ୍ଧାରିତ ନକରି ଅନ୍ୟ ଗ୍ରାମରେ ଥିବା ବୁଥରେ ଭୋଟଦେବା ପାଇଁ ଭୋଟର ଲିଷ୍ଟ ପଠାଯିବାରୁ ଭୋଟରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଉରକେଲାଙ୍କ ସୂଚନା ଅନୁଯାୟୀ ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଅପରାହ୍ନ ୫ଟା ସୁଦ୍ଧା ୫୮ % ଭୋଟଦାନ ହୋଇଛି । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନାଗରିକର ଭୋଟଦାନ ଅଧିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚଳିତ ନିର୍ବାଚନରେ ଭୋଟରଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା । ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଯୁବ, ବୃଦ୍ଧାବୃଦ୍ଧ ଭୋଟରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ପ୍ରତ୍ୟେକ ବୁଥରେ ପ୍ରଶାସନ ତରଫରୁ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା, ଅବାଧ ନିରପେକ୍ଷ ଭୋଟଦାନ ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯିବା ସହ କଡ଼ା ନଜର ରଖାଯାଇଥିଲା। ଲାଠିକଟା ବ୍ଲକରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିଥିଲା। ୨୪୨ନଂ. ବୁଥରେ ଇଭିଏମ୍ ତ୍ରୁଟି ଯୋଗୁ କେତେଜଣ ଭୋଟର ବିରକ୍ତ ହୋଇ ଫେରିଯାଇଥିଲେ।

### ବର୍ଷବର୍ଷ ଧରି ଭୋଟଦେଇ ଆସୁଥିଲେ
## ଏ ବର୍ଷ ଭୋଟ ଦେବାରୁ ବଞ୍ଚିତ ହେଲେ

ସବ୍‌ଡେଗା, ୧୮।୪ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ତଳସରା ନିର୍ବାଚନ ମଣ୍ଡଳୀର ସବଡେଗା ବ୍ଲକର ସବଡେଗା ବୁଥ ମାନଙ୍କରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଗ୍ରହଣ କାର୍ଯ୍ୟ ଶେଷ ହୋଇଛି। ଇଭିଏମ୍‌ରେ କିଛି ତ୍ରୁଟି ଦେଖାଦେଇଥିବାରୁ ସବ୍‌ଡେଗା, ହମିରପୁର, କିରାଲଗାଠାରେ ଗୋଟିଏ ଘଣ୍ଟା ବିଳମ୍ବରେ ଭୋଟ ଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ସରକାର ପ୍ରତ୍ୟେକ ବୁଥରେ ବ୍ୟାନର ଲଗାଇଛନ୍ତି। ଯେଉଁଥିରେ ଲେଖାଅଛି କୌଣସି ମତଦାତା ବାଦପଡିବେ ନାହିଁ। ହେଲେ ସବଡେଗାଠାରେ ଅନେକ ଭୋଟର ବାଦ ପଡିଯାଇଛନ୍ତି। ସରକାରୀ କର୍ମଚାରୀଙ୍କ ଅବହେଳା ପାଇଁ ବର୍ଷବର୍ଷ ଧରି ଭୋଟଦେଇ ଆସୁଥିବା ଭୋଟରମାନଙ୍କର ଏବର୍ଷର ଭୋଟର ଲିଷ୍ଟରେ ନାମ ନାହିଁ । ହେଲେ ସେମାନଙ୍କ ପାଖରେ ଅଛି ଭୋଟର କାର୍ଡ, ଆଧାର କାର୍ଡ। ସେମାନଙ୍କର ଭୋଟର ଲିଷ୍ଟରେ ନାମ ନାହିଁ, ସେମାନେ ଭୋଟ ଦେଇ ପାରିବେ ନାହିଁ ବୋଲି ଉକ୍ତ ବୁଥରେ ଥିବା ପ୍ରିଜାଡିଂ ଓ ପୁଲିଂ ଅଫିସର କହିଥିଲେ। ସେମାନଙ୍କର କିଭଳି ବ୍ୟବସ୍ଥା କରାଗଲେ ସେମାନେ ଭୋଟଦେବେ ଏବିଷୟରେ ଉକ୍ତ ଅଫିସରଙ୍କୁ ପଚାରିବାର କିଛି ଉପାୟ ନାହିଁ ବୋଲି କହିଥିଲେ । ହେଲେ ଉକ୍ତ ଭୋଟରମାନେ ଏବର୍ଷ ନିଜର ମତଦାନ ସାବ୍ୟସ୍ତ କରି ନ ପାରି ଦୁଃଖ ମନରେ ଘରକୁ ଫେରିଯାଇଥିଲେ । ହେଲେ କାହା ଅବ୍ୟବସ୍ଥା ପାଇଁ ଦୀର୍ଘଦିନରୁ ଭୋଟଦେଇ ଆସୁଥିବା ଏହି ଭୋଟରଙ୍କ ନାମ ଭୋଟର ତାଲିକାରୁ ଉଭାନ ହୋଇଗଲା ଏହା ଚିନ୍ତାର ବିଷୟ । ଏଭଳି ଅନେକ ଭୋଟର ଭୋଟ ଦେଇ ନ ପାରି ପ୍ରଶାସନର ନିର୍ବାଚନ ବିଭାଗକୁ ନିନ୍ଦା କରିଥିଲେ ।



"କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ୨ଲକ୍ଷ ଟଙ୍କା ଜବତ

ଲଇକେରା,୧୮।୪(ଡି.ଏନ୍.ଏ.) ମଙ୍ଗଳବାର ନିର୍ବାଚନ ପ୍ରଚାରର ଶେଷ ଦିନ ଥିବା ବେଳେ ଭାତଲଇଡ଼ା ପଞ୍ଚାୟତ ଭୋଇଡିହି ଗ୍ରାମର ଜଣେ ପୁରୁଖା କଂଗ୍ରେସ କର୍ମୀଙ୍କ ନିକଟରୁ ୨ଲକ୍ଷ ଟଙ୍କା ଜବତ ହେବା ଘଟଣାକୁ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମଙ୍ଗଳବାର ରାତି ସାଢ଼େ ୧୨ଟାରେ ଲଇକେରା ଥାନା ଅଧିକାରୀ ବିଶ୍ୱପତି ପଣ୍ଡାଙ୍କ ନେତୃତ୍ୱରେ ଫ୍ଲାଇଂ ସ୍କ୍ୱାଡ୍-୨ ଭୋଇଡିହିରେ ଅତର୍କିତ ଚଢ଼ାଉ କରିଥିଲେ। ଗାଁମୁଣ୍ଡ ଏକ ଗଛ ମୂଳରେ ପୂର୍ବତନ କଂଗ୍ରେସ ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଭୋଇଙ୍କ ସମେତ କିଛି ଲୋକେ ରୁଣ୍ଡ ହୋଇ ନିର୍ବାଚନ ସମ୍ପର୍କରେ ଗୁପ୍ତ ଆଲୋଚନା କରୁଥିଲେ। ପୋଲିସ ଗାଡ଼ି ଦେଖି ସମସ୍ତେ ଏଣେତେଣେ ଦୌଡ଼ି ପଳାଇଥିଲେ। ତେବେ କୃଷ୍ଣଚନ୍ଦ୍ରଙ୍କ ନିକଟରୁ ପୋଲିସ ୧୦୦ ଖଣ୍ଡ ୨ହଜାର ଟଙ୍କିଆ ନୋଟ୍, ଭୋଟର ତାଲିକା ଓ ନିର୍ବାଚନ ସମ୍ବନ୍ଧୀୟ କିଛି କାଗଜ ଜବତ କରିଥିଲା। ଏହି ଟଙ୍କା ମୋର ନୁହେଁ, ଲୋକଙ୍କୁ ବାଣ୍ଟିବା ପାଇଁ କଂଗ୍ରେସ ପ୍ରାର୍ଥୀ ମହେନ୍ଦ୍ର ନାଏକ ମତେ ଦେଇଥିଲେ ବୋଲି କୃଷ୍ଣଚନ୍ଦ୍ର ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ତଦନ୍ତ ଚାଲିଛି। କୃଷ୍ଣଚନ୍ଦ୍ରଙ୍କୁ ଏହି ଟଙ୍କାର ଉପଯୁକ୍ତ କାଗଜପତ୍ର ମଗାଯାଇଛି। ସେ କାଗଜ ଉପସ୍ଥାପନ କରି ନ ପାରିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି।

### ଶାନ୍ତିଶୃଙ୍ଖଳାରେ ସରିଲା ମତଦାନ

ଲଇକେରା,୧୮।୪(ଡି.ଏନ୍.ଏ.) ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକର ୫୨ ବୁଥ୍‌ରେ ଗୁରୁବାର ଶାନ୍ତିଶୃଙ୍ଖଳାର ସହିତ ସରିଛି ଦ୍ୱିତୀୟ ପର୍ଯ୍ୟାୟ ମତଦାନ। ବ୍ଲକର ମୋଟ ୩୯ ହଜାର ୮୧୬ ଭୋଟରଙ୍କ ମଧ୍ୟରୁ ଖବର ଲେଖାଯିବା ପର୍ଯ୍ୟନ୍ତ ୮୦ ପ୍ରତିଶତ ଭୋଟର ମତ ସାବ୍ୟସ୍ତ କରିଛନ୍ତି। ତେବେ ରାତି ସାଢ଼େ ୮ଟା ପରେ ମଧ ବାବୁଚିପିଡିହି, କୁଲେମୁରା ବୁଥ୍‌ରେ ଧାଡିରେ ଠିଆ ହୋଇଥିବା ଭୋଟରଙ୍କ ମତ ଗ୍ରହଣ କରାଯାଉଥିବା ସୂଚନା ମିଳିଛି। ଖୁଣ୍ଟାମାଲ, ଜାମମାଲ, କୁକେରମା ମଡେଲ ବୁଥ୍‌ରେ ଭୋଟରମାନେ ଅତି ଖୁସିର ସହ ଭୋଟ ଦେଇଛନ୍ତି। ଏହି ମଡେଲ ବୁଥ୍‌ଗୁଡ଼ିକରେ ପ୍ରଶାସନ ପକ୍ଷରୁ ଭୋଟରଙ୍କ ପାଇଁ ଲେମ୍ବୁ ସରବତ ଓ ତରଭୁଜ ବ୍ୟବସ୍ଥା କରାଯାଇଥିଲା। ଅଳ୍ପ କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ଭୋଟରମାନେ ରାତି ସାଢ଼େ ୮ ପର୍ଯ୍ୟନ୍ତ ଲାଇନରେ ଠିଆହୋଇ ଭୋଟ ଦେବାକୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ସେହିପରି କିର୍ମିରା ବ୍ଲକରେ ମଧ ଶାନ୍ତିଶୃଙ୍ଖଳାର ସହ ସରିଲା ମତଦାନ। ଠାକୁରପଡ଼ାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ନିଜ ଝିଅ ଓ ସ୍ତ୍ରୀଙ୍କ ସହ ଧାଡ଼ିରେ ଠିଆହୋଇ ମତଦାନ କରିଛନ୍ତି।

### ଲିଭରପୁଲ-ବାର୍ସିଲୋନା ସେମିଫାଇନାଲ

ପୋର୍ଟୋ (ପର୍ତ୍ତୁଗାଲ), ୧୮।୪(ଏଏଫ୍‌ପି): ୟୁରୋପର ବଛା ବଛା ଶ୍ରେଷ୍ଠ ଫୁଟ୍‌ବଲ କ୍ଲବଗୁଡ଼ିକୁ ନେଇ ଚାଲିଥିବା ଚାମ୍ପିୟନ୍ସ ଲିଗ୍ ପ୍ରତିଯୋଗିତାର ସେମିଫାଇନାଲରେ ଲିଭରପୁଲ ଦଳ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ୨ୟ ଲେଗ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଇଂଲିଶ କ୍ଲବ ଲିଭରପୁଲ ୪-୧ ଗୋଲରେ ଘରୋଇ ଏଫ୍‌ସି ପୋର୍ଟୋକୁ ପରାସ୍ତ କରଛି। ବିଜୟୀ ଦଳ ପକ୍ଷରୁ ସାଡିଓ ମାନେ (୨୬ତମ ମିନିଟ୍), ମହମ୍ମଦ ସାଲ୍‌ହା (୬୫ତମ), ରବର୍ଟ ଫିର୍ମିନୋ (୭୭ତମ) ଓ ଭିର୍ଗିଲ ଭାନ୍ ଡିଜେକ୍ (୮୪ତମ) ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ। ଭିର୍ଗିଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏଥିପୂର୍ବରୁ ଦୁଇ ଦଳ ମଧ୍ୟରେ ଗତ ସପ୍ତାହରେ ଖେଳାଯାଇଥିବା ପ୍ରଥମ ଲେଗ୍ କ୍ୱାର୍ଟର ଫାଇନାଲକୁ ମଧ ଲିଭରପୁଲ ୨-୦ରେ ଜିତିଥିଲା। ଫଳରେ ୨ଟି ଯାକ କ୍ୱାର୍ଟର ଫାଇନାଲର ଫଳାଫଳ ଅନୁଯାୟୀ ଲିଭରପୁଲକୁ ୬-୧ ଗୋଲରେ ବିଜୟୀ ଘୋଷିତ କରାଯାଇଥିଲା। ସେମିଫାଇନାଲରେ ଲିଭରପୁଲର ମୁକାବିଲା ୟୁରୋପ୍ ମହାଦେଶର ଅନ୍ୟତମ ଶକ୍ତିଶାଳୀ କ୍ଲବ ବାର୍ସିଲୋନ ସହ ହେବ।

## ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ

# ଝାରସୁଗୁଡ଼ାରେ ଶାନ୍ତିପୂର୍ଣ୍ଣ, ବ୍ରଜରାଜନଗରରେ ଗଣ୍ଡଗୋଳ

ଝାରସୁଗୁଡ଼ା ଅଫିସ,୧୮।୪

୨୦୧୯ ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଛି। ଦୁଇ ବିଧାନସଭା ଆସନ ବିଶିଷ୍ଟ ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ବିଶୃଙ୍ଖଳା ଓ ମାରପିଟ ହୋଇଛି। ବ୍ରଜରାଜନଗର ଭାଜପା ବିଧାୟିକା ପ୍ରାର୍ଥିନୀ ରାଧାରାଣୀ ପଣ୍ଡାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରି ଲହୁଲୁହାଣ କରାଯାଇଛି। ଅନ୍ୟପକ୍ଷରେ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ଶାନ୍ତିପୂର୍ଣ୍ଣ ହୋଇଛି। ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ସନ୍ଧ୍ୟା ୫ଟା ସୁଦ୍ଧା ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ୭୦% ଏବଂ ବ୍ରଜରାଜନଗରରେ ୭୩% ମତଦାନ ହୋଇଛି। ପ୍ରଶାସନିକ ପ୍ରସ୍ତୁତି ମୁତାବକ ଭୋଟ ଗ୍ରହଣର ଦୁଇଦିନ ପୂର୍ବରୁ ପୋଲିଂ କମଚାରୀ ବୁଥ୍‌ରେ ପହଞ୍ଚିଥିଲେ। ଗୁରୁବାର ଭୋରରେ ପ୍ରଥମେ ମକ୍ ପୋଲିଂ କରାଯାଇଥିଲା। ସକାଳ ୭ଟାରେ ସାଧାରଣ ଲୋକେ ନିଜର ମତସାବ୍ୟସ୍ତ କରିଥିଲେ। ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ଆସନ ପାଇଁ ୫୧୦ ବୁଥ୍‌ରେ ଭୋଟ ଗ୍ରହଣ ହୋଇଥିଲା। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ୨୫୩ ଏବଂ ବ୍ରଜରାଜନଗରରେ ୨୫୭ ବୁଥ୍ କରାଯାଇଥିଲା। ସେଥିମଧ୍ୟରୁ ୨୧ଟି ଆଦର୍ଶ ବୁଥ୍ ଏବଂ ଦୁଇଟି ପିଙ୍କ୍ ବୁଥ୍ ରହିଥିଲା। ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ୨,୧୧,୦୯୩ ମତଦାତାଙ୍କ ମଧ୍ୟରୁ ସନ୍ଧ୍ୟା ୫ଟା ସୁଦ୍ଧା ୭୩% ମତଦାନ ହୋଇଥିଲା। ସେହିପରି ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ୨,୨୩,୦୨୦ ମତଦାତାଙ୍କ ମଧ୍ୟରୁ ସନ୍ଧ୍ୟା ୫ଟା ସୁଦ୍ଧା ୭୦% ଭୋଟର ମତସାବ୍ୟସ୍ତ କରିଥିଲେ।

ଜିଲାର ପ୍ରତ୍ୟେକ ବିଧାନସଭା ଆସନରୁ ୯ ଜଣ ଲେଖାଏଁ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଥିଲେ। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ନବକିଶୋର ଦାସ, ଭାଜପା ପ୍ରାର୍ଥୀ ଦୀନେଶ ଜୈନ, କଂଗ୍ରେସ ପ୍ରାର୍ଥୀ ମହେନ୍ଦ୍ର ନାଏକଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏମାନଙ୍କ ବ୍ୟତୀତ କାର୍ତ୍ତିକେଶ୍ୱର ଘୁଘର, ଦେବାନନ୍ଦ ବାରିକ, ପୂର୍ଣ୍ଣ୍ୟବାନ ନାଏକ, ପ୍ରଶାନ୍ତ ପଟେଲ, ରେଖା ହୋତା, ସ୍ନେହଲତା ନାଏକ ପ୍ରମୁଖ ମଇଦାନରେ ରହିଥିଲେ। ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ କିଶୋର ମହାନ୍ତି, ଭାଜପା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା, କଂଗ୍ରେସ ସମର୍ଥିତ ସିପିଆଇ ପ୍ରାର୍ଥୀ ରମେଶ ତ୍ରିପାଠୀଙ୍କ ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହାଛଡ଼ା ସୀତାରାମ ରୋହିଦାସ, ରଜନୀ ଭୁଏ, ସୁବାସ ବେହେରା, ହରପ୍ରସାଦ ମେହେର, ଅଜୟ ମଣ୍ଡଳ, ମିଥିଳା ଛୁରିଆ ପ୍ରମୁଖ ନିର୍ବାଚନ ମଇଦାନରେ ରହିଥିଲେ। ମେ ୨୩ରେ ଫଳାଫଳ ଘୋଷଣା ହେବ। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଯୋଗୁ କିଛି ସମୟ ପର୍ଯ୍ୟନ୍ତ ଭୋଟ ଗ୍ରହଣ ବାଧାପ୍ରାପ୍ତ ହୋଇଥିଲା।



ଝାରସୁଗୁଡ଼ା ବେହେରାମାଲ ବୁଥ୍‌ରେ ମତଦାତା ଧାଡ଼ିରେ ଭୋଟ ଦେବାକୁ ଯାଉଛନ୍ତି।

### ଇଭିଏମ୍‌ରେ ତ୍ରୁଟି, ମତଦାତା ଅସନ୍ତୁଷ୍ଟ

ବ୍ରଜରାଜନଗର,୧୮।୪(ଡି.ଏନ୍.ଏ.)

ବ୍ରଜରାଜନଗର ପୌରାଞ୍ଚଳରରେ ସକାଳ ୭ଟାରେ ପୋଲିଂ ଆରମ୍ଭ ହୋଇଥିଲା। ତେବେ ଇଭିଏମ୍‌ରେ ତ୍ରୁଟି ଯୋଗୁ ଓପିଏମ୍ ବାଳକ ଉଚ୍ଚ ବିଦ୍ୟାଳୟ ବୁଥ୍ ନଂ. ୨୨୦ରେ ମତଦାନ ବିଳମ୍ବରେ ହୋଇଥିଲା। ରାମପୁର, କୁଦୋପାଲି, କତବଗା, ବୁନ୍ଦିଆ ଆଦି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ମତଦାନ ସରିଥିଲା। ସେହିପରି ରାଜପୁର, ଲୋଇସିଂ, ଚାନ୍ଦିନିମାଲ ପୌରମାଲ, କୁଦେପାଲି ପଞ୍ଚାୟତରେ ଶାନ୍ତିଶୃଙ୍ଖଳା ସହ ଭୋଟ ସରିଛି। ରାଜପୁର ପଞ୍ଚାୟତ ତୁରୀପଡ଼ାଠାରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଏହାର ସମାଧାନ ହୋଇଛି। ଇଭିଏମ୍‌ରେ ତ୍ରୁଟି ଯୋଗୁ ଓପିଏମ୍ ମାଇନର ସ୍କୁଲ ବୁଥ୍ ନଂ. ୨୧୪ରେ ଖବର ଲେଖାଯିବା ପର୍ଯ୍ୟନ୍ତ ମତଦାନ ଚାଲୁ ରହିଥିଲା। ଫଳରେ ୨ଶହରୁ ଅଧିକ ମତଦାତା ମତଦାନ କରିବା ପାଇଁ ଅପେକ୍ଷା କରି ରହିଥିଲେ। ମେଶିନ ସଜାଡ଼ିବାରେ ବିଳମ୍ବ ଯୋଗୁ ମତଦାତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେହିପରି ଖଲିଆକାନୀ ଓ ରେସଜାରେ ମଧ ମତଦାନ ଜାରି ରହିଥିଲା।

# କର ବା ମର ସ୍ଥିତିରେ ବାଙ୍ଗାଲୋର

କୋଲକାତା,୧୮।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୩୫ତମ ମୁକାବିଲାରେ ଶୁକ୍ରବାର ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ କୋଲକାତା ନାଇଟ ରାଇଡର୍ସ ପରସ୍ପରକୁ ଭେଟିବେ। ସ୍ଥାନୀୟ ଇଡେନ ଗାର୍ଡେନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ବାଙ୍ଗାଲୋର ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ଲିଗ୍‌ରେ ପ୍ଲେ- ଅଫ୍ ଆଶ ବଜାୟ ରଖିବାକୁ ହେଲେ ବାଙ୍ଗାଲୋରକୁ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ପଡିବ। ବାଙ୍ଗାଲୋର ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ନିହାତି ମାମୁଲି ପ୍ରଦର୍ଶନ କରି ଗୋଟିଏ ବିଜୟ ଓ ୭ଟି ପରାଜୟ ସହ ୨ ପଏଣ୍ଟ ପାଇ ତାଲିକାର ଅନ୍ତିମ ତଥା ଅଷ୍ଟମ ସ୍ଥାନରେ ରହିଛି। ଅନ୍ୟପଟେ ଦ୍ୱିତୀୟ ସ୍ଥାନରେ ରହିଥିବା କୋଲକାତା କ୍ରମାଗତ କୋଟୋଟି ପରାଜୟବରଣ କରି ପଏଣ୍ଟ ତାଲିକାର ଷଷ୍ଠ ସ୍ଥାନକୁ ଖସିଛି। ଫଳରେ କୋଲକାତାର ଆତ୍ମବିଶ୍ୱାସ ଦୋହଲିଯାଇଛି। ଏପରିସ୍ଥଳେ ସୁଯୋଗର ସଦ୍ ବ୍ୟବହାର କରି ବାଙ୍ଗାଲୋର ବିଜୟୀ ହେବାକୁ ପ୍ରୟାସ କରିବ। କୋଲକାତା ଷ୍ଟାର ଖେଳାଳି ତଥା ଡେଞ୍ଜରମ୍ୟାନ ଆନ୍ଦ୍ରେ ରସେଲ ଅଭ୍ୟାସ ବେଳେ ବଲ୍ ବାଜିବା କାରଣରୁ କାନ୍ଧରେ ଆଘାତ ପାଇଛନ୍ତି। ସେ ମଧ ପୂର୍ବରୁ ଗତ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ସହଜ ଅନୁଭବ କରୁ ନ ଥିଲେ ଓ ଚଳିତ ସଂସ୍କରଣରେ ପ୍ରଥମଥର ପାଇଁ ବ୍ୟାଟିଂରେ ବିଫଳ ହୋଇଥିଲେ। ରସେଲଙ୍କ ଉପରେ କୋଲକାତା ଅତ୍ୟଧିକ ନିର୍ଭରଶୀଳ ହେବା ମଧ ଦଳ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହାପୂର୍ବରୁ ରସେଲ ନିଜ ଦମ୍‌ଦାର ବ୍ୟାଟିଂ ବଳରେ କୋଲକାତାକୁ ଏକାଧିକ ମ୍ୟାଚ୍ ବିଜୟୀ କରାଇଛନ୍ତି। ତେବେ ସେ ଫିଟ୍ ହୋଇ ଖେଳିବେ କି ନା ତାହା ଦେଖିବାକୁ ବାକି ରହିଲା। ସେ ନ ଖେଳିଲେ କୋଲକାତାର ସମସ୍ୟ ଦ୍ୱିଗୁଣିତ ହେବ। ପ୍ଲେ- ଅଫ୍ ସ୍ଥାନ ହାସଲ କରିବାକୁ ହେଲେ କୋଲକାତାକୁ ବାକିଥିବା ୬ଟି ମ୍ୟାଚ୍‌ରୁ ଅତିକମ୍‌ରେ ୪ଟି ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ଏଥିମଧ୍ୟରୁ ୩ ମ୍ୟାଚ୍ ଘରୋଇ ଇଡେନ ଗାର୍ଡନ ଗ୍ରାଉଣ୍ଡରେ ଖେଳାଯିବ।

ଅପରପକ୍ଷରେ ବାଙ୍ଗାଲୋରର ଦୁଇ ତାରକା ତଥା ଅଭିଜ୍ଞ ଖେଳାଳି ଏବି ଡିଭିଲର୍ସ ଓ କୋହଲିଙ୍କ ଆନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ଦଳଗତ ପ୍ରଦର୍ଶନ କରିବାରେ ବାଙ୍ଗାଲୋର ବିଫଳ ହୋଇଛି। ଦଳର ଦ୍ରୁତ ବୋଲିଂରେ ସମସ୍ୟା ସ୍ପଷ୍ଟ ଭାବେ ପ୍ରତୀୟମାନ ହେଉଛି। ଯୁବ ବୋଲର ନବଦୀପ ସଇନି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସିନିୟର ଦ୍ରୁତ ବୋଲର ଉମେଶ ଯାଦବ ୯.୨୬ ରନ ହାରରେ ମୋଟ ୨ଟି ଉଇକେଟ ହାସଲ କରି ଫ୍ଲପ୍ ସାବ୍ୟସ୍ତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡେଲ ଷ୍ଟେଇନ୍ ଆହତ ନାଥନ କଲ୍ଟର- ନିଲଙ୍କ ସ୍ଥାନରେ ସାମିଲ ହେବେ। ଏହାହେଲେ ଦଳର ଦ୍ରୁତ ବୋଲିଂ ବିଭାଗ ଶକ୍ତିଶାଳୀ ହେବ। କୋହଲି ଓ ଡିଭିଲର୍ସ ଯୋଡି ପୁଣି ଥରେ ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି। ଅନ୍ୟପଟେ କୋଲକାତା ଦ୍ରୁତ ବୋଲର ଆଭରେଜ ପ୍ରଦର୍ଶନ କରିଛନ୍ତି। ସ୍ପିନରମାନେ ଉଇକେଟ ପାଇଁ ସଂଘର୍ଷ କରୁଥିବାର ଦେଖାଯାଇଛି। ବ୍ୟାଟିଂ ଫ୍ରେଣ୍ଡଲି ଇଡେନ ଗାର୍ଡେନ ଉଇକେଟରେ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ବିଶ୍ୱକପ୍ ଭାରତୀୟ ଦଳରେ ସ୍ଥାନ ପାଇଥିବା କୋଲକାତା ଅଧିନାୟକ ଦୀନେଶ କାର୍ତ୍ତିକଙ୍କ ଉପରେ ଏବେ ସମସ୍ତଙ୍କ ନଜର। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ପଛରେ ପକାଇ ଚୟନକର୍ତ୍ତାମାନେ କାର୍ତ୍ତିକଙ୍କୁ ଦଳରେ ସାମିଲ କରିଥିଲେ। ଚଳିତ ଆଇପିଏଲ୍‌ରେ କାର୍ତ୍ତିକ ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି ଓ ତାଙ୍କର ହାରାହାରି ରନ ସଂଗ୍ରହ ରହିଛି ୧୮.୫୦।

# ୨୦୧୯ ନିର୍ବାଚନ, ଯୁବ ଭୋଟର ଉତ୍ସାହିତ

ଝାରସୁଗୁଡ଼ା ଅଫିସ,୧୮।୪

ମତଦାନକୁ ନେଇ ସମସ୍ତ ବର୍ଗର ମତଦାତାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଯୁବ ଭୋଟରଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏଥର ନିର୍ବାଚନ ପରିଚାଳନାକୁ ପ୍ରଶଂଶା କରିଛନ୍ତି। ଚଳିତ ନିର୍ବାଚନରେ ଭାରତୀୟ ନିର୍ବାଚନ ଆୟୋଗ ପକ୍ଷରୁ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ଟ୍ରାଇ-ସାଇକେଲ ସହ ସ୍ୱେଚ୍ଛାସେବୀ, ବୟସ୍କ ଭୋଟରଙ୍କ ପାଇଁ ଗାଡ଼ି ବ୍ୟବସ୍ଥା, ମହିଳା ଭୋଟରଙ୍କ ପାଇଁ ପିଙ୍କ୍ ବୁଥ୍ କରାଯାଇଥିଲା। ଏହି ବ୍ୟବସ୍ଥା ପ୍ରତି ମତଦାତା ସକାରାତ୍ମକ ଦୃଷ୍ଟିଭଙ୍ଗୀ ଦେଖାଇଛନ୍ତି। ମତଦାନ ବ୍ୟବସ୍ଥାକୁ ନେଇ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ଠାରୁ ସଂଗୃହୀତ ମତାମତ...

### ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଶଂସନୀୟ

ଚଳିତ ଥର ନିର୍ବାଚନରେ ମତଦାତାଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥା ପ୍ରଶଂସନୀୟ। ଭିନ୍ନକ୍ଷମ, ମହିଳା, ବରିଷ୍ଠ ନାଗରିକଙ୍କ ଭୋଟଦେବା ପାଇଁ ନିର୍ବାଚନ ଆୟୋଗ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ଭୋଟ ଗ୍ରହଣ ପାଇଁ ଇଭିଏମ୍ ଓ ଭିଭିପିଏଟି ବ୍ୟବହାର ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିର୍ବିବାଦୀୟ କରିବ ବୋଲି ଆଶା କରୁଛି।



ଡ.ସୁଦର୍ଶନ ପାଣିଗ୍ରାହୀ

### ଜନସେବକଙ୍କୁ ଭୋଟ

ପ୍ରଥମଥର ପାଇଁ ନିଜର ମତ ସାବ୍ୟସ୍ତ କରିଛି। ଭୋଟ ଦେବା ପରେ ଉତ୍ସାହିତ ଅଛି। ନିର୍ବାଚନ କମିଶନଙ୍କ ପକ୍ଷରୁ ହୋଇଥିବା ବ୍ୟବସ୍ଥାକୁ ନେଇ ବହୁତ ଖୁସି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନତାଙ୍କୁ ସେବା, ସୁବିଧା ଯୋଗାଉଥିବା ବ୍ୟକ୍ତି ନିର୍ବାଚିତ ହେବା ଆବଶ୍ୟକ।



ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ

### ଉପଯୁକ୍ତ ପ୍ରାର୍ଥୀଙ୍କୁ ମୋ ଭୋଟ

ଗଣତାନ୍ତ୍ରିକ ବ୍ୟବସ୍ଥାରେ ମତଦାନ ଜରୁରୀ। ଏହା ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର। ପ୍ରଥମଥର ନିଜର ମତ ସାବ୍ୟସ୍ତ କରୁଥିବାରୁ ମୁଁ ବହୁତ ଉତ୍ସାହିତ ଅଛି। ଗଣତନ୍ତ୍ରକୁ ଦୃଢ଼ କରିବା ପାଇଁ ନିଜ ମୂଲ୍ୟବାନ ଭୋଟ ଉପଯୁକ୍ତ ପ୍ରାର୍ଥୀଙ୍କୁ ଦେଇଛି।



କୋମଲକାନ୍ତୀ ପ୍ରଧାନ

### ଭୋଟ ଦେଇ ନ ପାରି ନିରାଶ

ଝାରସୁଗୁଡ଼ା ପୌରାଞ୍ଚଳର ବୟସ୍କ ମତଦାତା ସୁଦର୍ଶନ ରୋହିଦାସ ଗୁରୁବାର ଭୋଟ ଦେଇ ନ ପାରି ନିରାଶ ହୋଇଛନ୍ତି। ଭୋଟର ତାଲିକାରେ ତାଙ୍କର ନାଁ ନ ଥିବା ଦର୍ଶାଇ ପୋଲିଂ ଅଧିକାରୀ ସୁଦର୍ଶନଙ୍କୁ ଫେରାଇ ଦେଇଥିଲେ। ଫଳରେ ବୟସାଧିକ ସମସ୍ୟାକୁ ପଛରେ ପକାଇ ଭୋଟ ଦେବାକୁ ଆସିଥିବା ସୁଦର୍ଶନ ନିରୁତ୍ସାହିତ ହୋଇଥିଲେ। ଗତ ନିର୍ବାଚନରେ ସେ ଭୋଟ ଦେଇଥିଲେ। ହେଲେ କେଉଁ କାରଣରୁ ଏଥର ତାଙ୍କ ନାଁ ବାଦ୍ ପଡ଼ିଛି ତାହା ଜଣାପଡ଼ିନାହିଁ।



ସୁଦର୍ଶନ ରୋହିଦାସ

### ଦିବ୍ୟାଙ୍ଗଙ୍କ ପାଇଁ ସ୍ୱେଚ୍ଛାସେବୀ

ଚଳିତ ନିର୍ବାଚନରେ ଦିବ୍ୟାଙ୍ଗ ମତଦାତାଙ୍କୁ ଗୁରୁତ୍ୱ ଦିଆଯାଇଛି। ସେମାନେ ଯେପରି ଭୋଟ ଦେବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ନିର୍ବାଚନ ଆୟୋଗ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ। ପ୍ରତ୍ୟେକ ବୁଥ୍‌ରେ ଦୁଇଜଣ ଲେଖାଏଁ ସ୍ୱେଚ୍ଛାସେବୀ କିମ୍ବା ସ୍କାଉଟ୍, ଗାଇଡ୍ ନିୟୋଜିତ ରହିଥିଲେ। ଏହାସହ ଦିବ୍ୟାଙ୍ଗଙ୍କୁ ନେବା ଆଣିବା ପାଇଁ ଟ୍ରାଇ-ସାଇକେଲ ବନ୍ଦୋବସ୍ତ କରାଯାଇଥିଲା। ଯାହା ସେମାନଙ୍କୁ ସହାୟତା ଦେଇଥିବାବେଳେ ଏଥିରେ ଅନ୍ୟ ମତଦାତା ମଧ ଖୁସି ବ୍ୟକ୍ତ କରିଥିଲେ।



ଭିନ୍ନକ୍ଷମଙ୍କୁ ସ୍ୱେଚ୍ଛୋସେବୀ ନେଉଛନ୍ତି

# କ୍ରିକେଟ ଦକ୍ଷତା ବିକାଶ ଶିବିର



ଟାଉନ କ୍ଲବ ପଡ଼ିଆରେ ଗୁରୁବାର ଆରମ୍ଭ ହୋଇଥିବା କ୍ରିକେଟ ଦକ୍ଷତା ବିକାଶ ଶିବିରରେ ଯୋଗ ଦେଇଥିବା ଖେଳାଳିମାନେ କୋଚ୍‌ଙ୍କ ସହ।

ଭୁବନେଶ୍ୱର, ୧୮।୪(କ୍ରୀଡ଼ା ପ୍ରତିନିଧି)

ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ କ୍ଲବ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ କ୍ରିକେଟ ଶିବିର ଗୁରୁବାର ଆରମ୍ଭ ହୋଇଛି। ଏଥର ଭିନ୍ନ ଢଙ୍ଗରେ କରାଯାଉଥିବାରୁ ଏହାକୁ କ୍ରିକେଟ ଦକ୍ଷତା ବିକାଶ ଶିବିର କୁହା ଯାଉଛି। ଏଥିରେ ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଟାଉନ କ୍ଲବ କ୍ରୀଡ଼ା ସମ୍ପାଦକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ମେ'୨ ପର୍ଯ୍ୟନ୍ତ ହେବାକୁଥିବା ଏହି ଶିବିର ଦୁଇଟି ବୟସବର୍ଗ (ଅଣ୍ଡର୍ ୧୪ ଏବଂ ୧୫ରୁ ୧୯ ବର୍ଷ)ରେ ଅନୁଷ୍ଠିତ ହେଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ତଥା ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ଅଭିଜ୍ଞ ପ୍ରଶିକ୍ଷକ ମିର ସୟଦଉଦ୍ଦିନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସ୍ୱତନ୍ତ୍ର ଶିବିର ପରିଚାଳିତ ହେଉଛି। ସୟଦଉଦ୍ଦିନଙ୍କ ସହ ଅଭିଜ୍ଞ ଅମ୍ପାୟର ସନ୍ଦିପ ରଥ ମଧ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏହି ଶିବିରରେ ଖେଳ କୌଶଳ ସହ ଖେଳାଳିଙ୍କ ଫିଟ୍‌ନେସ ଓ ଶାରୀରିକ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନୋଜ କହିଛନ୍ତି।

# ସର୍ବଭାରତୀୟ ଚେସ୍: ଶୀର୍ଷରେ ରାକେଶ

କଟକ ଅଫିସ,୧୮।୪

ଟ୍ରିପଲ ସି' ଚେସ୍ କ୍ଲବ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪ର୍ଥ ଅଲ ଇଣ୍ଡିଆ ଓପନ ଚେସ୍ ଚାମ୍ପିୟନଶିପରେ ଗୁରୁବାର ସୁଦ୍ଧା ଟୁର୍ନାମେଣ୍ଟର ୪ ରାଉଣ୍ଡ ଖେଳ ଶେଷ ହୋଇଛି । ଓଡ଼ିଶାର ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ରାକେଶ କୁମାର ଜେନା ୪ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ରହିଛନ୍ତି । ଗୁରୁବାର ଖେଳାଯାଇଥିବା ୩ୟ ରାଉଣ୍ଡରେ ରାକେଶ ରୁଦ୍ରନାରାୟଣଙ୍କୁ ଓ ୪ର୍ଥ ରାଉଣ୍ଡରେ ସୟନ ବଣିକଙ୍କୁ ହରାଇଥିଲେ। ପୂର୍ବରୁ ପ୍ରଥମ ରାଉଣ୍ଡରେ ରାକେଶ ପଶ୍ଚିମବଙ୍ଗର ଅନୁରାଗ ସରକାରଙ୍କୁ ଓ ଦ୍ୱିତୀୟ ରାଉଣ୍ଡରେ ପଶ୍ଚିମବଙ୍ଗର ସୌମ୍ୟା ଦାସଙ୍କୁ ହରାଇଥିଲେ। ଟୁର୍ନାମେଣ୍ଟର ଟପସିଡ଼ ଖେଳାଳି ଚେନ୍ନାଇ ପ୍ରତିଯୋଗୀ ତଥା ଗ୍ରାଣ୍ଡ ମାଷ୍ଟର ଆର୍.ଆର୍ ଲକ୍ଷ୍ମଣ ୪ ପଏଣ୍ଟ ପାଇ ସୁଦ୍ଧା ୯ମ ସ୍ଥାନରେ ରହିଛନ୍ତି । ଲକ୍ଷ୍ମଣ ୩ୟ ରାଉଣ୍ଡରେ ଶୁଭମ ରାୟଙ୍କୁ ଓ ୪ର୍ଥ ରାଉଣ୍ଡରେ ଆୟୁଷ ରବିକୁମାରଙ୍କୁ ପରାସ୍ତ କରିଥିଲେ । ଓଡ଼ିଶାର ଅନ୍ୟତମ ଇଣ୍ଟରନ୍ୟାଶନାଲ ମାଷ୍ଟର ଖେଳାଳି ଅନ୍ୱେଷ ଉପାଧ୍ୟାୟ ୪ ରାଉଣ୍ଡ ଶେଷ ସୁଦ୍ଧା ୩.୫ ପଏଣ୍ଟ ପାଇ ୧୦ମ ସ୍ଥାନରେ ରହିଛନ୍ତି । ପ୍ରଥମ ଦୁଇ ରାଉଣ୍ଡରେ ବିଜୟ ହୋଇଥିବା ଅନ୍ୱେଷ ୩ୟ ରାଉଣ୍ଡରେ ଅଶ୍ୱିନୀ କୁମାର ଗ୍ରୋଭରଙ୍କୁ ପରାସ୍ତ କରି ପଏଣ୍ଟ ସଂଖ୍ୟାରେ ୧ ବୃଦ୍ଧି କରିଥିଲେ । ମହମ୍ମଦ ଅନିଶଙ୍କ ସହ ଖେଳିଥିବା ୪ର୍ଥ ରାଉଣ୍ଡ ଅମୀମାଂସିତ ରହିବା ଫଳରେ ଅନ୍ୱେଷ ୩.୫ ପଏଣ୍ଟ ପାଇଛନ୍ତି। ବୁଧବାରଠାରୁ ଆରମ୍ଭ ହୋଇଥିବା ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟ ଆସନ୍ତା ରବିବାର ଉଦ୍‌ଯାପିତ ହେବ ।

# ଧୋନୀଙ୍କ ପ୍ରଶଂସାରେ ଶତମୁଖ କୋହଲି

ନୂଆଦିଲ୍ଲୀ, ୧୮।୪(ପି.ଟି.)

ଜଣେ ଅଧିନାୟକଭାବେ ମହେନ୍ଦ୍ର ସିଂ ଧୋନୀ ଏକଦା ବିରାଟ କୋହଲିଙ୍କ ପ୍ରତି ଦୃଢ଼ ସମର୍ଥନ ଜଣାଇଥିଲେ। ଏହାକୁ ବିରାଟ ଭୁଲନ୍ତେ ବା କିପରି। ଏବେ ତାଙ୍କ ସମୟ ଆସିଛି। କୌଣସି ସମାଲୋଚନାକୁ ଖାତିର ନ କରି ସେ ଧୋନୀଙ୍କ ପ୍ରତି ନିଜର ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଇଂଲଣ୍ଡରେ ହେବାକୁଥିବା ଆଇସିସି ବିଶ୍ୱକପ ପାଇଁ ଘୋଷିତ ୧୫ ଜଣିଆ ଦଳ କମ୍ବିନେଶନରେ ସନ୍ତୋଷ ପ୍ରକାଶ କରିଛନ୍ତି କୋହଲି। "ଭାରତୀୟ ଦଳକୁ ନେଇ କେତେକ ଅସନ୍ତୋଷ ପ୍ରକାଶ କରିବା ଦୁଃଖଦାୟକ। ମୋ ପାଇଁ ନିଷ୍ଠା ଓ ଆନୁଗତ୍ୟର ମହତ୍ତ୍ୱ ଅନେକ" ବୋଲି ବିରାଟ କହିଛନ୍ତି। ମୁଁ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବା ସମୟରେ କିଛି ଗେମ୍ ପରେ ସେ ଅନ୍ୟ କାହାକୁ ପରୀକ୍ଷା କରିବାର ବିକଳ୍ପ ଥିଲା। ମାତ୍ର ମୁଁ ସୁଯୋଗର ସଦ୍‌ବ୍ୟବହାର କରିଥିଲି। ମାତ୍ର ମୋ ପାଇଁ ସେପରି ସମର୍ଥନ ଜଣାଇବା ବାସ୍ତବିକ କଷ୍ଟକର। ଧୋନୀ ମୋତେ ୩ ନମ୍ବର ସ୍ଥାନରେ ବ୍ୟାଟିଂ ସୁଯୋଗ ଦେଇଥିଲେ, କାରଣ ସେହି ସ୍ଥାନରେ ଖେଳିବାକୁ ଅଧିକ ଯୁବ ଖେଳାଳି ନ ଥିଲେ ବୋଲି ନିଜ ସମୟକୁ ମନେ ପକାଇ ପ୍ରକାଶ କରିଛନ୍ତି କୋହଲି।

କେବଳ ପଡ଼ିଆ ସଜ୍ଜା ଏବଂ ବୋଲିଂରେ ପରିବର୍ତ୍ତନକୁ ନେଇ ଆମେ ଆଲୋଚନା କରିଥାଉ ଏବଂ ପରସ୍ପର ମତକୁ ସମ୍ମାନ ଦେଇଥାଉ। ମ୍ୟାଚ ପରିସ୍ଥିତିକୁ ପଢ଼ିବାରେ ଧୋନୀଙ୍କଠାରୁ ବଡ଼ ମାହିର ଖେଳାଳି ଆଉ କେହି ନାହାନ୍ତି ବୋଲି ବିରାଟ କହିଛନ୍ତି। "ସେ ଏକମାତ୍ର ବ୍ୟକ୍ତି ଯିଏକି ଗେମ୍‌ର ଅର୍ଥକୁ ଭଲଭାବେ ଜାଣିଛନ୍ତି। ପଡ଼ିଆରେ ପ୍ରଥମ ବଲ୍‌ରୁ ୩୦୦ ବଲ୍ (୫୦ ଓଭର) ପର୍ଯ୍ୟନ୍ତ ସେ ଗେମ୍‌କୁ ଭଲଭାବେ ବୁଝି ପାରନ୍ତି। ତାଙ୍କଭଳି ଜଣେ ମନୋଭାବ ସମ୍ପନ୍ନ ଖେଳାଳିଙ୍କୁ ଉଇକେଟ ପଛରେ ପାଇ ମୁଁ ଭାଗ୍ୟବାନ" ବୋଲି କୋହଲି କହିଛନ୍ତି। ଧୋନୀ, କୋଚ୍ ରବି ଶାସ୍ତ୍ରୀ ଓ ଉପ ଅଧିନାୟକ ରୋହିତ ଶର୍ମାଙ୍କ ସହ ମିଶି ସେ ରଣନୀତି ପ୍ରସ୍ତୁତ କରିବାକୁ ଚାହିଁବେ ବୋଲି ସୂଚନା ଦେଇଛନ୍ତି। ଭାରତୀୟ ଦଳର ଚୟନ ହୋଇଥିବା ୧୫ ଖେଳାଳିଙ୍କୁ ନେଇ ମୁଁ ଖୁସି। ଏହା ଏକ ସନ୍ତୁଳିତ ଦଳ। ଏହାକୁ ନେଇ ସେ ରିଷଭ ପନ୍ତ ଓ ଅମ୍ବାତି ରାୟୁଡୁଙ୍କୁ ନେଇ ହେଉଥିବା ବିତର୍କ ଭିତରେ ପଶିବାକୁ ଚାହିଁନାହାନ୍ତି।

## ସଂକ୍ଷେପରେ

### ବଣାଇରେ ଶାନ୍ତିପୂର୍ଣ୍ଣ ମତଦାନ

ବଣାଇ,୧୮।୪(ନି.ପ୍ର)-ବଣାଇ ନିର୍ବାଚନ ମଣ୍ଡଳୀରେ ଚଳିତ ସାଧାରଣ ନିର୍ବାଚନ ପାଇଁ ଉଭୟ ଲୋକସଭା ଏବଂ ବିଧାନସଭା ପାଇଁ ମତଦାନ ଶାନ୍ତିଶୃଙ୍ଖଳାର ହୋଇଯାଇଛି। ପ୍ରାରମ୍ଭିକ ସୂଚନାରୁ ଜଣାଯାଇଛି, ବଣାଇ ନିର୍ବାଚନ ମଣ୍ଡଳୀରେ ଥିବା ୩୦୮ଟି ମତଦାନ କେନ୍ଦ୍ରରୁ ଗୋଟିଏ ମତଦାନ କେନ୍ଦ୍ରରେ ନିର୍ବାଚନ ସ୍ଥଗିତ ରଖାଯାଇଥିବାବେଳେ ଅନ୍ୟ ସମସ୍ତ ମତଦାନ କେନ୍ଦ୍ରରେ ପ୍ରାରମ୍ଭିକ ସୂଚନାରୁ ଶତକଡା ୬୦ଭାଗ ମତଦାନ ହୋଇଛି। ଇଭିଏମ ଏବଂ ଭିଭିପାଟ ଯୋଗେ ମତଦାନ ହୋଇଥିବାବେଳେ ଅଧିକାଂଶ ବୁଥରେ ଏଗୁଡିକ ସକାଳ ୭ଟାରୁ ଠିକଭାବେ କାର୍ଯ୍ୟ ନ କରିବାରୁ ମତଦାନ ପ୍ରକ୍ରିୟା ବିଳମ୍ବ ହୋଇଥିଲା।ସେଥିମଧ୍ୟରୁ ବଣାଇଗଡ ସହରର ୧୭୫ ନମ୍ବର ଆଦର୍ଶ ଭୋଟ ଗ୍ରହଣ କେନ୍ଦ୍ରରେ ଇଭିଏମ କାର୍ଯ୍ୟ ନ କରିବାରୁ ଦେଢ ଘଣ୍ଟାପରେ ଏକ ନୂତନ ଇଭିଏମ ମେସିନ ଅଣାଯାଇ ମତଦାନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।ଏଠାକୁ ଭୋଟ ଦେବା ପାଇଁ ଆସି ପାଟିତୁଣ୍ଡ କରି ଫେରିଯାଇଥିବା ଜଣାପଡିଥିଲା। ସେହିପରି ତୁରାମୁରା, ସାନଗୋଗୁଆ, କଲେଇପୋଷ, ଟାଉନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟେନସା ଇତ୍ୟାଦି ବହୁ ବୁଥରେ ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ମତଦାନ ନିଆଯାଇଛି। ସାନଗୋଗୁଆ ପ୍ରାଥମିକ ବିଦ୍ୟାଳୟରେ ଅପରାହ୍ନ ୩ଟାରେ ଇଭିଏମ ଖରାପ ହେବାରୁ ୪ଟା ପରେ ନୂତନ ଇଭିଏମ ମେସିନ ଆସିବା ପରେ କଡା ସୁରକ୍ଷା ମଧ୍ୟରେ ବାକି ଥିବା ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ଭୋଟର ସନ୍ଧ୍ୟା ପର୍ଯ୍ୟନ୍ତ ମତଦାନ କରିଥିଲେ ।ଏପରିକି କଲେଇପୋଷ ବୁଥରେ ୩ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିବାବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ଭୋଟର ଭୋଟ ଦେଇଥିଲେ। କଲେଇପୋଷ ପଞ୍ଚାୟତର ସମସ୍ତ ବୁଥରେ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ହୁଇଲ ଚେୟାର ବ୍ୟବସ୍ଥା ନ ଥିବାରୁ ବହୁ ଭିନ୍ନକ୍ଷମ କଷ୍ଟରେ ମତଦାନ କରିଥିଲେ ।ତେବେ ସକାଳେ ଗରମର ପ୍ରକୋପ ସାମାନ୍ୟ ଥିବାରୁ ମହିଳାଙ୍କ ସମେତ ବହୁ ଭୋଟର ଲମ୍ବାଲାଇନ ଲଗାଇ ସମସ୍ତ ବୁଥରେ ମତଦାନ କରିବା ପାଇଁ ଲମ୍ବା ଲମ୍ବା ଧାଡିରେ ଛିଡା ହୋଇଥିଲେ।ସେହିପରି ଗୁରୁଣ୍ଡିଆ ବ୍ଲକର କୁରିଆ ବୁଥରେ ଭୋଟରଙ୍କ ପାଇଁ ଆଶ୍ରୟ ସ୍ଥଳ ନଥିବାରୁ ସେମାନେ ଖରାରେ ଲମ୍ବା ଲାଇନ ଲଗାଇ ଛିଡା ହୋଇଥିଲେ ।ସେହିପରି ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହିତ ବ୍ୟାପକ ପୋଲିସ ମୃତୟନ କରାଯାଇଥିବାରୁ ଭୋଟରମାନେ ସେ ଅଂଚଳରେ ନିର୍ଭୟରେ ନିଜର ମତଦାନ କରିଥିଲେ ।



ବଣାଇ ନିର୍ବାଚନ ମଣ୍ଡଳୀର ଏକ କେନ୍ଦ୍ରରେ ମହିଳାମାନେ ଭୋଟ ଦେବା ଲାଗି ଛିଡ଼ା ହୋଇଛନ୍ତି।









ସୁନ୍ଦରଗଡ଼ ମ୍ୟୁନିସିପାଲଟି ବୁଥ ନଂ.୨୧୬ରେ ମହିଳାମାନେ ମତଦାନ ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।(ବାମ), ସୁନ୍ଦରଗଡ଼ ମ୍ୟୁନିସିପାଲଟି ହାଇସ୍କୁଲ ବୁଥରେ ଯୁବ ଭୋଟର ମତଦାନ କରି ଫେରୁଛନ୍ତି।(ମଝି), ସଦର ବ୍ଲକ ମଝାପଡ଼ା ବୁଥ ନଂ. ୨୭୨ରେ ବିଜେଡ଼ି ସାଂସଦ ପ୍ରାର୍ଥୀନୀ ସୁନୀତା ବିଶ୍ୱାଳ ଭୋଟଦେବାକୁ ଆସିଛନ୍ତି।

### ଇଭିଏମ୍‌ରେ ତ୍ରୁଟି, ବିଳମ୍ବରେ ମତଦାନ

# ୨ ବୁଥ୍‌ରେ ସାନି ଭୋଟଗ୍ରହଣ ହେବ

ସୁନ୍ଦରଗଡ଼, ୧୮।୪ (ଡି.ଏନ୍.ଏ)

ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଗୁରୁବାର ସୁନ୍ଦରଗଡ ଜିଲାରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟଗ୍ରହଣ ଶେଷ ହୋଇଛି। ନିର୍ବାଚନ ପୂର୍ବରାତିରେ ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାକ୍ ନିର୍ବାଚନୀ ହିଂସା ଘଟିଥିବାବେଳେ ଗୁରୁବାର ଭୋଟଗ୍ରହଣ ଦିନ ସୁନ୍ଦରଗଡ ଲୋକସଭା ଓ ଏହା ଅଧୀନ ୭ ବିଧାନସଭା ନିର୍ବାଚନ ମଣ୍ଡଳୀ ତଳସରା, ସୁନ୍ଦରଗଡ଼, ରାଜଗାଙ୍ଗପୁର, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା ଓ ବଣାଇରେ ଶାନ୍ତିପୂର୍ଣ୍ଣ ଭାବେ ମତଦାତାମାନେ ମତଦାନ କରିଛନ୍ତି। ବଣାଇ ଓ ରଘୁନାଥପାଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସକାଳ ୭ଟାରୁ ଅପରାହ୍ନ ୪ଟା ଏବଂ ଅନ୍ୟ ୫ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସକାଳ ୭ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଭୋଟଗ୍ରହଣ ସକାଶେ ସମୟ ଧାର୍ଯ୍ୟ ହୋଇଥିଲେ ହେଁ ଜିଲାର ଅଧିକାଂଶ ବୁଥରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ୧/୨ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ସେହିପରି ସୁନ୍ଦରଗଡ ବିଧାନସଭା ନିର୍ବାଚନମଣ୍ଡଳୀର ସୁନ୍ଦରଗଡ ପୌରାଞ୍ଚଳ ରଙ୍ଗାଢିପା ପ୍ରାଥମିକ ବିଦ୍ୟାଳୟ ୨୧୩ ନଂ. ବୁଥ ଓ ବଣାଇ ବିଧାନସଭା ନିର୍ବାଚନମଣ୍ଡଳୀର ୧୨୯ ନଂ. ବୁଥରେ ଇଭିଏମ୍ ତ୍ରୁଟି ଯୋଗୁ ବାରମ୍ବାର ମତଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ଏହି ୨ଟି ବୁଥକୁ ସିଲ୍ କରାଯାଇ ଏଠାରେ ସାନି ଭୋଟଗ୍ରହଣ ସକାଶେ ରାଜ୍ୟ ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ସୁନ୍ଦରଗଡ ମ୍ୟୁନିସିପାଲିଟିର ୨୧୬ନଂ. ବୁଥ ଓ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟର ୨ଟି ବୁଥରେ ଦୁଇଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ସକାଳବେଳା ଟାଣଖରା ପରିବର୍ତ୍ତେ ପାଗ କୋହଲା ଥିବାରୁ ଅଧିକାଂଶ ଭୋଟଗ୍ରହଣ କେନ୍ଦ୍ରରେ ଭୋଟ ଦେବା ପାଇଁ ଭୋଟରଙ୍କ ଲମ୍ବାଧାଡି ଦେଖିବାକୁ ମିଳିଥିଲା। ଅଧିକାଂଶ ବୁଥରେ ମଧାହ୍ନ ୧ଟା ପରେ ମଧ୍ୟ ଭୋଟରଙ୍କ ଭିଡ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା। ମତଦାନ ପାଇଁ ଭୋଟରଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବିଶେଷକରି ପ୍ରଥମ କରି ଭୋଟ ଦେଉଥିବା ଯୁବ ଭୋଟରଙ୍କ ମଧ୍ୟରେ ଅଧିକ ଉତ୍ସାହ ଦେଖିବାକୁ ମିଳିଥିଲା। ସେହିପରି ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗଙ୍କ ପାଇଁ ସମସ୍ତ ସୁବିଧା କରାଯାଇଥିଲା। ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାସେବୀଙ୍କ ସହାୟତାରେ ସେମାନଙ୍କୁ ଘରୁ ମତଦାନ କେନ୍ଦ୍ରକୁ ନେବାଆଣିବା ସକାଶେ ସ୍ୱତନ୍ତ୍ର ଗାଡି ବ୍ୟବସ୍ଥା ସହ ମତଦାନ କେନ୍ଦ୍ରଗୁଡିକରେ ସ୍ୱତନ୍ତ୍ର ହୁଇଲ ଚେୟାର ବ୍ୟବସ୍ଥା ହୋଇଥିଲା। ମଧାହ୍ନ ୧ଟା ସୁଦ୍ଧା ଜିଲାରେ ମୋଟ ୨୮.୧୮ ପ୍ରତିଶତ, ଅପରାହ୍ନ ୩ଟା ସୁଦ୍ଧା ୪୧.୫୮ ପ୍ରତିଶତ, ଅପରାହ୍ନ ୫ଟା ସୁଦ୍ଧା ୫୪.୫ ପ୍ରତିଶତ ମତଦାନ ହୋଇଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ଅଧିକାଂଶ ବୁଥରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ମତଦାନ ଚାଲିଥିବାରୁ ବୃତାନ୍ତ ମତଦାନହାର ହସ୍ତଗତ ହୋଇନାହିଁ।

## ଇଭିଏମ ଭିତରେ ପ୍ରାର୍ଥୀଙ୍କ ଭାଗ୍ୟ, ୬୫% ମତଦାନ



କୁଆଁରମୁଣ୍ଡାସ୍ଥିତ ହରିହର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଆଦର୍ଶ ପୋଲିଂ ବୁଥରେ ମତଦାନ କରି ଫେରୁଛନ୍ତି ମହିଳା ଭୋଟର।

କୁଆଁରମୁଣ୍ଡା,୧୮।୪(ଡି.ଏନ.ଏ)

୨ୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଗୁରୁବାର ଶେଷ ହୋଇଛି। ଏହି ପର୍ଯ୍ୟାୟ ଅନ୍ତର୍ଭୁକ୍ତ ସୁନ୍ଦରଗଡ଼ ଜିଲାର ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟରମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଭୋଟରମାନେ ସକାଳୁ ସକାଳୁ ବିଭିନ୍ନ ମତଦାନ କେନ୍ଦ୍ରରେ ପହଂଚି ଭିଭିପିଏଟ୍‌ରେ ନିଜ ମତଦାନ କରି ଖୁସି ବ୍ୟକ୍ତ କରିଛନ୍ତି। ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ମତଦାନ କେନ୍ଦ୍ରକୁ ଯିବା ପାଇଁ ହୁଇଲ ଚେୟାରର ବ୍ୟବସ୍ଥା ହୋଇଥିଲା। ଦିବ୍ୟାଙ୍ଗ ଭୋଟରମାନଙ୍କୁ ମତଦାନ କେନ୍ଦ୍ରକୁ ହୁଇଲ ଚେୟାରରେ ନେବା ଆଣିବା ପାଇଁ ସ୍ୱେଚ୍ଛାସେବୀ ଭାବେ ସ୍କୁଲ ପିଲାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ମାତ୍ର କେତେକ ମତଦାନ କେନ୍ଦ୍ରରେ ଅଳ୍ପ ସଂଖ୍ୟକ ନାଗରିକମାନଙ୍କ ନାମ ନ ଥିବାରୁ ମତଦାନରୁ ବଞ୍ଚିତ ହୋଇ ସେମାନେ ନିରାଶରେ ଘରକୁ ଫେରିଛନ୍ତି। ତେବେ ଆଦିବାସୀ ଅଧ୍ୟୁଷିତ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ପୌରାଞ୍ଚଳରେ ୬୫% ମତଦାନ ହୋଇଥିବା ଏକ ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି। ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆଗାଁ, ବିଶ୍ରା ବ୍ଲକରେ ମଧ୍ୟ ଶାନ୍ତିପୂର୍ଣ୍ଣଭାବେ ମତଦାନ ହୋଇଛି।

## ମତଦାନ ହାର ବୃଦ୍ଧି ପାଇଁ ୧୩୮ ସ୍ୱତନ୍ତ୍ର ମଡେଲବୁଥ

ସୁନ୍ଦରଗଡ଼, ୧୮।୪ (ଡି.ଏନ୍.ଏ)

ସୁନ୍ଦରଗଡ ଜିଲାରେ ଅବାଧ, ନିରପେକ୍ଷ ଭାବେ ଭୋଟଗ୍ରହଣ ସକାଶେ କଡା ସୁରକ୍ଷାବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଜିଲାରେ ୧୮୪୬ଟି ବୁଥ ମଧ୍ୟରୁ ଚିହ୍ନଟ ହୋଇଥିବା ୨୪୫ଟି ବୁଥକୁ ଜଟିଳ ବୁଥରେ ସ୍ୱତନ୍ତ୍ର ସୁରକ୍ଷା ଓ ଅନ୍ୟାନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସେହିପରି ନିର୍ବାଚନ ଆୟୋଗଙ୍କ ତରଫରୁ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ କିଭଳି ମତଦାତାମାନେ ସୁରୁଖୁରୁ ଭାବେ ମତଦାନ ସାବ୍ୟସ୍ତ କରିବେ ସେଥିପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା। ଏପରିକି ମତଦାନ ବୃଦ୍ଧି ପାଇଁ ଭୋଟରଙ୍କ ସୁବିଧା ନିମନ୍ତେ ଜିଲାରେ ୧୩୮ଟି ମଡେଲ ମତଦାନ କେନ୍ଦ୍ର କରାଯାଇଥିଲା। ଏହି ସବୁ ବୁଥଗୁଡିକରେ ଭୋଟରଙ୍କ ସୁବିଧା ନିମନ୍ତେ ପିଇବା ଥଣ୍ଡା ପାଣି, ସର୍ବତ, ବସିବା ପାଇଁ ସ୍ଥାନ ସୁବିଧା ସହ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିଲା। ଏଥି ନିମନ୍ତେ ପ୍ରତ୍ୟେକ ମଡେଲ ବୁଥକୁ ୨୫ହଜାର ଟଙ୍କା ଲେଖାଏଁ ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦିଆଯାଇଥିଲା। ଏତଦ୍ ବ୍ୟତୀତ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗଙ୍କ ନିମନ୍ତେ ସ୍ୱତନ୍ତ୍ର ହୁଇଲ ଚେୟାର ଓ ଗାଡି ବ୍ୟବସ୍ଥା ମଧ୍ୟ କରାଯାଇଥିଲା।


ରୁକ୍ମିଣୀ ବିବାହ ନୃତ୍ୟନାଟିକାରେ ଅଂଶଗ୍ରହଣ କରିଥିବା ଶିଶୁ କଳାକାର।

### ଲୁଆବାହାଲରେ ଭାଗବତ ସପ୍ତାହ ପାରାୟଣ, ହରିହାଟ

## ଶିଶୁଙ୍କ ଦ୍ୱାରା ନୃତ୍ୟ ନାଟିକା ରୁକ୍ମିଣୀ ବିବାହ ମଞ୍ଚସ୍ଥ

ହେମଗିର, ୧୮।୪ (ଡି.ଏନ.ଏ)

ଆଧାତ୍ମିକତା ତଥା ଭଗବତ ପ୍ରେମକୁ ପ୍ରତ୍ୟେକ ମାନବ ଜୀବନରେ ପରିସ୍ଫୁଟ କରିବା ପାଇଁ ହେମଗିର ବ୍ଲକର ଲୁଆବାହାଲଠାରେ ପ୍ରତ୍ୟେକ ବର୍ଷପରି ଏବର୍ଷ ମଧ ଭାଗବତ ସପ୍ତାହ ପାରାୟଣ, ହରିହାଟର ଆୟୋଜନ କରାଯାଇଛି। ଏହା ଗତ ୧୧ରୁ ଆରମ୍ଭ ହୋଇ ଆସନ୍ତା ୨୧ ତାରିଖରେ ସମ୍ପୂର୍ଣ୍ଣ ହେବ। ଏହା ଆଜକୁ ୨୪ବର୍ଷ ଧରି ପାଳିତ ହୋଇ ଆସୁଥିବାବେଳେ ଗ୍ରାମର କଳ୍ପତରୁ ସେବା ସଂଘ ପକ୍ଷରୁ ଆୟୋଜନ କରାଯାଇଥାଏ। ଏହି ଭାଗବତ ସପ୍ତାହ ପାଳନ ଅବସରରେ ଦୈନନ୍ଦିନ ଭାଗବତ ଗୀତା ଗାନ ମଧରେ ଦଶମ ସ୍କନ୍ଦରେ ରୁକ୍ମିଣୀ ବିବାହ କଥାବସ୍ତୁକୁ ନେଇ କୁନିକୁନି ଶିଶୁ କଳାକାରଙ୍କୁ ନେଇ ଖୋଲାମଞ୍ଚରେ ଏକ ନୃତ୍ୟନାଟିକା ମଞ୍ଚସ୍ଥ କରାଯାଇଥିଲା। ଏଥିରେ ବର ବେଶରେ ଶଙ୍କର ନାଏକ ଓ କନ୍ୟା ବେଶରେ ଭାନୁମତି ନାଏକ ସୁସଜ୍ଜିତ ହୋଇ ଅଭିନୟ କରିଥିଲେ। ଉଭୟ ବର ଓ କନ୍ୟାଙ୍କ ପିତାମାତା ଭାବେ ଯୋଗେନ୍ଦ୍ର ସା, କୁମୁଦିନୀ ସା ଓ ପ୍ରହଲ୍ଲାଦ ଗଞ୍ଜୁ, ପୁଷ୍ପଲତା ଗଞ୍ଜୁ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ଅନ୍ୟାନ୍ୟ ଶିଶୁ କଳାକାର କୃଷ୍ଣ, ବଳରାମ, ଶିବ, ପାର୍ବତୀ, ହନୁମାନ, ନନ୍ଦି, ଭୃଙ୍ଗି ବେଶରେ ଅଙ୍କିତ, ରାଜୀବ, ପ୍ରତିଣ, ଗୋପବନ୍ଧୁ, କୁନାଲ, ଝସକେତନ, ପ୍ରକାଶ, ବଷ୍ଟି, ନୂତନ, ଭରତ ପ୍ରମୁଖ ଅଭିନୟ କରିଥିଲେ। ଏହି କୁନିକୁନି ଶିଶୁଙ୍କର ନୃତ୍ୟାଭିନୟରେ ସମଗ୍ର ଗ୍ରାମରେ ଏକ ଆଧାତ୍ମିକତାର ପରିବେଶ ସୃଷ୍ଟି ହୋଇପଡିଥିଲା। ଲୋକେ ଭାବବିହ୍ୱଳ ହୋଇ ଏହାକୁ ଉପଭୋଗ କରିଥିଲେ ।

### ବଡଗାଁ ବ୍ଲକରେ ମତଦାନ: କାଁଭାଁ ଗଣ୍ଡଗୋଳ

## ଦିବ୍ୟାଙ୍ଗ, ବୃଦ୍ଧା ଆଗ୍ରହରେ କଲେ ମତଦାନ

ବଡଗାଁ, ୧୮।୪ (ଡି.ଏନ.ଏ)




ବଡ଼ଗାଁରେ ଜଣେ ଦିବ୍ୟାଙ୍ଗ ଓ ଭୋଇପାଲିରେ ଜଣେ ବୃଦ୍ଧା ଭୋଟ ଦେବାକୁ ଆସିଛନ୍ତି।

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକରେ ୬୫ ପ୍ରତିଶତରୁ ଅଧିକ ମତଦାନ ହୋଇଛି ।୭୭ଟି ବୁଥ ମଧ୍ୟରୁ କାଁ ଭାଁ ଗଣ୍ଡଗୋଳକୁ ଛାଡିଦେଲେ ଅନ୍ୟ ସମସ୍ତ ବୁଥରେ ଶାନ୍ତିଶୃଙ୍ଖଳାରେ ମତଦାନ ହୋଇଛି । କେତେକ ବୁଥରେ ଇଭିଏମ ଖରାପ ହେବା ଓ ଅପରେଟିଂ ଠିକ ଭାବେ କର୍ମଚାରୀ କରି ନ ପାରିବାରୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ପାମରା ଗ୍ରାମର ବୁଥ ନଂ. ୨୨୯ରେ ମେଶିନ ଖରାପ ହେବାରୁ ଅଢ଼େଇଟାରେ ମତଦାନ ଆରମ୍ଭ ହୋଇଥିଲା। ସେହିପରି ବାମଡେରା, ବନଶୀକାର, ଗେଲେଇବାହାଏ ରାଜଛପଲା, ପଟୁଆବେଡା, ତୁଡାଲଗା, ଟିଙ୍କିଲିପଡାରେ ମେସିନ ଖରାପ ଓ ତ୍ରୁଟିପୂର୍ଣ୍ଣ ଅପରେଟିଂ ଯୋଗୁଁ ୧ରୁ ୨ ଘଣ୍ଟା ବିଳମ୍ବ ହୋଇଥିଲା ।ଇତମା ଗ୍ରାମର ଏକ ବୁଥରେ ଓଜନ ନାମକ ଜଣେ ଯୁବକ ଓ ବଡଗାଁ ନିକଟ ଡେମୁପଡା ବୁଥରେ ଗଜେନ୍ଦ୍ର ଛତ୍ରିଆ ନାମକ ଜଣେ ସ୍ଥାନୀୟ ଯୁବକ ଗଣ୍ଡଗୋଳ କରିବାରୁ ପୋଲିସ ଥାନାରେ ଉଭୟଙ୍କୁ ଅଟକ ରଖିଛି। ବୁଧବାର ରାତିରେ ସାଲବିରା ଗ୍ରାମର ଜେଣ ଯୁବକଙ୍କୁ ଜରଙ୍ଗଲୋଇ ଗ୍ରାମରେ ମାଡପିଟ କରାଯାଇଥିବା ସୂତ୍ରରୁ ଜଣାପଡିଛି । ସେହିପରି ପାମରା ଗ୍ରାମର ବୁଥରେ ଭାଜପା କର୍ମକର୍ତ୍ତା ବସନ୍ତ ସାହୁଙ୍କୁ ଠେଲାପେଲା କରାଯାଇଥିବା ସୂଚନା ମିଳିଛି । ଏହି ନିର୍ବାଚନରେ ଭୋଇପାଲି, ସାହାଜବାହାଲ ଓ କିଞ୍ଜିରକେଲା ଗ୍ରାମର ବୁଥକୁ ଆଦର୍ଶ ମତଦାନ କେନ୍ଦ୍ର କରାଯାଇଥିଲା । ବଡଗାଁ ତହସିଲଦାର ସୋନାଲି ଚାନ୍ଦ, ବିଡିଓ ଡି ଭୋଇ, ମାଜିଷ୍ଟ୍ରେଟ ଦାୟୀତ୍ୱ ଏବଂ ବ୍ଲକ ଓ ଶିକ୍ଷା ବିଭାଗର ୮ଜଣ କର୍ମଚାରୀଙ୍କୁ ସ୍ପେଶାଲ ଏକଜ୍ୟୁକେଟିଭ ମାଜିଷ୍ଟ୍ରେଟ ଭାବେ ଦାୟୀତ୍ୱ ଦିଆଯାଇଥିଲା। ବ୍ଲକ ଅଞ୍ଚଳର ମୋଟ ୫୪ ହଜାର ୭୨ ଭୋଟ ମଧ୍ୟରୁ ୬୫ ପ୍ରତିଶତରୁ ଉର୍ଦ୍ଧ୍ୱ ମତଦାନ ହୋଇଛି । ଅଧିକାଂଶ ମତଦାନ କେନ୍ଦ୍ରରେ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଭୋଟ ଦେଉଥିବା ଦେଖାଯାଇଥିଲା।

### ନୂଆଁ ଭୋଟରଙ୍କ ମଧ୍ୟରେ ଉତ୍ସାହ

## ଦଳ ନୁହେଁ ପ୍ରାର୍ଥୀଙ୍କ ଦକ୍ଷତା ଦେଖି ଭୋଟ ଦେଇଛୁ

ସୁନ୍ଦରଗଡ଼, ୧୮।୪ (ଡି.ଏନ୍.ଏ)

ଜଣେ ନାଗରିକର ଭୋଟଦାନ ଅଧିକାର ବେଶ ଗୁରୁତ୍ୱପୂର୍ଣ୍ଣ । ଜଣେ ଭୋଟରଙ୍କ ଖଣ୍ଡିଏ ଭୋଟ ବହୁ ମୂଲ୍ୟବାନ। ଏହି ମୂଲ୍ୟବାନ ଭୋଟ ଖଣ୍ଡିକରେ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ନିର୍ବାଚିତ କରି ଏକ ଉତ୍ତମ ସରକାର ଓ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ଦିଗରେ ବିଶେଷ ସହାୟକ ହୋଇଥାଏ। ଗଣତନ୍ତ୍ରର ଏହି ମହାନପର୍ବରେ ସାମିଲ ହୋଇ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବା ପାଇଁ ପ୍ରଥମକରି ଭୋଟ ଦେବାକୁ ଆସିଥିବା ଯୁବ ଭୋଟରଙ୍କ ମଧ୍ୟରେ ବେଶ ଉତ୍ସାହ ପ୍ରକାଶ ପାଇଥିଲା। ଦଳ ନୁହେଁ ପ୍ରାର୍ଥୀଙ୍କ ଦକ୍ଷତା ଦେଖି ଭୋଟ ଦେଇଛୁ ବୋଲି ସେମାନେ କହିଥିଲେ। ସେମାନଙ୍କ ମତାମତକୁ ନେଇ ଉପସ୍ଥାପନା।

### ବୁଥ ଫେରନ୍ତା ନୂଆ ଭୋଟରଙ୍କ ମୁହଁରୁ ...


ପ୍ରଥମ କରି ଭୋଟ ଦେଉଛି। ଭୋଟ ଦେବା ପାଇଁ ମୁଁ କଟକରୁ ଗତ ୨ଦିନ ହେବ ଆସି ପହଞ୍ଚିଛି। ଦଳ ନୁହେଁ, ପ୍ରାର୍ଥୀକୁ ଦେଖି ଭୋଟ ଦେଇଛି। ଜଣେ ପ୍ରାର୍ଥୀ ଦାୟିତ୍ୱସମ୍ପନ୍ନ ହେବା ଆବଶ୍ୟକ।
**ମିତୁଲ ନାଏକ, ଏମ୍.କମ୍ ଛାତ୍ରୀ,ସୁନ୍ଦରଗଡ଼**


ପ୍ରଥମକରି ଭୋଟ ଦେବା ମୋ ପାଇଁ ଏକ ଭଲ ଅନୁଭବ ଓ ଅଭୁଲା ସ୍ମୃତି। ଯେଉଁ ପ୍ରାର୍ଥୀ ବା ଦଳ ଲୋକାଭିମୁଖୀ ଯୋଜନା ପ୍ରଣୟନ କରୁଛି ତାକୁ ମୁଁ ଭୋଟ ଦେଇଛି ।
**ମୋନିକା ମିଶ୍ର ଛାତ୍ରୀ,ସୁନ୍ଦରଗଡ଼ ।**


ପ୍ରଥମ କରି ଭୋଟ ଦେଇ ଏକ ଉତ୍ତମ ଅନୁଭୂତି ହାସଲ କରିଛି। ପ୍ରାର୍ଥୀଙ୍କ ଭାବମୂର୍ତ୍ତି ଓ କାର୍ଯ୍ୟ କରିବାର ଦକ୍ଷତା ଆଦିକୁ ନୀରିକ୍ଷଣ ପରେ ସେହି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେଇଛି।
**ସ୍ୱାଗତ କୁମାର ସା, କଲେଜ ଛାତ୍ର, ସୁନ୍ଦରଗଡ ।**


ପ୍ରଥମ ଥର ପାଇଁ ଭୋଟ ଦେଇ ଖୁସି ଲାଗୁଛି। ଯିଏ ଆମ ଅଞ୍ଚଳର ବିକାଶ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବେ; ସମସ୍ତଙ୍କ ଦୁଃଖସୁଖ ସମସ୍ୟାରେ ସାମିଲ ହେବେ। ସେପରି ପ୍ରାର୍ଥୀଙ୍କୁ ଚୟନ କରି ମତଦାନ କରିଛି ।
**ଶୁଭମ ପଟେଲ, ଛାତ୍ର ସୁନ୍ଦରଗଡ଼**


ଆମେ ସାବାଳକ ଭାବେ ଦେଶର ନେତା ଚୟନ କରିପାରିଛୁ। ଯେଉଁ ନେତା ଦୁର୍ନୀତିଗ୍ରସ୍ତ ନୁହଁନ୍ତି ଓ ଦକ୍ଷ ତାଙ୍କୁ ବାଛିଛୁ। ରାଜ୍ୟ କିମ୍ବା କେନ୍ଦ୍ରରେ ଦୁର୍ନୀତିମୁକ୍ତ ସରକାର ଗଠନ ଯୁବପିଢ଼ିଙ୍କ ଲକ୍ଷ୍ୟ । ମୁଁ ବି ଚାହେଁ ଏକ ଦୁର୍ନୀତିମୁକ୍ତ ସରକାର।
**ଶୁଭଶ୍ରୀ ବନଛୋର, ଛାତ୍ରୀ ସୁନ୍ଦରଗଡ଼।**